
# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟ୍ନ)



ଅନୁବାଦ ହେମେନ୍ଦ୍ର ନାଥ ଦାଶ

---

# ଶ୍ରୀମଦ୍ ଭଗବତ୍ ଗୀତା
(ଓଡିଆ ପଦ୍ୟ ରୂପାୟନ)

ଅନୁବାଦ    ହେମେନ୍ଦ୍ର ନାଥ ଦାଶ ଅବସର ପ୍ରାପ୍ତ ଟେଲିକମ୍ ଇଞ୍ଜିନିୟର
ସହାୟିକା    ସୁଧାରାଣୀ ଦାଶ , ଗୃହିଣୀ
ପ୍ରେରଣା    ଶ୍ରୀ ବିଭୂତି ଭୂଷଣ ଦାଶ, କବିରାଜ, ମଇଁଦି ପୁର
ସମୟ    ୦୫.୧୧.୨୦୦୮ ରୁ ୩୧.୦୩.୨୦୧୦

ପ୍ରକାଶକ

ମୁଦ୍ରଣ

ମୂଲ୍ୟ;

ପ୍ରାପ୍ତିସ୍ଥାନ    ପ୍ଲ ୫ ବୈଷ୍ଣୋ ମୋନାର୍କ କମ୍ପ୍ଲେକ୍ସ
ରସୁଲଗଡ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ
ଭୁବନେଶ୍ୱର ୭୫୧୦୧୦
ଫୋନ ୬୭୪-୨୫୪୯୮୫୮
ସେଲ୍ ୯୪୩୭୩୦୬୬୬୭

ଶ୍ରୀମତ୍ ଭଗବତ୍ ଗୀତା
(ଓଡିଆ ପଦ୍ୟ ରୂପାୟନ)

---

।। ଶ୍ରୀ ପରମାତ୍ମନେ ନମଃ ।।

## ବିନମ୍ର ନିବେଦନ

କର୍ଷୟତି ଯଃ ସଃ କୃଷ୍ଣଃ ।ବୃହତ୍ ଚୁମ୍ବକ ଖଣ୍ଡ କ୍ଷୁଦ୍ର କ୍ଷୁଦ୍ର ଲୌହ ଖଣ୍ଡକୁ ଆକୃଷ୍ଟ କଲାପରି ଯେଉଁ ପରମାତ୍ମା କ୍ଷୁଦ୍ର କ୍ଷୁଦ୍ର ଜୀବାତ୍ମାକୁ ଅହରହ ନିଜ ଆଡକୁ ଆକର୍ଷଣ କରୁଥାନ୍ତି ସେ ହିଁ କୃଷ୍ଣ । କୁହାଯାଏ, ସେ ହେଉଛନ୍ତି ଷୋଳକଳା ବିଶିଷ୍ଟ ପରମାତ୍ମାଙ୍କ ଅପରା ପ୍ରକୃତିର ବ୍ୟକ୍ତରୂପ। ସେ ବ୍ୟକ୍ତ ରୂପ ନେଲେ ଭାରତର ମଥୁରାରେ, ବାଲ୍ୟ ଲୀଳା କଲେ ଗୋପପୁରରେ, ଯୁବଲୀଳା କଲେ ମଥୁରା ଓ ଦ୍ୱାରକାରେ ଏବଂ କୌରବ-ପାଣ୍ଡବ ଯୁଦ୍ଧରେ ଅର୍ଜୁନଙ୍କ ରଥରେ ସାରଥି ରୁପେ ଅବତୀର୍ଣ୍ଣ ହେଲେ କୁରୁକ୍ଷେତ୍ରରେ ।ଏହି ସବୁ ସ୍ଥାନଗୁଡିକ ଏହି ଭାରତରେ ଅତଏବ୍ ସଂଘଟିତ କାର୍ଯ୍ୟସବୁ ମଧ୍ୟ ଏହି ଭାରତରେ। ଅର୍ଜୁନଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ମୁଖ ନିଃସୃତ ସେହି ପରମ ତାତ୍ତ୍ୱିକ ଉପଦେଶାବଳୀ ରୂପକ ରତ୍ନମାଳା ଗୁଡିକୁ ବ୍ୟବହାର କରି, ପୁରାଣପ୍ରସିଦ୍ଧ ପରମପୂଜ୍ୟ ବ୍ୟାସଦେବଙ୍କ ଦ୍ୱାରା ଗ୍ରଥିତ ମାଳା ରୂପକ ଶ୍ରୀମଦ୍ ଭଗବତ୍ ଗୀତା ,କେବଳ ଏହି ଭାରତରେ ନୁହେଁ , ସମଗ୍ର ବିଶ୍ୱରେ ମଧ୍ୟ ଅଦ୍ୱିତୀୟ ଗ୍ରନ୍ଥ ଭାବରେ ପରିଚିତ ।

ଅର୍ଜୁନଙ୍କ ଯୁଦ୍ଧରେ ସ୍ୱଜନ ହତ୍ୟା ଜନିତ ବିଷାଦ ଦୂର କରିବା ପାଇଁ ଓ ସମଗ୍ର ଜୀବଜଗତର ମୋହ ମାୟା ଜନିତ ବିଷାଦ ଦୂର କରି ଜଗତର କଲ୍ୟାଣ ପାଇଁ ଓ ଜୀବର ପରମ ତାତ୍ତ୍ୱିକ ଭାବର ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ , ଭଗବାନ ତାଙ୍କର ସମସ୍ତ ଉପଦେଶ ଗୀତାରେ ହିଁ ପ୍ରତିପାଦନ କରିଥିଲେ। ସୃଷ୍ଟି ଆଦ୍ୟରୁ ଆଜି ପର୍ଯ୍ୟନ୍ତ କେହି ବି ଏହାକୁ ସମ୍ପୂର୍ଣ୍ଣ ବୁଝିପାରି ନାହାନ୍ତି ବୋଲି ମନେହୁଏ ।କାରଣ ଏ ପର୍ଯ୍ୟନ୍ତ ଅନେକ ଯୋଗୀ, ସନ୍ଥ, ପଣ୍ଡିତ ଓ ସଦ୍ ଗୁରୁ ଏହି

# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---

ଗୀତା ଗ୍ରନ୍ଥକୁ ଖିନ୍ ଭିନ୍ କରି ନିଜର ବିଶ୍ଳେଷଣ ଓ ବିଭିନ୍ନ ଦୃଷ୍ଟିଭଙ୍ଗୀ, ବିଚାର, ଆଲୋଚନା ନିଜର ଶିଷ୍ୟା ଶିଷ୍ୟଙ୍କ ସମେତ ସାଧାରଣ ଲୋକ ଲୋଚନକୁ ଆଣି ସାରିଥିଲେ ବି, ତଥାପି ଜଣାଯାଏ ସେଥି ମଧ୍ୟରୁ ଆହୁରି କିଛି ବାକି ରହିଯାଇଛି। ଗୀତାରେ ଭଗବାନ କହିଛନ୍ତି ଯିଏ ପରମାତ୍ମା-ତତ୍ତ୍ୱକୁ ଅନୁଭବ କରି ସାରିଛି , ବୁଝିସାରିଛି, ଜାଣିସାରିଛି ତାର ଆଉ କିଛି ଅନୁଭବ କରିବାକୁ, ବୁଝିବାକୁ, ଜାଣିବାକୁ ବାକି ନଥାଏ।ମନେହୁଏ ଏପର୍ଯ୍ୟନ୍ତ ସେହି ଦୂର୍ଲଭ ତତ୍ତ୍ୱକୁ କ୍ୱଚିତ୍ ଅନୁଭବ କରି ପାରିଛନ୍ତି । ଯେଉଁ କେତେଜଣ ମହାତ୍ମାମାନେ କିଛିମାତ୍ରାରେ ବୁଝି ପାରିଛନ୍ତି, ସେହିମାନଙ୍କ ଗୀତା ତତ୍ତ୍ୱ ସଂକଳନର ଆଧାରରେ ଅଧୀନ ହେମେନ୍ଦ୍ରନାଥ ଏହାକୁ ଓଡିଆ ପଦ୍ୟରେ ରୁପାନ୍ତରିତ କରିବାକୁ ସାହସ କରିଛି। ଏ ଅଧୀନ ଯେ ଜଣେ ବିଦ୍ୱାନ ବା ସର୍ବଜ୍ଞାତା ତାହା ନୁହେଁ, କେବଳ ଗୁରୁ ଆଶୀର୍ବାଦ, ଓ ଅନ୍ତରାତ୍ମାର ପ୍ରେରଣା, ତାକୁ ଏ ପଥରେ ପାଦ ଦେବାକୁ ସତ୍ ସାହସ ଯୋଗାଇଛି।

ପ୍ରକୃତରେ ଦେଶ, ଜାତି, ବର୍ଣ୍ଣ, ଭାଷା, ଧର୍ମ, ମତ ଓ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତ୍ୟେକ ଜୀବସତ୍ତାର ପରମାତ୍ମା ପ୍ରାପ୍ତିର ପ୍ରୟାସ ,ତାର ଜ୍ଞାତ ସାରରେ ହେଉ ବା ଅଜ୍ଞାତ ସାରରେ ହେଉ, ତା ନିଜ ମଧ୍ୟରେ ଗୋପନ ରହିଛି। ମୃଗ ନିଜ ନାଭିରୁ ଉତ୍ଥିତ ସୁଗନ୍ଧିକୁ ନଜାଣି ଜଙ୍ଗଲସାରା ବୁଲି କସ୍ତୁରୀ ଅନ୍ୱେଷଣ କଲାପରି ପ୍ରତ୍ୟେକ ଜୀବସତ୍ତା ନିଜ ଅନ୍ତରକୁ ନ ଦେଖି ସର୍ବତ୍ର ନିଜପାଇଁ ସୁଖ ଓ ଶାନ୍ତିର ଅନ୍ୱେଷଣ କରି ଚାଲିଛି।ମନେହୁଏ ଏହି ଅନୁବାଦ ନିଶ୍ଚୟ ସେମାନଙ୍କୁ ଉଦ୍ଧାର ପନ୍ଥା ସୂଚିତ କରିପାରିବ।

ବିବର୍ତ୍ତମାନ ସମାଜ ତଥା ଜୀବଜଗତରେ ଏ ପ୍ରକାର କଲ୍ୟାଣକାରକ ପରମତତ୍ତ୍ୱକୁ ବିଭିନ୍ନ ଭାଷାରେ ବିତରଣ କରିପାରୁଥିବା ବା ଜୀବଜଗତର କଲ୍ୟାଣ ନିମନ୍ତେ ମାର୍ଗଦର୍ଶନ କରାଇ ପାରୁଥିବା ଅନେକ ଗ୍ରନ୍ଥ ପରିଲକ୍ଷିତ ହେଲାଣି। ଅନନ୍ତକୋଟି ବିଶ୍ୱ ବ୍ରହ୍ମାଣ୍ଡ ଯାହାର ଶରୀରର କୌଣସି ଏକ ଅଂଶରେ

-----------------------------------------------------------

ସ୍ଥିତ ରହିଛି ତାହାଙ୍କ ମୁଖ ନିଃସୃତ ଗୀତାର ଭାବଗୁଡିକୁ ବ୍ୟକ୍ତ ଶରୀରଧାରୀ ଜୀବ କ'ଣ ସମ୍ପୂର୍ଣ୍ଣ ପରିପ୍ରକାଶ କରିପାରିବ? କାରଣ ସମସ୍ତେ ଜାଣନ୍ତି ଯେ ଗୋଟିଏ ପୂର୍ଣ୍ଣରୁ ଆଉ ଗୋଟିଏ ପୂର୍ଣ୍ଣ ବିୟୋଗ କଲେ କେବଳ ପୂର୍ଣ୍ଣ ହିଁ ଅବଶେଷ ରହିଥାଏ।ସେହିପରି ଗୀତାର ଅର୍ଥକୁ ଯେତେ ପ୍ରକାରରେ ପ୍ରକାଶ କଲେ ବି ଆହୁରି କିଛି ବାକି ରହିଯାଇଛି ବୋଲି ମନେ ହୁଏ। ଶ୍ରୀମତ୍ ଭଗବତ୍ ଗୀତାର ଅର୍ଥ, ଭଗବାନ କହିଛନ୍ତି, ଅତ୍ୟନ୍ତ ଗୁହ୍ୟତମ ବା ରହସ୍ୟମୟ୍।ଏହା ବାସ୍ତବିକ ସତ୍ୟ। ଏହି ରହସ୍ୟମୟ୍ ବିଷୟ୍ ଯେତେ ପଠନ ପାଠନ, ଚିନ୍ତନ ମନନ କରାଯାଉଥିବ ସେତେ ଅଧିକ ନୂଆ ନୂଆ ଭାବଗୁଡିକ ଅନୁଭବ ମଧ୍ୟକୁ ଚାଲିଆସୁଥିବ ଯେପରି ସରନ୍ତି କୁଅରୁ ପାଣି ସରେ ନାହିଁ। ସେହି ହେତୁ ମନେହୁଏ କେହି ଏପର୍ଯ୍ୟନ୍ତ ଗୀତା ଅର୍ଥ ଓ ଭାବକୁ ପ୍ରକାଶ କରିବାର ଶେଷ ସୀମାରେ ପହଞ୍ଚିପାରି ନାହାନ୍ତି। ଅନ୍ଧର ହାତୀ ଦେଖାପରି ପ୍ରାୟ୍ ପ୍ରତ୍ୟେକ ଲେଖକ, ଅନୁବାଦକ, ବିଶ୍ଳେଷକ ନିଜ ନିଜ ଭାଷ୍ୟରେ ଭିନ୍ନ ଭିନ୍ନ ବିଚାରଧାରା ପ୍ରତିପାଦନ କରିଯାଇଛନ୍ତି।କିନ୍ତୁ ସବୁ ଦିଗରୁ ନଦୀଗୁଡିକ ବହିଆସି ମହାସମୁଦ୍ରରେ ମିଶିଲା ପରି ପ୍ରତ୍ୟେକ ଗ୍ରନ୍ଥାକାରଙ୍କ ପରମତାତ୍ତ୍ୱିକ ବିଚାର, ବିମର୍ଷ, ଆଲୋଚନା, ଟୀକା ଇତ୍ୟାଦି  ବିଭିନ୍ନ ଦୃଷ୍ଟିକୋଣ ଅତିକ୍ରମ କରି ସେହି ବୃହତ ପରମତାତ୍ତ୍ୱିକ ମହାସାଗରରେ ଶେଷ ହୋଇ ଯାଇଛି ଯେଉଁଠି ଶୁଣିବାକୁ ମିଳେ ସେହି ଗୋଟିଏ ଉକ୍ତି ' ସଂକଳ୍ପ ଓ କାମନା ପରିତ୍ୟାଗ, କର୍ମ ଓ କର୍ମଫଳ ସମର୍ପଣ,  ସର୍ବଦା ସମଭାବ, ପରମାତ୍ମାପ୍ରାପ୍ତି ଓ ଜୀବର ଉଦ୍ଧାର ଇତ୍ୟାଦି '।

କିନ୍ତୁ ସମାଜ ତଥା ମନୁଷ୍ୟ ମନରୁ ସଂସ୍କୃତ ଭାଷା ଲିଖିତ ଗୀତା ଅଧ୍ୟୟନ କଷ୍ଟସାଧ୍ୟ ବୋଲି ଚିନ୍ତାଧାରା ଏ ପର୍ଯ୍ୟନ୍ତ ଦୂର ହୋଇ ପାରିନାହିଁ। ସଂସ୍କୃତ ବୋଧଗମ୍ୟ ନ ହେବାରୁ ଅନେକେ ଗୀତା ପଠନରେ ବିମୁଖ ଥିବାର ମନେହୁଏ।କେବଳ ଗଦ୍ୟାକାର ଅର୍ଥ ପଠନ କରି ଓ ଜୀବନକାଳ ମଧ୍ୟରେ ସେହି ଜ୍ଞାନର ଉପଯୋଗ କରି , ମନୁଷ୍ୟ ନିଜର କଲ୍ୟାଣ ସାଧନ କରିପାରନ୍ତା ମାତ୍ର

# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---

ପାରମ୍ପରିକ ରୁଚିରେ ଶ୍ଳୋକସହ ଗୀତାପାଠକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବାରୁ, ବିନାଶ୍ଳୋକରେ ଗୀତାପାଠ ଅସମ୍ପୂର୍ଣ୍ଣ ବୋଲି ଧରିନିଆ ଯାଉଛି ।ଏଥିପାଇଁ ଗୀତା ଶ୍ଳୋକାବଳୀକୁ ସହଜବୋଧ୍ୟ ଓଡିଆ ପଦ୍ୟରେ ରୂପାନ୍ତରିତ କରି, ଏହାର ଅଧ୍ୟୟନକୁ ସବର୍ସାଧାରଣରେ ଆକର୍ଷଣୀୟ କରିବା ଏହି ଅନୁବାଦର ଉଦ୍ଦେଶ୍ୟ । ମନୁଷ୍ୟ ମାତ୍ରେ ହିଁ ଭୂଲ, ତେଣୁ ଏ ହେମେନ୍ଦ୍ର ନାମଧାରୀ ଜୀବ ଯେ ଭୂଲ୍ ନ କରିଥିବ ତାହା କହି ହବ ନାହିଁ। ତେଣୁ ଗୀତାଧ୍ୟୟନରେ ଶ୍ରଦ୍ଧା ରଖିଥିବା ପାଠିକା ପାଠକ ମାନଙ୍କୁ ଏ ଅକିଞ୍ଚନର ବିନମ୍ର ନିବେଦନ ଯେ, ଭଗବାନଙ୍କ କହିବା ଅନୁସାରେ ମନରୁ ଦୋଷଦୃଷ୍ଟି ପରିତ୍ୟାଗ କରି,ଶ୍ରଦ୍ଧାର ସହିତ ଏହି ଗୀତା ଅଧ୍ୟୟନ ଓ ଜୀବନରେ ଉପଯୋଗ କରି  ଜୀବନକୁ ଉଦ୍ଧାର ପଥରେ ଆଗେଇ ନେଇ , ନିଜେ ନିଜର ପରମ ମିତ୍ର ହୋଇ ଯାନ୍ତୁ। ଏତିକି ମାତ୍ର ନିବେଦନ।

*ବିନୀତ*

ହେମେନ୍ଦ୍ର ନାଥ ଦାଶ

# ସୁଚିପତ୍ର


| | ବିଷୟ | | ପୃଷ୍ଠା |
|---|---|---|---|
| ୧ | ନିବେଦନ, | | ୧ |
| | ଗୁରୁ ବନ୍ଦନା | | |
| | ଉପକ୍ରମଣୀକା | | |
| | ଓଡିଆ ପଦ୍ୟରୂପାୟନର ପୃଷ୍ଠଭୂମି | | |
| | ଗୀତା ସମନ୍ଧରେ କିଛିଟା | | |
| | ଗୀତାର ସାରକଥା | | |
| | ଗୀତା କରାଦିନ୍ୟାସ | | |
| | ଗୀତାଧ୍ୟାନଂ | | |
| ୨ | ପ୍ରଥମ ଅଧ୍ୟାୟ | ଅର୍ଜୁନ ବିଷାଦ ଯୋଗଃ | ୩୪ |
| ୩ | ଦ୍ୱିତୀୟ ଅଧ୍ୟାୟ | ସାଙ୍ଖ୍ୟଯୋଗଃ | ୪୫ |
| ୪ | ତୃତୀୟ ଅଧ୍ୟାୟ | କର୍ମଯୋଗଃ | ୬୫ |
| ୫ | ଚତୁର୍ଥ ଅଧ୍ୟାୟ | ଜ୍ଞାନ ବିଭାଗ ଯୋଗଃ | ୭୬ |
| ୬ | ପଞ୍ଚମ ଅଧ୍ୟାୟ | କର୍ମ ସନ୍ନ୍ୟାସ ଯୋଗଃ | ୮୭ |
| ୭ | ଷଷ୍ଠ ଅଧ୍ୟାୟ | ଧ୍ୟାନଯୋଗଃ | ୯୫ |
| ୮ | ସପ୍ତମ ଅଧ୍ୟାୟ | ଜ୍ଞାନ ବିଜ୍ଞାନ ଯୋଗଃ | ୧୦୭ |
| ୯ | ଅଷ୍ଟମ ଅଧ୍ୟାୟ | ଅକ୍ଷର ବ୍ରହ୍ମ ଯୋଗଃ | ୧୧୫ |
| ୧୦ | ନବମ ଅଧ୍ୟାୟ | ରାଜବଦ୍ୟା ରାଜଗୁହ୍ୟ ଯୋଗଃ | ୧୨୨ |
| ୧୧ | ଦଶମ ଅଧ୍ୟାୟ | ବିଭୂତିଯୋଗଃ | ୧୩୩ |
| ୧୨ | ଏକାଦଶ ଅଧ୍ୟାୟ | ବିଶ୍ୱରୂପ ଦର୍ଶନ ଯୋଗଃ | ୧୪୫ |

---

| | | | |
|---|---|---|---|
| ୧୩ | ଦ୍ୱାଦଶ ଅଧ୍ୟାୟ୍ | ଭକ୍ତିଯୋଗଃ | ୧୬୬ |
| ୧୪ | ତ୍ରୟୋଦଶ ଅଧ୍ୟାୟ୍ | କ୍ଷେତ୍ର କ୍ଷେତ୍ରଜ୍ଞ ଯୋଗଃ | ୧୭୨ |
| ୧୫ | ଚତୁର୍ଦ୍ଦଶ ଅଧ୍ୟାୟ୍ | ଗୁଣତ୍ରୟ୍ ବିଭାଗ ଯୋଗଃ | ୧୮୧ |
| ୧୬ | ପଞ୍ଚଦଶ ଅଧ୍ୟାୟ୍ | ପୁରୁଷୋତ୍ତମ ଯୋଗଃ | ୧୮୯ |
| ୧୭ | ଷୋଡଷ ଅଧ୍ୟାୟ୍ | ଦୈବାସୁର ସମ୍ପଦ୍ ବିଭାଗ ଯୋଗଃ | ୧୯୬ |
| ୧୮ | ସପ୍ତଦଶ ଅଧ୍ୟାୟ୍ | ଶ୍ରଦ୍ଧାତ୍ରୟ୍ ବିଭାଗ ଯୋଗଃ | ୨୦୩ |
| ୧୯ | ଅଷ୍ଟାଦଶ ଅଧ୍ୟାୟ୍ | ମୋକ୍ଷ ସନ୍ନ୍ୟାସ ଯୋଗଃ | ୨୧୧ |
| ୨୦ | ଗୀତା ମାହାତ୍ମ୍ୟ | | ୨୩୧ |

---------- ୦୦୦୦୦୦ ----------

# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---

ଓଁ

ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁଃ ଗୁରିର୍ଦ୍ଦେବୋ ମହେଶ୍ୱରଃ
ଗୁରୁଃ ସାକ୍ଷାତ୍ ପରବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ

ଗୁରୁ ହିଁ ବ୍ରହ୍ମା , ଗୁରୁ ହିଁ ବିଷ୍ଣୁ ଓ ଗୁରୁ ହିଁ ମହେଶ୍ୱର । ଗୁରୁ ମଧ୍ୟ ପରଂବ୍ରହ୍ମଙ୍କର ଏକ ରୂପ । ସେଇ ଗୁରୁଙ୍କୁ ମୋର ଶତ ଶତ ପ୍ରଣାମ ।

ଓଁ ଆସୀନଂ କମଳାସନେ କମଳୟା ବକ୍ଷସ୍ଥଳାସୀନୟା
ବିଦ୍ୟୁଦ୍ୟୋତସଟା ସମୁହ ବିଳସତ୍ ସୌମ୍ୟାନନାମ୍ଭୋରୁହଂ
ଜାନ୍ୱର୍ପିତ ଯୁଗପଟମ୍ଭୁଭୟୋଃ ବାହୁ ଦୃତାବାୟତୌ
ହସ୍ତାଭ୍ୟାଂ ଧୃତ ଶଙ୍ଖ ଚକ୍ର ମନିଶଂ ଶ୍ରୀଲକ୍ଷ୍ମୀନୃସିହଂ ଭଜେ ।

ଚତୁର୍ଭୁଜ ଶ୍ରୀହରି ଶଙ୍ଖ ଚକ୍ର ଗଦା ପଦ୍ମ ଆୟୁଧରେ ସଜ୍ଜିତ ବୋଲି କଳ୍ପନା କରାଯାଏ । ଯେଉଁ ନୃସିହଂ ଦେବତା ନିଜ ଜାନୁରେ ବସାଇ ବକ୍ଷସ୍ଥଳରେ ଧରିରଖି ବିଦ୍ୟୁତ୍ ସମ ପ୍ରଭ ମା ଲକ୍ଷ୍ମୀଙ୍କ ପଦ୍ମ ମୁଖ ବିଳାସ କରୁଥାନ୍ତି ଓ ଅନ୍ୟ ହସ୍ତରେ ଶଙ୍ଖ ଚକ୍ର ଓ ଗଦା ଧାରଣ କରିଥାନ୍ତି ସେହି ଲକ୍ଷ୍ମୀ ନୃସିହଂଙ୍କ ପାଦ ପଦ୍ମରେ ମୋର କୋଟି କୋଟି ପ୍ରଣାମ ଜଣାଇ ଏହି ଅଦ୍ୟିତୀୟ ଗ୍ରନ୍ଥର ପଦ୍ୟ ରୂପାୟନ ପାଇଁ ସାହସ କରୁଛି । ହେ ମୋର ଆରାଧ୍ୟ ଦେବ ମୋ ମଧ୍ୟରେ ଆବିର୍ଭାବ ହୁଅନ୍ତୁ ଓ ପ୍ରତି କ୍ଷେତ୍ରରେ ମତେ ଜ୍ଞାନ , ପ୍ରେରଣା ପ୍ରଦାନ କରି ମୋର ସୀମିତ ଜ୍ଞାନକୁ ମାର୍ଜିତ କରି ମତେ ଉତ୍ସାହ ଓ ସାହସ ପ୍ରଦାନ କରନ୍ତୁ ।

# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---

ଅଚତୁର୍ବଦନୋ ବ୍ରହ୍ମା ଦ୍ୱିବାହୁରପରୋ ହରି
ଅଭାଲ ଲୋଚନୋ ଶମ୍ଭୁର୍ଭଗବାନ ବାଦରାୟଣ ।
ନମୋସ୍ତୁତେ ବ୍ୟାସ ବିଶାଳ ବୁଦ୍ଧେ   ଫୁଲ୍ଲାରବିନ୍ଦାୟତ ପତ୍ରନେତ୍ର
ଯେନ ତ୍ୱୟା ଭାରତତୈଳପୂର୍ଣ୍ଣଃ     ପ୍ରଜ୍ୱାଳିତ ଜ୍ଞାନମୟ ପ୍ରଦୀପଃ ।

ପୂଣ୍ୟାତ୍ମା ଭଗବାନ ବାଦରାୟଣ ଚତୁର୍ମୁଖ ନ ହେଲେ ବି ସେ ପରମ ପିତା ବ୍ରହ୍ମ ଦେବ ସଦୃଶ, ଦ୍ୱିବାହୁ ବିଶିଷ୍ଟ ହେଲେ ବି ଶ୍ରୀହରିଙ୍କ ସଦୃଶ, କପାଳରେ ତୃତୀୟ ନୟନ ନଥିଲେ ବି ସେ ତ୍ରିଲୋଚନ ଶିବଙ୍କ ସଦୃଶ, ସେଇ ଭଗବାନଙ୍କୁ ମୋର ଶତଶତ ପ୍ରଣାମ । ଗୁରଦେବ, ଭଗବାନ ବାଦରାୟଣ ଓ ବ୍ୟାସଦେବଙ୍କ କୃପା ଆଶାକରି ଗୀତା ପରି ଏକ ଅଗାଧ ଜ୍ଞାନ ଭଣ୍ଡାରର ସରଳ ଓଡିଆ ପଦ୍ୟ ରୂପାୟନ କରିବାପାଇଁ ମୋ ପରି ଜଣେ ଅଜ୍ଞାନ ଅର୍ବାଚିନ ଦୂଃସାହସ କରିଛି । ହେ ତ୍ରିଦେବ ରୂପି ଗୁରୁଦେବ ହେ ଭଗବାନ ବାଦରାୟଣ ହେ ପରମ ପୂଜ୍ୟ ବିଶାଳ ବୁଦ୍ଧିସମ୍ପନ୍ନ ବ୍ୟାସଦେବ ମୁ ଆପଣ ମାନଙ୍କ କୃପା ଭୀକ୍ଷା କରୁଛି । ଆପଣମାନଙ୍କ କୃପାହଲେ, ମୋପରି ଜଣେ ଜ୍ଞାନ-ପଙ୍ଗୁ ଭଗବତ୍ ଗୀତାର ପଦ୍ୟ ରୂପାୟନ ରୂପକ ଦୂରାରୋହ ଗିରି ଆରୋହଣ କରିପାରିବ । ହେ ପୂଜ୍ୟ ବ୍ୟାସଦେବ ଆପଣ ମହାଭାରତ ରୂପି ତୈଳ ଦ୍ୱାରା ଜ୍ଞାନ ରୂପକ ପ୍ରଦୀପ ପ୍ରଜ୍ୱଳନ କରି ଜଗତକୁ ଆଲୋକ ପ୍ରଦାନ କରିଛନ୍ତି । ସେଇ ଜ୍ଞାନରୁ କିଛି ମାତ୍ର ମତେ ପ୍ରଦାନ କରନ୍ତୁ ଫଳରେ ଏଇ ଦୂଃସାହସ ପଦକ୍ଷେପରେ ମୋ ପାଦ ଯେପରି ନ ଥରେ । ହେ ସର୍ବଶକ୍ତିମାନ ତୁମର କୃପା ହେଲେ ଜ୍ଞାନ ଆପେ ଆପେ ଅନ୍ତରରେ ଉଦୟ ହେବ । ଟିକିଏ ମାତ୍ର କୃପା ପାଇଁ ମୁଁ ଆକୁଳ ନୟନରେ ଚାତକ ପରି ଚାହିଁ ବସିଛି । ହେ ଅଦୃଶ୍ୟ ଦେବତା, ହେ ଅରୂପ, ଅଜ୍ଞେୟ, ଅବ୍ୟକ୍ତ  ହେ କରୁଣାମୟ ପରମେଶ୍ୱର ଆପଣ ଆପାତାଳ ଅନନ୍ତ ଅନ୍ତରୀକ୍ଷ ପର୍ଯ୍ୟନ୍ତ ବିଶ୍ୱ ବ୍ରହ୍ମାଣ୍ଡର ସବୁଠାରେ ପରିବ୍ୟାପ୍ତ ଅଟନ୍ତି । ଯେତେ ସବୁ ରୂପ ରସ ଗନ୍ଧ, ନାମ, ରହିଛି ସେ

---

ସବୁର ଆପଣହିଁ ମୂଳାଧାର। ଆପଣ ମୋ ଜୀବନର ଜୀବନ, ଆତ୍ମାର ଆତ୍ମା ଓ ମୋ ବୁଦ୍ଧି ଓ ଜ୍ଞାନର ପ୍ରକାଶକ। ଆପଣଙ୍କୁ ମୋର ସବିନୟ ପ୍ରର୍ଥନା ଆପଣ ମୋରି ମଧ୍ୟରେ ଉଦୟ ହୋଇ ଏହି ଗରୀୟାନ କର୍ମରେ ପ୍ରେରଣା ଓ ଜ୍ଞାନ ପ୍ରଦାନ କରନ୍ତୁ। ମୁଁ ଏକ ଅଜ୍ଞାନ ଓ ଜ୍ଞାନ ଆହରଣପାଇଁ କେବେ କେଉଁ ଗୁରୁଙ୍କର ଆଶ୍ରିତ ହୋଇ ପାରିନାହିଁ। କିନ୍ତୁ ତଥାପି ଗୁରୁ ଭକ୍ତିରେ ମୋ ଅନ୍ତର ସାଗର ଉଦ୍ବେଳିତ ହୁଏ। ଯେତେଗୁଡିଏ ଗୁରୁ ପଦବାଚ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ମୁଁ ଆସି ପାରିଛି,ସେମାନଙ୍କୁ ଗୁରୁଙ୍କ  ସ୍ଥାନରେ ସ୍ଥାନିତ କରି ଯଥା ସମ୍ଭବ ଗୁରୁସେବା ସୁଯୋଗ ଲାଭ କରି ପାରିଛି। ଏକଲବ୍ୟ ପରି ସେମାନଙ୍କ ପାଖରୁ ଯେତିକି ଜ୍ଞାନ ମୋ ଭିତରେ ଜାତ ହୋଇଛି ତାହା ସୀମିତ। ହେ ପରମପୂଜ୍ୟ ଗୁରୁ ଗରୀୟାନ ମୁଁ ଆପଣ ସମସ୍ତଙ୍କୁ ବିନମ୍ର ନିବେଦନ କରେ ଯେ ଆପଣମାନଙ୍କ ଶ୍ରଦ୍ଧାଗୁଣରେ ମୋ ଭିତରେ ଅବସ୍ଥାନ କରନ୍ତୁ ଓ ମୋ ବୁଦ୍ଧି ଜ୍ଞାନକୁ ଆହୁରି ବିକଶିତ କରନ୍ତୁ। ମୁଁ ଆପଣମାନଙ୍କର ଶରଣାଗତ।

ଶରଣାଗତ କୀଙ୍କର ଭୀତମନେ
ଗୁରୁଦେବ ଦୟାକର ଦୀନଜନେ।

ଏହି ପଦଟି ବାରମ୍ବାର ମୋ ହୃଦୟ ଦୋଳାରେ ଦୋଳାୟୀତ ହୋଇ ମୋ ଭିତରେ ପୁଲକ ସୃଷ୍ଟି କରୁଛି।ହେ କରୁଣା ସାଗର, ବିନ୍ଦୁଏ ମାତ୍ର ଆପଣଙ୍କ କରୁଣା, ମୋର ସମସ୍ତ ବାଧାବିଘ୍ନ ଦୂର କରିଦେଇ ପାରିବ, ମୋର ଭୀତମନକୁ ଅଭୟ ପ୍ରଦାନ କରି ପାରିବ ଓ ମୋର ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରି ଜ୍ଞାନର ଆଲୋକରେ ମୋର ଅନ୍ତର ଆଲୋକିତ କରି ପାରିବ, ତଥାପି ସେହି କରୁଣାସାଗର କେବେ ବି ଶୁଷ୍କ ହେବନାହିଁ। ଆପଣ ସର୍ବ ଜୀବଗଣ ମଧ୍ୟରେ ମୁକ ସାକ୍ଷୀ ସ୍ୱରୂପ ବିଦ୍ୟମାନ ରହି ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଜୀବଗଣଙ୍କୁ

---

ପ୍ରେରଣା ଦେଇ ଚାଲିଛନ୍ତି ଯେ ସତ୍ୟପଥରୁ ବିଚ୍ୟୁତ ନ ହୋଇ ନିର୍ଭୟ ନିରହଂକାର ଚିତ୍ତରେ ଓ ମମତ୍ୱ ପରିହାର କରି ଆରାଧ୍ୟ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସକଳ କର୍ମ ଓ କର୍ମଫଳ ସମର୍ପଣ କରି ଆତ୍ମାକୁ ଉତ୍‌ଥାନ ପଥରେ ଆଗେଇ ନେବାପାଇଁ। ହେ ପ୍ରଭୁ ଆପଣଙ୍କର ସେହି ମୁକତ୍ୱ ପରିହାର କରି ମୋ ଭିତରେ ଥିବା ଜୀବାତ୍ମାକୁ ସତ୍ ମାର୍ଗରେ ଅନୁପ୍ରାଣିତ କରନ୍ତୁ, ଜ୍ଞାନ ଓ ଭକ୍ତିକୁ ବିକଶିତ କରନ୍ତୁ, ଇନ୍ଦ୍ରିୟମାନଙ୍କୁ ବିଷୟରୁ ପ୍ରତ୍ୟାହାର କରି ଆପଣଙ୍କ କର୍ମରେ ନିୟୋଜିତ କରିବାକୁ ସକ୍ଷମ କରାନ୍ତୁ, ମନ ଓ ଅହଂକାର ସଙ୍କୁଚିତ କରି ଆପଣଙ୍କ ପଦରେ ସମର୍ପିତ ରହିବାପାଇଁ ପ୍ରେରଣା ପ୍ରଦାନ କରନ୍ତୁ  ଯେପରି ଶୂନ୍ୟ, ଶୁନ୍ୟ, ମହାଶୂନ୍ୟ, ଶୂନ୍ୟ ମଧ୍ୟେ ନିରାମୟ, ନିରାମୟ ମଧ୍ୟେ ଆପଣଙ୍କର ସ୍ୱରୂପ ଦର୍ଶନ କରିବାକୁ ସକ୍ଷମ ହୋଇ ପାରିବି। ଯେଉଁ କ୍ଷଣ ସ୍ଥାୟୀ ଶତ୍ରୁମାନେ ମୋ ଦରଭଙ୍ଗା ଜୀବନ ନୌକାକୁ ଅନନ୍ତ ମହାସାଗର ବକ୍ଷରେ ବୁଡାଇ ଦେବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କୁ ଯେପରି ଦମନ କରିପାରିବି।

## ପଦ୍ୟରୂପାୟନର ପୃଷ୍ଠଭୂମି

ନଭେମ୍ବର ୫ ତାରିଖ ୨୦୦୮ ମସିହା କାର୍ତ୍ତିକ ୧୪ ଦିନ ଚାନ୍ଦ୍ରମାନ ଉତ୍ତରାଷାଢା ମକର ସପ୍ତମୀ ତିଥି ସୌରମାନ ତୁଳା ୨୦ ଦିନ ବୁଧବାର ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଷୋଳଶାସନ ଅମୃତ ମଣୋହି ଦିବସ। କରୁଣାର ସାଗର ମହାପ୍ରଭୁ ସେହି ଅମୃତରୁ କାଣିଚାଏ ଆସ୍ୱାଦ ଦେଇ ମୋ ଭିତରେ ଏକ ଅପୂର୍ବ ପ୍ରେରଣା ଜାଗରୁକ କରିଥିଲେ ଯେ ଏ ଅର୍ବାଚିନ , ପ୍ରଗାଢ ଅଜ୍ଞାନ ତିମିର ରାଶି ଭେଦ କରି ସାମାନ୍ୟ ଜ୍ଞାନାଲୋକରେ  ଆଲୋକିତ ହୋଇ ପ୍ରଭୁଙ୍କ ଶ୍ରୀମୁଖ ନିସୃତ ଗୂଢ ରହସ୍ୟ- ପୂର୍ଣ୍ଣ ଉପଦେଶାବଳୀ ଓ ଗରୀୟାନ ଗୁରୁ ଭଗବାନ ବ୍ୟାସଦେବଙ୍କ ସଙ୍କଳିତ ସଂସ୍କୃତ ଲିଖିତ ଗୀତାକୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ

---

ସାର୍ବଜନୀନ ଓ ବୋଧଗମ୍ୟ କରାଇବା ପାଇଁ ସରଳ ଓଡିଆ ପଦ୍ୟରେ ରୂପାନ୍ତରିତ କରିବା ପାଇଁ ବ୍ରତି ହୋଇଥିଲା ଏହିଦିନ। ପରଦିନ ଥିଲା ଗୋଷ୍ଠାଷ୍ଟମୀ। ଗୋଧନ ପରିବେଷ୍ଟିତ , ଆବାଳବୃଦ୍ଧ ପୂଜିତ ନନ୍ଦ ନନ୍ଦନ ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟରୂପ ପଦାରବିନ୍ଦରେ ଏ ଦେହର ପରମ ଶତ୍ରୁ ଦ୍ୱାଦଶଇନ୍ଦ୍ରିୟ ମାନଙ୍କୁ ସମର୍ପଣ ପୂର୍ବକ ଏହି ଅଦ୍ୱିତୀୟ ଗ୍ରନ୍ଥର ଓଡିଆ ପଦ୍ୟ ରୂପାୟନର ଅୟମାରମ୍ଭ ହୋଇଥାଲା। ଆତ୍ମା ଏହି ପଞ୍ଚଭୂତର ଶରୀର ପରିବର୍ତ୍ତନ କରିବା ପୂର୍ବରୁ ଏହି କାମନାସଙ୍କଳ୍ପ ପରିପୂର୍ଣ୍ଣ କରିବା ଥିଲା ପ୍ରୟାସ।ଏଥିପାଇଁ ଅତୁଟ ପ୍ରେରଣା ମିଳିଥିଲା ଆମ ଗ୍ରାମର କକେଇ ଶ୍ରୀ ବିଭୂତି ଭୂଷଣ ଦାଶ କବିରାଜଙ୍କ ପାଖରୁ ଓ ଅକୁଣ୍ଠ ସାହାଯ୍ୟ ମିଳିଥିଲା ମୋର ସହଧର୍ମିଣୀ ସୁଧାରାଣୀଙ୍କ ପାଖରୁ । ବିକ୍ଷିପ୍ତ ମନକୁ ସନ୍ତୁଳିତ ଓ କେନ୍ଦ୍ରିଭୂତ କରି ଏହି ଗାଥା ପଦ୍ୟ ରୂପାୟନରେ ଆଗଭର ହୋଇଥିଲା ସମସ୍ତ ବିପଥଗାମୀ ଇଚ୍ଛାସମୂହକୁ ଦମନ କରି । ଜାଣିନାହିଁ ଏହି ପ୍ରୟାସ କିପରି ସଫଳ ହୋଇପାରିବ। ତଥାପି ଏ ଅକିଞ୍ଚନ ଆସ୍ଥା, ବିଶ୍ୱାସ ଓ ସମର୍ପଣ ଭାବନେଇ ଏକ ମନ ସ୍ଥିର ଚିତ୍ତରେ ଏହି କଷ୍ଟସାଧ୍ୟ ପଥରେ ଗତି କରିଛି , କାରଣ ପ୍ରଭୁ କୃପାରେ ପଙ୍ଗୁ ଦୂରାରୋହ ଗିରି ଶୃଙ୍ଗ ଆରୋହଣ କରିପାରିବାର ଦୃଷ୍ଟାନ୍ତ ଅଛି।

ପରମପୂଜ୍ୟ ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦଙ୍କ ଇଂରାଜିରୁ ଅନୁବାଦ ଗୀତା, ବିହାରିଲାଲ ଗୀତା, ଇସ୍କନ ସମାଜ ସଂକଳିତ ଇଂରାଜି ଗୀତା, ପୁଟାପର୍ତ୍ତୀ ଅଧିଶ୍ୱର ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରମରୁ ପ୍ରକାଶିତ ଗୀତାସାର କଥା, ସ୍ୱାମୀ ଶ୍ରୀ ରାମସୁଖ ଦାସଙ୍କ ସାଧକ - ସଞ୍ଜିବନୀ ଓ ପଣ୍ଡିତ ଶ୍ରୀ ନିଳକଣ୍ଠ ଦାଶଙ୍କ ଗୀତା , ଜଗନ୍ନାଥ ଦାସଙ୍କ ଶ୍ରୀମତ୍ ଭାଗବତ ଇତ୍ୟାଦି ଏହି କଷ୍ଟସାଧ୍ୟ ପଥରେ ପାଥେୟ। ଏହିସବୁ ଗ୍ରନ୍ଥରେ ପୂଜ୍ୟ ଗୁରୁବୃନ୍ଦ ପ୍ରତ୍ୟେକ ଶ୍ଳୋକର ଅର୍ଥକୁ ଯେତେ ପ୍ରକାର ସାବଲୀଳ ଓ ସରଳ ପ୍ରତିପାଦନ କରିଛନ୍ତି ତାହାସବୁ ଏହି

---

ରୂପାୟନରେ ସ୍ଥାନିତ ହେଲେ ଏହାର କଳେବର ଅସମ୍ଭବ ବୃଦ୍ଧିପାଇବ ତେଣୁ ଏହିସବୁ ଗ୍ରନ୍ଥରୁ ପ୍ରତ୍ୟେକ ଶ୍ଳୋକର ତାତ୍ତ୍ୱିକ ଅର୍ଥ ସହିତ ମୋ ଅନ୍ତରର ପ୍ରେରଣା ପ୍ରତ୍ୟେକ ପଦର ଅର୍ଥରେ ସ୍ଥାନିତ କରି ଏହାର କଳେବର ସୀମିତ ରଖାଯାଇଛି । ପ୍ରତ୍ୟେକ ଶ୍ଳୋକରେ ବ୍ୟବହୃତ ବୋଧଗମ୍ୟ ଶବ୍ଦସମୂହ ସହିତ କ୍ଲିଷ୍ଟଶବ୍ଦର ଅର୍ଥ ରୂପାୟିତ ପଦ୍ୟମାନଙ୍କରେ ବ୍ୟବହାର କରାଯାଇଛି। କେତେକ ସ୍ଥଳରେ ପଦ୍ୟକୁ ବୋଧଗମ୍ୟ କରିବା ପାଇଁ ମୂଳ ଶ୍ଳୋକର ଶବ୍ଦ ଯୋଜନାରେ ପରିବର୍ତ୍ତନ କରାଯାଇଛି ମାତ୍ର। କିନ୍ତୁ ମୂଳ ଶ୍ଳୋକର ଶବ୍ଦଯୋଜନାକୁ ଯେତେଦୂର ସମ୍ଭବ ଅପରିବର୍ତ୍ତିତ ରଖାଯାଇଛି।

ଗୀତାର ଶ୍ଳୋକ ଗୁଡିକ ସାଧାରଣତଃ ଦୁଇପାଦ ବିଶିଷ୍ଟ ଗୋଟିଏ ସ୍ୱର ଓ ଚାରିପାଦ ବଶିଷ୍ଟ ଅନ୍ୟଏକ ସ୍ୱରରେ ସଂକଳିତ। ତେଣୁ ଦୁଇପାଦ ଶ୍ଳୋକକୁ ବିଂଶାକ୍ଷରୀ ପଦରେ ଓ ଚାରିପାଦ ଶ୍ଳୋକକୁ ଅଷ୍ଟବିଂଶାକ୍ଷରୀ ପଦରେ ରୂପାନ୍ତରିତ କରାଯାଇଛି ।ଏପରି କରିବା କୌଣସି କାରଣ ଉପରେ ପର୍ଯ୍ୟୁବସିତ ନୁହେଁ , ଏହା କେବଳ ସ୍ୱତଃ ସ୍ଫୁରିତ ପ୍ରେରଣା ।ମୂଳ ଶ୍ଳୋକରେ ଚାରି ଅକ୍ଷରର ପଠନ ଯତି ଥିବାବେଳେ ରୂପାନ୍ତରିତ ଦୁଇ ପାଦିଆ ପଦ୍ୟରେ ଯତି ପ୍ରତିପାଦନ ଆଠ,ଚାରି,ଆଠ ଅକ୍ଷର ଓ ଚାରିପାଦିଆ ପଦ୍ୟରେ ଆଠ,ଛଅ,ଆଠ ଛଅ ଅକ୍ଷରର ଯତି ପ୍ରତିପାଦନ ହୋଇଛି। ସରଳ ସୁନ୍ଦର ସାର୍ବଜନିକ ବୋଧଗମ୍ୟ ହେଲାପରି, ଲଳିତ ସ୍ୱରରେ ଉଚ୍ଚାରିତ ହେଉଥିଲାପରି ପଦ୍ୟ ରଚନା କରିବା ଯେ କେତେ କଷ୍ଟ ତାହା କେବଳ ରଚୟିତା ଅନୁଭବ କରିପାରେ ଓ ସେ ଅସାଧ୍ୟ ସାଧନ କରିବା କେବଳ ପ୍ରଭୁ କୃପା ବ୍ୟତିତ ଅସମ୍ଭବ।

---

## ଉପକ୍ରମଣିକା

ଓଁ ଯଂ ବ୍ରହ୍ମା ବରୁଣେନ୍ଦ୍ର ରୁଦ୍ର ମରୁତ ସ୍ତୁଣ୍ୱନ୍ତି ଦିବୈଃ ସ୍ତବୈଃ
ବେଦୈଃ ସାଙ୍ଗପଦ କ୍ରମୋପନିଷଦୈଃ ଗାୟନ୍ତି ଯଂ ଶାମଗାଃ
ଧ୍ୟାନାବସ୍ଥିତ ତଦ୍ଗତେନ ମନସା ଫଶ୍ୟନ୍ତି ଯଂ ଯୋଗୀନଃ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣୈଃ ଦେବାୟ୍ ତସ୍ମୈଃ ନମଃ ।

ପରମବ୍ରହ୍ମ ସର୍ବଦା ଅଚିନ୍ତ୍ୟ, ଅବେଦ୍ୟ, ଅଦୃଶ୍ୟ, ଅରୂପ, ମାତ୍ର ଅନୁଭବ୍ୟ, ତାଙ୍କୁ ଯାଣିବା ବା ଲାଭ କରିବା କଷ୍ଟତମ । ଯାହାଙ୍କୁ ବ୍ରହ୍ମା ବରୁଣ ରୁଦ୍ର ମରୁତ ଓ ଦେବତାମାନେ ସ୍ତବ କରନ୍ତି, ବେଦ ଉପନିଷଦ ମାଧ୍ୟମରେ ଶାମବେଦ୍ମୀମାନେ ଯାହାଙ୍କ ଗରିମା ଗାନ କରନ୍ତି, ଯୋଗୀମାନେ ଧ୍ୟାନମଗ୍ନ ହୋଇ ଯାହାଙ୍କୁ ଅନୁଭବ କରି ପାରନ୍ତି ଓ ଦେବାସୁର ମାନେ ଯାହାଙ୍କ ଅସ୍ତିତ୍ୱ ଯାଣି ପାରନ୍ତି ନାହିଁ ସେହି ଦେବଙ୍କୁ ମୋର କୋଟି କୋଟି ନମସ୍କାର। ଦେଖିବାକୁ ଗଲେ ତାଙ୍କର ରୂପ ନାହିଁ, ସ୍ଥିତି ନାହିଁ, ସେ ଗୁଣ ହୀନ। ସେ ନିର୍ଗୁଣ,ଅରୂପ ଅବେଦ୍ୟ ହେଲେ ବି ସର୍ବ ବିଦ୍ୟମାନ, ସଗୁଣୀ, ଓ ସର୍ବ ଶକ୍ତିମାନ। ଧ୍ୟାନାତୀତ ହେଲେବି ଧ୍ୟାନରେ ଅନୁଭୂତ ହୁଅନ୍ତି। ତାଙ୍କ ଇଛାରେ ଏ ଜଗତ ଚଳମାନ, ଜୀବସତ୍ତାର ଆବିର୍ଭାବ ଓ ଇହ ଲୀଳା ପରେ ତୀରୋଧାନ କେବଳ ତାଙ୍କରି ଇଛାରେ ସାଧିତ ହେଉଥାଏ। ଜୀବସତ୍ତାର ଅପକର୍ମରେ ଏ ଧରା ଅସନ୍ତୁଳିତ ହେଲେ ସେ ରୂପ ନେଇ ଆବିର୍ଭାବ ହୁଅନ୍ତି ଓ ଦୃଷ୍ଟବୃତ୍ତିର ବିନାଶ ପରେ ଧରାକୁ ସନ୍ତୁଳିତ ଅବସ୍ଥାକୁ ଆଣି ଆପଣା ଇଛାରେ ଲୀଳା ସାଙ୍ଗ କରନ୍ତି। ସୃଷ୍ଟି ଆଦ୍ୟରୁ କେତେ ଯେ ରୂପ ନେଇଛନ୍ତି ତାହା କେବଳ ପୁରାଣ କହି ପାରିବ। ଅରୂପରୁ ରୂପ ହୋଇ ଯେତେବେଳେ ଲୀଳା କରନ୍ତି ସେତେବେଳେ ଅନେକ ପ୍ରକାର ଭୂମିକା ଗ୍ରହଣ କରି ଲୀଳା ମାଧ୍ୟମରେ ଜୀବ ଜଗତକୁ ସଦ୍ଗୁଣ ସତ୍ଶୀକ୍ଷା ସଦୁପଦେଶ

ଦେଇଥାନ୍ତି ଓ ପରିବର୍ତ୍ତେ ପରିଣାମର ଭୟାବହତା ଚେତାଇ ଦେଇ ଥାଆନ୍ତି। ତାହା କେବଳ ସତ୍ଗୁଣି ସଚେତନ ଜୀବସତ୍ତା ଅନୁଭବ କରି ପାରନ୍ତି।

କାରଣ ନଥାଇ କୌଣସି କାର୍ଯ୍ୟ ସମାହିତ ହୋଇ ନଥାଏ। ଅରୂପରୁ ରୂପ ହୋଇ ଭୂପୃଷ୍ଠରେ ଅବତାର ନେଇ ଲୀଳା କରିବା ମଧ୍ୟ କୌଣସି କାରଣ ଉପରେ ଆଧାରିତ। ସେଇ କାରଣମାନଙ୍କ ମଧ୍ୟରେ, ଜୀବର ଦୂଷ୍କର୍ମରେ ଧରା ଅସନ୍ତୁଳିତ ରହି ଭାରସାମ୍ୟ ହରାଇବା, ଦେବତା ନର କିନ୍ନର ରକ୍ଷ ଗର୍ନ୍ଧବ ଆଦି ସତ୍ତା ସବୁ ଆସୁରି ପ୍ରବୃତ୍ତିର ଶୀକାର ହୋଇ ପ୍ରାଣାନ୍ତକ ଯନ୍ତ୍ରଣାରେ ଛଟପଟ ହେଉଥିବା ଓ ଜୀବ ଜଗତ କରୁଣ କ୍ରନ୍ଦନ ସହିତ ବିନମ୍ର ନିବେଦନ କରିବା ଗୋଟିଏ ଗୋଟିଏ କାରଣ ବୋଲି ଗ୍ରହଣ କରିବା ଅବିଧେୟ୍ ନ ହୋଇପାରେ । ସର୍ବୋପରି ଭକ୍ତର ଆକୁଳ ନିବେଦନ ହି ଶ୍ରେଷ୍ଠ କାରଣ ହୋଇପାରେ। ଏହିପରି କୌଣସିଏକ କାରଣରୁ ସେ ଅବତାର ନେଇଥାନ୍ତି ଧରା ଭାରସାମ୍ୟତା ରକ୍ଷା ପାଇଁ ଓ ଆସୁରି ପ୍ରବୃତ୍ତିର ବିନାଶ ପାଇଁ ଓ ଭକ୍ତର ନିବେଦନ ଶୁଣିବାପାଇଁ। ଏହିପରି ଦଶଟି ରୂପର ଲୀଳା ଏ ଧରା ଅନୁଭବ କରିଥିବାର ପୁରାଣ ପ୍ରମାଣ ଦିଏ।

ଓଁ ବେଦାନୁଦ୍ଧରତି ଜଗତିଂ ବହନ୍ତି ଭୂଗୋଳ ମୁଦ୍ବିଗ୍ରତେ
ଦୈତ୍ୟାନ୍ ଦାରୟ୍ତେ ବଳିମ୍ ଛଳୟ୍ତେ କ୍ଷତ୍ରିଂ କ୍ଷୟଂ କୁର୍ବତେ
ପୌଲସ୍ତ୍ୟ ଜୟ୍ତେ ହଳଂ କଳୟ୍ତେ କାରୁଣ୍ୟମାତ୍ନତେ
ମ୍ଳେଛାନ୍ ମୂଛୟ୍ତେ ଦଶାଂ କୃତିକୃତେ କୃଷ୍ଣାୟ୍ ତୁଭ୍ୟଂ ନମଃ।

ସୃଷ୍ଟି ଆଦ୍ୟରୁ ପ୍ରଳୟ୍ ପର୍ଯ୍ୟନ୍ତ ଆଉ କେତେ ରୂପ ନେବେ କଳ୍ପନାର ବାହାର। ପୂଜ୍ୟ ଜୟ୍ଦେବ ଗୀତି ଗୋବିନ୍ଦ ରଚନାରେ ଏହି ଦଶ ରୂପର ଏକ ସୁନ୍ଦର ରଚନା କରିଛନ୍ତି। ମୀନ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ରାମ, ହଳଧର, ବୁଦ୍ଧ ଓ କଳ୍କୀ ଇତ୍ୟାଦି ଦଶ ରୂପର ସୁନ୍ଦର ସ୍ତୋତ୍ର

---

ଅଧୁନା ସମାଜରେ ଆଦୃତ ।ବାଳକ ବାଳିକାମାନେ ପ୍ରତ୍ୟୁଶରୁ ଏହି ସ୍ତୋତ୍ର ପଡି ପ୍ରାର୍ଥନା କରିଥାନ୍ତି ।

ଏହି ଦଶ ରୂପର ବ୍ୟାଖ୍ୟାନ ଉପରୋକ୍ତ ଗୋଟିଏ ମାତ୍ର ଶ୍ଳୋକରେ ବର୍ଣ୍ଣନା କରାଯାଇଛି । ଶ୍ଳୋକଟିର ଗୋଟିଏ ଗୋଟିଏ ଶବ୍ଦକୁ ବ୍ୟାଖ୍ୟା କଲେ ଗିତିଗୋବିନ୍ଦର ଦଶଅବତାର ସ୍ତୋତ୍ର ମନରେ ଛାୟାପାତ କରିବ । ଯେଉଁ ପରମବ୍ରହ୍ମ ବ୍ରହ୍ମଦେବଙ୍କର ଚାରି ବେଦକୁ ମହାସମୁଦ୍ରରୁ ଶଙ୍ଖାସୁର କବଳରୁ ଉଦ୍ଧାର କରିବା ପାଇଁ ମୀନ ରୂପ ଧାରଣ କରିଥିଲେ , ହୀରଣାକ୍ଷ ଯେବେ ସୌର ମଣ୍ଡଳରୁ ପୃଥିବୀକୁ କକ୍ଷଚ୍ୟୁତ କରି ପାତାଳକୁ ନିକ୍ଷେପ କଲା ଯେଉଁ ପରମ ବ୍ରହ୍ମ କଚ୍ଛପ ରୂପରେ ନିଜ ପିଠିରେ ଅଟକାଇ ଓ ବରାହ ରୂପରେ ନିଜ ଦନ୍ତରେ ବହନ କରି ପୁଣିଥରେ ପୃଥିବୀକୁ କକ୍ଷାବସ୍ଥାନ କରାଇଥିଲେ, ହୀରଣାକ୍ଷ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ଯେବେ ଭାଇ ହୀରଣ୍ୟକଶ୍ୟପ ସଂସାରରେ ହାହାକାର ରଚିଥିଲା ତାର ବିନାଶ ପାଇଁ ଯିଏ ନରସିଂହ ରୂପ ନେଇଥିଲେ , ଦୈତ୍ୟରାଜ ବଳି ଏ ସଂସାରକୁ ସ୍ୱ ଆୟତରେ ରଖି ଅସୁର ଆଧିପତ୍ୟ ବିସ୍ତାର ପାଇଁ ପ୍ରୟାସ ରଖିଥିଲା ତାର ଗର୍ବ ନଷ୍ଟ ପାଇଁ ଯିଏ ବାମନ ରୂପ ଧାରଣ କରିଥିଲେ, ମାତୃ ଶକ୍ତି ଓ କାମଧେନୁ ର ସମ୍ମାନ ରକ୍ଷା ପାଇଁ ଯିଏ ପର୍ଶୁରାମ ରୂପରେ ଏକବିଂଶ ଥର ପୃଥିବୀକୁ କ୍ଷତ୍ରୀୟଶୂନ୍ୟ କରିଥିଲେ,ଦିଗ୍ ବିଜୟି ରାବଣକୁ ଯିଏ ରାମ ରୂପରେ ସଂହାର କରିଥିଲେ,କୃଷ୍ଣ ବଳରାମ ରୂପରେ କଂସ ପରି ଏକ ଦୁଷ୍ପ୍ରବୃତ୍ତିକୁ ଯିଏ ସଂହାର କରିଥିଲେ, କାମନା ଜଡିତ ସଂସାରକୁ ଯିଏ ବୁଦ୍ଧ ରୂପ ନେଇ କାମନା ରହିତ ମୁକ୍ତି ମାର୍ଗରେ ଉତ୍‌ଥିତ କରିବାପାଇଁ ନିଜ ରାଜଭୋଗ ତ୍ୟାଗ କରିଥିଲେ, ଓ ଅଧୁନା ଯିଏ ମ୍ଳେଚ୍ଛ ରୂପି ପାପାତ୍ମା ବିନାଶ କରି ସଂସାର ମୁକ୍ତି ଆଶାରେ ନାମବ୍ରହ୍ମ ପ୍ରଚାର ପାଇଁ କଳ୍କୀ ରୂପ ନେଇଛନ୍ତି ବୋଲି ଆଶା କରାଯାଉଛି ସେଇ ପରମବ୍ରହ୍ମ କୃଷ୍ଣଙ୍କୁ ଆମର ଶତକୋଟି ପ୍ରଣାମ ।

---

ପଣ୍ଡିତ ମାନେ କହନ୍ତି ଯେ ଏହି ଅବତାର ସବୁ ପରମବ୍ରହ୍ମଙ୍କର ଲୀଳା ମାତ୍ର। କିନ୍ତୁ ଶ୍ରୀକୃଷ୍ଣ ପୂର୍ଣ୍ଣବ୍ରହ୍ମ ଅଟନ୍ତି। ସେ ନିଜର ଏକ ଷୋଡଶାଂସ କଳା ନିଜ ଇଛାରେ ପ୍ରଦାନ କରିଥିଲେ ସଖା ଅର୍ଜୁନଙ୍କୁ କେବଳ କେତେକ ପୂର୍ବ ନିର୍ଦ୍ଧାରିତ ଲୀଳାପାଇଁ ଯାହାକୁ ନିଜର ଅନ୍ତିମ ସମୟରେ ଗାଣ୍ଡିବ ଅଗ୍ର ଷ୍ପର୍ଶ ଯୋଗେ ଫେରାଇ ନେଇଥିଲେ। ଲୀଳାମୟ ପରମବ୍ରହ୍ମ କୃଷ୍ଣ ନିଜର ବାଲ୍ୟ ଲୀଳା ବା ଗୋପଲୀଳା ଗୋପ ପୁରେ ଓ ଯୁବଲୀଳା ବା ଦ୍ୱାରିକାଲୀଳା ଦ୍ୱାରକାରେ କରିଥିଲେ।ଏହିସବୁ ଲୀଳାପାଇଁ ତାଙ୍କର ପୂର୍ବ ନିର୍ଦ୍ଧାରିତ ଉଦ୍ଦେଶ୍ୟ ନିହିତ ଥିଲା। ଉଦ୍ଦେଶ୍ୟମାନଙ୍କ ମଧ୍ୟରେ ସମ୍ଭବତ ଥିଲା ଗୋପୀମାନଙ୍କର ମନୋରଞ୍ଜନ, କଂସ ସହିତ ଅନ୍ୟ ଆସୁରି ପ୍ରବୃତ୍ତିର ବିନାଶ ଏବଂ ସର୍ବୋପରି ମହାଭାରତ ଯୁଦ୍ଧ। ମହାଭାରତ ଯୁଦ୍ଧ ହେଉଛି ଏକ ମାଧ୍ୟମ ଯେଉଁଥିରେ ଶ୍ରୀକୃଷ୍ଣ ଜୀବସତ୍ତା ମାନଙ୍କୁ ଅସୀମରେ ଲୀନ କରାଇବା ପାଇଁ ମାର୍ଗ ଦର୍ଶନ କରାଇବା ଓ ତାସହିତ ଯୁଦ୍ଧରେ ଅଂଶ ନେଇଥିବା ପ୍ରତ୍ୟେକ ଜୀବର ପୂର୍ବ ନିର୍ଦ୍ଧାରିତ କର୍ମଫଳ ଭୋଗ କରାଇବା ଉଦ୍ଦେଶ୍ୟ ରଖିଥିଲେ। ଏହି ହେଉଛି ତାଙ୍କ ଲୀଳାର କିଛି ଅଂଶ। ଯେବେ ଦୂଷ୍କର୍ମର ଓଜନରେ ଧରା ଅସନ୍ତୁଳିତ ହୋଇପଡେ, ସେତେବେଳେ ଲୀଳାମୟ ଭଗବାନ ଧରାଭାର ଲାଘବ ପାଇଁ ଓ ସ୍ୱଲୀଳା ଖେଳା ଦେଖାଇ ଜୀବସତ୍ତାକୁ ଉତ୍କର୍ଷ ପଥରେ ଆଗେଇ ନେବାପାଇଁ ପାର୍ଥିବଲୀଳା କରିବାକୁ ସଂସାରରେ ଅବତାର ନିଅନ୍ତି। ସର୍ବଶକ୍ତିମାନ୍ ସର୍ବବିଦ୍ୟମାନ, ସର୍ବଜ୍ଞାତା ପ୍ରଭୃତି ସବୁ ବିଶେଷଣର ସମାହାର ତାଙ୍କରି ଠାରେ। ତେଣୁ କି ପ୍ରକାର ପରିସ୍ଥିତିରେ କେଉଁ ଜୀବସତ୍ତାର କେବେ କେଉଁଠାରେ କେଉଁ ପ୍ରକାର କର୍ମର ଫଳ ଭୋଗ ହେବ କେବଳ ସେ ହିଁ ନିର୍ଦ୍ଧାରଣ କରି ଥାନ୍ତି। ତାଙ୍କ ନ୍ୟାୟାଳୟରେ କୌଣସି ଅପରାଧିକୁ ଦଣ୍ଡଭୋଗରୁ ନିସ୍ତାର ନାହିଁ ଅନ୍ୟପକ୍ଷେ କୌଣସି ନିରପରାଧିକୁ କେହି ଦଣ୍ଡ ବିଧାନ କରି ପାରିବେ ନାହିଁ।ତାଙ୍କ ନ୍ୟାୟାଳୟରେ କୌଣସି ଅପରାଧି ଫେରାର୍ ହୋଇ ରହିପାରିବେ ନାହିଁ। ତାଙ୍କ ଇଛାକୁ କେହି ବଦଳାଇ ପାରିବେ ନାହିଁ। ସେ ଇଛା କରିଥିଲେ

# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

------------------------------------------------------------

ମହାଭାରତ ଯୁଦ୍ଧ ଅଠର ଦିନ ପରିବର୍ତ୍ତେ ଘଣ୍ଟାକେ ଶେଷ ହୋଇଥାନ୍ତା । ସେ ଇଚ୍ଛାମୟ, ଲୀଳାମୟ ଓ କରୁଣାମୟ ମଧ୍ୟ । ବ୍ରହ୍ମଜ୍ଞାନି ସନ୍ୟାସିମାନେ କହନ୍ତି ସିଏ ଭାବକୁ ନିକଟ ଓ ଅଭାବେ ଦୂର । ଅର୍ଜୁନଙ୍କର ସଖାଭାବ ଓ ଭକ୍ତିଭାବ ଯୋଗୁ କରୁଣାମୟ କରୁଣାକରି ତାଙ୍କୁ ବିଶ୍ୱରୂପ ଦର୍ଶନ ସହିତ ମୁକ୍ତିଲାଭ ପାଇଁ ଗୀତାଜ୍ଞାନ ପ୍ରଦାନ କରିଥିଲେ । ସେ ଏହି ଜ୍ଞାନ କେବଳ ଅର୍ଜୁନଙ୍କୁ ପ୍ରଦାନ କରି ନ ଥିଲେ, ଅର୍ଜୁନଙ୍କ ମାଧ୍ୟମରେ ସାରା ବିଶ୍ୱର ଜୀବସତ୍ତାମାନଙ୍କୁ ଜ୍ଞାନ ବିତରଣ କରିବା ସାଥେ ସାଥେ ଜୀବନର ଉତ୍କର୍ଷ ମାର୍ଗ ସୁଚାଇ ଦେଇଥିଲେ ।

*ଗୀତା ସମ୍ବନ୍ଧରେ ପଦେ*

ଗୀତା ହେଉଛି ଆତ୍ମଜ୍ଞାନର ବିଜ୍ଞାନ ।ପାର୍ଥୀବ ବନ୍ଧନ ମଧ୍ୟରେ ଥାଇ ମାୟାଜାଲରେ ଛନ୍ଦିହୋଇ ମନ ଓ ବୁଦ୍ଧିକୁ ସନ୍ତୁଳିତ କରି ଆତ୍ମାକୁ ଉତ୍ଥାନ ମାର୍ଗରେ ଆଗେଇ ନେବାପାଇଁ ଯେଉଁ ଜ୍ଞାନର ଆବଶ୍ୟକତା ତାହା ଗୀତାରୁ ହିଁ ଉପଲବ୍ଧ । ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ସଖା ଅର୍ଜୁନର ମୋହଗ୍ରସ୍ତ ବିଷାଦକୁ ଭଙ୍ଗ କରିବାପାଇଁ ଯେଉଁ ଜ୍ଞାନୋପଦେଶ ଦେଇଛନ୍ତି ତାହା ଅତ୍ୟନ୍ତ ଗୁଡ ଆଧ୍ୟାତ୍ମିକ ସତ୍ୟ । ଉପଦେଶ ମାଧ୍ୟମରେ କର୍ମଯୋଗ, ଜ୍ଞାନଯୋଗ, ଧ୍ୟାନଯୋଗ,ଭକ୍ତିଯୋଗ ସନ୍ୟାସ ଇତ୍ୟାଦି ଯୋଗ, ବେଦ ବେଦାନ୍ତ ଓ ଉପନିଷଦର ଯେଉଁ ଗୁଡ ରହସ୍ୟ ରହିଛି ସେସବୁର ସୁନ୍ଦର ବ୍ୟାଖ୍ୟାକରି ଯାହା ବୁଝାଇଛନ୍ତି ତାହାସବୁ ପ୍ରଣିଧାନ ଯୋଗ୍ୟ । ଜୀବ ଜଗତର ଉତ୍କର୍ଷତା କାମନା କରି ଭଗବାନ ବ୍ୟାସ ଏହି ଉପଦେଶ ସବୁକୁ ସୁନ୍ଦର ଦିବ୍ୟ ସଙ୍ଗିତର ରୂପ ଦେଇଛନ୍ତି, ତାହା ହିଁ ଶ୍ରୀମତ୍ ଭଗବଦ୍ଗୀତା । ଅଠର ଦିନ ବ୍ୟାପି ମହାଭାରତ ଯୁଦ୍ଧର ପରିଚୟ ସ୍ୱରୁପ ଏହି ଗ୍ରନ୍ଥର ବ୍ୟାପ୍ତି ଅଠର ଅଧ୍ୟାୟ ଓ ୭୦୧ ଶ୍ଳୋକ ବିଶିଷ୍ଟ । ଚାନ୍ଦ୍ରମତେ ମାର୍ଗଶୀର ଶୁକ୍ଳ ଏକାଦଶୀ ଏହି ଅଦ୍ୱିତୀୟ ଗ୍ରନ୍ଥର ଉଦ୍ଭବ

---

ବୋଲି ପଞ୍ଜିକାର ମାନଙ୍କ ମତ। ପଣ୍ଡିତ ନିଳକଣ୍ଠ ଦାଶ ତାଙ୍କ ଗୀତା ଭାଷ୍ୟରେ ହିନ୍ଦୁଧର୍ମ ସହିତ  ଯେତେଗୁଡିଏ ଧର୍ମର ମୂଳତତ୍ତ୍ୱ ବର୍ଣ୍ଣନା କରିଛନ୍ତି ତାହା ସବୁ ଗୀତାରେ ଅତି ପ୍ରାଞ୍ଜଳ ଓ ସରଳ ଭାବରେ ପରିଷ୍କୁଟ ହୋଇଛି । ତେଣୁ ଗୀତା ସକଳ ଜ୍ଞାନର ଉତ୍ସ, ସକଳ ଆନନ୍ଦର ଆଧାର, ସକଳ ମାର୍ଗର ପ୍ରଦର୍ଶକ, ସକଳ ଯୋଗର ମୂଳଭିତ୍ତି  ବେଦ ଉପନିଷଦର ନିର୍ଯ୍ୟାସ ଓ ସକଳ କର୍ମର ବ୍ୟବହାରିକ ସୁତ୍ର। ଭଗବାନ ଶ୍ରୀରାମସୁଖ ଦାସ ଛୋଟ ଉଦାହରଣ ଦେଇ ସୁଚିତ କରିଛନ୍ତି ଯେ ଗୀତା ଉପନିଷଦ ଓ ବ୍ରହ୍ମସୂତ୍ର- ଏହି ତିନୋଟି ପ୍ରସ୍ଥାନ ଓ ଅନ୍ୟଗୁଡିକ ପଦ୍ଧତି। ଏହି ପ୍ରସ୍ଥାନତ୍ରୟ ମଧ୍ୟରେ ଗୀତା ମହତ୍ତ୍ୱପୁର୍ଣ୍ଣ କାରଣ ଉପନିଷଦ ଓ ବ୍ରହ୍ମସୂତ୍ରର ସାରାଂଶ ଗୀତାରେ ଅନ୍ତର୍ଭୁକ୍ତ। ଫଳରେ ଏହା ସବୁ ସମୟରେ ସବୁଶ୍ରେଣିର ବ୍ୟକ୍ତିମାନଙ୍କ ପାଇଁ ଏକ ସାର୍ବଜନିକ୍ ଗ୍ରନ୍ଥ। ଜୀବ ତ୍ରୀତାପରୁ (ଆଧ୍ୟାତ୍ମିକ ,ଆଧିଭୌତିକ ଓ ଆଧିଦୈବିକ) ମୁକ୍ତି ପାଇବାପାଇଁ. ଧର୍ମ ଅର୍ଥ କାମ ମୋକ୍ଷ ଇତ୍ୟାଦି ଚତୁର୍ବର୍ଗ ଫଳଲାଭ ପାଇଁ ମନୁଷ୍ୟ ବେଦର କର୍ମକାଣ୍ଡ ଉପରେ ନିର୍ଭର କରିଥାଏ । କିନ୍ତୁ ବେଦ ଭଗବାନଙ୍କ ନିଃଶ୍ୱାସ ହେଲେ ଗୀତା ଭଗବାନଙ୍କ ବାଣୀ ବା ଉଦ୍ଧାର ପଥର ଉପଦେଶ। ତେଣୁ ଏହି ମହାମହିମ ନିତ୍ୟସାଥି ଗ୍ରନ୍ଥର ସଦୁପଯୋଗ କରିବା ଉଚିତ୍ । ଗୀତାର ନିର୍ଯ୍ୟାସ ହେଉଛି, ବାସୁଦେବ ହିଁ ସର୍ବଂ । ଗୀତା ସବୁକିଛି ପରମାତ୍ମା ସ୍ୱରୁପ ବୋଲି ସ୍ୱୀକାର କରେ । ସଂସାରରେ କାର୍ଯ୍ୟ ରୂପରେ, କାରଣ ରୂପରେ, ପ୍ରଭାବରୂପରେ ତଥା ସମଗ୍ର ରୂପରେ ପରମାତ୍ମାହିଁ ବିଦ୍ୟମାନ। ଯେପରି କ୍ଷୀର ସାଗର, ଦଧି ସାଗର ଇତ୍ୟାଦି ସପ୍ତ ସାଗର ଅଛି , ଗୀତା ହେଉଛି ଅମୃତ ସାଗର । ବେଦ ଉପନିଷଦକୁ ଯଦି ଏକ ବୃକ୍ଷ ଧରାଯାଏ ଗୀତା ଏଇ ବୃକ୍ଷର ଅକ୍ଷୟ, ଅବ୍ୟକ୍ତ ଓ ଅମୃତମୟ ଫଳ ଯାହା ଏକ ସମୟରେ ସମଗ୍ର ବିଶ୍ୱର ଆଧ୍ୟାତ୍ମିକ କ୍ଷୁଧା ମେଣ୍ଟାଇ ପାରିବ।

ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍।

---

ସବୁ ବେଦ ଉପନିଷଦ ହେଉଛି ଗୋଟିଏ ଗୋଟିଏ ଦୁଗ୍ଧବତୀ ଗାଇ, ଶ୍ରୀକୃଷ୍ଣ ହେଉଛନ୍ତି ସେଇ ଗାଇ ଗୁଡିକର ଦୁଗ୍ଧ ଦୋହନକାରି ଗୋପାଳ, ଅର୍ଜୁନ ସେଇ ଗାଇର ବାଛୁରି ଓ ସେଇ ହିଁ ପ୍ରଥମେ ଆତ୍ମଜ୍ଞାନ ରୂପି ଅମୃତ ପାନ କରିଥିଲେ । ସେହି ଗୋପାଳ ରୂପି ଶ୍ରୀକୃଷ୍ଣ ଅର୍ଜୁନ ତଥା ସମଗ୍ର ଜୀବଜଗତର ହିତ ପାଇଁ ଗୀତାଜ୍ଞାନ ରୂପି ଅମୃତମୟ ଦୁଗ୍ଧ ବିତରଣ କରିଛନ୍ତି। ତାହା ଜୀବ ଜଗତର ସନ୍ଦେହ ତଥା ସମସ୍ୟା ସମାଧାନର ସୂତ୍ର ହୋଇ ପ୍ରତ୍ୟେକଙ୍କୁ ଶାଶ୍ୱତ ସୁଖ, ଚିରନ୍ତନ ଆନନ୍ଦ ଚିରସ୍ଥାୟୀ ଶାନ୍ତି ପ୍ରଦାନ କରିବ ଓ ପରିତ୍ରାଣର ମାର୍ଗ ଉନ୍ମୁକ୍ତ କରିଦେଇ ପାରିବ। ସାଗର ଗର୍ଭରେ ଯେପରି ମଣିମୁକ୍ତାର ଭଣ୍ଡାର ଥିବାର ପ୍ରବାଦ ଅଛି, ମାତ୍ର ଗୀତାର ଜ୍ଞାନ ସାଗର ଗର୍ଭରେ ଆଧ୍ୟାତ୍ମିକ ମଣିମୁକ୍ତା ଭରପୁର ଥିବାର ବାସ୍ତବିକତା ଅଛି। ତେଣୁ ପ୍ରତ୍ୟେକ ଜୀବ ଗୀତା ସାଗର ମଧ୍ୟରେ ନିଷ୍ଠା ଓ ବିଶ୍ୱାସର ସହିତ ସମ୍ପୂର୍ଣ୍ଣ ନିମଜ୍ଜିତ ହେଲେ ଆଧ୍ୟାତ୍ମିକ ମଣି ସଂଗ୍ରହ କରି ପାରିବେ ଓ ଗୀତାର ଅତ୍ୟନ୍ତ ସୁକ୍ଷ୍ମ ଉପଦେଶାବଳିର ଗଭିର ତାତ୍ପର୍ଯ୍ୟ ହୃଦୟଙ୍ଗମ କରି ପାରିବେ। ସତ୍ ଚିତ୍ ଆନନ୍ଦ ବା ସଚ୍ଚିଦାନନ୍ଦ ସ୍ୱରୂପକୁ ପ୍ରକାଶ କରିବାକୁ ଯାଇ ଭଗବାନ ଗୀତାରେ ସତ୍ ସ୍ୱରୂପ କର୍ମଯୋଗ, ଚିତ୍ ସ୍ୱରୂପ ଜ୍ଞାନଯୋଗ ଏବଂ ଆନନ୍ଦ ସ୍ୱରୂପ ଭକ୍ତିଯୋଗର ବିଶେଷ ଉପଦେଶ ଦେଇଛନ୍ତି। କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ ଓ ଧ୍ୟାନଯୋଗ ଇତ୍ୟାଦି ଚାରିଟି ଯୋଗର ସମାହାର ଗୀତାରେ ପରିପ୍ରକାଶ କରାଯାଇଛି। ଯେପରି ଶତ ଶତ ମୁଖରେ ବିଭିନ୍ନ ମାର୍ଗରେ ନଦୀ ଗୁଡିକ ସାଗର ରେ ନିମଜ୍ଜିତ ହୋଇ ଥାନ୍ତି ସେପରି ଭିନ୍ନ ଭିନ୍ନ ଧର୍ମ ବା ଗୋଷ୍ଠିର ଜୀବ ଗୋଟିଏ ସ୍ଥାନରେ ମିଳିତ ହୁଅନ୍ତି , ସେହି ସ୍ଥାନଟି ଲାଭ କରିବାକୁ ହେଲେ ଏହି ଚାରଟି ଯୋଗ ଅଭ୍ୟାସର ଉପାଦେୟତା ରହିଛି। ଗୀତା ହେଉଛି ଏହି ଯୋଗ ଚତୁଷ୍ଟୟର ସାଧନ ପ୍ରଣାଳି । କର୍ମଯୋଗ ଉପରେ ଶ୍ରୀ ବାଳଗଙ୍ଗାଧର ତିଳକଙ୍କ ଗୀତା ରହସ୍ୟ,, ଭକ୍ତିଯୋଗ ଉପରେ ଶ୍ରୀଧରଙ୍କ ଗୀତାଭାଷ୍ୟ ଓ ଜ୍ଞାନଯୋଗ ଉପରେ ଶ୍ରୀ ଶଙ୍କରଙ୍କ ଗୀତାଭାଷ୍ୟ ବିଷଦ

ଆଲୋଚନା କରିଛି । ପ୍ରତ୍ୟେକ ନିଜ ନିଜର ଦୃଷ୍ଟିକୋଣରୁ ନିଜ ନିଜର ସ୍ୱତନ୍ତ୍ର ଦର୍ଶନ ପ୍ରତିଷ୍ଠା କରିଛନ୍ତି । ଏହା ପରଶମଣି ସଦୃଶ ଯାହାକୁ ଷ୍ପର୍ଶ କରେ ବା ଯେ ଏହାର ସଂଷ୍ପର୍ଶରେ ଆସନ୍ତି ସେ ନିଶ୍ଚିତ ଦିବ୍ୟତ୍ୱ ପ୍ରାପ୍ତ ହୁଅନ୍ତି । ଜୀବନ ସଂଗ୍ରାମରେ ଦିବ୍ୟ ସୁଖ ଶାନ୍ତି ଲାଭ କରି ଜୀବନର ପରମ ଉଦ୍ଦେଶ୍ୟ ଅମରତ୍ୱ ତଥା ପୂର୍ଣ୍ଣତା ପ୍ରାପ୍ତ ହୋଇପାରନ୍ତି । ଯେଉଁ ଗ୍ରନ୍ଥ, ପାଠକ ମାନଙ୍କୁ ପରମ ଶାନ୍ତି ତଥା ଚିରନ୍ତନ ସୁଖ ଲାଭ ପାଇଁ ପଥ ପ୍ରଦର୍ଶନ କରି, କାହିଁ ଅନନ୍ତ କାଳରୁ ନିଜର ଅପ୍ରତିଦ୍ୱନ୍ଦି ମହିମା ବିତରଣ କରି ଚାଲିଛି ତାହା କେବଳ ଦିବ୍ୟଦ୍ରଷ୍ଟା ଶ୍ରୀକୃଷ୍ଣ ଙ୍କ ମୁଖ ନିସୃତ ବାଣୀ ଓ ତାହା ଦିବ୍ୟ ସଙ୍ଗୀତରୂପ ପାଇଛି ଗୀତା ଆକାରରେ ।

ପିଣ୍ଡ ବ୍ରହ୍ମାଣ୍ଡ ଏକମତ, ବୋଲନ୍ତି ସୁଜ୍ଞାନି ପଣ୍ଡିତ, ଯାହା ତତ୍ତ୍ୱ ଦର୍ଶି ସନ୍ୟାସି ମାନେ କହନ୍ତି ତାହା ବିଚାର କଲେ ପ୍ରକୃତରେ ଏହି ଦେହ ମଧ୍ୟରେ ମହାଭାରତ ଯୁଦ୍ଧ ଚାଲି ଥିବାର ପ୍ରତୀତ ହୁଏ । ସେମାନଙ୍କ ମତରେ ଏ ଦେହର ଆତ୍ମାନୁଭୂତି ପ୍ରତି ଅନୁରାଗ ହେଉଛି ଅର୍ଜୁନ, ଅନ୍ତର୍ନିବାସୀ ପରମାତ୍ମା ହେଉଛନ୍ତି ଶ୍ରୀକୃଷ୍ଣ ଦେହ ରୂପକ ରଥର ସାରଥୀ, ସଂଯମ ହେଉଛି ସଞ୍ଜୟ, ଅଜ୍ଞାନତା ହେଉଛନ୍ତି ଧୃତରାଷ୍ଟ୍ର, ଇନ୍ଦ୍ରୀୟମାନେ ଦେହରଥର ଅଶ୍ୱ, ମୋହରୂପୀ ଦୁର୍ଯ୍ୟୋଧନ ଭ୍ରମ ରୂପୀ ଭୀଷ୍ମ ଓ ଅହଂକାର କାମନା କାମ କ୍ରୋଧାଦି ଷଡରିପୁ କୌରବ ଯୋଦ୍ଧା । ଏମାନଙ୍କ ଦମନ ପାଇଁ ଅନ୍ତର୍ଯ୍ୟାମି ବିସ୍ତାର କରି ଯେଉଁ ଜ୍ଞାନୋପଦେଶ ଦେଇଛନ୍ତି ତାହା ହିଁ ଗୀତା । ଏହି ସାର ଗର୍ଭକ ଜ୍ଞାନର ଭଣ୍ଡାର ଖେଳେଇଲେ ସମସ୍ତ ଆଧ୍ୟାତ୍ମିକ ସନ୍ଦେହର ସମାଧାନ ସୁତ୍ର ମିଳିଯିବ ।

ମନୁଷ୍ୟ ହେଉଛି କର୍ମ ଜ୍ଞାନ ଓ ଭାବ ଏହି ତିନଟି ମୌଳିକ ଶକ୍ତିର ଏକ ଯୌଗିକ ଶରୀର । ସମସ୍ତେ ଏକାଧାରାରେ ଏହି ତିନି ଉପାଦାନ ନେଇ ଜନ୍ମଲାଭ କରି ନ ଥାନ୍ତି । କେତେକ କର୍ମକୁ ଗୁରୁତ୍ୱ ଦେଇଥାନ୍ତି ତ କେତେକ ଜ୍ଞାନକୁ ଆଉ କେତେକ ଭାବରେ ନିମଜ୍ଜିତ ଥାନ୍ତି । ଏହି ତିନି ଶ୍ରେଣିର ଲୋକଙ୍କ ପାଇଁ ଗୀତାରେ ତିନଟିଯାକ ଯୋଗ ତତ୍ତ୍ୱର ଆଲୋଚନା କରାଯାଇଛି । କର୍ମ ଯୋଗର ଆଲୋଚନା

---

କର୍ମିମାନଙ୍କ ପାଇଁ, ଜ୍ଞାନଯୋଗର ବିସ୍ତାର ଜ୍ଞାନ ଅନୁସନ୍ଧିସ୍ନୁମାନଙ୍କ ପାଇଁ ଓ ଭକ୍ତିଯୋଗ, ଭକ୍ତିରେ ଆତ୍ମ ସମର୍ପଣ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଯେଉଁଠି ଏହି ତିନି ଯୋଗର ଭାବଧାରା ବିଦ୍ୟମାନ ସେଠି ପୂର୍ଣ୍ଣତା ଅଛି। ଏହି ପୂର୍ଣ୍ଣତା ପ୍ରାପ୍ତି ପାଇଁ କର୍ମ  ଭକ୍ତି ଓ ଜ୍ଞାନ ଯୋଗର ପ୍ରତିକ ସ୍ୱରୂପ ଗୀତାକୁ ତିନି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଛ ଅଧ୍ୟାୟରେ କର୍ମଯୋଗ ଓ ତତ୍ ସମ୍ବନ୍ଧୀୟ ଜ୍ଞାନର ଆଲୋଚନା ହୋଇଥିବା ସ୍ଥଳେ ଦ୍ୱିତୀୟ ଛ ଅଧ୍ୟାୟରେ ଭକ୍ତିଯୋଗ ତତ୍ ସମ୍ବନ୍ଧୀୟ କର୍ମଯୋଗ ଏବଂ ଜ୍ଞାନଯୋଗର ଭୂମିକା ଓ ଶେଷ ଛ ଅଧ୍ୟାୟରେ ଜ୍ଞାନଯୋଗ, ଭଗବାନଙ୍କର ସକଳ ପ୍ରକାର ବିଭୁତି ଓ ସନ୍ୟାସଯୋଗ ବିଷୟରେ ବିଶେସ ଆଲୋକପାତ କରାଯାଇଛି।ସାମବେଦର ମହାବାକ୍ୟ ତତ୍-ତ୍ୱମ୍-ଅସି(ତୁମେ ତାହା ଅଟ)। ଏହି ତିନଟି ପଦର ପ୍ରତିକ ସ୍ୱରୂପ ଗୀତାକୁ ମଧ୍ୟ ତିନିଭାଗରେ ବିଭକ୍ତ କରାଯାଇ ଥିବାର ପ୍ରତୀତ ହୁଏ। ପ୍ରଥମ ଛ ଅଧ୍ୟାୟରେ କର୍ମଯୋଗର ତଥା ତ୍ୱମ୍ ବା ତୁମେ ଶବ୍ଦର ପ୍ରକୃତି ଓ ସ୍ୱରୂପ ଆଲୋଚନା ହୋଇଥିବା ସମୟରେ  ପରବର୍ତ୍ତି ଛ ଅଧ୍ୟାୟରେ ଭକ୍ତିଯୋଗ ତଥା ତତ୍ ବା ତାହା ଶବ୍ଦର ପ୍ରକୃତି ଓ ଶେଷ ଛ ଅଧ୍ୟାୟରେ ଜ୍ଞାନଯୋଗ ତଥା ଅସି ବା ଅଟେ ଶବ୍ଦର ପ୍ରକୃତି ଓ ସ୍ୱରୂପ ବିଷୟରେ ସମ୍ୟକ ରୁପେ ଆଲୋକପାତ କରାଯାଇଛି। ଅସି ପଦ ଆତ୍ମା ଓ ପରମାତ୍ମାର ଅନନ୍ୟତା ପ୍ରତିପାଦନ କରେ। ଏହି ପରିପ୍ରେକ୍ଷିରେ ଅନୁଧ୍ୟାନ କଲେ ଜଣାଯିବ ଯେ ପ୍ରତ୍ୟେକ ଅଧ୍ୟାୟର ତାର ପରବର୍ତ୍ତି ଅଧ୍ୟାୟ ସହିତ ଘନିଷ୍ଠ ସମ୍ପର୍କ ରହିଛି।

ଯୁଦ୍ଧକ୍ଷେତ୍ରରେ ନିଜର ସ୍ୱଜନ ମାନଙ୍କୁ ଦେଖି ଅର୍ଜୁନ ଅତ୍ୟନ୍ତ ବିଷାଦ ଗ୍ରସ୍ତ ହୋଇ ଯାଇଥିବା ଦେଖି ଭଗବାନ ତାଙ୍କୁ ଆତ୍ମାର ଅମରତ୍ୱ ବିଷୟକ ଅନୁଶିଳନ ଦେଇଥିଲେ ଓ ପରେ ପରେ କର୍ମଯୋଗର ରହସ୍ୟ ଓ କର୍ମଫଳ ତ୍ୟାଗର ମହିମା ବୁଝାଇଥିଲେ।ମନ ଓ ଇନ୍ଦ୍ରିୟ ସଂଯମର ପ୍ରଣାଳୀ ତଥା ଧ୍ୟାନ ଧାରଣାର ସାଧନା ବିଷୟକ ରହସ୍ୟ ସମ୍ୟକରୂପେ ବୁଝାଇ ଅର୍ଜୁନଙ୍କୁ ସ୍ଥିତପ୍ରଜ୍ଞ ଅବସ୍ଥାକୁ ରୂପାନ୍ତରିତ

---

କରାଇଥିଲେ। ଯେତେବେଳେ ଅର୍ଜୁନ ସ୍ଥିତପ୍ରଜ୍ଞ ଅବସ୍ଥାରେ ଥାଇ ଭକ୍ତିରେ ଭାବ ବିହ୍ୱଳହୋଇ ନିଜକୁ ଭଗବାନଙ୍କ ଶ୍ରୀଚରଣରେ ସମର୍ପଣ କରିଦେଇ ପାରିଥିଲେ ସେତେବେଳେ ଭଗବାନ ଜାଣି ପାରିଥିଲେ ଯେ ଅର୍ଜୁନ ଭଗବାନଙ୍କର ସମସ୍ତ ବିଭୂତି ତଥା ବିଶ୍ୱରୂପ ଦର୍ଶନପାଇଁ ଉପଯୁକ୍ତ ହୋଇପାରିଛନ୍ତି । ତେଣୁ ତାଙ୍କୁ ଦୀବ୍ୟ ଦୃଷ୍ଟି ପ୍ରଦାନ କରି ନିଜର ବିଶ୍ୱରୂପ ଦର୍ଶନ ଦେଇ ବୁଝାଇ ଦେଇଥିଲେ ଯେ ଏ ବିଶ୍ୱରେ ଯାହା କିଛି ସଂଘଟିତ ହେଉଛି ତାହା କେବଳ ତାଙ୍କରି ଦ୍ୱାରାହିଁ ହେଉଛି ଏବଂ କାହାରି କିଛି କରି ପାରିବାର ନାହିଁ। ମନୁଷ୍ୟ ନିଜର ଭ୍ରମାତ୍ମକ ଚିନ୍ତାଧାରା ନେଇ ନିଜେ ସବୁକିଛି କରୁଛି ବୋଲି ମନେକରି କେତେବେଳେ ଗର୍ବ କରୁଛି ଓ କେତେବେଳେ ମୋହଗ୍ରସ୍ତ ହୋଇ ଯାଉଛି । ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ଯେପରି ଛାତ୍ରମାନଙ୍କୁ କ୍ରମ ଅନୁସାରେ ବିଦ୍ୟାଦାନ କରାଯାଏ ସେପରି ଭଗବାନ ଅର୍ଜୁନଙ୍କର ଥିବା ସମସ୍ତ ସନ୍ଦେହକୁ କ୍ରମ ଅନୁସାରେ ଦୂରିଭୂତ କରି ଯୋଗ ଆରୋହଣିର ସୋପାନ ଅତିକ୍ରମ କରାଇ ତାଙ୍କୁ ଦିବ୍ୟଜ୍ଞାନ ଲାଭର ଶେଷ ସୋପାନରେ ପହଞ୍ଚାଇ ଦେଇଛନ୍ତି। ଶେଷରେ ଅର୍ଜୁନ ଭାବ ବିହ୍ୱଳ ହୋଇ କହିଛନ୍ତି ଯେ , ପ୍ରଭୁ ଆପଣଙ୍କ କୃପାରୁ ଆପଣଙ୍କ ପ୍ରଦତ୍ତ ଜ୍ଞାନଲାଭ କରି ମୋର ମୋହ ସମ୍ପୂର୍ଣ୍ଣ ଦୂରିଭୂତ ହୋଇଛି ଏବଂ ବର୍ତ୍ତମାନ ଆପଣ ଯାହା କହିବେ ତାହା କରିବାକୁ ପ୍ରସ୍ତୁତ- ମୂଳ ଶ୍ଳୋକ ଅନୁସାରେ ଏପରି ଥିଲା – କରିଷ୍ୟେ ବଚନଂ ତବ।

*ଅନୁବାଦ ଅନୁସାରେ*

ହେଲା ନଷ୍ଟ ମୋହ , ଜ୍ଞାନ ଲବ୍ଧହେଲା କୃପାରୁ ଅଚ୍ୟୁତ ତବ
ମୁଁ ହେଲି ସନ୍ଦେହଶୂନ୍ୟ କରିବି ମୁଁ ପାଳନ ବଚନ ତବ।୧୮/୭୩

---

*ଗୀତାର ସାରକଥା*

ଉପର ଲିଖିତ ଅନୁଶୀଳନରୁ ଜଣାଯାଏ ଯେ ଆତ୍ମାର ଅମରତ୍ୱ ବିଷୟକ ଜ୍ଞାନ ଆହରଣ କରି, କର୍ମଯୋଗର ରହସ୍ୟ ଓ କର୍ମଫଳ ତ୍ୟାଗର ମହିମା ହୃଦୟଙ୍ଗମ କରି, ଅହଂକାର ଓ ରାଗଦ୍ୱେଷର ଉର୍ଦ୍ଧ୍ୱକୁ ଉଠି କାମନା ବାସନାର ବିନାଶ ସାଧନ କରିପାରିଲେ ରାଜା ଜନକଙ୍କ ପରି ସାଂସାରିକ କର୍ମରେ ଲିପ୍ତ ରହି ମଧ୍ୟ ଜଣେ ସଚ୍ଚିଦାନନ୍ଦ ସ୍ୱରୂପରେ ନିବାସ କରି ପାରିବ । ଯିଏ ଏହି ଜ୍ଞାନ ଲାଭ କରିଥିବ ତାହାର ନିଜକୁ ସକଳ କର୍ମର କର୍ତ୍ତା ବୋଲି ଭାବିବା ଦୂର ହୋଇଯିବ ଓ ସେ ଜୀବନ୍ମୁକ୍ତ ହୋଇପାରିବ । ଏହାହିଁ ଗୀତାର *ଏକ ସାରବାର୍ତ୍ତା* ।

ଫଳପ୍ରାପ୍ତିରେ ଅନାସକ୍ତ ରହି ସକଳ କର୍ମ ପରମାତ୍ମାଙ୍କ ନିକଟରେ ସମର୍ପଣ କରିପାରିଲେ ଜଣେ ଏ ସଂସାରରେ ଜଳରେ ନିର୍ଲିପ୍ତ ପଦ୍ମପତ୍ର ପରି ପାପ ତାପରେ ନିର୍ଲିପ୍ତ ରହିପାରିବ । ପ୍ରତ୍ୟେକ ଜୀବର ଇନ୍ଦ୍ରିୟ ବିଷୟକ ଆସକ୍ତି ତା ନିଜ ମୋହରୁ ଜାତ ଓ ମୋହ ରଜୋଗୁଣରୁ ସମ୍ଭୁତ ଏବଂ ଅନାସକ୍ତି ସତ୍ତ୍ୱଗୁଣରୁ । ଆସକ୍ତି ଆସୁରୀ ସମ୍ପଦ ହୋଇଥିବା ବେଳେ ଅନାସକ୍ତି ଏକ ଦୈବୀ ସମ୍ପଦ । ଅବିଦ୍ୟା, ସ୍ୱାର୍ଥପରତା ଓ କାମନାରୁ ଜନ୍ମ ନିଏ ମୋହ । ଆସକ୍ତି ଜନ୍ମମୃତ୍ୟୁ ଚକ୍ରରେ ଆବଦ୍ଧ କରି ରଖେ ଓ ଅନାସକ୍ତି ଦିଏ ମୋକ୍ଷ ।ମାତ୍ର ଏହି ମାୟାର ବିଚିତ୍ର ସଂସାରବୃକ୍ଷ ତଳେ ବାସକରି ଅନାସକ୍ତ ହୋଇ ରହିବା ଏକ କଷ୍ଟ ସାଧ୍ୟ ବ୍ୟାପାର । ନିରବଚ୍ଛିନ ଭାବରେ ଆତ୍ମା ବିଷୟରେ ଚିନ୍ତନ କରିଲେ ସକଳ ଆସକ୍ତି ସ୍ୱତଃ ଲୋପ ପାଇଯିବ । ତେଣୁ ଆତ୍ମାର ବା ଭଗବତ ଆସକ୍ତି ହେଉଛି ଇନ୍ଦ୍ରିୟଆସକ୍ତି ଲୋପପାଇଁ ଏକ ଅବ୍ୟର୍ଥ ଔଷଧ । ଯିଏ ପ୍ରକୃତ୍ତି ଓ ପୁରୁଷ ବିଷୟରେ, ଦୈବାସୁର ଓ ଗୁଣତ୍ରୟ ଓ ସେମାନଙ୍କର କାର୍ଯ୍ୟ ବିଷୟରେ ଓ ଏହି ମାୟାର ବିଚିତ୍ର ସଂସାରବୃକ୍ଷ ବିଷୟରେ ସମ୍ୟକ ଜ୍ଞାନ ଲାଭ କରିଥିବ ସିଏ ଆତ୍ମଜ୍ଞାନ ଖଡ୍ଗ ବା ଅନାସକ୍ତ କୁଠାର ଦ୍ୱାରା ଏହି ବିଚିତ୍ର ଦୃଢମୂଳ ବୃକ୍ଷ ଛେଦନ

---

କରି ଆତ୍ମଜ୍ଞାନ ଲାଭ କରି ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇପାରିବ।ଯେଣୁ ଆତ୍ମସାକ୍ଷାତକାର ପାଇଁ ଆଧ୍ୟାତ୍ମିକ ସାଧନ କଷ୍ଟକର ବ୍ୟାପାର ତେଣୁ ଭଗବାନ କହିଛନ୍ତି ଯେ ସକଳ ଧର୍ମ(କର୍ତ୍ତବ୍ୟ) ପରିତ୍ୟାଗକରି ମୋର ଶରଣ ନିଅ ବା ମୋ ପାଖରେ ନିଜକୁ ସମର୍ପଣ କରିଦିଅ, ଶୋକ କରନାହିଁ ଏବଂ ମୁଁ ତୁମକୁ ସକଳ ପାପରୁ ମୁକ୍ତ କରିଦେବି। ଧର୍ମ କହିଲେ ଇନ୍ଦ୍ରିୟମାନଙ୍କ ଧର୍ମ ବା କର୍ତ୍ତବ୍ୟକୁ ବୁଝାଇବ ନାହିଁ। କାରଣ ଯେଉଁମାନେ ଜୀବନ୍ମୁକ୍ତ ଅବସ୍ଥାରେ ପହଞ୍ଚିଯାଇଛନ୍ତି ସେମାନେ ବି ଦେଖିବା ଶୁଣିବା, ଖାଇବା ଇତ୍ୟାଦି ଇନ୍ଦ୍ରିୟ ପ୍ରେରିତ କର୍ତ୍ତବ୍ୟ କର୍ମ କରନ୍ତି, କିନ୍ତୁ ସେମାନେ କୌଣସି କର୍ମରେ ଲିପ୍ତ ନୁହନ୍ତି, ସେମାନେ ଏକ ନୀରବ ସାକ୍ଷୀ ସ୍ୱରୂପ ଏ ସବୁ କର୍ମ କରୁଥାନ୍ତି କେବଳ ଅନ୍ନମୟ ଶରୀର ରକ୍ଷା ପାଇଁ । ଏହି ବିଷୟ ଭଗବାନ ବିଶ୍ୱରୂପ ଦର୍ଶନ ଦେଇ ଅର୍ଜୁନଙ୍କୁ ବୁଝାଇ ଦେଇଥିଲେ ଯେ ଏ ବିଶ୍ୱରେ ଯାହା କିଛି ସଂଘଟିତ ହେଉଛି ତାହା କେବଳ ତାଙ୍କରି ଦ୍ୱାରାହିଁ ହେଉଛି ଏବଂ କାହାରି କିଛି କରିପାରିବାର ନାହିଁ ଓ ଏ ଜୀବ ନିମିତ୍ତ ମାତ୍ର।ଏହା ହିଁ *ଆଉ ଏକ ସାରବାର୍ତ୍ତା।*

ଦୁଃଖୀ ଜୀବର ମନରେ ଦୁଃଖର ପ୍ରଭାବ ନ ପକାଇବା ପାଇଁ ଗୀତା କହେ ହେ ନର୍ବୋଧ ଜୀବ ତୁମେ କଣ ହରାଇଛ ବୋଲି ଦୁଃଖ କରୁଛ, ତୁମେ ଏ ସଂସାରକୁ ଆସିଲାବେଳେ କଣ ନେଇ କରି ଆସିଥିଲ ଯେ ତାକୁ ହରାଇ ବସିଲ। ତୁମ ପାଖରେ ଯାହା ସବୁ ଅଛି ଅଥବା ତୁମ ପାଖକୁ ଯାହା ସବୁ ଆସିବ ତାହା ସବୁ ଏ ସଂସାର ତୁମକୁ ଦେଇଛି ବା ଦବ।ତୁମେ ତାକୁ ହରାଇଲ ମାନେ ସେ ପଦାର୍ଥ ଗୁଡିକ ତୁମ ପାଖରୁ ତାର ଆସିଥିବା ସ୍ଥାନକୁ ଚାଲି ଯାଇଛି। ତୁମେ ଗଲାବେଳେ ସେ ସବୁକୁ ଏଇଠି ଛାଡି ଦେଇଯିବ। ତୁମର ଯୋଜନାର ସଂକଳ୍ପ, ପଦାର୍ଥ ପ୍ରତି ତୁମର ଅନୁରାଗ ବିରାଗ, ଲାଭ କରିବାର ଆସକ୍ତି , ଅପ୍ରାପ୍ତିରେ ମନଦୁଃଖ ଇତ୍ୟାଦି ସବୁ ପରିତ୍ୟାଗ କରଦିଅ ଦେଖିବ ତୁମେ ସର୍ବଦା ଅନନ୍ଦ ପାଇବ।ଏହା ହିଁ ଗୀତାର *ଆଉ ଏକ ସାର ବାର୍ତ୍ତା।*

---

ଏ ସଂସାର ତୁମକୁ କଣ ନ ଦେଇଛି, ପିତାମାତା ତୁମକୁ ଏ ସଂସାରକୁ ଆସିବାରେ ସାହାଯ୍ୟ କରିଛନ୍ତି, ହାତଧରି ଖୁଆଇ ତଥା ଚଲାଇ ଶିଖାଇଛନ୍ତି, କଥା କୁହାଇ ଶିଖାଇଛନ୍ତି , ଶିକ୍ଷାଗୁରୁ ବିଦ୍ୟାଦାନ କରିଛନ୍ତି, ଦୀକ୍ଷାଗୁରୁ ଜୀବନର ଉଦ୍ଧାର ପଥ ଦେଖାଇଛନ୍ତି, ସୂର୍ଯ୍ୟରୁ ଉତ୍ତାପ, ଚନ୍ଦ୍ରରୁ ଶୀତଳତା, ପବନରୁ ପ୍ରଶ୍ୱାସରେ ଅମ୍ଳଜାନ , ଆଲୋକ , ଅଗ୍ନି ,ଜଳରୁ ଖାଦ୍ୟ, ପାନୀୟ, ସୁଖ ସ୍ୱାଚ୍ଛନ୍ଦ୍ୟ, ଧନ ଦୌଲତ ଆଦି ସବୁ କିଛି ଏ ସଂସାର ହିଁ ତୁମକୁ ଦେଇଛି । ପଶୁ ପକ୍ଷୀ ବୃକ୍ଷଲତା , କୀଟ ପତଙ୍ଗ ,ଦେବୀ ଦେବତା ସମସ୍ତେ ସେମାନଙ୍କର ପ୍ରତ୍ୟେକଙ୍କ ଅଧିକାରରୁ ସାହାଯ୍ୟ ମଧ୍ୟ ତୁମକୁ ଦେଇଛନ୍ତି ।ଏହି ସବୁ ଋଣ ଗ୍ରହଣ କରି ତୁମେ ଏ ସଂସାରରେ ରହିଛ । ମାତ୍ର ଏହି ଋଣର ପ୍ରତି ବଦଳରେ ତୁମେ ଏ ସଂସାରକୁ କଣ ଦେଇଛ । ତୁମର ଏ ଦୂର୍ଲଭ ମନୁଷ୍ୟ ଜନ୍ମ ସାର୍ଥକ କରିବା ପାଇଁ ସଂସାରକୁ ତୁମର କିଛି କର୍ତ୍ତବ୍ୟ ଦିଅ । ତୁମେ ଯଦି ଏମାନଙ୍କଠାରୁ ମିଳିଥିବା ସମସ୍ତ ଭୋଗ ଏମାନଙ୍କୁ ନ ଦେଇ ନିଜ ଉଦ୍ଦେଶ୍ୟରେ ଯଦି ବିନିଯୋଗ କରିବ ତେବେ ଗୀତା କହେ ତୁମେ ପରସ୍ୱ ଅପହରଣ ଜନିତ ଚୋର ଅଟ । ଏଥିପାଇଁ ପଞ୍ଚମହାଯଜ୍ଞ ବିଧାନ ଥିଲେ ବି ନିସ୍ୱାର୍ଥପର ଭାବରେ ଏଥିରୁ କିଛିମାତ୍ରାରେ ଜଗତର ହିତରେ ବିନିଯୋଗ କରିବା ଉଚିତ । ଏଇଠିକାର ଋଣ ଏଇଠି ହିଁ ପରିଶୋଧ ହୋଇଯିବ ଓ ଋଣ ପରିଶୋଧ ପାଇଁ ପୁଣିଥରେ ଜଗତକୁ ଫେରିବାକୁ ନ ପଡିପାରେ । ଏହାହିଁ ଗୀତାର *ଏକ ସାର ବାର୍ତ୍ତା ।*

ଦ୍ୱନ୍ଦ୍ୱ ହେଉଛି ଆକର୍ଷଣ ଓ ବିକର୍ଷଣ । ସୁଖକୁ ଆକର୍ଷଣ କରିବା ବା ନିଜପ୍ରତି ଆପଣେଇ ନେବା ଓ ଦୁଃଖକୁ ବିକର୍ଷଣ ବା ଦୁରେଇଦେବା । ଏହି ସ୍ୱଭାବ ମନୁଷ୍ୟ ଜନ୍ମ ସମୟରୁ ରହି ଆସିଛି । ତେଣୁ ଶରୀର ରକ୍ଷାପାଇଁ ଯାହାସବୁ ତାକୁ ଲାଭଦାୟକ ହେବ ତାକୁ ଆପଣେଇ ନେବା ଓ ଯାହାସବୁ ଶରୀରକୁ ଯନ୍ତ୍ରଣା ଦାୟକ ତାହାକୁ ଦୂରେଇ ଦେବା ହେଉଛି ତାର ପ୍ରୟାସ । ଏହି ସବୁ ଦ୍ୱନ୍ଦ୍ୱହେତୁ ମନୁଷ୍ୟ ମନରେ କାମନା ଓ ଦ୍ୱେଷ ଜାତହୁଏ । ମନୁଷ୍ୟର ଦୁଇ

ପ୍ରକାର ମନୋବୃତ୍ତି ତାହେଲା ପ୍ରବୃତ୍ତି ଓ ନିବୃତ୍ତି । ପରମାତ୍ମାଙ୍କଠାରେ ମନୋବୃତ୍ତିକୁ ପ୍ରବୃତ୍ତ କରାଇବା ସହିତ ସଂସାରରୁ ନିବୃତ୍ତ କରାଇବା ଅର୍ଥାତ୍ ପରମାତ୍ମାଙ୍କୁ ପ୍ରେମ କରିବା ଓ ସଂସାରରୁ ବୈରାଗ୍ୟ ନେବା । ମାତ୍ର ଏହି ଦୁଇ ବୃତ୍ତିକୁ ମନୁଷ୍ୟ ସଂସାରରେ ଲଗାଇଦେଇ ଯଥାକ୍ରମେ ରାଗ ଦ୍ୱେଷର ପ୍ରଭାବରେ ସେ ଯୋଗମାୟାଙ୍କ ଜାଲରେ ଛନ୍ଦିହୋଇଯାଏ । ମନୁଷ୍ୟ ଯୋଗମାୟାଙ୍କ ପ୍ରଭାବରୁ କାମନା ବାସନାର ପ୍ରକୃତ ସ୍ୱରୂପ ଜାଣି ପାରେନାହିଁ କି ଆତ୍ମଜ୍ଞାନ ଲାଭ କରିବାରେ ସକ୍ଷମ ହୁଏନାହିଁ । ସବୁ ବିଷୟ ବା ବସ୍ତୁ ଦେଶ କାଳ ଓ କାରଣର ଅଧୀନ । ତାର କ୍ଷୟ ଅଛି, ଆଜି ଯେ ସୁଖଦିଏ ବା ଦୁଃଖ ଦିଏ କାଲିକି ସେ ନଥିବ, ଏକଥା ବୁଝିବା ତା ପାଇଁ କଷ୍ଟକର ହୁଏ । ଏହା କେବଳ ପରମାତ୍ମାଙ୍କ ଶରଣାପନ୍ନ ହେଲେ ଦୂରିଭୂତ ହୋଇପାରିବ । ଏହା ମଧ୍ୟ ଗୀତାର *ସାର ବାର୍ତ୍ତା* ।

ଗୀତାରେ ଯେତେଗୁଡିଏ ସାରବାର୍ତ୍ତା ଅଛି ବା ଯାଣିବାର କଥା ଅଛି ତାହା କେହି ବି ଏପର୍ଯ୍ୟନ୍ତ ସ୍ପଷ୍ଟରୁପେ ଆକଳନ କରି ପାରି ନାହାନ୍ତି ମାତ୍ର ବିଚାର କଲେ ଜଣାଯିବ ଯେ ଗୀତାର ପ୍ରତ୍ୟେକ ଶବ୍ଦରେ ଜାଣିବାର ଓ ବିଚାର କରିବାର କଥା ନିହିତ ରହିଛି ।ଉପର ଲିଖିତ ପାରାଗ୍ରାଫ୍ ରେ ଯାହା କୁହାଗଲା ତାହାକୁ ବର୍ତ୍ତମାନ ପାଇଁ ସାରଗର୍ଭକ ବିଷୟ ଧରି ନିଆଯାଇ ପାରେ । ପାଠକେ ଏହା ମଧ୍ୟରେ ପ୍ରବେଶ କରି ବିଷୟଗୁଡିକୁ ରୋମନ୍ଥନ କଲେ ଅନ୍ୟ ଗୁରୁତ୍ୱପୁର୍ଣ୍ଣ ବିଷୟ ଲୋକ ଲୋଚନକୁ ଆସିପାରେ ।

*ବିନୀତ*
ହେମେନ୍ଦ୍ର ନାଥ ଦାଶ

## ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---

### *ଋଷ୍ୟାଦି*

ଓଁ ଶ୍ରୀ ଗଣେଶାୟ୍ ନମଃ ଓଁ ଶ୍ରୀ କୃଷ୍ଣାୟ୍ ନମଃ ଓଁ ଶ୍ରୀ ପରମାତ୍ମନେ ନମଃ
ଓଁ ଅସ୍ୟ ଶ୍ରୀମତ୍ ଭଗବତ୍ ଗୀତାମାଳା ମନ୍ତ୍ରସ୍ୟ,
ଭଗବାନ ବେଦବ୍ୟାସ ଋଷିଃ ,
ଅନୁଷ୍ଟୁପ୍ ଛନ୍ଦ ଶ୍ରୀ କୃଷ୍ଣଃ ପରମାତ୍ମା ଦେବତା
ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ଇତି ବିଜମ୍
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ଇତି ଶକ୍ତିଃ
ଅହଂ ତ୍ୱାଂ ସର୍ବ ପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୋଚ ଇତି କୀଳକମ୍ ଶ୍ରୀକୃଷ୍ଣ ପ୍ରୀତ୍ୟର୍ଥେ ପାଠେ ବିନିଯୋଗଃ

### *କରନ୍ୟାସ*

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ  ଇତିଅଙ୍ଗୁଷ୍ଠାଭ୍ୟାଂ ନମଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତ ଇତି ତର୍ଜନୀଭ୍ୟାଂ ସ୍ୱାହା
ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଳେଦ୍ୟୋଽଶୋଷ୍ୟ ଏ ବଚ ଇତି ମଧ୍ୟମାଭ୍ୟାଂ ବୌଷଟ୍
ନିତ୍ୟ ସର୍ବଗତଃ ସ୍ଥାଣୁରଚଳୋୟଂ ସନାତନ ଇତି ଅନାମିକାଭ୍ୟା ହୁଁ
ପଶ୍ୟ ମେ ପାର୍ଥ ରୁପାଣି ଶତଶୋଥଃ ସହସ୍ରଶଃ ଇତି କନିଷ୍ଠାଭ୍ୟାଂ ବୌଷଟ୍
ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ଇତି କରତଳ କରପୃଷ୍ଠାଭ୍ୟାଂ ଅସ୍ତ୍ରାୟ୍ ଫଟ୍ ।

## ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---

*ଅଙ୍ଗନ୍ୟାସ*

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକ ଇତିହୃଦୟାୟ ନମଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତ ଇତି ଶିରସି ସ୍ୱାହା
ଅଛେଦ୍ୟୋଽୟମଦାହ୍ୟୋଽୟମକ୍ଳେଦ୍ୟୋଽଶୋଷ୍ୟ ଏ ବଚ ଇତି ଶିଖାୟ ବୌଷଟ୍
ନିତ୍ୟ ସର୍ବଗତଃ ସ୍ଥାଣୁରଚଳୋୟଂ ସନାତନ ଇତି କବଚାୟଂ ହୁଁ
ପଶ୍ୟ ମେ ପାର୍ଥ ରୁପାଣି ଶତଶୋଥଃ ସହସ୍ରଶଃ ଇତି ନେତ୍ରାଭ୍ୟାଂ ବୌଷଟ୍
ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ଇତି କରତଳ କରପୃଷ୍ଠାଭ୍ୟାଂ ଅସ୍ତ୍ରାୟ ଫଟ୍ ।

ଧ୍ୟାନଂ

୧ ଓଁ ପାର୍ଥାୟ ପ୍ରତିବୋଧିତାଂ ଭଗବତା ନାରାୟଣେନ ସ୍ୱୟଂ
ବ୍ୟାସେନ ଗ୍ରଥିତା ପୁରାଣମୁନିନା ମଧ୍ୟେମହାଭାରତମ୍ ।
ଅଦ୍ୱୈତାମୃତବର୍ଷିଣୀଂ ଭଗବତୀମଷ୍ଟାଦଶାଧ୍ୟାୟିନୀ
ମମ୍ବ ତ୍ୱାମନୁ ସନ୍ଦଧାମି ଭଗବତ୍ ଗୀତେ ଭବଦ୍ୱେଷିଣୀମ୍ ।

ଅର୍ଥ- ଭଗବାନ୍ ନାରାୟଣ ନିଜେ ଅର୍ଜୁନଙ୍କୁ ମହାଭାରତ ଯୁଦ୍ଧ ସମୟରେ ଯେଉଁ ଜ୍ଞାନୋପଦେଶ ଦେଇଥିଲେ ତାହାକୁ ପ୍ରାଚିନ ମୁନି ବ୍ୟାସଦେବ ଜଗତ କଲ୍ୟାଣ ଆଶାରେ ଏକ ଅଦ୍ୱିତୀୟ ଅମୃତବୃଷ୍ଟି କାରିଣୀ ଭବ କଳ୍ମଷ ହାରିଣୀ ଭଗବତ୍‌ଗୀତା ରୁପେ ସଙ୍କଳନ କରିଛନ୍ତି । ହେ ମାତେ ଭଗବତୀ ଗୀତେ ମୁଁ ତୁମକୁ ଧ୍ୟାନ କରୁଛି ।

୨ ନମୋସ୍ତୁତେ ବ୍ୟାସ ବିଶାଳ ବୁଦ୍ଧେ ଫୁଲ୍ଲାରବିନ୍ଦାୟତ ପତ୍ରନେତ୍ର
ଯେନ ତ୍ୱୟା ଭାରତ ତୈଳପୂର୍ଣ୍ଣଃ ପ୍ରଜ୍ୱାଳିତ ଜ୍ଞାନମୟ ପ୍ରଦୀପଃ ।

---

ଅର୍ଥ - ହେ ପଦ୍ମପାଖୁଡାପରି ବିଶାଳ ନେତ୍ର ଓ ବିଶାଳ ବୁଦ୍ଧି ବିଶିଷ୍ଟ ଭଗବାନ୍ ବ୍ୟାସ ଦେବ ଆପଣ ଜ୍ଞାନମୟ ପ୍ରଦୀପକୁ ଭାରତତୈଳ ଦ୍ୱାରା ପ୍ରଜ୍ୱଳିତ କରିଛନ୍ତି । ମୁଁ ଆପଣଙ୍କୁ ନମସ୍କାର କରୁଛି ।

୩ ପ୍ରପନ୍ନ ପାରିଜାତାୟ ତୋତ୍ରବେତ୍ରୈକପାଣୟେ
ଜ୍ଞାନମୁଦ୍ରାୟ କୃଷ୍ଣାୟ ଗୀତାମୃତଦୁହେ ନମଃ

ଅର୍ଥ- ଯେ ଶରଣାଗତର ଅଭିଷ୍ଟ ପୁରଣ ପାଇଁ ଗୋଟିଏ ହସ୍ତରେ ପରିଜାତ ପୁଷ୍ପଧରି ଥାନ୍ତି ଓ ଶରଣାଗତକୁ ଜାଗ୍ରତ କରାଇବା ଅପର ହାତରେ ବେତ୍ର ରୁପି ଜ୍ଞାନମୁଦ୍ରା ସୃଷ୍ଟିକରି ଗୀତା ରୂପକ ଅମୃତ ଦୋହନ କରୁଥାନ୍ତି, ସେଇ କୃଷ୍ଣଙ୍କୁ ମୋର ନମସ୍କାର ।

୪ ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ
ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ।

ଅର୍ଥ- ସବୁ ଉପନିଷଦ ଦୁଗ୍ଧବତୀ ଗାଇ ସଦୃଶ ଓ ଅର୍ଜୁନ ବାଛୁରି ପରି । ଦୁଗ୍ଧ ଦୋହନ କାରି ଗୋପାଳ ନନ୍ଦନ କୃଷ୍ଣ ଶୁଦ୍ଧ ବୁଦ୍ଧି ସମ୍ପନ୍ନ ମନୁଷ୍ୟ ମାନଙ୍କ ପାଇଁ ଗୀତା ଅମୃତ ପରି ମହାନ ଦୁଗ୍ଧ ବିତରଣ କରୁଛନ୍ତି ।

୫ ବସୁଦେବସୁତଂ ଦେବଂ କଂସଚାଣୁର ମର୍ଦ୍ଦନମ୍
ଦେବକୀପରମାନନ୍ଦମ୍ କୃଷ୍ଣଂ ବନ୍ଦେ ଜଗଦ୍ ଗୁରୁମ୍

---

ଅର୍ଥ- ବସୁଦେବଙ୍କ ସୁତ, କଂସ ଚାଣୁର ଦୈତ୍ୟଙ୍କୁ ମର୍ଦ୍ଦନକାରି ଓ ଦେବକୀ ଦେବୀଙ୍କ ପରମ ଆନନ୍ଦ ବର୍ଦ୍ଧନ କାରି ଜଗଦ୍ ଗୁରୁ ଭଗବାନ କୃଷ୍ଣଙ୍କୁ ବନ୍ଦନା କରୁଛି ।

୬ ଭୀଷ୍ମଦ୍ରୋଣତଟା ଜୟଦ୍ରଥ ଜଳା ଗାନ୍ଧାରନୀଳୋତ୍ପଳା
ଶଲ୍ୟଗ୍ରାହବତୀ କୃପେଣ ବହନୀ କର୍ଣ୍ଣେନ ବେଳାକୁଳା
ଅଶ୍ୱତ୍ଥାମାବିକର୍ଣ୍ଣ ଘୋରମକରା ଦୂର୍ଯ୍ୟୋଧନାବର୍ତ୍ତିନୀ
ସୋତ୍ତୀର୍ଣ୍ଣା ଖଳୁ ପାଣ୍ଡବୈ ରଣନଦୀ କୈବର୍ତ୍ତକଃ କେଶବଃ

ଅର୍ଥ- ଯେଉଁ ରଣନଦୀରେ ଭୀଷ୍ମ ଦ୍ରୋଣ ବୀର ଦ୍ୱୟ ଦୁଇ ତଟ, ଜୟଦ୍ରଥ ରୂପକ ଜଳଥିଲା, ଗାନ୍ଧାର ରାଜା ଶକୁନି ପରି ନୀଳକଇଁ ଥିଲା, ଶଲ୍ୟଙ୍କ ପରି କୁମ୍ଭୀର, କୃପାଚାର୍ଯ୍ୟ ଥିଲେ ସ୍ରୋତ ପରି, କର୍ଣ୍ଣଙ୍କ ପରି ତରଙ୍ଗ ଦୁଇ କୂଳକୁପ୍ରଚଣ୍ଡ ତରଙ୍ଗାଇତ କରୁଥିଲା, ଆଉ ଦୂର୍ଯ୍ୟୋଧନ ପରି ପ୍ରଚଣ୍ଡ ଜଳ ଭଉଁରି ଥିଲା ସେଇ ରଣନଦୀକୁ କେଶବ କୃଷ୍ଣଙ୍କ ପରି ନାବିକ ଦ୍ୱାରା ପାଣ୍ଡବମାନେ ପାର ହୋଇଗଲେ ।

୭ ପାରାଶର୍ଯ୍ୟବଚଃସରୋଜମମଳଂ ଗୀତାର୍ଥଗନ୍ଧୋତ୍କଟଂ
ନାନାଖ୍ୟାନକକେଶରଂ ହରିକଥାସମ୍ବୋଧନାବୋଧିତଂ
ଲୋକେ ସଜ୍ଜନଷଟ୍ପଦୈରହରହଃ ପେପୀୟମାନଂ ମୁଦା
ଭୂୟାଦ୍ ଭାରତପଙ୍କଜଂ କଲିମଳପ୍ରଧ୍ୱଂସି ନଃ ଶ୍ରେୟସେ

ଅର୍ଥ ପରାଶରଙ୍କ ବଂଶଜ ବ୍ୟାସଦେବଙ୍କ ସଂକଳିତ ଗୀତା , ଏକ ଅମ୍ଳାନ ତଥା କଳିର ସକଳ ପାପ ତାପ ବିନାଶକାରୀ ସରୋଜ ବା ଏକ ପଦ୍ମଫୁଲ ହେଲେ

---

ଗୀତାର୍ଥ ଏହି ଫୁଲର ସୁଗନ୍ଧ, ଗୀତାରେ ଯେତେ ଉପାଖ୍ୟାନର ବିବରଣୀ ଉଦ୍ଧାର କରାଯାଇଛି ତାହା ସବୁ ଏହି ପଦ୍ମର କେଶର ଏବଂ ସାଧୁ ସନ୍ଥ ଓ ସଜ୍ଜନବୃନ୍ଦ ଭ୍ରମର ପରି ଏହି ପଦ୍ମର ମଧୁ ଆନନ୍ଦରେ ପାନ କରିଚାଲିଛନ୍ତି ।

୮ ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।

ଅର୍ଥ ହେ ପରମ ଆନନ୍ଦ ପ୍ରଦାନ କାରି ମାଧବ ତୁମ କୃପାରୁ ମୂକ କଥାକହିପାରେ ପଙ୍ଗୁ ଦୂରାରୋହ ଗିରି ଅତିକ୍ରାନ୍ତ କରିପାରେ ମୁଁ ତୁମକୁ ବନ୍ଦନା କରୁଛି ।

୯ ଓଁ ଯଂ ବ୍ରହ୍ମା ବରୁଣେନ୍ଦ୍ର ରୁଦ୍ର ମରୁତ ସ୍ତୁନ୍ୱନ୍ତି ଦିବୈଃ ସ୍ତବୈଃ
ବେଦୈଃ ସାଙ୍ଗପଦ କ୍ରମୋପନିଷଦୈଃ ଗାୟନ୍ତି ଯଂ ଶାମଗାଃ
ଧ୍ୟାନାବସ୍ଥିତ ତଦ୍ଗତେନ ମନସା ପଶ୍ୟନ୍ତି ଯଂ ଯୋଗୀନଃ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁରଗଣୈଃ ଦେବାୟ ତସ୍ମୈଃ ନମଃ ।

ଅର୍ଥ ପରମବ୍ରହ୍ମ ସର୍ବଦା ଅଚିନ୍ତ୍ୟ, ଅବେଦ୍ୟ, ଅଦୃଶ୍ୟ, ଅରୂପ, ମାତ୍ର ଅନୁଭବ୍ୟ, ତାଙ୍କୁ ଯାଣିବା ବା ଲାଭ୍ କରିବା କଷ୍ଟତମ । ଯାହାଙ୍କୁ ବ୍ରହ୍ମା ବରୁଣ ରୁଦ୍ର ମରୁତ ଓ ଦେବତାମାନେ ସ୍ତବ କରନ୍ତି, ବେଦ ଉପନିଷଦ ମାଧ୍ୟମରେ ଶାମବେଦ୍ମୀମାନେ ଯାହାଙ୍କ ଗରିମା ଗାନ କରନ୍ତି, ଯୋଗୀମାନେ ଧ୍ୟାନମଗ୍ନ ହୋଇ ଯାହାଙ୍କୁ ଅନୁଭବ କରି ପାରନ୍ତି ଓ ଦେବାସୁର ମାନେ ଯାହାଙ୍କ ଅସ୍ତିତ୍ୱ ଯାଣି ପାରନ୍ତି ନାହିଁ ସେହି ଦେବଙ୍କୁ ମୋର କୋଟି କୋଟି ପ୍ରଣାମ ।

# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---

ଶ୍ରୀ ଗୁରୁ ପରମାତ୍ମନେ ନମଃ

## ପ୍ରଥମ ଅଧ୍ୟାୟ୍

## ଅର୍ଜୁନ ବିଷାଦ ଯୋଗଃ

ଧୃତରାଷ୍ଟ୍ର ଉବାଚ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ଏକତ୍ରିତ ଯୁଦ୍ଧାଭିଳଷି ସମସ୍ତ
ଆତ୍ମପକ୍ଷ ପଣ୍ଡୁପୁତ୍ରେ ହେ ସଞ୍ଜୟ୍ କଅଣ କଲେ ନିଶ୍ଚିତ ।୧

ସଞ୍ଜୟ୍ ଉବାଚ

ପାଣ୍ଡବ ସେନାଙ୍କ ବ୍ୟୂହ ନିରୀକ୍ଷଣ କରି ରାଜା ଦୂର୍ଯୋଧନ
ଆଚାର୍ଯ୍ୟଙ୍କ ନିକଟକୁ ଚଳିଯାଇ କହିଲେ ଏହି ବଚନ ।୨
ଦେଖନ୍ତୁ ପଣ୍ଡୁପୁତ୍ରଙ୍କ, ହେ ଆଚାର୍ଯ୍ୟ, ଏହିଯେ ବିଶାଳ ସେନା
ଦ୍ରୁପଦପୁତ୍ର ଧୀମାନ୍ ତବଶିଷ୍ୟ ତାହାର ବ୍ୟୂହ ରଚନା ।୩
ଏଠି ଛନ୍ତି ବୀର ଯୋଦ୍ଧା ଧନୁର୍ଦ୍ଧାରୀ ଭୀମ ଅର୍ଜୁନଙ୍କ ସମ
ସାତ୍ୟକି ବିରାଟରାଜ ମହାରଥୀ ଦ୍ରୁପଦଙ୍କ ସମକ୍ଷମ ।୪

---

୧ ହେ ସଞ୍ଜୟ୍, ଯୁଦ୍ଧ କରିବା ପ୍ରୟାସରେ ଆତ୍ମ ପକ୍ଷର ସୈନ୍ୟ ଓ ପାଣ୍ଡବ ସେନା ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଏକତ୍ରିତ ହୋଇ କଅଣ କଲେ ।

୨ ପାଣ୍ଡବ ସେନାଙ୍କ ବ୍ୟୂହରଚନା ଦେଖି ରାଜା ଦୂର୍ଯୋଧନ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ ଏହି କଥା କହିଲେ........

୩ ଗୁରୁ, ଦ୍ରୋଣାଚାର୍ଯ୍ୟ ଦେଖନ୍ତୁ, ଆପଣଙ୍କ ଶିଷ୍ୟ ଦ୍ରୁପଦ ପୁତ୍ର ଧୃଷ୍ଟଦ୍ୟୁମ୍ନଙ୍କ ବୁଦ୍ଧି ନିର୍ଦ୍ଦେଶିତ ବ୍ୟୂହ ମଧ୍ୟରେ ସଜ୍ଜିତ ଥିବା ପାଣ୍ଡବ ମାନଙ୍କ ବିରାଟ ସେନା ।

୪ ଏଠାରେ ଭୀମ ଅର୍ଜୁନଙ୍କ ପରି ବୀର ଯୋଦ୍ଧା ଓ ଧନୁର୍ଦ୍ଧାରୀ ଅଛନ୍ତି ଏବଂ ସାତ୍ୟକି , ବିରାଟ ରାଜା ଓ ଦ୍ରୁପଦଙ୍କ ପରି ମହାରଥୀ ମଧ୍ୟ ଅଛନ୍ତି ।

---

ଧୃଷ୍ଟକେତୁ ଚେକିତାନ  ବଳଶାଳୀ  ବିଦ୍ୟମାନ କାଶିରାଜ
ପୁରୁଜିତ୍ ଶିବପୁତ୍ର  ନରଶ୍ରେଷ୍ଠ  ସମ ସ୍ଥିତ କୁନ୍ତିଭୋଜ   ।୫
ବଳଶାଳୀ ଯୁଧାମନ୍ୟୁ  ରହିଛନ୍ତି  ବୀରଶ୍ରେଷ୍ଠ ଉତ୍ତମୌଜା
ଶୁଭଦ୍ରା ନନ୍ଦନ ଶ୍ରେଷ୍ଠ  ମହାରଥୀ  ସହ ଦ୍ରୌପଦୀ ଆତ୍ମଜା ।୬
ଆମ୍ଭର ପ୍ରମୁଖ ବ୍ୟକ୍ତି  ଯେଉଁମାନେ  ହେ ଦ୍ୱିଜୋତ୍ତମ ଜାଣନ୍ତୁ
ଆମ୍ଭର ସେନା ନାୟକ  ସମ୍ବନ୍ଧରେ  କହୁଛି ମନେ ଗୁଣନ୍ତୁ     ।୭
ଆପଣଙ୍କ ସହ ଭୀଷ୍ମ  ପିତାମହ  ଜୟୀ କୃପାଚାର୍ଯ୍ୟ କର୍ଣ୍ଣ
ଅଶ୍ୱତ୍ଥାମା ସୌମଦତ୍ତି  ଜୟଦ୍ରଥ  ଅଛନ୍ତି ମଧ୍ୟ ବିକର୍ଣ୍ଣ     ।୮
ଅନ୍ୟାନ୍ୟ ବହୁତ ବୀର  ମୋପାଇଁ ଯେ  ଜୀବନ ଦାନେ ପ୍ରସ୍ତୁତ
ନାନାବିଧ ଅସ୍ତ୍ରଶସ୍ତ୍ରେ  ସୁସଜ୍ଜିତ  ସର୍ବେ ଯୁଦ୍ଧେ ବିଶାରଦ       ।୯

---

୫ ଧୃଷ୍ଟକେତୁ ଚେକିତାନ ଓ କାଶିରାଜ ପରି ବଳିଷ୍ଠ, ଶୈବ୍ୟ, ପୁରୁଜିତ୍ ଓ କୁନ୍ତିଭୋଜଙ୍କ ପରି ନରଶ୍ରେଷ୍ଠ ମଧ୍ୟ ଅଛନ୍ତି ।

୬ ଏଠାରେ ବଳଶାଳୀ ଯୁଧାମନ୍ୟୁ ବୀର ଉତ୍ତମୌଜା  ଶୁଭଦ୍ରା ନନ୍ଦନ  ଅଭିମନ୍ୟୁ ଓ ଦ୍ରୌପଦୀ କୁମାରମାନଙ୍କ ପରି ମହାରଥୀମାନେ ମଧ୍ୟ ଅଛନ୍ତି ।

୭ ଆମ୍ଭର ଯେଉଁମାନେ ମୂଖ୍ୟ ଅଛନ୍ତି, ହେ ଦ୍ୱିଜୋତ୍ତମ ମୁଁ ସେମାନଙ୍କ ନାମ ଆପଣଙ୍କ ଗୋଚରାର୍ଥେ କହି ଦେଉଛି ଏବଂ ଆପଣ ସେମାନଙ୍କୁ ଜାଣନ୍ତୁ ।

୮ ଆପଣଙ୍କ ସହ ଭୀଷ୍ମ ପିତାମହ ଦୀଗ୍ ବିଜୟୀ କର୍ଣ୍ଣ କୃପାଚାର୍ଯ୍ୟ , ଅଶ୍ୱତ୍ଥାମା ସୋମଦତ୍ତଙ୍କ ପୁତ୍ର ଜୟଦ୍ରଥ ଓ ବିକର୍ଣ୍ଣ ମଧ୍ୟ ଅଛନ୍ତି ।

୯ ମୋ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ଥିବା ଆହୁରି ଅନେକ ବୀର ଅଛନ୍ତି ଯେଉଁମାନେ ବିଭିନ୍ନ ପ୍ରକାର ଯୁଦ୍ଧାସ୍ତ୍ର ଦ୍ୱାରା ସଜ୍ଜିତ ଅଛନ୍ତି ଏବଂ ସେମାନେ ସୁଦକ୍ଷ ଯୋଦ୍ଧା ମଧ୍ୟ ।

---

ଅସମର୍ଥ ଜଣାଯାଏ  ଆମ୍ଭସେନା  ଯାହା ଭୀଷ୍ମ ସଂରକ୍ଷିତ
ସମର୍ଥ କିନ୍ତୁ ସେମାନେ  ତାଙ୍କସେନା  ଯାହା ଭୀମ ସଂରକ୍ଷିତ ।୧୦
ବ୍ୟୂହର ସକଳ ପଥେ  ସ୍ଥିତରହି  ସର୍ବେ ନିଜ ନିଜ ଦ୍ୱାରେ
ଅଭିରକ୍ଷନ୍ତୁ ଆପଣ  ପିତାମହେ  ରହି ସର୍ବତୋ ଭାଗରେ  ।୧୧
ତା ଆନନ୍ଦ ଜାତକରି  ପ୍ରତାପି ସେ  କୁରୁବୃଦ୍ଧ ପିତାମହ
ସିଂହର ଗର୍ଜନ ସମ  ବଜାଇଲେ  ଶଙ୍ଖନାଦ ଗହଗହ  ।୧୨
ତାପରେ ଅନେକ ଶଙ୍ଖ ଓ ନାଗରା ଢୋଲକ ଶିଂଘା ମର୍ଦଳ
ସହସା ଏକସଙ୍ଗରେ ନିନାଦିତ ଜନ୍ମାଇ ଶବ୍ଦ ତୁମୁଳ ।୧୩

---

୧୦   ଭୀଷ୍ମ ପିତାମହ ଆମର ଯେଉଁ ସେନା ପରିଚାଳନା କରୁଛନ୍ତି ତାହା ଜଣାଯାଏ ବିଜୟ ପ୍ରାପ୍ତିରେ ଅସମର୍ଥ କିନ୍ତୁ ଭୀମ ଦ୍ୱାରା ପରିଚାଳିତ ସେନା ଯଥେଷ୍ଟ ସମର୍ଥ ଥିଲାପରି ଜଣା ଯାଉଛନ୍ତି ।

୧୧   ଆପଣ (ଦ୍ରୋଣାଚାର୍ଯ୍ୟ) ଓ ଅନ୍ୟମାନେ ନିଜ ନିଜ  ସେନା ବ୍ୟୂହର ପ୍ରବେଶ ଦ୍ୱାରରେ ଦୃଢତା ପୂର୍ବକ ଉପସ୍ଥିତ ରହି ସବୁ ଦିଗରୁ  ସବୁପ୍ରକାରେ ପିତାମହଙ୍କୁ ସୁରକ୍ଷିତ ରଖନ୍ତୁ ।

୧୨   ତା ଆନନ୍ଦ ଅର୍ଥ ଦୂର୍ଯ୍ୟୋଧନର ଆନନ୍ଦ ଉତ୍ପନ୍ନ କରିବାପାଇଁ ମହାପ୍ରତାପୀ କୂଳଶ୍ରେଷ୍ଠ ପିତାମହ ଭୀଷ୍ମ , ସିଂହ ଗର୍ଜନ ପରି ଉଚ୍ଚସ୍ୱରେ ଶଙ୍ଖ ବଜାଇଲେ ଅର୍ଥାତ୍ ଯୁଦ୍ଧର ଆରମ୍ଭ ପାଇଁ ସଙ୍କେତ  ଦେଲେ ।

୧୩   ତା ପରେ ପରେ ଏକ ସଙ୍ଗରେ ଅନେକ ଶଙ୍ଖ ନାଗରା ଢୋଲକ ମାଦଲ ଇତ୍ୟାଦି ବାଜିଉଠିଲା ଯେ ତାହା ତୁମୁଳ ଶବ୍ଦରେ ଚତୁର୍ଦିଗ  କମ୍ପାଇ ଦେଲା ।

---

ତାହାପରେ ଶ୍ୱେତଅଶ୍ୱ ସଂଯୋଚିତ ଦିବ୍ୟରଥେ ଅବସ୍ଥିତ
ମାଧବ ପାଣ୍ଡବ ମଧ୍ୟ ପ୍ରତ୍ୟୁତ୍ତରେ ଦିବ୍ୟ ଶଙ୍ଖ ନିନାଦିତ ।୧୪
ହୃଷୀକେଶ ନିନାଦିତ ପାଞ୍ଚଜନ୍ୟ ଧନଞ୍ଜୟ ଦେବଦତ୍ତ
ପୌଣ୍ଡ୍ରନାମେ ମହା ଶଙ୍ଖ ଭୀମକର୍ମା ବୃକୋଦର ନିନାଦିତ ।୧୫
କୁନ୍ତୀପୁତ୍ର ଯୁଧିଷ୍ଠିର ବଜାଇଲେ ଅନନ୍ତବିଜୟ ଶଙ୍ଖ
ନକୁଳ ଓ ସହଦେବ ଯଥାକ୍ରମେ ସୁଘୋଷ ମଣିପୁଷ୍ପକ ।୧୬
ଶ୍ରେଷ୍ଠ ଧନୁର୍ଦ୍ଧର ମଧ୍ୟେ କାଶୀରାଜା ଶିଖଣ୍ଡୀ ଯେ ମହାରଥୀ
ବିରାଟ ରାଜା ସଙ୍ଗତେ ଧୃଷ୍ଟଦ୍ୟୁମ୍ନ ଅପରାଜିତ ସାତ୍ୟକ୍ତ ।୧୭
ଦ୍ରୁପଦ ଦ୍ରୌପଦୀସୁତେ ସର୍ବବୀର ରାଜନ ପୃଥିବୀ ପତି
ଶୁଭଦ୍ରା କୁମାର ବୀର ନିନାଦିତ ଭିନ୍ନ ଭିନ୍ନ ଶଙ୍ଖ ଧୃତି ।୧୮

---

୧୪ ପ୍ରତ୍ୟୁତ୍ତରରେ ଶ୍ରୀକୃଷ୍ଣ ଓ ଅର୍ଜୁନ ଧଳା ଅଶ୍ୱ ଯୋଚାଯାଇଥିବା ଚମତ୍କାର ରଥରେ ବିଦ୍ୟମାନ ଥାଇ ଦୁଇଟି ଦିବ୍ୟ ଶଙ୍ଖ ବଜାଇଲେ ।

୧୫ ଶ୍ରୀକୃଷ୍ଣ ଓ ଅର୍ଜୁନ ଯେଉଁ ଦୀବ୍ୟଶଙ୍ଖ ବଜାଇଥିଲେ ତାହା ହେଉଛି ପାଞ୍ଚଜନ୍ୟ ଦେବଦତ୍ତ ଆଉ ବଳୀୟାନ ଭୀମକର୍ମା ବୃକୋଦର ପୌଣ୍ଡ୍ର ନାମକ ବିରାଟ ଶଙ୍ଖ ବଜାଇଲେ ।

୧୬ କୁନ୍ତୀପୁତ୍ର ରାଜା ଯୁଧିଷ୍ଠିର ଅନନ୍ତବିଜୟ ନାମକ ଶଙ୍ଖ, ନକୁଳ ସୁଘୋଷ ଓ ସହଦେବ ମଣିପୁଷ୍ପକ ନାମକ ଶଙ୍ଖ ବଜାଇଲେ ।

୧୭ ଶ୍ରେଷ୍ଠ ଧନୁର୍ଦ୍ଧର କାଶୀରାଜା,ମହାରଥୀ,ଶିଖଣ୍ଡୀ ଓ ଅପରାଜିତ ବିରାଟ , ଧୃଷ୍ଟଦ୍ୟୁମ୍ନ ,ସାତ୍ୟକ୍ତ ଏବଂ ........

୧୮ ହେ ପୃଥିବୀ ପତି ରାଜନ୍ (ଏଠାରେ ରାଜା ଧୃତରାଷ୍ଟ୍ରଙ୍କୁ ସଞ୍ଜୟ **ସମ୍ବୋଧନକରି** କହୁଛନ୍ତି)ଦ୍ରୁପଦରାଜା,ଦ୍ରୌପଦୀକୁମାରମାନେ, ଶୁଭଦ୍ରା କୁମାର ବୀର ଅଭିମନ୍ୟୁ ପୃଥକ ପୃଥକ ଶଙ୍ଖଧରି ନିନାଦକଲେ ।

---

ସେ ଭୀଷଣ ଶବ୍ଦ ଘୋଷେ କୁରୁ ପକ୍ଷ ହୃଦୟାଦି ବିଦାରିତ
ଆକାଶ ପୃଥିବୀ ସର୍ବ ହୋଇଗଲା ତୁମୁଳ ଶବ୍ଦେ କମ୍ପିତ ।୧୯
ଧୃତରାଷ୍ଟ୍ର ପକ୍ଷ ସେନା ବ୍ୟବସ୍ଥିତ, ଶସ୍ତ୍ର ପ୍ରହାରେ ଉଦ୍ୟଣ
ଦେଖି ଏସବୁ ଅର୍ଜ୍ଜୁନ କପିଧ୍ୱଜେ କଲେ ଧନୁ ଉତ୍ତୋଳନ ।୨୦

ଅର୍ଜୁନ ଉବାଚ

ତାପରେ ହେ ମହିପତି ହୃଷୀକେଶେ କଲେ ଏହି ନିବେଦନ
ଉଭୟସେନାର ମଧ୍ୟେ ହେ ଅଚ୍ୟୁତ ରଥ କରନ୍ତୁ ସ୍ଥାପନ ।୨୧
ନିରେକ୍ଷୀଣ ପାରିବି ମୁଁ ଯେଉଁମାନେ ଯୁଦ୍ଧଲିପ୍ସୁ ଉପସ୍ଥିତ
ସମୁଦ୍ୟଣ ରଣେ ଯାଣି ପାରିବି ମୁଁ କାସଙ୍ଗେ ଯୁଦ୍ଧ ଉଚିତ ।୨୨

---

୧୯ ସେଇ ଭୀଷଣ ଶଙ୍ଖ ଶବ୍ଦରେ ଆକାଶ ପୃଥିବୀ ପ୍ରକମ୍ପିତ ହୋଇ ଧୃତରାଷ୍ଟ୍ରଙ୍କ ପକ୍ଷର ସମସ୍ତଙ୍କ ହୃଦୟ ବିଦାରଣ କଲା ।
୨୦-୨୧ଏଠାରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ସମ୍ବୋଧନ କରୁଛନ୍ତି, ହେ ରାଜନ୍ ସୁସଜ୍ଜିତ ହୋଇ ଶସ୍ତ୍ର ଚାଳନା କରିବାକୁ ଉଦ୍ୟତ ହୋଇଥିବା ଆପଣଙ୍କ ପକ୍ଷର ସୈନ୍ୟ ସମାବେଶ ଦେଖି କପିଧ୍ୱଜ ରଥରେ ବସିଥିବା ଅର୍ଜୁନ, କୃଷ୍ଣଙ୍କୁ କହିଲେ ହେ ଅଚ୍ୟୁତ ମୋ ରଥକୁ ଦୟାକରି ଦୁଇ ସେନା ମଧ୍ୟଭାଗରେ ସ୍ଥାପନ କରନ୍ତୁ ।
୨୨ ଫଳରେ ଯୁଦ୍ଧ ଅଭିଳାସରେ ଯେଉଁମାନେ ଏଠାରେ ଉପସ୍ଥିତ ଅଛନ୍ତି ମୁଁ ସେମାନଙ୍କୁ ଦେଖିପାରିବି ଓ ମୋର କାହା ସହିତ ଯୁଦ୍ଧ କରିବା ଉଚିତ ତାହା ମୁଁ ଜାଣି ପାରିବି ।

---

ଯୁଦ୍ଧ ଅଭିଳାଶି ଯିଏ ସମାଗତ ଉତ୍ତମ ରୂପେ ଦେଖିବି
ମନ୍ଦବୁଦ୍ଧି ଦୂର୍ଯୋ୍ୟାଧନର ପ୍ରୀୟତା ଆଶାର୍ଯ୍ୟୀ କିଏ ଜାଣିବି ।୨୩

ସଞ୍ଜୟ୍ ଉବାଚ

ହେ ଭରତ ବଂଶୋଭବ, ହୃଷୀକେଶ ଅର୍ଜୁନ ଭାରତୀ ଶୁଣି
ଦୁଇ ସେନା ମଧ୍ୟଭାଗେ ସଂସ୍ଥାପିଲେ ଉତ୍ତମ ରଥକୁ ଆଣି ।୨୪
ଭୀଷ୍ମ ଦ୍ରୋଣ ପ୍ରମୁଖଙ୍କ ସହସବୁ ମହିପାଳଙ୍କସମ୍ମୁଖ
ସମବେତ କୁରୁବଂଶୀ, ଏମାନଙ୍କୁ ,କହିଲେ ହେ ପାର୍ଥ ଦେଖ ।୨୫
ସେଠାରେ ଦେଖିଲେ ପାର୍ଥ ଉପସ୍ଥିତ ପିତୃବ୍ୟ ଓ ପିତାମହ
ଆଚାର୍ଯ୍ୟମାନେ ମାତୁଳ ଭ୍ରାତୃ ପୁତ୍ର ସମ ପୌତ୍ର ସଖା ସହ ।୨୬

---

୨୩ ପୁନଶ୍ଚ ଯୁଦ୍ଧ କରିବା ପାଇଁ ଯେଉଁମାନେ ଏଠାରେ ଉପସ୍ଥିତ ଅଛନ୍ତି ସେମାନଙ୍କୁ ଦେଖିପାରିବି ଓ ଯୁଦ୍ଧରେ ଯେଉଁମାନେ ମନ୍ଦବୁଦ୍ଧି ଦୂର୍ଯୋ୍ୟାଧନର ପ୍ରୀୟପାତ୍ର ହେବାକୁ ଇଛା କରିଛନ୍ତି ସେମାନଙ୍କୁ ଜାଣି ପାରିବି ।

୨୪ ହେ ଭରତ ବଂଶୋଭବ ରାଜା ଧୃତରାଷ୍ଟ୍ର , ଅର୍ଚ୍ଛୁନଙ୍କ ଠାରୁ ଏମନ୍ତ ଶୁଣି ଭଗବାନ ଶ୍ରୀକୃଷ୍ଣ ଉତ୍ତମ ରଥକୁ ଦୁଇ ସେନା ମଧ୍ୟରେ ସ୍ଥାପନ କଲେ ।

୨୫ ଭୀଷ୍ମ ଦ୍ରୋଣ ପ୍ରମୁଖଙ୍କ ସହ ସମସ୍ତ ମହିପାଳଙ୍କ ସମ୍ମୁଖରେ ଦିବ୍ୟରଥ ସ୍ଥାପନ କରି ଶ୍ରୀକୃଷ୍ଣ କହିଲେ ହେ ପାର୍ଥ ଏଠାରେ ଏକତ୍ରିତ ହୋଇଥିବା କୁରୁ ବଂଶୀୟ୍ ତଥା ଏମାନଙ୍କ ସହଯୋଗୀ ମାନଙ୍କୁ ଦେଖ

୨୬ ଅର୍ଚ୍ଛୁନ ଦେଖିଲେ ସେଠାରେ ପିତୃ ସ୍ଥାନୀୟ୍ ମାନେ ପିତାମହ ମାନେ ଆଚାର୍ଯ୍ୟ ମାନେ ମାତୁଳମାନେ ଭ୍ରାତା , ପୁତ୍ର ଓ ପୌତ୍ର ସ୍ଥାନୀୟ୍ ବ୍ୟକ୍ତି ମାନେ, ସଖାମାନେ ମଧ୍ୟ ଉପସ୍ଥିତ ଅଛନ୍ତି ।

---

ଶ୍ୱଶୁର ସୁହୃଦ ମାନେ ରହିଛନ୍ତି ଉଭୟ ସେନା ମଧ୍ୟରେ
ସମସ୍ତ ବାନ୍ଧବମାନେ ଛନ୍ତି ଦେଖି କୁନ୍ତିପୁତ୍ର ସମ୍ମୁଖରେ ।୨୭
କୃପା ପରବଶ ହୋଇ ଧନଞ୍ଜୟ କହିଲେ ବିଶାଦଗ୍ରସ୍ଥ

ଅର୍ଜ୍ଜୁନ ଉବାଚ

ଦେଖୁଛି ସ୍ୱଜନ ବନ୍ଧୁ ଆହେ କୃଷ୍ଣ ଯୁଦ୍ଧପାଇଁ ଉପସ୍ଥିତ ।୨୮
ଶିଥିଳ ହୋଇଯାଉଛି ଅଙ୍ଗମୋର ମୁଖହୁଏ ରସହିନ
ଥରଥର ହୁଏ ଦେହ, ଜାତହୁଏ ରୋମେରୋମେ ଆକୁଞ୍ଚନ ।୨୯
ଗାଣ୍ଡିବ ଖସେ ହସ୍ତରୁ ଜ୍ୱାଳାପିଡା ହୁଏ ସମସ୍ତ ଶରୀର
ଦଣ୍ଡାୟମାନ ମୁଁ ହୋଇ ନପାରଇ ଭ୍ରମହୁଏ ମନ ମୋର ।୩୦

---

୨୭-୨୮ଉଭୟ ସେନା ମଧ୍ୟରେ ଶ୍ୱଶୁରମାନଙ୍କୁ ସୁହୃଦମାନଙ୍କୁ ଦେଖିବାକୁ ପାଇଲେ ଓ ସମସ୍ତ ବନ୍ଧୁମାନେ ମଧ୍ୟ ଏଠାରେ ଉପସ୍ଥିତ ଅଛନ୍ତି । ସମସ୍ତେ ଯୁଦ୍ଧ ପାଇଁ ଉପସ୍ଥିତ ଦେଖି ବିଶାଦଗ୍ରସ୍ଥ ଅର୍ଜୁନ କହିଲେ----- ।

୨୯ ମୋର ଗାତ୍ର ଅର୍ଥାତ୍ ଶକ୍ତି ଶିଥିଳ ବା ଅବଶ ହୋଇ ଯାଉଛି ମୁଖ ଅର୍ଥାତ୍ ଗଳା ଶୁଖିଯାଉଛି,ସମସ୍ତ ଶରୀର ରେ କମ୍ପନ ଓ ରୋମାଞ୍ଚ ଯାତ ହେଉଛି ।

୩୦ ହାତରୁ ଗାଣ୍ଡିବ ଧନୁ ଖସି ପଡୁଛି, ଦେହସାରା ଦହନ ପିଡା ଅନୁଭବ କରୁଛି । ମୁଁ ଠିକ୍ ଭାବରେ ଠିଆ ହୋଇ ପାରୁନାହିଁ ଓ ମୋର ମନରେ ଭ୍ରମ ଆସୁଛି ।

---

କାରଣମାନ ଏଠାରେ ବିପରିତ ଦେଖୁଅଛି ହେ କେଶବ
ଶ୍ରେୟ କିଛି ଦେଖୁନାହିଁ ଏ ଯୁଦ୍ଧରେ ନାଶି ସ୍ୱଜନ ମାନବ ।୩୧
କାମନା ନାହିଁ ବିଜୟେ ହେ କେଶବ ନାହିଁ ରାଜ୍ୟେ ଓ ସୁଖରେ
ପ୍ରୟୋଜନ ନାହିଁ ରାଜ୍ୟ ରାଜଭୋଗ ନାହିଁ ମୋର ବଞ୍ଚିବାରେ ।୩୨
ଯେଉଁମାନଙ୍କ ସକାଶେ ପ୍ରୟୋଜନ ରାଜ୍ୟ, ଭୋଗ, ସୁଖଲିପ୍ସା
ସେମାନେ ଅଛନ୍ତି ଯୁଦ୍ଧେ ତ୍ୟାଗକରି ଧନ ଜୀବନର ଆଶା ।୩୩
ଆଚାର୍ଯ୍ୟ ପିତରମାନେ ପୁତ୍ରସବୁ ତଥା ପିତାମହମାନେ
ମାତୁଳ ଶ୍ୱଶୁରମାନେ ନାତିତଥା ଶାଳକେ ସମ୍ବନ୍ଧିମାନେ ।୩୪

---

୩୧ ହେ କେଶବ ଯେଉଁ ନିମିତ୍ତ ଏ ଯୁଦ୍ଧ ହେବ ତାର ବିପରିତ ଲକ୍ଷଣ ସବୁ ଦେଖୁଛି ।ନିଜର ସ୍ୱଜନ ମାନଙ୍କୁ ହତ୍ୟା କରି କିଛି ଶ୍ରେୟ ବା ମଙ୍ଗଳ ହେବ ବୋଲି ମୁଁ ଦେଖିପାରୁନାହିଁ ।

୩୨ ହେ କେଶବ ଆମ୍ଭର ବିଜୟପାଇଁ ,ରାଜ୍ୟ ତଥା ସୁଖ ପାଇଁ ମୋର କାମନା ନାହିଁ ।ମୋର ରାଜ୍ୟ ରାଜଭୋଗ ବି ପ୍ରୟୋଜନ ନାହିଁ। ତେଣୁ ବଞ୍ଚିରହିବାରେ ଲାଭ ବା କଅଣ ଅଛି ।

୩୩ ଯେଉଁମାନଙ୍କ ପ୍ରୟୋଜନ ପାଇଁ ଆମ୍ଭେ ରାଜ୍ୟ ଭୋଗ କାମନା କରି ଏଯୁଦ୍ଧ ଭୂମିରେ ଅବତୀର୍ଣ୍ଣ ହୋଇଛୁ ସେମାନେ ସେମାନଙ୍କର ଧନ ଜୀବନର ଆଶା ତ୍ୟାଗ କରି ଯୁଦ୍ଧରେ ପ୍ରାଣ ବଳି ଦେବାକୁ ଉପସ୍ଥିତ ଅଛନ୍ତି ।

୩୪ ଆଚାର୍ଯ୍ୟମାନେ,ପିତୃସ୍ଥାନୀୟମାନେ ପୁତ୍ରସ୍ଥାନୀୟମାନେ ପିତାମହ ମାନେ ମାମୁଁମାନେ ଶ୍ୱଶୁରମାନେ ନାତିମାନେ ଶଳାମାନେ ଓ ସମ୍ବନ୍ଧିମାନେ ......

---

ଏମାନଙ୍କ ହତ୍ୟାପାଇଁ ଇଛାନାହିଁ ହତ୍ୟା ହେଲେବି ମୋହର
ଏଥିପାଇଁ ପୃଥ୍ୱୀପ୍ରାପ୍ତି ଦୂରେଥାଉ ନୁହେଁ ତ୍ରିଲୋକ ପ୍ରାପ୍ତିର ।୩୫
ଧୃତରାଷ୍ଟ୍ର ବଂଶଜଙ୍କ ନିହତରେ କିସୁଖ ହେ ଜନାର୍ଦ୍ଦନ
ବରଂ ଆମ୍ଭେ ପାପ ହେବ କଲେହତ୍ୟା ଏହି ଆତତାୟୀଗଣ ।୩୬
ନୁହେଁ ଆମ୍ଭ ଉପଯୁକ୍ତ କଲେହତ୍ୟା କୁରୁପୁତ୍ରେ ସ୍ୱବାନ୍ଧବ
ସ୍ୱଜନ ହତ୍ୟାକରିଣ କିପରି ବା ସୁଖି ହେବୁ ହେ ମାଧବ ।୩୭
ଯେହେତୁ ଏମାନେ ଦେଖି ନପାରନ୍ତି ଲୋଭରେ ହତବିବେକ
କୁଳକ୍ଷୟେ ଯେତେଦୋଷ ମିତ୍ରଦ୍ରୋହେ ଲାଗିବ ଯେତେ ପାତକ ।୩୮
ପାପୁଁ ନିବୃତ ରହିବା ଜନାର୍ଦ୍ଦନ କାହିଁକି ନ ବିଚାରିବି
କୁଳକ୍ଷୟ କରିବାରେ ଜନାର୍ଦନ ଯେତେଦୋଷ ସ୍ପଷ୍ଟେଭାବି ।୩୯

---

୩୫ ଏମାନଙ୍କୁ ଯୁଦ୍ଧରେ ହତ୍ୟା କରିବାକୁ ମୋର ଇଛାନାହିଁ ଯଦି ଏମାନେ ମୋର ହତ୍ୟା କରି ଦିଅନ୍ତି । ଯୁଦ୍ଧରେ ପୃଥିବୀ ପ୍ରାପ୍ତି କଥା ଦୂରେ ଥାଉ ଏମାନଙ୍କୁ ହତ୍ୟାକରି ତ୍ରୀଲୋକ ପ୍ରାପ୍ତି ମଧ୍ୟ ମୁଁ ଚାହୁଁ ନାହିଁ ।

୩୬ ହେ ଜନାର୍ଦ୍ଦନ ଧୃତରାଷ୍ଟ୍ରଙ୍କ ପୁତ୍ର ପୌତ୍ରାଦି ଆତତାୟୀମାନଙ୍କୁ ହତ୍ୟା କଲେ ଆମ୍ଭଙ୍କୁ ସୁଖ ମିଳିବ ବରଂ ଏହି ଆତତାୟୀ ମାନଙ୍କୁ ହତ୍ୟାକଲେ ଆମ୍ଭଙ୍କୁ ଘୋର ପାପ ଘୋଟିଯିବ ।

୩୭ ହେ ମାଧବ ଆମ୍ଭର ଧୃତରାଷ୍ଟ୍ରଙ୍କ ବଂଶଧର ମାନଙ୍କୁ ଓ ନିଜର ବନ୍ଧୁ ବାନ୍ଧବ ମାନଙ୍କୁ ମାରିବା ଉପଯୁକ୍ତ ବିଷୟନୁହେଁ କାରଣ ସ୍ୱଜନଙ୍କୁ ମାରି କିପରି ବା ମୁଁ ସୁଖି ହୋଇ ପାରିବି ।

୩୮-୩୯ଲୋଭପରବଶରେ ବିବେକଶୂନ୍ୟ ହୋଇ ଏମାନେ ଦେଖି ପାରୁନାହାନ୍ତି ଯେ କୁଳକ୍ଷୟରେ କେତେଦୋଷ ଓ ମିତ୍ରଦ୍ରୋହରେ କେତେପାତକ । କୁଳକ୍ଷୟ ଜନିତ ଯେତେଦୋଷ ହୁଏ ସେଥିରୁ ନିବୃତ୍ତ ରହିବା ଉଚିତ ।

---

କୁଳକ୍ଷୟେ ନାଶଯାଏ କୁଳଧର୍ମ ଯାହା ଧର୍ମ ସନାତନ
ଧର୍ମ ନଷ୍ଟେ, ଅଧର୍ମତ ବ୍ୟାପିଯାଏ ସମଗ୍ର କୁଳକୁ ଯାଣ ।୪୦
ଅଧର୍ମ ଅଧିକେ କୃଷ୍ଣ ହୋଇଯାନ୍ତି କୁଳନାରୀ କଳୁଷିତ
ନାରୀୟେ ଦୂଷିତହେଲେ ହେ କେଶବ ବର୍ଣ୍ଣସଙ୍କର ସଞ୍ଜାତ ।୪୧
କୁଳକ୍ଷୟକାରୀକୁଳ ନେଇଯାନ୍ତି ବର୍ଣ୍ଣସଙ୍କର ନରକେ
ଅଧୋଗମନ୍ତି ପିତର ଏମାନଙ୍କ ବଞ୍ଚିତ ପିଣ୍ଡ ଉଦକେ ।୪୨
କୁଳଘାତୀଙ୍କର ଏହି ଦୋଷହେତୁ ବର୍ଣ୍ଣ ସଙ୍କର ଜନନ
ଜାତିଧର୍ମ କୁଳଧର୍ମ ନଷ୍ଟହୁଏ ଧର୍ମ ଚିର ସନାତନ ।୪୩

---

୪୦ କୁଳକ୍ଷୟ ହେଲେ ସନାତନ କୁଳଧର୍ମ ଯାହା କାହିଁ ଆବହମାନ କାଳରୁ ଗଡି ଚାଲିଛି ତାହା ନଷ୍ଟ ହୋଇଯାଏ । କୁଳର ଧର୍ମ କର୍ମ ସବୁ ନଷ୍ଟ ହୋଇ ଗଲେ ଅଧର୍ମ ବା ପାପ ସମଗ୍ର କୁଳକୁ ବ୍ୟାପିଯାଏ ।

୪୧ ହେ କୃଷ୍ଣ, ଏହି ଯୁଦ୍ଧରେ ସ୍ୱଜନମାନଙ୍କୁ ବଧ କଲେ କୁଳ ନାରୀମାନେ ବୈଧବ୍ୟ ଯନ୍ତ୍ରଣାରେ ଅଭିଭୂତ ହୋଇଯିବେ । କ୍ରମେ କୁଳ ଅଧର୍ମ ବା ପାପ ଗ୍ରସ୍ତ ହୋଇଗଲେ କୁଳ ନାରୀମାନେ ଉଦ୍ଭଟ ହୋଇ କଳୁଷିତ ହୋଇଯିବେ ଓ କୁଳନାରୀ ଦୂଷିତ ହେଲେ ବର୍ଣ୍ଣ ସଙ୍କର (ଯାହାର ମାତା ଓ ପିତା ଭିନ୍ନ ଭିନ୍ନ କୁଳର) ଜାତ ହୁଅନ୍ତି ।

୪୨ ବର୍ଣ୍ଣସଙ୍କରମାନେ ଜାତ ହେଲେ କୁଳକ୍ଷୟକାରୀଙ୍କ କୁଳକୁ ନରକକୁ ନେଇଯାନ୍ତି ଓ କ୍ରମେ ସେମାନଙ୍କର ପିତୃପୁରୁଷ ପିଣ୍ଡ ଓ ତର୍ପଣ ପାଇବାରୁ ବଞ୍ଚିତ ହୋଇ ଅଧୋଗତି ଲାଭ କରନ୍ତି ।

୪୩ ବର୍ଣ୍ଣ ସଙ୍କର ଜନକ ଓ କୁଳଘାତୀ ମାନଙ୍କ ଦୋଷରୁ ଜାତିଧର୍ମ ଓ କୁଳଧର୍ମର ଆଚରଣ ବିଧି ନଷ୍ଟହୁଏ ଫଳରେ ଚିର ଓ ଶାଶ୍ୱତ ସନାତନ ଧର୍ମର ଆଚରଣ ବିଧି ମଧ୍ୟ ନଷ୍ଟ ହୋଇଯାଏ ।

---

କୁଳଧର୍ମ ନଷ୍ଟ ହୋଇ ଥିବା ଜନ ମାନଙ୍କର ଜନାର୍ଦ୍ଦନ
ଅନିଶ୍ଚିତ କାଳ ବାସ ନରକରେ କରିଛୁ ଆମ୍ଭେ ଶ୍ରବଣ ।୪୪
ମହାପାପ କରିବାକୁ ଆମ୍ଭେମାନେ ଅଛୁ ଏଠାରେ ପ୍ରସ୍ତୁତ
ଯେଣୁ ରାଜ୍ୟସୁଖ ଲୋଭେ ମାରିବାକୁ ସ୍ୱଜନଜନେ ଉଦ୍ୟତ ।୪୫
ଶସ୍ତ୍ର ନ ଧରି ନ କରି ପ୍ରତିରୋଧ ଯଦି କୁରୁପୁତ୍ରମାନେ
ଶସ୍ତ୍ରଧରି ରଣେ ମତେ ହତ୍ୟାକଲେ ମଙ୍ଗଳ ଭାବିବି ମନେ ।୪୬

ସଞ୍ଜୟ ଉବାଚ

ଏହାକହି ରଣଭୂମେ ସେ ଅର୍ଜୁନ  ବସିପଡିଲା ରଥରେ
ଶରସହ ଧନୁ ତଳେ ଥୋଇଦେଲା ଶୋକସନ୍ତପ୍ତ ମନରେ ।୪୭

---

୪୪  ହେଜନାର୍ଦ୍ଦନ କୁଳ ଧର୍ମନଷ୍ଟ ହୋଇଥିବା ମନୁଷ୍ୟମାନେ ଅନିଶ୍ଚିତ କାଳ ନରକରେ ବାସହୁଏ ବୋଲି ଆମ୍ଭେ ଶୁଣିଅଛୁ ।

୪୫  ଯେଣୁ ରାଜ୍ୟ ସୁଖ ଲୋଭରେ ସ୍ୱଜନମାନଙ୍କୁ ମାରିବା ପାଇଁ ଆମ୍ଭେମାନେ, ଉଦ୍ୟମ କରି ଏଠାରେ ମହାପାପ କରିବା ପାଇଁ  ପ୍ରସ୍ତୁତ ଅଛୁ ।

୪୬  ଯଦି ଶସ୍ତ୍ର ନଧରି ପ୍ରତିରୋଧ ନ କରୁଥିବା ଅବସ୍ଥାରେ କୁରୁପୁତ୍ରମାନେ ମତେ ହତ୍ୟା କରନ୍ତି ତେବେ ମୁଁ ଏହାକୁ ଅଧିକ ମଙ୍ଗଳ ହେଲା ବୋଲି ଭାବିବି ।

୪୭  ସଞ୍ଜୟ କହଲେ -ଏହାକହି ଅର୍ଜୁନ ଶୋକ ସନ୍ତପ୍ତ ମନରେ ଶର ସହ ଧନୁ ତଳେ ଥୋଇ ଦେଇ ରଥ ଉପରେ ବସି ପଡିଲେ ।

ବ୍ରହ୍ମବିଦ୍ୟାଯୁକ୍ତ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଅର୍ଜୁନ ବିଷାଦ ଯୋଗଃ ନାମକ ପ୍ରଥମ ଅଧ୍ୟାୟ ଏତିକିରେ ସମାପ୍ତ ।

( ହେମେନ୍ଦ୍ର ନାଥ ଅନୂଦିତ ଅର୍ଜୁନ ବିଷାଦଯୋଗଃ ନାମକ ପ୍ରଥମ ଅଧ୍ୟାୟ  ଏତିକିରେ ସମାପ୍ତ  )

# ଶ୍ରୀମତ୍ ଭଗବତ୍ ଗୀତା
(ଓଡିଆ ପଦ୍ୟ ରୂପାୟନ)

---

## ଦ୍ୱିତୀୟ ଅଧ୍ୟାୟ

### ସାଙ୍ଖ୍ୟ ଯୋଗଃ

ସଞ୍ଜୟ ଉବାଚ

କରୁଣାରେ ଅଭିଭୂତ ଅଶ୍ରୁପୂର୍ଣ୍ଣ ବିଚଳିତଟି ନୟନ
ବିଷାଦଗ୍ରସ୍ତ ଅର୍ଜ୍ଜୁନେ ଏହିବାକ୍ୟ କହିଲେ ମଧୁସୁଦନ ।୧

ଶ୍ରୀ ଭଗବାନ ଉବାଚ

କେଉଁଠୁ ଆସିଲା ମୋହ ଉପସ୍ଥିତ ଏ ସଙ୍କଟ ସମୟରେ
ଅନାର୍ଯ୍ୟ ସୁଲଭ ଯାହା ସ୍ୱର୍ଗଲାଭ, କୀର୍ତ୍ତିରାଜି ନଷ୍ଟକରେ ।୨
କ୍ଳୀବତ୍ୱ ଆଶ୍ରୟ ପାର୍ଥ ନିଅନାହିଁ ନୁହେଁ ତୁମର ଉଚିତ
ହୀନ ଦୁର୍ବଳତା ମନୁ କର ତ୍ୟାଗ ହୁଅ ଯୁଦ୍ଧେ ଉପସ୍ଥିତ ।୩

---

୧ ସଞ୍ଜୟ କହିଲେ -କରୁଣାରେ ଅଭିଭୂତ ହୋଇ ଅଶ୍ରୁପୂର୍ଣ୍ଣ ଓ ବିଚଳିତ ନୟନରେ ବିଷାଦଗ୍ରସ୍ତ ଥିବା ଅର୍ଜୁନଙ୍କୁ ମଧୁ ଦୈତ୍ୟ ସଂହାରକାରି ମଧୁସୁଦନ ଶ୍ରୀକୃଷ୍ଣ କହିଲେ ।

୨ ଭଗବାନ କୃଷ୍ଣ କହିଲେ ହେ ଅର୍ଜୁନ ବିଷମ ସଙ୍କଟ ସମୟରେ ତୁମର ଏ ମୋହ କେଉଠୁ ଆସିଲା । ଏ ମୋହ ଅନାର୍ଯ୍ୟ ସୁଲଭ ଓ ଏହା ଅବାଞ୍ଛିତ, କୀର୍ତ୍ତିରାଜି ନଷ୍ଟ କରେ ଓ ସ୍ୱର୍ଗଲାଭରୁ ବଞ୍ଚିତ କରେ ।

୩ ହେ ପାର୍ଥ ଏ ନପୁଂସକତା ପରିତ୍ୟାଗ କର କାରଣ ଏହା ତୁମ ପକ୍ଷେ ଉଚିତ ନୁହେଁ । ଏ ହୀନ ହୃଦୟର ଦୂର୍ବଳତା ପରିତ୍ୟାଗ କରି ମୋ ପରି ନିର୍ଭୀକ ହୋଇ ଯୁଦ୍ଧପାଇଁ ଦଣ୍ଡାୟମାନ ହୁଅ ।

---

ଅର୍ଜ୍ଜୁନ ଉବାଚ

କିପରି ଭେଟିବି ଯୁଦ୍ଧେ ଭୀଷ୍ମ ଦ୍ରୋଣେ କୁହ ହେ ମଧୂସୂଦନ
ଧନୁର୍ବାଣେ ପ୍ରତିଯୁଦ୍ଧ, ଯାହାସହ, ସେ ପୂଜ୍ୟ ଅରିସୂଦନ ।୪
ମହାମାନ୍ୟ ଗୁରୁଜନେ ନକରି ବିନାଶ
ବରଂ ଶ୍ରେୟ ଭୋଜ୍ୟହେଉ ଭିକ୍ଷାନ୍ନ ସଂସାରେ
ଅର୍ଥଲୋଭେ କରିହତ୍ୟା ପୂଜିତଜନଙ୍କୁ
ରକ୍ତଶିକ୍ତ ଭୋଜନଠୁ ଭିନ୍ନ ନ ବିଚାରେ ।୫
ଜାଣିନପାରେ କେଉଁଟା ନୁହେଁ ଶ୍ରେୟସ୍କର
ଯଦି ଆମ୍ଭେ ଜୟକରୁ ଯଦି ବା ସେମାନେ
ବଞ୍ଚିବାକୁ ନାହିଁଇଚ୍ଛା ଯାରେ କରି ହତ୍ୟା
ସେମାନେ ଉଭା ସମ୍ମୁଖେ ଧୃତରାଷ୍ଟ୍ର ଜନେ ।୬

---

୪ ହେ ମଧୂସୂଦନ ହେ ଶତ୍ରୁ ସଂହାର କାରି, ଭୀଷ୍ମ ଦ୍ରୋଣ, ଯିଏ ମୋର ପୂଜାପାତ୍ର ତାଙ୍କ ବିରୁଦ୍ଧରେ ଧନୁ ଶର ଧରି କିପରି ଯୁଦ୍ଧ କରିବି ।

୫ କାମନାସକ୍ତ ହୋଇ ରାଜ୍ୟ ଭୋଗ ଆଶାରେ ମହାନୁଭବ ଗୁରୁଜନମାନଙ୍କୁ ହତ୍ୟା କଲେ, ସେ ପ୍ରକାର ରାଜ ଭୋଗ ଏହି ସଂସାରରେ ରୁଧିରଶିକ୍ତ ଭୋଜନ ସହିତ ସମାନ, ଅନ୍ୟ ପକ୍ଷେ ଗୁରୁଜନ ମାନଙ୍କୁ ହତ୍ୟା ନ କରି ଭୀକ୍ଷାନ୍ନ ଖାଇ ରହିବା ବରଂ ଶ୍ରେୟସ୍କର ।

୬ ସେମାନେ ଆମ୍ଭଙ୍କୁ ଜୟ କରନ୍ତୁ ବା ଆମ୍ଭେ ସେମାନଙ୍କୁ ଜୟକରୁ କେଉଁଟା ଆମ୍ଭର ଶ୍ରେୟସ୍କର ମୁଁ ଜାଣିପାରୁନାହିଁ । ଯେଉଁମାନଙ୍କୁ ମାରି ମୁଁ ବଞ୍ଚିବାକୁ ଇଚ୍ଛା କରୁନାହିଁ ସେଇ ଧୃତରାଷ୍ଟ୍ର ସ୍ୱଜନମାନେ ଧନ ଜୀବନକୁ ଆଶା ନକରି ଯୁଦ୍ଧ କରିବାକୁ ଆମ୍ଭ ସମ୍ମୁଖରେ ଠିଆ ହୋଇଛନ୍ତି ।

---

କାର୍ପଣ୍ୟତା ଦୋଷେ ହତ ସ୍ୱଭାବ ମୋହର
ଧର୍ମସମ୍ମୂଢ ଚେତାରେ ପଚାରେ ତୁମକୁ
ଯାହାଶ୍ରେୟ ସୁନିଶ୍ଚିତ କୁହନ୍ତୁ ହେ ମତେ
ଶିଖାଅ ଶରଣାଗତ ତୁମ ଏ ଶିଷ୍ୟକୁ ।୭
ସମୃଦ୍ଧି ଓ ନିଷ୍କଣ୍ଟକ ରାଜ୍ୟ ପ୍ରାପ୍ତିହେଲେ
ଅଥବା ଦେବତା ମାନଙ୍କର ଆଧିପତ୍ୟ
ଦେଖିପାରୁନାହିଁ ଦୂର କରି ପାରିବକି
ଦୁଃଖ, ଯିଏ କରୁଅଛି ଇନ୍ଦ୍ରିୟେ ସନ୍ତପ୍ତ ।୮
ସଞ୍ଜୟ ଉବାଚ
ହୃଷୀକେଶଙ୍କୁ ଅର୍ଜୁନ ଶତୃହନ୍ତା ଏହି ପ୍ରକାରେ କହିଲେ
ଯୁଦ୍ଧ ମୁଁ କରିବି ନାହିଁ ହେ ଗୋବିନ୍ଦ କହି ତୁନି ହୋଇଗଲେ ।୯

---

୭ ଅର୍ଜୁନ କହୁଛନ୍ତି ଯେ ଦୟା ଜାଗ୍ରତ ହେବା ଦୋଷରୁ ମୁଁ ହତବିବେକ ହୋଇଯାଇଛି ଓ ମୁଁ କିଂକର୍ତ୍ତବ୍ୟ ବିମୂଢ ହୋଇ ଆପଣଙ୍କୁ ପଚାରୁଛି ଯେ ମୁଁ ଆପଣଙ୍କ ଶରଣାଗତ ଶିଷ୍ୟ ଏବଂ ମତେ ମୋ କର୍ତ୍ତବ୍ୟ ସମନ୍ଧରେ ପରାମର୍ଶ ଦିଅନ୍ତୁ ।

୮ ସୁଖ ସମୃଦ୍ଧି ଓ ନିଷ୍କଣ୍ଟକ ରାଜ୍ୟ ପ୍ରାପ୍ତି ଅଥବା ସ୍ୱର୍ଗରେ ଦେବତାମାନଙ୍କ ଆଧିପତ୍ୟ ଲାଭ ହେଲେ ବି ମୁଁ କିନ୍ତୁ ଦେଖି ପାରୁନାହିଁ ଯେ ସେ ସମସ୍ତ ମୋର ଇନ୍ଦ୍ରିୟ ମାନଙ୍କୁ ସନ୍ତପ୍ତ କରି ଦେଉଥିବା ଦୁଃଖକୁ ଦୂର କରି ପାରିବ ବୋଲି ।

୯ ସଞ୍ଜୟ କହିଲେ, ହେ ଧୃତରାଷ୍ଟ୍ର, ମୁଁ ଯୁଦ୍ଧ କରିବି ନାହିଁ ବୋଲି ହୃଷୀକେଶଙ୍କୁ କହି ଅର୍ଜୁନ ତୁନି ହୋଇଗଲେ ।

---

ହେ ଭାରତ, ହୃଷୀକେଶ ବୁଝାଇଲେ ମୁଚୁକିହସ ବଦନେ
ଦୁଇପକ୍ଷର ସେନାର ମଧ୍ୟସ୍ଥଳେ ବିଷାଦଗ୍ରସ୍ଥ ଅର୍ଜୁନେ ।୧୦

ଶ୍ରୀ ଭଗବାନ୍ ଉବାଚ

ଜ୍ଞାନୀପରି କଥାକହି ଶୋକକର ଯହିଁ ଶୋକ ଅନୁଚିତ
ଗତ ବା ଆଗତ ପାଇଁ ଜ୍ଞାନୀଜନ ନୁହନ୍ତି ଅନୁଶୋଚିତ ।୧୧
ଏପରିନୁହେଁ ଅତୀତେ ନଥିବାର ମୁଁ, ତୁମେ ଓ ରାଜାମାନେ
ଏପରିନୁହେଁ ପ୍ରକୃତ ନ ରହିବା ସମସ୍ତେ ଓ ଆମ୍ଭେମାନେ ।୧୨
ଯେଉଁପରି ଦେହଧାରୀ ଭୋଗକରେ କୌମାର ଯୌବନ ଜରା
ସେହିପରି ଦେହାନ୍ତର ଭୋଗତେଣୁ ଜ୍ଞାନି ନୁହେ ଶୋକାତୁରା ।୧୩

---

୧୦ ସଞ୍ଜୟ କହିଲେ ହେ ଭାରତ ଧୃତରାଷ୍ଟ୍ର, ଉଭୟସେନାର ମଧ୍ୟଭାଗରେ ବିଷାଦଗ୍ରସ୍ଥ ହୋଇ ପଡିଥିବା ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଏହିପରି ବୁଝାଇଲେ ।

୧୧ ଶ୍ରୀ ଭଗବାନ କହିଲେ , ତୁମେ ଜ୍ଞାନୀ ଜନପରି କଥା କହୁଛ ଏବଂ ଯେଉଁ ମାନଙ୍କ ପାଇଁ ଶୋକ କରିବା କଥାନୁହେଁ ସେଇମାନଙ୍କ ପାଇଁ ଶୋକ କରୁଛ । ଜ୍ଞାନୀ ଜନମାନେ କେବେ ମୃତ ବା ଜୀବିତ ଜନଙ୍କପାଇଁ ଶୋକ କରନ୍ତି ନାହିଁ ।

୧୨ ଅତୀତରେ ମୁଁ ତୁମେ ଓ ଏ ରାଜାମାନେ ନ ଥିଲେ ଏପରି ଭାବିବା ଠିକ୍ ନୁହଁ କି ଏହାପରେ ସମସ୍ତେ ଓ ଆମେମାନେ ନ ରହିବା ତାହା ମଧ୍ୟ ଭାବିବା ଠିକ୍ ନୁହଁ ।

୧୩ ଯେପରି ଦେହଧାରୀ ଅର୍ଥାତ୍ ଶରୀର ଗ୍ରହଣ କରିଥିବା ଆତ୍ମା କୁମାର , ଯୌବନ ଓ ବୃଦ୍ଧ ଅବସ୍ଥା ଭୋଗକରେ ସେପରି ଅନ୍ୟ ଶରୀର ମଧ୍ୟ ଗ୍ରହଣ କରେ ।ତେଣୁ ଏ ଶରୀରର ପରିବର୍ତ୍ତନ ପାଇଁ ଜ୍ଞାନୀ କେବେ ଶୋକ କରନ୍ତି ନାହିଁ ।

---

ଇନ୍ଦ୍ରିୟ ବିଷୟ ସ୍ପର୍ଶେ ଶୀତ ଉଷ୍ଣ ସୁଖ ଦୂଃଖ ହୁଏଜନ୍ମ
ଆଗମ ନିଗମ ଶୀଳ ଏ ଅନିତ୍ୟ ସହ୍ୟକର ହେ ଅର୍ଜୁନ ।୧୪
ପୁରୁଷଶ୍ରେଷ୍ଠ ଅର୍ଜୁନ ଏଥିପାଇଁ ଯିଏ ନହୁଏ ବ୍ୟଥିତ
ସୁଖଦୁଃଖେ ରହେଧୀର ଅମରତ୍ୱ ପାଇଁ ଅଟେ ଉପଯୁକ୍ତ ।୧୫
ଅସ୍ତିତ୍ୱ ନଥାଏ କେବେ ଅସତ ର  ଅଭାବ ନାହିଁ ସତ୍ ର
ଉଭୟର ଅନୁଧ୍ୟାନେ ତତ୍ତ୍ୱଦର୍ଶୀ ଉପନିତ ସିଦ୍ଧାନ୍ତର ।୧୬
ଅବିନାଶୀ ତାହାକୁ ତ ଜାଣିରଖ ଯେ ସର୍ବତ୍ର ବିଦ୍ୟମାନ
ସମର୍ଥ ନୁହନ୍ତି କେହି କରିବାକୁ ସେ ଅବ୍ୟୟ ବିନାଶନ ।୧୭

---

୧୪    ହେ ଅର୍ଜୁନ ଇନ୍ଦ୍ରିୟ ଓ ବିଷୟ ସଞ୍ଜୋଗରୁ ଶୀତ ଉଷ୍ଣ ଜନିତ ସୁଖ ଦୂଃଖର ଉତ୍ପତ୍ତିହୁଏ । କେତେବେଳେ ଏମାନେ ସୁଖ ଦିଅନ୍ତି ତ କେତେବେଳେ ଦୁଃଖ । ସେ ସବୁର ଆଗମନ ବା ପ୍ରତ୍ୟାଗମନ ମଧ୍ୟ ଚାଲିଥାଏ , ତେଣୁ ଏମାନେ ଅସ୍ଥାୟୀ ଓ ଏହି ଅସ୍ଥାୟୀ ସୁଖ ଦୁଃଖଦାୟୀ ବିଷୟଗୁଡିକୁ ସହ୍ୟ କରିଯାଅ ।

୧୫    ଯେଉଁମାନେ ଏହି ଇନ୍ଦ୍ରିୟ ବିଷୟ ସଂଯୋଗରେ ବ୍ୟଥିତ ନ ହୋଇ ସୁଖ ଦୁଃଖ ଉଭୟ ପରିସ୍ଥିତିରେ ସମଭାବାପନ୍ନ ହୋଇ ସ୍ଥିର ରହନ୍ତି  ସେ ହିଁ ଅମରତ୍ୱ ପାଇବାକୁ ସମର୍ଥ ହୋଇପାରନ୍ତି ।

୧୬    ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ କି ସତ୍ ବସ୍ତୁର ଅଭାବ ନାହିଁ ବୋଲି ତତ୍ତ୍ୱ ଦର୍ଶିମାନେ ଅନୁଧ୍ୟାନ କରି ଦେଖି ପାରିଛନ୍ତି ।

୧୭    ଜାଣିରଖ ଆତ୍ମା ସର୍ବଦା ଅବିନାଶୀ ଓ ସମସ୍ତ ଜଗତରେ ପରିବ୍ୟାପ୍ତ ଅଟନ୍ତି । ସେହି ଅମର ଅବିନାଶୀର ବିନାଶ କରିବାକୁ କେହି ସମର୍ଥ ନୁହନ୍ତି ।

---

ଜଣାଅଛି ଅନ୍ତହେବ ଆତ୍ମାର ଏ ଯେତେ ସ୍ଥୁଳ ରୂପାୟନ
ଅବିନାଶୀ ଅପ୍ରମେୟ ଆତ୍ମା ଜାଣି ଯୁଦ୍ଧକର ହେ ଅର୍ଜୁନ ।୧୮
ଜାଣନ୍ତି ଯିଏ ଏହାକୁ ହତ୍ୟାକାରୀ ଜାଣନ୍ତି ବା ହେଲା ହତ
ଦୁହେଁ ନଜାଣନ୍ତି ଇଏ ହତ୍ୟାକରେ କିମ୍ବା କେବେ ହୁଏ ହତ ।୧୯
ଜନ୍ମନାହିଁ ମୃତ୍ୟୁନାହିଁ କେବେହେଁ ଏହାର
ଜନ୍ମିନାହିଁ ଅତୀତେ କି ଏବେ ଆଉକେବେ
ଅଜନ୍ମା ନିତ୍ୟ ଶାଶ୍ୱତ ଏବଂ ପୁରାତନ
ଶରୀର ହତ୍ୟାହେଲେ ବି ନୁହେଁ ହତ କେବେ ।୨୦

---

୧୮ ଆତ୍ମାର ଏ ଯେତେସବୁ ସ୍ଥୁଳ ଶରୀର ଦେଖୁଛ ତାହା ସବୁର ଅନ୍ତ ଅଛି । ଆତ୍ମା ଅବିନାଶୀ ଓ ଅପ୍ରମେୟ ଅର୍ଥାତ୍ ଏହାର ପରିଣାମ ନିର୍ଣ୍ଣୟ କରହେବ ନାହିଁ ।

୧୯ ଯିଏ ଭାବେ ଆତ୍ମା ହତ୍ୟାକାରୀ ବା ଯିଏ ଭାବେ ଆତ୍ମା ନିହତ ହେଲା ଏ ଉଭୟେ ଜାଣି ନାହାନ୍ତି ଯେ ଆତ୍ମା ହତ୍ୟାକରେନାହିଁ କି କେବେ ନିହତ ହୁଏନାହିଁ ।

୨୦ ଏହି ଆତ୍ମାର ଜନ୍ମ ନାହିଁ କି ବିନାଶନାହିଁ । ଏହାର ଜନ୍ମ ଅତୀତରେ ହୋଇନଥିଲା ନା ଏବେ ହୋଇନାହି ନା ଆଉ କେବେ ହେବନାହିଁ ।ଏହା ଅଜନ୍ମା ନିତ୍ୟ ଶାଶ୍ୱତ ଏବଂ ପୁରାତନ ଓ ଏହି ଶରୀରର ହତ୍ୟାହେଲେ ବି ଏ କେବେ ହତ ହୁଏନାହିଁ ।

---

ଆତ୍ମା ଅବିନାଶୀ ନିତ୍ୟ ଯିଏଜାଣେ ଏହା ଅବ୍ୟୟ୍ ଅଜନ୍ମ
ସିଏ କେବେ ନକରନ୍ତି ହତ୍ୟା ପାର୍ଥ ନୁହଁ ହତ୍ୟାର କାରଣ ।୨୧
ପୁରାତନ ବସ୍ତ୍ର ତେଜି ଏମନୁଷ୍ୟ ଯେପରି ନିଏ ନୁତନ
ସେପରି ଜୀର୍ଣ୍ଣ ଶରୀର ତେଜି ଆତ୍ମା କରେ ନୁତନ ଗ୍ରହଣ ।୨୨
ଶସ୍ତ୍ର କାଟି ନପାରଇ ଏହାକୁ ତ ଅଗ୍ନି ନ କରେ ଦହନ
ନପାରେ ବୁଡାଇ ଜଳ କେବେ,ଶୁଷ୍କ ନପାରେ କରି ପବନ ।୨୩
ଅଛେଦ୍ୟ ଅଦାହ୍ୟ ଏହା ବୁଡେନାହିଁ ଜଳେ ପବନେ ଅଶୋଷ୍ୟ
ନିତ୍ୟ ସର୍ବବ୍ୟାପି ସ୍ଥାଣୁ ସନାତନ ଅଚଳ ଶ୍ରେଷ୍ଠ ଅବଶ୍ୟ ।୨୪

---

୨୧ ଆତ୍ମା ଅବିନାଶୀ, ନିତ୍ୟ, ଅଜନ୍ମା, ଅବ୍ୟୟ୍ ବୋଲି ଯିଏ ଜାଣନ୍ତି ସିଏ କେବେ ହତ୍ୟା କରନ୍ତି ନାହିଁ ବା ହତ୍ୟାର କାରଣ ହୁଅନ୍ତି ନାହିଁ ।

୨୨ ଯେପରି ପୁରୁଣା ଓ ଚିରାଫଟା ବସ୍ତ୍ର ତ୍ୟାଗକରି ମନୁଷ୍ୟ ନୁତନ ବସ୍ତ୍ର ଗ୍ରହଣ କରେ ସେହିପରି ଆତ୍ମା ପୁରାତନ ଜୀର୍ଣ୍ଣ ଶୀର୍ଣ୍ଣ ଦେହ ତ୍ୟାଗ କରି ନୁତନ ଦେହ ଗ୍ରହଣ କରେ ।

୨୩ ତେଣୁ କୌଣସି ଶସ୍ତ୍ର ଏହାକୁ କାଟି ପାରେନାହିଁ ,ଅଗ୍ନି ଦହନ କରି ପାରେନାହିଁ ,ଜଳ ବୁଡାଇ ପାରେନାହିଁ ଏବଂ ପବନ ଏହାକୁ ଶୁଷ୍କ କରି ପାରେନାହିଁ ।

୨୪ ଏହା ଅଛେଦ୍ୟ ଅର୍ଥାତ୍ କାଟି ହୋଇପାରିବ ନାହିଁ । ଅଦାହ୍ୟ ଅର୍ଥ ପୋଡିହୋଇ ପାରିବ ନାହିଁ, ଅକ୍ଲେଦ୍ୟ ଅର୍ଥାତ୍ ଜଳରେ ବୁଡ୍ତଯାଇ ପାରିବ ନାହିଁ, ଅଶୋଷ୍ୟ କହିଲେ ପବନରେ ଶୁଷ୍କ ହୋଇପାରିବ ନାହିଁ ।ଏହା ନିତ୍ୟ, ସର୍ବତ୍ର ବିଦ୍ୟମାନ, ସ୍ଥିର, ମହାମେରୁପରି ଅଚଳ, ଓ ସନାତନ ଶାଶ୍ୱତ ଇତ୍ୟାର୍ଦି ।

---

ଅବ୍ୟକ୍ତ ଅଚିନ୍ତ୍ୟ ରୂପ କୁହାଯାଏ ପରିବର୍ତ୍ତନଅତୀତ
ଏହାକୁ ଏପରି ଜାଣି ତୁମପକ୍ଷେ ଶୋଚନା ନୁହେଁ ଉଚିତ ।୨୫
ଯଦି ଭାବ ଏହା  ନିତ୍ୟେ ଜନ୍ମହୁଏ ନିତ୍ୟେ ବା ହୁଏ ମରଣ
ତଥାପି ହେ ମହାବାହୁ ତୁମପକ୍ଷେ ଶୋଚନା ନୁହେଁ କରଣ ।୨୬
ଜନମେ ମୃତ୍ୟୁ ନିଶ୍ଚିତ ସ୍ଥିରିକୃତ ମରଣେ ଜନ୍ମ ନିଶ୍ଚିତ
ଅପରିହାର୍ଯ୍ୟ ବିଷୟେ ତୁମପକ୍ଷେ ଶୋଚନା ନୁହେଁ ଉଚିତ ।୨୭
ଅପ୍ରକଟ ଥିଲେ ପ୍ରାଣୀ ଅତିତରେ ବର୍ତ୍ତମାନ ପ୍ରକଟିତ
ମୃତ୍ୟୁପରେ ଅପ୍ରକଟ ହେ ଅର୍ଜୁନ ତହିଁ ଦୁଃଖ ଅନୁଚିତ ।୨୮

---

୨୫ ଆତ୍ମା ଆଖିରେ ଦେଖିପାରୁଥିବା ବା ଧ୍ୟାନରେ ଧରିପାରୁଥିବା କୌଣସି ରୂପ ନୁହେଁ ତେଣୁ ଏହା ଅବ୍ୟକ୍ତ ଓ ଅଚିନ୍ତ୍ୟ ତେଣୁ ଏହାକୁ ଏପରି ଜାଣି ଶୋକ କରିବା ଅନୁଚିତ ।

୨୬ ହେ ମହାବାହୁ  ଯଦି ମନେ କରୁଥାଅ ଯେ ଦେହର ପ୍ରତିଦିନ ଜନ୍ମ ହେବା ସଙ୍ଗେ ସଙ୍ଗେ ଆତ୍ମାର ଜନ୍ମ ହେଉଛି ଓ ଦେହର ମରଣ ହେବା ସଙ୍ଗେ ସଙ୍ଗେ ଆତ୍ମାର ମଧ୍ୟ ମରଣ ହେଉଛି ତେବେ ବି ତୁମର ଶୋଚନା କରିବା ଉଚିତ ନୁହେଁ ।

୨୭ ଜନ୍ମ ପରେ ମୃତ୍ୟୁ ନିଶ୍ଚିତ ଓ ମୃତ୍ୟୁପରେ ଜନ୍ମ ନିଶ୍ଚିତ ଓ ଏହାକୁ ବଦଳେଇ ହେବନାହିଁ କି ପରିହାର କରାଯାଇ ପାରିବନାହିଁ । ତେଣୁ ଏପରି ଅପରିହାର୍ଯ୍ୟ ବିଷୟରେ ଶୋଚନା କରିବା ଅନୁଚିତ ।

୨୮ ହେ ଅର୍ଜୁନ, ଏବେ ଯେଉଁ ପ୍ରାଣୀ ଦେଖୁଛ ସେମାନେ କେହି ଅତୀତରେ ନ ଥିଲେ ଓ ମୃତ୍ୟୁପରେ କେହି ରହିବେ ନାହିଁ । ତେଣୁ ଏ ସବୁ ଉପରେ ଦୁଃଖ କରିବା ଉଚିତ ନୁହେଁ ।

ଆଶ୍ଚର୍ଯ୍ୟହୋଇ ଦେଖନ୍ତି ଏହା କେହିକେହି
କହନ୍ତି ଅନ୍ୟକେତେକ ବିଷ୍ମୟ୍ ଭଙ୍ଗିରେ
ଶୁଣନ୍ତି କେହି ଏହାକୁ ଆଶ୍ଚର୍ଯ୍ୟଭାବରେ
ଶୁଣି ମଧ୍ୟ କେତେକ, ଅକ୍ଷମ ଜାଣିବାରେ ।୨୯
ସମସ୍ତଙ୍କ ଦେହେ ଦେହୀ ସଦାକାଳେ ଅବଧ୍ୟ ଆହେ ଅର୍ଜୁନ
ତେଣୁ ଶୋଚନା ନକର ମରଣରେ ଏ ସମସ୍ତ ଜୀବଗଣ ।୩୦
ସ୍ୱଧର୍ମ ଦୃଷ୍ଟିରେ ଦେଖ ଅନୁଚିତ ଯୁଦ୍ଧପାଇଁ ଦ୍ୱିଧାବୋଧ
ଶ୍ରେୟନୁହେଁ ଅନ୍ୟକିଛି କ୍ଷତ୍ରୀୟର ଧର୍ମହିଁ କେବଳ ଯୁଦ୍ଧ ।୩୧
ମୁକ୍ତ ସ୍ୱର୍ଗଦ୍ୱାର ସମ ଏହିଯୁଦ୍ଧ ଯେଣୁ ସ୍ୱତଃ ଉପଗତ
କ୍ଷତ୍ରୀୟେ ସୁଖଲଭନ୍ତି ପାଇଏହି ଯୁଦ୍ଧର ସୁଯୋଗ ପାର୍ଥ ।୩୨

---

୨୯ କେହି କେହି ଏ ଶରୀରୀକୁ ଆଶ୍ଚର୍ଯ୍ୟଭାବେ ଦେଖନ୍ତି ତ କେହି କେହି ଆଶ୍ଚର୍ଯ୍ୟହେଲାପରି କହନ୍ତି ଅନ୍ୟ କେହି କେହି ଆଶ୍ଚର୍ଯ୍ୟହୋଇ ଶୁଣନ୍ତି ।ଅନ୍ୟକେହି ଶୁଣି ଶୁଣି ମଧ୍ୟ ଏହାକୁ ଜାଣିପାରନ୍ତି ନାହିଁ ଅର୍ଥାତ୍ ଏହା ଦୁର୍ବିଜ୍ଞେୟ୍ ।

୩୦ ଦେହୀ କହିଲେ ଦେହ ଯାହାର ଅଛି, ତେଣୁ ଦେହୀ ଅର୍ଥ ଆତ୍ମା । ଏହା ସର୍ବଦା ଅବଧ୍ୟ । ତେଣୁ କାହାରି ମରଣରେ ତୁମେ ଶୋକ କରିବା ଅନୁଚିତ ।

୩୧ ଯେହେତୁ କ୍ଷତ୍ରୀୟର କର୍ତ୍ତବ୍ୟ ଯୁଦ୍ଧଠାରୁ ଅନ୍ୟକିଛି ଶ୍ରେୟନାହିଁ ତେଣୁ କର୍ତ୍ତବ୍ୟ ଦୃଷ୍ଟିରୁ ତୁମର ଯୁଦ୍ଧକରିବାପାଇଁ ଦ୍ୱିଧା କରିବା ଉଚିତନୁହେଁ ।

୩୨ ହେ ପାର୍ଥ କ୍ଷତ୍ରୀୟମାନଙ୍କ ସ୍ୱର୍ଗଲାଭପାଇଁ ଉନ୍ମୁକ୍ତ ଦ୍ୱାର ସଦୃଶ ଏପରି ଏକ ଯୁଦ୍ଧ ଯେତେବେଳେ ସ୍ୱତଃ ଆସି ପହଞ୍ଚିଛି, ଏ ସୁଯୋଗ ଆଦୌ ହରାଇବା ଉଚିତ ନୁହେଁ ।

---

ଅନ୍ୟପକ୍ଷେ ଯଦି ତୁମେ ନକରିବ ଏହି ଧର୍ମଯୁକ୍ତ ରଣ
ତେବେ କର୍ତ୍ତବ୍ୟ କୀରତି ହରାଇବ ପାପ କରିବ ଅର୍ଜନ ।୩୩
ବହୁକାଳ ଧରି ତୁମ ଅପଯଶ ଗାଇବେ ଲୋକେ ସଂସାରେ
ମୃତ୍ୟୁଠାରୁ ଦୁଃଖଦାୟୀ ଅପଯଶ ସମ୍ମାନାଷ୍ପଦ ବ୍ୟକ୍ତିରେ ।୩୪
ଭୟରେ ରଣୁ ବିରତ ଯୋଦ୍ଧାମାନେ ତୁମକୁତ ବିଚାରିବ
ଦେଉଥିଲେ ଯିଏ ବୀରର ସମ୍ମାନ ହୋଇବ ତାହା ଲାଘବ ।୩୫
ଅସମୀଚୀନ ଭାଷାରେ କହୁଥିବେ ଅହିତାକାଂକ୍ଷୀ ତୁମର
ନିନ୍ଦିବେ ତୁମ ସାମର୍ଥ୍ୟ କ'ଣଅଛି ତାଠୁ ଅତି ଦୁଃଖତର ।୩୬

---

୩୩ ଅନ୍ୟପକ୍ଷେ ଏହି ଧର୍ମଯୁଦ୍ଧ ଯଦି ନକରିବ ତେବେ ତୁମେ ଯେଉଁ କୀର୍ତ୍ତି ଲାଭ କରିଛ ତାହା ସବୁ ତ ହରାଇବ ସାଥେ ସାଥେ ପାପ ମଧ୍ୟ ଅର୍ଜନ କରିବ ।

୩୪ ଲୋକେ ଜଗତରେ ବହୁକାଳ ପର୍ଯ୍ୟନ୍ତ ତୁମର ନିନ୍ଦା କରିବେ । ଯେଉଁମାନେ ସମ୍ମାନାଷ୍ପଦ ବ୍ୟକ୍ତି ତାଙ୍କର ଯଦି ଅପଯଶ ହୁଏ ତେବେ ତାହା ମରଣଠାରୁ ଅତି ଦୁଃଖଦାୟକ ହୋଇଥାଏ ।

୩୫ ତୁମେ ଯୁଦ୍ଧ ନକଲେ ଅନ୍ୟ ଯୋଦ୍ଧାମାନେ ତୁମକୁ ଭାବିବେ ଯେ ତୁମେ ଭୟରେ ଯୁଦ୍ଧ ତ୍ୟାଗ କଲବୋଲି । ତୁମେ ଏକ ମହାବୀର ବୋଲି ତୁମକୁ ଯେଉଁମାନେ ସମ୍ମାନ ଦେଉଥିଲେ ସେମାନେ ତୁମକୁ ତଥା ତୁମର ସାମର୍ଥ୍ୟକୁ ହେୟଜ୍ଞାନ କରିବେ ।

୩୬ ତୁମର ଯେତେ ଅହିତାକାଁକ୍ଷୀ ବା ଶତ୍ରୁ ଅଛନ୍ତି ସେମାନେ ସମସ୍ତେ ଅତି ଅଯୌକ୍ତିକର କଥା କହିବୁଲିବେ ଓ ତୁମର ସାମର୍ଥ୍ୟକୁ ହେୟଜ୍ଞାନକରି ନିନ୍ଦାକରିବେ । ଏହାଠାରୁ ଆଉ ଦୁଃଖତର ତଥା ଯନ୍ତ୍ରଣାଦାୟକ କଥା କଣ ଅଛି ।

---

ହତହୋଇ ସ୍ୱର୍ଗଲାଭ କର ଅବା ଜିଣି ଭୋଗକର ମହୀ
ତେଣୁ ଉଠହେ କୌନ୍ତେୟ କରଯୁଦ୍ଧ ଦୃଡ ଓ ନିଶ୍ଚିତ ହୋଇ ।୩୭
ସୁଖଦୁଃଖ ଲାଭକ୍ଷତି ସମ ଘେନି ଜୟସହ ପରାଜୟ
ସମରେ ହୁଅ ଉଦ୍ୟତ ନହେଲେତ ପାପ ଅର୍ଜନ ନିଶ୍ଚୟ।୩୮
କହିଲି ତୁମକୁ ଏହି ସାଙ୍ଖ୍ୟତତ୍ତ୍ୱ ଏବେ ଯୋଗେ ଜ୍ଞାନ ଶୁଣ
ଜ୍ଞାନ ଯୁକ୍ତ ହେଲେ କର୍ମ ପାର୍ଥ ହେବ ବିମୁକ୍ତ କର୍ମ ବନ୍ଧନ ।୩୯
ଆରମ୍ଭହେଲେ ଏହାର ନୁହେଁନାଶ ନାହିଁ ବିପରିତ ଫଳ
ସ୍ୱଳ୍ପମାତ୍ର ଅନୁଷ୍ଠାନ କରିଦିଏ ମହାବିପଦ ନିର୍ମୂଳ।୪୦

---

୩୭ ଯଦି ଯୁଦ୍ଧରେ ନିହତ ହେବ ତୁମକୁ ସ୍ୱର୍ଗ ପ୍ରାପ୍ତ ହେବ ଏବଂ ଯଦି ଜିତିଯିବ ତେବେ ରାଜ୍ୟ ଭୋଗ କରିବ, ତେଣୁ ତୁମେ ଦୃଢନିଶ୍ଚୟ କରି ଯୁଦ୍ଧପାଇଁ ଠିଆହୁଅ ।

୩୮ ସୁଖ ଓ ଦୁଃଖ, ଲାଭ ଓ କ୍ଷତି, ଜୟ ଓ ପରାଜୟ ଏ ସବୁକୁ ସମାନ ଭାବରେ ଦେଖି ଯୁଦ୍ଧପାଇଁ ଉଦ୍ୟତ ହୁଅ ନ ହେଲେ ପାପ ଅର୍ଜନ କରିବ ।

୩୯ ହେ ପାର୍ଥ ଯେଉଁ ସମବୁଦ୍ଧିରେ ଯୁକ୍ତ ହୋଇ ତୁମେ କର୍ମ ବନ୍ଧନରୁ ମୁକ୍ତ ହୋଇ ପାରିବ ତାହା ସାଙ୍ଖ୍ୟଯୋଗରେ କୁହାଗଲା ।ଏବେ ତୁମେ କର୍ମଯୋଗ ପ୍ରସଙ୍ଗରେ ଶୁଣ ।

୪୦ ଯଦି ମନରେ କର୍ମ ସନ୍ତୁଳନତା ବା ସମବୁଦ୍ଧି ଆସିବା ଆରମ୍ଭ ହୋଇଯିବ, ସେହି ଆରମ୍ଭର ବିନାଶ ହୁଏ ନାହିଁ କି ବିପରିତ ଫଳର ଆଶଙ୍କା ନଥାଏ। କିଞ୍ଚିତମାତ୍ର ସମତା ଆସିଥିଲେବି ତାହା ଜନ୍ମମୃତ୍ୟୁ ରୂପକ ମହାଭୟରୁ ରକ୍ଷାକରେ ।

---

ବ୍ୟବସାୟାତ୍ମିକା ବୁଦ୍ଧି, ଏକମାତ୍ର ଅଟେ ହେ କୁରୁନନ୍ଦନ
ଅବ୍ୟବସାୟୀର ବୁଦ୍ଧି ଅନନ୍ତ ଓ ବହୁତଶାଖା ସମ୍ପନ୍ନ ।୪୧
ସୁପୁଷ୍ପିତ ବଚନରେ କହୁଥାନ୍ତି ଏହା ଅବିବେକୀ ଜନ
ବେଦବର୍ଣ୍ଣିତ କର୍ମରୁ ନାହିଁପାର୍ଥ ଅନ୍ୟକିଛି କର୍ମମାନ ।୪୨
କାମନା ରଖେ ଏ ଜୀବ ସ୍ୱର୍ଗଶ୍ରେଷ୍ଠ ଜନ୍ମ କର୍ମଫଳ ପ୍ରଦ
ଆଚରେ କ୍ରୀୟାବିଶେଷ ପାଇବାକୁ ଐଶ୍ୱର୍ଯ୍ୟ ଭୋଗ ସମ୍ପଦ ।୪୩
ଭୋଗ ଐଶ୍ୱର୍ଯ୍ୟ ଆସକ୍ତ ତାହାଦ୍ୱାରା ହୃତ ଚେତନା ଯାହାର
ବ୍ୟବସାୟାତ୍ମିକା ବୁଦ୍ଧି ତାର ନୁହେଁ ଧ୍ୟାନ ସମାଧିରେ ସ୍ଥିର ।୪୪

---

୪୧ ହେ କୁରୁନନ୍ଦନ ସମବୁଦ୍ଧି ପ୍ରାପ୍ତ ହୋଇ,ବ୍ୟବସାୟାତ୍ମିକା ବୁଦ୍ଧି କେବଳ ଏକ, ମାତ୍ର ଅବ୍ୟବସାୟୀ ମାନଙ୍କର ବୁଦ୍ଧିସବୁ ଅନନ୍ତ ଓ ବହୁଳ ଭାବରେ ଥାଏ ।

୪୨ ଅବିବେକୀ ବେଦବିତ୍ ଯେଉଁମାନେ ବେଦବର୍ଣ୍ଣିତ ସକାମ କର୍ମରେ ଶ୍ରଦ୍ଧା ରଖିଛନ୍ତି ସେମାନେ ଅତିରଞ୍ଜିତ ଭାଷାରେ କହି ବୁଲନ୍ତି ଯେ ଏହାଠାରୁ (ଭୋଗଠାରୁ) ଆଉ କିଛି ନାହିଁ ।

୪୩ ସ୍ୱର୍ଗଲାଭ ଜୀବନର ଅନ୍ତିମ ଆଶା ବୋଲି କାମନା ରଖି ବେଦର କର୍ମକାଣ୍ଡ ବ୍ୟବସ୍ଥା ଅନୁସାରେ କର୍ମ କରି ଉନ୍ନତ ଜନ୍ମ ସହିତ ଐଶ୍ୱର୍ଯ୍ୟ ଫଳ ପ୍ରାପ୍ତି ଆଶାରେ ଜୀବ ବହୁ ପ୍ରକାର ଜାକଯମକରେ ଯାଗ ଯଜ୍ଞ ପୂଜାର୍ଚ୍ଚନା କାମ କରିଥାଏ ।

୪୪ ଐଶ୍ୱର୍ଯ୍ୟ ଭୋଗରେ ଆସକ୍ତ ହୋଇ କର୍ମକାଣ୍ଡ ବ୍ୟବସ୍ଥାର ଭ୍ରାନ୍ତ ଧାରଣାରେ ଯାହାର ମନ ଓ ଚେତନା ଭ୍ରମରେ ପଡିଥାଏ ତାଙ୍କର ପରମାତ୍ମାଙ୍କ ପ୍ରତି ଏକ ନିଶ୍ଚୟାତ୍ମିକା ବୁଦ୍ଧି ହୁଏ ନାହିଁ କି ଧ୍ୟାନ ସମାଧି ପ୍ରଚେଷ୍ଟାରେ ସ୍ଥିର ରହିପାରେ ନାହିଁ ।

---

ତ୍ରୀଗୁଣ ପ୍ରଶଂସେ ବେଦ  ଅର୍ଜୁନହେ ହୁଅ ତ୍ରୀଗୁଣ ରହିତ
ଦ୍ୱନ୍ଦ୍ୱ ତେଜି ନିତ୍ୟେ ସତ୍ତ୍ୱେ ରହି ହୁଅ ଯୋଜନାହିନ ଆତ୍ମସ୍ଥ ।୪୫
ଯେତେ ଆବଶ୍ୟକ କ୍ଷୁଦ୍ର ଜଳାଶୟ୍ ଜଳସଂପ୍ଲାବିତ ସ୍ଥାନେ
ତେତେ ଆବଶ୍ୟକ ବେଦେ ବ୍ରାହ୍ମଣର ଯିଏ ଦୀପ୍ତ ବ୍ରହ୍ମଜ୍ଞାନେ ।୪୬
କର୍ମରେ କେବଳ ତୁମ ଅଧିକାର ଫଳେ ନୁହେଁ କଦାଚନ
ତେଣୁ ନରଖ ଆସକ୍ତି କର୍ମଫଳେ ନରହ ହେ କ୍ରୀୟାହୀନ ।୪୭
ଯୋଗନିଷ୍ଠେ କର କର୍ମ ଧନଞ୍ଜୟ ତେଜି ସକଳ ଆସକ୍ତି
ସିଦ୍ଧି ଅସିଦ୍ଧିରେ ସମ ରହିଜାଣ ସମତ୍ୱେ ଯୋଗ କହନ୍ତି ।୪୮

---

୪୫   ପ୍ରକୃତରେ ବେଦ ତ୍ରୀଗୁଣ (ସତ୍ତ୍ୱ ରଜ ତମ)ବା କାମନାତ୍ମକ ବିଷୟରେ କହିଥାନ୍ତି । ହେ ଅର୍ଜୁନ ତୁମେ ଏହି ତ୍ରୀଗୁଣ ରହିତ ହୁଅ । ସକଳ ପ୍ରକାର ଦ୍ୱନ୍ଦ୍ୱ ତ୍ୟାଗକରି ସର୍ବଦା ସତ୍ତ୍ୱ ଭାବରେ ରୁହ ଓ ପାର୍ଥୀବ ଧନ ଅର୍ଜନ ଓ ସଞ୍ଚୟ ଚିନ୍ତା ତ୍ୟାଗ କରି ସର୍ବଦା ଆତ୍ମାରେ ନିବାସ କର ।

୪୬   ଜଳ ସଂପ୍ଲାବିତ ସ୍ଥାନ ଅର୍ଥାତ୍ ବୃହତ୍ ଜଳାଶୟ ମିଳିଯିବା ପରେ, କ୍ଷୁଦ୍ର ଜଳାଶୟର ଯେତିକି ପ୍ରୟୋଜନ , ଜଣେ ବେଦ ଓ ଶାସ୍ତ୍ରମାନଙ୍କୁ ତତ୍ତ୍ୱତଃ ଜାଣି ସାରିଥିବା ବ୍ରହ୍ମଜ୍ଞାନୀ ବ୍ରାହ୍ମଣ ପାଇଁ ବେଦଗୁଡିକ ସେତିକି ପ୍ରୟୋଜନ ।

୪୭   ତୁମର କେବଳ କର୍ମରେ ଅଧିକାର ଅଛି ମାତ୍ର ଏହାର ଫଳରେ ନାହିଁ । ତେଣୁ ତୁମେ କର୍ମଫଳରେ ଉଦ୍ଦେଶ୍ୟ ରଖନାହିଁ କି କେବେ ବି କ୍ରୀୟାହୀନ ହୋଇ ରୁହ ନାହିଁ ।

୪୮   ହେ ଅର୍ଜୁନ ତୁମେ ଆସକ୍ତି ତ୍ୟାଗ କରି, ସଫଳତା ଓ ବିଫଳତାରେ ସମଭାବ ରଖି ଯୋଗନିଷ୍ଠ ହୋଇ କର୍ମ କରିଯାଅ ।  କାରଣ ସମତାକୁ ହିଁ ଯୋଗ କହନ୍ତି ।

---

ଅତ୍ୟନ୍ତ ଅଶ୍ରେଷ୍ଠ କର୍ମ, ଧନଞ୍ଜୟ ବୁଦ୍ଧିଯୋଗଠାରୁ ଜାଣ
ବୁଦ୍ଧିର ଶରଣ ନିଅ ଫଳକାଙ୍କ୍ଷୀ ମନୁଷ୍ୟଗଣ କୃପଣ ।୪୯
ବୁଦ୍ଧିଯୁକ୍ତ ବ୍ୟକ୍ତି କରେ ତ୍ୟାଗ ଇହ ସୁକୃତ ଦୁଷ୍କୃତ ବଳ
ତେଣୁ ଯୋଗେ ଯତ୍ନଶୀଳ ହୁଅଯେଣୁ ଯୋଗହିଁ କର୍ମେ କୌଶଳ ।୫୦
ବୁଦ୍ଧିଯୁକ୍ତ ହୋଇଥିବା କର୍ମଫଳ ତ୍ୟାଗକରି ଜୀବଗଣ
ଜନ୍ମ ବନ୍ଧନ ବିମୁକ୍ତେ କରୁଥାନ୍ତି ମଙ୍ଗଳ ଧାମ ଗମନ ।୫୧
ଯେତେବେଳେ ତୁମବୁଦ୍ଧି ମୋହପଙ୍କୁ ଅତିକ୍ରମ କରିଯିବ
ପ୍ରାପ୍ତହେବ ନିର୍ବିକାର ସବୁପାଇଁ ଶ୍ରୁତ ହେଉ କି ଶ୍ରୋତବ୍ୟ ।୫୨

---

୪୯ ହେ ଧନଞ୍ଜୟ ବୁଦ୍ଧି(ଜ୍ଞାନ)ଯୋଗ ଠାରୁ ଏହି ସକାମ କର୍ମ ପ୍ରକୃତରେ ଅତ୍ୟନ୍ତ ନିକୃଷ୍ଟ ତେଣୁ ତୁମେ ଜ୍ଞାନର ଆଶ୍ରୟ ନିଅ କାରଣ ଫଳଆଶା କରୁଥିବା ବ୍ୟକ୍ତିମାନେ ନିକୃଷ୍ଟ ଅଟନ୍ତି ।

୫୦ ସମବୁଦ୍ଧି ସମ୍ପନ୍ନ ବ୍ୟକ୍ତି ମନରେ ସନ୍ତୁଳିତ ହୋଇ ଇହଜନ୍ମରେ ପାପ ପୁଣ୍ୟ ଉଭୟକୁ ପରିତ୍ୟାଗ କରେ ।ତେଣୁ ତୁମେ ଯୋଗରେ ନିଯୁକ୍ତ ହୁଅ କାରଣ ଯୋଗ ହିଁ କର୍ମର କୁଶଳତା ।

୫୧ ଜଣେ କର୍ମଯୋଗୀ ବୁଦ୍ଧିଯୁକ୍ତ ବା ସମତା ଯୁକ୍ତହୋଇ କରା ଯାଇଥିବା କର୍ମର ଫଳ ତ୍ୟାଗ କରି ଅର୍ଥାତ୍ ସଂସାରକୁ ପରିତ୍ୟାଗ କରି, ଜନ୍ମ ମୃତ୍ୟୁ ରୂପକ ବନ୍ଧନରୁ ମୁକ୍ତ ହୋଇ ଅନାମୟ ପଦକୁ ଅର୍ଥାତ୍ ମଙ୍ଗଳମୟ ଧାମକୁ ପ୍ରାପ୍ତ କରନ୍ତି ।

୫୨ ଯେତେବେଳେ ତୁମ ବୁଦ୍ଧି ମୋହମାୟା ପଙ୍କକୁ ଅତିକ୍ରମ କରିଯିବ ସେତେବେଳେ ତୁମେ ଯାହା ଶୁଣିବାକୁ ହେବ ବା ଯାହା ଶୁଣିଲ ସବୁ ଭୋଗପାଇଁ ନିର୍ବିକାର ବା ବୈରାଗ୍ୟ ପ୍ରାପ୍ତ ହୋଇଯିବ ।

---

ଶାସ୍ତ୍ରୀୟ ମତଭେଦରେ ତୁମେଯଦି ଅବିଚଳିତ ରହିବ
ଅଚଳା ରହିବ ବୁଦ୍ଧି ସମାଧିରେ ତେବେ ଯୋଗପ୍ରାପ୍ତହେବ ।୫୩

ଅର୍ଜୁନ ଉବାଚ

ସ୍ଥିତପ୍ରଜ୍ଞର କି ଲକ୍ଷଣ କେଶବ କିପରି ସମାଧି ସ୍ଥିତି
ସ୍ଥିରବୁଦ୍ଧି କି କହନ୍ତି କେଉଁପରି ବସନ୍ତି ଓ ବିଚରନ୍ତି ।୫୪

ଶ୍ରୀ ଭଗବାନ ଉବାଚ

ମନେ ଆଗତ କାମନା ଆହେପାର୍ଥ ତ୍ୟକ୍ତକରି ସବୁ ଯେବେ
ଆତ୍ମାଦ୍ୱାରା ନିଜେ ତୁଷ୍ଟ ଯିଏହେବ ସ୍ଥିତପ୍ରଜ୍ଞ ବୋଲାଇବେ ।୫୫
ଦୂଃଖେ ନୁହେଁ ଉଦବିଗ୍ନ ସୁଖଲାଭେ ଅଟନ୍ତି ସ୍ପୃହା ରହିତ
ରାଗ ଭୟ କ୍ରୋଧୁ ମୁକ୍ତ ଯିଏ ତାକୁ ସ୍ଥିତଧୀ ମୁନି କଥିତ ।୫୬

---

୫୩ ବେଦ କର୍ମକାଣ୍ଡର ବିଭ୍ରାନ୍ତିକର ବିଧାନ ଶୁଣି ଶୁଣି ଯଦି ବୁଦ୍ଧି ତୁମର ଅବିଚଳିତ ରହି ପାରିବ ଓ କେବଳ ପରମାତ୍ମାଙ୍କଠାରେ ନିଶ୍ଚଳ ହେବ ତେବେ ତୁମେ ଯୋଗ ପ୍ରାପ୍ତହେବ ।

୫୪ ହେ କେଶବ ୧-ସ୍ଥିତପ୍ରଜ୍ଞ ଯୋଗୀ କାହାକୁ କହନ୍ତି ୨- ସେମାନଙ୍କ ଲକ୍ଷଣ କିପରି ହୋଇଥାଏ ୩-କିପରି ବଚନ କହନ୍ତି ୪-କିପରି ବସନ୍ତି ଓ କିପରି ବିଚରଣ କରନ୍ତି ତାହା ବୁଝାଇ କୁହ ।

୫୫ ଯେତେବେଳେ ମନରେ ଆସୁଥିବା ସକଳ କାମନା ଯିଏ ତ୍ୟାଗକରି ନିଜକୁ ସନ୍ତୁଷ୍ଟ ରଖିପାରେ ତାକୁ ସ୍ଥିତପ୍ରଜ୍ଞ ବୋଲି କହନ୍ତି ।

୫୬ ଯିଏ ଦୂଃଖରେ ବା ବିପର୍ଯ୍ୟୟ ସମୟରେ ଭାଙ୍ଗିପଡେ ନାହିଁ , ସାଂସାରିକ ଭୋଗ ସୁଖରେ ସ୍ପୃହା ରଖିନଥାଏ ଏବଂ ଯିଏ ଭୟ କ୍ରୋଧ ଓ ଆସକ୍ତିରୁ ମୁକ୍ତ ରହି ପାରିଛି ସେହି ମନନଶୀଳ ମନୁଷ୍ୟକୁ ସ୍ଥିରବୁଦ୍ଧି କହନ୍ତି ।

---

ଯେ ସର୍ବତ୍ର ଅନାସକ୍ତ ଲାଭକରି ଶୁଭ ଅଶୁଭ ପ୍ରାପତ
ନୁହଁ ଆନନ୍ଦିତ କିମ୍ବା ଅସନ୍ତୋଷ ତାର ପ୍ରଜ୍ଞା ପ୍ରତିଷ୍ଠିତ ।୫୭
ସଙ୍କୁଚିତ କରେ କୂର୍ମ ଯେଉଁପରି ସର୍ବଥା ଅଙ୍ଗସମସ୍ତ
ଇନ୍ଦ୍ରିୟସୁଖୁଁ ଇନ୍ଦ୍ରିୟ ନିବର୍ତ୍ତେ ଯେ ତାରପ୍ରଜ୍ଞା ପ୍ରତିଷ୍ଠିତ ।୫୮
ବିଷୟ ବାସନା ସବୁ ନ ବର୍ତ୍ତନ୍ତି ନିରାହାରୀ ମନୁଷ୍ୟର
ରସ ନ ବର୍ଜିତ କିନ୍ତୁ ନିବର୍ତ୍ତନ୍ତି ରସ, ପରମ ପ୍ରାପ୍ତିର ।୫୯
ସଂଯମରେ ଯତ୍ନବାନ ହେ କୌନ୍ତେୟ ଥିଲେବି ବିଦ୍ୱାନ ଜନ
ପ୍ରମତ୍ତ ଇନ୍ଦ୍ରିୟଗଣ ତାଙ୍କମନ କରନ୍ତି ବଳେ ହରଣ ।୬୦

---

୫୭ ସର୍ବତ୍ର ଅନାସକ୍ତ ରହି ଯେ ଶୁଭ ହେଉ କି ଅଶୁଭ ହେଉ ପ୍ରାପ୍ତ କରି ଶୁଭପ୍ରାପ୍ତିରେ ଆନନ୍ଦିତ ନୁହନ୍ତି କି ଅଶୁଭ ପ୍ରାପ୍ତିରେ ଅସନ୍ତୋଷ ବା ବିଦ୍ୱେଷ ଭାବ ପ୍ରକାଶ କରନ୍ତି ନାହିଁ ତାର ପ୍ରଜ୍ଞା ପ୍ରତିଷ୍ଠିତ ।

୫୮ କଚ୍ଛପ ଯେପରି ନିଜର ଅଙ୍ଗ ପ୍ରତ୍ୟଙ୍ଗ ସବୁକୁ ସଙ୍କୋଚକରି ବସିରହେ ସେପରି ଯିଏ ନିଜର ଇନ୍ଦ୍ରିୟ ମାନଙ୍କୁ ସଂସାର ବିଷୟସୁଖରୁ ଅପସାରଣ କରିନେଇ ସ୍ଥିରନିଶ୍ଚିତ ଆତ୍ମାରେ ବାସକରେ ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ ।

୫୯ ନିରାହାର ଦେହୀ ଅର୍ଥାତ୍ ଯେ ବ୍ୟକ୍ତି ବିଷୟଭୋଗରୁ ନିବୃତ୍ତ ରହିଥାଏ ସତ କିନ୍ତୁ ତାଠାରେ ଯଦିବା କିଛି ବାସନା ରହିଯାଇଥାଏ ତେବେ ତାହା ସମ୍ପୂର୍ଣ୍ଣ ନିବୃତ୍ତ ହୋଇଯାଏ ଯେତେବେଳେ ତାହାର ପରମାତ୍ମାଙ୍କ ଦର୍ଶନ ଲାଭହୁଏ ।

୬୦ ହେ କୌନ୍ତେୟ ରସବୁଦ୍ଧି ଥିବାରୁ ଯତ୍ନଶୀଳ ବିଦ୍ୱାନ ଜନଙ୍କର ମନକୁ ଅନେକ ସମୟରେ  ପ୍ରମତ୍ତ ଇନ୍ଦ୍ରିୟମାନେ ବଳପୂର୍ବକ ଅପହରଣ କରିନିଅନ୍ତି ।

---

ଇନ୍ଦ୍ରିୟଙ୍କୁ କରିବଶ ଯୋଗୀଜନ ଆସୀନ ମନେମଦ୍ଗତ
ଯାହାର ଇନ୍ଦ୍ରିୟଗଣ ବଶିଭୂତ ତାରପ୍ରଜ୍ଞା ପ୍ରତିଷ୍ଠିତ ।୬୧
ମନୁଷ୍ୟ ବିଷୟେ ଚିନ୍ତା କରୁକରୁ ଆସକ୍ତି ହୁଅଇ ଜାତ
କାମନା ହୁଏ ସଂଜାତ ଆସକ୍ତିରୁ କାମନାରୁ କ୍ରୋଧଜାତ ।୬୨
କ୍ରୋଧରୁ ଜାତ ସମ୍ମୋହ ସମ୍ମୋହରୁ ସ୍ମୃତିଭ୍ରମ ନିଏଜନ୍ମ
ସ୍ମୃତିଭ୍ରମରୁ ଘଟଇ ବୁଦ୍ଧିନାଶ ତହିଁରୁ ନଷ୍ଟ ସମ୍ପୂର୍ଣ୍ଣ । ୬୩
ରାଗଦ୍ୱେଷୁ ଯେ ବିମୁକ୍ତ ଇନ୍ଦ୍ରିଦ୍ୱାରା ବିଷୟରେ ବିଚରନ୍ତି
ସଂଯତମନା ସ୍ୱବଶେ ରଖିଥାନ୍ତି ଆତ୍ମସନ୍ତୋଷ ଲଭନ୍ତି ।୬୪

---

୬୧ ସେହି ଇନ୍ଦ୍ରିୟଗଣଙ୍କୁ ବଶକରି ଯୋଗୀମାନେ ମୋ ଠାରେ ଚିତ୍ତ ନିବେଶ କରିବା ଉଚିତ । କାରଣ ଏହିପରି ଯାହାର ଇନ୍ଦ୍ରିୟଗଣ ବଶିଭୂତ ହୋଇଥାନ୍ତି ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ ।

୬୨ ବିଷୟ ଚିନ୍ତା କରୁକରୁ ମନୁଷ୍ୟର ସେ ବିଷୟରେ ଆସକ୍ତି ଚାଲିଆସେ । ଆସକ୍ତିରୁ ତା ପ୍ରତି କାମନା ସୃଷ୍ଟି ହୁଏ । ପୁନଶ୍ଚ କାମନା ଯଦି କୌଣସି କାରଣରୁ ଫଳ ପ୍ରଦ ନହୋଇପାରେ ତାପରେ ମନୁଷ୍ୟ ମନରେ କ୍ରୋଧ ଆସେ ।

୬୩ କ୍ରୋଧିତହେଲେ ମନୁଷ୍ୟମନରେ ମୋହ ଜାତହୁଏ ।ମୋହ ଅଧିକହେଲେ ମସ୍ତିଷ୍କ ବିଭ୍ରାନ୍ତିକର ଅବସ୍ଥା ଲାଭ କରେ ଫଳରେ ସେ ଭଲ ମନ୍ଦ କିଛି ବିଚାର କରି ପାରେନାହିଁ । ମନର ଉତ୍ତେଜନା ବଶରେ ସେ କଣ କରୁଚି ବା କଣ କହୁଛି ଜାଣି ନପାରି କିଛି ଅଘଟଣ କରିପକାଏ ଓ ଅମଣିଷ ପରି ବ୍ୟବହାର କରେ ।

୬୪ ସଂଯତମନା ବ୍ୟକ୍ତିମାନେ ରାଗଦ୍ୱେଷରୁ ବିମୁକ୍ତହୋଇ ନିଜର ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟଭୋଗ କରୁଥିଲେ ମଧ୍ୟ ସବୁବେଳେ ପ୍ରସନ୍ନମନା ଥାନ୍ତି ।

---

ଚିତ୍ତ ପ୍ରସନ୍ନତା ହେଲେ ଘଟିଥାଏ ବିନାଶ ସର୍ବଦୂଃଖର
ପ୍ରସନ୍ନଚିତ୍ତ କାରଣୁ  ଜନପ୍ରଜ୍ଞା ଶୀଘ୍ରହିଁ ହୁଏ ସୁସ୍ଥିର ।୬୫
ଅଯୁକ୍ତଚିତ୍ତେ ନଆସେ ସ୍ଥିରବୁଦ୍ଧି ନହୋଇପାରେ ଭାବସ୍ଥ
ନ ଭାବେ ନଆସେଶାନ୍ତି ଅଶାନ୍ତବି କିପରି ହେବ ସୁଖସ୍ଥ ।୬୬
ଇନ୍ଦ୍ରିୟଗଣ ଭ୍ରମନ୍ତି ଯଦିଏକ ଅନୁଗାମୀ କରି ମନ
ହରଣ କରେ ତା ବୁଦ୍ଧି ଯେହ୍ନେବାୟୁ ଜଳରେ ନାବ ଦୋଳନ ।୬୭
ତେଣୁ ଯାହାର ଇନ୍ଦ୍ରିୟ ମହାବାହୁ ସର୍ବଥାରେ ନିଗୃହିତ
ଇନ୍ଦ୍ରିୟମାନଙ୍କ ଭୋଗ୍ୟ ବିଷୟରୁ ତାର ପ୍ରଜ୍ଞା ପ୍ରତିଷ୍ଠିତ ।୬୮

---

୬୫ ଚିତ୍ତ ପ୍ରସନ୍ନ ରହିଲେ ସବୁ ଦୂଃଖର ବିନାଶ ଘଟିଥାଏ କାରଣ ପ୍ରସନ୍ନତା ସବୁ ବ୍ୟକ୍ତିଙ୍କର ପ୍ରଜ୍ଞାକୁ ସ୍ଥିର କରିଦେଇଥାଏ ।

୬୬ ଅଯୁକ୍ତ ବା ଯାହାର ମନ ଓ ଇନ୍ଦ୍ରିୟମାନେ ସଂଯତ ନୁହନ୍ତି ସେହି ବ୍ୟକ୍ତିର ବୁଦ୍ଧିରେ ସ୍ଥିରତା ଆସେନାହିଁ ତେଣୁ ତାର ନିଷ୍କାମଭାବନା ବା କର୍ତ୍ତବ୍ୟପରାୟଣ ଭାବ ଆସିବା ଅସମ୍ଭବ। ଏ ଭାବନା ନ ଆସିଲେ ତାଙ୍କର ଶାନ୍ତି ନାହି ଏବଂ ଯେ ଅଶାନ୍ତ ତାର ସୁଖ କେଉଁଠୁ ଆସିବ ।

୬୭ ଜଳରେ ଥିବା ନୌକା ପବନରେ ଯେପରି ଦୋଳାୟିତ ହେଉଥାଏ ସେହିପରି ବିଷୟଭୋଗ ଆଶାରେ ଇନ୍ଦ୍ରିୟଗଣଙ୍କ ପଛରେ ଗୋଡାଉଥିବା ମନ, ମନୁଷ୍ୟର ବୁଦ୍ଧି ବିବେକ ହରଣ କରିନେଇ ତାକୁ ଏଣେତେଣେ ଟାଣୁଥାଏ ।

୬୮ ତେଣୁ ହେ ମହାବୀର ଅର୍ଜୁନ ଇନ୍ଦ୍ରିୟମାନଙ୍କ ବିଷୟଭୋଗରୁ ଯେଉଁ ମନୁଷ୍ୟର ତାର ଇନ୍ଦ୍ରିୟଗଣଙ୍କୁ ସମ୍ପୂର୍ଣ୍ଣରୂପେ ନିଗୃହିତ କରି ପାରିଛି ତାର ପ୍ରଜ୍ଞା ସ୍ଥିର ଅଟେ ।

---

ସବୁ ପ୍ରାଣୀଙ୍କର ପାଇଁ ଯିଏରାତ୍ରୀ ତହିଁ ସଂଯମୀ ଜାଗ୍ରତ
ଯହିଁ ଉଜାଗର ପ୍ରାଣୀ ରାତ୍ରୀବୋଲି ଦେଖନ୍ତି ଆତ୍ମଦର୍ଶିତ ।୬୯
ଚତୁର୍ଦ୍ଦିଗରୁ ସଲୀଳ କରିଲେ ପ୍ରବେଶ
ଯେପରି ସମୁଦ୍ର ରହେ ଅଚଳ ପ୍ରତିଷ୍ଠ
ସେପରି କାମନା ସବୁ କରିଲେ ପ୍ରବେଶ
ଅନାସକ୍ତ ପାଏ ଶାନ୍ତି ନ କାମୀ ସନ୍ତୁଷ୍ଟ ।୭୦
ବିହାୟ୍ କାମନା ସର୍ବ ଯେଉଁବ୍ୟକ୍ତି ସ୍ପୃହାହିନେ ବିଚରନ୍ତି
ନ ମମ ନିରହଂକାର ଭାବରଖି ପରମ ଶାନ୍ତି ଲଭନ୍ତି ।୭୧

---

୬୯ ସବୁ ପ୍ରାଣୀଙ୍କପାଇଁ ଯିଏ ରାତ୍ରୀ ସେ ସମୟ୍ରେ ଆତ୍ମଦର୍ଶି ମୁନିମାନେ ଜାଗ୍ରତ ରହନ୍ତି ଓ ଯେତେବେଳେ ସବୁପ୍ରାଣୀ ବ୍ୟସ୍ତଜାଗ୍ରତ ତାହା ମୁନିଙ୍କପାଇଁ ରାତ୍ରୀ ।

୭୦ ଚତୁର୍ଦ୍ଦିଗରୁ ଯେତେ ଜଳ ପ୍ରବେଶ କରିଲେ ବି ସମୁଦ୍ର ଯେପରି ସ୍ୱୟଂ ସମ୍ପୂର୍ଣ୍ଣ ଅଚଳ ଓ ସୁସ୍ଥିର ସେପରି ଯେତେ କାମନାରାଶୀ କୌଣସି ଅନାସକ୍ତ ବ୍ୟକ୍ତି ମନରେ ପ୍ରବେଶ କଲେ ବି ସିଏ ସମୁଦ୍ର ପରି ଅଚଳ ଓ ସ୍ଥିର ରହିପାରେ । ସେହି କେବଳ ଶାନ୍ତି ଲାଭ କରିପାରେ ମାତ୍ର ଭୋଗକାମୀ ବ୍ୟକ୍ତି ନୁହେଁ ।

୭୧ କାମନା ବାସନା ତ୍ୟାଗକରି ଯେଉଁମାନେ ନିସ୍ପୃହ ନିର୍ମମ ଓ ନିରହଂକାର ହୋଇ ବିଚରଣ କରନ୍ତି ସେମାନେ ଶାନ୍ତି ଲାଭ କରନ୍ତି ।

---

ଏହାକୁହିଁ ବ୍ରାହ୍ମୀସ୍ଥିତି କହିପାର୍ଥ ଲଭି ନୁହେଁ ମୋହଗ୍ରସ୍ତ
ଏସ୍ଥିତିରେ ରହି ସ୍ଥିର ଅନ୍ତକାଳେ ବ୍ରହ୍ମନିର୍ବାଣ ପ୍ରାପତ ।୭୨

---

୭୨ ହେ ପାର୍ଥ ଏହାକୁ ହିଁ ବ୍ରାହ୍ମୀସ୍ଥିତି କୁହାଯାଏ । ଏହାକୁ ପ୍ରାପ୍ତ ହୋଇ ଜୀବ ଆଉ ମୋହଗ୍ରସ୍ତ ହୁଏନାହିଁ ।ଏହିପରି ସ୍ଥିତିରେ ଅନ୍ତିମକାଳ ପର୍ଯ୍ୟନ୍ତ ଯେଉଁମାନେ ରହିପାରନ୍ତି ସେମାନେ ବ୍ରହ୍ମ ନିର୍ବାଣ ବା ମୋକ୍ଷ ଲାଭ କରନ୍ତି ।

ବ୍ରହ୍ମବିଦ୍ୟାଯୁକ୍ତ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ସାଂଖ୍ୟ ଯୋଗ ନାମକ ଦ୍ୱିତୀୟ଼ ଅଧ୍ୟାୟ଼ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୁଦିତ ସାଙ୍ଖ୍ୟଯୋଗ ନାମକ ଦ୍ୱିତୀୟଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୪୭+୭୨ =୧୧୯)

# ଶ୍ରୀମତ୍ ଭଗବତ୍ ଗୀତା

(ଓଡିଆ ପଦ୍ୟ ରୂପାୟନ)

---------------------------------------------------

ତୃତୀୟ ଅଧ୍ୟାୟ

## କର୍ମଯୋଗଃ

ଅର୍ଜୁନ ଉବାଚ

ଯଦି କର୍ମଠାରୁ ଜ୍ଞାନ ଶ୍ରେଷ୍ଠତର ତୁମ୍ଭମତ ଜନାର୍ଦ୍ଦନ
କାହିଁକି ଘୋର କର୍ମରେ ହେକେଶବ କର ମତେ ନିୟୋଜନ ।୧
ଏହି ଅମିଶ୍ରିତ ବାକ୍ୟେ ମୋରବୁଦ୍ଧି ହେଉଛି ପ୍ରାୟ ମୋହିତ
ନିଶ୍ଚିତ କରି କହନ୍ତୁ ବାକ୍ୟଏକ ଯାଦ୍ୱାରା ଶ୍ରେୟ ପ୍ରାପତ ।୨

ଶ୍ରୀ ଭଗବାନ ଉବାଚ

ଜଗତେ ଦ୍ୱିବିଧା ନିଷ୍ଠା ହେ ଅନଘ ପୂର୍ବରୁ ମୁଁ କହିଅଛି
ସାଂଖ୍ୟନିଷ୍ଠା ପାଇଁ ଜ୍ଞାନ କର୍ମନିଷ୍ଠା କର୍ମଯୋଗୀ ପାଇଁ ବାଛି ।୩

---

୧ ଯଦି ହେ ଜନାର୍ଦ୍ଦନ ଆପଣଙ୍କ ମତରେ ଜ୍ଞାନ କର୍ମଠାରୁ ଶ୍ରେଷ୍ଠତର ତେବେ କାହିଁକି ଏ ଘୋର କର୍ମରେ ନିଯୁକ୍ତ ହେବାପାଇଁ କହୁଛନ୍ତି ।

୨ ଏପରି ଅମିଶ୍ରିତ ବାକ୍ୟ ଯାହା ପରସ୍ପର ବିରୁଦ୍ଧ ପ୍ରକାଶ କରି ମୋ ବୁଦ୍ଧିକୁ ସନ୍ଦେହରେ ପକାଇ ଦେଉଛନ୍ତି ।ତେଣୁ ନିଶ୍ଚିତ କରି ଗୋଟିଏ କଥା କହନ୍ତୁ ଯାଦ୍ୱାରା ମୁଁ ମୋର ଶ୍ରେୟ ପାଇ ପାରିବି ।

୩ ଭଗବାନ କହିଲେ ହେ ନିଷ୍ପାପ ଅର୍ଜୁନ ମୁଁ ତୁମକୁ ଆଗରୁ କହିଛି ଯେ ସାଂଖ୍ୟଯୋଗୀ ମାନଙ୍କ ପାଇଁ ଜ୍ଞାନମାର୍ଗ ଏବଂ କର୍ମଯୋଗୀ ମାନଙ୍କପାଇଁ କର୍ମମାର୍ଗ ଏପରି ଦ୍ୱିବିଧ ମାର୍ଗ ପ୍ରସସ୍ତ ।

---

ନକରି କର୍ମ ଆରମ୍ଭ ନିଷ୍କର୍ମତା ନୁହେଁ କେବେ ଅନୁଭୂତ
କେବଳ କର୍ମୁ ସନ୍ୟାସ ନେଇଗଲେ ନହୁଏ ସିଦ୍ଧି ପ୍ରାପତ।୪
କୌଣସି ସ୍ଥିତିରେ କେହି କ୍ଷଣେମାତ୍ର ନ ତିଷ୍ଠେ ନ କରି କର୍ମ
ପ୍ରକୃତି ଜନିତ ଗୁଣେ ବଶିଭୂତ ଜୀବଦ୍ୱାରା କରେ କର୍ମ।୫
ସଙ୍କୁଚିତ କରି ଯିଏ କର୍ମେନ୍ଦ୍ରିୟେ ରହେ ମନରେ ସୁମରି
ଇନ୍ଦ୍ରିୟଭୋଗ୍ୟ ବିଷୟେ, ବୋଲାଏ ସେ ବିମୂଢାତ୍ମା ମିଥ୍ୟାଚାରୀ।୬
ମନେ ଇନ୍ଦ୍ରିୟ ସଂଯମ କରିଯିଏ ଆରମ୍ଭକରେ, ହେ ପାର୍ଥ,
ଅନାସକ୍ତେ କର୍ମଯୋଗ କର୍ମେନ୍ଦ୍ରିୟେ କରିନିୟୋଗ,ସେ ଶ୍ରେଷ୍ଠ।୭

---

୪ କର୍ମ ଆରମ୍ଭ ନକରି ଏ ଦୁନିଆରେ କେହି ନିଷ୍କର୍ମତା ଅନୁଭବ କରେ ନାହିଁ ଏବଂ ସନ୍ୟାସ(କର୍ମତ୍ୟାଗ) ନେଲେ ମଧ୍ୟ କେହି ସିଦ୍ଧିପ୍ରାପ୍ତି କରିନାହାନ୍ତି।

୫ ଜୀବଗଣ କର୍ମ ନକରି କୌଣସି ଅବସ୍ଥାରେ କେବେହେଲେ କ୍ଷଣକାଳପାଇଁ ରହିପାରିବ ନାହିଁ। ପ୍ରକୃତ୍ତିର ଗୁଣମାନଙ୍କଦ୍ୱାରା ବଶିଭୂତ ହୋଇଥିବା ଜୀବଗଣଙ୍କ ଦ୍ୱାରା କର୍ମ କରାଇଥାଏ।

୬ ଯେ ଇନ୍ଦ୍ରିୟମାନଙ୍କୁ ସଂଯତରେ ରଖିଥିଲେ ମଧ୍ୟ ଇନ୍ଦ୍ରିୟଭୋଗ୍ୟ ବିଷୟ ଗୁଡିକୁ ସର୍ବଦା ସ୍ମରଣ କରୁଥାନ୍ତି, ସେମାନେ ମିଥ୍ୟାଚାରୀ ଓ ଆତ୍ମ ପ୍ରବଞ୍ଚକ ଅଟନ୍ତି।

୭ ଯେ ମନରେ ଇନ୍ଦ୍ରିୟମାନଙ୍କୁ ସଂଯତକରି ଅନାସକ୍ତ ରହି କର୍ମେନ୍ଦ୍ରିୟମାନଙ୍କ ଦ୍ୱାରା କର୍ମଯୋଗେ ନିୟୋଜିତ ହୋଇପାରନ୍ତି ସେମାନେ ଅନ୍ୟ ଯୋଗୀମାନଙ୍କଠାରୁ ଶ୍ରେଷ୍ଠ ବିବେଚିତ ହୁଅନ୍ତି।

---

ନିୟତ କର୍ତ୍ତବ୍ୟ କର କର୍ମଯେଣୁ ଶ୍ରେଷ୍ଠତର ଅକର୍ମରୁ
ଶରୀରଧର୍ମ ପାଳନ ଅସମ୍ଭବ ହୋଇଯାଏ ଅକର୍ମରୁ ।୮
ଯଜ୍ଞାର୍ଥ କର୍ମ ବ୍ୟତିତ ଅନ୍ୟକର୍ମ ଜଗତେ କର୍ମବନ୍ଧନ
ତାପାଇଁ କର କୌନ୍ତେୟ କର୍ମ,କରି ଅନାସକ୍ତ ଆଚରଣ ।୯
ଯଜ୍ଞସହ ପ୍ରଜାସୃଷ୍ଟି କରି,ପୂର୍ବେ କହିଥିଲେ ପ୍ରଜାପତି
ସମସ୍ତଙ୍କ ବୃଦ୍ଧିହେଉ,ତୁମର ବି ହେଉ ଅଭିଷ୍ଟ ପ୍ରଦତି ।୧୦
ଦେବତା ଭାବନା କର ସେହି ଦେବ କରିବେ ତୁମ ଭାବନା
ପରସ୍ପର ଭାବନାରେ ପ୍ରାପ୍ତହେବ ଶ୍ରେଷ୍ଠ ମଙ୍ଗଳ କାମନା ।୧୧

---

୮ ନିୟତ କର୍ମ ବା ଶାସ୍ତ୍ର ସମ୍ମତ କର୍ତ୍ତବ୍ୟ କର୍ମ କରିଯାଅ, କାରଣ କର୍ମହିନ ହେବା ଅପେକ୍ଷା କର୍ମ କରିବା ଶ୍ରେଷ୍ଠତର । ତେଣୁ କର୍ମ କରିଚାଲ କାରଣ କର୍ମ ନକଲେ ଶରୀର ଧର୍ମ ପାଳନ ବା ଶରୀର ରକ୍ଷା ଅସମ୍ଭବ ହୋଇ ଯିବ ।

୯ ଯଜ୍ଞ ପାଇଁ କରାଯାଉଥିବା କର୍ମ ବ୍ୟତିତ ଅନ୍ୟ ସମସ୍ତ କର୍ମ ଜଗତରେ କର୍ମ ବନ୍ଧନ ଆଣି ଦିଏ । ତେଣୁ ସେଥିପାଇଁ ଅନାସକ୍ତ ଆଚରଣ କରି ଯଜ୍ଞପାଇଁ ହିଁ କର୍ମ କରିଚାଲ ।

୧୦ ଯଜ୍ଞସହ ପ୍ରଜାସୃଷ୍ଟିକରି ପ୍ରାରମ୍ଭରୁ ପ୍ରଜାପତି କହିଥିଲେ ଯେ ଏହି ଯଜ୍ଞ ସମସ୍ତଙ୍କର ଉତ୍ତୋରତ୍ତର ବୃଦ୍ଧି କରି ସମସ୍ତଙ୍କର ଅଭିଷ୍ଟଫଳଦାୟୀ କାମଧେନୁ ପରି ହେଉ ।

୧୧ ଏହିକର୍ତ୍ତବ୍ୟ କର୍ମ ଦ୍ୱାରା ତୁମେ ଦେବତା ମାନଙ୍କୁ ତୃପ୍ତ କରିପାରିଲେ ସେହି ଦେବତା ତୁମକୁ ସେମାନଙ୍କ କର୍ତ୍ତବ୍ୟ କର୍ମ ଦ୍ୱାରା ତୃପ୍ତ କରିବେ । ଏହିପରି ପରସ୍ପରଙ୍କୁ ତୃପ୍ତକରିପାରିଲେ ତୁମକୁ ସର୍ବଶ୍ରେଷ୍ଠ ମଙ୍ଗଳ ପ୍ରାପ୍ତହେବ ।

---

ଇଷ୍ଟ ପ୍ରଦାନ କରନ୍ତି ତୁମ୍ଭଙ୍କୁତ ଦେବତା ଯଜ୍ଞତୃପିତ
ସେଦାନ ତାଙ୍କୁ ନଦେଇ ଯେ ଭୁଞ୍ଜଇ ସେ ଜଣେ ଚୋର ନିଶ୍ଚିତ ।୧୨
ଯଜ୍ଞାବଶିଷ୍ଟ ଭୋଜନୁ ମୁକ୍ତିଲଭେ ସର୍ବପାପରୁ ସଜ୍ଜନେ
ସେଭୁଞ୍ଜନ୍ତି ଘୋରପାପ ଯେକରନ୍ତି ରନ୍ଧନ ଆତ୍ମକାରଣେ ।୧୩
ଅନ୍ନରୁ ଲଭନ୍ତି ପୁଷ୍ଟି ଭୂତଗଣ ବୃଷ୍ଟିରୁ ଅନ୍ନ ସମ୍ଭବ
ଯଜ୍ଞରୁ ସମ୍ଭବେ ବୃଷ୍ଟି ଯଜ୍ଞସବୁ କର୍ମରୁ ହୁଏ ସମ୍ଭବ ।୧୪
ବ୍ରହ୍ମରୁ କର୍ମ ଉଦ୍ଭବ ଜାଣିରଖ ଅକ୍ଷରରୁ ବ୍ରହ୍ମ ଜାତ
ତେଣୁ ସର୍ବଗତ ବ୍ରହ୍ମ ନିତ୍ୟ ଯଜ୍ଞେ ଅଟନ୍ତିସେ ପ୍ରତିଷ୍ଠିତ ।୧୫

---

୧୨ ଯଜ୍ଞଦ୍ୱାରା ତୃପ୍ତିଲାଭକରି ଦେବତାମାନେ ଅଭିଷ୍ଟ ଫଳ ଦେଇଥାନ୍ତି। ତେଣୁ ଯେଉଁମାନେ ଦେବ ଦତ୍ତ ପଦାର୍ଥ ଦେବତାଙ୍କୁ ନଦେଇ ନିଜେ ସମ୍ପୂର୍ଣ୍ଣ ଭୋଗ କରନ୍ତି ସେମାନେ ନିଶ୍ଚିତ ଭାବେ ଚୋର ସମାନ।

୧୩ ଯଜ୍ଞପାଇଁ ରନ୍ଧନ ହୋଇଥିବା ଭୋଗ ଯଜ୍ଞକର୍ମରେ ବ୍ୟବହାର କରି ଅବଶିଷ୍ଟ ସଜ୍ଜନ ଭୋଜନକରି ସବୁ ପ୍ରକାର ପାପରୁ ମୁକ୍ତିଲାଭକରନ୍ତି। ମାତ୍ର ଯେ ଯଜ୍ଞପରିବର୍ତ୍ତେ ନିଜପାଇଁ ରନ୍ଧନକରି ଭୋଜନକରେ ସେ ପ୍ରକୃତରେ ଘୋରପାପକୁ ଭୋଜନକରେ।

୧୪,୧୫ ଅନ୍ନରୁ ଜୀବଗଣ ଉତ୍ପନ୍ନ ହୁଅନ୍ତି, ବର୍ଷାରୁ ଅନ୍ନର ଉତ୍ପତ୍ତି ,ବର୍ଷା ଯଜ୍ଞରୁ ସମ୍ଭବହୁଏ ପରିଶେଷରେ ଯଜ୍ଞ କର୍ମଦ୍ୱାରା ସମ୍ପାଦିତ ହୁଏ।କର୍ମ ବେଦରୂପକ ବ୍ରହ୍ମରୁ ଉତ୍ପନ୍ନ ହୋଇଛି ଓ ବେଦ ଅକ୍ଷରବ୍ରହ୍ମରୁ ନିଷ୍ପନ୍ନ ହୋଇଛନ୍ତି ଅର୍ଥାତ୍ ପରମାତ୍ମାଙ୍କଠାରୁ ଉତ୍ପନ୍ନ ବୋଲି ଜାଣିରଖ। ତେଣୁ ସର୍ବବ୍ୟାପି ପରମାତ୍ମା ଯଜ୍ଞରେ (କର୍ତ୍ତବ୍ୟ କର୍ମରେ) ନିତ୍ୟ ସ୍ଥିତ।

---

ଏହି ପ୍ରବର୍ତ୍ତିତ ଚକ୍ର ଇହଲୋକେ ଯିଏ ନ ଅନୁବର୍ତ୍ତନ୍ତି
ଇନ୍ଦ୍ରିୟ ଚାଳିତ ପାର୍ଥ, ସେ ଅଘାୟୁ ବୃଥା ଜୀବନ ବିତାନ୍ତି ।୧୬
ଆତ୍ମାସହ ରତିକରି ଯେମାନବ ଆତ୍ମାରେ ହିଁ ରହିତୃପ୍ତ
ଆତ୍ମାରେ ହୁଏ ସନ୍ତୁଷ୍ଟ ତାରଆଉ କିଛିକର୍ମ ନ ବିଦ୍ୟତ ।୧୭
ନାହିଁ ମୋହ କରିବାରେ ନାହିଁତାଙ୍କ  ନକରିବାରେ ବି ମୋହ
ନାହିଁମଧ୍ୟ କାହାଠାରେ କିଛିପାଇଁ ଲୋଡିବାକୁ ଟି ଆଶ୍ରୟ । ୧୮
ତେଣୁ ଅନାସକ୍ତେ ସଦା କରଣୀୟ କର୍ମ କର ସମ୍ପାଦନ
ଅସକ୍ତେ ସାଧିତ କର୍ମ ଆଣିଦିଏ ମନୁଷ୍ୟେ ପରମ ସ୍ଥାନ ।୧୯

---

୧୬  ହେ ପାର୍ଥ ଯିଏ ଇହଲୋକରେ ଚଳି ଆସୁଥିବା ଏହି ଧର୍ମ ବା ସୃଷ୍ଟି ଚକ୍ର ଅନୁସାରେ ଆଚରଣ ନ କରନ୍ତି ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ଭୋଗ ଉପଭୋଗ କରୁଥାନ୍ତି ସେମାନେ ଅଘାୟୁ (ପାପୀ) ଏବଂ ଏ ସଂସାରରେ ବୃଥାରେ ଜୀବିତ ଥାନ୍ତି ।

୧୭  ଯେଉଁମାନେ କେବଳ ଆତ୍ମାରେ ବିଳାସ କରନ୍ତି ଆତ୍ମାରେ ହିଁ ତୃପ୍ତିଲାଭ କରନ୍ତି ଏବଂ ଆତ୍ମାରେ ସର୍ବଦା ସନ୍ତୁଷ୍ଟରହି ପାରନ୍ତି ତାଙ୍କର ଏ ସଂସାରରେ କୌଣସି କାର୍ଯ୍ୟ କରିବାପାଇଁ ନଥାଏ ।

୧୮  କର୍ମଯୋଗରେ ସିଦ୍ଧି ଲାଭ କରିଥିବା ମନୁଷ୍ୟର କୌଣସି କର୍ମ କରିବାରେ ପ୍ରୟୋଜନ ନ ଥାଏ କି ନକରିବାରେ କିଛି ପ୍ରୟୋଜନ ନ ଥାଏ ଏବଂ ସମସ୍ତ ଜୀବ ସହିତ କିଛିମାତ୍ର ସ୍ୱାର୍ଥଗତ ସମ୍ବନ୍ଧ ନ ଥାଏ ।

୧୯  ତେଣୁ ନିରନ୍ତର ଅନାସକ୍ତ ରହି କର୍ତ୍ତବ୍ୟ କର୍ମ କରିଚାଲ, କାରଣ ଅନାସକ୍ତ କର୍ମ କରି ମନୁଷ୍ୟ ପରମପଦ ଲାଭକରେ ।

---

କର୍ମଯୋଗେହିଁ କେବଳ ସ୍ୱୟଂସିଦ୍ଧ ହେଲେ ଜନକ ଇତ୍ୟାଦି
ଲୋକାନୁପ୍ରାଣୀତ ପାଇଁ ଦୃଷ୍ଟିରଖି କର୍ତ୍ତବ୍ୟ ଥିଲେ ସମ୍ପାଦି ।୨୦
ଆଚରନ୍ତି ଯାହା ଶ୍ରେଷ୍ଠ ଲୋକେତାହା କରନ୍ତି ଅନୁକରଣ
କରନ୍ତି ପ୍ରମାଣ ଯାହା ଲୋକମାନେ କରନ୍ତି ଅନୁସରଣ ।୨୧
ନାହିଁ ପାର୍ଥ ମୋହପାଇଁ କରଣୀୟ ତିନିଲୋକରେ କିଞ୍ଚିତ
ଅପ୍ରାପ୍ତ ଅଥବା ପ୍ରାପ୍ୟ ନାହିଁକିଛି ତଥାପି କର୍ମେ ପ୍ରବୃତ୍ତ ।୨୨
ଯଦି ମୁଁ ନହେବି ଯୁକ୍ତ ଇହଲୋକେ କର୍ମେ ରହିଅନାସକ୍ତ
ମୋ ପଛା ଅନୁସରଣେ ଲୋକମାନେ ହେ ପାର୍ଥ ହେବେ ପ୍ରବୃତ୍ତ ।୨୩
ଧ୍ୱଂସ ପାଇବ ଜଗତ ସବୁଲୋକ ନକରେ କର୍ମ ମୁଁ ଯଦି
ସଙ୍କରଙ୍କ ହେବିକର୍ତ୍ତା  ବିନାଶି ମୁଁ ଏହିସବୁ ପ୍ରଜାଆଦି ।୨୪

---

୨୦ ଜନକାଦି ମହାପୁରୁଷ ମାନେ କର୍ମଯୋଗରେହିଁ ସ୍ୱୟଂ ସିଦ୍ଧ ଥିଲେ ।ତଥାପି ସେ କର୍ତ୍ତବ୍ୟ କର୍ମ କରୁଥିଲେ କେବଳ ଜନ ସାଧାରଣଙ୍କୁ ସତ୍ ମାର୍ଗର ବା କର୍ମଯୋଗ ସାଧନରେ ଅନୁପ୍ରାଣୀତ କରି ପରମ ସିଦ୍ଧି ପ୍ରାପ୍ତ କରାଇବା ପାଇଁ ।

୨୧ ଶ୍ରେଷ୍ଠ ବା ମହତଲୋକମାନେ ଯାହା ଅଚରଣ କରନ୍ତି ସେପରି ଅନ୍ୟମାନେ ଆଚରଣ କରିଥାନ୍ତି। ସେ କର୍ମକରି ଯାହା ପ୍ରମାଣ ରଖିଦେଇ ଯାଇଛନ୍ତି ଜଗତର ଲୋକମାନେ ସେଇ ପ୍ରମାଣକୁ ଅନୁସରଣ କରନ୍ତି ।

୨୨ ହେ ପାର୍ଥ ଏ ତିନିଲୋକରେ ମୋ ପାଇଁ କିଞ୍ଚିତ ମାତ୍ର କିଛି କରିବାକୁ ନାହିଁ, ପ୍ରାପ୍ତବ୍ୟବସ୍ତୁ ଅପ୍ରାପ୍ତ ହୋଇ କିଛିନାହିଁ  । ତଥାପି ମୁଁ କର୍ମ କରିଚାଲିଛି ।

୨୩,୨୪ ହେ ପାର୍ଥ ମୁଁ ଯଦି ଅନାସକ୍ତ କର୍ମ ନ କରେ ତେବେ ଲୋକେ ମଧ୍ୟ ମତେ ଅନୁସରଣକରି କର୍ମ କରିବେ ନାହିଁ । ଓ ଶେଷରେ କର୍ମ ନକରି ଜଡ ପାଲଟି ଯିବେ ଓ ଏ ସମଗ୍ର ଜଗତ ଧ୍ୱଂସ ପାଇଯିବ ଓ ମୁଁ ବର୍ଣ୍ଣସଙ୍କର ଉଦ୍ଭବ ଓ ବିପର୍ଯ୍ୟୟର କର୍ତ୍ତା ହୋଇ ଜଗତର ବିନାଶର କାରଣ ସାଜିବି ।

---

ଅବିଦ୍ୱାନ ଯଥାକର୍ମ ହେ ଭାରତ କରନ୍ତି ଆସକ୍ତିସହ
ବିଦ୍ୱାନ ସେପରି କରେ ଅନାସକ୍ତେ ଚିକୀର୍ଷା ଲୋକସଂଗ୍ରହ ।୨୫
ନକରେ ଉତ୍ପନ୍ନ କେବେ ବୁଦ୍ଧିଭେଦ ଅଜ୍ଞାନୀ ଫଳକାଂକ୍ଷିଣେ
ପ୍ରବର୍ତ୍ତାନ୍ତି ସର୍ବକର୍ମେ ଜ୍ଞାନୀଜନ ସନ୍ତୁଳିତ ଆଚରଣେ ।୨୬
ପ୍ରକୃତ୍ତିରେ କ୍ରୀୟମାଣ କର୍ମସବୁ ପ୍ରକୃତ୍ତିର କ୍ରୀୟାଗୁଣେ
ଅହଂକାରୀ ବିମୂଢାତ୍ମା ମନେକରେ କର୍ତ୍ତାମୁଁ ସର୍ବ କର୍ମଣେ ।୨୭
ତତ୍ତ୍ୱଜ୍ଞ କିନ୍ତୁ ଜାଣନ୍ତି ମହାବାହୁ ଗୁଣକର୍ମର ବିଭକ୍ତ
ଗୁଣଗୁଡିକ ଗୁଣରେ କାର୍ଯ୍ୟକରେ ଜାଣି ରହେ ଅନାସକ୍ତ ।୨୮

---

୨୫,୨୬ ହେ ଅର୍ଜୁନ ଅବିଦ୍ୱାନ ବା ଅଜ୍ଞାନିମାନେ ଯେପରି ମନରେ କାମନା ବା ଫଳଲାଭର ଆଶା ରଖି ନିଜର ହିତ ପାଇଁ କାମ କରନ୍ତି ସେପରି ବିଦ୍ୱାନ ବା ଜ୍ଞାନୀ ଅନାସକ୍ତ ଭାବରେ ଫଳଲାଭର ଆଶା ନରଖି କର୍ମ କରିଥାନ୍ତି କେବଳ ଜଗତର ସର୍ବ ଜୀବଗଣଙ୍କର ମଙ୍ଗଳ ପାଇଁ. । ତେଣୁ ସେ କହୁଛନ୍ତି ଯେ ଜ୍ଞାନୀମାନେ, କେବେହେଲେ କର୍ମାସକ୍ତ ଅଜ୍ଞାନୀମାନଙ୍କ ବୁଦ୍ଧିରେ ଭେଦ ବା ଭ୍ରମ ସୃଷ୍ଟି ନ କରନ୍ତୁ ବରଂ ନିଜେ ସମସ୍ତ କର୍ମ ସନ୍ତୁଳିତ ଭାବରେ କରିବା ସହିତ ଅନ୍ୟମାନଙ୍କ ଦ୍ୱାରା ମଧ୍ୟ ସେହିପରି କରିବାକୁ ପ୍ରବର୍ତ୍ତାନ୍ତୁ ।

୨୭ ସର୍ବଦା ମନୁଷ୍ୟ ପ୍ରକୃତ୍ତିର କ୍ରୀୟାଗୁଣଦ୍ୱାରା ସକଳ କର୍ମ ସମ୍ପାଦିତ କରିଥାଏ । ମାତ୍ର ଅହଂକାରରେ ମୋହିତ ମୂଢ ମନୁଷ୍ୟ ସବୁବେଳେ ନିଜକୁ 'ମୁଁ କର୍ତ୍ତା ' ବୋଲି ମନେକରେ ।

୨୮ ହେମହାବାହୁ ତତ୍ତ୍ୱବିତ୍ ମାନେ ଗୁଣ ଓ କର୍ମର ବିଭାଗକୁ ଜାଣିଛନ୍ତି ।
ତେଣୁ ସେମାନେ ଗୁଣଗୁଡିକ ଗୁଣଦ୍ୱାରା କାର୍ଯ୍ୟ କରୁଛନ୍ତି ବୋଲି ମନେକରି ସେଥିରେ ଆସକ୍ତ ହୁଅନ୍ତି ନାହିଁ ।

---

ପ୍ରକୃତ୍ତିର ଗୁଣକର୍ମେ ସମ୍ମୋହିତ ଗୁଣ କର୍ମରେ ଆସକ୍ତ
ସେ ଅଜ୍ଞ ମନ୍ଦବୁଦ୍ଧିଙ୍କୁ ବିଚଳିତ କରିବା ନୁହେଁ ଉଚିତ ।୨୯
ମୋଠାରେ ସମସ୍ତ କର୍ମ ସମର୍ପଣେ ରହି ଆଧ୍ୟାତ୍ମଚେତାର
ନ ଆଶା ନ ମମ ହୋଇ ଯୁଦ୍ଧକର ତେଜି ବିମର୍ଷତା ଜ୍ୱର ।୩୦
ଯିଏ ମୋର ଏହି ମତ ନିତ୍ୟେ ନିତ୍ୟେ ଅନୁସରନ୍ତି ମନୁଷ୍ୟ
ଶ୍ରଦ୍ଧାବନ୍ତ ଅନସୂୟ୍ୟ ଭାବଧେନି କର୍ମୁ ମୁକତ ଅବଶ୍ୟ ।୩୧
ଯେ ଏହାକରେ ଅସୂୟ୍ୟ ମୋ ମତକୁ ନକରେ ଅନୁସରଣ
ସର୍ବଜ୍ଞାନବିମୂଢ ସେ ଜାଣିରଖ ସେ ନଷ୍ଟ ଓ ଅଚେତନ ।୩୨

---

୨୯ ପ୍ରକୃତ୍ତିର ଗୁଣକର୍ମରେ ବିମୋହିତ ହୋଇ କର୍ମରେ ଆସକ୍ତ ହୋଇଥିବା ଅଳ୍ପଜ୍ଞାନୀ ମନ୍ଦବୁଦ୍ଧିମାନଙ୍କୁ ପୂର୍ଣ୍ଣରୂପେ ଜାଣିଥିବା ଜ୍ଞାନୀମାନେ କେବେହେଲେ ବିଚଳିତ କରିବା ଉଚିତନୁହେଁ ।

୩୦ ଭଗବାନ ଅର୍ଜୁନଙ୍କୁ କହୁଛନ୍ତି ଯେ ମୋ ଉପରେ ସମସ୍ତ କର୍ମ ସମର୍ପଣ କରି ଆଧ୍ୟାତ୍ମିକ ଚେତନାଭିତରେ ରହି କୌଣସିଥିରେ କାମନା ନ ରଖି ମୁଁ କରୁଛିବୋଲି ନଭାବି ମନରୁ ବିମର୍ଷତା ତ୍ୟାଗକରି ନିଜର କର୍ତ୍ତବ୍ୟ କର୍ମ ଯୁଦ୍ଧରେ ବ୍ୟାପୃତ୍ତ ହୁଅ ।

୩୧ ଯେଉଁ ମନୁଷ୍ୟ ଅସୂୟ୍ୟାଶୂନ୍ୟ ହୋଇ ମୋର ଏ ମତ ସର୍ବଦା ଶ୍ରଦ୍ଧାରସହ ଅନୁସରଣ କରନ୍ତି ସେମାନେ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାନ୍ତି ।

୩୨ ଯେ ଅସୂୟ୍ୟାପରବଶ ହୋଇ ମୋର ଏହି ଉପଦେଶ ଅନୁସରଣ ନ କରନ୍ତି ଜାଣିଥାଅ ସେ ସକଳ ପ୍ରକାର ଜ୍ଞାନଶୂନ୍ୟ ଅବିବେକୀ ଓ ସେମାନଙ୍କରର ପତନ ହେବା ସୁନିଶ୍ଚିତ ।

---

ସ୍ୱ ପ୍ରକୃତ୍ତି ଅନୁରୂପ ଯେଉଁପରି କର୍ମ କରନ୍ତି ଜ୍ଞାନୀନ
ପ୍ରକୃତିବଶେ କରନ୍ତି ଭୂତଗଣ ନିଗ୍ରହ କରିବ କଣ। ୩୩
ଇନ୍ଦ୍ରିୟଭୋଗ୍ୟବିଷୟେ ଇନ୍ଦ୍ରିୟର ରାଗଦ୍ୱେଷ ବ୍ୟବସ୍ଥିତ
ଏ ଦୁହିଙ୍କ ବଶହେବା ନ ଉଚିତ କାରଣ ଶତ୍ରୁ ନିଶ୍ଚିତ ।୩୪
ସ୍ୱନୁଷ୍ଠିତ ପରଧର୍ମ ତାହାଠାରୁ ବିଗୁଣ ସ୍ୱଧର୍ମ ଶ୍ରେୟ
ମରଣ ସ୍ୱ ଧର୍ମେ ଶ୍ରେୟ ଅଟେକିନ୍ତୁ ପରଧର୍ମ ଭୟାବହ ।୩୫

ଅର୍ଜୁନଉବାଚ

ତେବେ କାଦ୍ୱାରା ପ୍ରଯୁକ୍ତ ଏ ମନୁଷ୍ୟ କରନ୍ତି ପାପାଚରଣ
ଇଚ୍ଛାବିରୁଦ୍ଧ ହେଲେ ବି ହେ ବାର୍ଷ୍ଣେୟ ବଳେ ହୋଇ ନିୟୋଯନ ।୩୬

---

୩୩ ଜ୍ଞାନୀ ନିଜର ସ୍ୱଭାବଅନୁରୂପ କର୍ମ କରିଥାନ୍ତି । ଭୂତଗଣ ସେହିପରି ସ୍ୱ ପ୍ରକୃତ୍ତିଗତ କର୍ମ କରିଗଲେ ତାକୁ କାହାର ନିଗ୍ରହ କିପରି ପରିବର୍ତ୍ତନ କରିପାରିବ।

୩୪ ଇନ୍ଦ୍ରିୟ ମାନଙ୍କର ଇନ୍ଦ୍ରିୟଭୋଗ୍ୟ ବିଷୟରେ ରାଗ ଓ ବିରାଗ ରହିଥାଏ । କିନ୍ତୁ ରାଗ ଓ ବିରାଗ ଦ୍ୱୟ ମନୁଷ୍ୟର ଶତ୍ରୁ ଅଟନ୍ତି ତେଣୁ ଏ ଦୁଇଙ୍କ ବଶବର୍ତ୍ତୀ ହେବା ଆଦୌ ଉଚିତନୁହେଁ।

୩୫ ଉତ୍ତମରୁପେ ଆଚରିତ ପରଧର୍ମ ଅପେକ୍ଷା ଅଳ୍ପଗୁଣଯୁକ୍ତ ସ୍ୱଧର୍ମ ଶ୍ରେଷ୍ଠ ।ସ୍ୱଧର୍ମରେ ବରଂ ନିଧନ ଶ୍ରେୟଷ୍କର କିନ୍ତୁ ପରଧର୍ମ ଭୟାବହ ।

୩୬ ଅର୍ଜୁନ ପଚାରୁଛନ୍ତି ହେ ବାର୍ଷ୍ଣେୟ କାହାଦ୍ୱାରା ପରିଚାଳିତହୋଇ ଅନିଚ୍ଛାସତ୍ୱେ ମନୁଷ୍ୟ ପାପ କର୍ମ କରିବାକୁ ବାଧ୍ୟହୁଏ।

---

ଶ୍ରୀ ଭଗବାନ ଉବାଚ

କାମକୁହ କ୍ରୋଧକୁହ ଏହାସବୁ ରଜୋଗୁଣରୁ ସଞ୍ଚାର
ସର୍ବଗ୍ରାସୀ ମହାପାପ ଜାଣଏହା ଶତୃ ଏହି ଜଗତର ।୩୭
ଧୂମମଧ୍ୟରେ ଆବୃତ୍ତ ଯଥାବହ୍ନି ଯଥା ମଳିନେ ଦର୍ପଣ
ଯଥା ଗର୍ଭ ଜରାୟୁରେ ଆଚ୍ଛାଦିତ ତଥା କାମନାରେ ଜ୍ଞାନ ।୩୮
ଆବୃତ୍ତ ଜ୍ଞାନ ଏଥିରେ ଜ୍ଞାନୀଙ୍କର ନିତ୍ୟ ବୈରୀ ଚିରନ୍ତନୀ
କାମନା ରୂପେ କୌନ୍ତେୟ ନୁହେଁତୃପ୍ତ ଯେପରି ଅତୃପ୍ତ ଅଗ୍ନି ।୩୯
ଇନ୍ଦ୍ରିୟ ମନ ଓ ବୁଦ୍ଧି କୁହାଯାଏ କାମନା ଆବାସସ୍ଥାନ
ଏହାଦ୍ୱାରା ବିମୋହିତ ଜୀବଗଣେ କରି ଜ୍ଞାନ ଆଚ୍ଛାଦନ ।୪୦

---

୩୭ ଭଗବାନ କହିଲେ ଯେ କାମନା ରଜୋଗୁଣରୁ ଜାତ ଓ ଏହି କାମନା କ୍ରୋଧରେ ପରିଣତ ହୁଏ। ଏମାନେ ସର୍ବଗ୍ରାସୀ ଓ ମହାପାପ। ଜାଣିରଖ ଯେ ଏମାନେ ଏ ଜଗତର ପ୍ରଧାନ ଶତୃ।

୩୮ ଧୂମକୁଣ୍ଡଳୀ ମଧ୍ୟରେ ଅଗ୍ନି ଯେପରି ଆଚ୍ଛାଦିତ ହୋଇ ରହିଥାଏ , ଯେପରି ଧୂଳିମଳିନତା ଦ୍ୱାରା ଦର୍ପଣ ଆଚ୍ଛାଦିତ ଥାଏ ଓ ଯେପରି ଗର୍ଭସ୍ଥ ଭୃଣ ଜରାୟୁଦ୍ୱାରା ଆଚ୍ଛାଦିତ ଥାଏ ସେପରି ମନୁଷ୍ୟର ଜ୍ଞାନ କାମନାଦ୍ୱାରା ଆଚ୍ଛାଦିତ ଥାଏ।

୩୯ ହେ କୌନ୍ତେୟ ଯେପରି ଅଗ୍ନୀ ଅତୃପ୍ତ ବା ଦୁଷ୍ପୁରଣୀୟ ସେପରି ଅତୃପ୍ତ କାମନାରୂପି ନିତ୍ୟ ଶତୃଦ୍ୱାରା ଜ୍ଞାନୀମାନଙ୍କର ଜ୍ଞାନ ଆବୃତ୍ତ ହୋଇଛି।

୪୦ ଇନ୍ଦ୍ରିୟ ମନ ଓ ବୁଦ୍ଧିକୁ କାମନାର ଆବାସସ୍ଥାନବୋଲି କୁହାଯାଏ। ଏହି କାମନା ମନୁଷ୍ୟର ଜ୍ଞାନକୁ ଆଚ୍ଛାଦିତ କରି ମନୁଷ୍ୟକୁ ସମ୍ମୋହିତ କରିଥାଏ।

---

ତେଣୁ ହେ ଭରତର୍ଷଭ  ଇନ୍ଦ୍ରିୟଙ୍କୁ  ପ୍ରଥମେ କର ସ୍ୱବଶ
ବଳେ ବିନାଶ ଏ ପାପ  ଯିଏକରେ  ଜ୍ଞାନବିଜ୍ଞାନର ନାଶ ।୪୧
ଇନ୍ଦ୍ରିୟଗଣ ସବଳ କୁହାଯାଏ ଇନ୍ଦ୍ରିୟଠୁଁବଳୀ ମନ
ମନଠାରୁ ବଳୀ ବୁଦ୍ଧି ତାହାଠାରୁ ସିଏ(କାମନା) କିନ୍ତୁ ବଳବାନ ।୪୨
ବୁଦ୍ଧିରୁ ବଳୀ ଏହାକୁ ଜାଣି କର  ଆତ୍ମକୁ ଆତ୍ମାରେ ବଶ
ଦୂର୍ଜୟ କାମ ଶତ୍ରୁକୁ ମହାବାହୁ ସମୂଳେ କର ବିନାଶ ।୪୩

---

୪୧    ତେଣୁ ହେ ଅର୍ଜୁନ ତୁମେ ପ୍ରଥମରୁ ଏହି ଇନ୍ଦ୍ରିୟଗଣଙ୍କୁ ବଶିଭୂତ କରି ଜ୍ଞାନବିଜ୍ଞାନର ବନାଶକାରୀ ମହାପାପୀ କାମନାକୁ  ବଳପୁର୍ବକ ସମୂଳେ ବିନାଶ କର ।

୪୨,୪୩    ସ୍ଥୁଳ ଶରୀର ଠାରୁ ଇନ୍ଦ୍ରିୟମାନେ ପର ବା ସବଳ କୁହାଯାଏ। ଇନ୍ଦ୍ରିୟମାନଙ୍କ ଅପେକ୍ଷା ମନ ହେଉଛି ସବଳ, ମନଠାରୁ ସବଳ ବୁଦ୍ଧି ଏବଂ ବୁଦ୍ଧି ଅପେକ୍ଷା ସେ ଅର୍ଥ କାମନା ହେଉଛି ସବଳ। ଏହା (କାମନାକୁ)କୁ ବୁଦ୍ଧିଠାରୁ ସବଳ ଜାଣି ନିଜଦ୍ୱାରା ନିଜକୁ ବଶିଭୂତ କରି ହେ ମହାବାହୁ କାମରୂପକ ଏ ଦୂର୍ଜୟ. ଶତ୍ରୁକୁ ବିନାଶକର।

ବ୍ରହ୍ମବିଦ୍ୟାଯୁକ୍ତ ଯୋଗଶାସ୍ତ୍ର ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ
ଶ୍ରୀମତ୍ଭଗବତ୍ ଗୀତା ରୂପକ ଉପନିଷଦାବଳିରେ କର୍ମଯୋଗ ନାମକ ତୃତୀୟ
ଅଧ୍ୟାୟ ଏତିକିରେ ସମାପ୍ତ।

(ହେମେନ୍ଦ୍ରନାଥ ଅନୂଦିତ କର୍ମଯୋଗ ନାମକ ତୃତୀୟଅଧ୍ୟାୟ ଏତିକିରେ ସମାପ୍ତ)
(ମୋଟ ଶ୍ଳୋକ ସଂଖ୍ୟା ୧୧୯+୪୩ =୧୬୨)

---

## ଚତୁର୍ଥ ଅଧ୍ୟାୟ

## ଜ୍ଞାନବିଭାଗଯୋଗଃ

ଶ୍ରୀ ଭଗବାନୁବାଚ
ବିବସ୍ୱାନେ କହିଥିଲି ମୁହିଁପୂର୍ବେ ଏହି ଅବ୍ୟୟ ଯୋଗକୁ
ବିବସ୍ୱାନ ଠାରୁ ମନୁ ଉକ୍ତହେଲେ ମନୁଙ୍କଠାରୁ ଇକ୍ଷ୍ୱାକୁ ।୧
ପରମ୍ପରା କ୍ରମେ ପ୍ରାପ୍ତ ଏହିଯୋଗ ଜାଣିଲେ ରାଜର୍ଷିଗଣ
ମହତୀକାଳ କ୍ରମରେ ଏହିଯୋଗ ନଷ୍ଟପ୍ରାୟ ହେ ଅର୍ଜୁନ ।୨
ସେହି ଯୋଗ କହେଆଜି ତୁମକୁ ହେ ଯେଉଁଯୋଗ ପୁରାତନ
ଭକ୍ତ ଆଉ ସଖା ଯେଣୁ କହେଏହି ଉତ୍ତମ ରହସ୍ୟ ଜ୍ଞାନ ।୩

---

୧ ଏହି କର୍ମଯୋଗ ସମ୍ବନ୍ଧରେ ମୁଁ ସୂର୍ଯ୍ୟଦେବଙ୍କୁ କହିଥିଲି, ସୂର୍ଯ୍ୟ ତାଙ୍କ ପୁତ୍ର ମନୁଙ୍କୁ କହିଲେ ତାପରେ ମନୁ ରାଜା ଇକ୍ଷ୍ୱାକୁଙ୍କୁ କହିଥିଲେ ।

୨ ହେ ଅର୍ଜୁନ ପରମ୍ପରା କ୍ରମରେ ହସ୍ତାନ୍ତର ହୋଇ ଆସୁଥିବା ଏହି କର୍ମଯୋଗକୁ ରାଜର୍ଷିମାନେ ଅବଗତ ହେଲେ । ମାତ୍ର ଅଧିକକାଳ ଅତିବାହିତ ପରେ ଏ କାଳକୁ ସେହି ମହାଯୋଗ ମନୁଷ୍ୟଲୋକରେ ଲୁପ୍ତ ଅବସ୍ଥାରେ ପହଞ୍ଚିଛି ।

୩ ତୁମେ ମୋର ଭକ୍ତ ଓ ସଖା ମଧ୍ୟ, ତେଣୁ ଏହି ପୁରାତନ ଯୋଗ ଆଜି ତୁମକୁ କହୁଛି । ଏହା ଅତି ଉତ୍ତମ ରହସ୍ୟ ।

---

ଅର୍ଜୁନ ଉବାଚ

ଏବେ ଆପଣଙ୍କ ଜନ୍ମ ତାପୂର୍ବରୁ ଜନ୍ମିଛନ୍ତି ବିବସ୍ୱାନ
କିପରି ଏହା ଜାଣିବି ପ୍ରଥମରୁ ତୁମଦ୍ୱାରା ପ୍ରୋକ୍ତବାନ ।୪

ଶ୍ରୀ ଭଗବାନ ଉବାଚ

ବହୁତ ମୋହର ଜନ୍ମ ବିତିଅଛି ତଥା ତୁମର ଅର୍ଜୁନ
ସେସବୁକୁ ମୁହିଁଜାଣେ ପରନ୍ତପ କିନ୍ତୁ ତୁମ୍ଭେ ତ ଅ ଜାଣ ।୫
ଅଜନ୍ମା ଅବ୍ୟୟ ଆତ୍ମା ମୁହିଁଅଟେ ଜୀବଗଣଙ୍କ ଇଶ୍ୱର
ସ୍ୱ ପ୍ରକୃତି ଅଧିଷ୍ଠାନେ ସମ୍ଭବେ ମୁଁ ସ୍ୱମାୟା କରି ବିସ୍ତାର ।୬
ଯେଉଁ ଯେଉଁ ସମୟରେ ଏ ଧର୍ମର ଗ୍ଳାନିଘଟି ହେ ଭାରତ
ଅଧର୍ମର ଅଭ୍ୟୁଥାନ ହୁଏଯେବେ ନିଜେହୁଏ ପ୍ରକଟିତ ।୭

---

୪ ଅର୍ଜୁନ ପଚାରିଲେ ଯେ ଆପଣଙ୍କ ଜନ୍ମ ତ ଏବେ ହୋଇଛି ଏବଂ ବହୁତ ପୂର୍ବରୁ ବିବସ୍ୱାନ ବା ସୂର୍ଯ୍ୟଙ୍କର ଜନ୍ମ । ସୃଷ୍ଟିର ଆଦ୍ୟରୁ ଆପଣ ସୂର୍ଯ୍ୟଦେବଙ୍କୁ କହିଥିଲେ ବୋଲି ମୁଁ କିପରି ବିଶ୍ୱାସ ଯିବି ।

୫ ହେ ଅର୍ଜୁନ ମୋର ଯେପରି ବହୁତ ଜନ୍ମ ବିତିଯାଇଛି ତୁମର ସେପରି ବହୁତ ଜନ୍ମ ଅତିତ ହୋଇଛି । ମୁଁ ସେଗୁଡିକୁ ଜାଣି ପାରୁଛି ମାତ୍ର ତୁମେ ତାହା ଜାଣିପାରୁନାହଁ ।

୬ ମୁଁ ଅଜନ୍ମା , ଅବିନାଶୀ ଓ ସକଳ ପ୍ରାଣୀଙ୍କର ଇଶ୍ୱର । ତେବେ ବି ମୁଁ ମୋର ପ୍ରକୃତିକୁ ଅଧୀନ କରି ନିଜ ଯୋଗମାୟାବଳରେ ପ୍ରକଟ ହୋଇଥାଏ ।

୭ ହେ ଭାରତ ଯେଉଁ ଯେଉଁ ସମୟରେ ଧର୍ମର ହାନିହୁଏ ଓ ଅଧର୍ମର ଉତ୍ଥାନ ହୁଏ ସେତେବେଳେ ମୁଁ ନିଜେ ଆତ୍ମପ୍ରକାଶ କରେ ।

---

ସାଧୁଙ୍କର ପରିତ୍ରାଣ ପାଇଁ ଆଉ ଦୁଷ୍କୃତର ବିନାଶନ
ଧର୍ମସଂସ୍ଥାପନ ପାଇଁ ଯୁଗେଯୁଗେ କରେ ଆତ୍ମ ପ୍ରକାଶନ ।୮
ଜନ୍ମ କର୍ମ ଦିବ୍ୟ ମୋର ଏହିପରି ଜାଣନ୍ତି ଯିଏ ତତ୍ତ୍ୱତ
ଦେହତ୍ୟାଗେ ନଜନ୍ମନ୍ତି ହେ ଅର୍ଜୁନ ଆମ୍ଭଙ୍କୁ କରନ୍ତି ପ୍ରାପ୍ତ ।୯
ବିତ ରାଗ ଭୟ କ୍ରୋଧେ ଯିଏହୁଏ ମନ୍ମନେ ମୋ ଉପାଶ୍ରିତ
ବହୁଜ୍ଞାନ ତପସ୍ୟାରେ ହୋଇପୂତ ମୋର ସ୍ୱରୂପେ ଆଗତ ।୧୦
ଯେ ଯଥା ମୋ ଶରଣରେ ଆସିଥାନ୍ତି ତଥା କରେ ଅନୁଗ୍ରହ
ମୋ ପନ୍ଥା ଅନୁସରଣ କରୁଥାନ୍ତି ହେ ପାର୍ଥ ଜୀବସମୂହ ।୧୧

---

୮ ସାଧୁମାନଙ୍କୁ ରକ୍ଷା କରିବାପାଇଁ ପାପାଚାରୀମାନଙ୍କୁ ବିନାଶ କରିବାପାଇଁ ଏବଂ ଉତ୍ତମରୂପେ ଧର୍ମ ସ୍ଥାପନା କରିବା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହେଉଥାଏ ।

୯ ହେ ଅର୍ଜୁନ ଯେଉଁମାନେ ମୋର ଏହି ଜନ୍ମ ଓ କର୍ମକୁ ଦିବ୍ୟ ବୋଲି ଉତ୍ତମରୂପେ ଜାଣନ୍ତି ସେମାନେ ତାଙ୍କର ଦେହତ୍ୟାଗପରେ ଆଉ ଜନ୍ମଲାଭ ନ କରି ମୋତେ ପ୍ରାପ୍ତ କରନ୍ତି ।

୧୦ ରାଗ(ଆସକ୍ତି) ଭୟ କ୍ରୋଧ ବିବର୍ଜିତ ହୋଇ କେବଳ ମୋଠାରେ ଲୀନଚିତ୍ତେ ଆଶ୍ରିତ ହୋଇ ଏବଂ ଜ୍ଞାନ ରୂପକ ତପରେ ପବିତ୍ର ହୋଇ ମୋ ସ୍ୱରୂପକୁ ପ୍ରାପ୍ତ ହୁଅନ୍ତି ।

୧୧ ହେ ପାର୍ଥ ଯେଉଁମାନେ ଯେପରି ଭାବରେ ମୋର ଶରଣକୁ ଆସନ୍ତି ମୁଁ ସେପରି ସେମାନଙ୍କୁ ଅନୁଗ୍ରହ କରେ ।ତେଣୁ ଲୋକେ ବିଭିନ୍ନ ଭାବରେ ଓ ମାର୍ଗରେ ମୋର ପନ୍ଥା ଅନୁସରଣ କରିଥାନ୍ତି ।

---

କର୍ମଜନିତ ସିଦ୍ଧିର ଆଶାରଖି  ଦେବତା  ଇହ ପୂଜିତ
କ୍ଷିପ୍ରେହି ମନୁଷ୍ୟଲୋକେ ମିଳିଥାଏ ସିଦ୍ଧି ହି କର୍ମଜନିତ ।୧୨
ଚତୁର୍ବର୍ଣ୍ଣ ମୋହଦ୍ୱାରା ସୃଷ୍ଟିହେଲା ବିଭାଗ କର୍ମ ଓ ଗୁଣ
ତାହାର କର୍ତ୍ତା ହେଲେବି ମୁଁ ଅକର୍ତ୍ତା ଅବ୍ୟୟ ଅଟଇ ଜାଣ ।୧୩
ନାହିଁମତେ କର୍ମସବୁ ଲିପ୍ତକରେ ନାହିଁ କର୍ମଫଳେ ଶ୍ରଦ୍ଧା
ଏହିଭାବେ ଯେ ଜାଣନ୍ତି ମୋସ୍ୱରୂପ ସେ କର୍ମରେ ନୁହେଁ ବନ୍ଧା ।୧୪
ଏହାଜାଣି କର୍ମ କରି ଯାଇଛନ୍ତି ମୋକ୍ଷକାମୀ ପୂର୍ବଲୋକ
ତେଣୁ ତୁମେ କର କର୍ମ ଯାହାକଲେ ବହୁପୂର୍ବେ  ପୂର୍ବଲୋକ ।୧୫

---

୧୨  କର୍ମଜନିତ ସିଦ୍ଧି ଶୀଘ୍ର ଇଚ୍ଛା କରୁଥିବା ମନୁଷ୍ୟ ଦେବତାମାନଙ୍କ ଉଦ୍ଦେଶ୍ୟରେ ପୂଜା ଉପାସନା କରନ୍ତି କାରଣ ମନୁଷ୍ୟଲୋକରେ କର୍ମଜନିତ ସିଦ୍ଧି ଶୀଘ୍ର ମିଳିଥାଏ ।

୧୩,୧୪  ଗୁଣ ଓ କର୍ମ ଅନୁସାରେ ଏ ଜଗତରେ ଚାରି ପ୍ରକାର ବର୍ଣ୍ଣ ସୃଷ୍ଟିକଲି । ମୁଁ ଏହାର କର୍ତ୍ତା ହେଲେ ବି ମୁଁ ଅକର୍ତ୍ତା ଏବଂ ଅବ୍ୟୟ ବୋଲି ମତେ ଜାଣ । କାରଣ ମୋର କର୍ମ ଫଳରେ ସ୍ପୃହା ନ ଥିବାରୁ ମତେ କର୍ମ ଲିପ୍ତ କରିପାରେ ନାହିଁ । ଏହିପ୍ରକାର ଯେ ମତେ ତତ୍ତ୍ୱତଃ ଜାଣେ ସେ ମଧ୍ୟ କର୍ମ ବନ୍ଧନରେ ପଡେନାହିଁ ।

୧୫ ଏପରି ଜାଣି ମୋକ୍ଷକାମୀ ପୂର୍ବପୁରୁଷମାନେ ମଧ୍ୟ କର୍ମ କରିଯାଇଛନ୍ତି ।ତେଣୁ ତୁମେ ପୂର୍ବ ପୁରୁଷମାନେ ଅତିତରେ କର୍ମ କଲାପରି କର୍ମ କର ।

---

କର୍ମ ଓ ଅକର୍ମ କଣ ଜାଣିବାରେ ବିଦ୍ୱାନ ମଧ୍ୟ ମୋହିତ
ସେ କର୍ମ ତୁମ୍ଭେ କହିବି ଜାଣିଯାହା ଅଶୁଭରୁ ହେବ ମୁକ୍ତ ।୧୬
କର୍ମ ତତ୍ତ୍ୱ ବୋଧଯୋଗ୍ୟ ଆଉମଧ୍ୟ ବୋଧବ୍ୟ ବିକର୍ମ ରିତି
ଅକର୍ମ ତତ୍ତ୍ୱ ବୋଧବ୍ୟ ଜଣାଯେଣୁ ଗହନ କର୍ମର ଗତି ।୧୭
କର୍ମ ମଧ୍ୟରେ ଅକର୍ମ ଯେଦେଖନ୍ତି କର୍ମକୁ ହିଁ ଅକର୍ମରେ
ମନୁଷ୍ୟରେ ବୁଦ୍ଧିମାନ ସେହିଯୋଗୀ କର୍ତ୍ତା ସକଳ କର୍ମରେ । ୧୮
ଯାହାଙ୍କ ସବୁ କର୍ମର ସମାରମ୍ଭ କାମ ସଂକଳ୍ପରହିତ
ଜ୍ଞାନାଗ୍ନି ଦଗ୍ଧ ଯା କର୍ମ ଜ୍ଞାନୀଜନ କହନ୍ତି ତାଙ୍କୁ ପଣ୍ଡିତ ।୧୯

---

୧୬ କର୍ମ କଣ ଓ ଅକର୍ମ କଣ ଜାଣିବାରେ ସଂସାରରେ ବିଦ୍ୱାନମାନେ ମଧ୍ୟ ମୋହିତ ହୋଇଯାନ୍ତି । ତେଣୁ ସେ କର୍ମ ତତ୍ତ୍ୱ ବିଷୟରେ ତୁମକୁ ଯାହା କହିବି ତାହା ଜାଣି ତୁମେ ସଂସାରର ସମସ୍ତ ଅଶୁଭ(ସଂସାରବନ୍ଧନ)ରୁ ମୁକ୍ତ ହୋଇଯିବ ।
୧୭ କର୍ମର ତତ୍ତ୍ୱ ଜାଣିବା ଉଚିତ , ଅକର୍ମର ତତ୍ତ୍ୱ ମଧ୍ୟ ଜାଣିବା ଉଚିତ ଏବଂ ବିକର୍ମର ତତ୍ତ୍ୱ ଜାଣିବା ଉଚିତ, କାରଣ କର୍ମର ଗତି ଅତି ଗହନ ଜାଣିବା ଦୁଷ୍କର ।
୧୮ ଯେଉଁ ମନୁଷ୍ୟ କର୍ମ ମଧ୍ୟରେ ଅକର୍ମକୁ ଦେଖିପାରନ୍ତି ଓ ଅକର୍ମ ମଧ୍ୟରେ କର୍ମକୁ ମଧ୍ୟ ଦେଖି ପାରନ୍ତି ସେ ମନୁଷ୍ୟମାନଙ୍କ ମଧ୍ୟରେ ବୁଦ୍ଧିମାନ୍ । ସେ ଯୋଗୀ ସକଳ କର୍ମର କର୍ତ୍ତା ।
୧୯ ଯାହାଙ୍କର ସକଳ କର୍ମର ଆରମ୍ଭ କାମନା ଓ ସଂକଳ୍ପ ରହିତ ଏବଂ ଯାହାଙ୍କର କର୍ମ ସବୁ ଜ୍ଞାନାଗ୍ନି ଦ୍ୱାରା ଦଗ୍ଧିଭୂତ ସେମାନଙ୍କୁ ଜ୍ଞାନିଜନମାନେ ପଣ୍ଡିତ ବା ଯୋଗୀ ବୋଲି କହିଥାନ୍ତି ।

---

ତେଜି କର୍ମଫଳସଙ୍ଗ ନିତ୍ୟତୃପ୍ତ ରହି ସଦା ନିରାଶ୍ରୟ
କର୍ମରେ ଅଭିପ୍ରବୃତ୍ତ ହେଲେମଧ୍ୟ କିଞ୍ଚିତେ ବି ନୁହେଁ କ୍ରୀୟ ।୨୦
ସଂଯତଆତ୍ମା ନିରାଶୀ ତ୍ୟାଗକରି ସର୍ବପ୍ରକାର ସଂଗ୍ରହ
କେବଳହିଁ ଶାରିରୀକ କର୍ମକରି କେବେ ପାପଭାଗୀ ନୁହଁ ।୨୧
ସ୍ୱତଃଲାଭରେ ସନ୍ତୁଷ୍ଟ ସୁଖଦୂଃଖ ରାଗଦ୍ୱେଷରୁ ଅତୀତ
ସିଦ୍ଧି ଅସିଦ୍ଧି ସମତ୍ୱେ କର୍ମରତ ନହୁଏ କର୍ମେ ବନ୍ଧିତ ।୨୨
ଆସକ୍ତିରହିତ,ମୁକ୍ତ ଯାହାଙ୍କର ଜ୍ଞାନ ଚେତନାରେ ସ୍ଥିତ
ଯଜ୍ଞପାଇଁ ଆଚରଣ ତାରକର୍ମ ସମସ୍ତ ହୁଏ ଲୋପିତ ।୨୩

---

୨୦ ଯିଏ କର୍ମଫଳରେ ଆସକ୍ତି ପରିତ୍ୟାଗ କରି, ଆଶ୍ରୟରହିତ ଓ ସଦା ତୃପ୍ତ ସେ ଉତ୍ତମରୂପେ କର୍ମରେ ପ୍ରବୃତ୍ତ ହୋଏଥିଲେ ବି ସେ କିଞ୍ଚିତେ ବି କ୍ରୀୟାଶୀଳ ନୁହେଁ ।

୨୧ ଯାହାଙ୍କର ଶରୀର ଓ ଅନ୍ତଃକରଣ ଉତ୍ତମରୂପେ ବଶିଭୂତ , ଯେ ସମସ୍ତ ସଂଗ୍ରହ ପରିତ୍ୟାଗ କରି ଦେଇଛନ୍ତି ସେପରି ନ ଆଶାୟୀ ଯୋଗୀ କେବଳ ଶାରିରୀକ କର୍ମ କରୁଥିଲେ ବି କେବେ ପାପଭାଗୀ ହୁଅନ୍ତି ନାହିଁ ।

୨୨ ଯେତିକି ସ୍ୱତଃ ମିଳିଯାଏ ସେତିକିରେ ସନ୍ତୁଷ୍ଟ ରହି ଦ୍ୱନ୍ଦ୍ୱ (ସୁଖ ଓ ଦୁଃଖ) ମତ୍ସର (ରାଗ ଓ ଦ୍ୱେଷ) ତ୍ୟାଗକରି ସଫଳ ଓ ଅସଫଳରେ ସମଭାବାପନ୍ନ ହୋଇ , କର୍ମ କରିଲେ ବି କର୍ମବନ୍ଧନରେ ପଡିବେନାହିଁ ।

୨୩ ଯାହାଙ୍କର ଆସକ୍ତି ସମସ୍ତ ନଷ୍ଟ ହୋଇଯାଇଛି, ଯେଉଁମାନେ ମୁକ୍ତ ହୋଇ ଯାଇଛନ୍ତି ଏବଂ ଯାହାଙ୍କର ବୁଦ୍ଧି ସ୍ୱରୂପଭୂତ ଜ୍ଞାନରେ ଅବସ୍ଥିତ, ସେ ଯଜ୍ଞ ନିମିତ୍ତ କର୍ମ କରିଥାନ୍ତି, ସେମାନଙ୍କର ସମସ୍ତ କର୍ମ ଲୋପ ପାଇ ଯାଇଥାଏ ।

---

ବ୍ରହ୍ମହିଁ ଅର୍ପଣ, ହବି, ବ୍ରହ୍ମଅଗ୍ନି, ବ୍ରହ୍ମଦ୍ୱାରା ହୋମ ବିଧି
ବ୍ରହ୍ମ ହିଁ ଗନ୍ତବ୍ୟ ସ୍ଥାନ ତାଙ୍କଦ୍ୱାରା ଯେ ବ୍ରହ୍ମ କର୍ମ ସମାଧି ।୨୪
ଦେବ ନିମିତ୍ତ କେତେକ ଯୋଗୀ ଯଜ୍ଞ ଅନୁଷ୍ଠାନ କରିଥାନ୍ତି
ବ୍ରହ୍ମାଗ୍ନିରେ ଅନ୍ୟକେହି ଯଜ୍ଞଦ୍ୱାରା ଯଜ୍ଞେ ଦିଅନ୍ତି ଆହୁତି ।୨୫
ଶ୍ରୋତ୍ରାଦୀ ଇନ୍ଦ୍ରୀ ଆହୁତି କେତେଯୋଗୀ ସଂଯମାଗ୍ନିରେ ଦିଅନ୍ତି
ଶବ୍ଦାଦୀ ବିଷୟେ ଦିଏ ଅନ୍ୟଯୋଗୀ ଇନ୍ଦ୍ରୀୟାଗ୍ନିରେ ଆହୁତି ।୨୬
ସକଳ ଇନ୍ଦ୍ରିୟ କର୍ମ ତାସହିତ ସକଳ କର୍ମ ପ୍ରାଣର
ଆତ୍ମସଂଯମ ରୂପକ ଯୋଗାଗ୍ନି ରେ ଆହୁତି ଜ୍ଞାନଦୀପ୍ତର ।୨୭

---

୨୪ ଯେଉଁ ଯଜ୍ଞରେ ଆହୁତିପାତ୍ର ବ୍ରହ୍ମ ସ୍ୱରୂପ, ତିଳ ଜଳ ଓ ଘିଅ ଆତ୍ୟାଦି ଦ୍ରବ୍ୟ ପଦାର୍ଥ ମଧ୍ୟ ବ୍ରହ୍ମ, ବ୍ରହ୍ମ ସ୍ୱରୂପ କର୍ତ୍ତାଙ୍କ ଦ୍ୱାରା ବ୍ରହ୍ମ ରୂପକ ଅଗ୍ନିରେ ଆହୁତି ପ୍ରଦାନରୂପକ କ୍ରୀୟା ମଧ୍ୟ ବ୍ରହ୍ମ ଆଉ ଯାହାଙ୍କର ବ୍ରହ୍ମରେ ହିଁ କର୍ମ-ସମାଧି ହୋଇଛି ତାଙ୍କର ପ୍ରାପ୍ତବ୍ୟ ଫଳ ମଧ୍ୟ ବ୍ରହ୍ମ ।

୨୫ କେତେକ ଯୋଗୀମାନେ ଦେବତାମାନଙ୍କ ଉଦ୍ଦେଶ୍ୟରେ ଦେବଯଜ୍ଞ କରିଥାନ୍ତି । ମାତ୍ର ଅନ୍ୟକେତେକ ଯୋଗୀମାନେ ଯଜ୍ଞରେ ଯଜ୍ଞଦ୍ୱାରା ବ୍ରହ୍ମ ଅଗ୍ନିରେ ଆହୁତି ଦେଇଥାନ୍ତି ।

୨୬ କେତେକ କର୍ମଯୋଗୀ ଶ୍ରବଣାଦି ଇନ୍ଦ୍ରିୟମାନଙ୍କୁ ସଂଯମରୂପକ ଅଗ୍ନିରେ ଆହୁତି ଦିଅନ୍ତି ଓ ଅନ୍ୟ କେତେକ ଯୋଗୀ ଶବ୍ଦାଦୀ ଇନ୍ଦ୍ରିୟଭୋଗ୍ୟ ବିଷୟକୁ ଇନ୍ଦ୍ରିୟ ସଂଯମରୂପକ ଅଗ୍ନିରେ ଆହୁତି ଦେଇ ଯଜ୍ଞ କରନ୍ତି ।

୨୭ କେତେକ ଯୋଗୀ ଆତ୍ମଜ୍ଞାନ ଦ୍ୱାରା ଦିପ୍ତୀମାନ ହୋଇ ଆତ୍ମସଂଯମ ରୂପକ ଯୋଗାଗ୍ନିରେ ଇନ୍ଦ୍ରିୟମାନଙ୍କୁ ତଥା ପ୍ରାଣର ସକଳ କର୍ମକୁ ଆହୁତି ଦେଇଥାନ୍ତି ।

---

ଦ୍ରବ୍ୟଯଜ୍ଞ ତପଯଜ୍ଞ ଅନ୍ୟକେହି ଯୋଗଯଜ୍ଞ କରିଥାନ୍ତି
କରନ୍ତି ସ୍ୱାଧ୍ୟାୟ ରୂପି ଜ୍ଞାନଯଜ୍ଞ ଯତିଏ ସଂଶିତ ବ୍ରତୀ ।୨୮
ଅପାନେ ପ୍ରାଣ ଆହୁତି କେହିଦିଏ ପ୍ରାଣରେ ତଥା ଅପାନ
ପ୍ରାଣାପାନ ଗତି ରୋଧ କେହିକରେ ପ୍ରାଣାୟାମ ପରାୟଣ ।୨୯
ଆହାର ସଂଯମେ ଯୋଗୀ କେହି କରେ ପ୍ରାଣେ ପ୍ରାଣକୁ ହବନ
ଯାଜ୍ଞିକସର୍ବେ ଏପରି କରିଯଜ୍ଞ ହୁଅନ୍ତି ପାପ ମୋଚନ ।୩୦
ଯଜ୍ଞାବଶିଷ୍ଟ ଅମୃତ ଭୋଜନରେ ଯାନ୍ତି ବ୍ରହ୍ମ ସନାତନ
ଯଜ୍ଞହିନେ ଇହଲୋକେ ନାହିଁସ୍ଥାନ ଅନ୍ୟେ କିପରି ଅର୍ଜୁନ ।୩୧

---

୨୮ କେହିକେହି ଦ୍ରବ୍ୟାଦି ଦାନ ରୂପକ ଆହୁତି ଦେଇ, କେହି ତପସ୍ୟା ରୂପକ ଆହୁତି ଦେଇ ଯଜ୍ଞ କରନ୍ତି । କେହି ଯୋଗାଭ୍ୟାସ ଯଜ୍ଞ ରେ ମଜିଥାନ୍ତି । ସେହିପରି ଅନ୍ୟ କେତେକ ଯତିମାନେ ସଂଯମ ଓ ଦୃଢ ପ୍ରତିଜ୍ଞା କରି ଶାସ୍ତ୍ରାଦି ଜ୍ଞାନ ଆହରଣ ରୂପକ ଯଜ୍ଞ କରିଥାନ୍ତି ।

୨୯,୩୦ କେହି ଯୋଗୀ ଅପାନବାୟୁରେ ପ୍ରାଣବାୟୁକୁ ଆହୁତି ଦିଅନ୍ତି ତ କେହି ପ୍ରାଣବାୟୁରେ ଅପାନ ବାୟୁକୁ ଆହୁତି ଦିଅନ୍ତି ।କେହି ମଧ୍ୟ ପ୍ରାଣାୟାମ ପରାୟଣ ହୋଇ ପ୍ରାଣ ଓ ଅପାନ ବାୟୁର ଗତିରୋଧ କରନ୍ତି । ଅନ୍ୟ କେତେକ ଯୋଗୀ ମିତାହାରୀ ହୋଇ ପ୍ରାଣବାୟୁକୁ ପ୍ରାଣବାୟୁରେ ହବନ କରନ୍ତି ।ଏହିପରି ଯାଜ୍ଞିକମାନେ ଯଜ୍ଞକରି ନିଷ୍ପାପ ହୋଇଯାନ୍ତି ।

୩୧ ହେ ଅର୍ଜୁନ ଯେଉଁମାନେ ଯଜ୍ଞ ଅବଶିଷ୍ଟ ଅମୃତ ତୁଲ୍ୟ ମନେକରି ଭୋଜନ କରନ୍ତି ସେମାନେ ବ୍ରହ୍ମଲୋକ ପ୍ରାପ୍ତ ହୁଅନ୍ତି ମାତ୍ର ଯଜ୍ଞ କରୁ ନ ଥିବା ବ୍ୟକ୍ତିର ଏ ଲୋକରେ ତ ସ୍ଥାନ ନାହିଁ ଅନ୍ୟଲୋକରେ ସ୍ଥାନ କିପରି ମିଳିବ ।

---

ଏହିପରି ବହୁବିଧ ଯଜ୍ଞକର୍ମ ବର୍ଣ୍ଣିତ ବ୍ରହ୍ମଙ୍କ ମୁଖେ
ସେସବୁ କର୍ମରୁଜାତ ଏହିପରି ଜାଣି ଲାଭକର ମୋକ୍ଷେ ।୩୨
ଦ୍ରବ୍ୟମୟ ଯଜ୍ଞଠାରୁ ଶ୍ରେୟଅଟେ ଜ୍ଞାନଯଜ୍ଞ ପରନ୍ତପ
ସର୍ବକର୍ମ ଅଖିଳରେ ପାର୍ଥଜାଣ ଜ୍ଞାନରେ ହୁଏ ସମାପ୍ତ ।୩୩
ତାହାଜାଣି ପ୍ରଣିପାତ କରତାଙ୍କୁ ସେବା ବା ପଚାରି ପ୍ରଶ୍ନ
ଜ୍ଞାନ ଉପଦେଶ ଦେବେ ସେ ତୁମକୁ ତତ୍ତ୍ୱଦର୍ଶୀ ଜ୍ଞାନୀଜନ ।୩୪
ଯାହା ଅନୁଭବ କରି ପୂନର୍ମୋହ ନ ଯିବ ତୁମେ ପାଣ୍ଡବ ।
ଯାଦ୍ୱାରା ଅଶେଶଜୀବ ସ୍ୱଆତ୍ମାରେ ପରେ ମୋଠାରେ ଦେଖିବ ।୩୫

---

୩୨ ଏହିପରି ବହୁତ ପ୍ରକାର ଯଜ୍ଞକର୍ମ ବ୍ରହ୍ମ(ବେଦ)ଙ୍କ ମୁଖରୁ ବର୍ଣ୍ଣିତ ହୋଇଛି । ଏହିସବୁ ଯଜ୍ଞ, କର୍ମରୁ ଜାତ ଜାଣି ତୁମେ ସଂସାର ବନ୍ଧନରୁ ମୁକ୍ତ ହୋଇଯାଅ ।

୩୩ ହେ ପରନ୍ତପ ବିଶେଷ ଦ୍ରବ୍ୟ ଆବଶ୍ୟକ ହେଉଥିବା ଯଜ୍ଞଠାରୁ ଜ୍ଞାନ ଯଜ୍ଞ ଶ୍ରେଷ୍ଠ । ହେ ପାର୍ଥ ଜାଣ ଯେ ଅଖିଳରେ ସବୁ କର୍ମ ଜ୍ଞାନଲାଭରେ ସମାପ୍ତିଘଟେ ।

୩୪ ମହାତ୍ମାଙ୍କ ପଦରେ ପ୍ରଣିପାତପୂର୍ବକ ସେବାକରି ବା ପ୍ରଶ୍ନ ପଚାରି ଜ୍ଞାନ କଣ ଜାଣ । ତତ୍ତ୍ୱଦର୍ଶୀ ଜ୍ଞାନୀମାନେ ତୁମକୁ ଜ୍ଞାନ ଉପଦେଶ ଦେବେ ।

୩୫ ହେ ଅର୍ଜୁନ ଯେଉଁ ତତ୍ତ୍ୱଜ୍ଞାନ ଅନୁଭବ କଲାପରେ ବା ଲାଭକଲେ ତୁମେ ପୂନଃ ମୋହିତ ହେବନାହିଁ ଏବଂ ଯାହା ଦ୍ୱାରା ବା ସେହି ଜ୍ଞାନ ଜାଣିଗଲେ ତୁମେ ଓ ସକଳ ଜୀବଗଣ ନିଜ ଆତ୍ମା ଭିତରେ ତଥା ମୋ ଭିତରେ (ପରମାତ୍ମାଙ୍କ ଭିତରେ) ଥିବାର ଦେଖିପାରିବ ।

---

ଯଦି ତୁମେ ହୋଇଥାଅ ମହାପାପୀ ସମସ୍ତ ପାପୀଙ୍କଠାରୁ
ଜ୍ଞାନ ଭେଳାରେ ବସିଲେ ତେବେମୁକ୍ତ ହୋଇବ ସର୍ବପାପରୁ ।୩୬
ଯେପରି ସମିଦ୍ଧାଗ୍ନି ଇନ୍ଧନକୁ ଭସ୍ମକରେ ହେ ଅର୍ଜୁନ
ସେପରି ସର୍ବକର୍ମକୁ ଜ୍ଞାନଅଗ୍ନି କରଇ ଭସ୍ମିକରଣ ।୩୭
ଜ୍ଞାନର ସଦୃଶ ନାହିଁ ଏଜଗତେ ପବିତ୍ରକାରକ ଲବେ
ସ୍ୱୟଂ ଯୋଗସିଦ୍ଧ ତାହା ପ୍ରାପ୍ତହେବେ ନିଜଠାରେ ଅନୁଭବେ ।୩୮
ତତ୍ପର ସଂଯତେନ୍ଦ୍ରୀୟ ଶ୍ରଦ୍ଧାବାନ ଲଭିଥାନ୍ତି ଜ୍ଞାନପ୍ରାପ୍ତି
ଜ୍ଞାନଲାଭକରି ସର୍ବେ ଯାଇଥାନ୍ତି ଅଚିରେ ପରମଶାନ୍ତି ।୩୯

---

୩୬ ତୁମେ ଯଦି ଜଗତର ସମସ୍ତପାପୀଙ୍କଠାରୁ ଘୋରପାପୀ ହୋଇଥାଅ ତେବେ ଏହି ଜ୍ଞାନ ରୂପକ ଭେଳାରେ ବସିଗଲେ ତୁମେ ସେହି ପାପସାଗରକୁ ପାରହୋଇପାରିବ ।

୩୭ ଯେପରି କାଷ୍ଠ ଇନ୍ଧନକୁ ପ୍ରଜ୍ୱଳିତ ଅଗ୍ନି ଭସ୍ମ କରିଦିଏ ସେହିପରି ଜ୍ଞାନ ରୂପକ ଅଗ୍ନି ସକଳ କର୍ମକୁ ଭସ୍ମ କରିଦିଏ ।

୩୮ ଆତ୍ମଜ୍ଞାନ ପରି ପବିତ୍ରକାରକ ଏ ଜଗତରେ ଆଉ କିଛି ନାହିଁ ।ସେହି ଜ୍ଞାନ ସ୍ୱୟଂ ଯୋଗସିଦ୍ଧ ଅବଶ୍ୟ ନିଜ ଅନ୍ତର ମଧ୍ୟରେ ଅନୁଭବ କରିପାରିବ ।

୩୯ ଶ୍ରଦ୍ଧାବାନ , ସାଧନା ପରାୟଣ ଓ ଯିଏ ଇନ୍ଦ୍ରିୟମାନଙ୍କୁ ସଂଯତକରି ରଖିଥାନ୍ତି , ସେମାନେ ଏ ଜ୍ଞାନ ଲାଭ କରିପାରିବେ , ପୁଣି ଜ୍ଞାନ ଲାଭକରିସାରିଲେ ଜୀବ ପରମ ଶାନ୍ତି ପାଇବେ ।

---

ଅଜ୍ଞ ,ଅଶ୍ରଦ୍ଧ ସହିତ ସଂଶୟାତ୍ମା ବନାଶମୁଖୀ ହୁଅନ୍ତି
ସଂଶୟୀର ନାହିଁସୁଖ ଇହଲୋକେ ପରଲୋକେ ନାହିଁ ଶାନ୍ତି ।୪୦
କର୍ମରୁ ସନ୍ୟାସ ପ୍ରାପ୍ତି ଯୋଗଦ୍ୱାରା ଜ୍ଞାନରେ ଛିନ୍ନ ସଂଶୟ
ଆତ୍ମବନ୍ତ ମନୁଷ୍ୟ ହିଁ ସର୍ବକର୍ମେ ବନ୍ଧାନୁହେଁ, ଧନଞ୍ଜୟ ।୪୧
ତେଣୁ ଅଜ୍ଞାନ ସମ୍ଭୂତ, ହୃଦୟସ୍ଥ ଜ୍ଞାନଖଡଗ ସହିତ
ଛିନ୍ନକର ସେ ସଂଶୟ ଯୋଗାଶ୍ରୟେ ଉଠିଯାଅ ହେ ଭାରତ ।୪୨

---

୪୦ ଯେଉଁମାନେ ଅଜ୍ଞ,ଅଶ୍ରଦ୍ଧ ଓ ଅବିଶ୍ୱାସୀ ସେମାନେ ନାଶଯାନ୍ତି ଓ ଇହଲୋକ ଓ ପରଲୋକରେ କେବେହେଲେ ସୁଖଶାନ୍ତି ମିଳେନାହିଁ ।

୪୧ ଯୋଗ(ସମତା)ଦ୍ୱାରା ଯେ କର୍ମରୁ ସନ୍ୟାସ ବା ସମ୍ପର୍କ ଚିନ୍ନ କରିଛି , ଯେ ଜ୍ଞାନଲାଭକରି ସକଳ ସଂଶୟ ଛିନ୍ନ କରିପାରିଛି ଓ ଯେ ଆତ୍ମ ସ୍ୱରୂପ ପରାୟଣ ତାଙ୍କୁ କର୍ମ ବାନ୍ଧିପାରେନାହିଁ ।

୪୨ ତେଣୁ ତୁମ ଅଜ୍ଞତାରୁ ଜାତ ସଂଶୟକୁ ହୃଦୟସ୍ତ ଜ୍ଞନ ରୂପକ ଖଡ୍ଗଦ୍ୱାରା ଛିନ୍ନକରି ଯୋଗ ଆଶ୍ରୟକରି ହେ ଅର୍ଜୁନ ଏବେ ଉଠ ।

ବ୍ରହ୍ମବିଦ୍ୟାଯୁକ୍ତ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଜ୍ଞାନବିଭାଗଯୋଗ ନାମକ ଚତୁର୍ଥ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଜ୍ଞାନବିଭାଗ ଯୋଗ ନାମକ ଚତୁର୍ଥ ଅଧ୍ୟାୟ ଏତିକିରେ ସମାପ୍ତ)
(ମୋଟ ଶ୍ଲୋକ ସଂଖ୍ୟା ୧୬୨+୪୨ =୨୦୪)

---

## ପଞ୍ଚମ ଅଧ୍ୟାୟ

## କର୍ମ ସନ୍ନ୍ୟାସ ଯୋଗଃ

ଅର୍ଜୁନ ଉବାଚ

କର୍ମସନ୍ୟାସ ପ୍ରଶଂସା କୃଷ୍ଣକର ପୁନଃପ୍ରଶଂସା ଯୋଗର
ଯାହା ଏମାନଙ୍କ ମଧ୍ୟେ କୁହମତେ ସୁନିଶ୍ଚିତ ଶ୍ରେୟତର ।୧

ଶ୍ରୀ ଭଗବାନ ଉବାଚ

କର୍ମ ସନ୍ୟାସ ଓ ଯୋଗ ଉଭୟତ ମୁକ୍ତିଦାୟକ ଅଟନ୍ତି
ଦ୍ୱୟର୍ମଧ୍ୟେ କର୍ମତ୍ୟାଗ ଠାରୁଜାଣ କର୍ମଯୋଗ ଶ୍ରେଷ୍ଠଅତି ।୨
ସେ ନିତ୍ୟସନ୍ୟାସି ଜାଣ ଯାରନାହିଁ ଦ୍ୱେଷ କାମନା ମନର
ଦ୍ୱନ୍ଦ୍ୱହୀନ ଅଟେସେହି ମହାବାହୁ ସୁଖେ ବନ୍ଧନୁ ଉଦ୍ଧାର ।୩

---

୧ ହେ କୃଷ୍ଣ ଆପଣ କର୍ମସନ୍ୟାସ ବା ସମ୍ପୂର୍ଣ୍ଣ କର୍ମତ୍ୟାଗ ର ପ୍ରଶଂସା କରୁଛନ୍ତି ପୁଣି କର୍ମଯୋଗର ମଧ୍ୟ ପ୍ରଶଂସା କରୁଛନ୍ତି । ତେଣୁ ଏ ଦୁହିଙ୍କ ମଧ୍ୟରେ କେଉଁ ଗୋଟିକ ନିଶ୍ଚିତରେ ଶ୍ରେୟ ତାହା ମତେ କହନ୍ତୁ ।

୨ କର୍ମସନ୍ୟାସ ଓ କର୍ମଯୋଗ ଉଭୟ ମୁକ୍ତି ପ୍ରଦାୟକ ମାତ୍ର ଏ ଦୁହିଙ୍କ ମଧ୍ୟରେ କର୍ମସନ୍ନ୍ୟାସ  ଠାରୁ କର୍ମଯୋଗ ଶ୍ରେଷ୍ଠତର ।

୩ ହେ ମହାବାହୁ ଅର୍ଜୁନ, ଯାହାର ମନରେ ଅନ୍ୟପ୍ରତି ଦ୍ୱେଷ ନ ଥାଏ କି କୌଣସି କାମନା ନଥାଏ ସେମାନେ ନିତ୍ୟ ସନ୍ୟାସି ଓ ସେମାନଙ୍କ ମନରେ କୌଣସୀ ଦ୍ୱନ୍ଦ୍ୱଭାବ ନଥିବାରୁ ସେମାନେ ସୁଖ ପୂର୍ବକ ସଂସାର ବନ୍ଧନରୁ ମୁକ୍ତ ହୋଇଯାନ୍ତି ।

---

ସାଂଖ୍ୟ,କର୍ମରେ ପୃଥକ କହିଥାନ୍ତି ବାଳକେ,ନୁହେଁ ପଣ୍ଡିତ
ଏକରେ ସମ୍ୟକ ସ୍ଥିତି କରେସିଏ ଉଭୟର ଫଳ ପ୍ରାପ୍ତ ।୪
ଯେସ୍ଥାନ ଲଭିବ ସାଂଖ୍ୟ ସେସ୍ଥାନକୁ କର୍ମଯୋଗୀ ଯାଇଥାଏ
ସାଂଖ୍ୟ କର୍ମଯୋଗ ଏକ ଯେଦେଖନ୍ତି ସେ ଯଥାର୍ଥ ଦେଖିଥାଏ ।୫
ସନ୍ୟାସ ହିଁ ମହାବାହୁ କଷ୍ଟକର ସିଦ୍ଧି କର୍ମଯୋଗ ବିନା
ଯୋଗଯୁକ୍ତ ହୋଇ ମୁନି ବ୍ରହ୍ମଲୋକେ ଅଚିରେ ଅଧିଗମନା ।୬
ଯୋଗଯୁକ୍ତ ବିଶୁଦ୍ଧାତ୍ମା ଯିଏଅଟେ ଶରୀର,ଇନ୍ଦ୍ରିୟ ଜୟୀ
ସର୍ବଭୂତାତ୍ମାକୁ ଭାବି ସ୍ୱଆତ୍ମାରେ କର୍ମରେ ଲିପ୍ତ ନୁହଇ ।୭

---

୪ ଅଜ୍ଞଲୋକ ହିଁ ସାଙ୍ଖ୍ୟଯୋଗ ଓ କର୍ମଯୋଗକୁ ଭିନ୍ନ ଭିନ୍ନ ଫଳଦାୟୀ ବୋଲି କହନ୍ତି ମାତ୍ର ପଣ୍ଡିତ ଲୋକ କହନ୍ତି ନାହିଁ। ଏ ଦୁଇଟି ମଧ୍ୟରୁ କେବଳ ଗୋଟିକରେ ସମ୍ୟକରୁପେ ସ୍ଥିତ ହୋଇଗଲେ ମନୁଷ୍ୟ ଉଭୟରେ ଫଳସ୍ୱରୂପ ପରମାତ୍ମା ପ୍ରାପ୍ତ ହୋଇଥାନ୍ତି ।

୫ ସାଂଖ୍ୟଯୋଗୀ ମାନଙ୍କ ଦ୍ୱାରା ଯେଉଁ ତତ୍ତ୍ୱ ପ୍ରାପ୍ତ କରାଯାଏ, କର୍ମଯୋଗୀ ମାନେ ମଧ୍ୟ ସେ ତତ୍ତ୍ୱକୁ ପ୍ରାପ୍ତ କରିଥାନ୍ତି। ଯେଉଁମାନେ ଜ୍ଞାନ ଓ କର୍ମଯୋଗକୁ ଏକ ଫଳଦାୟୀ ମାର୍ଗବୋଲି ଦେଖିପାରନ୍ତି ସେମାନେ ଯଥାର୍ଥ ଦେଖିପାରନ୍ତି ।

୬ ହେ ମହାବାହୁ ଅର୍ଜୁନ କର୍ମଯୋଗ ବିନା କର୍ମସନ୍ୟାସ ବା ସାଙ୍ଖ୍ୟଯୋଗ ସିଦ୍ଧ ହେବା କଷ୍ଟକର। କିନ୍ତୁ କର୍ମଯୋଗଯୁକ୍ତ ହୋଇ ମୁନି ବ୍ରହ୍ମଲୋକ ଲାଭକରନ୍ତି ।

୭ ଯିଏ କର୍ମଯୋଗରେ ପ୍ରବୃତ୍ତ ,ପବିତ୍ର ଚିତ୍ତ., ଶରୀର ଓ ଇନ୍ଦ୍ରିୟଙ୍କୁ ଜୟକରି ପାରିଛନ୍ତି, ଓ ଜଗତର ସକଳ ଭୂତଗଣଙ୍କ ଆତ୍ମାକୁ ସ୍ୱ ଆତ୍ମାରେ ଅନୁଭବ କରିପାରିଛନ୍ତି, ସେପରି କର୍ମଯୋଗୀ କର୍ମ କରି ମଧ୍ୟ ତହିଁରେ ଲିପ୍ତ ହୁଏନାହିଁ ।

---

କିଞ୍ଚିତ ମୁଁ କରୁନାହିଁ ବୋଲିଭାବେ ସାଙ୍ଖ୍ୟଯୋଗୀ ତତ୍ତ୍ୱଜ୍ଞାନ
ଦର୍ଶନ ଶ୍ରବଣ ସ୍ପର୍ଶ ଘ୍ରାଣାହାର ଗମନ ନିଦ୍ରା ଶ୍ୱସନ ।୮
ବଚନ ବର୍ଜନ ନେବା ଉନ୍ମିଳନ ଚକ୍ଷୁ ଓ ପଲକାୟନ
ଇନ୍ଦ୍ରିୟାର୍ଥେ ପ୍ରବର୍ତ୍ତନ୍ତି ଇନ୍ଦ୍ରିଗଣ ଏପରି କରେଧାରଣ ।୯
କରେ କର୍ମ ସମର୍ପଣ ବ୍ରହ୍ମେଯିଏ  କରି ଆସକ୍ତି ତ୍ୟକତ
ପାପରେ ନୁହଇ ଲିପ୍ତ ସିଏଯଥା ଜଳେ ପଦ୍ମପତ୍ର ସ୍ଥିତ ।୧୦
କେବଳ ହିଁ କାୟ ମନ ବୁଦ୍ଧିଦ୍ୱାରା ଇନ୍ଦ୍ରିୟଙ୍କର ସହିତ
କର୍ମ କରନ୍ତି ଯୋଗୀନ ଅନାସକ୍ତେ ଆତ୍ମଶୁଦ୍ଧିର ନିମିତ୍ତ ।୧୧

---

୮,୯ ତତ୍ତ୍ୱବେତ୍ତା ସାଙ୍ଖ୍ୟଯୋଗୀ ଦେଖିବା, ଶୁଣିବା, ସ୍ପର୍ଶକରିବା, ଆଘ୍ରାଣକରିବା, ଭୋଜନ କରିବା, ଯାତାୟାତକରିବା ନିଦ୍ରାଯିବା ଶ୍ୱାସକ୍ରୀୟା କରିବା,କଥାଗପିବା, ମଳମୂତ୍ର ବର୍ଜନ କରିବା, ଗ୍ରହଣ କରିବା,ଆଖିଖୋଲିବା ଓ ଆଖିପତା ପକାଇବା ଇତ୍ୟାଦି କେବଳ ଇନ୍ଦ୍ରିୟଗଣ ଇନ୍ଦ୍ରିୟ ଭୋଗ୍ୟ ବିଷୟ ପାଇଁ ନିଜେ ନିଜର କର୍ମ କରି ଚାଲିଛନ୍ତି ବୋଲି ଜାଣି, 'ମୁଁ କିଛିହେଲେ କରୁନାହିଁ' ବୋଲି ଭାବୁଥାଏ ।

୧୦ ଯିଏ ତାର ସମସ୍ତ କର୍ମ ଭଗବତ୍ ଉଦ୍ଦେଶ୍ୟରେ ସମର୍ପଣ କରିଦିଏ ଓ କର୍ମଫଳ ଉପରେ ଅନାସକ୍ତ ରହେ ସିଏ ଯେତେ କର୍ମ କରିଲେ ବି କର୍ମବନ୍ଧନରୂପକ ପାପରେ ଲିପ୍ତନୁହେଁ ଯେପରି ଜଳ ମଧ୍ୟେ ପଦ୍ମପତ୍ର ଜଳ ସ୍ପର୍ଶ କରେନାହିଁ ।

୧୧ ଯୋଗୀ ଅର୍ଥାତ୍ କର୍ମଯୋଗୀ ଫଳରେ କୌଣସି ପ୍ରକାର ଆସକ୍ତି ନ ରଖି କାୟ ମନ ବୁଦ୍ଧି ଇନ୍ଦ୍ରିୟମାନଙ୍କ ଦ୍ୱାରା କର୍ମ କରନ୍ତି କେବଳ ଆତ୍ମଶୁଦ୍ଧି ନିମିତ୍ତ ।

---

ଯୋଗଯୁକ୍ତ କର୍ମଫଳ ତ୍ୟାଗକରି ନୈଷ୍ଠିକୀ ଶାନ୍ତି ଲଭନ୍ତି
ଅଯୁକ୍ତ କାମନାହେତୁ ଫଳାସକ୍ତ ରହି ବନ୍ଧନେ ପଡନ୍ତି ।୧୨
ବଶୀ ମାନସିକେ ସର୍ବ କର୍ମତ୍ୟାଗ କରି ସୁଖେ ରହିଥାନ୍ତି
ନବଦ୍ୱାର ପୁରେ ଦେହୀ, ନ କରନ୍ତି ଅବା କିଛି ନ କରାନ୍ତି ।୧୩
ନାହିଁ କର୍ମ କି କର୍ତ୍ତୃତ୍ୱ ଲୋକପାଇଁ ସୃଜନ କରନ୍ତି ବିଭୁ
ନ କର୍ମଫଳେ ସଂଯୋଗ ମାତ୍ରତାହା ସ୍ୱଭାବ ପ୍ରବୃତ୍ତ ସବୁ ।୧୪
ନକରିଥାନ୍ତି ଗ୍ରହଣ ବିଶ୍ୱେଶ୍ୱର କାହା ପାପ କି ସୁକୃତ
ଅଜ୍ଞାନରେ ଆଚ୍ଛାଦିତ ଯେଣୁଜ୍ଞାନ ମୋହିତ ଜୀବଜଗତ ।୧୫

---

୧୨ କର୍ମଯୋଗୀ ସକଳ କର୍ମଫଳ ତ୍ୟାଗକରି ନୈଷ୍ଠକୀଶାନ୍ତି ଲାଭ କରନ୍ତି । ମାତ୍ର ଯେ ସକାମ ସାଧକ କାମନା ଜଡିତହୋଇ ଫଳରେ ଆସକ୍ତ ହୋଇ ବନ୍ଧନରେ ପଡନ୍ତି ।

୧୩ ମନ ଓ ଇନ୍ଦ୍ରିୟମାନଙ୍କୁ ବଶିଭୁତ କରି ଦେହଧାରୀ ନବଦ୍ୱାରବିଶିଷ୍ଟ ଶରୀରରୂପକ ପୁରରେ ମାନସିକ ଭାବରେ ସମସ୍ତ କର୍ମକୁ ବିବେକ ପୂର୍ବକ ତ୍ୟାଗ କରି କିଛି ନକରି ବା କିଛି ନ କରାଇ ସୁଖରେ ନିଜ ସ୍ୱରୂପରେ ସ୍ଥିତ ରହିଥାନ୍ତି ।

୧୪ ବିଭୁ ଏ ଜୀବଜଗତ ପାଇଁ କର୍ମ କି କର୍ତ୍ତୃତ୍ୱ ବା କର୍ତ୍ତାପଣିଆ କି କର୍ମଫଳରେ ସଂଯୋଗ ସୃଷ୍ଟି କରି ନଥାନ୍ତି । ମାତ୍ର ଏହାସବୁ ବିଶ୍ୱ ପ୍ରକୃତିରୁ ସ୍ୱତଃ ପ୍ରବୃତ୍ତ ହୋଇଥାଏ ।

୧୫ ବିଶ୍ୱର ଇଶ୍ୱର କାହାରି ପାପତାପ ଗ୍ରହଣ କରନ୍ତିନାହିଁ କି ସୁକୃତ ଗ୍ରହଣ କରନ୍ତିନାହିଁ । ଯେହେତୁ ଜୀବର ଜ୍ଞାନ, ଅଜ୍ଞାନତା ବା ଅବିଦ୍ୟାମାୟାରେ ଆଚ୍ଛାଦିତ ରହିଥାଏ ତେଣୁ ଜୀବମାନେ ମୋହଗ୍ରସ୍ତ ହୋଇଯାନ୍ତି ।

---

କିନ୍ତୁ ଆତ୍ମଜ୍ଞାନ ଦ୍ୱାରା ଯାହାଙ୍କର ସେ ଅଜ୍ଞାନ ଯାଏନାଶ
ସେମାନଙ୍କ ଆତ୍ମଜ୍ଞାନ ସୂର୍ଯ୍ୟସମ ବ୍ରହ୍ମଙ୍କୁ କରେ ପ୍ରକାଶ ।୧୬
ତତ୍ ବୁଦ୍ଧି ତତ୍ ମନ ତତ୍ ନିଷ୍ଠା ଯିଏ ତତ୍ ପରାୟଣ
ଯାନ୍ତି ଅଫେରନ୍ତା ସ୍ଥାନେ ସିଏହୋଇ ଜ୍ଞାନରେ ନିଷ୍ପାପ ପ୍ରାଣ ।୧୭
ବିଦ୍ୟା ବିନୟ ସମ୍ପନ୍ନ ବ୍ରାହ୍ମଣଙ୍କୁ ଗାଭୀ,ହସ୍ତି ପ୍ରଭୃତିରେ
ଶ୍ୱାନ,ଚଣ୍ଡାଳକୁ ମଧ୍ୟ ଆତ୍ମଜ୍ଞାନୀ ଦେଖନ୍ତି ସମ ଦୃଷ୍ଟିରେ ।୧୮
ଜୀବିତେ ଜିତନ୍ତି ସ୍ୱର୍ଗ ଯାହାଙ୍କର ସମତାରେ ମନ ସ୍ଥିତ
ନିର୍ଦୋଷ ଓ ସମ ଯେଣୁ ଅଟେବ୍ରହ୍ମ ସେମାନେ ବ୍ରହ୍ମରେ ସ୍ଥିତ ।୧୯

---

୧୬ କିନ୍ତୁ ଆତ୍ମଜ୍ଞାନ ଉଦୟହେଲେ ଯେଉଁମାନଙ୍କର ଅଜ୍ଞାନତା ବିନଷ୍ଟ ହୋଇଯାଏ , ସୂର୍ଯ୍ୟ ଯେପରି ସମସ୍ତ ପ୍ରକାଶ କରିଥାନ୍ତି ସେପରି ସେମାନଙ୍କର ଆତ୍ମଜ୍ଞାନ ଉଦୟରେ ତାଙ୍କ ନିକଟରେ ପରମବ୍ରହ୍ମ ପ୍ରକାଶିତ ହୋଇଯାନ୍ତି ।

୧୭ ଯେଉଁମାନଙ୍କର ବୁଦ୍ଧି ପରମାତ୍ମାଙ୍କ ଠାରେ ନିବଦ୍ଧ, ମନ ପରମାତ୍ମଙ୍କ ଠାରେ ଲୀନ, ଯିଏ ପରମାତ୍ମଙ୍କଠାରେ ସମ୍ପୂର୍ଣ୍ଣ ନିଷ୍ଠାବାନ ଓ ଯିଏ ପରମାତ୍ମାଙ୍କ ଭାବରେ ସ୍ଥିତ, ଜ୍ଞାନ ବଳରେ ସେମାନଙ୍କର ପାପସବୁ ବିନଷ୍ଟ ହୋଇଯାଏ ଓ ସେମାନେ ଅଫେରନ୍ତା ସ୍ଥାନ ପରମଧାମକୁ ଗମନ କରନ୍ତି ।

୧୮ ପଣ୍ଡିତ ଅର୍ଥାତ୍ ଆତ୍ମଜ୍ଞାନୀ, ବିଦ୍ୱାନ ବିନୟୀ ଓ ଗୁଣି ବ୍ରାହ୍ମଣମାନଙ୍କୁ ଯେପରି ଦେଖନ୍ତି ସେହିପରି ଗୋରୁ, ହସ୍ତି , ଶ୍ୱାନ ଓ ଚଣ୍ଡାଳ ପ୍ରଭୃତି ସର୍ବ ଜୀବ ଓ ଜନ୍ତୁମାନଙ୍କୁ ମଧ୍ୟ ସମ ଦୃଷ୍ଟିରେ ଦେଖନ୍ତି ।

୧୯ ଯେଉଁମାନଙ୍କର ମନ ବା ଅନ୍ତଃକରଣ ସମତାରେ ସ୍ଥିତ ସେମାନେ ଜୀବିତ ଅବସ୍ଥାରେ ରହି ସ୍ୱର୍ଗ ଜୟ କରିଥାନ୍ତି ଅର୍ଥାତ୍ ଜନ୍ମ ମୃତ୍ୟୁ ଚକ୍ରକୁ ଜୟ କରିଥାନ୍ତି । କାରଣ ପ୍ରକୃତରେ ପରମାତ୍ମା ନିର୍ଦୋଷ ଓ ସମ ତେଣୁ ସେମାନେ ସନ୍ତୁଳିତ ମନା ହୋଇ ସର୍ବଦା ବ୍ରହ୍ମଭାବରେ ପ୍ରତିଷ୍ଠିତ ରହନ୍ତି ।

ଉତ୍‌ଫୁଲିତ ନୁହଁ ଲଭି ପ୍ରୀୟବସ୍ତୁ ଅପ୍ରୀୟେ ନୁହଁ ଉଦ୍ ବିଗ୍ନ
ନୁହେଁ ମୁହ୍ୟ ସ୍ଥିରବୁଦ୍ଧି ବ୍ରହ୍ମବିତ୍ ରହିଥାଏ ବ୍ରହ୍ମେ ମଗ୍ନ ।୨୦
ବାହ୍ୟ ସ୍ପର୍ଶେ ଅସକ୍ତାତ୍ମା ପ୍ରାପ୍ତହୁଏ ସ୍ୱଆତ୍ମାରେ ଯେଉଁ ସୁଖ
ବ୍ରହ୍ମଯୋଗରେ ଯୁକ୍ତାତ୍ମା ସେ ସାଧକ ପ୍ରାପତ ଅକ୍ଷୟ ସୁଖ ।୨୧
ଇନ୍ଦ୍ରିୟ ସଂସ୍ପର୍ଶୁ ଜାତ ଯେତେଭୋଗ କାରଣ ସର୍ବ ଦୁଃଖର
ଆଦ୍ୟ ଅନ୍ତ ଥାଏ ଭୋଗେ ହେ କୌନ୍ତେୟ ନ ରମେ ବୁଧ ତହିଁର ।୨୨
ଶରୀର ମୋକ୍ଷଣ ପୂର୍ବେ ଇହଲୋକେ ଯେ ପାରେ କରି ସହନ
କାମକ୍ରୋଧରୁ ଉଦ୍ଭବ ଆବେଗକୁ ସୁଖିସେହି ଯୋଗୀଜନ ।୨୩

---

୨୦ ଯିଏ ପ୍ରୀୟବସ୍ତୁ ଲାଭରେ ହର୍ଷିତ ହୁଏନାହିଁ କି ଅପ୍ରୀୟ ବସ୍ତୁ ଲାଭରେ ଉଦ୍ ବିଗ୍ନ ହୁଏନାହିଁ । ସେହି ସ୍ଥିରବୁଦ୍ଧି ଜ୍ଞାନୀ ସର୍ବଦା ବ୍ରହ୍ମରେ ମଗ୍ନ ରହିଥାନ୍ତି ।

୨୧ ସାଧାରଣତ ବାହ୍ୟ ଇନ୍ଦ୍ରିୟଭୋଗ୍ୟ ବିଷୟରେ ଅନାସକ୍ତ ରହିପାରି ବ୍ୟକ୍ତି ଅନ୍ତଃକରଣରେ ସାତ୍ତ୍ୱିକ ସୁଖ ଅନୁଭବ କରିଥାନ୍ତି । ମାତ୍ର ଏସବୁ ସହିତ ବ୍ୟକ୍ତି ବ୍ରହ୍ମରେ ଅଭିନ୍ନ ଭାବେ ସ୍ଥିତ ହେଲେ ସେହି ମନୁଷ୍ୟ ଅଖଣ୍ଡ ଆନନ୍ଦ ଲାଭ କରିପାରିବେ ।

୨୨ ଇନ୍ଦ୍ରିୟ ସଂସ୍ପର୍ଶରୁ ଯେତେ ସୁଖଭୋଗ ଜାତ ହୋଇଥାଏ ତାହାସବୁ ଦୁଃଖ ଦେଇଥାଏ କାରଣ ଏହି ସୁଖଭୋଗର ଆରମ୍ଭ ଓ ଶେଷ ଅଛି । ତେଣୁ ହେ ଅର୍ଜୁନ ପଣ୍ଡିତ ତଥା ଜ୍ଞାନୀମାନେ ଏଥିରେ ଲିପ୍ତ ହୁଅନ୍ତି ନାହିଁ ବା କାମନା ରଖନ୍ତି ନାହିଁ ।

୨୩ ମନୁଷ୍ୟ ଶରୀରରେ ଶରୀର ଅବସାନ ପୂର୍ବରୁ ଇହଲୋକେ କାମ କ୍ରୋଧରୁ ଉଦ୍ଭବ ଆବେଗକୁ ଯେଉଁମାନେ ସହ୍ୟ କରିପାରନ୍ତି ସେହିମାନେ ଯୁକ୍ତାତ୍ମା ଯୋଗୀ ଏବଂ ସେହିମାନେ ସୁଖି ।

---

ଅନ୍ତଃରେସୁଖି ଅନ୍ତଃରେ ରମଣନ୍ତି ଯିଏ ଅନ୍ତର୍ଜ୍ୟୋତି ଜାଣ
ସେ ଯୋଗୀ ବ୍ରହ୍ମରେ ସ୍ଥିତି ଅନୁଭବେ ପ୍ରାପତ ବ୍ରହ୍ମନିର୍ବାଣ ।୨୪
ଲଭନ୍ତି ବ୍ରହ୍ମନିର୍ବାଣ ଋଷିଗଣ ଯିଏ କଳ୍ମଷ ରହିତ
ଛିନ୍ନଦ୍ୱିଧା ସଂଯତାତ୍ମା ଯିଏହୁଏ ସର୍ବଜନହିତେ ରତ ।୨୫
କାମକ୍ରୋଧରୁ ବିମୁକ୍ତ ଯତିଙ୍କର ବିଜିତ ଯାର ଚେତନା
ବ୍ରହ୍ମନିର୍ବାଣ ବର୍ତ୍ତେ ଚତୁର୍ଦିଗେ  ସେ ଯୋଗୀ ବିଦିତାତ୍ମନା ।୨୬
ବାହ୍ୟସ୍ପର୍ଶାଦି ବାହାରେ କରିତ୍ୟାଗ ଚକ୍ଷୁ ରଖି ଭ୍ରୁବୋର୍ମଧ୍ୟେ
ପ୍ରାଣ ଅପାନ ବାୟୁକୁ ସମକରି ସଂଚରାଇ ନାସାମଧ୍ୟେ ।୨୭

---

୨୪ ଯେଉଁ ମନୁଷ୍ୟ ପରମାତ୍ମାରେ ସୁଖ ପାଏ, କେବଳ ପରମାତ୍ମାରେ ରମଣକରେ ଏବଂ ଯିଏ  ଅନ୍ତର୍ଜ୍ୟୋତି ସଦୃଶ ବା ପରମାତ୍ମାଜ୍ଞାନଯୁକ୍ତ ଭ୍ରହ୍ମରେ ନିଜ ସ୍ଥିତି ଅନୁଭବ କରୁଥିବା ସେହି ସାଙ୍ଖ୍ୟଯୋଗୀ ବ୍ରହ୍ମନିର୍ବାଣ ବା ପୂର୍ଣ୍ଣମୋକ୍ଷ ବା ଜୀବନ୍ମୁକ୍ତ ଲାଭ କରନ୍ତି ।
୨୫ ଯେଉଁ ଋଷିଗଣ ସମସ୍ତ ସଂଶୟରୁ ମୁକ୍ତ,  ଯେଉଁମାନଙ୍କର ଇନ୍ଦ୍ରିୟମାନଙ୍କ ସହିତ ଶରୀର ମନ ବୁଦ୍ଧି ବଶିଭୂତ , ଯେଉଁମାନେ ସମସ୍ତଙ୍କ ହିତରେ ରତ ଓ ତାଙ୍କ ସବୁପ୍ରକାର କଳ୍ମଷ ନାଶ ହୋଇଛି ସେହି ଋଷିମାନେ ବା ବିବେକି ପୁରୁଷ ବ୍ରହ୍ମନିର୍ବାଣ ପ୍ରାପ୍ତ ହଅନ୍ତି ।
୨୬ କାମ କ୍ରୋଧରୁ ମୁକ୍ତହୋଇଥିବା, ନିଜର ଚେତନାକୁ ବଶରେ ରଖିଥିବା ଓ ଯେଉଁ ଆତ୍ମସଂଯମକାରି ଆତ୍ମଦର୍ଶୀ ସାଙ୍ଖ୍ୟଯୋଗୀଙ୍କପାଇଁ ଚତୁର୍ଦିଗରେ ବ୍‌ହ୍ମନିର୍ବାଣ ପରିପୂର୍ଣ୍ଣଥାଏ ।
୨୭ ବାହ୍ୟ ସଂସ୍ପର୍ଶକୁ ଦୂର କରିଦେଇ ଦୁଇଚକ୍ଷୁର ଦୃଷ୍ଟି ଦୁଇ ଭ୍ରୁଲତା ମଧ୍ୟରେ ନିବଦ୍ଧ ରଖି ପ୍ରାଣ ଓ ଅପାନବାୟୁକୁ ନାସା ମଧ୍ୟରେ ସଂଚାଳନ କରାଇବ ।

ଇନ୍ଦ୍ରିୟ, ମନ ଓ ବୁଦ୍ଧି ସଂଯତରେ ମୁନି ମୋକ୍ଷ ପରାୟଣ
ବିଗତ କାମନା କ୍ରୋଧ ଭୟମୁକ୍ତ ସର୍ବଦା ମୁକ୍ତ ସେ ଜାଣ ।୨୮
ଯଜ୍ଞତପ ଫଳଭୋକ୍ତା ମୁହିଁଅଟେ ସର୍ବଲୋକ ମହେଶ୍ୱର
ସର୍ବଜୀବଗଣ ବନ୍ଧୁ ଜାଣେଯିଏ ସେ ଯୋଗ୍ୟ ଶାନ୍ତିଲାଭର ।୨୯

---

୨୮ ଇନ୍ଦ୍ରିୟ, ମନ ଓ ବୁଦ୍ଧି ସଂଯତ କରି ମୋକ୍ଷକୁ ଜୀବନର ପରମଲକ୍ଷ ମନେକରି କାମ କ୍ରୋଧ ଭୟରୁ ଯେଉଁ ମୁନି ମାନେ ମୁକ୍ତ ଥାନ୍ତି ସେମାନେ ପରମମୋକ୍ଷ ଲାଭ କରନ୍ତି ।
୨୯ ଭକ୍ତ ମତେ ସମସ୍ତ ଯଜ୍ଞ ଓ ତପର ଭୋକ୍ତା ,ସମସ୍ତ ଲୋକର ଇଶ୍ୱର, ଏବଂ ସକଳ ପ୍ରାଣିଙ୍କର ବନ୍ଧୁ ବୋଲି ଜାଣି ଶାନ୍ତି ଲାଭ କରେ ।

ବ୍ରହ୍ମବିଦ୍ୟାଯୁକ୍ତ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ କର୍ମସନ୍ୟାସଯୋଗ ନାମକ ପଞ୍ଚମ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ କର୍ମସନ୍ୟାସ ଯୋଗ ନାମକ ପଞ୍ଚମ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଲୋକ ସଂଖ୍ୟା ୨୦୪+୨୯ =୨୩୩)

---

ଷଷ୍ଠୋଧ୍ୟାୟ଼୍

ଧ୍ୟାନଯୋଗଃ

ଶ୍ରୀ ଭଗବାନ ଉବାଚ
କର୍ମଫଳେ ନ ଆଶ୍ରିତେ କରୁଥାନ୍ତି ଯେ ନିଜ କର୍ତ୍ତବ୍ୟ କର୍ମ
ସେ ସନ୍ୟାସି ସେହି ଯୋଗୀ ନୁହେ ତେଜି ଅଗ୍ନିହୋତ୍ର କିମ୍ବା କର୍ମ ।୧
ଯାହାକୁ ସନ୍ୟାସ କହି ହେ ପାଣ୍ଡବ ଜାଣ ତାହା ଅଟେ ଯୋଗ
ହୋଇ ପାରିଛିକି ଯୋଗୀ କେହିକେବେ ସଙ୍କଳ୍ପ ନ କରି ତ୍ୟାଗ ।୨
ଆରୂଡ ହେବାକୁ ଯୋଗେ ମୁନିଗଣେ କର୍ମ କାରଣ ବୋଲାଏ
ଯୋଗାରୂଡ ହେବାପରେ ଯୋଗୀଙ୍କର ଶମ କାରଣ ବୋଲାଏ ।୩

---

୧ କର୍ମଫଳରେ ଆଶ୍ରା ନକରି ନିର୍ଦ୍ଧାରିତ କର୍ତ୍ତବ୍ୟ କର୍ମ ଯେଉଁମାନେ କରୁଥାନ୍ତି ସେମାନେ ସନ୍ୟାସି ଏବଂ ଯୋଗୀ। ମାତ୍ର ନିରଗ୍ନି ବା ଅଗ୍ନିହୋତ୍ର ତ୍ୟାଗକରି ଏବଂ ଅକ୍ରୀୟ଼ହୋଇ ବା କର୍ମତ୍ୟାଗକରି କେହି ସନ୍ୟାସି ଓ ଯୋଗୀ ହୋଇ ପାରିବେ ନାହିଁ।

୨ ହେ ଅର୍ଜୁନ ଲୋକେ ଯାହାକୁ ସନ୍ୟାସ କହନ୍ତି ତୁମେ ତାକୁ ଯୋଗ ବୋଲି ଜାଣ ।କାରଣ ସଙ୍କଳ୍ପ ଗୁଡିକ ତ୍ୟାଗ ନକରି କେବେ କେହି ଯୋଗୀ ହେଇପାରେ ନୀହି।

୩ ମୁନିଗଣଙ୍କୁ ଯୋଗାରୂଡ ହେବାକୁ ହେଲେ କର୍ତ୍ତବ୍ୟ କର୍ମ ସାଧନ ହିଁ ଯୋଗାରୂଡ ହେବାର କାରଣ। ସେହିପରି ଜଣେ ଯୋଗାରୂଡ ହୋଇସାରିଥିଲେ ପ୍ରାପ୍ତ ଶମ ବା ଶାନ୍ତି ହିଁ ପରମାତ୍ମା ପ୍ରାପ୍ତିର କାରଣ।

---

ଯଦି ଇନ୍ଦ୍ରିୟ ବିଷୟେ ଅନାସକ୍ତ କର୍ମରେ ବି ଅନାସକ୍ତ
ସର୍ବ ସଙ୍କଳ୍ପ ସନ୍ୟାସ ତେବେଯୋଗୀ ଯୋଗ ଆରୂଢ କଥିତ ।୪
ଉଦ୍ଧର ନିଜକୁ ନିଜେ କରନାହିଁ ଆତ୍ମାର ଅଧୋଗମନ
ନିଜେହିଁ ନିଜର ବନ୍ଧୁ ହୁଅନାହିଁ ନିଜେହିଁ ଶତ୍ରୁ ଆତ୍ମନ ।୫
ଆତ୍ମାର ଆତ୍ମନ ବନ୍ଧୁ ଯେ ଆତ୍ମନ ଆତ୍ମାଦ୍ୱାରା ପରାଜିତ
ଅନାତ୍ମାର ଶତ୍ରୁତାରେ ପ୍ରବର୍ତ୍ତେ ଏ ଆତ୍ମାର ଶତ୍ରୁବତ ।୬
ଶୀତଉଷ୍ଣ ସୁଖଦୁଃଖ ତଥାମାନ ଅପମାନ ଉପଗତ
ଜିତାତ୍ମନ ପ୍ରଶାନ୍ତର ପରମାତ୍ମା ହୋଇଥାନ୍ତି ନିତ୍ୟ ପ୍ରାପ୍ତ ।୭
ଜ୍ଞାନ ବିଜ୍ଞାନ ତୃପ୍ତାତ୍ମା ନିର୍ବିକାର ଯେ ଇନ୍ଦ୍ରିୟଙ୍କ ବିଜେତା
ନିର୍ବିକଳ୍ପ ଯୋଗୀ କହି ଦେଖେସିଏ ଅଶ୍ମ କାଞ୍ଚନ ସମତା ।୮

---

୪ ଯଦି ସାଧକ ସମସ୍ତ ସଙ୍କଳ୍ପ ପରିତ୍ୟାଗକରି ଇନ୍ଦ୍ରିୟଭୋଗ୍ୟ ବିଷୟେ ତଥା କର୍ମରେ ଅନାସକ୍ତ ରହିଯାନ୍ତି ସେତେବେଳେ ତାଙ୍କୁ ଯୋଗାରୂଢ ବୋଲି କୁହାଯାଏ ।

୫ ନିଜେ ନିଜର ବନ୍ଧୁରୂପେ ନିଜକୁ ଉଦ୍ଧାର କରନ୍ତୁ ଏବଂ ନିଜର ଶତ୍ରୁ ରୂପେ ନିଜକୁ ଅଧୋଗତି ପଥରେ ନିଅନ୍ତୁ ନାହିଁ ।।

୬ ଯେ ନିଜେ ନିଜକୁ ଜୟ କରିଛି ସେ ହିଁ ନିଜର ବନ୍ଧୁ ଏବଂ ଯେ ନିଜେ ନିଜକୁ ଜୟ କରିନାହିଁ ସେହି ଅନାତ୍ମାର ଆତ୍ମା ଶତ୍ରୁପରି ବ୍ୟବହାର କରେ ।

୭ ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି , ଶୀତ ଉଷ୍ଣ ସୁଖ ଦୁଃଖ ତଥା ମାନ ଅପମାନରେ ପ୍ରଶାନ୍ତ ଚିତ୍ତ ରହିପାରୁଥିବା ବ୍ୟକ୍ତିଙ୍କୁ ପରମାତ୍ମା ନିତ୍ୟ ପ୍ରାପ୍ତ ଅଟନ୍ତି ।

୮ ଯିଏ ଜ୍ଞାନ ଓ ଆତ୍ମଜ୍ଞାନରେ ତୃପ୍ତ, ଇନ୍ଦ୍ରିୟମାନଙ୍କ ବିଜେତା ହୋଇ ଯାଇଥାନ୍ତି ସେ ଲୌହ ଓ ସୁବର୍ଣ୍ଣକୁ ସମ ଦୃଷ୍ଟିରେ ଦେଖନ୍ତି , ସେ ନିର୍ବିକଳ୍ପ ସମାଧିସ୍ଥ ଯୋଗୀ ।

---

ସୁହୃତ୍ ମିତ୍ର ଅରି ତଥା ଉଦାସୀନ ନିରପେକ୍ଷ ଦ୍ୱେଷୀ ବନ୍ଧୁ
ସାଧୁରେ ଏବଂ ପାପୀରେ ସମଦୃଷ୍ଟି ଶ୍ରେଷ୍ଠତମ ସମବୁଦ୍ଧି ।୯
ଯୋଗୀ ସତତ ଆତ୍ମାରେ ନିବେଶିଣ ମନ, ଏକାନ୍ତରେ ସ୍ଥିତ
ଏକାକୀ ସଂଯତ ଚିତ୍ତେ ଆଶାଶୂନ୍ୟେ ଭୋଗବୃଦ୍ଧି ନିଷ୍ଚେଷ୍ଟିତ ।୧୦
ପବତ୍ର ସ୍ଥାନରେ କରି ସୁପ୍ରତିଷ୍ଠା ନିଜର ସ୍ଥିର ଆସନ
ନ ଅତିଉଚ୍ଚ ନ ନୀଚ କୁଶୋପରି ଚର୍ମ,କାର୍ପାସ ବସନ ।୧୧
ସେଠାରେ ଏକାଗ୍ର ମନେ ସୁସଂଯତ ଚିତ୍ତ, ଇନ୍ଦ୍ରିୟ ଓ କର୍ମେ
ଉପବିଶ୍ୟ ଆସନରେ ଯୋଗାଭ୍ୟାସ କର ଆତ୍ମଶୁଦ୍ଧି ମର୍ମେ ।୧୨

---

୯ ଯେ ସୁହୃତ୍ ମିତ୍ର ଅରି ବା ଶତ୍ରୁ ଉଦାସୀନ ନିରପେକ୍ଷ ଦ୍ୱେଷୀ ବା ଦ୍ୱେଷକରୁଥିବା ବ୍ୟକ୍ତି ବନ୍ଧୁଜନ ସାଧୁ ବା ଧାର୍ମୀକ ପାପୀ ବା ଅଧାର୍ମୀକ ଏ ସମସ୍ତଙ୍କୁ ସମବୁଦ୍ଧି ସମାନ ଦୃଷ୍ଟିରେ ଦେଖନ୍ତି ସେ ଶ୍ରେଷ୍ଠତମ ଯୋଗୀ କୁହାଯାଏ ।

୧୦ ଭୋଗବୃଦ୍ଧି ସଂଗ୍ରହ ନ କରୁଥିବା, ଆଶାଶୂନ୍ୟ ହୋଇ, ଅନ୍ତଃକରଣ ଓ ଶରୀରକୁ ସଂଯତ କରିଥିବା ଯୋଗୀ ଏକାକୀ ନିକାଞ୍ଚନ ସ୍ଥାନରେ ରହି ପରମାତ୍ମାଙ୍କ ଠାରେ ନିରନ୍ତର ମନୋ ନିବେଶ କରିଥାଏ ।

୧୧ ପବିତ୍ର ସ୍ଥାନରେ କୁଶଉପରେ ଚର୍ମ, ତାପରେ କାର୍ପାସର ସ୍ଥିର ଆସନ, ଅତି ଉଚ୍ଚ କି ଅତି ନୀଚ ହୋଇ ନ ଥିବ, ସ୍ଥାପନକରିବା ଆବଶ୍ୟକ ।

୧୨ ମନ ଓ ଇନ୍ଦ୍ରିୟମାନଙ୍କ କର୍ମକୁ ସଂଯତ କରି ଏକାଗ୍ର ଚିତ୍ତରେ ସେହି ଆସନରେ ଉପବେଶନ କରି ଆତ୍ମଶୁଦ୍ଧିପାଇଁ ଯୋଗାଭ୍ୟାସ କରିବାକୁ ହେବ ।

---

କାୟ ଶିର ଗ୍ରୀବା ସବୁ ସମକରି ଅଚଳ ସ୍ଥିର ଧାରଣ
ଏକଦୃଷ୍ଟି ଚାହିଁ ନିଜ ନାସିକାଗ୍ରେ ଦିଶେ ନ ଅବଲୋକନ ।୧୩
ପ୍ରଶାନ୍ତଚିତ୍ତେ ନିର୍ଭୟେ ବ୍ରହ୍ମଚାରି ବ୍ରତେ ବ୍ରତୀ ସ୍ଥିରମନ
ମନ ସଂଯମ୍ୟ ମୋଠାରେ ଚିତ୍ତରଖି ବସିବ ମତ୍ ପରାୟଣ ।୧୪
ନିବିଷ୍ଟ କରି ସର୍ବଦା ନିଜମନ ଯୋଗୀ ମାନସ ନିୟତ
ନିର୍ବାଣ ପରମା ଶାନ୍ତି ଲଭିଥାନ୍ତି ମୋ ଠାରେ ସମ୍ୟକ ସ୍ଥିତ ।୧୫
ଅତିଭୋଜିଙ୍କର ଯୋଗ ହୁଏନାହିଁ ନୁହେଁ ବିନାଭୋଜିଙ୍କର
ନୁହେଁ ଅତି ନିଦ୍ରାଳୁର ହେ ଅର୍ଜୁନ ନୁହେଁ ଅନିଦ୍ର ବ୍ୟକ୍ତିର ।୧୬

---

୧୩ ଦେହ ଶୀର ଗ୍ରୀବା ସିଧାରଖି ସ୍ଥିର ଅଚଳ ଭାବରେ ବସି କୌଣସି ଦୀଗପ୍ରତି ନ ଚାହିଁ ନିଜର ନାସିକା ଅଗ୍ରକୁ ଦୃଷ୍ଟିରଖି ଧ୍ୟାନଯୋଗ କରାଯିବ ।
୧୪ ପ୍ରଶାନ୍ତଚିତ୍ତ ଓ ନିର୍ଭୟ ହୋଇ ବ୍ରହ୍ମଚାରୀ ବ୍ରତରେ ସ୍ଥିରରହି ବେଗଗାମୀ ମନକୁ ନିୟନ୍ତ୍ରଣରେ ରଖି ମୋଠାରେ ଚିତ୍ତ ଲଗାଇ ଏବଂ ମତ୍ ପରାୟଣ ହୋଇ ଧ୍ୟାନ ଲଗାଇ ବସିବ ।
୧୫ ଏହିପରି ସଦା ପରମାତ୍ମାଙ୍କ ଠାରେ ମନ ନିବେଶ କରି ନିୟତମନା ଯୋଗୀ ମୋ ଠାରେ ସମ୍ୟକରୂପେ ସ୍ଥିତ ହୋଇ ନିର୍ବାଣ ପରମା ଶାନ୍ତିକୁ ପ୍ରାପ୍ତ ହୁଅନ୍ତି ।
୧୬ ହେ ଅର୍ଜୁନ ଅଧିକ ଭୋଜନ କରୁଥିବା ବ୍ୟକ୍ତିର ଯୋଗ ହୁଏନାହିଁ କି ସମ୍ପୂର୍ଣ୍ଣ ଭୋଜନ କରୁନଥିବା ବ୍ୟକ୍ତିର ଯୋଗ ହୁଏନାହିଁ । ଅଧିକ ଯେ ଶୋଉଥିବ ବା ଆଦୌ ଶୋଉ ନଥିବା ବ୍ୟକ୍ତିର ମଧ୍ୟ ଯୋଗ ହୁଏନାହିଁ ।

---

ଆହାର ବିହାରେ ଯିଏ ମିତାଚାରୀ କର୍ମେ ମିତଚେଷ୍ଟା ଯାର
ପରିମିତ ନିଦ୍ରା ଆଉ ଜାଗରଣ ଯୋଗତାର ଦୁଃଖହର ।୧୭
ସମ୍ପୂର୍ଣ୍ଣ ନିୟତ ଚିତ୍ତେ ଯେତେବେଳେ ଆତ୍ମାସହ ଅବସ୍ଥିତ
ନିସ୍ପୃହ ସର୍ବବସ୍ତୁରେ  ସେତେବେଳେ ତାକୁ ହିଁ ଯୋଗୀ କଥିତ ।୧୮
ନିବାତେ ପ୍ରଦୀପ ଯଥା ନ ଚଳିତ ଉପମେୟ ଏ ଦୃଷ୍ଟାନ୍ତ
ସୁସଂଯତ ଚିତ୍ତେ ତଥା ଯୋଗୀଚିତ୍ତ ଆତ୍ମଯୋଗେ ନିବେଶିତ ।୧୯
ଯୋଗାଭ୍ୟାସେ ନିରୁଦ୍ଧିତ ଚିତ୍ତ ଯେଉଁ ଅବସ୍ଥାରେ ଉପରତ
ଆତ୍ମଦ୍ୱାରା ଆତ୍ମାଦେଖି ଯେସ୍ଥିତିରେ ଆତ୍ମାରେ ହିଁ ସନ୍ତୁଷ୍ଟିତ ।୨୦

---

୧୭  ଯେଉଁ ସାଧକ ଆହାର ବିହାରରେ ମିତାଚାରୀ , ଶୟନ ଜାଗରଣ ରେ ପରିମିତ, କର୍ମହେତୁକ ଯଥାଯୋଗ୍ୟ ଚେଷ୍ଟିତ ସେମାନଙ୍କପାଇଁ ଯୋଗ ପରମ ଦୁଃଖ ନାଶକ ।

୧୮  ଯେତେବେଳେ ସକଳ ପ୍ରକାର କାମନା ବିଷୟରୁ ସଂଯତହୋଇ ମନ ଆତ୍ମାରେ ଅବସ୍ଥାନ କରେ ସେତେବେଳେ ତାକୁ ଯୋଗୀ ବୋଲି କୁହାଯାଏ ।

୧୯  ପବନ ନଥିବା ସ୍ଥାନରେ ଯେପରି ଦୀପଶିଖା ଇତସ୍ତତ ନହୋଇ ଅବିଚଳିତ ରହିପାରେ ତା ସହିତ ସଂଯତଚିତ୍ତ ଯୋଗୀମାନଙ୍କର  ଆତ୍ମଯୋଗ ସାଧନାରେ ଅବିଚଳିତ ଚିତ୍ତ କୁ ତୁଳନା କରାଯାଇ ପାରିବ ।

୨୦  ଯେଉଁ ଅବସ୍ଥାରେ ନିରୁଦ୍ଧ ଚିତ୍ତ  ଯୋଗାଭ୍ୟାସ ଦ୍ୱାରା ଉପରତ ହୋଇଯାଏ ତଥା ଯେଉଁ ଅବସ୍ଥାରେ ସ୍ୱୟଂ ନିଜଦ୍ୱାରା ନିଜକୁ ଦେଖି ନିଜଠାରେ ସନ୍ତୁଷ୍ଟ ହୋଇଯାଏ ।

---

ଆତ୍ୟନ୍ତିକ ବୁଦ୍ଧିଗ୍ରାହ୍ୟ ଯେଉଁସୁଖ ଅତିନ୍ଦ୍ରିୟ ଅନୁଭବେ
ସେହି ସୁଖେ ହୋଇସ୍ଥିତ ଏହିଯୋଗୀ ତତ୍ତ୍ୱରୁ ଅଚଳ ହେବେ ।୨୧
ଯାହା ଲଭି ଅନ୍ୟଲାଭ ମନେହୁଏ ନୁହେଁ ତାଠାରୁ ଅଧିକ
ଯହିଁ ପ୍ରତିଷ୍ଠିତ ହେଲେ ଗୁରୁଦୁଃଖ ବିଚଳିତ ନ କାରକ ।୨୨
ଦୁଃଖସଂଯୋଗ ବିୟୋଗ ଘଟେଯହିଁ ଜାଣତାହା ଯୋଗ କହି
ଦୃଢନିଶ୍ଚୟ ସହିତ ଯୋଗକର ନିର୍ବେଦଚେତାରେ ରହି ।୨୩
ସଂକଳ୍ପଜାତ କାମନା ସବୁକର ପରିତ୍ୟାଗ ସମ୍ପୂର୍ଣ୍ଣତ
ମନଦ୍ୱାର ସର୍ବେନ୍ଦ୍ରିୟ ନିବାରିତ କର ସକଳ ଦିଗନ୍ତ ।୨୪

---

୨୧ ଯେଉଁ ଅବସ୍ଥାରେ ଅତିନ୍ଦ୍ରିୟ ଧ୍ୟାନଯୋଗୀ ଆତ୍ୟନ୍ତିକ ଓ ବୁଦ୍ଧିଗ୍ରାହ୍ୟ ସୁଖ ଅନୁଭବ କରନ୍ତି , ସେହି ସୁଖରେ ସ୍ଥିତ ହୋଇଗଲେ କେବେ ତତ୍ତ୍ୱରୁ ବିଚଳିତ ହୁଅନ୍ତି ନାହିଁ ।
୨୨ ଯାହା ଲାଭକଲେ ମନେହୁଏ ତା ଠାରୁ ଅଧିକ ଲାଭଦାୟକ ଆଉ କିଛିନାହିଁ । ଏବଂ ଯେଉଁଥିରେ ପ୍ରତିଷ୍ଠିତ ହୋଇଗଲେ ଦାରୁଣ ଦୁଃଖ ଆଉ ବିଚଳିତ କରିପାରେନାହିଁ ।

୨୩ ଯେଉଥିରେ ଦୁଃଖସଂଯୋଗର ବିୟୋଗ ଘଟେ ତାହାକୁ ଯୋଗ ବୋଲି ଜାଣିବା ଉଚିତ। ତେଣୁ ସେହି ଧ୍ୟାନଯୋଗ ଅଧୈର୍ଯ୍ୟଚିତ୍ତ ନହୋଇ ଦୃଢନିଶ୍ଚୟପୂର୍ବକ ଅଭ୍ୟାସକରିବା ଉଚିତ ।

୨୪ ସମସ୍ତ ସଂକଳ୍ପ( କଳ୍ପନା ଜଳ୍ପନା ) ଜାତ କାମନା ପରିତ୍ୟାଗ କରି ଏବଂ ମନ ସାହାଯ୍ୟରେ ସମସ୍ତ ଇନ୍ଦ୍ରିୟଙ୍କୁ ସକଳ ଦିଗରୁ ନିବୃତ୍ତ କରି .............।

---

ଧୀରେ ଧୀରେ ଉପରତ ସଂସାରରୁ ବୁଦ୍ଧିଦ୍ୱାରା ଧୈର୍ଯ୍ୟ ସହ
ଆତ୍ମସ୍ଥ ମାନସ କରି, କିଞ୍ଚିତେବି ନ ଚିନ୍ତି ଅନ୍ୟବିଷୟ।୨୫
ଯେଉଁ ଯେଉଁ ବିଷୟରେ ପ୍ରଧାବିତ ମନ, ଚଞ୍ଚଳ ଅସ୍ଥିର
ସେ ବିଷୟରୁ ସଂଯତ କରିମନ ଆତ୍ମାରେହିଁ ବଶକର।୨୬
ପ୍ରଶାନ୍ତ ମାନସ ଥିବା ଯୋଗୀଗଣେ ଉତ୍ତମ ସୁଖ ନିଶ୍ଚିତ
ପ୍ରାପ୍ତ, ଯାର ରଜୋ ଭାବ ଶାନ୍ତଥାଏ ,ଯେ ନିଷ୍ପାପ, ବ୍ରହ୍ମଭୂତ।୨୭
ଏପରି ସଂଯୁକ୍ତାତ୍ମନେ ମନରତ ଅଭ୍ୟାସେ ନିଷ୍ପାପ ଯୋଗୀ
ବ୍ରହ୍ମସଂସ୍ପର୍ଶରୁ ଜାତ ଆତ୍ୟନ୍ତିକ ସୁଖେ ହୋଇଥାନ୍ତି ଭାଗୀ।୨୮

---

୨୫ ଧୈର୍ଯ୍ୟଯୁକ୍ତ ବୁଦ୍ଧି ସହକାରେ ମନ କୁ ସମ୍ୟକରୂପେ ଆତ୍ମାରେ ନିବାସ କରାଇ କିଞ୍ଚିତେ ବି ଅନ୍ୟ ବିଷୟପ୍ରତି ଚିନ୍ତା ନ କରି ଧୀରେ ଧୀରେ ସଂସାରରୁ ଉପରତ ହୋଇଯାଅ।

୨୬ ଯେଉଁ ଯେଉଁ ବିଷୟରେ ମନ ଚଞ୍ଚଳ ଓ ଅସ୍ଥିର ହୋଇ ଧାବିତ ହୁଏ ସେହି ସେହି ବିଷୟରୁ ମନକୁ ସଂଯତ କରି ଆତ୍ମାର ବଶୀଭୂତ କରାଇବା ଆବଶ୍ୟକ।

୨୭ ପ୍ରଶାନ୍ତ ଚିତ୍ତ ,ରଜୋଗୁଣ ସ୍ୱଭାବକୁ ଶାନ୍ତ କରି, ନିଷ୍ପାପ ହୋଇ, ବ୍ରହ୍ମତ୍ୱ ପ୍ରାପ୍ତ ହୋଇଥିବା ଯୋଗୀମାନେ ପରମ ବା ଶାଶ୍ୱତ ସୁଖଲାଭ କରନ୍ତି।

୨୮ ଏହିପରି ମନକୁ ସର୍ବଦା ଯୋଗାଭ୍ୟାସରେ ନିୟୋଗକରି ନିଷ୍ପାପ ଯୋଗୀଜନ ସହଜରେ ବ୍ରହ୍ମସଂସ୍ପର୍ଶରୁ ଜାତ ଆତ୍ୟନ୍ତିକ ସୁଖ ଉପଭୋଗ କରିଥାନ୍ତି।

---

ସର୍ବ ଭୂତରେ ଆତ୍ମାକୁ ସ୍ଥିତଥିବା ସର୍ବଭୂତଙ୍କୁ ଆତ୍ମାରେ
ଦେଖନ୍ତି ଯୋଗଯୁକ୍ତାତ୍ମା ସବୁଠାରେ ଦେଖନ୍ତି ସମଭାବରେ ।୨୯
ଯେମୋତେ ଦେଖେ ସର୍ବତ୍ର ସବୁମଧ୍ୟ ଦର୍ଶନକରେ ମୋଠାରୁ
ତାଠାରୁ (ମୁ) ନୁହେଁ ଅଦୃଶ୍ୟ ସିଏମଧ୍ୟ ନୁହେଁ ଅଦୃଶ୍ୟ ମୋଠାରୁ ।୩୦
ସର୍ବଭୂତସ୍ଥିତ ମତେ ଯେଉଁଯୋଗୀ ଏକାତ୍ମସ୍ଥିତେ ଭଜନ୍ତି
ସର୍ବାବସ୍ଥାରେ ଥିଲେ ବି ସେହିଯୋଗୀ ମୋହଠାରେ ନିବସନ୍ତି ।୩୧
ଆତ୍ମ ତୁଳନାରେ ମତେ ହେଅର୍ଜୁନ ସର୍ବତ୍ର ସମ ଦେଖନ୍ତି
ସୁଖ ଅଥବା ଦୁଃଖକୁ, ସମଦେଖି ପରମଯୋଗୀ ବୋଲାନ୍ତି ।୩୨

---

୨୯ ସବୁଠାରେ ନିଜର ସ୍ୱରୂପକୁ ଦେଖୁଥିବା ଓ ଧ୍ୟାନଯୋଗରେ ନିଜ ଅନ୍ତଃକରଣକୁ ନିମଜ୍ଜିତ କରିଥିବା ଯୋଗୀ ନିଜ ସ୍ୱରୂପକୁ ସମସ୍ତ ଜୀବଠାରେ ଓ ସମସ୍ତ ଜୀବଗଣଙ୍କୁ ନିଜଠାରେ ସମ ଭାବରେ ସ୍ଥିତଥିବା ଦେଖନ୍ତି ।

୩୦ ଯିଏ ମତେ ସର୍ବତ୍ର ଦର୍ଶନ କରନ୍ତି ଓ ସକଳ ବସ୍ତୁକୁ ମଧ୍ୟ ମୋ ଠାରେ ଦର୍ଶନ କରନ୍ତି ମୁଁ କେବେ ତାଙ୍କଠାରୁ ଅଦୃଶ୍ୟ ହୁଏନାହିଁ କି ସେ ମଧ୍ୟ
କେବେ ମୋଠାରୁ ଅଦୃଶ୍ୟ ହୁଅନ୍ତି ନାହିଁ ।

୩୧ ଯେଉଁ ଯୋଗୀ ସର୍ବଭୂତରେ ଅବସ୍ଥିତ ଥିବା ମତେ, ନିଜ ସହିତ ଅଭିନ୍ନ ଭାବି ମତେ ଉପାସନା କରନ୍ତି , ସେ ସକଳ ଅବସ୍ଥାରେ ଥାଇ ମଧ୍ୟ ମୋ ଠାରେ ହିଁ ଅବସ୍ଥାନ କରନ୍ତି ।

୩୨ ଆତ୍ମ ବା ନିଜ ତୁଳନାରେ ଯେ ସର୍ବତ୍ର ମତେ ସମାନ ଭାବେ ଦେଖନ୍ତି ,
ସୁଖ ଓ ଦୁଃଖକୁ ସମ ଜ୍ଞାନ କରନ୍ତି ତାଙ୍କୁ ପରମଯୋଗୀ କହନ୍ତି ।

---

ଅର୍ଜୁନ ଉବାଚ

ଏହି ଯେଉଁ ସମଭାବ ଯୋଗତୁମେ  କହିଲ ମଧୁସୂଦନ
ମୁଁ ଏହାର ଦେଖୁନାହିଁ ସ୍ଥିରସ୍ଥିତି ଅସ୍ଥିର, ଚଞ୍ଚଳ ମନ ।୩୩
ପ୍ରକୃତ ଚଞ୍ଚଳ ମନ ଆହେ କୃଷ୍ଣ ଦୁର୍ଦ୍ଧାନ୍ତ ବଳିଷ୍ଠତମ
ତାହାର ନିଗ୍ରହ କାର୍ଯ୍ୟ ମନେକରେ ଦୁଷ୍କର ପବନ ସମ । ୩୪

ଶ୍ରୀ ଭଗବାନ ଉବାଚ

ଅସଂଶୟ୍ ମହାବାହୁ ମନସଦା ସଚଳ ଓ ଦୁର୍ନିଗ୍ରହ
ଅଭ୍ୟାସଦ୍ୱାରା କୌନ୍ତେୟ୍ ଆଉମଧ୍ୟ ବୈରାଗ୍ୟଦ୍ୱାରା ନିଗ୍ରହ ।୩୫
ଅସଂଯତଚିତ୍ତ ବ୍ୟକ୍ତି ପାଇଁଯୋଗ ଦୁଷ୍ପ୍ରାପ୍ୟ ବୋଲି ମୋ ମତ
ବଶ୍ୟଆତ୍ମ ଯତ୍ନଶୀଳ ପ୍ରାପ୍ତେ ସକ୍ଷ୍ୟ ହୋଇପାରେ ଉପାୟ୍‌ତ ।୩୬

---

୩୩  ଅର୍ଜୁନ ପଚାରିଲେ ହେ ମଧୁସୂଦନ ଆପଣ ସମତା ପୂର୍ବକ ଏ ଯେଉଁ ଯୋଗ କଥା କହିଲେ , ମନର ଚଞ୍ଚଳତ୍ୱ ପାଇଁ ମୁଁ ତ ଏ ଯୋଗର ସ୍ଥିର ସ୍ଥିତି ଦେଖିପାରୁନାହିଁ ।

୩୪  ହେ କୃଷ୍ଣ ମନ ପ୍ରକୃତରେ ଅତୀବ ଚଞ୍ଚଳ ଓ ଦୁର୍ଦ୍ଧାନ୍ତ । ତାହାକୁ ଆୟ୍‌ତ କରିବା ମୁଁ ମନେକରେ ସେତିକି କଷ୍ଟ ଯେତିକି କଷ୍ଟ ପବନକୁ ଆୟ୍‌ତ କରିବା ।

୩୫  ଭଗବାନ କହିଲେ ମନ ସଦା ଚଞ୍ଚଳ ତାକୁ ଆୟ୍‌ତ୍ତ କରିବା କଷ୍ଟସାଧ୍ୟ , ଏହା ନିସନ୍ଦେହ କିନ୍ତୁ ବୈରାଗ୍ୟ  ଓ ଅଭ୍ୟାସଫଳରେ ହେ ଅର୍ଜୁନ ଏହାକୁ ସହଜରେ ଆୟ୍‌ତ୍ତ କରିହେବ ।

୩୬  ଭଗବାନ କହୁଛନ୍ତି , ମୋ ମତରେ ଅସଂଯତଚିତ୍ତ ବ୍ୟକ୍ତିପାଇଁ ଯୋଗସିଦ୍ଧି ଦୁଷ୍ପ୍ରାପ୍ୟ କିନ୍ତୁ ଯାହାର ଚିତ୍ତ ଆତ୍ମବଶ ହୋଇଥିବ ସେ ଯତ୍ନଶୀଳ ହୋଇ ବିହିତ ଉପାୟ୍ ଅବଲମ୍ବନ କରି ସିଦ୍ଧିଲାଭ କରିପାରିବ ।

---

ଅର୍ଜୁନ ଉବାଚ

ଶ୍ରଦ୍ଧାଯୁକ୍ତ ଥାଇମଧ୍ୟ ଯତ୍ନହୀନ ଯୋଗୁଁ ବିଚଳିତ ମନ
ଯୋଗରେସିଦ୍ଧି ନଲଭି ଆହେକୃଷ୍ଣ କରନ୍ତି କାହିଁ ଗମନ ।୩୭
ନୁହେଁକି ଏହା ଉଭୟ ପଥଭ୍ରଷ୍ଟ ନଷ୍ଟ ଛିନ୍ନମେଘ ନଭେ
ଆଶ୍ରୟହୀନ ବିଭ୍ରାନ୍ତ ମହାବାହୁ ପଥଚ୍ୟୁତ ବ୍ରହ୍ମଲାଭେ । ୩୮
ଏହାହିଁ ମୋର ସଂଶୟ କୃଷ୍ଣତୁମେ ସମ୍ପୂର୍ଣ୍ଣ ମୋଚନେ କ୍ଷମ
ତୁମଠାରୁ ଏସଂଶୟ ଅନ୍ୟକେହି ମୋଚନେ ନୁହେଁ ସକ୍ଷମ ।୩୯

ଶ୍ରୀ ଭଗବାନ ଉବାଚ

ପାର୍ଥ ନୁହେଁ ଇହଲୋକେ ପରଲୋକେ ନୁହଇ ବିନାଶ ତାର
କଲ୍ୟାଣକାରୀ ନିଶ୍ଚିତ କଦାଚିତ ନୁହେଁ ଗତି ଦୁର୍ଗତିର ।୪୦

---

୩୭ ଅର୍ଜୁନ ପଚାରୁଛନ୍ତି ହେ କୃଷ୍ଣ ଯୋଗରେ ଶ୍ରଦ୍ଧାଥାଇ, ଯତ୍ନଶୀଳ ନହୋଇ ଯୋଗୀମନ ଯୋଗରୁ ବିଚଳିତ ହେଲେ ଯୋଗସିଦ୍ଧି ତ ହୁଏନାହିଁ ମାତ୍ର ସେମାନେ ପରିଣାମରେ କେଉଁଆଡେ ଗମନ କରନ୍ତି ।

୩୮ ହେ ମହାବାହୁ କୃଷ୍ଣ ଯେ ସାଧକ ବ୍ରହ୍ମଲାଭ ପଥରୁ ବିଚ୍ୟୁତ ଓ ସଂସାର ଆଶ୍ରୟ ବିରହିତ ଏହି ଉଭୟ ପଥରୁ ଭ୍ରଷ୍ଟହୋଇ ଆକାଶର ଛିନ୍ନମେଘ ପରି ଆଶ୍ରୟହୀନ ହୋଇ ନଷ୍ଟ ହୋଇଯାଏ ନାହିଁକି

୩୯ ହେ କୃଷ୍ଣ ଏହା ହିଁ ମୋର ସନ୍ଦେହ । ଏହାକୁ ସମ୍ପୂର୍ଣ୍ଣ ମୋଚନ କରିବାକୁ କେବଳ ଆପଣ ହିଁ ସକ୍ଷମ । କାରଣ ଆପଣଙ୍କ ବ୍ୟତିତ ଅନ୍ୟକେହି ସନ୍ଦେହ ମୋଚନ କରିବାକୁ ସକ୍ଷମ ନୁହନ୍ତି ।

୪୦ ଯେ ଯୋଗସିଦ୍ଧ ନ ହେଇପାରିଲା ତାର ଇହଲୋକରେ କି ପରଲୋକରେ ବିନାଶ ହୁଏନାହିଁ । ଯେ କଲ୍ୟାଣକର କର୍ମ କରନ୍ତି ସେ କେବେ ବି ଦୁର୍ଗତି ପ୍ରାପ୍ତ ହୁଅନ୍ତି ନାହିଁ ।

---

ପୁଣ୍ୟକର୍ମାଲୋକ ପାଇ ବାସକରେ ଶାଶ୍ୱତୀ କାଳ ସେଠାରେ
ଶୁଚୀମନ୍ତ ଧନବନ୍ତ ଗୃହେମିଳେ ଜନମ ଯୋଗଭ୍ରଷ୍ଟରେ ।୪୧
ଅଥବା ସେ ଯୋଗୀଙ୍କର ଜନ୍ମହୁଏ ଜ୍ଞାନୀ ଯୋଗୀଙ୍କର କୁଳେ
ନିଶ୍ଚିତ ଦୁର୍ଲଭତର ଲୋକେ ଯଦି ଏପରି ଜନମ ମିଳେ ।୪୨
ସେଠାରେ ବୁଦ୍ଧିସଂସ୍ପର୍ଶ ମିଳେତାଙ୍କୁ ଯାହା ଲବ୍ଧ ପୂର୍ବଦେହେ
ଉଦ୍ୟମ କୁରୁନନ୍ଦନ ତତୋଧିକ କରନ୍ତି ସିଦ୍ଧି ପ୍ରାପ୍ତୟେ ।୪୩
ପୂର୍ବାଭ୍ୟାସ ଫଳେ ହୁଏ ଆକର୍ଷିତ ଯଦି ଭୋଗବଶେ ଥାନ୍ତି
ଯୋଗଜିଜ୍ଞାସୁ ବେଦୋକ୍ତ କାମ୍ୟକର୍ମ ଅତିକ୍ରମ କରିଯାନ୍ତି ।୪୪

---

୪୧ ଯେଉଁ ଯୋଗୀ ଯୋଗସିଦ୍ଧି ନ କରି ପାରି ଇହଲୋକ ତ୍ୟାଗ କରନ୍ତି ସେମାନେ ପୁଣ୍ୟକର୍ମାଙ୍କ ପାଇଁ ଉଦ୍ଦିଷ୍ଟ ଲୋକ ଲାଭକରି ସେଠାରେ ଅନେକକାଳ ବାସକରନ୍ତି ଓ ପରେ ଶୁଚିମନ୍ତ ଓ ଧନବାନ ଲୋକ ଘରେ ଜନ୍ମ ନିଅନ୍ତି ।
୪୨ ଅଥବା ସେ ଯୋଗୀଙ୍କର ଜ୍ଞନୀ, ଯୋଗୀ ମାନଙ୍କ ପରିବାରରେ ଜନ୍ମହୁଏ । ଏପରି ଜନ୍ମ ଏ ସଂସାରରେ ଅତ୍ୟନ୍ତ ଦୁର୍ଲଭ । ପୂର୍ବୋକ୍ତ ପଦରେ ବର୍ଣ୍ଣିତ ଜନ୍ମ ଠାରୁ ଏପରି ଜନ୍ମ ନିଶ୍ଚୟ ଶ୍ରେଷ୍ଠ ।
୪୩ ହେ କୁରୁନନ୍ଦନ ସେଠାରେ ତାଙ୍କୁ ଜ୍ଞାନ ସଂସ୍ପର୍ଶ ମିଳେ ।ତେଣୁ ପୂର୍ବଜନ୍ମ ଦେହରେ ସିଦ୍ଧିପାଇଁ ଯେତିକି ଉଦ୍ୟମ କରିଥାନ୍ତି , ପୁର୍ଣ୍ଣ ସିଦ୍ଧିଲାଭ ପାଇଁ ତା ଠାରୁ ଅଧିକ ଉଦ୍ୟମ କରିବାକୁ ସୁଯୋଗ ପାଇଥାନ୍ତି ।
୪୪ ପୂର୍ବଜନ୍ମର ଅଭ୍ୟାସ ଫଳରେ ଇହଜନ୍ମରେ ସାଂସାରୀକ ସୁଖ ଭୋଗପରବଶ ଥିଲେ ବି ସେ ବ୍ରହ୍ମନିଷ୍ଠା ପାଇଁ ଆକର୍ଷିତ ହୁଅନ୍ତି । ଏପରିକି ସେ ଯୋଗ ବିଷୟରେ ଅଧିକ ଜାଣିବାର ପ୍ରୟାସ କରନ୍ତି ସେ ମଧ୍ୟ ଶବ୍ଦବ୍ରହ୍ମ ବା ବେଦୋକ୍ତ କର୍ମଫଳ ଇତ୍ୟାଦିକୁ ଅତିକ୍ରମ କରିଯାନ୍ତି ।

---

ପ୍ରଯତ୍ନ ଉଦ୍ୟମେ କିନ୍ତୁ ଯୋଗୀହୁଏ ପାପରାଶିରୁ ମୁକତ
ଅନେକଜନ୍ମ ଉଦ୍ୟମେ ସିଦ୍ଧିଲଭି ପରମ ଗତି ପ୍ରାପତ ।୪୫
ତପସ୍ୱିଠାରୁ ଅଧିକ ଯୋଗୀ ଶ୍ରେଷ୍ଠ ଜ୍ଞାନୀଠାରୁ ବି ଅଧିକ
କର୍ମିରୁ  ଅଧିକ ଯୋଗୀ ହେ ଅର୍ଜୁନ ହୁଅ ହେ ଯୋଗସାଧକ ।୪୬
ସମସ୍ତ ଯୋଗୀ ମଧ୍ୟରେ ମୋହଠାରେ ଯିଏ ଅନ୍ତରାତ୍ମା ଦେଇ
ଶ୍ରଦ୍ଧାରେ ଭଜନ୍ତି ମତେ ସିଏମୋର ପ୍ରୀୟତମେ ଗଣ୍ୟହୋଇ ।୪୭

---

୪୫ ଅନେକ ଜନ୍ମର ପ୍ରଚେଷ୍ଟା ଫଳରେ ପାପରାଶିରୁ ମୁକ୍ତିଲାଭ କରି ସିଦ୍ଧିପ୍ରାପ୍ତ ହୋଇଥିବା ଯୋଗୀ ପରିଶେଷରେ ପରମଗତି ଲାଭ କରନ୍ତି ।

୪୬ ଜଣେ ଯୋଗୀ ତପସ୍ୱି, ଶାସ୍ତ୍ରଜ୍ଞ ଜ୍ଞାନୀ ଓ ବୈଦିକ କର୍ମକାଣ୍ଡ କର୍ମିଙ୍କ ଠାରୁ ଶ୍ରେଷ୍ଠତର ବୋଲି ମତ ଅଛି । ତଣୁ ହେ ଅର୍ଜୁନ ତୁମେ ଜଣେ ଯୋଗର ସାଧକ ହୋଇଯାଅ ।

୪୭ ସମସ୍ତ ଯୋଗୀମାନଙ୍କ ମଧ୍ୟରେ ଯେ ମୋ ଠାରେ ଅନ୍ତରାତ୍ମା ଦେଇ ଶ୍ରଦ୍ଧାରେ ମୋର ଉପାସନା କରନ୍ତି ସେ ମୋର ପରମପ୍ରୀୟ ବୋଲି ଗଣ୍ୟ ହୁଅନ୍ତି ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଧ୍ୟାନଯୋଗ ନାମକ ଷଷ୍ଠ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଧ୍ୟାନଯୋଗ ନାମକ ଷଷ୍ଠ  ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୨୩୩+୪୭ =୨୮୦)

---

## ସପ୍ତମ ଅଧ୍ୟାୟ

## ଜ୍ଞାନବିଜ୍ଞାନ ଯୋଗଃ

ଶ୍ରୀ ଭଗବାନ ଉବାଚ

ମୋଠାରେ ଆସକ୍ତମନା ଯୋଗାଭ୍ୟାସେ ପାର୍ଥ ନେଇ ମୋ ଶରଣ
ଅସଂଶୟେ ସମ୍ପୂର୍ଣ୍ଣରେ ଯେଉଁପରି ଜାଣିବ ମତେ ତା ଶୁଣ ।୧
ବିଜ୍ଞାନ ସହିତ ଜ୍ଞାନ ମୁଁ ତୁମକୁ କହିବି କରି ବିସ୍ତାର
ଯାହାଜାଣି ଅନ୍ୟକିଛି ନରହିବ ଅବଶେଷ ଜାଣିବାର ।୨
ମନୁଷ୍ୟ ସହସ୍ର ମଧ୍ୟେ କେହି ଜଣେ ସିଦ୍ଧିଲାଭରେ ଚେଷ୍ଟିତ
ସିଦ୍ଧିଲାଭ ଉଦ୍ୟମୀରେ ମଧ୍ୟକେହି ଜାଣନ୍ତି ମତେ ତତ୍ତ୍ୱତ ।୩

---

୧ ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ ମୋ ଠାରେ ମନ ନିବଦ୍ଧ କରି ମୋର ଶରଣ ନେଇ ଯୋଗ ଅଭ୍ୟାସ କଲେ ତୁମେ କିପରି ମତେ ସମ୍ପୂର୍ଣ୍ଣରୁପେ ଜାଣିପାରିବ ତାହା ଶୁଣ ।

୨ ବିଜ୍ଞାନ (ଅପରୋକ୍ଷ ଜ୍ଞାନ) ସହିତ ଜ୍ଞାନ(ପରୋକ୍ଷ ଜ୍ଞାନ) ମୁଁ ତୁମକୁ ବିସ୍ତାର କରି କହିବି । ଯାହା ଜାଣିଗଲେ ଅନ୍ୟକିଛି ଅଧିକ ଜାଣିବାର ଅବଶେଷ ରହିବ ନାହିଁ ।

୩ ସହସ୍ର ମନୁଷ୍ୟଙ୍କ ମଧ୍ୟରେ କେଉଁଠି କେହି ଜଣେ ସିଦ୍ଧିଲାଭ ପାଇଁ ଉଦ୍ୟମ କରୁଥିବେ ଓ ସେହି ଉଦ୍ୟମୀ ମାନଙ୍କ ମଧ୍ୟରେ କେଉଁଠି କିପରି ଜଣେ ତତ୍ତ୍ୱତଃ ମତେ ଜାଣି ପାରୁଥିବେ ।

---

ଭୂମି ଅନଳ ଆକାଶ ବାୟୁଜଳ ଆଉମଧ୍ୟ ମନ ବୁଦ୍ଧି
ଅହଂକାର ଇତି ଏହି ମୋପ୍ରକୃତି ବିଭକ୍ତିର ଅଷ୍ଟବିଧି ।୪
ଅପରା ଏହି ପ୍ରକୃତି ଠାରୁଅନ୍ୟ ଜାଣ ମୋ ପରା ପ୍ରକୃତି
ଜୀବରୂପା ମହାବାହୁ ଯେଣୁ ଏହା ଧରି ରଖିଛି ଜଗତୀ ।୫
ଏହି ଦୁଇ ପ୍ରକୃତିରୁ ସବୁଜୀବ ଜଗତ ସମ୍ଭବ ଜାଣ
ମୁଁ ହିଁ ମାତ୍ର ଏସମଗ୍ର ଜଗତର ସୃଷ୍ଟି ପ୍ରଳୟ କାରଣ ।୬
ମୋ ବ୍ୟତୀତ କିଞ୍ଚିନ୍ମାତ୍ର ଅନ୍ୟତତ୍ତ୍ୱ ନାହିଁକିଛି ଧନଞ୍ଜୟ
ମୋହଠାରେ ଏହିସର୍ବ ଓତପ୍ରୋତେ ଗୁନ୍ଥା ମଣିଗଣ ପ୍ରାୟ ।୭

---

୪,୫ ଭୂମି ଜଳ ଅନଳ ଆକାଶ ବାୟୁ ମନ ବୁଦ୍ଧି ଅହଂକାର ଇତ୍ୟାଦି ଆଠ, ମୋ ଅପରା ପ୍ରକୃତି ଉପାଦାନ ।ହେ ମହାବାହୁ ଯାହାଦ୍ୱାରା ଏ ଜଗତ ଧାରଣ କରାଯାଏ ସେହି ଅପରା ପ୍ରକୃତିଠାରୁ ଭିନ୍ନ ମୋର ଜୀବରୂପା ପରା ପ୍ରକୃତିକୁ ଜାଣ ।

୬ ମୋର ଏହି ଦୁଇ ପ୍ରକାର ପ୍ରକୃତିର ସଂଯୋଗରୁ ସମଗ୍ର ଜୀବ ଜଗତର ଉତ୍ପତ୍ତି ବୋଲି ତୁମେ ଜାଣିରଖ । ଏବଂ ମୁଁ ହିଁ ଜଗତର ସୃଷ୍ଟି ଓ ପ୍ରଳୟର କାରଣ ।

୭ ହେ ଅର୍ଜୁନ ମୋ ବ୍ୟତୀତ ଏ ଜଗତରେ କିଞ୍ଚିତ୍ ମାତ୍ର ଅନ୍ୟକିଛି ନାହିଁ । ଗୋଟିଏ ସୂତ୍ରରେ ମଣିମୁକ୍ତା ଗୁନ୍ଥାହେଲାପରି ଏ ସମଗ୍ର ଜଗତ ମୋରି ଦେହରେ ଗୁନ୍ଥାହୋଇଛି ।

---

ରସରୂପରେ ମୁଁ ଜଳେ ହେ କୌନ୍ତେୟ ପ୍ରଭା ମୁଁ ଚନ୍ଦ୍ର ସୂର୍ଯ୍ୟରେ
ସର୍ବବେଦେ ପ୍ରଣବ ମୁଁ ଆକାଶରେ ଶବ୍ଦ ମୁଁ ପୌରୁଷ ନରେ ।୮
ମୁଁହିଁ ପବିତ୍ର ସୁଗନ୍ଧ ପୃଥିବୀରେ ମୁଁ ହିଁ ତେଜ ଅନଳର
ଜୀବନରୂପେ ସକଳ ଜୀବଗଣେ ମୁଁ ହିଁ ତପ ତପସ୍ୱୀର ।୯
ବୀଜ ସନାତନ ମୁଁହିଁ ବୋଲିପାର୍ଥ ଜାଣ ସର୍ବଜୀବଙ୍କର
ବୁଦ୍ଧି ମୁଁ ବୁଦ୍ଧିମାନଙ୍କ ମୁଁହିଁ ମଧ୍ୟ ତେଜ ତେଜସ୍ୱିନୀଙ୍କର ।୧୦
ବଳବାନ ମାନଙ୍କର ବଳମୁଁହିଁ କାମରାଗ ବିବର୍ଜିତ
ଧର୍ମ ଅବିରୁଦ୍ଧ କାମ ପ୍ରାଣୀଙ୍କର  ମୁଁ ଜାଣ ଶ୍ରେଷ୍ଠଭରତ ।୧୧
ଯେ ସାତ୍ତ୍ୱିକ ରଜ ତମ ଭାବସବୁ ଜାଣ ମୋଠାରୁ ଉତ୍ପତ୍ତି
ସେମାନଙ୍କଠାରେ ନାହିଁ ମୁଁ ନତୁବା ମୋଠାରେ ସବୁର ସ୍ଥିତି  ।୧୨

---

୮  ହେ କୌନ୍ତେୟ ମୁଁ ଜଳରେ ରସ ,ଚନ୍ଦ୍ର ସୂର୍ଯ୍ୟଙ୍କର ମୁଁ ଜ୍ୟୋତି,ସର୍ବ ବେଦରେ ମୁଁ ଓଁ କାର, ଆକାଶରେ ଶବ୍ଦ ଓ ମନୁଷ୍ୟମାନଙ୍କରେ ମୁଁ ପୌରୁଷ ।

୯  ପୃଥିବୀର ମୁଁ ପବିତ୍ର ସୁଗନ୍ଧ, ମୁଁ ଅନଳର ତେଜ, ମୁଁ ସକଳ ଜୀବଗଣଙ୍କ ଜୀବନ ଓ ମୁଁ ମଧ୍ୟ ସବୁ ତପସ୍ୱୀଙ୍କର ତପ ।

୧୦  ସବୁ ଜୀବ ଗଣଙ୍କର ସନାତନ ବୀଜ ମୁଁ ବୁଦ୍ଧିମାନଙ୍କର ବୁଦ୍ଧି ଆଉ ତେଜସ୍ୱିନୀ ଙ୍କର ତେଜ ମଧ୍ୟ ମୁଁ ।

୧୧  ବଳବାନ ବ୍ୟକ୍ତିଙ୍କର  ମୁଁ ହେଉଛି କାମନା ଓ ରାଗ ତ୍ୟାଗ କରି ପାରିବା ବଳ ଏବଂ ସକଳ ପ୍ରାଣୀ ଙ୍କର ଧର୍ମ ଅବିରୁଦ୍ଧ କାମ ହେଉଛି ମୁଁ ।

୧୨  ଯେତେ ବି ସାତ୍ତ୍ୱୀକ ରାଜସ ଓ ତାମସ ଭାବ ଅଛି ସେ ସବୁ ମୋ ଠାରୁ ଉତ୍ପନ୍ନ ବୋଲି ଜାଣ । କିନ୍ତୁ ମୁଁ ସେମାନଙ୍କଠାରେ ନାହିଁ କି ସେମାନେ ମୋଠାରେ ନାହାନ୍ତି ।

---

ଏହି ତିନିଗୁଣମୟ ଭାବଦ୍ୱାରା ଏହି ସମଗ୍ର ଜଗତ
ବିମୋହିତେ ଜାଣେନାହିଁ ମୁଁହି ଅଟେ ଅବ୍ୟୟ ଓ ଗୁଣାତୀତ ।୧୩
ଏହି ଦୈବୀ ଗୁଣମୟୀ ମମମାୟା କଷ୍ଟସାଧ୍ୟ ଅତିକ୍ରମ
ଯେ ମତେ କରନ୍ତି ଆଶ୍ରେ ଏ ମାୟାକୁ କରନ୍ତି ସେ ଅତିକ୍ରମ ।୧୪
ଦୁଷ୍କୃତୀ, ମୋହିତ ବ୍ୟକ୍ତି, ନରାଧମ ନଲୋଡନ୍ତି ମୋ ଆଶ୍ରୟ
ମାୟା, ଜ୍ଞାନ ଅପହୃତ କରେଯେଣୁ ଆସୁରି ଭାବ ଆଶ୍ରୟ ।୧୫
ଚତୁର୍ବିଧ ସୁକୃତିନ ହେଅର୍ଜୁନ କରିଥାନ୍ତି ମୋ ଭଜନ
ହେ ଶ୍ରେଷ୍ଠଭରତ ଆର୍ତ୍ତି ଅର୍ଥଲିପ୍ସୁ ତତ୍ତ୍ୱଜିଜ୍ଞାସୀ ଜ୍ଞାନୀନ ।୧୬

---

୧୩ ସତ୍ତ୍ୱ ରଜ ତମ ଏହି ତିନିଗୁଣର ଭାବରେ ଏ ସମସ୍ତ ଜଗତ ବିମୋହିତ ହୋଇ ରହି ଥିବାରୁ ମୁଁ ଯେ ତ୍ରାଗୁଣାତୀତ ଓ ଅବନାଶୀ ବୋଲି
ଜାଣି ପାରନ୍ତି ନାହିଁ ।

୧୪ ମୋର ଏହି ଗୁଣମୟୀ ଦୈବୀମାୟା ବଡ ଦୁସ୍ତର ଅର୍ଥାତ୍ ଏହାକୁ ପାର କରିବା ବଡ ଦୁସ୍ତର ।ଯେଉଁମାନେ ମୋର ଶରଣାପନ୍ନ ହୁଅନ୍ତି ସେମାନେ ଏ ଦୈବୀମାୟାକୁ ତରିଯାନ୍ତି ।

୧୫ ଦୁଷ୍କୃତ ବା ପାପକର୍ମା, ମୋହିତ ବା ମୋହଗ୍ରସ୍ତ ଆଉ ନରାଧମ ମାନଙ୍କର ମାୟାଦ୍ୱାରା ଜ୍ଞାନ ଅପହରଣ ହୋଇଯାଇଥାଏ ଓ ସେମାନେ ଆସୁରି ଭାବର ଆଶ୍ରୟ ନେଇଥାନ୍ତି । ସେମାନ ମୋ ଆଶ୍ରୟ ଲୋଡି ନଥାନ୍ତି ।

୧୬ ହେ ଭରତଶ୍ରେଷ୍ଠ ଚାରି ପ୍ରକାର ପୁଣ୍ୟକର୍ମା ବ୍ୟକ୍ତି ମୋର ଭଜନ କରିଥାନ୍ତି । ସେମାନେ ହେଲେ ଆର୍ତ୍ତି ( ରୋଗଗ୍ରସ୍ତ-ଦୁଃଖୀ-ଓ ବିପଦଗ୍ରସ୍ତ), ତତ୍ତ୍ୱଜିଜ୍ଞାସୀ ଅର୍ଥ ତତ୍ତ୍ୱଜ୍ଞାନ ବିଷୟରେ ଜାଣିବାକୁ ପ୍ରୟାସୀ, ଅର୍ଥଲିପ୍ସୁ ଅର୍ଥ ବହୁତ ପ୍ରକାର ଧନ ସମ୍ପଦ ପାଇବାକୁ ଇଚ୍ଛୁକ ଓ ଜ୍ଞାନୀ ।

---

ସେମାନଙ୍କ ମଧ୍ୟେ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତି ଅଟେଶ୍ରେୟ
ଜ୍ଞାନୀଙ୍କର ଅତ୍ୟଧିକ ମୁଁହିପ୍ରୀୟ ମୋହର ମଧ୍ୟ ସେ ପ୍ରୀୟ ।୧୭
ଉଦାର ଏମାନେ ସର୍ବେ ଜ୍ଞାନୀକିନ୍ତୁ ଆତ୍ମସ୍ୱରୂପ ମୋ ମତ
ମୁଁ ତାର ଉତ୍ତମ ଗତି ନିଶ୍ଚିତ ସେ ସ୍ଥିରଚିତ୍ତେ ମୋଆଶ୍ରିତ ।୧୮
ବହୁତ ଜନ୍ମର ଅନ୍ତେ ଜ୍ଞାନୀଜନ ନିଅନ୍ତି ମୋର ଶରଣ
ବାସୁଦେବ ସବୁକିଛି କହନ୍ତି ସେ ମହାତ୍ମା ଦୁର୍ଲଭ ଜାଣ ।୧୯
ଭିନ୍ନ ଭିନ୍ନ କାମନାରେ ହୃତଜ୍ଞାନୀ ଅନ୍ୟ ଦେବତା ଆଶ୍ରିତ
ସେହି ସେହି ନିୟମର ଧାରଣରେ ନିଜ ପ୍ରକୃତି ନିୟତ ।୨୦

---

୧୭ ସେମାନଙ୍କ ମଧ୍ୟରେ ନିତ୍ୟ ଏକନିଷ୍ଠ ପରମାତ୍ମାଙ୍କଠାରେ ଅଚଳା ଭକ୍ତି ଓ ପ୍ରେମଭାବ ରଖିଥିବା ପ୍ରେମୀଜ୍ଞାନୀ ଶ୍ରେଷ୍ଠତମ । ତେଣୁ ଜ୍ଞାନୀଙ୍କର ଅତ୍ୟଧିକ ପ୍ରୀୟ ମୁଁ ଓ ସେ ମଧ୍ୟ ମୋର ପ୍ରୀୟ ।

୧୮ ପୁର୍ବୋକ୍ତ ସମସ୍ତ ଭକ୍ତ ଉଦାର କିନ୍ତୁ ମୋ ମତରେ ପ୍ରେମୀଜ୍ଞାନୀ ମୋର ସ୍ୱରୂପ କାରଣ ସେମାନେ ଯୁକ୍ତାତ୍ମା ଏବଂ ମୁଁ ତାର ଉତ୍ତମ ଗତି , ଏହିପରି ଭାବରେ ସେ ମୋ ଠାରେ ଦୃଢଭାବରେ ଅବସ୍ଥିତ ।

୧୯ ଅନେକଜନ୍ମ ପରେ ବା ଅନ୍ତିମ ଜନ୍ମରେ ବା ମନୁଷ୍ୟ ଜନ୍ମରେ ବାସୁଦେବହିଁ ସବୁକିଛି ଏହା ଉପଲବ୍ଧିକରି ଜ୍ଞାନୀମାନେ ମୋର ଶରଣାପନ୍ନ ହୁଅନ୍ତି ।ଏପରି ମହାତ୍ମା ପ୍ରକୃତରେ ଦୁର୍ଲଭ ।

୨୦ ଯେଉଁ ଯେଉଁ କାମନାଦ୍ୱାରା ଯାହାଙ୍କର ଜ୍ଞାନ ହରଣ ହୋଇଯାଇଥାଏ ସେମାନେ ନିଜ ପ୍ରକୃତିରେ ପରିଚାଳିତ ହୋଇ ଅନ୍ୟ ଦେବାଦେବୀଙ୍କର ସେହି ସେହି ନିୟମ ଧରି ଶରଣ ପଶନ୍ତି ।

---

ଯେ ଯେ ଭକ୍ତ ଯେଉଁ ଯେଉଁ ଦେବମୂର୍ତ୍ତି ଶ୍ରଦ୍ଧାରେ ଇଚ୍ଛେ ପୂଜନ
ସେହି ଦେବପୂଜା ପାଇଁ କରେ ତାଙ୍କୁ ଅଚଳାଶ୍ରଦ୍ଧା ପ୍ରଦାନ ।୨୧
ସେ ତା ଦ୍ୱାରା ଶ୍ରଦ୍ଧାସହ ତାହାଙ୍କର ଆରାଧନାରେ ପ୍ରବୃତ୍ତ
ଲଭନ୍ତି ମଧ୍ୟ ସେଥିରୁ କାମ୍ୟଫଳ ତାହା ମୋ ଦ୍ୱାରା ବିହିତ ।୨୨
ଅନ୍ତହେଉ ଥିବା ଫଳ ତାହାଅଟେ ଅଳ୍ପମେଧସା ଭକତେ
ଦେବପୂଜକ ଲଭନ୍ତି ଦେବତାଙ୍କୁ ମୋଭକ୍ତ ଲଭନ୍ତି ମତେ ।୨୩
ମୋ ଅବ୍ୟକ୍ତ ସ୍ୱରୂପକୁ ବ୍ୟକ୍ତିରୂପ ଭାବଇ ଅବୁଦ୍ଧିତମ
ମୋର ଏ ପରମଭାବ ନଜାଣନ୍ତି ଯାହା ଅବ୍ୟୟ୍ ଉତ୍ତମ ।୨୪

---

୨୧ ଯେଉଁ ଯେଉଁ ଭକ୍ତ ଯେଉଁ ଯେଉଁ ଦେବମୂର୍ତ୍ତି ପୂଜାପାଇଁ ଶ୍ରଦ୍ଧାରେ ଇଚ୍ଛାକରନ୍ତି ମୁଁ ସେମାନଙ୍କୁ ସେହି ଦେବ ପୂଜାଲାଗି ସେମାନଙ୍କୁ ଅଚଳା ଶ୍ରଦ୍ଧା ପ୍ରଦାନ କରେ ।

୨୨ ସେମାନେ ଅଚଳା ଭକ୍ତିଦ୍ୱାରା ସେହି ଦେବତାଙ୍କ ଆରାଧନାରେ ପ୍ରବୃତ୍ତ ହୁଅନ୍ତି ଏବଂ ସେଥିରୁ ଯେଉଁ କାମ୍ୟଫଳ ଲାଭ କରନ୍ତି ତାହା ଭଗବାନଙ୍କ ଦ୍ୱାରା ହିଁ ପ୍ରେରିତ ।

୨୩ ଅଳ୍ପବୁଦ୍ଧିଯୁକ୍ତ ମନୁଷ୍ୟଙ୍କୁ ଦେବପୂଜାରୁ , ଅନ୍ତ ହେଉଥିବା ବା ନାଶବାନ୍ ଫଳ ଲାଭ ମିଳିଥାଏ । ଦେବପୂଜା କରୁଥିବା ମନୁଷ୍ୟ ପୂଜାକରି ଦେବତାଙ୍କୁ ଲାଭ କରନ୍ତି କିନ୍ତୁ ମୋ ଭକ୍ତମାନେ ମତେ ଲାଭ କରନ୍ତି ।

୨୪ ବୁଦ୍ଧିହିନ ମୂର୍ଖମାନେ ମୋର ଏ ଅବ୍ୟକ୍ତ ଅବ୍ୟୟ୍ ଓ ସର୍ବୋତ୍ତମ ପରମଭାବକୁ ନ ଜାଣିପାରି ମତେ ଏକ ବ୍ୟକ୍ତିରୂପ ବା ଜୀବରୂପ ବା ମନୁଷ୍ୟରୂପ ବୋଲି ମନେ କରନ୍ତି ।

---

ନୁହେଁ ମୁଁ ପ୍ରକାଶ ସର୍ବ ନିକଟରେ ଯୋଗମାୟା ସମାବୃତ
ଭ୍ରାନ୍ତ ସାସାଂରୀକ ଏହା ନଜାଣଇ ମୁଁ ଯେ ଅବ୍ୟୟ ଅଜାତ ।୨୫
ଜାଣେ ମୁଁ ଅତିତଗଣେ  ହେ ଅର୍ଜୁନ ବର୍ତ୍ତମାନର ଭୂତାନି
ଭବିଷ୍ୟତ ଭୂତଗଣେ ମଧ୍ୟ,କେହି ନପାରନ୍ତି ମତେ ଜାଣି ।୨୬
ଇଚ୍ଛାଦ୍ୱେଷର ଜନିତ ହେଉଥିବା ଦ୍ୱନ୍ଦ୍ୱ ମୋହରେ  ଭାରତ
ସମସ୍ତ ଏ ଜୀବଗଣ ପରନ୍ତପ ସଂସାରେ ରହେ ମୋହିତ ।୨୭
ଯାହାଙ୍କର ପାପରାଶି ଅନ୍ତଗତ ଲୋକ ପୂଣ୍ୟକର୍ମେ ରତ
ସେ ମୁକ୍ତ ଦ୍ୱନ୍ଦ୍ୱମୋହରୁ ଦୃଡବ୍ରତେ ମତେ ଭଜନ୍ତି ସତତ ।୨୮

---

୨୫   ମୁଁ ପ୍ରକୃତରେ ଯୋଗମାୟାଙ୍କ ଦ୍ୱାରା ଆଚ୍ଛାଦିତଥିବାରୁ ସମସ୍ତଙ୍କ ପାଖରେ ମୁଁ ଅବ୍ୟକ୍ତ ହୋଇ ରହିଛି । ମାତ୍ର ଭ୍ରାନ୍ତ ସାସାଂରୀକ ଲୋକେ ଜାଣିପାରନ୍ତି ନାହିଁ ଯେ ମୁଁ ଅବ୍ୟୟ ଓ ଅଜନ୍ମା ।
୨୬   ହେ ଅର୍ଜୁନ, ଯେଉଁ ପ୍ରାଣୀ ପୂର୍ବରୁ ହୋଇ ସାରିଛନ୍ତି ,ବର୍ତ୍ତମାନ ଅଛନ୍ତି ଓ ଭବିଷ୍ୟତରେ ହେବେ ସେ ସମସ୍ତଙ୍କୁ ମୁଁ ଜାଣେ ମାତ୍ର ମତେ ମୋ ଭକ୍ତ ବ୍ୟତିତ ଅନ୍ୟ କେହି ଜଣିପାରନ୍ତି ନାହିଁ ।
୨୭   ହେ ଅର୍ଜୁନ କାମନା ଓ ଦ୍ୱେଷରୁ ଜାତ ଦ୍ୱନ୍ଦ୍ୱ ମୋହ ଦ୍ୱାରା ସମସ୍ତ ଜୀବଗଣ ଅନାଦି କାଳରୁ ହିଁ ମୋହିତ ହୋଇ ସଂସାରରେ ଜନ୍ମ ମୃତ୍ୟୁ ପ୍ରାପ୍ତ ହେଉଛନ୍ତି ।
୨୮   ଯେଉ ପୁଣ୍ୟକର୍ମା ଲୋକଙ୍କର ପାପର ଅନ୍ତ ହୋଇଯାଇଥାଏ ସେହି ଲୋକମାନେ ଦ୍ୱନ୍ଦ୍ୱଜାତମୋହରୁ ମୁକ୍ତହୋଇ ଦୃଡବ୍ରତରେ ମୋର ଭଜନ କରନ୍ତି ।

---

ଜରା ମରଣ ମୋକ୍ଷାର୍ଥେ ଯତ୍ନଶୀଳ ହୋଇ ଯେ ମୋର ଆଶ୍ରିତ
କରି ବ୍ରହ୍ମଉପଲବ୍ଧି ଜାଣନ୍ତିସେ ଅଧ୍ୟାତ୍ମ କର୍ମ ସମସ୍ତ ।୨୯
ଅଧିଭୂତ ଅଧିଦୈବ ସହ ଜାଣେ ଅଧିଯଜ୍ଞ ବୋଲି ମତେ
ପ୍ରୟାଣକାଳରେ ମଧ୍ୟ ଜାଣିପାରେ ସାଧକ ସେ ଯୁକ୍ତଚିତ୍ତେ ।୩୦

---

୨୯ ଯେଉଁମାନେ ଜରା ମରଣରୁ ମୋକ୍ଷ ପାଇବା ପାଇଁ ଓ ମତେ ଆଶ୍ରା କରିବାରେ ଯତ୍ନଶୀଳ ହୁଅନ୍ତି ସେମାନେ ବ୍ରହ୍ମ କୁ ଅନୁଭବ କରି ସମସ୍ତ ଅଧ୍ୟାତ୍ମ କର୍ମକୁ ଜାଣିଯାନ୍ତି ।

୩୦ ଯେଉଁମାନେ ଅଧିଭୂତ,ଅଧିଦୈବ, ଅଧିଯଜ୍ଞ ତତ୍ତ୍ୱ ସହିତ ମତେ ଜାଣିପାରନ୍ତି ସେମାନଙ୍କର ମରଣ ସମୟରେ ମଧ୍ୟ ମୋ ଠାରେ ଚେତନା ବଳବତ୍ତର ଥାଏ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଜ୍ଞାନବଜ୍ଞାନଯୋଗ ନାମକ ସପ୍ତମ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଜ୍ଞାନ ବିଜ୍ଞାନ ଯୋଗ ନାମକ ସପ୍ତମ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଲୋକ ସଂଖ୍ୟା ୨୮୦+୩୦ =୩୧୦)

---

## ଅଷ୍ଟମ ଅଧ୍ୟାୟ

## ଅକ୍ଷରବ୍ରହ୍ମଯୋଗଃ

ଅର୍ଜୁନ ଉବାଚ
ପୁରୁଷୋତ୍ତମ! ଅଧ୍ୟାତ୍ମ ବ୍ରହ୍ମକ'ଣ କର୍ମବୋଲି କା'କୁ କହି
ଅଧିଭୂତ ମଧ୍ୟ କା'କୁ କୁହାଯାଏ ଅଧିଦୈବ କା'କୁ କହି ।୧
ଏଠାରେ କିପରି କିଏ ଅଧିଯଜ୍ଞ ଏଦେହେ ମଧୁସୂଦନ
ପ୍ରୟାଣକାଳେ କିପରି ଜାଣିପାରେ ନିୟତ ଚିତ୍ତ ଆତ୍ମନ ।୨
ଶ୍ରୀ ଭଗବାନ ଉବାଚ
ଅକ୍ଷର ବ୍ରହ୍ମ ପରମ ପ୍ରକୃତିକୁ ଅଧ୍ୟାତ୍ମ ହିଁ କୁହାଯାଏ
ଜୀବ ଉତ୍ପତ୍ତି କାରଣେ ଯେଉଁକର୍ମ କର୍ମସଜ୍ଞକ ବୋଲାଏ ।୩

---

୧,୨ ଅର୍ଜୁନ ପଚାରିଲେ ହେ ପୁରୁଷୋତ୍ତମ ବ୍ରହ୍ମ କଣ, ଆଧ୍ୟାତ୍ମ କଣ ଓ କର୍ମ କଣ, ଅଧିଭୂତ ଓ ଅଧିଦୈବ କହିଲେ କାହାକୁ ବୁଝାଏ ।ହେ ମଧୁସୂଦନ ଅଧିଯଜ୍ଞ କିଏ ଏ ଶରୀରରେ କିପରି ଥାଏ ଓ ନିୟତ ଚିତ୍ତ ଲୋକ କିପରି ପ୍ରୟାଣ ସମୟରେ ତୁମକୁ ଜାଣିପାରିବ ।

୩ ଅକ୍ଷର ହିଁ ପରମବ୍ରହ୍ମ ଏବଂ ପରା ପ୍ରକୃତି (ଜୀବରୂପା)କୁ ଅଧ୍ୟାତ୍ମ କହନ୍ତି ।ଜୀବ ମାନଙ୍କର ସତ୍ତାକୁ ଉତ୍ପନ୍ନ କରୁଥିବା ତ୍ୟାଗକୁ କର୍ମ କୁହାଯାଏ ।

---

ଅଧିଭୂତ ସ୍ୱଭାବରେ କ୍ଷରଭାବ ପୁରୁଷ  ଅଧିଦୈବତ
ମୁଁ ହିଁ ଅଟେ ଅଧିଯଜ୍ଞ ଏହିଦେହେ ହେ ଦେହଧାରୀ ମହତ ।୪
ଅନ୍ତକାଳେ ମଧ୍ୟ ଯିଏ ମୋସ୍ମରଣେ ଯାଏତେଜି କଳେବର
ସେ ଲଭଇ ମୋ ସ୍ୱରୂପ ଏକଥାରେ ନାହିଁସ୍ଥାନ ସଂଶୟର ।୫
ଯେଉଁ ଯେଉଁ ଭାବ ସ୍ମରି ଜୀବଶେଷେ ତେଜିଥାନ୍ତି କଳେବର
ସେହି ସେହି ଭାବ ପାଏ ହେ କୌନ୍ତେୟ ସଦାଭାବି ସେ ଭାବର ।୬
ତେଣୁ ସର୍ବ କାଳେ ମତେ ଅନୁସ୍ମରି ହୁଅ ଯୁଦ୍ଧରେ ନିଶ୍ଚୟ
ସମର୍ପଣ କରି ମନ,ବୁଦ୍ଧି ପାଅ ମତେ ଏହା ଅସଂଶୟ ।୭

---

୪ ହେ ଦେହଧାରୀ ଶ୍ରେଷ୍ଠ ଅର୍ଜୁନ, କ୍ଷରଭାବ ବା ନଶ୍ୱର ପଦାର୍ଥ ଅଧିଭୂତ ଅଟେ,ପୁରୁଷ ଅର୍ଥାତ୍ ହିରଣ୍ୟଗର୍ଭ ବ୍ରହ୍ମ ଅଧିଦୈବ ଅଟନ୍ତି ଏବଂ ଏ ଦେହରେ ଅନ୍ତର୍ଯ୍ୟାମୀ ରୂପେ ଅବସ୍ଥିତ ଥିବା ମୁଁ ଅଧିଯଜ୍ଞ ।

୫ ଯେ ଅନ୍ତକାଳେ ମତେ ହିଁ ସ୍ମରଣ କରି କଳେବର ତ୍ୟାଗକରେ ସେ ମତେ ହିଁ ପ୍ରାପ୍ତ କରେ ଏଥିରେ ସନ୍ଦେହ ନାହିଁ ।

୬ ହେ କୌନ୍ତେୟ ଜୀବ ତାର ଶେଷକାଳରେ ଯେଉଁ ଯେଉଁ ଭାବ ଭାବି କଳେବର ତ୍ୟାଗ କରିଥାଏ ସେ ସେହି ସେହି ଭାବ ପ୍ରାପ୍ତ ହୁଏ ଅର୍ଥାତ୍ ସେହି ସେହି ଯୋନୀକୁ ଯାଏ ।

୭ ତେଣୁ ସର୍ବଦା ମତେ ହିଁ ସ୍ମରଣ କରି ଯୁଦ୍ଧକର ଏବଂ ମୋ ଠାରେ ମନ ବୁଦ୍ଧି ସମର୍ପଣ କରିଦେଲେ ମତେ ପ୍ରାପ୍ତହେବ ଏହା ନିସନ୍ଦେହ ।

---

ଅଭ୍ୟାସଯୋଗରେ ଯୁକ୍ତ ଚେତନାରେ ନକରି ଗତି ଅନ୍ୟତ୍ର
ପରମ ପୁରୁଷ ଦିବ୍ୟ ହୁଏପ୍ରାପ୍ତି ନିରନ୍ତର ଧ୍ୟାନେ ପାର୍ଥ।୮
ସର୍ବଜ୍ଞ ଓ ସନାତନ ଜଗତଶାସକ
ଅଣୁ ଅଣୀୟାଂଶ ଯିଏ କରଇ ସ୍ମରଣ
ସମସ୍ତଙ୍କର ପାଳକ ଅଚିନ୍ତ୍ୟ ସ୍ୱରୂପ
ଆଦିତ୍ୟବର୍ଣ୍ଣ ତମସା ପରପାରେ ସ୍ଥାନ।୯
ପ୍ରୟାଣକାଳେ ମନର ଏକାଗ୍ରତା ସହ
ଅଚଳା ଭକ୍ତିରେ ଯୁକ୍ତ ଆଉ ଯୋଗବଳେ
ଭ୍ରୂଲତା ମଧ୍ୟେ ସମ୍ୟକେ ସ୍ଥାପି ପ୍ରାଣବାୟୁ
ପରମ ପୁରୁଷ ଦିବ୍ୟ ପ୍ରାପ୍ତକରେ ହେଲେ।୧୦

---

୮ ହେ ପାର୍ଥ ଅଭ୍ୟାସଯୋଗରେ ଯୁକ୍ତ ଓ ଅନ୍ୟ ଚିନ୍ତନରହିତ ଚିତ୍ତ ଦ୍ୱାରା ପରମ ଦିବ୍ୟ ପୁରୁଷଙ୍କୁ ଚିନ୍ତନ କରି ଶରୀର ଛାଡୁଥିବା ମନୁଷ୍ୟ ପରମ ଦିବ୍ୟ ପୁରୁଷଙ୍କୁ ପ୍ରାପ୍ତ ହୁଅନ୍ତି।

୯ ଯିଏ ସର୍ବଜ୍ଞ, ସନାତନ,ସର୍ବନିୟନ୍ତା ବା ଜଗତ ପ୍ରଶାସକ, ସୂକ୍ଷ୍ମାତିସୂକ୍ଷ୍ମ,ଯାହାର ରୂପ ଅନୁମାନ କରାଯାଇ ପାରିବନାହିଁ, ସୂର୍ଯ୍ୟଙ୍କ ପରି ଜ୍ୟୋତିର୍ମୟ, ଓ ଅଜ୍ଞାନ ଅନ୍ଧକାରର ପରପାରେ ରହିଛନ୍ତି ତାଙ୍କୁ ଯେ ସ୍ମରଣ ବା ଚିନ୍ତନ କରନ୍ତି............।

୧୦ ମରଣକାଳେ ଏକାଗ୍ର ମନରେ ଯେ ଭକ୍ତିର ସହିତ ଭ୍ରୂଯୁଗଳମଧ୍ୟରେ ପ୍ରାଣକୁ ସୁଚାରୁରୂପେ ସ୍ଥାପନକରି ସ୍ମରଣ କରନ୍ତି ସେ ଦିବ୍ୟ ପରମ ପୁରୁଷଙ୍କୁ ପ୍ରାପ୍ତ ହୁଅନ୍ତି।

ଯାହାକୁ ଅକ୍ଷର ବୋଲି ବେଦଜ୍ଞ କହନ୍ତି
ଯାହାକୁ ରାଗରହିତ ଯୋଗୀ ଲାଭକରେ
ଯାହାର ପ୍ରାପ୍ତ ଆଶାରେ ବ୍ରହ୍ମଚର୍ଯ୍ୟେ ବ୍ରତି
ସେହି ହିଁ ତୁମର ଲକ୍ଷ୍ୟ କହେ ସଂକ୍ଷେପରେ ।୧୧
ରୁଦ୍ଧକରି ସର୍ବଦ୍ୱାର ସଂଯମରେ ନିରୁଦ୍ଧ୍ୟ ହୃଦୟେ ମନ
ମୂର୍ଦ୍ଧ୍ନିରେ କରି ସ୍ଥାପନ ପ୍ରାଣବାୟୁ ସମ୍ୟକେ ଯୋଗଧାରଣ ।୧୨
ଓମ୍ ଏକାକ୍ଷର ବ୍ରହ୍ମ ବ୍ୟାହୃତିରେ ମତେ ଅନୁସ୍ମରି ଯିଏ
ତ୍ୟାଗ କରିଥାନ୍ତି ଦେହ ସେହି ଯୋଗୀ ପରମାଗତି ପ୍ରାପୟେ ।୧୩
ଅନନ୍ୟଚିତ୍ତେ ସତତ ଯିଏମତେ ସ୍ମରିଥାନ୍ତି ନିତ୍ୟାର୍ପିତ
ତାହାଙ୍କର ମୁଁ ସହଜ ପ୍ରାପ୍ତି,ପାର୍ଥ ଯେ ଯୋଗୀ ନିତ୍ୟସଂଯୁକ୍ତ ।୧୪

---

୧୧ ବେଦବିଦ୍ ମାନେ ଯାହାକୁ ଅକ୍ଷର ବୋଲି କହନ୍ତି , ବିତରାଗ ଯତି ମାନେ ଯାହାକୁ ପ୍ରାପ୍ତ କରଥାନ୍ତି, ଏବଂ ସାଧକମାନେ ଯହାକୁ ପାଇବା ଆଶାରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରନ୍ତି ସେହି ପଦ ବିଷୟରେ ମୁଁ ତୁମକୁ ସଂକ୍ଷେପରେ କହିବି ।

୧୨,୧୩ ଇନ୍ଦ୍ରିମାନଙ୍କ ସର୍ବଦ୍ୱାର ରୁଦ୍ଧକରି ମନକୁ ହୃଦୟରେ ନିରୋଧ କରି ନିଜର ପ୍ରାଣକୁ ପ୍ରାଣାୟାମ ଦ୍ୱାରା ମୂର୍ଦ୍ଧ୍ନିରେ ରଖି ଯେଉଁମାନେ ଓଁ ଏକାକ୍ଷର ମନରେ ସ୍ମରଣ କରି କରି ଦେହ ତ୍ୟାଗ କରିଥାନ୍ତି ସେମାନେ ପରମଗତି ଲାଭ କରନ୍ତି ।

୧୪ ହେ ପାର୍ଥ ଯେଉଁଯୋଗୀ ଅନ୍ୟ କୌଣସି ଚିନ୍ତା ନ କରି ସର୍ବଦା ମନରେ ମତେ ହିଁ ସ୍ମରଣ କରୁଥାନ୍ତି ସେମାନଙ୍କ ପାଇଁ ମୁଁ ସହଜ ଲବ୍ଧ ।

---

ଲାଭକରି ମତେ କିନ୍ତୁ ପୁନର୍ଜନ୍ମ ଦୁଃଖାଳୟ ଅଶାଶ୍ୱତ
ନ ପାଆନ୍ତି ମହାତ୍ମାନ, ସେମାନେ ତ ପରମଗତି ପ୍ରାପତ ।୧୫
ଆବ୍ରହ୍ମଲୋକ ଜୀବଙ୍କ ହେ ଅର୍ଜୁନ ହୁଏ ପୁନରାବର୍ତ୍ତନ
ଲାଭ କରି ମତେ କିନ୍ତୁ ହେ କୌନ୍ତେୟ ପୁନର୍ଜନ୍ମ ନୁହେଁଜାଣ ।୧୬
ସହସ୍ର ଯୁଗ ପର୍ଯ୍ୟନ୍ତ ଏକଦିନ ହୁଏ ବ୍ରହ୍ମାଙ୍କର ଜାଣ
ସହସ୍ର ଯୁଗାନ୍ତେ ରାତ୍ର ଏକ ଜାଣେ ଅହୋରାତ୍ର ବିଜ୍ଞଜନ ।୧୭
ଅବ୍ୟକ୍ତରୁ ବ୍ୟକ୍ତରୂପ ପ୍ରଭବନ୍ତି ଦିବସର ଆଗମନେ
ରାତ୍ରୀ ଆଗମେ ବିଲୀନ ନିଶ୍ଚିତରେ ଅବ୍ୟକ୍ତ ମୂଳ କାରଣେ ।୧୮

---

୧୫ ଏହି ମହାତ୍ମାମାନେ ମତେ ଲାଭକରି ପରମ ମୋକ୍ଷ ଲାଭ କରନ୍ତି ଏବଂ ତାଙ୍କୁ ଏ ଦୁଃଖପୁର୍ଣ୍ଣ ଅନିତ୍ୟ ସଂସାରରେ ପୁନର୍ଜନ୍ମ ନେବାକୁ ପଡେନାହିଁ ।
୧୬ ବ୍ରହ୍ମଲୋକ ପର୍ଯ୍ୟନ୍ତ ସବୁ ଲୋକ କାଳର ବଶବର୍ତ୍ତି ହୋଇ ଭୂର୍ଲୋକକୁ ପୁନରାବର୍ତ୍ତନ କରନ୍ତି ଅର୍ଥାତ୍ ପୁନର୍ଜନ୍ମ ଗ୍ରହଣ କରନ୍ତି । କିନ୍ତୁ ମତେ ପ୍ରାପ୍ତ କରସାରିଲା ପରେ ଆଉ ପୁନର୍ଜନ୍ମ ହୁଏନାହିଁ ।
୧୭ ପୃଥିବୀର ସହସ୍ର ଚତୁର୍ଯୁଗରେ ବ୍ରହ୍ମାଙ୍କର ଏକଦିନ ଓ ପୁଣି ପୃଥିବୀର ସହସ୍ର ଚତୁର୍ଯୁଗରେ ବ୍ରହ୍ମାଙ୍କର ଏକରାତ୍ର ହୁଏ ବୋଲି ଯେଉଁ ପଣ୍ଡିତମାନେ ଜାଣନ୍ତି ସେମାନେ ଅହୋରାତ୍ରର ପ୍ରକୃତ ତତ୍ତ୍ୱ ଜାଣନ୍ତି ।
୧୮ ପ୍ରଭାତ ହେଲେ ଅବ୍ୟକ୍ତରୁ ବ୍ୟକ୍ତ ଜଗତର ଉତ୍ପତ୍ତି ହୁଏ ଓ ରାତ୍ରୀର ଆଗମନରେ ସେସବୁ ଅବ୍ୟକ୍ତର ମୂଳକାରଣରେ ଲୀନ ହୋଇଯାନ୍ତି ।

---

ଏହିପରି ଜୀବଗଣ ବାରମ୍ବାର ଜନ୍ମି ଜନ୍ମି ଲୟଯିବେ
ରାତ୍ରୀଆଗମେ ବିଲୀନ ଆହେପାର୍ଥ ଦିବସାଗମେ ପ୍ରଭବେ ।୧୯
ଅବ୍ୟକ୍ତ ଠାରୁ ଅବ୍ୟକ୍ତ-ଭାବରୂପ ସର୍ବଶ୍ରେଷ୍ଠ ସନାତନ
ସର୍ବଜୀବଗଣ ନାଶ ଗଲେମଧ୍ୟ ନାହିଁ ତାର ବିନାଶନ ।୨୦
ଅବ୍ୟକ୍ତ ଅକ୍ଷର ତାକୁ କୁହାଯାଏ ପରମ ଗତି ଆହୁରି
ପ୍ରାପ୍ତେ ଯାହା ନ ଫେରନ୍ତି କେହି ସିଏ ପରମଧାମ ମୋହରି ।୨୧
ସେ ପୁରୁଷ ଶ୍ରେଷ୍ଠ ପାର୍ଥ ଏକନିଷ୍ଟ ଭକ୍ତିରେ ହୁଏ ପ୍ରାପତ
ଯାହାଙ୍କର ଅନ୍ତର୍ଗତ ଜୀବଗଣ ଯିଏ ସର୍ବତ୍ର ବ୍ୟାପୃତ ।୨୨

---

୧୯ ହେ ପାର୍ଥ ଜୀବଗଣ ଏହିପରି ବାରମ୍ବାର ଜନ୍ମଲାଭ କରନ୍ତି ଓ ବ୍ରହ୍ମଙ୍କ ରାତ୍ରୀ ଆଗମନରେ ବିଲୀନ ହୋଇଯାନ୍ତି ପୁଣି ଦିବସ ଆଗମନରେ ଜନ୍ମଲାଭ କରନ୍ତି ।

୨୦ କିନ୍ତୁ ଏହି ଅବ୍ୟକ୍ତ (ବ୍ରହ୍ମାଙ୍କସୁକ୍ଷ୍ମଶରୀର) ଅପେକ୍ଷା ଅନ୍ୟଗୋଟିଏ ସର୍ବଶ୍ରେଷ୍ଠ ଭାବରୁପକ ଅବ୍ୟକ୍ତ ଅଛନ୍ତି ଯେ ସକଳ ଜୀବଗଣଙ୍କର ବିନାଶ ହୋଇଗଲେ ବି ତାଙ୍କର ବିନାଶ ହୁଏନାହିଁ ।

୨୧ ଅବ୍ୟକ୍ତ ଅକ୍ଷର ବୋଲି ଯାହା କୁହାଯାଏ ତାହା ବି ପରମଗତି । ଯେଉଁମାନେ ସେହି ଲକ୍ଷ୍ୟ ପ୍ରାପ୍ତ ହୋଇଥାନ୍ତି ସେମାନେ କେବେ ଏହି ସଂସାରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ ।ସେହି ସ୍ଥାନଟି ମୋର ପରମଧାମ ।

୨୨ ଯେଉଁ ପୁରୁଷଶ୍ରେଷ୍ଠ ଅନ୍ତରରେ ଜୀବଜଗତ ବାସ କରନ୍ତି ଓ ଯିଏ ସର୍ବ ବ୍ୟାପକ ଅଟନ୍ତି ସେହି ପୁରୁଷସ୍ରେଷ୍ଠ ଏକନିଷ୍ଠ ଭକ୍ତିରେ ପ୍ରାପ୍ତ ହୋଇଥାନ୍ତି ।

---

ଯେକାଳେ ପ୍ରୟାଣେ ଯୋଗୀ ଫେରିଥାନ୍ତି ନଫେରିଥାନ୍ତି ଅଥବା
ଭରତଶ୍ରେଷ୍ଠ କହିବି ସେହିକାଳ ବିଷୟ ହେଉ ଶୁଣିବା ।୨୩
ଅଗ୍ନି ଜ୍ୟୋତି ଓ ଦିବସ ଶୁକ୍ଲପକ୍ଷ ଷଣ୍ମାସ ଉତ୍ତରାୟଣ
ଏଥିରେ ପ୍ରୟାଣ କଲେ ବ୍ରହ୍ମଲୋକ ଯାଆନ୍ତି ବ୍ରହ୍ମଜ୍ଞ ଜନ ।୨୪
ଧୂମ ଓ ରଜନୀ ତଥା କୃଷ୍ଣପକ୍ଷ ଷଣ୍ମାସ ଦକ୍ଷିଣାୟନ
ସେଠାରେ ଚନ୍ଦ୍ରମା ଜ୍ୟୋତି ଲାଭକରି ଯୋଗୀର ପ୍ରତ୍ୟାବର୍ତ୍ତନ ।୨୫
ଶୁକ୍ଳ କୃଷ୍ଣେ ଗତି ମାର୍ଗ ପ୍ରକୃତରେ ଜଗତେ ଶାଶ୍ୱତ ମତ
ଏକ ମାର୍ଗେ ନ ଆବୃତ୍ତି ଅନ୍ୟଟିରେ ହୁଏ ପୁନଃ ଆବର୍ତ୍ତିତ ।୨୬

---

୨୩ ହେ ଭରତଶ୍ରେଷ୍ଠ ଯେଉଁ ମାର୍ଗରେ ଦେହତ୍ୟାଗ ହେଲେ, ଯୋଗୀମାନେ ପୂନର୍ଜନ୍ମ ଲାଭକରନ୍ତି ଓ ଯେଉଁ ମାର୍ଗରେ ଦେହତ୍ୟାଗ କଲେ, ପୁନର୍ଜନ୍ମ ହୁଏନାହିଁ , ମୁଁ ବର୍ତ୍ତମାନ ସେହି କାଳ ବା ମାର୍ଗ ବିଷୟରେ ତୁମକୁ କହିବି ।

୨୪ ଯେଉଁମାର୍ଗରେ ଜ୍ୟୋତିସ୍ୱରୂପ ଅଗ୍ନି ଅଧିପତି, ଦିନର ଅଧିପତି, ଶୁକ୍ଳପକ୍ଷର ଅଧିପତି, ଛମାସ ବିଶିଷ୍ଟ ଉତ୍ତରାୟଣୀର ଅଧପତି ଦେବତା ଥାନ୍ତି ସେହି ମାର୍ଗରେ ଦେହତ୍ୟାଗ କରି ଯାଉଥିବା ବ୍ରହ୍ମବେତ୍ତା ମନୁଷ୍ୟ ପ୍ରଥମେ ବ୍ରହ୍ମଲୋକକୁ ଯାଇ ପରେ ବ୍ରହ୍ମଙ୍କ ସହିତ ମିଶି ଯାନ୍ତି ।

୨୫ ଯେଉଁ ମାର୍ଗରେ ଧୂମର ଅଧିପତି, ରାତ୍ରୀର ଅଧିପତି ,କୃଷ୍ଣପକ୍ଷର ଅଧିପତି ଓ ଛମାସ ବିଶିଷ୍ଟ ଦକ୍ଷିଣାୟନ ଅଧିପତି ଦେବତା ଥାନ୍ତି ସେହି ମାର୍ଗରେ ଦେହତ୍ୟାଗ କରି ଯାଉଥିବା ଯୋଗୀ ଚନ୍ଦ୍ରଜ୍ୟୋତିକୁ ପ୍ରାପ୍ତ ହୋଇ ପୁନର୍ଜନ୍ମ ନିଅନ୍ତି ।

୨୬ ଶୁକ୍ଳ ଓ କୃଷ୍ଣ ପକ୍ଷମାର୍ଗ ଦ୍ୱୟ ଅନାଦି କାଳରୁ ଏ ସଂସାରରେ ଶାଶ୍ୱତ ମାର୍ଗ ବୋଲି ଧରା ଯାଇଛି । ଏଥିମଧ୍ୟରୁ ଗୋଟିକରେ ଯାଉଥିବା ମନୁଷ୍ୟକୁ ଫେରିବାକୁ ପଡେନାହିଁ ଏବଂ ଅନ୍ୟଟିରେ ଯାଉଥିବା ମନୁଷ୍ୟକୁ ଫେରିବାକୁ ହୁଏ ।

---

ଏହି ମାର୍ଗ ଜାଣି ପାର୍ଥ ଯୋଗୀଜନ କେବେ ହେଁ ନୁହ ମୋହିତ
ତେଣୁ ସମସ୍ତ କାଳରେ ହେ ଅର୍ଜୁନ ହୁଅ ତୁମେ ଯୋଗଯୁକ୍ତ ।୨୭
ବେଦମାନଙ୍କରେ ଯଜ୍ଞେ ତପସ୍ୟାରେ ମଧ୍ୟ
ଦାନରେ ଯା ପୂଣ୍ୟଫଳ ହୋଇଛି କଥିତ
ଯୋଗୀ ଅତିକ୍ରମେ ସବୁ ହେଲେ ଜ୍ଞାନପ୍ରାପ୍ତି
ଆଦିକାରଣଙ୍କ ଧାମ ପରମ ପ୍ରାପତ ।୨୮

---

୨୭ ହେ ପାର୍ଥ, ଏହି ମାର୍ଗ ଦୁଇଟି ବିଷୟରେ ଜାଣି, ଯୋଗୀମାନେ କେବେହେଲେ ମୋହଗ୍ରସ୍ତ ହୁଅନ୍ତି ନାହିଁ। ତେଣୁ ହେ ଅର୍ଜୁନ ତୁମେ ସର୍ବଦା ଯୋଗନିଷ୍ଠ ହୋଇ ରହ ।

୨୮ ଯୋଗୀ ବା ଭକ୍ତ ଏହାକୁ ବା ଏହି ଅଧ୍ୟାୟରେ ବର୍ଣ୍ଣିତ ବିଷୟକୁ ଜାଣି ବେଦରେ, ଯଜ୍ଞରେ, ତପସ୍ୟାରେ ଓ ଦାନଧର୍ମ କରିବାରେ ଯେଉଁ ଯେଉଁ ପୁଣ୍ୟ ଫଳ ମିଳେ ବୋଲି କୁହାଯାଇଛି ସେ ସବୁକୁ ଅତିକ୍ରମ କରି ଆଦିସ୍ଥାନ ପରମାତ୍ମାଙ୍କୁ ପ୍ରାପ୍ତ ହୁଏ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଅକ୍ଷରବ୍ରହ୍ମଯୋଗ ନାମକ ଅଷ୍ଟମ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଅକ୍ଷରବ୍ରହ୍ମ ଯୋଗ ନାମକ ଅଷ୍ଟମ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୩୧୦+୨୮ =୩୩୮)

---

## ନବମଅଧ୍ୟାୟ୍

### ରାଜବିଦ୍ୟାରାଜଗୁହ୍ୟ ଯୋଗଃ

ଶ୍ରୀ ଭଗବାନ ଉବାଚ

ଏହାକିନ୍ତୁ ଗୂହ୍ୟତମ କହେଯେଣୁ ତୁମେ ଅସୂୟାରହିତ
ଜ୍ଞାନବିଜ୍ଞାନ ସହିତ ଜାଣିଯାହା ଅଶୁଭରୁ ହେବମୁକ୍ତ ।୧
ରାଜବିଦ୍ୟା ରାଜଗୂହ୍ୟ ବିଦ୍ୟାଶୁଦ୍ଧ ଉତ୍ତମ ପବିତ୍ରମୟ୍
ପ୍ରତ୍ୟକ୍ଷ ଏହାର ଫଳ ଧର୍ମମୟ୍, କୃତେ ସହଜ ଅବ୍ୟୟ୍, ।୨
ଅଶ୍ରଦ୍ଧାଯୁକ୍ତ ପୁରୁଷ, ପରନ୍ତପ, ଏ ଧର୍ମର ମହିମାରେ
ମତେ ନ ପାଇ ଫେରନ୍ତି ସେମାନେତ ମୃତ୍ୟୁ ସଂସାର ମାର୍ଗରେ ।୩

---

୧ ତୁମଠାରେ କୌଣସି ଅସୂୟା ନାହିଁ । ତେଣୁ ମୁଁ ତୁମକୁ ଏହି ଯୋଗ କଥା କହିବି ଯାହା ତୁମପକ୍ଷେ ଗୂଢତମ ।ଯାହାକୁ ଜ୍ଞାନ ବିଜ୍ଞାନ ସହିତ ଜାଣି ତୁମେ ଅମଙ୍ଗଳରୁ ମୁକ୍ତ ହୋଇଯିବ ।

୨ ଏହାର ସମଗ୍ରରୂପ, ସମସ୍ତ ବିଦ୍ୟାର ସମସ୍ତ ଗୋପନୀୟ୍ ତଥ୍ୟର ରାଜା, ଏହା ସର୍ବଶ୍ରେଷ୍ଠ ଓ ପବିତ୍ର ଏବଂ ଏହାର ଫଳ ପ୍ରତ୍ୟକ୍ଷ । ଏହା ଧର୍ମମୟ୍, ଅବ୍ୟୟ୍ ଓ କରିବାକୁ ଅତି ସହଜ ।

୩ ହେ ପରନ୍ତପ ଏ ଧର୍ମର ମହିମା ଉପରେ ଶ୍ରଦ୍ଧା ନ ରଖୁଥିବା ମନୁଷ୍ୟ ମତେ ନ ପାଇ ଏ ମୃତ୍ୟୁ ପ୍ରଧାନ ସଂସାର ମାର୍ଗରେ ପ୍ରତ୍ୟାବର୍ତ୍ତନ କରନ୍ତି ।

---

ମୋ ଦ୍ୱାରା ପରିବ୍ୟାପ୍ତ ଏସମସ୍ତ ବିଶ୍ୱ ଅବ୍ୟକ୍ତରୂପରେ
ମୋଠାରେ ନିବାସ ସର୍ବ ଜୀବଗଣ ମୋ ବାସ ନୁହେଁ ସର୍ବରେ ।୪
ମୋଠାରେ ନ ଅବସ୍ଥିତ  ଜୀବଗଣ  ଦେଖମୋ ଯୋଗଐଶ୍ୱର
ଜୀବେ ମୁଁ ପୋଷଣକରେ  ନ ଭୂତସ୍ଥ  ଭୂତଉତ୍ପନ୍ନ ଆତ୍ମାର ।୫
ଯଥା ଆକାଶରେବାୟୁ  ନିତ୍ୟସ୍ଥିତ ସର୍ବଗାମୀ ଶକ୍ତିମାନ
ସେହିପରି ଏ ସମସ୍ତ ଜୀବଗଣ ମୋଭିତରେ ସ୍ଥିତଜାଣ ।୬
ସମସ୍ତ ଏ ଜୀବଗଣ ହେ କୌନ୍ତେୟ ଯାଆନ୍ତି ମୋ ପ୍ରକୃତିକୁ
କଳ୍ପଶେଷେ, ପୁନର୍ବାର କଳ୍ପାରମ୍ଭେ ସୃଷ୍ଟିକରେ ସେମାନଙ୍କୁ ।୭

---

୪,୫   ଏହି ସମଗ୍ର ସଂସାର ମୋ ଅବ୍ୟକ୍ତ ସ୍ୱରୂପରେ ବ୍ୟାପ୍ତ ।ସମସ୍ତ ଜୀବଗଣ ମୋ ଠାରେ ଅବସ୍ଥିତ । ସକଳ ଜୀବଗଣ ମୋ ଭିତରେ ବାସ କରନ୍ତି ସିନା ମୁଁ କିନ୍ତୁ ସେମାନଙ୍କ ଭିତରେ ବାସ କରେନାହିଁ । ମୋର ଏହି ଐଶ୍ୱରୀୟ ଯୋଗକୁ ଦେଖ, ସମସ୍ତ ଜୀବଙ୍କୁ ଉତ୍ପନ୍ନ କରୁଥିବା ଓ ଜୀବଗଣଙ୍କୁ ପୋଷଣ କରୁଥିବା ମୋର ସ୍ୱରୂପ ସେହି ଜୀବ ମାନଙ୍କ ମଧ୍ୟରେ ନାହିଁ ।

୬   ମହା ଶକ୍ତିଶାଳୀ ବାୟୁ ଯେପରି ସର୍ବତ୍ର ଆକାଶ ମଧ୍ୟରେ ବିଚରଣ କରେ ଓ ଆକାଶର ଆଶ୍ରୀତ ହୋଇ ରହିଛି ସେପରି ସକଳ ଜୀବଗଣ ମତେ ଆଶ୍ରୟକରି ମୋ ଭିତରେ ରହିଛନ୍ତି ।

୭   ହେ କୌନ୍ତେୟ କଳ୍ପଶେଷରେ(ମହାପ୍ରଳୟରେ) ସମସ୍ତଜୀବଗଣ ମୋ ପ୍ରକୃତିକୁ ଚାଲିଯାନ୍ତି ଓ କଳ୍ପଆରମ୍ଭରେ(ମହାସର୍ଗରେ) ମୁଁ ପୁଣିଥରେ ସେମାନଙ୍କୁ ଉତ୍ପନ୍ନ କରେ ।

---

ନିଜ ପ୍ରକୃତିକୁ କରି ପ୍ରୋତ୍ସାହିତ ସୃଷ୍ଟିକରେ ବାରମ୍ବାର
ପରତନ୍ତ୍ର ଏ ସମସ୍ତ ଜୀବଗଣେ ପ୍ରକୃତିବଶରେ ମୋର ।୮
ଏସମସ୍ତ କର୍ମ ମଧ୍ୟ ଧନଞ୍ଜୟ ନାହିଁମତେ ବାନ୍ଧିପାରେ
ଉଦାସୀନପରି ଥାଏ ଅନାସକ୍ତ ସେହି ସମସ୍ତ କର୍ମରେ ।୯
ମୋର ଅଧ୍ୟକ୍ଷତା ଦ୍ୱାରା ଏ ପ୍ରକୃତି ଚରାଚର ସମ୍ଭବାୟେ
ଏ କାରଣରୁ କୌନ୍ତେୟ ଏଜଗତ ପରିବର୍ତ୍ତିତ ବି ହୁଏ ।୧୦
ଅବଜ୍ଞା କରନ୍ତି ମତେ ମୂଢଲୋକେ ଭାବି ମନୁଷ୍ୟ ଶରୀର
ପରମ ଭାବକୁ ମୋର ନଜାଣନ୍ତି ମୁଁ ଜୀବଙ୍କ ମହେଶ୍ୱର ।୧୧
ବୃଥାଆଶା ବୃଥାକର୍ମ ବୃଥାଜ୍ଞାନ ଅବିବେକୀ ମନୁଷ୍ୟର
ରାକ୍ଷସୀ ଆସୁରୀ ଭାବ ଆଶ୍ରାକରି ଭାବମଧ୍ୟ ମୋହିନୀର ।୧୨

---

୮ ପ୍ରକୃତି ବଶରେ ରହି ପରତନ୍ତ୍ର ହୋଇଥିବା ଏ ଜୀବଗଣଙ୍କୁ ନିଜ ପ୍ରକୃତିକୁ ବଶିଭୂତ କରି ବାରାମ୍ବାର ସୃଷ୍ଟି କରେ ।

୯ ହେ ଧନଞ୍ଜୟ ଏହି ସବୁ କର୍ମ (ସୃଷ୍ଟି ରଚନାଦି କର୍ମ) ରେ ଅନାସକ୍ତ ଓ ଉଦାସୀନ ପରି ରହୁ ଥିବାରୁ କର୍ମସବୁ ମତେ ବାନ୍ଧି ରଖିପାରନ୍ତି ନାହିଁ ।

୧୦ ମୋର ଅଧ୍ୟକ୍ଷତାରେ ପ୍ରକୃତି ଚର ଅଚର ସମସ୍ତଙ୍କୁ ଉତ୍ପନ୍ନ କରୁଛି ଓ ଏହି କାରଣରୁ ଜଗତ ଚକ୍ରପରି ଘୁରି ଚାଲିଛି ।

୧୧ ମୁଁ ଜଣେ ଶରୀରଧାରୀ ମନୁଷ୍ୟ ବୋଲି ଭାବି ମୂଢ ବା ଅଜ୍ଞମାନେ ମତେ ହତାଦର କରନ୍ତି । ସେମାନେ କିନ୍ତୁ ଜାଣନ୍ତିନାହିଁ ମୋର ପରମଭାବକୁ, ଯେ ମୁଁ ସର୍ବଜନ ମହେଶ୍ୱର ।

୧୨ ଯେଉଁମାନେ ରାକ୍ଷସୀ , ଆସୁରୀ ଓ ମୋହିନୀ ପ୍ରକୃତିର ଆଶ୍ରୟ ନିଅନ୍ତି ସେହି ଅବିବେକୀ ମନୁଷ୍ୟର ଆଶା ,କର୍ମ ଓ ଜ୍ଞାନ ସବୁ ବୃଥା ଏବଂ ସେଗୁଡିକ ସତ୍ ଫଳ ପ୍ରଦାୟକ ହୁଏନାହିଁ ।

---

ମହାତ୍ମାଗଣ ହେ ପାର୍ଥ ମୋରଦୈବୀ ପ୍ରକୃତି କରି ଆଶ୍ରୟ୍
ଅନନ୍ୟମନେ ଭଜନ୍ତି ଜାଣି ଜୀବ ଗଣଙ୍କ ଆଦି ଅବ୍ୟୟ୍ ।୧୩
ସର୍ବଦା କରି କୀର୍ତ୍ତନ ଗୁଣମୋର ଯତ୍ନବନ୍ତ ଦୃଢବ୍ରତୀ
ଭକ୍ତିସହ କରିମତେ ପ୍ରଣିପାତ ନିତ୍ୟଯୁକ୍ତ ଉପାସତି ।୧୪
ଜ୍ଞାନଯଜ୍ଞ ଦ୍ୱାରା ଅନ୍ୟ ପୂଜାକରି ହୁଅନ୍ତି ମୋ ଉପାସକ
ଏକତ୍ୱେ ପୃଥକତ୍ୱେ ବା ବହୁବିଧ ମୋହର ବିଶ୍ୱତୋମୁଖ ।୧୫

---

୧୩ ହେ ପାର୍ଥ ଅନନ୍ୟମନା ମହାତ୍ମାଗଣ ମୋର ଦୈବୀ ପ୍ରକୃତିକୁ ଆଶ୍ରା କରି ମତେ ଜୀବଗଣଙ୍କର ଆଦି ଓ ଅବିନାଶୀ ବୋଲି ଜାଣି ମୋର ଭଜନ କରନ୍ତି ।

୧୪ ସର୍ବଦା ମୋର ଗୁଣ କୀର୍ତ୍ତନ କରି ଯତ୍ନସହିତ ଦୃଢବ୍ରତୀ ହୋଇ ଏବଂ ମତେ ଭକ୍ତିରସହ ପ୍ରଣିପାତ କରି ସର୍ବଦା ମୋଠାରେ ଚିତ୍ତ ଲଗାଇ ଉପାସନା କରନ୍ତି ।

୧୫ କେହି ସାଧକ ଜ୍ଞନଯଜ୍ଞଦ୍ୱାରା ଏକତ୍ୱରେ ପୂଜାକରି ମୋର ଉପାସନା କରନ୍ତି ଓ ଅନ୍ୟ କେହି ନିଜକୁ ପୃଥକ ମନେକରି ମୋର ବିଶ୍ୱରୂପକୁ ଓ ମତେ ଅନେକ ବିଧିରେ ଉପାସନା କରଥାନ୍ତି ।

---

ମୁଁହି କ୍ରତୁ ମୁଁହି ଯଜ୍ଞ ମୁଁହିସ୍ୱଧା ମୁଁହିମଧ୍ୟ ବନସ୍ପତି
ମୁଁମନ୍ତ୍ର ମୁଁଘୃତ ମଧ୍ୟ ମୁଁହିଅଗ୍ନି ମୁଁହିମଧ୍ୟ ହୋମାହୁତି ।୧୬
ପିତା ମୁଁହି ଜଗତର ମାତାଧାତା ବିଶ୍ୱପିତାମହ ମଧ୍ୟ
ଜ୍ଞେୟ ବସ୍ତୁ ମୁଁ ପବିତ୍ର ଓଁକାର ମୁଁ ଋକ ସାମ ଯଜୁ ମଧ୍ୟ। ୧୭
ଗତି ଭର୍ତ୍ତା ପ୍ରଭୁ ସାକ୍ଷୀ ନିବାସ ମୁଁ ଆଶ୍ରୟ ସୁହୃତ ଚୟ
ପ୍ରଭବ ପ୍ରଳୟ ସ୍ଥାନ ମୁଁ ଭଣ୍ଡାର ମୁଁ ମଧ୍ୟ ବୀଜ ଅବ୍ୟୟ।୧୮
ମୁଁ ଉତ୍ତାପ ମୁଁ ବରଷା କରେଜଳ ଗ୍ରହଣ ଆଉ ବର୍ଷଣ
ଅମୃତତ୍ୱ ମୃତ୍ୟୁ ମଧ୍ୟ ମୁଁହିଅଟେ ସତ୍ ଅସତ୍ ଅର୍ଜୁନ।୧୯

---

୧୬,୧୭,୧୮ ଭଗବାନ କହୁଛନ୍ତି ଯେ ସେ କ୍ରତୁ, ଯଜ୍ଞ, ସ୍ୱଧା (ଶ୍ରାଦ୍ଧର ପିଣ୍ଡ), ଔଷଧ ଉଦ୍ଭିଦ ବା ବନସ୍ପତି। ସେ ମଧ୍ୟ ମନ୍ତ୍ର ,ଘୃତ, ହୋମାଗ୍ନି ଓ ହୋମ ଆହୁତି ଓ କ୍ରୀୟା, ସେ ହେଉଛନ୍ତି ଜଗତର ପିତା ମାତା,ଧାତା, ପିତାମହ। ସେ ହେଉଛନ୍ତି ଏକମାତ୍ର ଜ୍ଞେୟବସ୍ତୁ ସେ ପାବକ ଓଁକାର, ସେ ହିଁ ଋକ ଜଜୁ ଶାମାଦି ବେଦ ଏବଂ ଜୀବର ଅନ୍ତିମ ଲକ୍ଷ୍ୟ, ଜଗତର ଭର୍ତ୍ତା ବା ପାଳକ, ସାକ୍ଷୀ,ନିବାସ,ଆଶ୍ରୟ ବା ଶରଣ, ବନ୍ଧୁ , ସ୍ରଷ୍ଟା , ବିନାଶକର୍ତ୍ତା, ଆଧାର, ଭଣ୍ଡାର, ,କାରଣ ଓ ଅବ୍ୟୟ ବା ଅବିନାଶୀ ବୀଜ।

୧୯ ହେ ଅର୍ଜୁନ ମୁଁ ସୂର୍ଯ୍ୟ ରୂପରେ ଉତ୍ତାପ ଓ ଆଲୋକ ଦିଏ ଜଳ ନିଗ୍ରହ କରେ ଓ ସେହି ଜଳକୁ ଠିକ ସମୟରେ ବର୍ଷା କରାଏ।ମୁଁ ଅମୃତତ୍ୱ ଓ ମୃତ୍ୟୁ ସତ୍ ଅସତ୍ ମଧ୍ୟ ମୁଁ ।

---

ତ୍ରୀବେଦଜ୍ଞ ସୋମପାୟୀ ଆଉ ପୂତପାପା
ଯଜ୍ଞଦ୍ୱାରା ପୂଜାକରି ଇଛନ୍ତି ସ୍ୱର୍ଗତି
ହୋଇ ପ୍ରାପ୍ତ ପୁଣ୍ୟରାଶୀ ଲଭି ଇନ୍ଦ୍ରଲୋକ
ସ୍ୱର୍ଗେ ଦିବ୍ୟ ଦେବଭୋଗ ସେ ଭୋଗକରନ୍ତି ।୨୦
ସେ ବିପୁଳ ସ୍ୱର୍ଗସୁଖ ଭୋଗନ୍ତି ସେମାନେ
ପୂଣ୍ୟକ୍ଷିଣେ ମର୍ତ୍ତ୍ୟଲୋକେ ପ୍ରବେଶକରନ୍ତି
ତ୍ରୀବେଦ ବିହିତ ଧର୍ମ କରି ଅନୁଷ୍ଠାନ
ଗତଆଗତ, କାମନା କାମୀ ଲଭିଥାନ୍ତି ।୨୧
ନ ଅନ୍ୟେ ଚିନ୍ତନକରେ ଯେଉଁଜନ ମତେ ହିଁ ପର୍ଯ୍ୟୁପାସତେ
ନିତ୍ୟଯୁକ୍ତର ଅପ୍ରାପ୍ତ ପ୍ରାପ୍ତକରେ, ରକ୍ଷା କରିଥାଏ ପ୍ରାପ୍ତେ ।୨୨

---

୨୦ ତିନି ବେଦରେ ବିଜ୍ଞ ଓ ସୋମ ରସ ପାୟୀମାନେ ବିଭିନ୍ନ ଯାଗ ଯଜ୍ଞାଦି ଅନୁଷ୍ଠାନଦ୍ୱାରା ନିଷ୍ପାପ ହୋଇ ମୋର ପୂଜାକରି ସ୍ୱର୍ଗଲୋକ ପ୍ରାପ୍ତି ପାଇଁ ମତେ ପ୍ରାର୍ଥନା କରନ୍ତି । ସେଠାରେ ଦିବ୍ୟ ଦେବଭୋଗ୍ୟ ସୁଖ ଉପଭୋଗ କରନ୍ତି ।

୨୧ ସେମାନେ ସେହି ବିଶାଳ ସ୍ୱର୍ଗ ଲୋକର ସୁଖ ଭୋଗ କରି ,ଅର୍ଜିତ ପୂଣ୍ୟ ସରିଗଲା ପରେ, ଏହି ମୃତ୍ୟୁ ଲୋକକୁ ଫେରି ଆସନ୍ତି । ତିନି ବେଦ ବର୍ଣ୍ଣିତ ସକାମ ଧର୍ମ ଆଶ୍ରା କରି, ସକାମୀ ମନୁଷ୍ୟ ମାନଙ୍କର ଏହିପରି ମୃତ୍ୟୁ ଲୋକକୁ ଗମନାଗମନ ଚାଲିଥାଏ ।

୨୨ ଯେଉଁଜନ ମୋ ଠାରେ ଅନନ୍ୟ ଚିନ୍ତନ କରି ସର୍ବଦା ମୋର ସମ୍ୟକ ଉପାସନା କରେ ମୁଁ ତାଙ୍କର ଅପ୍ରାପ୍ତ ବସ୍ତୁକୁ ପ୍ରାପ୍ତ କରାଏ ଓ ପ୍ରାପ୍ତ ବସ୍ତୁକୁ ରକ୍ଷଣାବେକ୍ଷଣ କରେ ।

---

ଯେ ଭକ୍ତ ଅନ୍ୟଦେବତା କରିଥାନ୍ତି ପୂଜା ହୋଇ ଶ୍ରଦ୍ଧାଯୁକ୍ତ
ସେ ମଧ୍ୟ ମତେ କୌନ୍ତେୟ କରିଥାନ୍ତି ପୂଜନ ଅବିଧିଯୁକ୍ତ ।୨୩
ସକଳଯଜ୍ଞର ଭୋକ୍ତା ମୁଁ କେବଳ ସକଳଯଜ୍ଞେ ମୁଁ ପତି
ନଜାଣନ୍ତି ମତେ ତତ୍ତ୍ୱେ ସେହିମାନେ ତେଣୁ ଜଗତେ ଫେରନ୍ତି ।୨୪
ଦେବବ୍ରତା ଦେବଲୋକ ଯାଇଥାନ୍ତି ପିତୃବ୍ରତା ପିତୃଲୋକ
ଭୂତଯାଜୀ ଭୂତଗଣେ ଲଭିଥାନ୍ତି ମୋତେ ମଧ୍ୟ ମୋଯାଜକ ।୨୫
ପତ୍ର ପୁଷ୍ପ ଫଳ ଜଳ ଯିଏମତେ ଭକ୍ତିସହ ଦେଇଥାଏ
ସେହି ପ୍ରଯତ୍ନତଃ ଭକ୍ତି ଉପହାର ଗ୍ରହଣ ମୁଁ କରିଥାଏ ।୨୬

---

୨୩ ହେ କୌନ୍ତେୟ ଯେଉଁମାନେ ଅନ୍ୟ ଦେବାଦେବୀଙ୍କୁ ଶ୍ରଦ୍ଧାର ସହିତ ପୂଜାକରନ୍ତି ସେମାନେ ମତେ ବି ପୂଜାକରନ୍ତି ମାତ୍ର ତାହା ବିଧି ବିଧାନଯୁକ୍ତ ନୁହେଁ ।

୨୪ କେବଳ ମୁଁ ହି ସକଳ ଯଜ୍ଞର ପ୍ରଭୁ ଓ ଭୋକ୍ତା । କିନ୍ତୁ ସେମାନେ ମତେ ତତ୍ତ୍ୱରେ ଜାଣନ୍ତି ନାହିଁ । ତେଣୁ ସେମାନେ ମର ଜଗତକୁ ଫେରିଆସନ୍ତି ।

୨୫ ଦେବ ପୂଜକମାନେ ଦେବଲୋକ ପାଇଥାନ୍ତି ଓ ପିତୃପୂଜକ ପିତୃଲୋକ ଯାଇଥାନ୍ତି । ସେହିପରି ଭୂତ-ପ୍ରେତପୂଜକମାନେ ଭୂତ-ପ୍ରେତଙ୍କୁ ପ୍ରାପ୍ତ ହୁଅନ୍ତି ଓ ମୋ ପୂଜକ ମଧ୍ୟ ମତେ ପାଇଥାନ୍ତି ।

୨୬ ଯେ କେହି ନିମଗ୍ନ ଚିତ୍ତ ହୋଇ ଭକ୍ତିର ସହ ପତ୍ର,ପୁଷ୍ପ,ଫଳ ବା ଜଳ ଟିକିଏ ମତେ ଦେଇଥାଏ ମୁଁ ସେହି ଭକ୍ତି ଉପହାର ଗ୍ରହଣ କରିଥାଏ ।

---

ଯାହାକର ଯାହାଭକ୍ଷ ଯଜ୍ଞାହୁତି ଯାହାକିଛି କରଦାନ
ଯେଉଁ ତପସ୍ୟା ବି କର  ହେ କୌନ୍ତେୟ  ମତେକର ସମର୍ପଣ ।୨୭
ଶୁଭ ଅଶୁଭ ଫଳରୁ ଏହିପରି କର୍ମବନ୍ଧନରୁ ମୁକ୍ତ
ସନ୍ୟାସଯୋଗ ଯୁକ୍ତାତ୍ମା ମୁକ୍ତହୋଇ ମତେ ତୁମେ ହେବପ୍ରାପ୍ତ ।୨୮
ସମ ମୁଁ ସର୍ବଭୂତରେ ନାହିଁମୋର ପ୍ରୀୟତା ଅଥବା ଦ୍ୱେଷ
ଭକ୍ତିରେ ଯେ ଭଜେ ମତେ ମୁଁତାଠାରେ, ମୋଠାରେ ସିଏ ନିବାସ ।୨୯

---

୨୭  ହେ ଅର୍ଜୁନ  ତୁମେ ଯାହାକର ଯାହା ଭକ୍ଷଣ କର ଯାହା କିଛି ଯଜ୍ଞ ଆହୁତି ଦିଅ ଓ ଯାହା କିଛି ଦାନକର ଯେଉଁ ତପସ୍ୟା କର ତାହା ମତେ ହିଁ ଅର୍ପଣ କର ।

୨୮  ପୂର୍ବପଦରେ ବର୍ଣ୍ଣିତ ପ୍ରକାରେ ସମସ୍ତ କର୍ମ ଓ କର୍ମଫଳ ଭଗବାନଙ୍କୁ ଅର୍ପଣକଲେ ତୁମେ କର୍ମ ବନ୍ଧନରୁ ଓ ଶୁଭ ଅଶୁଭ କର୍ମଫଳରୁ ମୁକ୍ତ ହୋଇଯିବ ଓ ସନ୍ୟାସଯୋଗରେ ଦୃଢବ୍ରତିହୋଇ ତୁମେ ମୁକ୍ତହୋଇଯିବ ଓ ମତେ ହିଁ ପ୍ରାପ୍ତହେବ ।

୨୯  ମୁଁ ସକଳ ଜୀବଙ୍କୁ ସମାନ ଭାବରେ ଦେଖେ ଓ ମୋ ଦୃଷ୍ଟିରେ କେହି ଘୃଣ୍ୟ ନୁହନ୍ତି କି କେହି ପ୍ରୀୟ ନୁହନ୍ତି । ଯେ ମତେ ଭକ୍ତିରେ ଆରାଧନା କରନ୍ତି ମୁଁ ତାଙ୍କଠାରେ ଓ ସେ ମୋ ଠାରେ ନିବାସ କରନ୍ତି ।

---

ଯଦି କେହି ଦୂରାଚାର ଭଜିଥାଏ ମତେ ଅନନ୍ୟଭାବରେ
ଅବଶ୍ୟ ସେ ସାଧୁ ବୋଲି ଗଣ୍ୟହେବ ନିଶ୍ଚିତ ଓ ଯଥାର୍ଥରେ ।୩୦
ଅବିଳମ୍ବେ ହୋଇଥାନ୍ତି ସେଧର୍ମାତ୍ମା ଲଭନ୍ତି ଶାଶ୍ୱତ ଶାନ୍ତି
ନିଶ୍ଚିତ ଜାଣ କୌନ୍ତେୟ, ମୋରଭକ୍ତ କେବେ ବି ନ ପ୍ରଣଶ୍ୟନ୍ତି ।୩୧
ପାର୍ଥ ନେଇ ମୋ ଆଶ୍ରୟ କେହିଯଦି ପାପ ଯୋନିରୁ ଉତ୍ପତ୍ତି
ନାରୀ ବୈଶ୍ୟ ଅବା ଶୁଦ୍ର ହେଲେ ମଧ୍ୟ ଲଭଇ ପରମଗତି ।୩୨
ଅଧିକନ୍ତୁ ଲଭିଛନ୍ତି ପୂଣ୍ୟଆତ୍ମା ବ୍ରାହ୍ମଣ ରାଜର୍ଷି ଭକ୍ତ
ଅନିତ୍ୟ ଅସୁଖ ଲୋକେ ଜନ୍ମନେଇ , ହୁଅ ମୋ ଭଜନେ ରତ ।୩୩

---

୩୦ ଯଦି କେହି ଅତ୍ୟନ୍ତ ଦୂରାଚାରୀ ଅନନ୍ୟ ଚିତ୍ତହୋଇ ମୋର ଆରାଧନା କରେ ସେ ନିଶ୍ଚିତ ସାଧୁରେ ବା ଧର୍ମପରାୟଣ ବ୍ୟକ୍ତିରେ ଗଣ୍ୟହେବ କାରଣ ସେ ନିଶ୍ଚିତଭାବରେ ମୋର ଅନୁଗତ ହେବାକୁ ଉପଯୁକ୍ତ ସିଦ୍ଧାନ୍ତ ନେଇପାରିଛି ବୋଲି ଜଣାଯାଏ ।

୩୧ ସେପରି କରି ପାପାଚାରୀମାନେ ଅବିଳମ୍ବେ ଧର୍ମାତ୍ମା ହୋଇଯାନ୍ତି ଓ ଶାଶ୍ୱତ ସୁଖ ଲାଭ କରନ୍ତି । ହେ ଅର୍ଜୁନ ନିଶ୍ଚିତରୂପେ ଜାଣ ଯେ ମୋର ଭକ୍ତମାନେ ଯେ ମତେ ନିଷ୍ଠାର ସହିତ ଭକ୍ତି କରନ୍ତି ସେମାନେ୍ କେବେ ବିନାଶ ହୁଅନ୍ତି ନାହିଁ ।

୩୨ ହେ ପାର୍ଥ କେହି ଯଦି ପାପ ଯୋନିରୁ ଜାତ ହୋଇଥିବ ଓ ନାରୀ, ବୈଶ୍ୟ ବା ଶୁଦ୍ର ହୋଇଥିବ, ସେ ଯଦି ନିଷ୍ଠାପର ସହିତ ମନ ପ୍ରାଣ ବଚନରେ
ମୋର ଆଶ୍ରିତ ହୁଏ ସେ ପରମଗତି ଲାଭକରେ ।

୩୩ ତେଣୁ ମତେ ପାଇବାକୁ ପୂଣ୍ୟଆତ୍ମା ବ୍ରାହ୍ମଣ ଓ ଭକ୍ତ ରାଜର୍ଷି ମାନଙ୍କ ବିଷୟରେ କଣ ଅଧିକ କହିବି । ତୁମେ ଏହି ଅନିତ୍ୟ ଅସୁଖ ଜଗତରେ ଜନ୍ମ ନେଇ ସର୍ବଦା ମୋତେ ଆରଧନା କର ।

---

ମନ୍ମନା ମୋ ଭକ୍ତ ହୁଅ କରମତେ ନମସ୍କାର,ମୋ ପୂଜନ
ଅବଶ୍ୟ ହିଁ ପ୍ରାପ୍ତହେବ ଆତ୍ମଯୁକ୍ତେ ହୋଇ ମୋର ପରାୟଣ।୩୪

---

୩୪ ମଦ୍ ଗତଚିତ୍ତ ହୋଇ ମୋର ଭକ୍ତ ହୁଅ ଓ ମତେ ପୂଜାକରି ମତେ ନମସ୍କାର କର। ଏହିପରି ମୋଠାରେ ନିଜ ଆତ୍ମ ସଂଯୁକ୍ତ କରି, ମତେ ଜୀବନର ଲକ୍ଷ୍ୟ କରିପାରିଲେ ମତେ ହିଁ ପ୍ରାପ୍ତ ହେବ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ରାଜବିଦ୍ୟାରାଜଗୁହ୍ୟଯୋଗ ନାମକ ନବମ ଅଧ୍ୟାୟ଼ ଏତିକିରେ ସମାପ୍ତ।

(ହେମେନ୍ଦ୍ରନାଥ ଅନୂଦିତ ରାଜବିଦ୍ୟାରାଜଗୁହ୍ୟଯୋଗ ନାମକ ଅଧ୍ୟାୟ ଏତିକିରେ ସମାପ୍ତ)
(ମୋଟ ଶ୍ଳୋକ ସଂଖ୍ୟା ୩୩୮+୩୪ =୩୭୨)

---

## ଦଶମ ଅଧ୍ୟାୟ
## ବିଭୂତିଯୋଗଃ

ଶ୍ରୀ ଭଗବାନ ଉବାଚ

ପୁନଶ୍ଚ ହେ ମହାବାହୁ ଶୁଣଏବେ ଏହି ମୋ ପରମବାଣୀ
ତୁମ ହିତ କାମନାରେ କହୁଛିମୁଁ ତୁମକୁହିଁ ପ୍ରୀୟମଣି ।୧
ନଜାଣନ୍ତି ସୁରଗଣ ମୋଉତ୍ପତ୍ତି ନୁହେଁ ବି ମହର୍ଷିଗଣ
ଦେବତା ମହର୍ଷିଙ୍କର ସର୍ବଥାରେ ମୁଁଅଟେ ଆଦିକାରଣ ।୨
ଜାଣେ ଅଜନ୍ମ ଅନାଦି ଯିଏମତେ ଜାଣେ ଲୋକ ମହେଶ୍ୱର
ମନୁଷ୍ୟରେ ଅସଂମୂଢ ଗଣାସିଏ ମୁକ୍ତ ସେ ସର୍ବପାପର ।୩

---

୧ ହେ ମହାବାହୁ ଅର୍ଜୁନ ତୁମେ ମୋର ଅତ୍ୟନ୍ତ ପ୍ରୀୟ ହୋଇଥିବାରୁ ତୁମ ମଙ୍ଗଳ କାମନାରେ ମୁଁ ପୁଣିଥରେ ମୋର ପରମବାଣୀ ଶୁଣାଇବି ମନ ଦେଇ ଶୁଣ ।

୨ ଦେବତା ଓ ମହର୍ଷିମାନେ କେହି ମୋର ଉତ୍ପତ୍ତି ବିଷୟରେ ଜାଣନ୍ତି ନାହିଁ । କାରଣ ସବୁ ଦୀଗରୁ ମୁଁ ସେମାନଙ୍କର ଆଦି କାରଣ ।

୩ ମୁଁ ଅଜନ୍ମା (ମୋର ଜନ୍ମ ନାହିଁ) ମୁଁ ଅନାଦି (ମୋର ଆଦ୍ୟ କି ଅନ୍ତ ନାହିଁ) ବୋଲି ଓ ମୁଁ ସକଳ ଜଗତର ମହେଶ୍ୱର ବୋଲି ଯିଏ ମତେ ଜାଣେ , ସେ ମର୍ତ୍ତ୍ୟଲୋକରେ ଜ୍ଞାନବାନ ବୋଲି ଗଣାଯାଏ ଓ ସେ ସକଳ ପାପରୁ ମୁକ୍ତ ହୋଇଯାଏ ।

---

ବୁଦ୍ଧିଜ୍ଞାନ ନିର୍ମୋହତ୍ୱ କ୍ଷମାସତ୍ୟ ଆତ୍ମସଂଯମ ପ୍ରଶାନ୍ତି
ସୁଖ ଦୁଃଖ ଭୟ ଏବଂ ଅଭୟତ୍ୱ ବିନାଶ ମଧ୍ୟ ଉତ୍ପତ୍ତି ।୪
ଅହିଂସା ସମତା ତୁଷ୍ଟି ଅପଯଶ ଯଶ ଆଉ ତପ ଦାନ
ବିବିଧ ଏ ଭାବାବଳି ପ୍ରାଣିଙ୍କର ମୋଠାରୁ ହୁଏ ଉତ୍ପନ୍ନ ।୫
ସପତ ମହର୍ଷିବୃନ୍ଦ ପୂର୍ବବର୍ତ୍ତି ଚତ୍ୱାର ହିଁ ମନୁଗଣ
ମନରୁଜାତ ମତ୍ପର ଶ୍ରଦ୍ଧାଭକ୍ତି ଯାଙ୍କପ୍ରଜା ଜୀବଗଣ ।୬
ଏସବୁ ମୋର ବିଭୂତି ଯୋଗଶକ୍ତି ଯିଏ ଜାଣନ୍ତି ତତ୍ତ୍ୱରେ
ସିଏ ଅବିଚଳ ଯୋଗେ ହୁଏଯୁକ୍ତ ନାହିଁ ସଂଶୟ ଏଥିରେ ।୭

---

୪,୫ ସକଳ ପ୍ରାଣିଙ୍କର ବୁଦ୍ଧି ଜ୍ଞାନ ନିର୍ମୋହତ୍ୱ କ୍ଷମା ସତ୍ୟ ଆତ୍ମସଂଯମ ଶାନ୍ତି ସନ୍ତୁଳନତା ସୁଖ ଦୁଃଖ ଭୟ ଏବଂ ଅଭୟ ବିନାଶ ଉତ୍ପତ୍ତି ଅହିଂସା ସାମ୍ୟଭାବ ସନ୍ତୁଷ୍ଟତା ଯଶ ଅପଯଶ ତପସ୍ୟା ଦାନ ଇତ୍ୟାଦି ଗୁଣଗୁଡିକ ମୋଠାରୁ ହିଁ ଉତ୍ପନ୍ନ ହୋଇଥାଏ ।

୬ ସପ୍ତ ମହର୍ଷି ତାଙ୍କ ପୂର୍ବରୁ ଚାରି ପ୍ରାଚିନ କୁମାର ଏବଂ ମନୁଗଣ ସମସ୍ତେ ମୋ ମନରୁ ଜାତ । ଏମାନେ ସମସ୍ତେ ମଦ୍ ଭାବଗତହୋଇ ମୋ ପରି ଶକ୍ତିସମ୍ପନ୍ନ । ସେମାନଙ୍କଠାରୁ ସମଗ୍ର ଜୀବଜଗତ ସୃଷ୍ଟି ହୋଇଛନ୍ତି ।

୭ ଯେ ମୋର ଏହି ବିଭୂତି ଓ ଯୋଗକୁ ତତ୍ତ୍ୱତଃ ଜାଣନ୍ତି ସେ ଅବିଚଳିତ ଭାବରେ ଯୋଗଯୁକ୍ତ ହୋଇଯାନ୍ତି ଏଥିରେ ତିଳେହେଲେ ସନ୍ଦେହ ନାହିଁ ।

---

ମୁଁ ହିଁ ସର୍ବର ପ୍ରଭବ ସମସ୍ତେ ବି ମୋହଠାରୁ ପ୍ରବର୍ତ୍ତନ
ଜାଣିମତେ ଭଜିଥାନ୍ତି ବୁଦ୍ଧିମାନ ମୋଭାବେ ହୋଇ ମନ୍ମନ ।୮
ମଦ୍ ଗତ ଚିତ୍ତ ପ୍ରାଣ ହୋଇଭକ୍ତ ମୋ ଚର୍ଚ୍ଚା ପରସ୍ପରରେ
ମୋଗୁଣ କରି କଥନ ନିରନ୍ତର ତୋଷେ ମତେ ପ୍ରେମକରେ ।୯
ମୋଠାରେ ସତତଯୁକ୍ତେ ଭଜିଥାନ୍ତି ମତେ ହିଁ ପ୍ରୀତିପୂର୍ବକ
ଦିଏତାଙ୍କୁ ବୁଦ୍ଧିଯୋଗ ଯାହାଦ୍ୱାରା ସେ ମୋର ହୁଏ ପ୍ରାପକ ।୧୦
ଅନୁକମ୍ପାଅର୍ଥେ ମୁଁହି ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ
ଆତ୍ମଭାବେ ସ୍ଥିତ ମୁହିଁ କରେନାଶ ପ୍ରଜ୍ୱଳି ଜ୍ଞାନଦୀପକୁ ।୧୧

---

୮ ମୁଁ ସମସ୍ତଙ୍କର ପ୍ରଭବ ବା ମୂଳକାରଣ ଓ ସର୍ବେ ମୋଠାରୁ ହିଁ ପ୍ରବୃତ୍ତ ହୋଇଛନ୍ତି । ଏହା ଜାଣିପାରି ପଣ୍ଡିତ ବା ଜ୍ଞାନୀ ଜନ ମୋଭାବରେ ମନଯୁକ୍ତକରି ମୋର ହିଁ ସର୍ବଭାବରେ ଶରଣାପନ୍ନ ହୋଇଥାନ୍ତି ।

୯ ସେହି ଭକ୍ତମାନେ ମଦ୍ ଗତଚିତ୍ତ ଓ ମଦ୍ ଗତପ୍ରାଣ ହୋଇ ପରସ୍ପର ସହିତ ମୋ ଗୁଣ ବିଷୟ ବର୍ଣ୍ଣନାକରି ଓ ତାର ଆଲୋଚନାକରି ନିରନ୍ତର ସନ୍ତୁଷ୍ଟ ରହନ୍ତି ଓ ମତେ ପ୍ରେମ କରନ୍ତି ।

୧୦ ଯେଉଁମାନେ ସର୍ବଦା ସଂଯୁକ୍ତଚିତ୍ତ ହୋଇ ପ୍ରୀତିପୂର୍ବକ ମୋର ଭଜନକରିଥାନ୍ତି ମୁଁ ସେମାନଙ୍କୁ ବୁଦ୍ଧିଯୋଗ ପ୍ରଦାନ କରେ ଯାହାଦ୍ୱାରା ସେମାନେ ମତେ ପ୍ରାପ୍ତ ହୋଇଥାନ୍ତି ।

୧୧ ସେମାନଙ୍କୁ ଅନୁକମ୍ପାକରି ସେମାନଙ୍କର ଅନ୍ତରାତ୍ମାରେ ରହି ସେମାନଙ୍କର ଜ୍ଞାନ ଦୀପକୁ ପ୍ରଜ୍ୱଳିତକରି ସେମାନଙ୍କର ଅଜ୍ଞାନ ଅନ୍ଧକାରକୁ ନାଶକରିଥାଏ ।

---

ଅର୍ଜୁନ ଉବାଚ

ପରମବ୍ରହ୍ମ ପରମ ଧାମ ଆଉ ତୁମେ ପରମ ପବିତ୍ର
ପୁରୁଷ ଶାଶ୍ୱତ ଦିବ୍ୟ ଆଦିଦେବ ଅଜନ୍ମା ସର୍ବବ୍ୟାପ୍ତତ୍ତ୍ୱ ।୧୨
କହନ୍ତି ଏହା ତୁମକୁ ଋଷିଗଣ ତଥା ଦେବର୍ଷି ନାରଦ
ଅସିତ ଦେବଳ ବ୍ୟାସ ଆପଣହିଁ କୁହନ୍ତି ଏବେ ବସ୍ତୁତ ।୧୩
ଏହାସବୁ ସତ୍ୟବୋଲି ମନେକରେ ଯାହା କହିଲେ କେଶବ
ତୁମର ପ୍ରକଟହେବା ଭଗବନ୍ ନଜାଣେ ଦେବ ଦାନବ ।୧୪
ନିଜେ କେବଳ ନିଜକୁ ନିଜଦ୍ୱାରା ପୁରୁଷୋତ୍ତମ ଜାଣନ୍ତି
ଭୂତଭାବନ ଭୂତେଶ ଦେବଦେବ ହେ ପ୍ରଭୁ ଜଗତପତି ।୧୫

---

୧୨,୧୩ ଅର୍ଜୁନ କହୁଛନ୍ତି ଆପଣହିଁ ପରମବ୍ରହ୍ମ ପରମଧାମ ଏବଂ ପରମ ପବିତ୍ରକାରକ, ଦିବ୍ୟ ଶାଶ୍ୱତ ପୁରୁଷ , ଆଦ୍ୟଦେବ ଅଜନ୍ମା ଓ ସର୍ବଚରାଚର ବ୍ୟାପ୍ତ ବୋଲି ଦେବର୍ଷି ନାରଦଙ୍କ ସହିତ ଅସିତ ଦେବଳ ବ୍ୟାସ ଆଦି ସକଳ ଋଷିଗଣ ଏହା କହିଛନ୍ତି । ପୁଣି ଏବେ ଆପଣହିଁ ସେହିକଥା ମତେ କହୁଛନ୍ତି ।

୧୪ ହେ କେଶବ ଆପଣ ଏ ସବୁ ଯାହା କହିଲେ ତାହା ସବୁ ସତ୍ୟବୋଲି ମନେ ହେଉଛି । ହେ ଭଗବନ୍ , ଦେବତା କି ଦାନବ ଆପଣଙ୍କର ପ୍ରକଟହେବା ବିଷୟରେ ଜାଣିପାରିନାହାନ୍ତି ।

୧୫ ହେ ଜୀବଗଣଙ୍କର ନିୟନ୍ତା ହେ ଜୀବଗଣଙ୍କ ଇଶ୍ୱର ହେ ଦେବତା ମାନଙ୍କର ଦେବତା ହେ ଜଗତଇଶ୍ୱର ଆପଣ ହିଁ କେବଳ ଆପଣଙ୍କୁ ଜାଣନ୍ତି ।

---

ତୁମେ ହିଁ ବର୍ଣ୍ଣନେ କ୍ଷମ ସମ୍ପୂର୍ଣ୍ଣରେ ଏ ଦିବ୍ୟ ଆତ୍ମବିଭୁତି
ଯେବିଭୁତିଦ୍ୱାରା ଲୋକ ସମୂହରେ ତୁମର ବ୍ୟାପକ ସ୍ଥିତି ।୧୬
କିପରି ଜାଣିବିମୁଁହି ଆପଣଙ୍କୁ ହେଯୋଗୀ  କରି ଚିନ୍ତନ
କେଉଁ କେଉଁ ଭାବରେ ହେ ଭଗବନ୍ ମୋଦ୍ୱାରା ହେବ ଚିନ୍ତନ ।୧୭
ବିସ୍ତାରିଣ କହନ୍ତୁ ହେ ଜନାର୍ଦ୍ଦନ ତବ ଯୋଗ ଓ ବିଭୁତି
ପୁନଃ କୁହ ସେ ଅମୃତ ଯେତେଶୁଣେ ନହୋଇପାରେ ମୁଁତୃପ୍ତି ।୧୮
ଶ୍ରୀଭଗବାନଉବାଚ
ହଉ କହିବି ତୁମକୁ ମୁଁସେଦିବ୍ୟ ଆତ୍ମବିଭୂତି ବିଶେଷ
ତାପ୍ରାଧାନ୍ୟ ପ୍ରକାଶନ, କୁରୁଶ୍ରେଷ୍ଠ, ବିସ୍ତାରିଲେ ନୁହେ ଶେଷ ।୧୯

---

୧୬   ତୁମର ଏ ଦିବ୍ୟ ବିଭୂତି ତୁମେ ହିଁ କେବଳ କହିପାରିବ , ଯେଉଁ ବିଭୂତିଦ୍ୱାରା ତୁମେ ଏ ଲୋକସମୂହରେ ପରିବ୍ୟାପ୍ତ ହୋଇ ରହିଅଛ ।

୧୭   ହେ ମହାଯୋଗୀ, ମୁଁ କିପରି ଭାବରେ ଆପଣଙ୍କୁ ଧ୍ୟାନକରି ଜାଣିପାରିବ ଓ କେଉଁ କେଉଁ ଭାବଦ୍ୱାର  ଆପଣ ମୋ ଦ୍ୱାରା ଚିନ୍ତନୀୟ ହେବେ ।

୧୮   ହେ ଜନାର୍ଦ୍ଦନ ଆପଣଙ୍କ ଆତ୍ମଯୋଗ ଓ ବିଭୂତି ପୁଣିଥରେ ମତେ ସବିଶେଷ କହନ୍ତୁ । ମୁଁ ଯେତିକି ଶୁଣୁଛି ସେତିକିରେ ତୃପ୍ତ ହୋଇପାରୁନାହିଁ ।

୧୯   ହଉ ହେ କୁରୁଶ୍ରେଷ୍ଠ ,ମୁଁ ମୋର ପ୍ରଧାନ ପ୍ରଧାନ ଦିବ୍ୟ ବିଭୂତି ସମୂହର ବର୍ଣ୍ଣନା କରିବି, କିନ୍ତୁ ଯେତେ କହିଲେବି ସେ ସବୁଗୁଡିକର ପ୍ରାଧାନ୍ୟର ଶେଷ ନାହିଁ ।

---

ମୁଁହି ଆତ୍ମା ଗୁଡାକେଶ ସର୍ବଭୂତ ହୃଦୟରେ ଅବସ୍ଥିତ
ମୁଁହି ଅଟେ ଆଦ୍ୟ ମଧ୍ୟ ଏବଂଅଟେ ସର୍ବଭୂତଙ୍କର ଅନ୍ତ ।୨୦
ଆଦିତ୍ୟ ମଧ୍ୟେ ମୁଁ ବିଷ୍ଣୁ ଜ୍ୟୋତିଷ୍ମାନ ମଧ୍ୟେ ଅଂଶୁମାନ ରବି
ମରୁତମାନଙ୍କ ମଧ୍ୟେ ମୁଁମରିଚି ନକ୍ଷତ୍ରରେ ଶଶୀ ମୁଁ ବି ।୨୧
ବେଦରେ ମୁଁ ସାମବେଦ ମୁଁ ବାସବ ଦେବତାଙ୍କ ମଧ୍ୟେ ଗଣା
ଇନ୍ଦ୍ରିୟଙ୍କ ମଧ୍ୟେ ମନ ମୁଁହିଅଟେ ଭୂତଗଣରେ ଚେତନା ।୨୨
ରୁଦ୍ରଗଣେ ମୁଁ ଶଙ୍କର କୁବେର ମୁଁ ଯକ୍ଷରକ୍ଷଗଣ ମଧ୍ୟେ
ବସୁଗଣେ ମୁଁ ପାବକ  ମେରୁ ମୁଁହି ଶିଖରିମାନଙ୍କ ମଧ୍ୟେ ।୨୩

---

୨୦   ହେ ଗୁଡାକେଶ ଅର୍ଜୁନ ମୁଁ ହେଉଛି ସର୍ବଜୀବଗଣଙ୍କର ହୃଦୟରେ ଅବସ୍ଥିତ ଥିବା ଆତ୍ମା । ମୁଁ ସକଳ ଜୀବଗଣଙ୍କର ଆଦ୍ୟ ,ମଧ୍ୟ ଓ ଅନ୍ତ ।

୨୧   ମୁଁ ଆଦିତ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ଆଲୋକ ପ୍ରଦାନ କରୁଥିବା ଜ୍ୟୋତିଷ୍ମାନ ମାନଙ୍କ ମଧ୍ୟରେ ମୁଁ ଅଂଶୁମାନ ରବି, ଅଣଚାଶ ମୂର୍ତ୍ତି ମରୁତମାନଙ୍କ ମଧ୍ୟରେ ମୁଁ ମରିଚି, ଓ ନକ୍ଷତ୍ରମାନଙ୍କ ମଧ୍ୟରେ ମୁଁ ଶଶୀ ।

୨୨   ମୁଁ ବେଦମାନଙ୍କରେ ସାମବେଦ ଦେବତାମାନଙ୍କ ମଧ୍ୟରେ ବାସବ ବା ଇନ୍ଦ୍ର, ଇନ୍ଦ୍ରିୟ ମାନଙ୍କ ମଧ୍ୟରେ ମନ ଓ ଜୀବଗଣଙ୍କ ମଧ୍ୟରେ ମୁଁ ଚେତନା ।

୨୩   ମୁଁ ରୁଦ୍ରଙ୍କ ମଧ୍ୟେ ଶଙ୍କର ,ଯକ୍ଷରକ୍ଷଗଣଙ୍କ ମଧ୍ୟେ କୁବେର, ବସୁଙ୍କ ମଧ୍ୟେ ଅଗ୍ନି,  ଓ ପର୍ବତମାନଙ୍କ ମଧ୍ୟେ ମୁଁ ମେରୁ ପର୍ବତ ।

ପୁରୋଧାମାନଙ୍କ ମଧ୍ୟେ ଜାଣପାର୍ଥ ମୁଁହି ଅଟେ ବୃହସ୍ପତି
ସେନାପତି ମଧ୍ୟେ ସ୍କନ୍ଦ ଜଳାଶୟ ମଧ୍ୟେ ମୁଁଅଟେ ଜଳଧି ।୨୪
ମହର୍ଷି ମଧ୍ୟେ ମୁଁ ଭୃଗୁ ମୁହିଁ ଅଟେ ଏକାକ୍ଷର ଶବ୍ଦମଧ୍ୟେ
ଯଜ୍ଞରେ ମୁଁ ଜପଯଜ୍ଞ ହିମାଳୟ ମୁଁଅଟେ ସ୍ଥାବର ମଧ୍ୟେ ।୨୫
ସର୍ବବୃକ୍ଷଗଣ ମଧ୍ୟେ ମୁଁ ଅଶ୍ୱତ୍ଥ ନାରଦ ଦେବର୍ଷିଗଣେ
ଗନ୍ଧର୍ବମାନଙ୍କ ମଧ୍ୟେ ଚିତ୍ରରଥ କପିଳ ମୁଁ ସିଦ୍ଧଗଣେ ।୨୬
ଅଶ୍ୱ ମଧ୍ୟେ ଜାଣମତେ ଉଚ୍ଚୈଶ୍ରବା ଯେ ଅମୃତରୁ ଉତ୍ପତ୍ତି
ଗଜେନ୍ଦ୍ରମାନଙ୍କ ମଧ୍ୟେ ଐରାବତ ନରମଧ୍ୟେ ନରପତି ।୨୭

---

୨୪ ହେ ପାର୍ଥ ପୁରୋଧାମାନଙ୍କ ମଧ୍ୟେ ମୁଁ ଦେବତାମାନଙ୍କ ପ୍ରଧାନ ପୁରୋଧା ବୃହସ୍ପତି, ସେନାପତିମାନଙ୍କ ମଧ୍ୟରେ ମୁଁ ସ୍କନ୍ଦ ବା କାର୍ତ୍ତିକେୟ ଯେ ଦେବତାମାନଙ୍କ ସେନାପତି, ପ୍ରାକୃତିକ ଜଳାଶୟ ମାନଙ୍କ ମଧ୍ୟରେ ମୁଁ ହି ସର୍ବ ବୃହତ ଜଳଭଣ୍ଡାର ମହାସାଗର ।

୨୫ ମହର୍ଷିଗଣଙ୍କ ମଧ୍ୟେ ମୁଁ ଭୃଗୁ, ଗିର ବା ଶବ୍ଦମାନଙ୍କ ମଧ୍ୟରେ ମୁଁ ଏକାକ୍ଷର ଓଁ, ଯଜ୍ଞମାନଙ୍କମଧ୍ୟରେ ମୁଁ ଜପଯଜ୍ଞ ଏବଂ ସ୍ଥାବରବସ୍ତୁ ମାନଙ୍କ ମଧ୍ୟରେ ହିମାଳୟ ।

୨୬ ସବୁ ବୃକ୍ଷମାନଙ୍କ ମଧ୍ୟରେ ମୁଁ ଅଶ୍ୱତ୍ଥ ବୃକ୍ଷ, ଦେବର୍ଷିଗଣଙ୍କ ମଧ୍ୟେ ମୁଁ ନାରଦ, ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ ଏବଂ ସିଦ୍ଧପୁରୁଷମାନଙ୍କ ମଧ୍ୟରେ କପିଳମୁନି ।

୨୭ ଅଶ୍ୱମାନଙ୍କ ମଧ୍ୟରେ ମତେ ଅମୃତରୁ ଉତ୍ପନ୍ନ ହୋଇଥିବା ଉଚ୍ଚୈଶ୍ରବା ବୋଲି ଜାଣ । ହସ୍ତୀମାନଙ୍କ ମଧ୍ୟରେ ଐରାବତ ହସ୍ତୀ । ଏବଂ ନର ବା ମନୁଷ୍ୟମାନଙ୍କ ମଧ୍ୟରେ ମୁଁ ନରପତି ।

---

ଆୟୁଧମାନଙ୍କ ମଧ୍ୟେ ବଜ୍ରମୁଁହି ମୁଁ କାମଧେନୁ ଧେନୁରେ
ପ୍ରଜନନେ ମୁଁହିଅଟେ କାମଦେବ ବାସୁକି ସର୍ପମଧ୍ୟରେ ।୨୮
ଅନନ୍ତ ମୁଁ ନାଗମଧ୍ୟେ ମୁଁବରୁଣ ଜଳଯନ୍ତୁଙ୍କ ମଧ୍ୟରେ
ପିତୃଗଣେ ମୁଁ ଅର୍ଯ୍ୟମା ମୁଁହିଯମ ନିୟାମକମାନଙ୍କରେ ।୨୯
ଦୈତ୍ୟମାନଙ୍କର ମଧ୍ୟେ ମୁଁ ପ୍ରହ୍ଲାଦ କାଳ ମୁଁ ଗଣକଗଣେ
ମୃଗମାନଙ୍କର ମଧ୍ୟେ ମୁଁହିସିଂହ ବୈନତେୟ ମୁଁ ପକ୍ଷିଣେ ।୩୦
ପବିତ୍ରକାରକ ମଧ୍ୟେ ମୁଁପବନ ରାମ ମୁଁ ଶସ୍ତ୍ରଧାରୀରେ
ମତ୍ସ୍ୟଜୀବ ମାନଙ୍କରେ ମୁଁ ମଗର ଜାହ୍ନବୀ ସ୍ରୋତସ୍ୱିନୀରେ ।୩୧

---

୨୮ ଆୟୁଧମାନଙ୍କ ମଧ୍ୟରେ ମୁଁ ବଜ୍ର , ଧେନୁମାନଙ୍କ ମଧ୍ୟରେ ମୁଁ ସମୁଦ୍ର ମନ୍ଥନରୁ ଉତ୍ପନ୍ନ କାମଧେନୁ ଯେ ସକଳ ବାଞ୍ଛିତ ଫଳ ପ୍ରଦାନ କରିଥାଏ। ସର୍ପମାନଙ୍କ ମଧ୍ୟରେ ମୁଁ ବାସୁକି ।

୨୯ ମୁଁ ନାଗମାନଙ୍କ ମଧ୍ୟରେ ଅନନ୍ତ ନାଗ , ଜଳଦେବତାମାନଙ୍କ ମଧ୍ୟରେ ବରୁଣ, କବ୍ୟବାହ, ଅନଳ, ସୋମ ଆଦି ପିତୃଗଣଙ୍କ ମଧ୍ୟରେ ଅର୍ଯ୍ୟମା ଓ ଜୀବଗଣଙ୍କ ପାପ ତାପର ନିୟାମକ ମାନଙ୍କ ମଧ୍ୟରେ ମୁଁ ଶ୍ରେଷ୍ଠ ନିୟାମକ ଯମ ।

୩୦ ମୁଁ ହେଉଛି ଦୈତ୍ୟ ମାନଙ୍କ ମଧ୍ୟରେ ପ୍ରହ୍ଲାଦ, ସମୟ ଗଣକମାନଙ୍କ ମଧ୍ୟରେ ମୁଁ କାଳ , ମୃଗ ବା ପଶୁମାନଙ୍କ ମଧ୍ୟରେ ମୃଗେନ୍ଦ୍ର ବା ସିଂହ ଏବଂ ପକ୍ଷିମାନଙ୍କ ମଧ୍ୟରେ ମୁଁ ବୈନତେୟ ବା ଗରୁଡ ।

୩୧ ପବିତ୍ରକାରକମାନଙ୍କ ମଧ୍ୟେ ମୁଁ ପବନ, ଶସ୍ତ୍ରଧାରୀମାନଙ୍କ ମଧ୍ୟରେ ରାମ, ମତ୍ସ୍ୟଜୀବରେ ମୁଁ ମଗର ଏବଂ ନଦୀମାନଙ୍କ ମଧ୍ୟରେ ମୁଁ ଜାହ୍ନବୀ ବା ଗଙ୍ଗା ।

---

ସୃଜିତମାନଙ୍କର ମୁଁ ,ହେ ଅର୍ଜୁନ ଆଦ୍ୟ ଅନ୍ତଏବଂ ମଧ୍ୟ
ବିଦ୍ୟାରେ ଅଧ୍ୟାତ୍ମବିଦ୍ୟା ମୁଁହିତର୍କ ଯୁକ୍ତିବାଦିଙ୍କର ମଧ୍ୟ ।୩୨
ଅକ୍ଷରମାଳାରେ ମୁହିଁ ଅ ଅକ୍ଷର ଦ୍ୱନ୍ଦ୍ୱ ସମାସ ମଧ୍ୟରେ
କାଳେ ମୁଁ ଅକ୍ଷୟକାଳ ଧାତାମୁହିଁ ଦେଖେ ସର୍ବତୋମୁଖରେ ।୩୩
ମୁଁହି ସର୍ବହର ମୃତ୍ୟୁ  ମୁଁହିଁ ଅଟେ ଭବିଷ୍ୟତ ଉଦ୍ଭବର
ଯଶ ଶ୍ରୀ ବଚନ ସ୍ମୃତି ଏବଂମେଧା କ୍ଷମା ଧୃତି ନାରୀଙ୍କର ।୩୪

---

୩୨  ହେ ଅର୍ଜୁନ ସୃଜିତ ବସ୍ତୁମାନଙ୍କ ମଧ୍ୟରେ ମୁଁ ଆଦି ଅନ୍ତ ଓ ମଧ୍ୟ ଅର୍ଥାତ୍ ଉତ୍ପତ୍ତି ସ୍ଥିତି ଏ ବିଲୟ । ଯେତେ ବିଦ୍ୟାଅଛି ସେମାନଙ୍କମଧ୍ୟରେ ମୁଁ ଅଧ୍ୟାତ୍ମବିଦ୍ୟା ବା ଆତ୍ମଜ୍ଞାନ ସମନ୍ଧୀୟ ବିଦ୍ୟା । ବାଦି ପ୍ରତିବାଦିଙ୍କ ମଧ୍ୟରେ ମୁଁ ତର୍କ ।
୩୩  ବର୍ଣ୍ଣମାଳାର ଅଣଚାଶ ଅକ୍ଷରମଧ୍ୟରେ ମୁଁ ଅ ଅକ୍ଷର,ଭାଷା ବ୍ୟାକରଣରେ ବର୍ଣ୍ଣିତ ସମାସ ମାନଙ୍କ ମଧ୍ୟରେ ମୁଁ ଦ୍ୱନ୍ଦ୍ୱ ସମାସ ବା ଦୁଇଟି ଏକପ୍ରକାର ବସ୍ତୁର ସମାହାର ।କାଳ ବା କ୍ଷଣ ସମୟର ପରମ ଅଂଶ ଭିତରେ ମୁଁ ଅକ୍ଷୟକାଳ ବା ଶାଶ୍ୱତସମୟ । ମୁଁ କର୍ମଫଳ ପ୍ରଦାନକାରୀ ସର୍ବତୋମୁଖବିଧାତା ।

୩୪  ମୁଁ ହେଉଛି ସର୍ବଗ୍ରାସୀ ମୃତ୍ୟୁ । ଅଭ୍ୟୁଦୟ ହେଉଥିବା ବ୍ୟକ୍ତିମାନଙ୍କର ଭବିଷ୍ୟତ ଏବଂ ନାରୀ ସୁଲଭ ଗୁଣମାନଙ୍କ ମଧ୍ୟରେ ମୁଁ ଯଶ, ଶ୍ରୀ, ବାଣୀ, ସ୍ମୃତି, ମେଧା, କ୍ଷମା ଓ ଧୃତି ଗୁଣ ଗୁଡିକ ।

---

ସାମବେଦ ମନ୍ତ୍ରରେ ମୁଁ ବୃହତ୍ସାମ ଗାୟତ୍ରୀ ଛନ୍ଦଯୁକ୍ତର
ମାସରେମୁଁ ମାର୍ଗଶୀର ଋତୁମଧ୍ୟେ ମୁଁଅଟେ କୁସୁମାକର ।୩୫
ଛଳନାକାରିଙ୍କ ଦ୍ୟୁତ ମୁଁହିଅଟେ ତେଜ ତେଜସ୍ୱିନୀଙ୍କର
ଜୟ ଓ ସଂକଳ୍ପ ମୁହିଁ ସତ୍ତ୍ୱଭାବ ମୁଁହି ସତ୍ତ୍ୱଗୁଣିଙ୍କର ।୩୬
ବୃଷ୍ଣୀବଂଶୀୟଙ୍କ ମଧ୍ୟେ ବାସୁଦେବ ଧନଞ୍ଜୟ ପାଣ୍ଡବରେ
ମୁନୀମାନଙ୍କ ମଧ୍ୟେ ମୁଁ ବ୍ୟାସଦେବ ଉଶନା କବି କବିରେ ।୩୭

---

୩୫ ସାମବେଦୋକ୍ତ ମନ୍ତ୍ର ମାନଙ୍କରେ ମୁଁ ଅଟେ ବୃହତ୍ସାମ ବା ମୁଖ୍ୟମନ୍ତ୍ର , ଛନ୍ଦବଦ୍ଧ ମନ୍ତ୍ର ମାନଙ୍କରେ ଗାୟତ୍ରୀ ମନ୍ତ୍ର, ମାସରେ ମୁଁ ମାର୍ଗଶୀର ମାସ ଯେଉଁଠୁ ବର୍ଷ ଆରମ୍ଭହୁଏ ,ତେଣୁ ମାର୍ଗଶୀର ମାସର ଅନ୍ୟନାମ ଅଗ୍ରହାୟଣ , ଋତୁରେ ମୁଁ ବସନ୍ତଋତୁ। ଯେହେତୁ ବସନ୍ତ ଋତୁରେ ବିଭିନ୍ନ ପ୍ରକାର ଫୁଲ ଫୁଟିଥାଏ ତେଣୁ ତାର ନାମ କୁସୁମାକର ।

୩୬ ଛଳନାମୟ ଖେଳ ହେଉଛି ଦ୍ୟୁତ ବା ପଶାଖେଳ। ତେଣୁ ଛଳନାମୟଙ୍କ ଦ୍ୟୁତ ଅର୍ଥ ଛଳ, ଭଗବାନ ଛଳନାମୟଙ୍କର ଛଳ, ତେଜସ୍ୱୀ ମାନଙ୍କର ତେଜ, ବିଜୟୀମାନଙ୍କ ଜୟ , ଅଧ୍ୟବସାୟୀ ବା ସଙ୍କଳ୍ପବଦ୍ଧ ମାନଙ୍କର ଅଧ୍ୟବସାୟ ବା ସଙ୍କଳ୍ପ ଏବଂ ସତ୍ତ୍ୱଗୁଣି ବା ସାତ୍ତ୍ୱିକମାନଙ୍କର, ଯାହାଙ୍କର ଗୁଣ ଧର୍ମ, ଜ୍ଞାନ, ବୈରାଗ୍ୟ ଓ ଐଶ୍ୱର୍ଯ୍ୟ ରୂପେ ପ୍ରକାଶିତ ସେମାନଙ୍କର ହେଉଛନ୍ତି ସତ୍ତ୍ୱଗୁଣ ହେଉଛି ଭଗବାନଙ୍କ ବିଭୂତି।

୩୭ ବୃଷ୍ଣୀବଂଶୀୟମାନଙ୍କ ମଧ୍ୟରେ ମୁଁ ବାସୁଦେବ, ପାଣ୍ଡବମାନଙ୍କ ମଧ୍ୟରେ ଧନଞ୍ଜୟ ବା ଅର୍ଜୁନ, ମୁନୀମାନଙ୍କ ମଧ୍ୟରେ ମୁଁ ବ୍ୟାସ ଏବଂ କବୀମାନଙ୍କ ମଧ୍ୟେ ଉଶନା କବି।

---

ଦଣ୍ଡଦାତାଙ୍କର ମୁଁହି ରାଜଦଣ୍ଡ ନୀତି ବିଜୟ଼ ଲିପ୍ସୁରେ
ଗୁହ୍ୟବିଷୟ଼ରେ ମୌନ ଅଟେମୁଁହି ଜ୍ଞାନ ଜ୍ଞାନୀମାନଙ୍କରେ ।୩୮
ସର୍ବଜୀବ ଉତ୍ପତ୍ତିର ଯେ କାରଣ ଅର୍ଜୁନ ସିଏ ମୁଁ ସିନା
ନାହିଁକେହି ଜୀବଏହି  ଚରାଚରେ  ତିଷ୍ଠିପାରିବ ମୋବିନା ।୩୯
ମୋର ଏ ଦିବ୍ୟ ବିଭୂତି ଗୁଡିକର ନାହିଁଅନ୍ତ ପରନ୍ତପ
ଏହାକିନ୍ତୁ କୁହାଗଲା ସଂକ୍ଷେପରେ ବିସ୍ତାରି ବିଭୂତି ରୂପ ।୪୦

---

୩୮     ମୁଁ ହେଉଛି ଦଣ୍ଡଦାତାମାନଙ୍କର ରାଜଦଣ୍ଡ, ବିଜୟ଼ଅଭିଳାଷୀଙ୍କର ନୀତି, ଗୋପ୍ୟ ବିଷୟ଼ମାନଙ୍କରେ ମୌନ ଏବଂ ଜ୍ଞାନୀମାନଙ୍କର ଜ୍ଞାନ ।

୩୯     ହେ ଅର୍ଜୁନ ଯାହା ସର୍ବ ଜୀବ ଉତ୍ପତ୍ତିର କାରଣ ତାହା ମୁଁ ହି ଅଟେ ଏବଂ ଏ ଚରାଚର ଜଗତରେ ଏପରି କୌଣସି ଜୀବ ନାହିଁ ଯିଏ ମୋ ବିନା ତିଷ୍ଠି ରହିପାରିବ ।

୪୦     ହେ ପରନ୍ତପ ଅର୍ଜୁନ ମୋର ଏ ଦିବ୍ୟ ବିଭୂତି ଗୁଡିକର କୌଣସି ଶେଷ ନାହିଁ ।ତେଣୁ ମୁଁ ସଂକ୍ଷେପରେ ବିଭୂତିଗୁଡିକ ବିସ୍ତାରି କହିଲି ।

---

ଯାହା ବି ବିଭୂତିପରି ଅଛିବସ୍ତୁ ଶ୍ରୀମନ୍ତ ଓ ବଳବନ୍ତ
ତାହାସବୁ ଜାଣତୁମେ ଏହାମୋର ତେଜ ଅଂଶରୁ ସମ୍ଭୂତ ।୪୧
ଅଥବା ଏତେ ବିସ୍ତାର ଜାଣିତୁମେ କଣ ହେବ ହେ ଅର୍ଜୁନ
ଏହି ସମଗ୍ର ଜଗତ ମୁଁ କରିଛି ଏକଅଂଶରେ ଧାରଣ ।୪୨

---

୪୧ ଯାହାକିଛି ମୋ ବିଭୂତିପରି ଶ୍ରୀସମ୍ପନ୍ନ ଓ ପ୍ରଭାବସମ୍ପନ୍ନ ବା ଶକ୍ତିସମ୍ପନ୍ନ ବସ୍ତୁରହିଛି ତାହାସବୁ ମୋର ତେଜ ଅଂଶରୁ ସମ୍ଭୂତ ବୋଲି ତୁମେ ଜାଣ ।

୪୨ ଅଥବା ହେ ଅର୍ଜୁନ ମୋ ବିଭୁତି ସମୁହର ଏତେସବୁ ବିସ୍ତାର ଜାଣି ତୁମର ବା କଣ ହେବ ।ଏତିକି ମାତ୍ର ଜାଣ ଯେ ଏହି ସମଗ୍ର ଜଗତକୁ ମୁଁ ମୋର ଗୋଟିଏମାତ୍ର ଅଂଶରେ ଧାରଣ କରିଛି ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ବିଭୂତିଯୋଗ ନାମକ ଦଶମ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ବିଭୂତି ଯୋଗ ନାମକ ଦଶମ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୩୭୨+୪୨ =୪୧୪)

---

## ଏକାଦଶଅଧ୍ୟାୟ

## ବିଶ୍ୱରୂପଦର୍ଶନ ଯୋଗଃ

ଅର୍ଜୁନ ଉବାଚ

କରିମତେ ଅନୁଗ୍ରହ ପରମ ଓ ଗୁହ୍ୟ ଅଧ୍ୟାତ୍ମ ସଜ୍ଞକ
ଯେ ବଚନ କୁହାଗଲା ତାଦ୍ୱାରା ମୋ ମୋହ ଗଲା ସମୂଳକ ।୧
ଶୁଣିଲି ବିସ୍ତୃତ ଭାବେ ସର୍ବଭୂତ ଉତ୍ପତ୍ତି ତଥା ପ୍ରଳୟ
ଆପଣଙ୍କଠାରୁ ପ୍ରଭୁ କମଳାକ୍ଷ ତବ ମାହାତ୍ମ୍ୟ ଅବ୍ୟୟ ।୨
ଏହି ଯେପରି କହିଲେ ଆପଣଙ୍କ ସ୍ୱରୂପ ପରମେଶ୍ୱର
ହେ ପୁରୁଷୋତ୍ତମ ତାହା ଦେଖିବାକୁ ଇଛେ ସେରୂପ ଐଶ୍ୱର ।୩

---

୧ ମତେ ଅନୁଗ୍ରହ କରି ଆପଣ ଏ ଯେଉଁ ପରମଗୁହ୍ୟ ଅଧ୍ୟାତ୍ମ ତତ୍ତ୍ୱ ବର୍ଣ୍ଣନା କଲେ ତାଦ୍ୱାରା ମୋର ସମସ୍ତ ମୋହ ଦୂର ହୋଇଗଲା ।

୨ ହେ ପ୍ରଭୁ କମଳଲୋଚନ ମୁଁ ଆପଣଙ୍କଠାରୁ ଜୀବଜଗତର ଉତ୍ପତ୍ତି ତଥା ପ୍ରଳୟ ବିଷୟ ବିସ୍ତାର ଭାବେ ଶୁଣିଲି ଆହୁରି ମଧ୍ୟ ଆପଣଙ୍କ ଅସରନ୍ତି ମାହାତ୍ମ୍ୟ ମଧ୍ୟ ଜାଣିଲି ।

୩ ହେ ପରମେଶ୍ୱର ଆପଣ ଯେପରି ନିଜ ସ୍ୱରୂପ ବିଷୟରେ କହିଲେ , ହେ ପୁରୁଷୋତ୍ତମ , ମୁଁ ଆପଣଙ୍କର ସେହିପ୍ରକାର ଐଶ୍ୱରୀକ ରୂପ ଦେଖିବାକୁ ଇଚ୍ଛାକରେ ।

---

ମନେକରନ୍ତି ସମର୍ଥ ଯଦିମୁଁହି ଦେଖିବାକୁ ତାହା ପ୍ରଭୁ
ସେ ଅବିନାଶୀ ସ୍ୱରୂପ ତେବେମତେ ଦର୍ଶୟ ଯୋଗୀସ୍ୱୟମ୍ଭୁ ।୪
ଶ୍ରୀଭଗବାନଉବାଚ
ଦେଖପାର୍ଥ ମୋସ୍ୱରୂପ ଶତଶତ ଏବଂ ସହସ୍ର ସହସ୍ର
ନାନାବିଧ ଦିବ୍ୟରୂପ ନାନାବର୍ଣ୍ଣ ନାନା ଆକୃତି ଅଜସ୍ର ।୫
ଆଦିତ୍ୟ ଓ ବସୂଗଣ ରୁଦ୍ରଗଣ ଅଶ୍ୱିନୀ ତଥା ମରୁତ
ବହୁତ ଅଦୃଷ୍ଟପୂର୍ବ ଓ ଆଶ୍ଚର୍ଯ୍ୟ ଦେଖ ମୋଠାରେ ଭାରତ ।୬
ଏହି ସମଗ୍ର ଜଗତ ଏକସ୍ଥିତ ଦେଖଅଦ୍ୟ ଚରାଚର
ମମ ଦେହେ ଗୁଡାକେଶ ଅନ୍ୟଯାହା ଦେଖିବାକୁ ଇଚ୍ଛାକର ।୭

---

୪ ହେ ଯୋଗେଶ୍ୱର, ହେ ପ୍ରଭୁ, ଯଦି ମନେକରୁଥାନ୍ତି ଯେ ମୁଁ ଆପଣଙ୍କ ସ୍ୱରୂପ ଦେଖିବାକୁ ସମର୍ଥ ହେବି , ତେବେ ଆପଣଙ୍କର ସେ ଅବିନାଶୀ ସ୍ୱରୂପ ଦର୍ଶନ କରାନ୍ତୁ ।

୫ ହେ ଅର୍ଜୁନ ଶତଶତ ସଂଖ୍ୟାରେ ସହସ୍ର ସହସ୍ର ସଂଖ୍ୟାରେ ମୋର ବଭିନ୍ନ ଆକୃତିର, ପ୍ରକାରର ଓ ବିଭିନ୍ନ ରଙ୍ଗର ଦିବ୍ୟରୂପ ଦର୍ଶନକର ।

୬ ହେ ଭାରତ ମୋର ଏହି ରୂପରେ ତୁମେ ଦ୍ୱାଦଶ ଆଦିତ୍ୟଗଣ ଅଷ୍ଟବସୂଗଣ ଏକାଦଶ ରୁଦ୍ରଗଣ ଅଶ୍ୱନୀକୁମାର ଦ୍ୱୟ ତଥା ଅଣଚାଶ ମରୁତଗଣ ଦର୍ଶନକର । ତା ବ୍ୟତିତ ଆହୁରି ପୂର୍ବରୁ ଏ ଜଗତରେ ଦେଖିନଥିବା ବହୁବିଧ ଆଶ୍ଚର୍ଯ୍ୟ ବସ୍ତୁ ମୋର ଏହି ରୂପରେ ଦର୍ଶନକର ।

୭ ହେ ଅର୍ଜୁନ ସମଗ୍ର ସ୍ଥାବର ଜଙ୍ଗମ ଆଦି ଚରାଚର ଜଗତ ଏକତ୍ରିତେ ଥିବାର ଦର୍ଶନକର ଏବଂ ଅନ୍ୟ ଯାହାକିଛି ଦର୍ଶନ କରିବାକୁ ଇଛାଥିଲେ ତାହା ମଧ୍ୟ ଦେଖିପାରିବ ।

---

କିନ୍ତୁ ନପାରିବ ଦେଖି ମୋସ୍ୱରୂପ ତୁମର ଏ ଚକ୍ଷୁଦ୍ୱାରା
ଦେଉଛି ତୁମକୁ ଦିବ୍ୟ ଚକ୍ଷୁ ଦେଖ ମୋ ଯୋଗଐଶ୍ୱର ଲୀଳା ।୮

ସଞ୍ଜୟଉବାଚ

ତାପରେ ଏପରିକହି ମହରାଜ ହରି ମହାଯୋଗେଶ୍ୱର
ପ୍ରଦର୍ଶନ କଲେ ନିଜେ ଅର୍ଜୁନଙ୍କୁ ରୂପ ପରମଐଶ୍ୱର ।୯
ଅନେକ ବକ୍ତ୍ର ନୟନ ଅଗଣିତ ଅଦ୍ଭୂତ ରୂପ ବିବିଧ
ଅନେକ ଦିବ୍ୟାଭରଣ ଅଗଣିତ ଦିବ୍ୟ ଉଦ୍ୟତ ଆୟୁଧ ।୧୦
ଦିବ୍ୟମାଳା ଦିବ୍ୟବସ୍ତ୍ର ସୁଶୋଭିତ ଦିବ୍ୟଗନ୍ଧାନୁଲେପନ
ସର୍ବତ୍ର ଆଶ୍ଚର୍ଯ୍ୟମୟ ଦିବ୍ୟରୂପ ସର୍ବଦିଶାରେ ବଦନ ।୧୧

---

୮ କିନ୍ତୁ ତୁମର ଏ ଚକ୍ଷୁଦ୍ୱାରା ମୋ ଦିବ୍ୟରୂପ ଦର୍ଶନ କରିବାକୁ ସମର୍ଥ ହୋଇପାରିବ ନାହିଁ, ତେଣୁ ମୁଁ ତୁମକୁ ଦିବ୍ୟଦୃଷ୍ଟି ପ୍ରଦାନ କରୁଛି ତା ବଳରେ ତୁମେ ମୋର ଏହି ଇଶ୍ୱରୀୟ ଯୋଗଲୀଳା ଦର୍ଶନ କରିପାରିବ ।

୯ ସଞ୍ଜୟ କହିଲେ ହେ ମହାରାଜ ଏହିପରି କହି ମହାଯୋଗେଶ୍ୱର ହରି ଅର୍ଜୁନଙ୍କୁ ନିଜର ପରମଇଶ୍ୱର ରୂପ ପ୍ରଦର୍ଶନ କଲେ । ଭଗବାନ ବେଦବ୍ୟାସଙ୍କ କୃପାରୁ ସଞ୍ଜୟ ଦିବ୍ୟ ଚକ୍ଷୁ ପାଇ ମହାଭାରତ ଯୁଦ୍ଧର ବୃତ୍ତାନ୍ତ ମହାରାଜା ଧୃତରାଷ୍ଟ୍ରଙ୍କୁ କହୁଛନ୍ତି ଯାହା କି ଅଧୁନା ଲାଇଭ୍ ଟେଲିକାଷ୍ଟ ବୋଲି କୁହାଯାଏ ।

୧୦,୧୧ ଅନେକ ମୁଖ, ଅଗଣିତ ନୟନ, ଅଗଣିତ ଅଦ୍ଭୂତ ଦର୍ଶନୀୟ ପଦାର୍ଥ, ଅନେକ ଦିବ୍ୟ ଆଭରଣବିଶିଷ୍ଟ ଏବଂ ଅନେକ ଦିବ୍ୟ ଅସ୍ତ୍ରରେ ସଜ୍ଜିତ ହୋଇଥିବା ଭଗବାନଙ୍କ ଐଶ୍ୱରୀୟ ରୂପ ଅର୍ଜୁନଙ୍କ ସମ୍ମୁଖରେ ଉଦ୍ଭାସିତ ହୋଇ ଉଠିଲା । ସେହି ବିଶ୍ୱରୂପ ,ଦିବ୍ୟମାଳା, ଦିବ୍ୟ ବସ୍ତ୍ରରେ ସୁଶୋଭିତ, ସର୍ବାଙ୍ଗରେ ଦିବ୍ୟଚନ୍ଦନ ଅନୁଲେପନ ହୋଇଥିଲା । ସକଳ ଦିଗରେ ବଦନ ପ୍ରକଟିତ ହୋଇ ସେ ଅନନ୍ତରୂପରୁ ସବୁଠାରୁ ଆଶ୍ଚର୍ଯ୍ୟ ପ୍ରକାର ଜ୍ୟୋତି ନିର୍ଗତ ହେଉଥିଲା ।

---

ଆକାଶେ ସହସ୍ର ସୂର୍ଯ୍ୟ ଏକାବେଳେ ହୁଏଯଦି ସମୁତ୍‌ଥିତ
ନହେବ ସଦୃଶ ଭାତି ନିସନ୍ଦେହେ ମହାତ୍ମା ଦିପ୍ତି ସହିତ ।୧୨
ସମଗ୍ର ଜଗତ ସ୍ଥିତ ଏକତ୍ରିତ ପ୍ରବିଭକ୍ତ ଅନେକଧା
ଦେଖିଲେ ଦେବଦେବଙ୍କ ଏକଅଂଶେ ଶରୀରେ ଅର୍ଜୁନ ତଦା ।୧୩
ତାପରେ ବିସ୍ମୟାନ୍ୱୀତ ପୁଲକରେ ଧନଞ୍ଜୟ ରୋମାଞ୍ଚିତ
ବିନତ ମସ୍ତକେ ତାଙ୍କୁ ପ୍ରଣମିଣ କୃତାଞ୍ଜଳିରେ ଭାଷିତ ।୧୪

---

୧୨ ଆକାଶରେ ଯଦି ଏକସମୟରେ ସହସ୍ର ସୂର୍ଯ୍ୟ ଉଦୟ ହୁଅନ୍ତି ତେବେ ସେଥିରୁ ଯେଉଁ ଜ୍ୟୋତି ନିର୍ଗତ ହେବ ସେହି ଜ୍ୟୋତି ସେ ମହାନ୍ ପୁରୁଷଙ୍କ ଜ୍ୟୋତି ସହିତ ସମାନ ହେବ ନାହିଁ ,ଏଥିରେ ସନ୍ଦେହ ନାହିଁ ।

୧୩ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ଅନେକ ପ୍ରକାର ବିଭକ୍ତ ହୋଇ ସେଠାରେ ଏକତ୍ରହୋଇ ଭଗବାନଙ୍କ ଶରୀରର ଏକଅଂଶରେ ବିରାଜମାନ କରୁଥିବା ଅର୍ଜୁନ ଦେଖିଲେ ।

୧୪ ଅର୍ଜୁନ ବିସ୍ମୟାନ୍ୱୀତ ହୋଇଗଲେ ଓ ତାଙ୍କର ଶରୀର ରୋମାଞ୍ଚିତ ହୋଇ ଉଠିଲା । ସେ ସେହି ବିରାଟ ରୂପଧାରୀ ଦେବଙ୍କୁ ପ୍ରଣାମ କରି ଯୋଡ ହସ୍ତରେ କହିଲେ……

---

ଅର୍ଜୁନ ଉବାଚ

ଦେଖିଲି ଦେବତାଗଣ ଦେବ ତବ ଦେହେ
ତଥା ସକଳ ପ୍ରଧାନ ଜୀବସମୂହକୁ
ବ୍ରହ୍ମା କମଳାସନସ୍ଥ ତଥା ମହାଦେବ
ଋଷିଗଣ ଆଉ ସବୁ ଦିବ୍ୟ ଉରଗକୁ ।୧୫
ଅନେକ ବାହୁ ଉଦର ବଦନ ଓ ନେତ୍ର
ଦେଖୁଛି ତୁମ ସର୍ବତ୍ର ଅନନ୍ତ ରୂପକୁ
ନାହିଁଅନ୍ତ ନାହିଁ ମଧ୍ୟ ନାହିଁ ତବ ଆଦି
ଦେଖୁଛି ହେ ବିଶ୍ୱେଶ୍ୱର ସେ ବିଶ୍ୱରୂପକୁ ।୧୬

---

୧୫ ଅର୍ଜୁନ କହଲେ, ମୁଁ ସକଳ ଦେବଗଣ ଓ ସକଳ ପ୍ରକାର ପ୍ରଧାନ ପ୍ରଧାନ ଜୀବ ସମୂହକୁ କମଳାସନସ୍ଥ ବ୍ରହ୍ମାଙ୍କୁ, ଜଗତର ଇଶ ମହାଦେବଙ୍କୁ, ସକଳ ଋଷିଗଣ ଓ ସମସ୍ତ ଦିବ୍ୟ ସରିସୃପ ଗଣଙ୍କୁ(ବାସୁକୀ ଇତ୍ୟାଦି) ତବ ଦେହରେ ଦେଖିପାରିଲି ।

୧୬ ହେ ବିଶ୍ୱେଶ୍ୱର ମୁଁ ଅନେକ ବାହୁ ଉଦର ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତ ରୂପକୁ ସର୍ବତ୍ର ଦେଖିପାରୁଛି ଯାହାର କି କେଉଁଠି ହେଲେ ଆଦ୍ୟ ମଧ୍ୟ ଓ ଅନ୍ତ ଦେଖିପାରୁନାହିଁ ।

---

କିରୀଟିଭୂଷିତ ଗଦା ହସ୍ତ ଚକ୍ରଧାରୀ
ତେଜରାଶିରେ ସର୍ବତ୍ର ହୁଏ ଦୀପ୍ତିମନ୍ତ
ଦେଖୁଛି ତୁମର ତେଜ ନିରୀକ୍ଷେ ଅସହ୍ୟ
ସର୍ବତ୍ର ଅନଳ ଅର୍କ ଦ୍ୟୁତି ଅପ୍ରମିତ ।୧୭
ତୁମେ ଅକ୍ଷର ପରମ ଜାଣିବା ଉଚିତ
ତୁମେ ହିଁ ଏହି ବିଶ୍ୱର ପରମ ଆଧାର
ତୁମେ ଅବ୍ୟୟ ଶାଶ୍ୱତ ଧର୍ମ ରକ୍ଷାକର୍ତ୍ତା
ସନାତନ ପୁରୁଷ ବି ଏ ମୋର ବିଚାର ।୧୮

---

୧୭ ସର୍ବତ୍ର ଆପଣଙ୍କର କିରୀଟିଧାରୀ ,ଗଦାହସ୍ତ ଓ ଚକ୍ରଧାରୀ ତେଜୋମୟ ଦୀପ୍ତିମୟ ରୂପ ଦେଖିବାକୁ ପାଉଛି । ଆପଣଙ୍କର ସେହି ଅପରିମିତ ଜ୍ୱଳନ୍ତ ଅଗ୍ନି ବା କୋଟି ସୂର୍ଯ୍ୟଙ୍କ ପ୍ରଭା ନିରୀକ୍ଷଣ କରିବାକୁ ଅତ୍ୟନ୍ତ କଷ୍ଟ ହେଉଛି ।

୧୮ ମୋ ମତରେ ଆପଣ ହିଁ ଜ୍ଞାତବ୍ୟ ପରମ ଅକ୍ଷର । ଆପଣ ଏହି ବିଶ୍ୱର ପରମ ଆଶ୍ରୟ ଓ ସନାତନ ଧର୍ମର ରକ୍ଷକ ଏବଂ ଆପଣ ହିଁ ଅବିନାଶୀ ସନାତନ ପୁରୁଷ ।

---

ଆଦି ମଧ୍ୟ ଅନ୍ତ ହିନ ଅନନ୍ତ ଶକ୍ତିର
ଅନନ୍ତ ବାହୁବିଶିଷ୍ଟ ଶଶିସୂର୍ଯ୍ୟ ନେତ୍ର
ଦେଖୁଛି ତୁମ୍ଭକୁ ଦୀପ୍ତ ଜ୍ୱଳନ୍ତ ବଦନ
ସ୍ୱକୀୟତେଜରେ ବିଶ୍ୱ ହେଉଛି ସନ୍ତପ୍ତ ।୧୯
ସ୍ୱର୍ଗ ମର୍ତ୍ତ୍ୟ ଅନ୍ତରସ୍ଥ ମହାଶୂନ୍ୟ ମଧ୍ୟ
କେବଳ ଆପଣ ବ୍ୟାପ୍ତ ଦିଶରେ ସମସ୍ତ
ଦେଖି ତୁମ୍ଭର ଏହି ଉଗ୍ର ଅଦ୍ଭୂତ ରୂପ
ହେ ମହାତ୍ମା ତିନିଲୋକ ଭୟରେ ବ୍ୟଥିତ ।୨୦

---

୧୯ ମୁଁ ଦେଖୁଛି ଆପଣଙ୍କର ଆଦି ମଧ୍ୟ ଓ ଅନ୍ତ ନାହିଁ । ଆପଣ ଅସୀମ ଶକ୍ତିର ଆଧାର ଓ ଅସଂଖ୍ୟ ବାହୁ ବିଶିଷ୍ଟ ଏବଂ ସୂର୍ଯ୍ୟ ଚନ୍ଦ୍ର ଆପଣଙ୍କ ନେତ୍ର ରୂପେ ବିଦ୍ୟମାନ । ଆପଣଙ୍କ ମୁଖମଣ୍ଡଳ ଜ୍ୱଳନ୍ତ ଅଗ୍ନିର ଜ୍ୟୋତି ଓ ଆପଣ ସ୍ୱକୀୟ ତେଜରେ ସମଗ୍ର ବିଶ୍ୱକୁ ସନ୍ତପ୍ତ କରୁଛନ୍ତି ।

୨୦ ହେ ମହାତ୍ମା , ସ୍ୱର୍ଗ ମର୍ତ୍ତ୍ୟ ଆଉ ଏମାନଙ୍କ ମଧ୍ୟବର୍ତ୍ତି ସ୍ଥାନ ମହାଶୂନ୍ୟ ଓ ସମସ୍ତ ଦିଗରେ କେବଳ ଆପଣ ହିଁ ବ୍ୟାପି ରହିଛନ୍ତି । ଆପଣଙ୍କର ଏ ଅଦ୍ଭୂତ ଉଗ୍ର ରୂପ ଦେଖି ତିନିଲୋକ ଭୟରେ ବ୍ୟଥିତ ହୋଇ ପଡିଲେଣି ।

---

ସୁରଗଣ ତୁମଠାରେ ପ୍ରବିଶନ୍ତି ସର୍ବେ
ଭୟଭୀତ କେହି କୃତାଞ୍ଜଳୀରେ ଭଜନ୍ତି
ସ୍ୱସ୍ତି ବାଚନ ମହର୍ଷି ସିଦ୍ଧଗଣ କହି
ସୁନ୍ଦର ସୁନ୍ଦର ସ୍ତୋତ୍ରେ ତୁମକୁ ସ୍ତୁବନ୍ତି ।୨୧
ରୁଦ୍ର ଓ ଆଦିତ୍ୟ ବସୁ ମଧ୍ୟ ସାଧ୍ୟଗଣ
ବିଶ୍ୱଦେବାଶ୍ୱିନୀଦ୍ୱୟ ଉଷ୍ମପା ମରୁତେ
ଗନ୍ଧର୍ବ ଯକ୍ଷ ଅସୁର ଆଉ ସିଦ୍ଧଗଣ
ଚାହିଁ ରହିଛନ୍ତି ସର୍ବେ ତୁମକୁ ବିସ୍ମିତେ ।୨୨

---

୨୧ ସର୍ବେ ଦେବଗଣ ଆପଣଙ୍କ ଭିତରେ ହିଁ ପ୍ରବେଶ କରୁଛନ୍ତି । କେହି କେହି ଭୀତତ୍ରସ୍ତ ହୋଇ କରପତ୍ର ସଂଯୋଗରେ ଆପଣଙ୍କର ଗୁଣ କୀର୍ତ୍ତନ କରୁଛନ୍ତି । କଲ୍ୟାଣହେଉ କହି ମହର୍ଷି ଓ ସିଦ୍ଧଗଣ ଭାବପୁର୍ଣ୍ଣ ହୋଇ ସୁନ୍ଦର ସୁନ୍ଦର ସ୍ତୋତ୍ରରେ ଆପଣଙ୍କର ସ୍ତୁତିଗାନ କରୁଛନ୍ତି ।

୨୨ ରୁଦ୍ରଗଣ,ଆଦିତ୍ୟଗଣ ବସୁଗଣ ସାଧ୍ୟଗଣ,ବିଶ୍ୱଦେବଗଣ, ଅଶ୍ୱିନୀକୁମାର ଦ୍ୱୟ ମରୁତଗଣ ଓ ପିତୃଗଣ ଗନ୍ଧର୍ବ ଯକ୍ଷ ଅସୁର ଓ ସିଦ୍ଧଗଣ ସର୍ବେ ବିସ୍ମିତ ନୟନରେ ଆପଣଙ୍କୁ ଚାହିଁ ରହିଛନ୍ତି ।

---

ମହାନ ରୂପ ତୁମର ବହୁ ବକ୍ତ୍ର ନେତ୍ର
ହେ ମହାବାହୁ ବହୁତ ବାହୁ ଉରୁ ପାଦ
ବହୁତ ଉଦର ବହୁ ଦଶନ କରାଳ
ଦର୍ଶନେ ମୁଁ ଓ ତ୍ରିଲୋକ ବ୍ୟଥିତ ଆପାଦ ।୨୩
ନଭସ୍ପର୍ଶି ରୂପ ଦୀପ୍ତ ଅନେକ ବର୍ଣ୍ଣର
ବ୍ୟାଦାନତ ମୁଖ ଦୀପ୍ତ ବିଶାଳ ନୟନ
ଦର୍ଶନେ ତୁମକୁ ପ୍ରବ୍ୟଥିତ ଅନ୍ତରାତ୍ମା
ହେ ବିଷ୍ଣୁ ନାହିଁ ମୋ ଧୈର୍ଯ୍ୟ ଶାନ୍ତ ନୁହେଁ ମନ ।୨୪

---

୨୩ ହେ ମହାବାହୁ ଆପଣଙ୍କର ବହୁ ମୁଖ,ବହୁ ନୟନ, ବହୁ ବାହୁ, ବହୁ ଉରୁ ଓ ବହୁ ଚରଣ ବହୁ ଉଦର ତଥା ବହୁତ କରାଳ ଦଶନ ରହିଥିବା ଦେଖି ମୁଁ ଓ ତ୍ରିଲୋକର ଜୀବଗଣ ଭୟରେ ଆପାଦ ମସ୍ତକ ଥରହର ହେଉଛୁ ।

୨୪ ହେ ଭଗବାନ ବିଷ୍ଣୁ ଆପଣଙ୍କର ନଭସ୍ପର୍ଶି ତେଜୋମୟ ଅନେକ ବର୍ଣ୍ଣ ବିଶିଷ୍ଟ ବ୍ୟାଦାନତ ମୁଖ ଓ ଜ୍ୱଳନ୍ତ ବିଶାଳ ନୟନ ଦେଖି ମୋର ଅନ୍ତରାତ୍ମା ବ୍ୟଥିତ ହୋଇ ଉଠୁଛି । ମୁ ଧୈର୍ଯ୍ୟ ଧରିପାରୁ ନାହିଁ ମନକୁ ନିୟନ୍ତ୍ରଣ କରିପାରୁ ନାହିଁ । ମୁଁ ଅତ୍ୟନ୍ତ ଭୀତତ୍ରସ୍ତ ହୋଇ ପଡିଛି ।

---

ଦଶନ କରାଳ ତବ ବିକରାଳ ମୁଖ
ଦର୍ଶନେ ଜ୍ୱଳନ୍ତ କାଳ ଅନଳ ସଦୃଶ
ହେଉଅଛି ଦିଗଭ୍ରଷ୍ଟ ନଲଭଇ ଶାନ୍ତି
ପ୍ରସନ୍ନ ହୁଅ ଦେବେଶ ହେ ଜଗନ୍ନିବାସ ।୨୫
ଏହିପରି ସର୍ବେ ଧୃତରାଷ୍ଟ୍ର ପୁତ୍ରଗଣ
ସମସ୍ତ ଅବନିପାଳ ଗଣଙ୍କ ସହିତ
ଭୀଷ୍ମ ଆଉ ଦ୍ରୋଣ ତଥା ସୁତପୁତ୍ର ସହ
ଆମ୍ଭ ମୁଖ୍ୟ ଯୋଦ୍ଧାଗଣ ମିଶି ତା ସହିତ ।୨୬
ମୁଖଗହ୍ୱରେ ତୁମର ଦୃତେ ପ୍ରବିଶନ୍ତି
କରାଳ ଦଶନ ତିବ୍ର ଅତି ଭୟାନକ
ଦଶନ ମଧ୍ୟରେ କେହି ରହିଛି ସଂଲଗ୍ନ
ଦୃଶ୍ୟହେଉଅଛି ଚୁର୍ଣ୍ଣ ବିଚୁର୍ଣ୍ଣ ମସ୍ତକ ।୨୭

---

୨୫ ହେ ଦେବେଶ ଆପଣଙ୍କର ବିକରାଳ ଦନ୍ତପଙ୍କ୍ତିବିଶିଷ୍ଟ, କାଳାନଳ ପରି ଜ୍ୱଳନ୍ତ ମୁଖକୁ ଦେଖି ମୁଁ ଭୟରେ ଦିଗଭ୍ରଷ୍ଟ ହୋଇଯାଉଛି, ଶାନ୍ତ ହୋଇ ରହିପାରୁନାହିଁ ହେ ଜଗତର ଆଧାର ମୋ ଉପରେ ପ୍ରସନ୍ନ ହୁଅନ୍ତୁ ମତେ କ୍ଷମା କରନ୍ତୁ ।

୨୬,୨୭ ଧୃତରାଷ୍ଟ୍ର ପୁତ୍ରଗଣ, ସମସ୍ତ ଅବନିପାଳ ବା ରାଜାଗଣ, ଭୀଷ୍ମ, ଦ୍ରୋଣ, ସୁତପୁତ୍ର କର୍ଣ୍ଣ ଏବଂ ଆମ୍ଭପକ୍ଷର ମୁଖ୍ୟ ଯୋଦ୍ଧାଗଣ ଓ ସେମାନଙ୍କ ମଧ୍ୟରୁ କେହି କେହି ଦୃତବେଗରେ ଧାଇଁଆସି ବିକରାଳ ଦନ୍ତପଙ୍କ୍ତି ସହ ବିଶାଳ ମୁଖ ଗହ୍ୱର ମଧ୍ୟରେ ପ୍ରବେଶ କରୁଛନ୍ତି । କେତେକଙ୍କ ମସ୍ତକ ଚୁର୍ଣ୍ଣ ବିଚୁର୍ଣ୍ଣ ହୋଇ ଆପଣଙ୍କ ଦନ୍ତ ସନ୍ଧିରେ ଲାଗି ରହିଥିବାର ଦେଖାଯାଉଛି ।

---

ଯଥା ନଦୀମାନଙ୍କରେ ବହୁ ଜଳ ସ୍ରୋତ
ସମୁଦ୍ରର ଅଭିମୁଖେ ହୁଅନ୍ତି ଧାବିତ
ସେପରି ଏହିସମସ୍ତ ନରଲୋକ ବୀର
ବିଶନ୍ତି ମୁଖ ଗହ୍ବରେ ଜ୍ୱଳନ୍ତି ସମୂହ ।୨୮
ଯଥା ପ୍ରଦୀପ୍ତ ଅଗ୍ନିରେ ପତଙ୍ଗ ସମୂହ
ବିନାଶପାଇଁ ପଡନ୍ତି ପ୍ରବଳବେଗରେ
ସେପରି ବିନାଶପାଇଁ ଜୀବ ପ୍ରବିଶନ୍ତି
ତୁମର ମୁଖ ଗହ୍ବରେ ପ୍ରବଳ ବେଗରେ ।୨୯

---

୨୮ ଯେପରି ନଦୀମାନଙ୍କରେ ବହୁ ଜଳର ସ୍ରୋତ ସମୁଦ୍ରର ଅଭିମୁଖେ ପ୍ରବାହିତ ହୋଇଥାନ୍ତି ସେପରି ଏ ସମସ୍ତ ନରଲୋକ ବୀରଗଣ ଆପଣଙ୍କର ଭୀଷଣ ମୁଖଗହ୍ବର ମଧ୍ୟରେ ପ୍ରବେଶ କରି ଜଳି ଯାଉଛନ୍ତି ।

୨୯ ଯେପରି ପତଙ୍ଗସମୂହ ବିନାଶ ପାଇଁ ପ୍ରବଳ ବେଗରେ ଧାଇଁ ଜ୍ୱଳନ୍ତ ଅଗ୍ନିରେ ପଡନ୍ତି ସେପରି ବିନାଶପାଇଁ ଏହି ସମସ୍ତ ଜୀବ,ସ୍ଥାବର, ଜଙ୍ଗମ, କୀଟ,ପତଙ୍ଗ, ଦାନବ, ଯକ୍ଷ, ରକ୍ଷ ଇତ୍ୟାଦି ପ୍ରବଳ ବେଗରେ ଆପଣଙ୍କ ଜ୍ୱଳନ୍ତ ମୁଖ ଗହ୍ବରେ ପ୍ରବେଶ କରୁଛନ୍ତି ।ଚଳଚିତ୍ରର ଛବି ଗୁଡିକ ପରି ଏଗୁଡିକ ଗୋଟି ଗୋଟି ହୋଇ କାଳର ସ୍ରୋତ ମୁଖରେ ବହି ଚାଲିଛନ୍ତି ।

---

ଗ୍ରାସକରି ଚତୁର୍ପାର୍ଶ୍ବ ଲେହନ କରନ୍ତି
ଏହି ସମଗ୍ର ଜଗତ ଜ୍ୱଳନ୍ତ ବଦନେ
ତେଜେ ପରିପୂର୍ଣ୍ଣ କରି ଜଗତ ସମଗ୍ର
ଉଗ୍ର ତେଜଦ୍ୱାରା ବିଷ୍ଣୁ ତାପିତ ଜ୍ୱଳନେ ।୩୦
କହନ୍ତୁ ମତେ ଆପଣ କିଏ ଉଗ୍ରରୂପୀ
ହେ ଦେବ ପ୍ରସନ୍ନ ହୁଅ କରେ ନମସ୍କାର
ଜାଣିବାକୁ ହୁଏ ଇଚ୍ଛା ଆପଣଙ୍କ ଆଦ୍ୟ
ନଜାଣିପାରଇ ମୁଁହି କି କାର୍ଯ୍ୟେ ପ୍ରବର ।୩୧

---

୩୦ ହେ ବିଷ୍ଣୁ ,ହେ ଭଗବାନ, ଆପଣ ,ଆପଣଙ୍କର ଏ ଜ୍ୱଳନ୍ତ ମୁଖରେ ସମଗ୍ର ଜୀବ ଜଗତକୁ ଗ୍ରାସକରି ଆସ୍ୱାଦପାଇଁ ଲେହନ କରୁଛନ୍ତି । ଆପଣଙ୍କର ତେଜରେ ସମଗ୍ର ଜଗତକୁ ବ୍ୟାପିରହିଛି ଓ ସେହି ଉଗ୍ରତେଜ ଯୋଗେ ସମଗ୍ର ଜଗତ ପ୍ରବଳ ତାପରେ ତାପିତ ହେଉଛି ।

୩୧ ହେ ଉଗ୍ରରୂପୀ, ମତେ କୁହନ୍ତୁ ଆପଣ କିଏ , ହେ ଦେବ ମୁଁ ଆପଣଙ୍କୁ ନମସ୍କାର କରୁଛି ଆପଣ ମୋ ପ୍ରତି ପ୍ରସନ୍ନ ହୁଅନ୍ତୁ । ଆପଣଙ୍କ ଆଦ୍ୟ କଣ ବା ଆପଣ କେଉଁଠୁ ଆସିଲେ ଓ ଆପଣ କେଉଁ କାର୍ଯ୍ୟରେ ପ୍ରବୃତ୍ତ ରହନ୍ତି ମୁଁ କିଛି ଜାଣିପାରୁ ନାହିଁ ।

---

ଶ୍ରୀ ଭଗବାନ ଉବାଚ

କାଳ ମୁଁହି କ୍ଷୟକାରୀ ବର୍ଦ୍ଧିତ ଲୋକର
ଜୀବଲୋକ ସଂହାରଣେ ଏଠାରେ ପ୍ରବୃତ୍ତ
ଯୁଦ୍ଧରେ ଅନିଚ୍ଛା ସତ୍ୱେ ନରହିବେ ସର୍ବେ
ଶତୃସେନା ଯୋଦ୍ଧା ଯିଏ ଏଠାରେ ସଜ୍ଜିତ ।୩୨
ତେଣୁ ତୁମେ ଠିଆହୁଅ ଯଶ ଲାଭକର
ଶତୃଜୟେ ଭୋଗକର ରାଜ୍ୟ ନିସ୍କଣ୍ଟକ
ପୂର୍ବରୁ ମୋଦ୍ୱାରା ସର୍ବେ ହୋଇଛନ୍ତି ହତ
ଆହେ ସବ୍ୟସାଚି ହୁଅ ନିମିତ୍ତ ମାତ୍ରକ ।୩୩

---

୩୨ ମୁଁ ହେଉଛି କ୍ଷୟକାରୀ କାଳ, ଯେତେବେଳେ ଜୀବଗଣ ଉକ୍ରଟଭାବରେ ବୃଦ୍ଧି ପାଇବେ ମୁଁ ସେମାନଙ୍କୁ ସଂହାର କରିବାକୁ ଏଠାରେ ପ୍ରବୃତ୍ତ ରହିଛି । ତୁମେ ଯୁଦ୍ଧରେ ଅନିଚ୍ଛା ପ୍ରକାଶ କଲେ ବି ଏଠାରେ ଶତୃପକ୍ଷର ଯେଉଁ ଯୋଦ୍ଧାମାନେ ସଜ୍ଜିତ ରହିଛନ୍ତି ସେମାନେ କେହି ରହିବେ ନାହିଁ ନିଶ୍ଚିତ ଭାବରେ ନିହତ ହେବେ ।

୩୩ ସୁତରାଂ ହେ ଅର୍ଜୁନ ଯୁଦ୍ଧପାଇଁ ଦଣ୍ଡାୟମାନ ହୁଅ ଓ ଯଶ ଲାଭକର ଶତୃ ନିପାତକରି ନିସ୍କଣ୍ଟକ ରାଜ୍ୟ ଭୋଗକର ।

---

ଦ୍ରୋଣ ଭୀଷ୍ମ ଜୟଦ୍ରଥ ମଧ୍ୟ ବୀର କର୍ଣ୍ଣ
ଆଉ ମଧ୍ୟ ସବୁ ଅନ୍ୟମାନେ ଯୋଧବୀର
ମୋଦ୍ୱାରା ହତ ସେମାନେ ନ ହୁଅ ବ୍ୟଥିତ
ଯୁଦ୍ଧକର ଶତୃଗଣେ ରଣେ ଜୟକର ।୩୪
ସଞ୍ଜୟ ଉବାଚ
କେଶବଙ୍କର ଏପରି ବଚନକୁ ଶୁଣି
କୃତାଞ୍ଜଳିରେ କିରୀଟି ହୋଇ ଥରଥର
ନମସ୍କାର ପୁନଃ ପୁନଃ  କହିଲେ କୃଷ୍ଣଙ୍କୁ
ଡରି ଡରି ପ୍ରଣମିଲେ ଗଦ୍ଗଦ କଣ୍ଠର  ।୩୫

---

୩୪ ଦ୍ରୋଣ ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ତଥା ଅନ୍ୟାନ୍ୟ ବୀର ଯୋଦ୍ଧାଗଣ ସମସ୍ତେ ମୋ ଦ୍ୱାରା ନିହତ ହୋଇ ଯାଇଛନ୍ତି ।ତେଣୁ ତୁମେ ନିମିତ୍ତମାତ୍ର ହୋଇ ଯୁଦ୍ଧକର ଓ ବଧ ହୋଇ ଯାଇଥିବା ଶତୃଗଣଙ୍କୁ ପରାସ୍ତ କର। ଯେଉଁମାନେ ମୋ ଦ୍ୱାରା ନିହତ ହୋଇଛନ୍ତି ସେମାନଙ୍କୁ ବଧ କଲେ ତୁମର କୌଣସି ପାପ ହେବନାହିଁ।

୩୫ ସଞ୍ଜୟ କହିଲେ କୃଷ୍ଣଙ୍କର ଏପରି ବଚନ ଶୁଣି ଅର୍ଜୁନ ଥରଥର ହୋଇ ନମସ୍କାର କରି ଭୟଭୀତ ହୋଇ ରୁଦ୍ଧ କଣ୍ଠରେ କହିଲେ......

---

ଅର୍ଜୁନ ଉବାଚ

ଯଥାର୍ଥ ତୁମର କୀର୍ତ୍ତି ଗାନେ ହୃଷୀକେଶ
ଜଗତ ପ୍ରସନ୍ନ ଚିତ୍ତେ ହୁଏ ଆନନ୍ଦିତ
ରାକ୍ଷସେ ଭୟେ କରନ୍ତି କାହିଁ ପଳାୟନ
ନମସ୍କାର କରୁଛନ୍ତି ସଂସିଦ୍ଧ ସମସ୍ତ ।୩୬
ମହାତ୍ମା ନମିବେ ନାହିଁ କାହିଁ ସେହିମାନେ
ତୁମେବ୍ରହ୍ମା ଆଦି କର୍ତ୍ତା ଗୁରୁ ଗୁରୁଙ୍କର
ହେ ଅନନ୍ତ ହେ ଦେବେଶ ହେ ଜଗନ୍ନିବାସ
ତୁମେହିଁ ଅକ୍ଷର ସତ୍ ଅସତ୍ ତତ୍ପର ।୩୭

---

୩୬ ହେ ହୃଷୀକେଶ ଏହାହିଁ ଯଥାର୍ଥ ଯେ ଆପଣଙ୍କର କୀର୍ତ୍ତି ଗାନ କରି ସାରା ଜଗତ ପ୍ରସନ୍ନ ଚିତ୍ତ ଓ ଆନନ୍ଦିତ ହୋଇଯାନ୍ତି । ଆପଣଙ୍କ ନାମ ଉଠିଲେ ରାକ୍ଷସ ଗଣ ଭୟରେ ଛତ୍ରଭଙ୍ଗ ଦେଇ ଚତୁର୍ଦ୍ଦୀଗରେ ପଳାୟନ କରନ୍ତି ଓ ସିଦ୍ଧଗଣ ଆପଣଙ୍କୁ ନମସ୍କାର କରୁଥାନ୍ତି ।

୩୭ ହେ ମହାତ୍ମା ଆପଣତ ବ୍ରହ୍ମାଙ୍କର ଆଦିକର୍ତ୍ତା ଗୁରୁଙ୍କର ଗୁରୁ ସେମାନେ (ସିଦ୍ଧଗଣମାନେ) ଆପଣଙ୍କୁ ନମସ୍କାର ନ କରିବେ କାହିଁକି । ହେ ଅନନ୍ତ ହେ ଦେବେଶ ହେ ଜଗତର ଆଧାର ତୁମେ ହିଁ ଅକ୍ଷର ସତ୍ ଓ ଅସତ୍ ର ଅତୀତ ଆଉ ଯାହା କିଛି ଅଛି ତାହା ମଧ୍ୟ ଆପଣ ।

---

ତୁମେ ହିଁ ଆଦି ଦେବତା ପୁରୁଷ ପୁରାଣ
ତୁମେ ହିଁ ଏହି ବିଶ୍ୱର ପରମ ଆଧାର
ଜ୍ଞାତା ଜ୍ଞେୟ ଅଟ ମଧ୍ୟ ଓ ପରମଧାମ
ତୁମଦ୍ୱାରା ବ୍ୟାପ୍ତ ବିଶ୍ୱ ଅନନ୍ତରୂପର ।୩୮
ବାୟୁ ଯମ ଅଗ୍ନି ଆଉ ବରୁଣ ଶଶାଙ୍କ
ଆପଣହିଁ ପ୍ରଜାପତି ଓ ପ୍ରପିତାମହ
ନମୋ ନମସ୍ତେ ତୁମକୁ ସହସ୍ର ସଂଖ୍ୟାର
ଏବଂ ପୁନଃ ନମସ୍କାର ନମହ ନମହ ।୩୯
ନମହ ସମ୍ମୁଖେ ଏବଂ ନମଃ ପୃଷ୍ଠଭାଗେ
ନମହ ସର୍ବସ୍ୱରୂପ ସକଳ ଭାଗରେ
ହେ ଅନନ୍ତବୀର୍ଯ୍ୟ ତୁମେ ଅମୀତବିକ୍ରମ
କରସର୍ବ ସମାବେଶ ସର୍ବାତ୍ମରୂପରେ ।୪୦

---

୩୮ ଆପଣ ଆଦିଦେବ, ଆପଣ ପୁରାଣ ପୁରୁଷ, ଆପଣ ହିଁ ଏହି ବିଶ୍ୱର ପ୍ରଧାନ ଆଶ୍ରୟ, ଆପଣ ଜ୍ଞାତା ଜ୍ଞେୟ ଓ ପରମପଦ, ହେ ଅନନ୍ତରୂପ ହେ ଅନନ୍ତଇଶ୍ୱର ଆପଣ ହିଁ ସର୍ବତ୍ର ବ୍ୟାପ୍ତଉ ଅଛନ୍ତି ।

୩୯ ଆପଣ ହିଁ ବାୟୁ ଯମ ଅଗ୍ନି ବରୁଣ ଚନ୍ଦ୍ରମା ପ୍ରଜାପତି ଓ ପ୍ରପିତାମହ । ଆପଣଙ୍କୁ ବାରମ୍ବାର ନମସ୍କାର, ପୁନଃ ନମସ୍କାର ଓ ପୁଣି ବାରମ୍ବାର ନମସ୍କାର ।

୪୦ ହେ ସର୍ବ ବା ସର୍ବାତ୍ମନ,ସର୍ବସ୍ୱରୂପ ମୁଁ ଆପଣଙ୍କୁ ସମ୍ମୁଖରେ ପୃଷ୍ଠଭାଗରେ ଓ ସମସ୍ତ ଭାଗରେ ନମସ୍କାର କରୁଛି । ହେ ଅନନ୍ତବୀର୍ଯ୍ୟ ଆପଣ ଅମୀତ ବିକ୍ରମ ,ଆପଣ ସର୍ବସ୍ୱରୂପରେ ସମସ୍ତଙ୍କୁ ସମାବେଶିତ କରି ସର୍ବତ୍ର ବ୍ୟାପି ରହିଅଛନ୍ତି ।

ସଖା ଭାବି ଅବିଚାରେ ଯାହାମୁଁ କହିଛି
ହେ କୃଷ୍ଣ ହେ ଯାଦବ ହେ ସଖା ଏଭଳି
ଅଜାଣତେ ଆପଣଙ୍କ ଏପରି ମହିମା
ପ୍ରମାଦବଶତଃ ଅବା ପ୍ରେମାବେଗ ଭାଳି ।୪୧
ଯା କହିଛି ପରିହାସେ ଅବା ଅସମ୍ମାନେ
ବିହାରେ ଶଯ୍ୟା ଆସନେ ଭୋଜନ ସମୟେ
ଏକାକୀ ଅବା ଅଚ୍ୟୁତ ବନ୍ଧୁ ସମ୍ମୁଖରେ
ମାଗେ କ୍ଷମା ଆପଣଙ୍କ ଅମାପ ହୃଦୟେ ।୪୨
ଚରାଚର ଜଗତର ଆପଣ ହିଁ ପିତା
ଆପଣ ହିଁ ପୂଜନୀୟ ଗୁରୁ ଗରୀୟାନ
ନାହିଁ ତବ ସମ କେହି, ଅଧିକ କେ ଅବା
ତିନିଲୋକରେ ବି ନାହିଁ ପ୍ରଭାବପ୍ରତୀମ ।୪୩

୪୧,୪୨ ମୁଁ ଆପଣଙ୍କର ଏପରି ମହିମା ଜାଣି ନପାରି ଆପଣଙ୍କୁ କେବଳ ଜଣେ ସଖା ମନେକରି ପ୍ରମାଦ ବଶତଃ ଅଥବା ସ୍ନେହ ଶ୍ରଦ୍ଧାବଶତଃ ନିର୍ବିଚାର ଭାବରେ ସମ୍ବୋଧନ କରି ଯାହା କିଛି କହିଛି ଏବଂ ଆହାର ବିହାର ଶୟନେ ଏକାକୀ ଅଥବା ଆପଣଙ୍କ ସମକକ୍ଷ ବନ୍ଧୁ ସମ୍ମୁଖରେ ପରିହାସ ଛଳରେ ଯାହା ଯାହା ଅସମ୍ମାନ କରି କହିଛି ହେ ଅଚ୍ୟୁତ ହେ କୃଷ୍ଣ ହେ ଯାଦବ ସେ ସବୁ ପାଇଁ ଆପଣଙ୍କର ଅକଳନୀୟ ହୃଦୟ ନିକଟରେ କ୍ଷମା ଭିକ୍ଷା କରୁଛି ।
୪୩ ଆପଣ ହିଁ ଏ ଚରାଚର ଜଗତର ପିତା, ଜଗତର ପୂଜ୍ୟ ଓ ଆପଣ ହିଁ ଶ୍ରେଷ୍ଠତମ ଗୁରୁ । କାରଣ ଆପଣଙ୍କର ସମକକ୍ଷ ହୋଇ କେହି ନାହାନ୍ତି, ତେଣୁ ଆପଣଙ୍କ ଠାରୁ ଅଧିକ ପ୍ରଭାବଶାଳୀ ଶ୍ରେଷ୍ଠ କେହି ଆସିବେ କୁଆଡୁ ।

---

ତେଣୁ ପ୍ରଣାମ କରୁଛି ସାଷ୍ଟାଙ୍ଗଶରୀରେ
ମାଗୁଅଛି କ୍ଷମା ଇଶ ସ୍ତବନୀୟ ମୋର
ପିତା ଯେପରି ପୁତ୍ରକୁ ସଖା ହିଁ ସଖାକୁ
ପ୍ରୀୟ ଯେପରି ପ୍ରୀୟାକୁ ଦେବ ସହ୍ୟକର ।୪୪
ଅଦୃଷ୍ଟପୂର୍ବ ଦର୍ଶନେ ହୁଏ ମୁଁ ହର୍ଷିତ
ଭୟରେ ମଧ୍ୟ ବ୍ୟଥିତ ହୁଏ ମୋ ମାନସ
ତେଣୁ ହେଦେବ ଦର୍ଶାୟ ତବ ପୂର୍ବ ରୂପ
ପ୍ରସନ୍ନ ହୁଅ ଦେବେଶ ହେ ଜଗନ୍ନିବାସ ।୪୫
କିରୀଟିଭୂଷିତ ଗଦାହସ୍ତ ଚକ୍ରଧାରୀ
କରେ ଇଛା ଦେଖିବାକୁ ତବ ପୂର୍ବମୂର୍ତ୍ତି
ସେହି ପୂର୍ବ ରୂପରେ ହିଁ ଚତୁର୍ଭୁଜଧରି
ପ୍ରକାଶ ହୁଅ ସହସ୍ରବାହୁ ବିଶ୍ୱମୂର୍ତ୍ତି ।୪୬

---

୪୪ ହେ ଇଶ ବନ୍ଦନୀୟ ମୁଁ ଆପଣଙ୍କୁ ଅବନତଶୀରେ ପ୍ରଣାମ କରୁଛି । ପିତା ଯେପରି ପୁତ୍ରକୁ କ୍ଷମା କରେ, ସଖା ଯେପରି ସଖାକୁ କ୍ଷମା କରେ ଓ ପ୍ରୀୟ ଯେପରି ପ୍ରୀୟାକୁ କ୍ଷମାକରେ ସେପରି ହେ ଦେବ ମତେ କ୍ଷମା କରିବା ହୁଅନ୍ତୁ ।
୪୫ ଆପଣଙ୍କର ଏ ଅଦୃଷ୍ଟପୂର୍ବ ବିଶ୍ୱରୂପ ଦେଖି ଯଦି ଓ ମୁଁ ଆନନ୍ଦିତ ଅଛି ମାତ୍ର ଆପଣଙ୍କର ଏ ବିରାଟ ପ୍ରକାଶ ଦର୍ଶନ କରି ଭୟରେ ମୋ ମନ ଥରି ଉଠୁଛି । ତେଣୁ ହେ ଦବ ଆପଣଙ୍କର ସେ ପୂର୍ବ ରୂପ ଦେଖାନ୍ତୁ ହେ ଦେବେଶ ହେ ଜଗତର ଆଧାର ମତେ କ୍ଷମା କରନ୍ତୁ ।
୪୬ କିରୀଟି ଭୂଷିତ ହୋଇ ଗଦା ଓ ଚକ୍ର ହସ୍ତରେ ଧରି ଆପଣଙ୍କର ସେହି ପୂର୍ବ ରୂପ ଦେଖିବାକୁ ଇଛା କରୁଛି । ହେ ସହସ୍ରବାହୁ ହେ ବିଶ୍ୱମୂର୍ତ୍ତେ , ଆପଣ ସେହି ପୂର୍ବର ଚତୁର୍ଭୁଜ ରୂପରେ ପ୍ରକାଶ ହୁଅନ୍ତୁ ।

---

ଶ୍ରୀ ଭଗବାନଉବାଚ

ପ୍ରସନ୍ନ ହୋଇ ତୁମକୁ ହେ ଅର୍ଜୁନ ଏହି
ପରମ ରୂପ ଦର୍ଶିତ ମୋ ଆତ୍ମଯୋଗରୁ
ଯାହା ତେଜୋମୟ ଆଦି ବିଶ୍ୱାତ୍ମା ଅନନ୍ତ
ତୁମବ୍ୟତୀତ ଅନ୍ୟକେ ନ ଦୃଷ୍ଟ ପୂର୍ବରୁ ।୪୭
ବେଦାଧ୍ୟୟନେ ନ ଯଜ୍ଞେ ନୁହେଁ ମଧ୍ୟ ଦାନେ
ନୁହେଁ ମଧ୍ୟ କ୍ରୀୟାଯୋଗେ ଉଗ୍ରତପସ୍ୟାର
ଏରୂପ ଦର୍ଶନେ କ୍ଷମ ନୁହେଁ ନରଲୋକେ
ତୁମଛଡା ଅନ୍ୟକେହି ହେ କୁରୁ ପ୍ରବୀର ।୪୮
ବ୍ୟଥିତ ନୁହଁ ଉଚିତ ନୁହଁ ବି ବିମୂଢ
ଦର୍ଶନେ ଏପରି ମୋର ରୂପ ଭୟଙ୍କର
ଭୟତ୍ୟାଗ କରି ତୁମେ ହୁଅ ପ୍ରୀତମନା
ଦର୍ଶନକର ପୁନଶ୍ଚ ଏହି ରୂପ ମୋର ।୪୯

---

୪୭ ଭଗବାନ କହିଲେ ହେ ଅର୍ଜୁନ ମୁଁ ତୁମ ଉପରେ ପ୍ରସନ୍ନହୋଇ ମୋର ଆତ୍ମଯୋଗଶକ୍ତି ବଳରେ ମୋର ଏହି ପରମରୂପ ଦର୍ଶନ କରାଇଲି । ତୁମ ବ୍ୟତୀତ ଅନ୍ୟକେହି ଆଗରୁ ମୋର ଏ ରୂପ ଦର୍ଶନ କରି ନ ଥିଲେ ।

୪୮ ହେ କୁରୁଶ୍ରେଷ୍ଠ ବୀର ଅର୍ଜୁନ ବେଦ ଅଧ୍ୟୟନ ଦ୍ୱାରା, ଯଜ୍ଞକର୍ମ ଦ୍ୱାରା, ଦାନଧର୍ମ ଦ୍ୱାରା କ୍ରୀୟାଦ୍ୱାରା ଅଥବା ଉଗ୍ର ତପସ୍ୟାଦ୍ୱାରା ଏହି ନରଲୋକରେ ତୁମ ବ୍ୟତୀତ ଅନ୍ୟକେହି ମୋର ଏ ବିଶ୍ୱରୂପ ଦର୍ଶନ କରିବାକୁ ସମର୍ଥ ନୁହନ୍ତି ।

୪୯ ମୋର ଏପରି ଭୟଙ୍କର ରୂପ ଦର୍ଶନ କରି ତୁମେ ଭୟଭୀତ ହୁଅନାହିଁ କି ବିମୂଢ ହୁଅ ନାହିଁ । ଭୟ ତ୍ୟାଗକରି ପ୍ରସନ୍ନ ଚିତ୍ତ ହୋଇଯାଅ ଓ ମୋର ସେହି ପୂର୍ବର ଚତୁର୍ଭୁଜରୂପ ଦର୍ଶନକର ।

---

ସଞ୍ଜୟଉବାଚ

ଏପରିଭାବେ ଅର୍ଜୁନେ କହି ବାସୁଦେବ
ସ୍ୱକୀୟ ସ୍ୱରୂପ ନିଜେ କଲେ ପ୍ରଦର୍ଶନ
ଆଶ୍ୱାସିଲେ ଭୀତମନ ଥିବା ଅର୍ଜୁନଙ୍କୁ
ହୋଇପୁନଃ ସୌମ୍ୟରୂପ ସେ ମହାତ୍ମା ଜାଣ ।୫୦

ଅର୍ଜୁନଉବାଚ

ଦର୍ଶନେ ଏହି ମନୁଷ୍ୟ ସୁକୋମଳ ରୂପ ତବ ଜନାର୍ଦ୍ଦନ
ବର୍ତ୍ତମାନ ହେଲି ମୁଁହି ପ୍ରକୃତିସ୍ଥ ଆଶ୍ୱସ୍ତ ଓ ସଚେତନ ।୫୧

ଶ୍ରୀଭଗବାନ ଉବାଚ

ସୁଦୁର୍ଲଭ ରୂପ ମୋର ଯେଉଁ ରୂପ କରିଲ ତୁମେ ଦର୍ଶନ
ଦେବତାମାନେ ସର୍ବଦା ହୋଇଥାନ୍ତି ତାହା ଦର୍ଶନକାଂକ୍ଷିଣ ।୫୨

---

୫୦ ସଞ୍ଜୟ କହିଲେ, ବାସୁଦେବ ଅର୍ଜୁନଙ୍କୁ ଏପରି କହି ନିଜର ସ୍ୱୀୟ ପୂର୍ବରୂପ ପ୍ରଦର୍ଶନ କଲେ ଏବଂ ପୁଣିଥରେ ନିଜର ସୌମ୍ୟରୂପ ଅବସ୍ଥାକୁ ଆସି ଭୟଭୀତ ହୋଇପଡିଥିବା ଅର୍ଜୁନଙ୍କୁ ଆଶ୍ୱାସବାଣୀ ଶୁଣାଇଲେ। ଏଠାରେ ନିଜରୂପ ଅର୍ଥ ବସୁଦେବ ନନ୍ଦନ କୃଷ୍ଣ ରୂପ ବୋଲି ବୁଝିବାକୁ ହେବ।

୫୧ ହେ ଜନାର୍ଦ୍ଦନ ମୁଁ ଆପଣଙ୍କର ସୁକୋମଳ ମନୁଷ୍ୟ ରୂପ ଦର୍ଶନ କଲି ଏବଂ ବର୍ତ୍ତମାନ ମୁଁ ପ୍ରକୃତିସ୍ଥ ଆଶ୍ୱସ୍ତ ଓ ସଚେତନ ହେଲି।

୫୨ ତୁମକୁ ମୋର ଯେଉଁ ଦୁର୍ଲଭ ରୂପ ଦେଖାଗଲା ତାହାର ଦର୍ଶନ ଲାଭ ପାଇଁ ଦେବତାମାନେ ସର୍ବଦା ଆଶାୟୀ ହୋଇ ରହିଥାନ୍ତି।

---

ନୁହେଁ ବେଦଅଧ୍ୟୟନେ ନ ତପରେ ନ ଦାନେ ଯଜ୍ଞକର୍ମରେ
ନୁହେଁ ଏ ରୂପ ଦର୍ଶନେ କ୍ଷମକେହି ଯାହା ଦେଖିଲ ଏଠାରେ ।୫୩
ଅନନ୍ୟା ଭକ୍ତିରେ କିନ୍ତୁ ଏରୂପର ସକ୍ଷମ ହୁଏ ଅର୍ଜୁନ
ଜାଣିବାକୁ ଦେଖିବାକୁ ପରନ୍ତପ ତତ୍ତ୍ୱରେ ପ୍ରାପ୍ତ କରଣ ।୫୪
ମୋ କର୍ମକରି ପରମ ଭାବିମତେ ମୋଭକ୍ତ, ସଙ୍ଗବର୍ଜିତ
ଅବୈରତ୍ୱ ସର୍ବଭୂତେ ହେ ପାଣ୍ଡବ ସେ ମତେ କରନ୍ତି ପ୍ରାପ୍ତ ।୫୫

---

୫୩ ତୁମେ ଯେଉଁ ରୂପରେ(ଚତୁର୍ଭୁଜ) ମତେ ଦର୍ଶନକଲ ତାହା ବେଦ ଅଧ୍ୟୟନରେ ତପସ୍ୟାରେ ଦାନ ଧର୍ମରେ କିମ୍ବା ଯାଗ ଯଜ୍ଞ କର୍ମରେ ବି କେହି ସେ ରୂପ ଦର୍ଶନ କରିବାକୁ ସକ୍ଷମ ହୋଇପାରିବେ ନାହିଁ । ପ୍ରକୃତରେ ଅର୍ଜୁନ ଅତ୍ୟନ୍ତ ଭାଗ୍ୟବାନ ହୋଇଥିବାରୁ ଭଗବାନଙ୍କ ବିଶ୍ୱରୂପ ଦର୍ଶନ ସହିତ ସୌମ୍ୟ ଚତୁର୍ଭୁଜ ରୂପ ଦର୍ଶନ କରିପାରିଲେ ।

୫୪ ହେ ଅର୍ଜୁନ ଅନନ୍ୟା ବା ଅଚଳା ଭକ୍ତିରେ, ତତ୍ତ୍ୱରେ ମୁଁ ଏବଂ ବିଧ ରୂପ(ଚତୁର୍ଭୁଜ) ଦେଖିହୁଏ, ଜାଣିହୁଏ ଓ ପ୍ରାପ୍ତ କରିହୁଏ ।

୫୫ ହେ ଅର୍ଜୁନ , ଯେ ମୋରିପାଇଁ କର୍ମକରେ, ମତେ ସର୍ବଦା ପରମ ପୁରୁଷ ବୋଲି ଭାବେ, ସର୍ବଦା ଆସକ୍ତି ରହିତ ହୋଇ ଥାଏ, ଓ ସକଳ ଜୀବରେ ବୈରତ୍ୱ ରଖି ନ ଥାଏ ସେ କେବଳ ମତେ ହିଁ ପ୍ରାପ୍ତ ହୁଏ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ବିଶ୍ୱରୂପଦର୍ଶନ ଯୋଗ ନାମକ ଏକାଦଶ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ବିଶ୍ୱରୂପ ଦର୍ଶନ ଯୋଗ ନାମକ ଏକାଦଶ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୪୧୪+୫୫ =୪୬୯)

---

## ଦ୍ୱାଦଶଅଧ୍ୟାୟ଼

## ଭକ୍ତିଯୋଗଃ

ଅର୍ଜୁନଉବାଚ

ଏପରି ସତତଯୁକ୍ତ ଯେଉଁଭକ୍ତ କରେ ତୁମ ଉପାସନା
ଅକ୍ଷର ଅବ୍ୟକ୍ତ ମଧ୍ୟ, କେଉଁମାନେ ଉତ୍ତମଯୋଗୀରେ ଗଣା । ୧

ଶ୍ରୀଭଗବାନଉବାଚ

ମୋଠାରେ ନିବିଷ୍ଟ ମନ ଯିଏମତେ ନିତ୍ୟଯୁକ୍ତ ଉପାସିତ
ପରମଶ୍ରଦ୍ଧା ସମ୍ପନ୍ନ ସେହିମାନେ ଶ୍ରେଷ୍ଠଯୋଗୀ ମୋରମତ । ୨

---

୧ ଏହିପରି ଭାବରେ ଯେଉଁ ଭକ୍ତ ନିରନ୍ତର ସଂଯୁକ୍ତଚିତ୍ତ ହୋଇ ଆପଣଙ୍କର ପୂଜା ଉପାସନା କରନ୍ତି ପୁଣି ଯେଉଁ ଭକ୍ତ ଅକ୍ଷର ଅବ୍ୟକ୍ତ ନିର୍ଗୁଣ ନିରାକାର ବ୍ରହ୍ମଙ୍କୁ ମଧ୍ୟ ପୂଜା ଉପାସନା କରନ୍ତି ସେମାନଙ୍କ ମଧ୍ୟରେ କେଉଁ ଭକ୍ତ ଶ୍ରେଷ୍ଠଯୋଗୀ ।

୨ ଭଗବାନ କହିଲେ ଯେଉଁମାନେ ମୋଠାରେ ଚିତ୍ତ ନିବେଶ କରି ନିତ୍ୟନିରନ୍ତର ମୋ ଠାରେ ସଂଲଗ୍ନ ହୋଇ ପରମଶ୍ରଦ୍ଧାସମ୍ପନ୍ନ ହୋଇ ମୋର ଉପାସନା କରନ୍ତି ସେମାନେ ହିଁ ଶ୍ରେଷ୍ଠଯୋଗୀ ବୋଲି ମୋର ମତ ।

---

ଅକ୍ଷର ଅବ୍ୟକ୍ତ ଆଉ ଅନିର୍ଦ୍ଦେଶ୍ୟ, ଯେ ତତ୍ପରେ ଉପାସତି
ସର୍ବବ୍ୟାପକ ଅଚିନ୍ତ୍ୟ ନିର୍ବିକାର ଯିଏ ଧ୍ରୁବ ଅଚଳତି ।୩
ବଶକରି ସ୍ୱ ଇନ୍ଦ୍ରିୟେ ଯେସର୍ବତ୍ର ହୋଇ ସମବୁଦ୍ଧି ଗତ
ସେ ପ୍ରାପ୍ତହୁଅନ୍ତି ମତେ ରହିସଦା ସର୍ବଜୀବ ହିତେ ରତ ।୪
କ୍ଲେଶ ହିଁ ଅଧିକତର ଯେଉଁମାନେ ଅବ୍ୟକ୍ତ ଆସକ୍ତ ଚେତ
ଅବ୍ୟକ୍ତରେ ଗତିକଲେ ଅତିଦୁଃଖ ଦେହଧାରୀ ହୁଏପ୍ରାପ୍ତ ।୫
ସକଳ କର୍ମ ଯେ କରେ ସମର୍ପଣ ରହେ ମତ୍ ପରାୟଣା
ଅନନ୍ୟଯୋଗରେ ଯୁକ୍ତେ ଧ୍ୟାୟିମତେକରେ ମୋର ଉପାସନା ।୬

---

୩,୪ ଯେଉଁମାନେ ମତେ ଅକ୍ଷର, ଅଦୃଶ୍ୟ, ଅବ୍ୟକ୍ତ, ଅଚିନ୍ତ୍ୟ, ସର୍ବବ୍ୟାପକ, ଅପରିଣାମୀ, ଅଚଳ, ନିତ୍ୟ ଭାବେ ଇନ୍ଦ୍ରିୟଗଣଙ୍କୁ ସଂଯମକରି ସର୍ବତ୍ର ସମତ୍ୱଭାବେ ଯୁକ୍ତହୋଇ ସକଳ ଜୀବଗଣଙ୍କ ହିତରେ ରତହୋଇ ମୋର ଉପାସନା କରନ୍ତି ସେମାନେ ମତେ ପ୍ରାପ୍ତ ହୁଅନ୍ତି ।

୫ ଯେଉଁମାନେ ଅବ୍ୟକ୍ତବ୍ରହ୍ମ ପ୍ରତି ଆସକ୍ତ ସେମାନଙ୍କୁ ସାଧନାରେ ଅଧିକ କ୍ଲେଶ ହୁଏ । କାରଣ ଦେହାଭିମାନୀଙ୍କ ଦ୍ୱାରା ବହୁ କଷ୍ଟରେ ଅବ୍ୟକ୍ତ ବିଷୟକ ଗତି ପ୍ରାପ୍ତ ହୋଇଥାଏ ।

୬ ଯେଉଁମାନେ ସମସ୍ତକର୍ମ ମୋଠାରେ ସମର୍ପଣକରି ମତ୍ ପରାୟଣ ହୋଇ ଅନନ୍ୟଯୋଗରେ ମତେ ଧ୍ୟାନକରି ମୋର ଉପାସନା କରନ୍ତି..........

---

ମୃତ୍ୟୁ ସଂସାର ସାଗରୁ ସେମାନଙ୍କୁ ମୁଁହି ଉଦ୍ଧାରକାରକ
ଅଚିରେ ହୁଏ ମୁଁ ପାର୍ଥ ଯେମୋଠାରେ ହୁଏ ଚିତ୍ତ ନିବେଶକ ।୭
ମୋଠାରେ ହିଁ ତୁମମନ କରିସ୍ଥିର କର ବୁଦ୍ଧି ନିବେଶୟ୍
ଏ ଉତ୍ତାରୁ ହିଁ ମୋଠାରେ ନିବସିବ ଏଥିରେ ନାହିଁ ସଂଶୟ୍ ।୮
ଯଦି ଚିତ୍ତକୁ ନିବେଶ କରିବାକୁ ନପାର ମୋଠାରେ ସ୍ଥିର
ଅଭ୍ୟାସଯୋଗରେ ତେବେ ମୋରପ୍ରାପ୍ତି ଧନଞ୍ଜୟ୍ ଚେଷ୍ଟାକର ।୯
ଅଭ୍ୟାସେ ଯଦି ସମର୍ଥ ନୁହଁତୁମେ ମୋକର୍ମେ ଶ୍ରଦ୍ଧାଳୁ ଭବ
ମଦର୍ଥ ସକଳ କର୍ମ କରିତୁମେ କରିବ ହେ ସିଦ୍ଧିଲାଭ ।୧୦

---

୭ ହେ ଅର୍ଜୁନ ମୋଠାରେ ଯେଉଁମାନେ ଚିତ୍ତ ନିବେଶ କରିଥାନ୍ତି ମୁଁ ସେମାନଙ୍କର ମୃତ୍ୟୁ ସଂସାର ସାଗରରୁ ଅବିଲମ୍ବେ ଉଦ୍ଧାରକର୍ତ୍ତା ହୋଇଥାଏ ।

୮ ମୋଠାରେ ଚିତ୍ତ, ବୁଦ୍ଧି ଓ ମନ ନିବେଶକର, ଏହା ଉତ୍ତାରୁ ତୁମେ ମୋଠାରେ ହିଁ ନିବାସ କରିବ ଏଥିରେ ସନ୍ଦେହ ନାହିଁ ।

୯ ଯଦି ମୋଠାରେ ଚିତ୍ତ ନିବେଶ ସ୍ଥିର ରଖିବାକୁ ସକ୍ଷମ ନହୁଅ ତେବେ ଧନଞ୍ଜୟ୍ ତୁମେ ଅଭ୍ୟାସଯୋଗ ଦ୍ୱାରା ମତେ ପ୍ରାପ୍ତ ହେବାକୁ ଚେଷ୍ଟାକର ।

୧୦ ଯଦି ତୁମେ ଏପରି ଅଭ୍ୟାସ କରିବାକୁ ଅସମର୍ଥ ହୁଅ ତେବେ ମୋପାଇଁ କର୍ମ ପରାୟଣ ହୁଅ । ମୋପାଇଁ ସକଳ କର୍ମ କରି ମଧ୍ୟ ତୁମେ ସିଦ୍ଧିଲାଭ କରିପାରିବବ ।

---

ଯଦ୍ୟପି ତାହା ଅଶକ୍ତ କରିବାକୁ ମୋଯୋଗ ଆଶ୍ରୟକର
ସର୍ବ କର୍ମଫଳ ତ୍ୟାଗ କରିରଖ ଇନ୍ଦ୍ରିୟଙ୍କୁ ସ୍ୱବଶର ।୧୧
ଅଭ୍ୟାସରୁ ଜ୍ଞାନଶ୍ରେଷ୍ଠ ଜ୍ଞାନଠାରୁ ଧ୍ୟାନଅଟେ ଶ୍ରେଷ୍ଠତର
ଧ୍ୟାନଠାରୁ କର୍ମଫଳ ତ୍ୟାଗଶ୍ରେଷ୍ଠ ତ୍ୟାଗରୁ ଶାନ୍ତ ଅନ୍ତର ।୧୨
ଅଦ୍ୱେଷ ସର୍ବଜୀବରେ ଯିଏରଖେ ବନ୍ଧୁତ୍ୱ ଓ କରୁଣତା
ନ ମମ ନ ଅହଂକାର ଦୁଃଖସୁଖେ ସମତା କ୍ଷମାଶୀଳତା ।୧୩
ସନ୍ତୁଷ୍ଟ ସତତ ଯୋଗୀ ସଂଯତାତ୍ମା ସର୍ବଦା ଦୃଢନିଶ୍ଚୟ
ମନବୁଦ୍ଧି ସମର୍ପିତ ଯେ ମୋଠାରେ ସେ ଭକ୍ତ ମୋହର ପ୍ରୀୟ ।୧୪

---

୧୧ ଯଦି ମୋ ଯୋଗ (ସମତା) ର ଆଶ୍ରା କରି ତୁମେ ଏହା କରିବାରେ ଅସମର୍ଥ ହୁଅ ତେବେ ମନ ଓ ଇନ୍ଦ୍ରିୟଙ୍କୁ ବଶିଭୂତ କରି ସମସ୍ତ କର୍ମର ଫଳେଚ୍ଛା ତ୍ୟାଗ କର ।

୧୨ ଅଭ୍ୟାସ ଅପେକ୍ଷା ଜ୍ଞାନଶ୍ରେଷ୍ଠ, ଜ୍ଞାନ ଅପେକ୍ଷା ଧ୍ୟାନକରିବା ଶ୍ରେଷ୍ଠ, ଧ୍ୟାନ କରିବା ଅପେକ୍ଷା କର୍ମଫଳ ତ୍ୟାଗ କରିବା ଶ୍ରେଷ୍ଠତର, ତ୍ୟାଗକଲେ ତତ୍କ୍ଷଣାତ୍ ପରମଶାନ୍ତି ମିଳେ ।

୧୩,୧୪ .ଯେଉଁଯୋଗୀ ସର୍ବଜୀବରେ ଦ୍ୱେଷ ନରଖି, ସମସ୍ତଙ୍କ ପ୍ରତି ବନ୍ଧୁଭାବାପନ୍ନ ହୋଇ ଓ ଦୟାଶୀଳ ରହି, ଯେ ନିଜେ କିଛିନୁହେଁ ଭାବି ନିରହଂକାର ରହେ, ଦୁଃଖ ସୁଖରେ ସମଭାବାପନ୍ନ ରହେ, ସର୍ବଦା ସମସ୍ତଙ୍କ ପ୍ରତି କ୍ଷମାଶୀଳ ଭାବ ରଖିଥାଏ ସେ. ସର୍ବଦା ସନ୍ତୁଷ୍ଟ ରହନ୍ତି ଓ ସର୍ବଦା ଆତ୍ମସଂଯମୀ ଓ ଦୃଢ ଆତ୍ମବିଶ୍ୱାସୀ ରହିଥାନ୍ତି । ମୋଠାରେ ମନ ବୁଦ୍ଧି ସମସ୍ତ ଅର୍ପଣ କରି ଦେଇଥାନ୍ତି ସେ ମୋର ଅତ୍ୟନ୍ତ ପ୍ରୀୟ ।

---

ଯାଦ୍ୱାରା ଲୋକ ନୁଁହଇ ଉଦ୍ ବେଗ ପ୍ରାଣୀଦ୍ୱାରା ଯେ ନହୁଏ
ହର୍ଷ କ୍ରୋଧ ଭୟ ମୁକ୍ତ ପ୍ରୀୟମୋର ଉଦ୍ବେଗରୁ  ମୁକ୍ତ ରହେ ।୧୫
ନ ନିର୍ଭରଶୀଳ ଶୁଚି କାର୍ଯ୍ୟଦକ୍ଷ ଉଦସୀନ ବ୍ୟଥାହିନ
କର୍ମାରମ୍ଭ ପରିତ୍ୟାଗୀ ଯେ ମୋ ଭକ୍ତ ସିଏମୋର ପ୍ରୀୟଜନ ।୧୬
ନୁହେଁ ହୃଷ୍ଟ ନୁହେଁ ଦ୍ୱେଷୀ ନଶୋଚଇ ଆକାଂକ୍ଷା ନାହିଁ ଯାହାର
ଶୁଭାଶୁଭ ପରିତ୍ୟାଗୀ ଭକ୍ତିମାନ ଯେ ହୁଏ ସେ ପ୍ରୀୟ ମୋର ।୧୭

---

୧୫ ଯାହାଙ୍କଦ୍ୱାରା ସଂସାର(ଅନ୍ୟକେହି) ଉଦ୍ ବିଗ୍ନ ନୁହେଁ ବା ଯିଏ ସଂସାରଠାରୁ (ଅନ୍ୟକାହାର ବ୍ୟବହାର ଦ୍ୱାରା) ଉଦ୍ ବିଗ୍ନ ନୁହେଁ ପୁନଃ ଯେ ହର୍ଷ କ୍ରୋଧ ଭୟ ଓ ଉଦ୍ ବେଗ ମୁକ୍ତ ସେ ଭକ୍ତ ମୋର ପ୍ରୀୟ।

୧୬ ଯେ କାହାରି ଉପରେ ନିର୍ଭର କରେନାହିଁ, ଯାହାଙ୍କ ଠାରେ ବାହ୍ୟ ଓ ଅନ୍ତ ଶୁଚି ବା ଶୁଦ୍ଧତା ଥାଏ, ଯେ କର୍ମଦକ୍ଷ , ଦେହ ଇନ୍ଦ୍ରିୟ ଓ ଇନ୍ଦ୍ରିୟସୁଖଦାୟୀ ବସ୍ତୁ ମାନଙ୍କ ପ୍ରତି ଯେ ଉଦାସୀନ, ଯେ କୌଣସି ପ୍ରକାର ଭୟ ବା ବ୍ୟଥା ରଖିନଥାନ୍ତି, ସ୍ୱାର୍ଥ ଜଡିତ ସକଳ କର୍ମ ଅନୁଷ୍ଠାନ ପରିତ୍ୟାଗୀ ପୁନଃ ଯେ ମୋ ଭକ୍ତିରେ ସର୍ବଦା ମଗ୍ନଥାନ୍ତି ସେ ମୋର ଭକ୍ତ ଓ ପ୍ରୀୟଜନ ।

୧୭ ଯେ କୌଣସିଥିରେ ହୃଷ୍ଟ ହୁଅନ୍ତି ନାହିଁ କି କାହାକୁ ଦ୍ୱେଷ କରନ୍ତି ନାହିଁ କୌଣସି ବିଷୟରେ ଶୋଚନା କରନ୍ତି ନାହିଁ କି କିଛି ବି ଆକାଂକ୍ଷା ରଖନ୍ତି ନାହିଁ ଏବଂ ଶୁଭ ଅଶୁଭ କର୍ମ ପରିତ୍ୟାଗ କରିଦେଇ ସର୍ବଦା ମନ ପ୍ରାଣ, ଭକ୍ତିରେ ଭରିଦେଇଥାନ୍ତି ସେ ମୋର ପ୍ରୀୟ ।

---

ଶତ୍ରୁ ଓ ମିତ୍ରରେ ସମ ଭାବାପନ୍ନ ମାନ ଅପମାନେ ତଥା
ଶିତ ଉଷ୍ଣ ସୁଖ ଦୁଃଖ ସମଭାବ ବର୍ଜିତ ଆସକ୍ତି ତଥା ।୧୮
ନିନ୍ଦା ସ୍ତୁତି ସମତୁଲ୍ୟ ମୌନବ୍ରତୀ ସନ୍ତୁଷ୍ଟ ଯେନତେନରେ
ଦେହେ ଗୃହେ ଅନାସକ୍ତ ସ୍ଥିରମତି ଭକ୍ତିମାନ୍ ମୋ ପ୍ରୀୟ୍ ନରେ ।୧୯
ଅମୃତମୟ୍ ଏ ଧର୍ମ ଯା କହିଲି ଉତ୍ତମେ ସେବନରତ
ଶ୍ରଦ୍ଧାରେ ମତ୍ପରାୟଣ ଯେଉଁଭକ୍ତ ସେ ଅତୀବପ୍ରୀୟ୍ ଭକ୍ତ ।୨୦

---

୧୮,୧୯ ଶତ୍ରୁ ଓ ମିତ୍ରରେ ତଥା ମାନ ଅପମାନରେ ସମ, ଶୀତ ଉଷ୍ଣ (ଶରୀରର ଅନୁକୁଳତା ଓ ପ୍ରତିକୁଳତା) ସୁଖ ଦୁଃଖ (ମନ ବୁଦ୍ଧି ଇନ୍ଦ୍ରିୟରେ ଅନୁକୁଳତା ବା ପ୍ରତିକୁଳତା) ସମଭାବାପନ୍ନ, ଆସକ୍ତି ରହିତ । ପୁଣି ଯେ ନିନ୍ଦା ସ୍ତୁତିରେ ସମଭାବାପନ୍ନ, ସ୍ଥିର ମନ, ଯେନକେନ ପ୍ରକାରେ ସନ୍ତୁଷ୍ଟ, ଶରୀର ଓ ବାସସ୍ଥାନ ପ୍ରତି ଆସକ୍ତି ରହିତ, ସେହି ଭକ୍ତିମାନ ମନୁଷ୍ୟ ମୋର ପ୍ରୀୟ୍. ।

୨୦ ଯେ ଶ୍ରଦ୍ଧାଶୀଳ ଓ ମତ୍ପରାୟଣ ଭକ୍ତ ଏହି ଧର୍ମମୟ୍ ଅମୃତକୁ ଉତ୍ତମରୂପେ ସେବନ କରନ୍ତି ସେମାନେ ମୋର ଅତୀବ ପ୍ରୀୟ୍ଭକ୍ତ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଭକ୍ତି ଯୋଗ ନାମକ ଦ୍ୱାଦଶ ଅଧ୍ୟାୟ୍ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଭକ୍ତି ଯୋଗ ଯୋଗ ନାମକ ଦ୍ୱାଦଶ ଅଧ୍ୟାୟ ଏତିକିରେ ସମାପ୍ତ)
(ମୋଟ ଶ୍ଳୋକ ସଂଖ୍ୟା ୪୬୯+୨୦ =୪୮୯)

---

## ତ୍ରୟୋଦଶୋଧ୍ୟାୟ

### କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗଃ

ଅର୍ଜୁନଉବାଚ

ପ୍ରକୃତିକୁ ପୁରୁଷକୁ ଆଉମଧ୍ୟ କ୍ଷେତ୍ର କ୍ଷେତ୍ରଜ୍ଞ ବିଷୟ
ଜାଣିବାକୁ ଇଛାକରେ ହେ କେଶବ ଜ୍ଞାନ ଜ୍ଞେୟ ସମ୍ବନ୍ଧୀୟ ।

ଶ୍ରୀ ଭଗବାନ ଉବାଚ

ଏହି ଆମର ଶରୀର ହେ କୌନ୍ତେୟ କ୍ଷେତ୍ରବୋଲି ଅଭିହିତ
ଏହାକୁ ଯେ ଜାଣିଥାନ୍ତି ଜାଣତୁମେ କ୍ଷେତ୍ରଜ୍ଞ ରୂପେ ବିଦିତ ।୧
ମୁଁକ୍ଷେତ୍ରଜ୍ଞ ବୋଲି ଜାଣ ହେଭାରତ ଏହି ସକଳ କ୍ଷେତ୍ରର
କ୍ଷେତ୍ର କ୍ଷେତ୍ରଜ୍ଞ ସମ୍ବନ୍ଧେ ଯେଉଁଜ୍ଞାନ ତାହାଜ୍ଞାନ ମତମୋର । ୨

---

ଅର୍ଥ ହେ କେଶବ ମୁଁ ପ୍ରକୃତି ପୁରୁଷ, କ୍ଷେତ୍ର କ୍ଷେତ୍ରଜ୍ଞ ଓ ଜ୍ଞାତା ଜ୍ଞେୟଙ୍କ ବିଷୟରେ ଜାଣିବାକୁ ଚାହୁଁଛି ।

୧ ହେ ଅର୍ଜୁନ ଏହି ଶରୀରକୁ କ୍ଷେତ୍ର ବୋଲି କୁହାଯାଏ । ଯେ ଏ କ୍ଷେତ୍ରକୁ ଜାଣନ୍ତି ତାଙ୍କୁ କ୍ଷେତ୍ରଜ୍ଞ କହନ୍ତି ବୋଲି ଜାଣ ।

୨ ହେ ଭାରତ ଅର୍ଜୁନ ମୁଁ ହିଁ ଏହି ସକଳ କ୍ଷେତ୍ରର କ୍ଷେତ୍ରଜ୍ଞ ବୋଲି ଜାଣ । ମୋର ମତରେ କ୍ଷେତ୍ର ଓ କ୍ଷେତ୍ରଜ୍ଞ ବିଷୟକ ଜ୍ଞାନ ହିଁ ପ୍ରକୃତ ଜ୍ଞାନ ।

---

ସେ କ୍ଷେତ୍ର ଯାହା ଯେପରି ରୂପାନ୍ତରେ ଯାହାଠୁଁ ହୁଏ ସୃଜନ
ସେ କ୍ଷେତ୍ରଜ୍ଞଙ୍କର ପ୍ରଭାବ ଯାହାଅଛି ସଂକ୍ଷେପରେ ତାହାଶୁଣ ।୩
ଋଷିମାନେ ବହୁବିଧ କହିଛନ୍ତି ବିବିଧ ପୃଥକଛନ୍ଦେ
ତାତ୍ପର୍ଯ୍ୟପୂର୍ଣ୍ଣ ନିର୍ଣ୍ଣିତ ବ୍ରହ୍ମସୂତ୍ର ଅର୍ଥ ସମ୍ବଳୀତ ପଦେ।୪
ମହାଭୁତଗଣ ତଥା ଅହଂକାର ବୁଦ୍ଧି ଅବ୍ୟକ୍ତ ନିଚୟ
ଦଶ ଇନ୍ଦ୍ରିୟ ସହିତ ଏକମନ ପଞ୍ଚ ଇନ୍ଦ୍ରିୟ ବିଷୟ।୫
ଇଚ୍ଛା ଦ୍ୱେଷ ସୁଖ ଦୁଃଖ ସମୁଦାୟ ଶରୀର ଧୈର୍ଯ୍ୟ ଚେତନ
ଏଗୁଡିକ ଏ କ୍ଷେତ୍ରର ସବିକାର କୁହାଗଲା ସଂକ୍ଷେପିଣ।୬

---

୩ ସେ କ୍ଷେତ୍ରଟି ଯେଉଁ ପ୍ରକାରର, ଯେଉଁ ରୂପାନ୍ତର ଦେଇ ଗତିକରେ, ଯେଉଁଠୁ ଆସେ ଓ ଯେଉଁ ରୂପରେ ଆସେ, ପୁନଃ ସେ କ୍ଷେତ୍ରଜ୍ଞ ଯେଉଁ ଶକ୍ତିସମ୍ପନ୍ନର ତାହାସବୁ ସଂକ୍ଷେପରେ ମୋ ଠାରୁ ଶୁଣ।

୪ କ୍ଷେତ୍ର ଓ କ୍ଷେତ୍ରଜ୍ଞଙ୍କର ତତ୍ତ୍ୱ ଋଷିଗଣଙ୍କ ଦ୍ୱାରା ବିବିଧ ପ୍ରକାରେ ଓ ପୃଥକ ପୃଥକ ଛନ୍ଦରେ କୁହାଯାଇଛି ଏବଂ ଯୁକ୍ତିଯୁକ୍ତ ଓ ନିର୍ଣ୍ଣିତ ବ୍ରହ୍ମସୂତ୍ର ବା ବ୍ରହ୍ମସ୍ୱରୂପ ସୂଚକ ପଦମାନଙ୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି।

୫ ପଞ୍ଚମହାଭୂତ, ଅହଂକାର, ବୁଦ୍ଧି, ଅବ୍ୟକ୍ତ ବା ମୂଳପ୍ରକୃତି, ଦଶ ଇନ୍ଦ୍ରିୟ, ମନ, ଓ ଇନ୍ଦ୍ରିୟ ଗ୍ରାହ୍ୟ ପଞ୍ଚ ବିଷୟ।ଏହି ଚବିଶଟି ତତ୍ତ୍ୱରେ କ୍ଷେତ୍ର ଗଠିତ।

୬ ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ , ସଂଘାତ ବା ଶରୀର ଚେତନା ବା ବୁଦ୍ଧି ଓ ଧୈର୍ଯ୍ୟ, ସଂକ୍ଷେପରେ କହିଲେ ଏ ସମସ୍ତ ଏ କ୍ଷେତ୍ରର ବା ଦେହର ଏକ ଏକ ବିକାର ।

---

ଅମାନିତ୍ୱ ଅଦମ୍ଭତ୍ୱ ଓ ଅହିଂସା କ୍ଷମାଶୀଳ ସରଳତା
ଆଚାର୍ଯ୍ୟୋପାସନା ଶୌଚ  ଆଉମଧ୍ୟ ଆତ୍ମନିଗ୍ରହ ସ୍ଥିରତା ।୭
ଇନ୍ଦ୍ରିୟଭୋଗ୍ୟ ବିଷୟେ ବୈରାଗ୍ୟତା ନିରହଂକାର ଚିନ୍ତନ
ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି, ଦୁଃଖରୂପେ ଦୋଷକୁ ଅନୁଦର୍ଶନ ।୮
ନହେବା ଏକାତ୍ମଭାବ ଅନାସକ୍ତ ପୁତ୍ର ଦାରା ଗୃହାଦିରେ
ରହିବା ସମଚିତ୍ତତ୍ୱ ନିତ୍ୟପ୍ରତି ଇଷ୍ଟଅନିଷ୍ଟ ପ୍ରାପ୍ତିରେ ।୯
ମୋଠାରେ ଅନନ୍ୟଯୋଗେ ରଖିଭକ୍ତି ରହି ଅବ୍ୟଭିଚାରରେ
ଏକାନ୍ତ ସ୍ଥାନେ ନିବାସ ନ ନିମଜ୍ଜେ କେବେ ଜନସଂସର୍ଗରେ ।୧୦

---

୭ ମାନିତ୍ୱର ଅଭାବ, ଅଦାମ୍ଭିକତା ଅହିଂସା କ୍ଷମାଶୀଳତା ସରଳତା ଗୁରୁସେବାପରାୟଣତା ପବିତ୍ରତା ସ୍ଥିରତା ଓ ଆତ୍ମ ନିଗ୍ରହତା.... ।

୮ ଇନ୍ଦ୍ରିୟଭୋଗ୍ୟ ବିଷୟରେ ବୈରାଗ୍ୟ ମନୋଭାବ ଏବଂ ଅହଂକାରଶୂନ୍ୟତା, ଜନ୍ମ ମୃତ୍ୟୁ ବାର୍ଦ୍ଧକ୍ୟ ଓ ବ୍ୟାଧି ଇତ୍ୟାଦିରେ ଦୁଃଖରୂପକ ଦୋଷ ଦର୍ଶନକରିବା ।

୯ ଅନାସକ୍ତରହି, ପୁତ୍ର, ଦାରା, ଗୃହ ଇତ୍ୟାଦିରେ ଏକାତ୍ମ ଭାବ ନ ରଖିବା ଏବଂ ଶୁଭ ବା ଅଶୁଭ ପ୍ରାପ୍ତିରେ ସର୍ବଦା ମନରେ ସମଭାବ ପୋଷଣ କରିବା..........।

୧୦ ମୋଠାରେ ଅନନ୍ୟଯୋଗରେ ଏକାନ୍ତ ଭକ୍ତି ରଖି ଅନ୍ୟ ଦୁଃ ଆଚରଣ ନକରି ଏକାନ୍ତ ସ୍ଥାନରେ ନିବାସକରି ଜନ ସଂସର୍ଗରେ ନିମଜ୍ଜିତ ନହୋଇ........

---

ଅଧ୍ୟାତ୍ମଜ୍ଞାନରେ ସ୍ଥିତି ନିରନ୍ତର ତତ୍ତ୍ୱଜ୍ଞାନାର୍ଥ ଦର୍ଶନ
ଏହାକୁହିଁ ଜ୍ଞାନ କହି ଏହାଠାରୁ ବିପରିତ ହିଁ ଅଜ୍ଞାନ । ୧୧
ଜ୍ଞେୟ,ଯାହା ମୁଁ କହିବି ଜାଣିଯାହା ହୁଏ ଲାଭ ଅମୃତତ୍ୱ
ଅନାଦି ପରମ ବ୍ରହ୍ମ ଜ୍ଞେୟ,ଅଟେ ସତ୍ ଅସତ୍ ନ କଥିତ । ୧୨
ସର୍ବତ୍ର ହସ୍ତ ପଦାଦି ସର୍ବତ୍ର ହିଁ ଲୋଚନ ମସ୍ତକ ମୁଖ
ସର୍ବତ୍ର ଯାହାଙ୍କ କର୍ଣ୍ଣ ଇହଲୋକ ଆବୃତ୍ତେ ସ୍ଥିତ ବ୍ୟାପକ । ୧୩
ସର୍ବ ଇନ୍ଦ୍ରିୟ ଗୁଣରେ ଆଭାସିତ ସର୍ବ ଇନ୍ଦ୍ରିୟ ବର୍ଜିତ।
ଅସକ୍ତ,ସର୍ବଭୂତର ସେ ପୋଷକ, ନିର୍ଗୁଣ, ଓ ଗୁଣଭୋକ୍ତା ୧୪

---

୧୧ ଅଧ୍ୟାତ୍ମଜ୍ଞାନରେ ସର୍ବଦା ସ୍ଥିତ ହେବା ଆଉ ତତ୍ତ୍ୱଜ୍ଞାନ ବିଷୟକ ଅର୍ଥ ସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା । ଏହାକୁ (ପୂର୍ବ ବର୍ଣ୍ଣିତ କୋଡିଏଟି ସାଧନାକୁ) ଜ୍ଞାନବୋଲି କୁହାଯାଇଛି ଓ ଏହାର ବିପରିତକୁ ଅଜ୍ଞାନ କୁହାଯାଇଛି ।

୧୨ ଯାହା ଜ୍ଞେୟ , ଯାହା ଜାଣିଲେ ଅମୃତତ୍ୱ ଅନୁଭବ ହୁଏ, ସେହି ପରମାତ୍ମତତ୍ତ୍ୱ ବିଷୟରେ ମୁଁ ଭଲଭାବରେ କହିବି । ସେହି ଜ୍ଞେୟ ହେଉଛନ୍ତି ଅନାଦି ପରମ ବ୍ରହ୍ମ ଯାହାଙ୍କୁ ସତ୍ କି ଅସତ୍ କୁହାଯାଇ ପାରିବନାହିଁ ।

୧୩ ସର୍ବତ୍ର ହସ୍ତ ପଦ ଶୀର ଚକ୍ଷୁ ମୁଖ ଓ କର୍ଣ୍ଣ ଯୁକ୍ତହୋଇ ଇହଲୋକର ସକଳ ବସ୍ତୁକୁ ଆବୃତ୍ତ କରି ଅବସ୍ଥାନ କରିଛନ୍ତି ।

୧୪ ସକଳ ଇନ୍ଦ୍ରିୟ ଗୁଣ ବା ବୃତ୍ତିର ପ୍ରକାଶକ ଥିଲେବି ସେ ସକଳ ଇନ୍ଦ୍ରିୟ ବର୍ଜନ କରିଥାନ୍ତି । ସର୍ବଦା ଅନାସକ୍ତ ଥିଲେ ବି ସେ ସର୍ବଭୂତଗଣଙ୍କର ପୋଷଣକାରୀ ,ଆଉ ତ୍ରୀଗୁଣ ରହିତ ହେଲେ ବି ସେ ସକଳ ଗୁଣର ଭୋକ୍ତା ।

---

ବାହ୍ୟ ଅଭ୍ୟନ୍ତରେ ସ୍ଥିତ ଚରାଚର ତଥା ଭୂତଗଣଙ୍କର
ସୁକ୍ଷ୍ମହେତୁ ଅବିଜ୍ଞେୟ ରହିଥାନ୍ତି ଦୂରେ କିମ୍ବା ନିକଟର ।୧୫
ଅବିଭକ୍ତ ହେଲେ ମଧ୍ୟ ଜୀବମଧ୍ୟେ ବିଭକ୍ତ ସଦୃଶ ସ୍ଥିତ
ଜୀବର ପାଳନ କର୍ତ୍ତା ଜାଣିରଖ ସଂହାର ଉଦ୍ଭବେ ରତ ।୧୬
ଜ୍ୟୋତିମାନଙ୍କରେ ଜ୍ୟୋତି ତାହାମଧ୍ୟ ତମସାତୀତ କଥିତ
ଜ୍ଞାନସ୍ୱରୂପ, ଜ୍ଞାତବ୍ୟ, ଜ୍ଞାନେପ୍ରାପ୍ତ ସର୍ବ ହୃଦେ ବିରାଜିତ ।୧୭
କ୍ଷେତ୍ର ଜ୍ଞାନ ତଥା ଜ୍ଞେୟ ଏପ୍ରକାର କୁହାଗଲା ସଂକ୍ଷେପରେ
ମୋଭକ୍ତ ଏହାକୁଜାଣି ମୋସ୍ୱରୂପ ଓ ଭାବକୁ ପ୍ରାପ୍ତକରେ ।୧୮

---

୧୫ ସେ ଚରାଚର ସକଳ ଜୀବଗଣଙ୍କର ବାହାରେ ଏବଂ ଭିତରେ ମଧ୍ୟ ରହିଥାନ୍ତି ମାତ୍ର ତାଙ୍କର ସୁକ୍ଷ୍ମତ୍ୱ ହେତୁ ସେ ସର୍ବଦା ଅଜଣା ରହିଥାନ୍ତି। ସେ ଦୂରରେ ଥାନ୍ତି ଆଉ ନିକଟରେ ମଧ୍ୟ।

୧୬ ବ୍ରହ୍ମ ଅଖଣ୍ଡ ବା ଅବିଭାଜ୍ୟ ହେଲେ ବି ସେ ସକଳ ଭୂତଗଣଙ୍କ ମଧ୍ୟରେ ବିଭିନ୍ନ ରୂପରେ ପ୍ରକାଶିତ ହୋଇଥାନ୍ତି। ସେ ସକଳ ଜୀବଙ୍କର ବ୍ରହ୍ମ ରୂପରେ ଉଦ୍ଭବ କର୍ତ୍ତା ,ବିଷ୍ଣୁ ରୂପରେ ପାଳନ କର୍ତ୍ତା ଆଉ ରୁଦ୍ର ରୂପରେ ସଂହାର କର୍ତ୍ତା ମଧ୍ୟ।

୧୭ ସେ ଜ୍ୟୋତିମାନଙ୍କ ମଧ୍ୟରେ ଜ୍ୟୋତି ଓ ସେ ଅନ୍ଧକାରର ଅତୀତ ବୋଲି କୁହାଯାଏ। ସେ ନିଜେ ଜ୍ଞେୟ, ତାଙ୍କୁ ଜାଣିବା ଉଚିତ ଓ ସେ ଜ୍ଞାନଦ୍ୱାରା ଉପଲବ୍ଧ ଏବଂ ସେ ସକଳ ଜୀବଗଣଙ୍କର ହୃଦୟରେ ଅଧିଷ୍ଠିତ।

୧୮ ଏହି ପ୍ରକାରେ ଜ୍ଞାନ କ୍ଷେତ୍ର ଓ ଜ୍ଞେୟ ବିଷୟରେ ସଂକ୍ଷେପରେ କୁହାଗଲା। ଏହାକୁ ମୋ ଭକ୍ତମାନେ ଜାଣିପାରି ମୋ ସ୍ୱରୂପ, ଭାବକୁ ପ୍ରାପ୍ତକରନ୍ତି।

---

ପ୍ରକୃତି ଏବଂ ପୁରୁଷ ଉଭୟଙ୍କୁ ଅନାଦି ବୋଲି ଜାଣନ୍ତୁ
ସକଳ ବିକାର, ଗୁଣ ପ୍ରକୃତିରୁ ଉତ୍ପନ୍ନ ହୁଏ, ଜାଣନ୍ତୁ ।୧୯
କାର୍ଯ୍ୟ କାରଣ କର୍ତ୍ତୃତ୍ୱ ଏମାନଙ୍କୁ ପ୍ରକୃତି ହେତୁ କଥିତ
ପୁରୁଷ ହିଁ ସୁଖ ଦୁଃଖ ମାନଙ୍କର ଭୋଗର ହେତୁ କଥିତ ।୨୦
ପ୍ରକୃତିସ୍ଥ ପୁରୁଷହିଁ ଭୋଗକରେ ପ୍ରକୃତିରୁ ଜାତ ଗୁଣ
ଗୁଣଗୁଡିକର ସଙ୍ଗ, ସତ୍‌ଅସତ୍ ଯୋନିଜନ୍ମର କାରଣ ।୨୧
ଦର୍ଶକ ଅନୁମୋଦକ ଆଉମଧ୍ୟ ଭର୍ତ୍ତା ଭୋକ୍ତା ମହେଶ୍ୱର
ପରମାତ୍ମା କୁହାଯାଏ, ଥାଇସ୍ଥିତ ଦେହରୁ ପୁରୁଷ ପର ।୨୨

---

୧୯ ଜାଣ ଯେ ପ୍ରକୃତି ପୁରୁଷ ଦ୍ୱୟ ଅନାଦି ଅଟନ୍ତି ଏବଂ ଜୀବର ଯେତେ ବିକାର ବା ରୂପାନ୍ତର ଓ ଗୁଣ ସବୁ ଅଛି ତାହା ପ୍ରକୃତିରୁ ଜାତ ।

୨୦ କୁହାଯାଏ ଯେ ପ୍ରକୃତି କାର୍ଯ୍ୟ ଓ କାରଣର ହେତୁ ଓ ପୁରୁଷ ସୁଖ ଦୁଃଖ ଭୋଗ କରାଇବାର ହେତୁ ।

୨୧ ପ୍ରକୃତିସ୍ଥ ପୁରୁଷ ବା ଜୀବାତ୍ମା ପ୍ରକୃତିରେ ବାସକରି ପ୍ରକୃତିର ଗୁଣ ସବୁ ଭୋଗକରେ ଓ ଏହିସବୁ ଗୁଣରେ ଆସକ୍ତ ହୋଇ ସତ୍ ବା ଅସତ୍ ଯୋନିରେ ଜନ୍ମ ଗ୍ରହଣ କରିଥାଏ ।

୨୨ ଏ ଦେହକୁ ଦୃଷ୍ଟି ଦେଇଥିବା ଯେଉଁ ପୁରୁଷ ସେ ହିଁ ଦର୍ଶକ ବା ଉପଦ୍ରଷ୍ଟା,ଶରୀର ସହିତ ମିଶି ସବୁ କର୍ମରେ ଅନୁମତି ଦେଉଥିବାରୁ ଅନୁମନ୍ତା ବା ଅନୁମୋଦକ, ନିଜେ ଶରୀରର ଭରଣପୋଷଣ କରୁଥିବାରୁ ଭର୍ତ୍ତା, ଶରୀର ସଙ୍ଗରୁ ସୁଖ ଦୁଃଖ ଭୋଗୁଥିବାରୁ ଭୋକ୍ତା,ନିଜକୁ ଶରୀରର ସ୍ୱାମୀ ମନେ କରୁଥିବାରୁ ମହେଶ୍ୱର ଓ ପରମାତ୍ମା ବୋଲି କୁହାଯାଏ । ଏ ଦେହରେ ବାସ କରୁଥିଲେ ବି ସେ ଦେହରୁ ପର ।

---

ପୁରୁଷ ପ୍ରକୃତି ଏହା ଜାଣନ୍ତି ଯେ ଗୁଣ ସମୂହ ସହିତ
ସର୍ବପ୍ରକାର ସ୍ଥିତିରେ ପ୍ରବର୍ତ୍ତେ ବି ନହୁଏ ସେ ପୁନର୍ଜାତ ।୨୩
ଧ୍ୟାନେ ଆତ୍ମାକୁ ଦେଖନ୍ତି ଆତ୍ମାଦ୍ୱାରା ପରମାତ୍ମାଙ୍କୁ ଆତ୍ମାରେ
କେହିକେହି ସାଙ୍ଖ୍ୟଯୋଗେ ଅନ୍ୟକେହି ଦେଖନ୍ତି କର୍ମଯୋଗରେ ।୨୪
ଏପରି ନଜାଣି କେହି ଅନ୍ୟଠାରୁ ଶୁଣି କରେ ଉପାସନ
ଅତିତରନ୍ତି ସେ ମଧ୍ୟ ମୃତ୍ୟୁଲୋକ ହୋଇ ଶ୍ରୁତିପରାୟଣ ।୨୫
ଯେତେ ବି ସୃଷ୍ଟିହୁଅନ୍ତି ଜୀବଗଣ ସ୍ଥାବର ଜଙ୍ଗମ ସର୍ବ
କ୍ଷେତ୍ର କ୍ଷେତ୍ରଜ୍ଞ ସଂଯୋଗେ ତାହାହୁଏ ଜାଣ ହେ ଭରତର୍ଷଭ ।୨୬

---

୨୩ ଯେ ପୁରୁଷ ଓ ପ୍ରକୃତିକୁ ଏପରିଭାବରେ ଜାଣନ୍ତି ସେ ସବୁ ପ୍ରକାର ଅବସ୍ଥାରେ ଥିଲେ ବି ତାଙ୍କର ପୁନର୍ବାର ଜନ୍ମ ହୁଏ ନାହିଁ ।

୨୪ କେହି କେହି ଧ୍ୟାନଯୋଗ ଦ୍ୱାରା ନିଜେ ନିଜଠାରେ ପରମାତ୍ମ ତତ୍ତ୍ୱକୁ ଦର୍ଶନ କରନ୍ତି, । କେହି ବା ସାଙ୍ଖ୍ୟଯୋଗରେ ବା ଜ୍ଞାନଯୋଗରେ ଓ ଅନ୍ୟକେହି କର୍ମଯୋଗ ଦ୍ୱାରା ଦର୍ଶନ କରନ୍ତି ।

୨୫ କେହି କେହି ଏପରି ନଜାଣି କେବଳ ଅନ୍ୟମାନଙ୍କଠାରୁ ଶୁଣି ଉପାସନା କରିଥାନ୍ତି । ଯାହା ଶୁଣିଥାନ୍ତି ତାହା ହିଁ ପରମଗତି ବୋଲି ଜାଣି ବିଶ୍ୱାସ କରି ମୃତ୍ୟୁକୁ ଅତିକ୍ରମ କରିଯାନ୍ତି ।

୨୬ ହେ ଅର୍ଜୁନ ସ୍ଥାବର ଓ ଜଙ୍ଗମ ଯେତେ ବି ପ୍ରାଣୀ ସୃଷ୍ଟି ହୁଅନ୍ତି ତାହା କ୍ଷେତ୍ର କ୍ଷେତ୍ରଜ୍ଞ ସଂଯୋଗରୁ ହୋଇଥାଏ ବୋଲି ଜାଣ ।

---

ସମସ୍ତ ଜୀବଗଣରେ ସମଭାବେ ବସନ୍ତି ପରମେଶ୍ୱର
ଅବିନାଶ ସମାନଭାବେ ଦେଖନ୍ତି ଯେ ସର୍ବତ୍ର ଇଶ୍ୱର ସମବସ୍ଥିତ
ଆତ୍ମାକୁ ଆତ୍ମାରେ ହିଂସା ନକରିସେ ପରମଗତି ପ୍ରାପତ ।୨୮।ଙ୍କୁ
ଦେଖେଯେ ବିନାଶୀରେ ସେ ଦେଖନ୍ତି ଯଥାର୍ଥର ।୨୭
ପ୍ରକୃତିଦ୍ୱାରା ଅବଶ୍ୟ କର୍ମସବୁ ସର୍ବୋତଭାବେ ସାଧିତ
ଆତ୍ମା ହିଁ ଅକର୍ତ୍ତା ବୋଲି ଯେଦେଖନ୍ତି ସିଏ ଦେଖନ୍ତି ଯଥାର୍ଥ ।୨୯
ସର୍ବଜୀବ ପୃଥକ୍ଭାବ ଯେବେଯିଏ ଏକରେହିଁ ସ୍ଥିତ ଦେଖେ
ପ୍ରକୃତିରୁହିଁ ବିସ୍ତାର ସେସବୁର ଦେଖି, ପ୍ରାପ୍ତକରେ ବ୍ରହ୍ମେ ।୩୦
ଅନାଦିତ୍ୱ ନିର୍ଗୁଣତ୍ୱ ଥିବାହେତୁ ପରମାତ୍ମା ହିଁ ଅବ୍ୟୟ
ଶରୀରସ୍ଥ କିନ୍ତୁ ନୁହେଁ କର୍ମକର୍ତ୍ତା କି କର୍ମଲିପ୍ତ କୌନ୍ତେୟ ।୩୧

---

୨୭ ଯେ ଅବିନାଶୀ ପରମେଶ୍ୱରଙ୍କୁ ବିନାଶଶୀଳ ଜୀବଗଣଙ୍କ ଭିତରେ ସମଭାବରେ ବାସ କରିଥିବାର ଦେଖନ୍ତି ସେ ପ୍ରକୃତରେ ଯଥାର୍ଥ ଦେଖନ୍ତି ।

୨୮ ଯେ ସର୍ବତ୍ର ପରମାତ୍ମାଙ୍କୁ ସମାନଭାବରେ ରହିଥିବାର ଦର୍ଶନ କରନ୍ତି ସେ ଆତ୍ମାକୁ ଆତ୍ମାଦ୍ୱାରା ହିଂସା କରନ୍ତି ନାହିଁ ତେଣୁ ସେ ପରମଗତି ପ୍ରାପ୍ତ ହୁଅନ୍ତି ।

୨୯ ପ୍ରକୃତିଦ୍ୱାରା ହିଁ ସକଳ କାର୍ଯ୍ୟ ସମ୍ପାଦିତ ହୁଏ ଏବଂ ଆତ୍ମା ଆକର୍ତ୍ତା ହୋଇ ରହିଥାନ୍ତି ବୋଲି ଯେ ଦେଖିପାରନ୍ତି ସେ ଯଥାର୍ଥ ଦେଖିପାରନ୍ତି ।

୩୦ ଯେବେ ମନୁଷ୍ୟ ଦେଖିପାରେ ବା ଉପଲବ୍ଧିକରେ ଯେ ଜଗତର ସକଳ ଜୀବର ଭିନ୍ନ ଭିନ୍ନ ଭାବ ଏକରେ ଅର୍ଥ ପ୍ରକୃତିରେ ହିଁ ଅବସ୍ଥିତ ଏବଂ ତହିଁରୁ ବିସ୍ତାରଲାଭ କରୁଛି ତେବେ ସେ ବ୍ରହ୍ମତ୍ୱ ପ୍ରାପ୍ତ ହୋଇଯାଏ ।

୩୧ ହେ କୌନ୍ତେୟ ପରମାତ୍ମା ଅନାଦି ଓ ନିର୍ଗୁଣ ହୋଇଥିବା ହେତୁ ସେ ଅବ୍ୟୟ ତେଣୁ ଶରୀରରେ ନିବାସ କରିଥିଲେ ମଧ୍ୟ ସେକିନ୍ତୁ କୌଣସି କର୍ମ କରନ୍ତି ନାହିଁ କି କୌଣସି କର୍ମରେ ଲିପ୍ତ ନୁହନ୍ତି ।

---

ଯଥା ସୁକ୍ଷ୍ମତାରେ ବ୍ୟୋମ ସର୍ବବ୍ୟାପ୍ତ ନୁହେଁ କାହିଁରେ ସେ ଲିପ୍ତ
ସର୍ବତ୍ର ଦେହରେ ସ୍ଥିତ ତଥାଆତ୍ମା ନୁହଁଇ କାହିଁରେ ଲିପ୍ତ ।୩୨
ଯଥା ପ୍ରକାଶ କରନ୍ତି ଏକସୂର୍ଯ୍ୟ ଏହି ସମଗ୍ର ଜଗତ
ତଥା ପ୍ରକାଶ କରନ୍ତି ଏକକ୍ଷେତ୍ରୀ ସର୍ବ କ୍ଷେତ୍ରକୁ ଭାରତ ।୩୩
କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟେ ଏପାର୍ଥକ୍ୟ ଦେଖେଯେ ଜ୍ଞାନଚକ୍ଷୁରେ
ଜୀବ ପ୍ରକୃତିରୁ ମୁକ୍ତ ଯେଜାଣନ୍ତି ଯାନ୍ତି ପରମ ଗତିରେ ।୩୪

---

୩୨ ନିଜର ସୂକ୍ଷ୍ମତା ହେତୁ ସର୍ବତ୍ର ବ୍ୟାପି ରହିଥିବା ଆକାଶ ଯେପରି କାହାରି କାର୍ଯ୍ୟରେ ଲିପ୍ତ ନୁହେଁ ସେପରି ଆତ୍ମା ସକଳ ଜୀବ ଦେହରେ ଅବସ୍ଥାନ କରିଥିଲେ ବି କେଉଁଥିରେ ଲିପ୍ତ ନୁହନ୍ତି ।

୩୩ ହେ ଅର୍ଜୁନ ଯେପରି ଗୋଟିଏ ମାତ୍ର ସୂର୍ଯ୍ୟ ସମଗ୍ର ଇହଲୋକ ବା ଜଗତକୁ ଆଲୋକିତ କରନ୍ତି ସେପରି ଏକ କ୍ଷେତ୍ରୀ ବା ଦେହର ଅଧିକାରୀ ସମସ୍ତ କ୍ଷେତ୍ରକୁ ବା ଦେହକୁ ଆଲୋକିତ କରନ୍ତି ।

୩୪ ଯେଉଁମାନେ ସ୍ୱ ଜ୍ଞାନଚକ୍ଷୁରେ କ୍ଷେତ୍ର ଓ କ୍ଷେତ୍ରଜ୍ଞ ମଧ୍ୟରେ ଥିବା ଏହିସବୁ ପାର୍ଥକ୍ୟ ଦେଖିପାରନ୍ତି ତଥା କାର୍ଯ୍ୟ କାରଣ ସମେତ ପ୍ରକୃତିଠାରୁ ସ୍ୱୟଂ କୁ ପୃଥକ ଅନୁଭବ କରନ୍ତି ସେମାନେ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ କ୍ଷେତ୍ର କ୍ଷେତ୍ରଜ୍ଞବିଭାଗ ଯୋଗ ନାମକ ତ୍ରୟୋଦଶ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ କ୍ଷେତ୍ର କ୍ଷେତ୍ରଜ୍ଞବିଭାଗ ଯୋଗ ନାମକ ତ୍ରୟୋଦଶ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୪୮୯+୩୪ =୫୨୩)

---

## ଚତୁର୍ଦ୍ଦଶ ଅଧ୍ୟାୟ୍

### ଗୁଣତ୍ରୟ଼ବିଭାଗଯୋଗଃ

ଶ୍ରୀଭଗବାନଉବାଚ

ଶ୍ରେଷ୍ଠ ଜ୍ଞାନ କହିବି ମୁଁ ପୂନର୍ବାର ଯାହା ଜ୍ଞାନରେ ଉତ୍ତମ
ଏ ଜ୍ଞାନକୁ କରି ଆଶ୍ରା ଯେଉଁମାନେ ମୋ ସାଧର୍ମ୍ୟ ହୋଇ ପ୍ରାପ୍ତ
ମହାସର୍ଗେ ନୁହେଁ ଜନ୍ମ ସେହିମାନେ ପ୍ରଳୟେ ନୁହେଁ ବ୍ୟଥିତ ।୨
ଯାହାଜାଣି ମୁନିମାନେ ମୁକ୍ତହୋଇ ପ୍ରାପତ ସିଦ୍ଧି ପରମ ।୧
ଗର୍ଭାଧାନ ସ୍ଥାନ ମୋର ମହତ୍ ବ୍ରହ୍ମ ମୁଁ ଗର୍ଭ କରେ ସ୍ଥାପନ
ସକଳଜୀବ ସମ୍ଭବ ହେ ଭାରତ ସେହିଥିରୁ ହୁଏ ଜାଣ ।୩

---

୧ ପୂନର୍ବାର ସମସ୍ତ ଜ୍ଞାନ ମଧ୍ୟରେ ଯାହା ଅତିଶ୍ରେଷ୍ଠ ଓ ଉତ୍ତମ, ସେହି ପରମ ଜ୍ଞାନ କହିବାକୁ ଯାଉଛି। ଯାହା ଜାଣି ମୁନିମାନେ ଇହଜନ୍ମରୁ ମୁକ୍ତହୋଇ ପରମ ସିଦ୍ଧି ପ୍ରାପ୍ତ ହୋଇଥାନ୍ତି ।

୨ ଯେଉଁମାନେ ଏହି ଜ୍ଞାନକୁ ଆଶ୍ରୟ଼କରି ମୋ ସହିତ ଏକତ୍ୱ ଲାଭ କରିଥାନ୍ତି ସେମାନେ ସୃଷ୍ଟି କାଳରେ ପୁଣି ଜନ୍ମ ଲାଭ କରନ୍ତି ନାହିଁ କି ପ୍ରଳୟ଼ କାଳରେ ଦୁଃଖ ଯନ୍ତ୍ରଣାରେ ଛଟପଟ ହୁଅନ୍ତି ନାହିଁ ।

୩ ହେ ଅର୍ଜୁନ (ମୂଳପ୍ରକୃତି) ମହତ୍ ବ୍ରହ୍ମ ହିଁ ମୋର ଗର୍ଭାଧାନ ସ୍ଥାନ ସେହିଥିରେ ମୁଁ ଗର୍ଭ ସ୍ଥାପନ କରିଥାଏ। ସକଳ ଜୀବ ସେହିଥିରୁ ହିଁ ଉତ୍ପନ୍ନ ହୋଇଥାନ୍ତି ।

---

ସକଳ ଯୋନୀରେ ଯେତେ ହେ କୌନ୍ତେୟ, ଜନ୍ମେ ମୂର୍ତ୍ତିମନ୍ତ ସତ୍ତା
ମହତ୍ ବ୍ରହ୍ମ ସେ ଯୋନୀ ସେମାନଙ୍କ ମୁହିଁ ବୀଜପ୍ରଦ ପିତା ।୪
ସତ୍ତ୍ୱ ରଜ ତମ ଇତି ଗୁଣାବଳୀ ସବୁ ପ୍ରକୃତି ସମ୍ଭବ
ବନ୍ଧନ କରନ୍ତି ଦେହେ ମହାବାହୁ ଅବ୍ୟୟ, ସେ ଦେହଧବ ।୫
ଗୁଣମଧ୍ୟେ ସତ୍ତ୍ୱଗୁଣ ଯେନିର୍ମଳ ପ୍ରକାଶକ ନିର୍ବିକାର
ସୁଖ, ଜ୍ଞାନ ଆସକ୍ତିରୁ ହେ ଅନଘ ଦେହୀ ରହେ ବନ୍ଧନର ।୬
ରଜୋ, ରାଗାତ୍ମକ ଜାଣ ଉତ୍ପାଦନ କରେତୃଷ୍ଣା, ଆସକ୍ତିକୁ
କରେ ବନ୍ଧନ କୌନ୍ତେୟ, କର୍ମାସକ୍ତି ଦ୍ୱାରା ଏ ଦେହୀମାନଙ୍କୁ ।୭

---

୪ ସକଳ ଯୋନୀରେ ଯେତେସବୁ ରୂପଧାରୀ ଜୀବ ଜନ୍ମ ନିଅନ୍ତି ମହତ୍ ବ୍ରହ୍ମ ସେହି ସମସ୍ତଙ୍କର ମାତା ଏବଂ ମୁଁ ହେଉଛି ସମସ୍ତଙ୍କର ବୀଜ ବପନକାରୀ ପିତା ।

୫ ହେ ଅର୍ଜୁନ ସତ୍ତ୍ୱ ରଜ ତମ ଆଦି ଗୁଣ ଗୁଡିକ ଅବ୍ୟୟ , ଦେହଧବ ବା ଦେହଧାରୀ ଆତ୍ମାକୁ ଦେହରେ ବନ୍ଧନ କରି ରଖନ୍ତି ।

୬ ହେ ଅନଘ ଅର୍ଜୁନ ଗୁଣଗୁଡିକ ମଧ୍ୟରେ ସତ୍ତ୍ୱଗୁଣ ତାର ନିର୍ମଳତା, ଉଜ୍ଜ୍ୱଳତା ଓ ନିର୍ବିକାରତା ଯୋଗୁ ସେ ଜୀବକୁ ସୁଖ ତଥା ଜ୍ଞାନରେ ଆସକ୍ତ କରି ବାନ୍ଧିରଖେ ।

୭ ହେ ଅର୍ଜୁନ ରଜୋଗୁଣ ହେଉଛି ରାଗାତ୍ମକ . ଏହା ତୃଷ୍ଣା ଓ ଆସକ୍ତି ଉତ୍ପନ୍ନ କରେ । ଦେହୀକୁ କର୍ମ ଆସକ୍ତିରେ ଦୃଢଭାବରେ ବନ୍ଧନ କରେ ।

---

ତମ ଅଜ୍ଞତାରୁ ଜାତ ଜାଣଏହା ମୋହଇ ସକଳଦେହୀ
ପ୍ରମାଦେ ନିଦ୍ରା ଆଳସ୍ୟେ ହେଭାରତ ସୁଦୃଢେ କରେ ବନ୍ଧାଇ ।୮
ସତ୍ତ୍ୱ ସୁଖେ ରଜ କର୍ମେ ମନୁଷ୍ୟକୁ କରେ ସଂଶ୍ଳିଷ୍ଟ ଭାରତ
କରି ଜ୍ଞାନକୁ ଆବୃତ୍ତ ତମୋଗୁଣ ପ୍ରମାଦେ ସଂଯୋଗପ୍ରାପ୍ତ ।୯
ରଜ, ତମ ଅଭିଭୂତ କରିହୁଏ ସତ୍ତ୍ୱ ଉଦୟ ଭାରତ
ରଜ ସତ୍ତ୍ୱ ଦମନରେ ତମ ତଥା ତମ ସତ୍ତ୍ୱେ ରଜୋଦିତ ।୧୦
ଏ ଦେହର ସର୍ବଦ୍ୱାରେ ଯେତେବେଳେ ଜ୍ଞାନପ୍ରକାଶ ଉଦିତ
ଜାଣିବା ଉଚିତ ତେବେ ସତ୍ତ୍ୱଗୁଣ ବିଶେଷଭାବେ ବର୍ଦ୍ଧିତ ।୧୧

---

୮ ହେ ଅର୍ଜୁନ ତମଗୁଣ ଅଜ୍ଞତାରୁ ଜାତ ତାହା ସମସ୍ତଙ୍କୁ ମୋହିତ କରି ରଖେ। ଅମନଯୋଗୀତା, ନିଦ୍ରା ଓ ଆଳସ୍ୟ ଦ୍ୱାରା ଏହା ଜୀବକୁ ଦୃଢ ଭାବରେ ବନ୍ଧନ କରିଦିଏ।

୯ ହେ ଅର୍ଜୁନ ସତ୍ତ୍ୱଗୁଣ ଜୀବକୁ ସୁଖରେ, ରଜୋଗୁଣ କର୍ମରେ ଲିପ୍ତକରି, ମନୁଷ୍ୟ ଉପରେ ବିଜୟ ପାଏ ଏବଂ ତମୋଗୁଣ ଜୀବର ଜ୍ଞାନକୁ ଆଚ୍ଛାଦିତ କରି ପ୍ରମାଦରେ ଲିପ୍ତରଖେ।

୧୦ ହେ ଅର୍ଜୁନ, ରଜୋଗୁଣ ଓ ତମଗୁଣକୁ ଅଭିଭୂତ କରି ସତ୍ତ୍ୱଗୁଣ ଉଦୟହୁଏ , ସେହିପରି ସତ୍ତ୍ୱଗୁଣ ଓ ତମୋଗୁଣକୁ ଅଭିଭୁତ କରି ରଜୋଗୁଣ ପ୍ରାବଲ୍ୟ ହୁଏ ଓ ସତ୍ତ୍ୱଗୁଣ ରଜୋଗୁଣକୁ ଅଭିଭୁତ କରି ତମଗୁଣ ପ୍ରାବଲ୍ୟ ହୁଏ ।

୧୧ ଯେତେବେଳେ ଦେହର ସମସ୍ତ ଦ୍ୱାରରେ ବା ଇନ୍ଦ୍ରିୟ ଓ ଅନ୍ତଃକରଣରେ ଜ୍ଞାନର ପ୍ରକାଶ ଉଦୟହୁଏ ସେତେବେଳେ ସତ୍ତ୍ୱଗୁଣ ବିଶେଷଭାବେ ବୃଦ୍ଧି ପାଇଛି ବୋଲି ଜାଣିବ।

---

ଲୋଭ ପ୍ରବୃତ୍ତି ଆରମ୍ଭ ସର୍ବକର୍ମେ ଅଶାନ୍ତି, ଓ ସ୍ପୃହା ଆଦି
ଭରତର୍ଷଭ ଏସବୁ ଜାତହୁଏ ହେଲେ ରଜୋଗୁଣ ବୃଦ୍ଧି ।୧୨
ଅପ୍ରକାଶ ଅପ୍ରବୃତ୍ତି ଆଉମଧ୍ୟ ପ୍ରମାଦ ମୁହ୍ୟତା ଆଦି
କୁରୁନନ୍ଦନ ଏସବୁ ଜାତହୁଏ ହେଲେ ତମୋଗୁଣ ବୃଦ୍ଧି ।୧୩
ସତ୍ତ୍ୱ ବୃଦ୍ଧି ଥିବା ବେଳେ ଯଦିକେବେ ଦେହଧାରୀ ମୃତ୍ୟୁଲଭେ
ସିଏ ଉତ୍ତମ ଜ୍ଞାନୀଙ୍କ ଅମଳୀନ ନିଷ୍ପାପ ଜଗତ ଲଭେ ।୧୪
ରଜୋଗୁଣରେ ପ୍ରଳୟ ଗତହେଲେ ଜନ୍ମେ କର୍ମାସକ୍ତ ଜୀବ
ତଥା ପ୍ରଳୟେ ଗମନ ତମୋଗୁଣେ ମୂଢଯୋନୀରେ ସମ୍ଭବ ।୧୫

---

୧୨ ହେ ଭରତର୍ଷଭ ଅର୍ଜୁନ ରଜୋଗୁଣ ବିଶେଷ ବୃଦ୍ଧି ପ୍ରାପ୍ତ ହେଲେ ଲୋଭ, ପ୍ରବୃତ୍ତି କର୍ମାରମ୍ଭ ଅଶାନ୍ତି ,ସ୍ପୃହା ପ୍ରଭୃତି ବୃତ୍ତି ଜାତ ହୁଅନ୍ତି ।

୧୩ ହେ ଅର୍ଜୁନ ତମୋଗୁଣର ବୃଦ୍ଧିରେ ମନୁଷ୍ୟର ଅପ୍ରକାଶ ଅପ୍ରବୃତ୍ତି ପ୍ରମାଦ ଓ ମୋହ ଜାଗ୍ରତ ହୁଏ ।

୧୪ ସତ୍ତ୍ୱଗୁଣର ପ୍ରାବଲ୍ୟ ଥିବା ବେଳେ ଯଦି ଦେହଧାରୀ ଜୀବ ମୃତ୍ୟୁ ଲାଭ କରନ୍ତି ତେବେ ସେମାନେ ଉତ୍ତମ ତତ୍ତ୍ୱଜ୍ଞାନୀଙ୍କ ପାଇଁ ଉଦ୍ଦିଷ୍ଟ ଅମଳୀନ ନୀଷ୍ପାପ ଲୋକ ପ୍ରାପ୍ତ ହୁଅନ୍ତି ।

୧୫ ରଜୋଗୁଣର ପ୍ରାବଲ୍ୟରେ ଯଦି ଜୀବର ମୃତ୍ୟୁ ହେଲେ ସେ କର୍ମାସକ୍ତ ଜୀବମାନଙ୍କ ମଧ୍ୟରେ ଜନ୍ମ ନିଏ ଏବଂ ତମୋଗୁଣରେ ମୃତ୍ୟୁ ହେଲେ ଜୀବ ମୂଢଯୋନୀରେ ଜନ୍ମଲାଭକରେ ।

---

ସୁକୃତ କର୍ମରଫଳ କୁହାଯାଏ ସାତ୍ତ୍ୱିକ ଆଉ ନିର୍ମଳ
ରଜୋଗୁଣ ଫଳ ଦୁଃଖ ଅଜ୍ଞାନତା ତମୋଗୁଣୀଙ୍କର ଫଳ ।୧୬
ସତ୍ତ୍ୱରୁ ଉଦୟ ଜ୍ଞାନ ଆଉମଧ୍ୟ ରଜୋଗୁଣୁ ଲୋଭ ଜାତ
ପ୍ରମାଦ, ମୋହ ଉଦୟ ତମୋଗୁଣୁ ଅଜ୍ଞାନତା ହିଁ ସମ୍ଭୂତ ।୧୭
ଉର୍ଦ୍ଧ୍ୱଲୋକେ ଯାଇଥାନ୍ତି ସତ୍ତ୍ୱଗୁଣୀ ମଧ୍ୟେ ରଜୋଗୁଣୀ ସ୍ଥିତ
ଜଘନ୍ୟଗୁଣସମ୍ପନ୍ନ ତମୋଗୁଣୀ ଅଧୋଗତି କରେ ପ୍ରାପ୍ତ ।୧୮
ଗୁଣବ୍ୟତୀତ ଅନ୍ୟକେ କର୍ତ୍ତାନୁହେଁ, ଯେବେ ଦ୍ରଷ୍ଟା ଦେଖିଥାନ୍ତି
ଗୁଣରୁ ଅତୀତ ସ୍ୱୟଂ ଅନୁଭବେ, ମୋ ଭାବ ପ୍ରାପ୍ତ ହୁଅନ୍ତି । ୧୯

---

୧୬ କୁହାଯାଏ ଯେ ମହତ୍ କର୍ମର ଫଳ ନିର୍ମଳ ଓ ସାତ୍ତ୍ୱିକ, ରାଜସିକ କର୍ମର ଫଳ ଦୁଃଖମୟ ଓ ତାମସିକ କର୍ମର ଫଳ ଅଜ୍ଞାନତା ବା ମୂଢତା ।

୧୭ ସତ୍ତ୍ୱଗୁଣରୁ ଜ୍ଞାନ ଉଦୟହୁଏ, ରଜୋଗୁଣରୁ ଲୋଭ ଜାତହୁଏ ଏବଂ ତମୋଗୁଣରୁ ଜାତହୁଏ ପ୍ରମାଦ ମୋହ ଓ ଅଜ୍ଞାନତା ।

୧୮ ସତ୍ତ୍ୱଗୁଣୀ ବ୍ୟକ୍ତିମାନେ ଉର୍ଦ୍ଧ୍ୱଲୋକକୁ ଗମନ କରନ୍ତି ଓ ରଜୋଗୁଣୀ ମଧ୍ୟଲୋକରେ ଅବସ୍ଥାନ କରନ୍ତି ।ମାତ୍ର ଜଘନ୍ୟ ଗୁଣସମ୍ପନ୍ନ ନିଚବୁଦ୍ଧି ତମୋଗୁଣୀବ୍ୟକ୍ତି ଅଧୋଗତି ଲାଭ କରନ୍ତି ।

୧୯ ଯେ ଦ୍ରଷ୍ଟା ଦେଖିପାରନ୍ତି ଯେ ଗୁଣ ବ୍ୟତୀତ ଅନ୍ୟ କର୍ତ୍ତା କେହିନାହିଁ ଓ ନିଜକୁ ଗୁଣରୁ ଅତୀତ ବୋଲି ଜାଣିପାରନ୍ତି ସେ ମୋ ଭାବକୁ ପ୍ରାପ୍ତହୁଅନ୍ତି ।

---

ଦେହ ଉତ୍ପତ୍ତି କାରଣ ତ୍ରୀଗୁଣରୁ ଅତୀତ ହୋଇଲେ ଜୀବ
ଜନ୍ମ ମୃତ୍ୟୁ ଜରା ଦୁଃଖୁ ପାଏମୁକ୍ତି ଅମୃତତ୍ୱ କରେଲାଭ ।୨୦

ଅର୍ଜୁନଉବାଚ

କି ଲକ୍ଷଣ ପ୍ରକଟିତ ହୁଏପ୍ରଭୁ ଯେ ହୁଏ ତ୍ରଗୁଣାତୀତ
କି ଆଚାରଣ କରନ୍ତି କିପରି ବା ହୁଅନ୍ତି ତ୍ରୀଗୁଣାତୀତ ।୨୧

ଶ୍ରୀଭଗବାନଉବାଚ

ପ୍ରକାଶ ପ୍ରବୃତ୍ତି ମୋହ ହେ ପାଣ୍ଡବ ହେଲେ ସମ୍ପୂର୍ଣ୍ଣ ପ୍ରବୃତ୍ତ
ସମ୍ପ୍ରବୃତ୍ତିରେ ନ ଦ୍ୱେଷ  ନ ଆକାଂକ୍ଷା ହେଲେ ଏସବୁ ନିବୃତ୍ତ ।୨୨
ଉଦାସୀନପରି ସ୍ଥିତି ଗୁଣରେ ଯେ ହୁଏନାହିଁ ବିଚଳିତ
ଗୁଣସମୂହ ବର୍ତ୍ତନ୍ତି ଜାଣିଏହା ଆତ୍ମସ୍ଥ ଓ ଅଚେଷ୍ଟିତ ।୨୩

---

୨୦  ଦେହର ଉତ୍ପତ୍ତିର କାରଣ ସ୍ୱରୂପ ତ୍ରୀଗୁଣରୁ ଅତୀତ ହୋଇଗଲେ ଦେହୀ ବା ଜୀବ ଜନ୍ମ ମୃତ୍ୟୁ ଜରା ଓ ଦୁଃଖରୁ ମୁକ୍ତିପାଇ ମୋକ୍ଷଲାଭ କରିଥାଏ ।

୨୧  ହେ ପ୍ରଭୁ ତ୍ରୀଗୁଣକୁ ଅତିକ୍ରମ କଲେ କି କି ଲକ୍ଷଣ ପ୍ରକଟିତ ହୁଏ ଏବଂ ତ୍ରୀଗୁଣାତୀତ ଯୋଗୀଙ୍କର ଆଚରଣ ବ୍ୟବହାର କିପରି ହୋଇଥାଏ ଆଉ କିପରି ଏହି ତ୍ରୀଗୁଣକୁ ଅତିକ୍ରମ କରାଯାଇପାରିବ । ଏ ଥିଲା ଅର୍ଜୁନଙ୍କର ପ୍ରଶ୍ନ ।

୨୨  ପ୍ରକାଶ ,କର୍ମପ୍ରବୃତ୍ତି ଓ ମୋହ ଉପସ୍ଥିତହେଲେ ସେମାନେ ଦ୍ୱେଷ କରନ୍ତି ନାହିଁ କି ଏମାନେ ନିବୃତ୍ତ ହୋଇଗଲେ ସେମାନେ ସେଥିପାଇଁ କାମନା କରନ୍ତି ନାହିଁ ।

୨୩  ତ୍ରୀଗୁଣ କର୍ଯ୍ୟରେ ବିଚଳିତ ନ ହୋଇ ଉଦାସୀନ ପରି ଅବସ୍ଥାନ କରନ୍ତି । ଗୁଣଗୁଡିକ ନିଜ ନିଜ କାର୍ଯ୍ୟ କରୁଛନ୍ତି ଜାଣି ସେମାନେ ଆତ୍ମସ୍ଥ ରହନ୍ତି ଓ ନିଜେ କୌଣସି ଚେଷ୍ଟା କରନ୍ତି ନାହିଁ ।

---

ଦୁଃଖସୁଖେ ସମଭାବ ଆତ୍ମସ୍ଥିତ ସମତ୍ୱ ଅଶ୍ମ କାଞ୍ଚନ
ତୁଲ୍ୟ ପ୍ରୀୟ୍ ଅପ୍ରୀୟ୍ରେ ରହେଦୃଢ ନିନ୍ଦା ପ୍ରଶଂସା ତୁଳନ ।୨୪
ମାନ ଅପମାନ ତୁଲ୍ୟ, ତୁଲ୍ୟଅଟେ ଶତୃପକ୍ଷ ଅବା ମିତ୍ର
ସର୍ବକର୍ମର ଆରମ୍ଭ ପରିତ୍ୟାଗୀ କୁହାଯାଏ ଗୁଣାତୀତ ।୨୫
ଅବ୍ୟଭିଚାରୀ ଭାବରେ ଭକ୍ତିଯୋଗେ ଯେମୋହର ସେବାକରେ
ଏହିସବୁ ଗୁଣାତୀତ ହୋଇସିଏ ଯୋଗ୍ୟ ବ୍ରହ୍ମତ୍ୱ ଲାଭରେ ।୨୬

---

୨୪,୨୫ ଯେ ଦୁଃଖ ସୁଖ ସମାନଭାବରେ ଗ୍ରହଣ କରନ୍ତି ଓ ନିଜ ସ୍ୱରୂପରେ ସ୍ଥିର ରହନ୍ତି , ହୀରା ନୀଳା ସୁନା ପଥର ଲୁହାଖଣ୍ଡ ଏକାପରି ଦେଖନ୍ତି, ପ୍ରୀୟ୍ , ରୁଚିକର ବା ଅପ୍ରୀୟ୍ , ଅରୁଚିକର ବସ୍ତୁକୁ ଏକାଦୃଷ୍ଟିରେ ଦେଖନ୍ତି, ନିନ୍ଦା ଓ ପ୍ରଶଂସାକୁ ସମାନ ଭାବରେ ଗ୍ରହଣ କରନ୍ତି, ମାନ ଅପମାନକୁ ସମାନ ଭାବରେ ଗ୍ରହଣ କରନ୍ତି , ଶତୃ ଓ ମିତ୍ରକୁ ସମାନ ବ୍ୟବହାର କରନ୍ତି, ଫଳଦାୟୀ କର୍ମରେ ଯେ ଉଦ୍ୟମଶୂନ୍ୟ ହେଇ ରହିଥାନ୍ତି ତାଙ୍କୁ ଗୁଣାତୀତ ବୋଲି କୁହାଯାଏ ।

୨୬ ଯେ ଅବ୍ୟଭିଚାରୀ ଭକ୍ତିଯୋଗଦ୍ୱାରା ମୋର ସେବାକରେ ଏହିସବୁ ଗୁଣ ସମୂହକୁ ଅତିକ୍ରମ କରି ବ୍ରହ୍ମତ୍ୱ ଲାଭ ପାଇଁ ଯୋଗ୍ୟଅଟେ ।

---

ଆଶ୍ରୟ ମୁଁ ବ୍ରହ୍ମଙ୍କର ଯେ ଅଟନ୍ତି ଅମୃତମୟ ଅବ୍ୟୟ
ଶାଶ୍ୱତ ଧର୍ମ ଆଧାର ଐକାନ୍ତିକ ସୁଖର ମଧ୍ୟ ଆଶ୍ରୟ ।୨୭

---

୨୭ କାରଣ ମୁଁ ହେଉଛି ବ୍ରହ୍ମଙ୍କର ଆଶ୍ରୟ ଯେ ଅମୃତ ସ୍ୱରୂପ ଅବ୍ୟୟ ଶାଶ୍ୱତ ଓ ସନାତନ ଧର୍ମର ଐକାନ୍ତିକସୁଖର ଓ ଶୁଦ୍ଧତାର ଆଧାର ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଗୁଣତ୍ରୟବିଭାଗ ଯୋଗ ନାମକ ଚତୁର୍ଦ୍ଦଶ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଗୁଣତ୍ରୟବିଭାଗ ଯୋଗ ନାମକ ଚତୁର୍ଦ୍ଦଶ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୫୨୩+୨୭ =୫୫୦)

---

## ପଞ୍ଚଦଶଅଧ୍ୟାୟ

### ପୁରୁଷୋତ୍ତମଯୋଗଃ

ଶ୍ରୀଭଗବାନଉବାଚ

ଊର୍ଦ୍ଧ୍ୱମୂଳ ଅଧ ଶାଖା ସେ ଅଶ୍ୱତ୍‌ଥ ବୃକ୍ଷ କହନ୍ତି ଅବ୍ୟୟ
ଛନ୍ଦସ୍ତୋତ୍ର ଯାହା ପତ୍ର, ଯିଏତାକୁ ଜାଣେ ବେଦଜ୍ଞ ନିଶ୍ଚୟ।୧
ଅଧ ଊର୍ଦ୍ଧ୍ୱରେ ବିସ୍ତୃତ ତାର ଶାଖାଚୟ
ଗୁଣେ ବର୍ଦ୍ଧିତ ଇନ୍ଦ୍ରିୟ ବିଷୟ କଳିକେ
ଅଧକୁ ମୂଳସକଳ କରିଛି ବିସ୍ତାର
ବିଭିନ୍ନ କର୍ମବନ୍ଧନେ ଏ ମନୁଷ୍ୟଲୋକେ।୨

---

୧ ସେମାନେ ବା ଜ୍ଞାନୀମାନେ କହନ୍ତି ଯେଉ ଅଶ୍ୱତ୍‌ଥ ବୃକ୍ଷର ମୂଳ ଊର୍ଦ୍ଧ୍ୱକୁ ଡାଳ ତଳକୁ ଲମ୍ବିଛି ଯାହାର ପତ୍ର ବିଭିନ୍ନ ଛନ୍ଦର ସ୍ତୋତ୍ରାବଳୀ ସେହି ଅବ୍ୟୟ ବା ଚିରନ୍ତନ ବୃକ୍ଷକୁ ଯେ ଜାଣନ୍ତି ସେ ନିଶ୍ଚୟ ବେଦଜ୍ଞ।

୨ ସେହି ବୃକ୍ଷର ଶାଖାଗୁଡିକ ଗୁଣମାନଙ୍କଦ୍ୱାରା ପରିବର୍ଦ୍ଧିତ ହୋଇ ତଳକୁ ଓ ଉପରକୁ ବିସ୍ତାର ଲାଭ କରିଛି ଓ ତହିଁରେ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ସମୂହ ତାର ମଞ୍ଜରୀ ମୁକୁଳ। ତାର ଚେରଗୁଡିକ ତଳକୁ ବିସ୍ତାର ଲାଭକରି ବିଭିନ୍ନ କର୍ମର ହେତୁ ହୋଇଛି।

---

ରୂପ ଏହାର ନୁହେଁ ତଥା ଉପଲଭ୍ୟ
ନାହିଁ ଅନ୍ତ ନାହିଁ ଆଦି ନାହିଁ ତାରସ୍ଥିତି
ଏହା ହିଁ ଅଶ୍ୱତ୍‌ଥ ତାର ମୂଳଟି ସୁଦୃଢ
ଛିନ୍ନ କର ଦୃଢେ ଧରି ଶସ୍ତ୍ର ଅନାସକ୍ତି ।୩
ତାପରେ ପରମପଦ କର ଅନ୍ୱେଷଣ
ଯହିଁ ଯାଇ ପୂନର୍ବାର ନୁହେଁ ଆବର୍ତ୍ତିତ
ସେ ଆଦିପୁରୁଷ ପଦେ ଶରଣ ପ୍ରପଦ୍ୟେ
ଯେଉଁଠୁ ଅନାଦିକାଳୁ ସୃଷ୍ଟି ପ୍ରସାରିତ ।୪

---

୩ ଯେପରି କୁହାଯାଇଛି ଏ ବୃକ୍ଷର ସ୍ୱରୂପ ସେପରି ଉପଲବ୍ଧ ହୁଏନାହିଁ କାରଣ ଏହାର ଆଦି ଅନ୍ତ ଓ ସ୍ଥିତି ବୋଲି କିଛିନାହିଁ । ଏହି ହେଉଛି ସଂସାର ବୃକ୍ଷ-ଅଶ୍ୱତ୍‌ଥ, ଏହାର ମୂଳ ସୁଦୃଢ ତେଣୁ ତାକୁ ଅନାସକ୍ତ ବୈରାଗ୍ୟ ରୂପକ ଶସ୍ତ୍ର ଦ୍ୱାରା ଛେଦନ କର ।

୪ ତାପରେ ସେହି ପରମପଦ ପରମାତ୍ମାଙ୍କୁ ଅନ୍ୱେଷଣ କରିବା ଉଚିତ, ଯେଉଁଠାକୁ ଯାଇ ମନୁଷ୍ୟ ପୂନର୍ବାର ଏ ସଂସାରକୁ ଫେରି ଆସନ୍ତି ନାହିଁ ଏବଂ ସେହି ପରମପଦ ଆଦିପୁରୁଷର ଶରଣ ନିଅ, ଯେଉଁଠୁ ଅନାଦିକାଳରୁ ପ୍ରଚଳିତ ସୃଷ୍ଟି ବିସ୍ତାର ଲାଭ କରିଛି ।

---

ନ ମାନ ନ ମୋହ ଆଉ ଜୀତସଙ୍ଗଦୋଷ
ନିରନ୍ତର ଆତ୍ମସ୍ଥିତ କାମନା ନିବୃତ୍ତ
ସୁଖ ଓ ଦୁଃଖ ସଞ୍ଜକ ଦ୍ୱନ୍ଦ୍ୱରୁ ବିମୁକ୍ତ
ଅମୂଢ ଲଭେ ଅବ୍ୟୟ, ପଦ ହିଁ ଶାଶ୍ୱତ ।୫
ଆଲୋକିତ ନୁହେଁତାହା ସୂର୍ଯ୍ୟଦ୍ୱାରା ନଶଶାଙ୍କ ନ ଅଗ୍ନିର
ଯହିଁଗଲେ ନ ଫେରନ୍ତି କେହିକେବେ ସେଧାମ ପରମ ମୋର ।୬
ମୋହର ଏକ ହିଁ ଅଂଶ ସନାତନ ଜୀବଲୋକେ ଜୀବହୋଇ
ପ୍ରକୃତିସ୍ଥ ମନ ଷଷ୍ଠ ଇନ୍ଦ୍ରୀୟଙ୍କୁ ଆକର୍ଷଣ କରୁଥାଇ ।୭
ନୂତନ ଶରୀର ଲଭି ଯାଏଯେବେ ଏ ଦେହ କରି ତ୍ୟଜନ
ଏସବୁ ନେଇ ଚଳନ୍ତି ଯେଉଁପରି ବାୟୁ ସୁବାସ ସୁମନ ।୮

---

୫ ଗର୍ବ ,ମୋହ ବିବର୍ଜିତ ହୋଇ, ଆସକ୍ତି ରୂପକ ଦୋଷକୁ ଜୟକରି , କାମନାସମୂହ ପରିତ୍ୟାଗ କରି,ସୁଖଦୁଃଖାଦି ଦ୍ୱନ୍ଦ୍ୱଭାବରୁ ମୁକ୍ତହୋଇ, ମୋହଶୂନ୍ୟ ବିବେକୀ ବ୍ୟକ୍ତି ,ସେହି ଶାଶ୍ୱତପଦ ରୂପି ଲକ୍ଷ୍ୟସ୍ଥଳ ଲାଭକରନ୍ତି ।

୬ ଯେଉଁ ଧାମକୁ ସୂର୍ଯ୍ୟ ଚନ୍ଦ୍ର ଓ ଅଗ୍ନି ଆଲୋକିତ କରି ପାରନ୍ତି ନାହିଁ ଏବଂ ଯେଉଁ ଧାମକୁ କେହି ଗଲେ ଆଉ ଫେରନ୍ତିନାହିଁ, ସେହି ହିଁ ମୋର ପରମ ଧାମ ।

୭ ମୋର ଗୋଟିଏ ଚିରନ୍ତନ ଅଂଶ ଜୀବଲୋକରେ ଜୀବହୋଇ ପ୍ରକୃତିରେ ଅବସ୍ଥିତ ପଞ୍ଚେନ୍ଦ୍ରିୟ ତଥା ଷଷ୍ଠଇନ୍ଦ୍ରୀୟ ମନକୁ ଆକର୍ଷଣ କରେ ।

୮ ବାୟୁ ଯେପରି ଗନ୍ଧର ଆସ୍ଥାନ ଫୁଲରୁ ସୁବାସ ନେଇଚାଲିଯାଏ ସେପରି ଜୀବାତ୍ମା ଗୋଟିଏ ଶରୀର ପାଇ ଏ ଦେହ ତ୍ୟାଗକରି ଗଲାବେଳେ ଏସବୁ ଇନ୍ଦ୍ରିୟ ମନ ବୁଦ୍ଧିକୁ ନେଇ ଚାଲିଯାନ୍ତି ।

ଶ୍ରୋତ୍ର ଚକ୍ଷୁ ଓ ସ୍ପର୍ଶନ ରସନ ବି ଘ୍ରାଣ ଇତ୍ୟାଦି ଇନ୍ଦ୍ରିୟ
ଅଧିଷ୍ଠିତ ହୋଇ ମନେ ଭୋଗକରେ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ।୯
ଜୀବ, ତେଜିଯାଉଥିବା, ସ୍ଥିତଥିବା, ଭୁଞ୍ଜୁଥିବା, ଗୁଣଯୁକ୍ତ
ବିମୂଢା ନ ଦେଖିପାରେ କିନ୍ତୁଦେଖେ ଯିଏ ଜ୍ଞାନ ଚକ୍ଷୁଯୁକ୍ତ ।୧୦
ଯତ୍ନଶୀଳ ଯୋଗୀଗଣ ଏହିତତ୍ତ୍ୱ ଦେଖନ୍ତି ଆତ୍ମାରେ ଥାଇ
ହେଲେମଧ୍ୟ ଯତ୍ନଶୀଳ ଅଶୁଦ୍ଧଚିତ୍ତ ଅଚେତେ ଦୃଶ୍ୟନୋହି ।୧୧
ଆଦିତ୍ୟପ୍ରାପ୍ତ ଯେ ତେଜ ଆଲୋକିତ କରେ ଅଖିଳ ଜଗତ
ଚନ୍ଦ୍ରମାରେ ଓ ଅଗ୍ନିରେ ଯେଉଁତେଜ ଜାଣ ମୋଠାରୁ ସମ୍ଭୂତ ।୧୨

---

୯ କର୍ଣ୍ଣ ଚକ୍ଷୁ ସ୍ପର୍ଶ ଜୀହ୍ୱା ନାସା ଇତ୍ୟାଦି ଇନ୍ଦ୍ରିୟମାନଙ୍କ ଦ୍ୱାରା ମନ ଉପରେ ଅଧିଷ୍ଠିତ ହୋଇ ଜୀବାତ୍ମା ଇନ୍ଦ୍ରିୟଗ୍ରାହ୍ୟ ବିଷୟ ଉପଭୋଗ କରେ ।

୧୦ ଯେଉଁ ଜୀବାତ୍ମା ଦେହ ତ୍ୟାଗକରି ଚାଲି ଯାଉଥିଲେ ମଧ୍ୟ, ଅନ୍ୟ ଶରୀରରେ ସ୍ଥିତଥିଲେ ମଧ୍ୟ, ଗୁଣଯୁକ୍ତ ହୋଇ ବିଷୟ ଉପଭୋଗ କରୁଥିଲେ ମଧ୍ୟ, ଜୀବାତ୍ମାକୁ ମୂଢଲୋକ ଦେଖିପାରନ୍ତି ନାହିଁ , କେବଳ ଜ୍ଞାନଚକ୍ଷୁ ସମ୍ପନ୍ନ ଜ୍ଞାନୀ ଦେଖିପାରନ୍ତି ।

୧୧ ଯତ୍ନଶୀଳ ଯୋଗୀଗଣ ନିଜଠାରେ ସ୍ଥିତଥାଇ ଏହି ଆତ୍ମତତ୍ତ୍ୱକୁ ଦର୍ଶନ କରିଥାନ୍ତି । ମାତ୍ର ଅଶୁଦ୍ଧଚିତ୍ତ ଓ ଚେତନାହୀନ ବ୍ୟକ୍ତି ଯେତେ ଯତ୍ନକଲେ ବି
ଏହି ତତ୍ତ୍ୱ ଦେଖି ପାରନ୍ତି ନାହିଁ ।

୧୨ ଯେଉଁ ତେଜ ସୂର୍ଯ୍ୟଙ୍କଠାରେ ରହି ସମଗ୍ର ଜଗତକୁ ଆଲୋକିତ କରୁଛି, ଏବଂ ଯେଉ ତେଜ ଚନ୍ଦ୍ରମାରେ ଓ ଅଗ୍ନିରେ ଅଛି ଜାଣ ଯେ ତାହା ମୋର ହିଁ ତେଜ ।

---

ପୃଥିବୀରେ ପ୍ରବେଶି ମୁଁ ମୋଓଜରେ କରେ ଜୀବର ଧାରଣ
ପରିପୁଷ୍ଟ କରେ ସର୍ବ ଔଷଧୀକୁ ହୋଇ ଚନ୍ଦ୍ର ରସାତ୍ମନ ।୧୩
ବୈଶ୍ୱାନର ହୋଇ ମୁଁହି ବାସକରେ ପ୍ରାଣିଙ୍କ ଦେହଆଶ୍ରିତ
ଜୀର୍ଣ୍ଣ କରିଥାଏ ଅନ୍ନ ଚତୁର୍ବିଧ ପ୍ରାଣାପାନ ସମାଯୁକ୍ତ ।୧୪
ସମସ୍ତଙ୍କ ହୃଦୟରେ ମୁଁହି ସନ୍ନିବିଷ୍ଟ
ମୋଠୁ ଜାତ ସ୍ମୃତି ଜ୍ଞାନ ବିନାଶେ ଅଜ୍ଞତା
ସକଳ ବେଦରେ ଏକମାତ୍ର ମୁହିଁ ଜ୍ଞେୟ
ବେଦାନ୍ତର ରଚୟିତା ମୁଁହି ବେଦଜ୍ଞାତା ।୧୫

---

୧୩ ପୃଥିବୀରେ ପ୍ରବେଶ କରି ମୋ ଓଜଦ୍ୱାରା ସକଳ ଜୀବଗଣଙ୍କୁ ଧାରଣ କରିଥାଏ ଏବଂ ରସାତ୍ମକ ଚନ୍ଦ୍ର ହୋଇ ମୁଁ ଔଷଧୀ ମାନଙ୍କୁ ପୋଷଣ କରେ ।

୧୪ ମୁହିଁ ବୈଶ୍ୱାନର ଅଗ୍ନି ହୋଇ ପ୍ରାଣିମାନଙ୍କ ଦେହରେ ନିବାସ କରିଥାଏ ଏବଂ ପ୍ରାଣ ଅପାନ ସହଯୋଗରେ ପ୍ରାଣିର ଚାରିପ୍ରକାର ଖାଦ୍ୟ ଜୀର୍ଣ୍ଣ କରିବାରେ ସାହାଯ୍ୟକରେ ।

୧୫ ମୁଁ ସମସ୍ତଙ୍କ ହୃଦୟରେ ନିବାସ କରେ, ମୋ ଠାରୁ ସମସ୍ତଙ୍କ ସ୍ମୃତି ଓ ଜ୍ଞାନ ଉତ୍ପନ୍ନ ହୋଇଥାଏ ଓ ଅଜ୍ଞାନତା ବା ସଂଶୟର ବିନାଶ କରିଥାଏ । ଏକମାତ୍ର ମୁଁ ହି ସକଳ ବେଦରେ ଜ୍ଞେୟତତ୍ତ୍ୱ ଓ ମୁଁ ସମସ୍ତ ବେଦାନ୍ତର ତତ୍ତ୍ୱ ନିର୍ଣ୍ଣାୟକ ଏବଂ ବେଦଜ୍ଞାତା ।

---

ଦ୍ୱିବିଧ ପୁରୁଷ ଏହି ପ୍ରାଣିଲୋକେ କ୍ଷର ଓ ଅକ୍ଷର କହି
କ୍ଷର ସର୍ବ ଜୀବଗଣ ଯେପୁରୁଷ କୁଟସ୍ଥ ଅକ୍ଷର କହି ।୧୬
ଉତ୍ତମ ପୁରୁଷ କିନ୍ତୁ ଅନ୍ୟଜଣେ ପରମାତ୍ମା ଅଭିହିତ
ବ୍ୟାପ୍ତ ହୋଇ ତ୍ରୀଲୋକରେ ସେ ଅବ୍ୟୟ, ଇଶ୍ୱର, ପାଳନେରତ ।୧୭
ଯେହେତୁ କ୍ଷର ଅତୀତ ମୁଁହିମଧ୍ୟ ଅକ୍ଷରଠାରୁ ଉତ୍ତମ
ତେଣୁ ମୁଁ ଇହଲୋକରେ ତଥାବେଦେ ଘୋଷିତ ପୁରୁଷୋତ୍ତମ ।୧୮
ଯିଏ ଅବିମୂଢା ମତେ ଏହିଭାବେ ପୁରୁଷୋତ୍ତମ ଜାଣନ୍ତି
ସିଏ ସର୍ବବିଦ, ମତେ ହେଭାରତ ସର୍ବଭାବରେ ଭଜନ୍ତି ।୧୯

---

୧୬ ପ୍ରାଣିଲୋକେ ବା ଜଗତରେ କ୍ଷର ଓ ଅକ୍ଷର ଏହିପରି ଦୁଇଟି ପୁରୁଷ ଅଛନ୍ତି। ସକଳ ଜୀବଗଣଙ୍କ ଶରୀର କ୍ଷର ବା କ୍ଷୟଶୀଳ ଓ ଜୀବାତ୍ମା କୁଟସ୍ଥ ଅବ୍ୟୟ ପୁରୁଷ ଅକ୍ଷର ବା କ୍ଷୟରହିତ ।

୧୭ କିନ୍ତୁ କ୍ଷର ଓ ଅକ୍ଷର ପୁରୁଷଠାରୁ ଭିନ୍ନ ଜଣେ ପୁରୁଷ ଅଛନ୍ତି ତାଙ୍କୁ ପରମାତ୍ମା ବୋଲାଯାଏ । ସେ ଅବିନାଶି ଇଶ୍ୱର ତ୍ରୀଲୋକରେ ପରବ୍ୟାପ୍ତ ହୋଇ ଏ ଜଗତକୁ ପାଳନ କରୁଥାନ୍ତି ।

୧୮ ଯେହେତୁ ମୁଁ କ୍ଷରରୁ (ମାୟା ସଂସାରବୃକ୍ଷ) ଅତୀତ ଓ ଅକ୍ଷର (ମାୟା ସଂସାରବୃକ୍ଷର ବୀଜ) ଠାରୁ ମଧ୍ୟ ଉତ୍ତମ ତେଣୁ ମୁଁ ଇହଲୋକରେ ଓ ବେଦରେ ପୁରୁଷୋତ୍ତମ ବୋଲି ଅଭିହିତ ।

୧୯ ହେ ଅର୍ଜୁନ ଯେ ମତେ ଏହିଭାବରେ ମୋହଶୂନ୍ୟ ହୋଇ ପୁରୁଷୋତ୍ତମ ବୋଲି ଜାଣନ୍ତି ସେ ସର୍ବଜ୍ଞ ହୋଇ ମନପ୍ରାଣ ଦେଇ ମୋର ଭଜନ କରନ୍ତି ।

---

ଏହି ଗୂହ୍ୟତମ ଶାସ୍ତ୍ର ହେ ଅନଘ ଏହିପରି କଲିବ୍ୟକ୍ତ
ଏହା ଜାଣି ବୁଦ୍ଧିମାନ  ହେ ଭାରତ ହୋଇଯାଏ କୃତକୃତ୍ୟ ।୨୦

୨୦ ହେ ନିଷ୍ପାପହୃଦୟ୍ ଅର୍ଜୁନ ଏହି ଗୋପ୍ୟତମ ଶାସ୍ତ୍ରର ବ୍ୟଖ୍ୟା ଏହିପରି ଭାବରେ କୁହାଗଲା । ଏହାକୁ ବୁଝିପାରି ବୁଦ୍ଧିମାନ୍ ମନୁଷ୍ୟ କୃତକୃତ୍ୟ ହୋଇଯିବ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ପୁରୁଷୋତ୍ତମ ଯୋଗ ନାମକ ପଞ୍ଚଦଶ ଅଧ୍ୟାୟ୍ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ  ପୁରୁଷୋତ୍ତମ ଯୋଗ  ନାମକ ପଞ୍ଚଦଶ  ଅଧ୍ୟାୟ ଏତିକିରେ ସମାପ୍ତ)
(ମୋଟ ଶ୍ଳୋକ ସଂଖ୍ୟା ୫୫୦+୨୦ =୫୭୦)

---

## ଷୋଡଶଅଧ୍ୟାୟ

## ଦୈବାସୁରସମ୍ପଦ୍ ବିଭାଗଯୋଗଃ

ଶ୍ରୀଭଗବାନଉବାଚ

ଅଭୟ ସତ୍ତ୍ୱ ସଂଶୁଦ୍ଧି ଦୃଢସ୍ଥିତି ଜ୍ଞାନଯୋଗର ନିମିତ୍ତ
ଦାନ ଇନ୍ଦ୍ରିୟ ସଂଯମ ଯଜ୍ଞ ତପ ସ୍ୱାଧ୍ୟାୟ ଓ ସରଳତ୍ୱ ।୧
ଅହିଂସା ସତ୍ୟ ବାଦିତା ଅକ୍ରୋଧନା ତ୍ୟାଗ ଶାନ୍ତି ଉଦାରତା
ଜୀବେଦୟା ନିର୍ଲୋଭତା ଲୋକଲଜ୍ଜା ମୃଦୁତା ଅଚପଳତା ।୨
ତେଜ କ୍ଷମା ଧୃତି ଶୌଚ ଅବୈରତା ଆଉ ଅନଭିମାନିତ୍ୱ
ହୋଇଥାନ୍ତି ଜାତବ୍ୟକ୍ତି ହେ ଭାରତ ଏ ଦୈବୀସମ୍ପଦ ଯୁକ୍ତ ।୩

---

୧ ନିର୍ଭିକତା, ସତ୍ତ୍ୱଗୁଣ ଦ୍ୱାରା ଅନ୍ତର ଶୁଦ୍ଧି, ଜ୍ଞାନଯୋଗ ନିମିତ୍ତ ଦୃଢ ସ୍ଥିତି, ଦାନ, ଇନ୍ଦ୍ରିୟସଂଯମ, ଯଜ୍ଞ, ତପସ୍ୟା ସ୍ୱାଧ୍ୟାୟ, ସରଳତା ଓ ସ୍ପଷ୍ଟ ବାଦିତା ଇତ୍ୟାଦି........... ।

୨ ଅହିଂସା,ସତ୍ୟବାଦିତା, କ୍ରୋଧହୀନତା, କାମନା ତ୍ୟାଗ, ଶାନ୍ତି, ଉଦାରତା, ସର୍ବଜୀବେ ଦୟା, ନିର୍ଲୋଭତା, ଲୋକଲଜ୍ଜା, କୋମଳତା ଓ ଅଚପଳତା ଆଦି......

୩ ତେଜ, କ୍ଷମା, ଧୈର୍ଯ୍ୟ, ଶୌଚ, ଅବୈରତା, ଅନଭିମାନିତା, ଏମାନେ ହେଉଛନ୍ତି ଦୈବୀସମ୍ପଦ । ଏହାକୁ ପ୍ରାପ୍ତକରି ଜନ୍ମ ହୋଇଥିବା ବ୍ୟକ୍ତିର, ଏହି ସବୁ ଲକ୍ଷଣ ହୋଇଥାଏ ।

---

ଦମ୍ଭ, ଦର୍ପ, ଅଭିମାନ, ଆଉମଧ୍ୟ କ୍ରୋଧ, ନିଷ୍ଠୁର ବଚନ
ଅଜ୍ଞାନ, ଅଭିଜାତର ପାର୍ଥ ଏହି ଆସୁରୀସମ୍ପଦମାନ ।୪
ଦୈବୀସମ୍ପଦ ମୋକ୍ଷାର୍ଥ ଆସୁରୀ ହିଁ ବନ୍ଧନାର୍ଥ ବୋଲି ମତ
ଶୋଚନା ନକର ଯେଣୁ ହେପାଣ୍ଡବ ତୁମେ ଦୈବୀଭାବ ଜାତ ।୫
ଦ୍ୱୟ ଭାବ ଜୀବସୃଷ୍ଟି ଇହଲୋକେ ଦୈବୀ ଆସୁରୀ ସ୍ୱଭାବ
ଦୈବୀ ବିସ୍ତାରେଣ ଉକ୍ତ ହେଲାପାର୍ଥ ଶୁଣ ଆସୁରୀ ସ୍ୱଭାବ ।୬
ପ୍ରବୃତ୍ତି ଅବା ନିବୃତ୍ତି ନଜାଣନ୍ତି ଆସୁରୀ ସ୍ୱଭାବ ବ୍ୟକ୍ତି
ନ ଶୌଚ ନ ସଦଚାର ଓ ଅସତ୍ୟ ସେମାନଙ୍କର ବିଦ୍ୟତି ।୭

---

୪ ହେ ପାର୍ଥ ଦମ୍ଭ, ଦର୍ପ, ଅଭିମାନ, ଅଜ୍ଞାନତା, କ୍ରୋଧ, ନିଷ୍ଠୁରବାକ୍ୟ ପ୍ରୟୋଗତା ଏହିସବୁ ଆସୁରୀସମ୍ପଦ ପ୍ରାପ୍ତହୋଇ ଯେଉଁମାନେ ଜନ୍ମ ହୋଇଥାନ୍ତି ସେମାନଙ୍କର ଏହି ଗୁଣସବୁ ଉତ୍ପନ୍ନ ହୁଏ ।

୫ ହେ ପାର୍ଥ ଦୈବୀ ସମ୍ପଦ ବା ସ୍ୱଭାବ ମୋକ୍ଷର କାରଣ ମାତ୍ର ଆସୁରୀ ସମ୍ପଦ ବା ସ୍ୱଭାବ ଜନ୍ମ ମୃତ୍ୟୁ ବନ୍ଧନର କାରଣ । କିନ୍ତୁ ତୁମେ ଶୋଚନା କରନାହିଁ କାରଣ ତୁମେ ଦୈବୀସ୍ୱଭାବ ନେଇ ଜନ୍ମ ଲାଭ କରିଛ ।

୬ ହେ ପାର୍ଥ ଇହଲୋକରେ ଦୈବୀ ଓ ଆସୁରୀ ସ୍ୱଭାବର ଦୁଇ ପ୍ରକାର ଜୀବ ସୃଷ୍ଟି ହୋଇଛନ୍ତି । ଦୈବୀ ସ୍ୱଭାବ ସମ୍ପନ୍ନ ଜୀବ ମାନଙ୍କ ବିଷୟରେ ତ ବିସ୍ତାର କରି କୁହାଗଲା କିନ୍ତୁ ଏବେ ମୋଠାରୁ ଆସୁରୀ ସ୍ୱଭାବ ସମ୍ପନ୍ନ ଜୀବ ବିଷୟରେ ଶୁଣ ।

୭ ଆସୁରୀ ସ୍ୱଭାବ ବ୍ୟକ୍ତି କେଉଁ କର୍ମ କରିବା ବା କେଉଁ କର୍ମ ନ କରିବା ଜାଣନ୍ତି ନାହିଁ । ସେମାନଙ୍କଠାରେ ଶୌଚ ସଦାଚାର ସତ୍ୟବାଦିତା ନଥାଏ ।

---

ଅସତ୍ୟ ଓ ଅପ୍ରତିଷ୍ଠ କହୁଥାନ୍ତି ଅନୀଶ୍ୱର ହିଁ ଜଗତ
କାମହେତୁକ ମିଳନୁ ସଂଭବିଛି ନୁହେଁକିଛି ତାବ୍ୟତିତ ।୮
ଏହି ଦୃଷ୍ଟିରେ ଗ୍ରହଣ କରିଥାନ୍ତି ଅଳ୍ପବୁଦ୍ଧି ନଷ୍ଟାତ୍ମନେ
ପ୍ରବର୍ତ୍ତନ୍ତି ଉଗ୍ରକର୍ମେ ଜଗତର ଅହିତ, କ୍ଷତି ସାଧନେ ।୯
ଅପୂରଣୀୟ କାମନା ଆଶ୍ରୟରେ ଦମ୍ଭ, ମାନ, ମଦମତ୍ତା
ମୋହରୁ ଗୃହିତ ସବୁ ଦୁଷ୍କର୍ମରେ ପ୍ରବର୍ତ୍ତ ଅଶୁଚି ବ୍ରତା ।୧୦
ଅପରିମେୟ ଚିନ୍ତାକୁ କରିଆଶ୍ରା ପ୍ରଳୟ ଅନ୍ତ ପର୍ଯ୍ୟନ୍ତ
କାମନାଭୋଗ ପରମା ଏତିକି ହିଁ କରନ୍ତି ସ୍ଥିର ନିଶ୍ଚିତ ।୧୧

---

୮ ସେମାନେ କହୁଥାନ୍ତି ଜଗତରେ ସତ୍ୟ ନାହିଁ ନୈତିକ ଆଧାର ବୋଲି କିଛିନାହିଁ ଓ ଇଶ୍ୱର ବୋଲି କେହିନାହିଁ । ଏ ଜଗତ କାମପରବଶ ହୋଇ ପରସ୍ପର ମିଳନରୁ ସୃଷ୍ଟି ହୋଇଛି ତା ବ୍ୟତିତ ଆଉ କଣ ଅଛି ।

୯ ଏପରି ଗ୍ରହଣ କରି ଅଳ୍ପବୁଦ୍ଧି ନଷ୍ଟ ଆତ୍ମନ ଜଗତର ବିଭିନ୍ନ କ୍ଷୟ ସାଧନ ନିମନ୍ତେ ଜଗତର ଶତୃହୋଇ ଉଭାହୁଅନ୍ତି ।

୧୦ ଅପୂରଣୀୟ କାମନାକୁ ଆଶ୍ରୟକରି ଅତିଶୟ ଦମ୍ଭ ମାନ ଓ ମଦମତ୍ତ ହୋଇ ମୋହହେତୁ ବିଭିନ୍ନ ପ୍ରକାର ଦୂଷ୍କର୍ମରେ ପ୍ରବୃତ୍ତ ରହିବା ପୂର୍ବକ ସେମାନେ ଅପବିତ୍ର ବ୍ରତୀ ହୋଇଥାନ୍ତି ।

୧୧ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଅକଳନୀୟ କାମନା ବାସନା ଚିନ୍ତାରେ ବୁଡିରହି, କାମନା ପୂରଣ କରିବା ଜୀବନର ପରମଲକ୍ଷ୍ୟ ବୋଲି ଧରିନେଇ, ଜୀବନରେ ଆଉ କିଛି ନାହିଁ ବୋଲି ଭାବନ୍ତି ।

---

ଶତଶତ ଆଶାପାଶ ନିବନ୍ଧିତ କାମକ୍ରୋଧ ପରାୟଣ
କାମଭୋଗାର୍ଥେ ଉଦ୍ୟମ କରୁଥାନ୍ତି ଅନ୍ୟାୟେ ଅର୍ଥ ଠୁଳନ । ୧୨
ଏତିକି ଆଜି ମୋଦ୍ୱାରା ଲବ୍ଧହେଲା ପୂର୍ଣ୍ଣହେଲା ମନସାଦ
ଏତିକି ଅଛି ଏତିକି ହେଲେମୋର ବଢିବ ପୁନଃ ସମ୍ପଦ । ୧୩
ମୋଦ୍ୱାରା ଏ ଶତ୍ରୁ ହତ ଅନ୍ୟଶତ୍ରୁ କରିବି ମୁଁ ହତମଧ୍ୟ
ମୁଁ ଇଶ୍ୱର ମୁଁହି ଭୋଗୀ ବଳବାନ ମୁଁ ସୁଖୀ ପୁରୁଷସିଦ୍ଧ । ୧୪
ମୁଁ ଧନୀ ଉଚ୍ଚବଂଶଜ ନାହିଁକେହି ଇହଲୋକେ ମୋ ସମାନ
ଯଜ୍ଞ ଦାନ ଉତ୍ସବାଦି କରିବି ମୁଁ  କହନ୍ତି ମୂଢ ଅଜ୍ଞାନ । ୧୫

---

୧୨ ଶତ ଶତ ଆଶାରୂପକ ରସିରେ ବାନ୍ଧିହୋଇ କାମ କ୍ରୋଧ ପରବଶ ହୋଇ ଇନ୍ଦ୍ରିୟ ସୁଖ ଭୋଗଲାଗି ଅନ୍ୟାୟ ଉପାୟରେ ସମ୍ପଦ ସଞ୍ଚୟ କରିବାରେ ଲାଗି ପଡନ୍ତି ।

୧୩ ଆଜି ଏହା ମୋ ଦ୍ୱାରା ଲାଭହେଲା ଏବଂ ଏହାଦ୍ୱାରା ମୋ ଏ ଅଭିଳାଷ ପୂର୍ଣ୍ଣ ହେବ । ଆଜି ଏତିକି ଅଛି ଆଉ ଏତିକି ହେଲେ ମୋର ସମ୍ପଦ ପୁଣି ବଢିବ ।

୧୪ ଅସୁରମାନେ ଭାବନ୍ତି ଯେ ମୁଁ ଆଜି ଏ ଶତ୍ରୁକୁ ବିନାଶ କଲି ଓ ପୁଣି ଅନ୍ୟ ସବୁ ଶତ୍ରୁଙ୍କୁ ମୁଁ ବିନାଶ କରିବି । ମୁଁ ଏ ପୃଥିବୀର ଇଶ୍ୱର ,ମୁଁ ସବୁଠାରୁ ଅତ୍ୟନ୍ତ ଭୋଗ ବିଳାସରେ ଅଛି, ମୁଁ ବଳବାନ ମୁଁ ସୁଖୀ, ଆଉ ମୁଁ ମଧ୍ୟ ସକଳ ମନୋରଥ ପୂର୍ଣ୍ଣ ହୋଇଥିବା ସିଦ୍ଧ ପୁରୁଷ ।

୧୫ ମୁଁ ଧନୀ ମୋ ପାଖରେ ଲୋକଶକ୍ତି ପ୍ରବଳ , ମୋ ସମାନ ଏ ଜଗତରେ ଆଉ କେହି ନାହିଁ । ମୁଁ ଯଜ୍ଞ କରିବି, ଦାନ ଦେବି ଓ ଉତ୍ସବ ମନାଇବି , ଏହିପରି ଅଜ୍ଞାନ ଓ ମୂଢଲୋକମାନେ କହି ବୁଲନ୍ତି ।

---

ଅନେକ ବିକ୍ଷିପ୍ତ ଚିନ୍ତା ବିଭ୍ରାନ୍ତକ ମୋହଜାଲରେ ଆବୃତ୍ତ
କାମଭୋଗରେ ଆସକ୍ତ ସେହିମାନେ ପୁତି ନରକେ ପତିତ ।୧୬
ଆତ୍ମ ଶ୍ଲାଘା ଓ ଦୁର୍ଦ୍ଧାନ୍ତ ଅବିନୟୀ ଧନେ ମାନେ ମଦମତ୍ତ
ଯଜନ୍ତି ସେ ନାମପାଇଁ ମହାଦମ୍ଭେ ଅବିଧିପୂର୍ବକ କୃତ ।୧୭
ଅହଂକାର, ବଳ, ଦର୍ପ, କାମ,କ୍ରୋଧ ଏହା ଆଶ୍ରୟ କରନ୍ତି
ଆତ୍ମେ ପରଦେହେ ସ୍ଥିତ, ମୋହଠାରେ ଦ୍ୱେଷନ୍ତି ଓ ଅସୂୟନ୍ତି ।୧୮
ବିଦ୍ୱେଷୀ କ୍ରୁରମତି ଓ ନରାଧମ ମାନଙ୍କୁ ମୁଁ ସଂସାରରେ
ନିକ୍ଷେପେ ଅଶୁଭଗଣେ ଚିରକାଳ ଅସୁରଯୋଗ୍ୟ ଯୋନୀରେ ।୧୯

---

୧୬ ଅନେକ ବିକ୍ଷିପ୍ତ ଚିନ୍ତାରେ ବିଭ୍ରାନ୍ତ ଚିତ୍ତ ହୋଇ ମୋହଜାଲରେ ଛନ୍ଦିହୋଇ କାମନାଭୋଗ୍ୟ ବିଷୟରେ ଆସକ୍ତ ଲୋକମାନେ ପୁତିଗନ୍ଧମୟ ନର୍କରେ ପଡନ୍ତି ।

୧୭ ଧନ ଓ ମାନ ମଦମତ୍ତରେ ଆତ୍ମକୁ ପୂଜ୍ୟ ଦେଖାଇବା ପାଇଁ ଓ ବହୁ ଆଡମ୍ବର ସହକାରେ ଅବିଧିପୁର୍ବକ ବା ଶାସ୍ତ୍ରବିହିତ ବ୍ୟବସ୍ଥା ଅମାନ୍ୟ କରି ନାମ କମାଇବା ବା ଖ୍ୟାତି ଅର୍ଜନ କରିବାପାଇଁ ଯଜ୍ଞାନୁଷ୍ଠାନ କରିଥାନ୍ତି ।

୧୮ ଅହଂକାର ବଳ ଦର୍ପ କାମନା କ୍ରୋଧ ଏଗୁଡିକ ଆଶ୍ରୟକରି ସେମାନଙ୍କ ନିଜଦେହରେ ଓ ଅନ୍ୟମାନଙ୍କ ଦେହରେ ସ୍ଥିତଥିବା ମତେ ଦ୍ୱେଷ ଓ ଅସୂୟା କରନ୍ତି ।

୧୯ ସେହି ଦ୍ୱେଷୀ କ୍ରୁରମତି ନରାଧମ ଅମଙ୍ଗଳକାରୀମାନଙ୍କୁ ମୁଁ ଚିରକାଳ ଲାଗି ସଂସାରରେ ଅସୁରଯୋଗ୍ୟ ଯୋନୀରେ ନିକ୍ଷେପ କରେ ।

---

ଆସୁରୀଯୋନୀ ପ୍ରାପତେ ମୂଢମାନେ ଜନ୍ମାନ୍ତର ଜନ୍ମକ୍ରମେ
ମତେ ନପାଇ କୌନ୍ତେୟ ପାଇଥାନ୍ତି ଅଧମଗତିକୁ କ୍ରମେ ।୨୦
ତ୍ରୀବିଧ ନରକ ଦ୍ୱାର ଜୀବାତ୍ମାର ଅଟେ ବିନାଶକାରକ
କାମ କ୍ରୋଧ ତଥା ଲୋଭ ତେଣୁ ତୁମେ କରତ୍ୟାଗ ଏ ତିନିଙ୍କ ।୨୧
ଏହିତିନି ଅନ୍ଧକାର ହେକୌନ୍ତେୟ ପଥୁ ପାଇ ନର ମୁକ୍ତି
ଆଚରି ଆତ୍ମନଶ୍ରେୟ ତାହାଦ୍ୱାରା ପାଆନ୍ତି ପରମ ଗତି ।୨୨
ଯେ ଶାସ୍ତ୍ରବିଧି ଲଙ୍ଘନେ କର୍ମକରେ କାମନାର ବଶେ ରହି
ତାର ସିଦ୍ଧି ନୁହେଁ ପ୍ରାପ୍ତ ନାହିଁ ସୁଖ ପରମଗତି ବି ନାହିଁ ।୨୩

---

୨୦ ହେ କୌନ୍ତେୟ ସେମାନେ ମନୁଷ୍ୟେତର ଅସୁର ଯୋନୀ ପାଇ ଜନ୍ମପରେ ଜନ୍ମ କ୍ରମେ ମତେ ଲାଭ ନ କରିପାରି ଅଧମରୁ ଅଧମ ଗତି ଲାଭ କରିଥାନ୍ତି ।

୨୧ କାମ କ୍ରୋଧ ଓ ଲୋଭ ଏହି ତିନଟି ନରକର ଦ୍ୱାର ଓ ଜୀବାତ୍ମାର ବିନାଶକାରକ । ତେଣୁ ଏ ତିନିଙ୍କୁ ଅଚିରେ ପରିତ୍ୟାଗକର ।

୨୨ କାମ କ୍ରୋଧ ଓ ଲୋଭ ଏହି ତିନି ନରକର ଦ୍ୱାର ପଥରୁ ମନୁଷ୍ୟ ମୁକ୍ତ ହୋଇ ନିଜର ଯାହା ଉଚିତ ପଥ ତାହା ଆଚରଣ କରି ନିଶ୍ଚୟ ପରମଗତି ପ୍ରାପ୍ତ ହୋଇଥାନ୍ତି ।

୨୩ ଯେ ସମସ୍ତ ଶାସ୍ତ୍ରର ଅଧ୍ୟାଦେଶ ଲଙ୍ଘନକରି ,କାମନାର ବଶରେ ରହି ,କର୍ମ ପ୍ରବୃତ୍ତ ହୁଏ ସେ ସିଦ୍ଧିତ ପାଏନାହି, ସୁଖ ବି ପାଏ ନାହିଁ ଏବଂ ଶେଷରେ ପରମ ଗତି ବି ଲାଭ କରିପାରେ ନାହିଁ ।

---

ସୁତରାଂ ଶାସ୍ତ୍ର ପ୍ରମାଣେ ବ୍ୟବସ୍ଥିତ କାର୍ଯ୍ୟ ଅକାର୍ଯ୍ୟ ସମସ୍ତ
ପ୍ରଣିତ ଶାସ୍ତ୍ର ବିଧାନ ଜାଣିସାରି କର୍ମ କରିବା ଉଚିତ ।୨୪

---

୨୪ ସୁତରାଂ ଶାସ୍ତ୍ରପ୍ରମାଣରେ ବ୍ୟବସ୍ଥା ହୋଇଥିବା , କରଣୀୟ ଓ ଅକରଣୀୟ ସମସ୍ତ ଜାଣି ସାରିଲା ପରେ ଶାସ୍ତ୍ର ବିଧି ବିଧାନ କଥିତ କର୍ମ କରିବା ଉଚିତ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଦୈବାସୁରସମ୍ପଦବିଭାଗ ଯୋଗ ନାମକ ଷୋଡଶ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଦୈବାସୁରସମ୍ପଦବିଭାଗ ଯୋଗ ନାମକ ଷୋଡଶ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଲୋକ ସଂଖ୍ୟା ୫୭୦+୨୪ =୫୯୪)

---

## ସପ୍ତଦଶଅଧ୍ୟାୟ

### ଶ୍ରଦ୍ଧାତ୍ରୟବିଭାଗଯୋଗଃ

ଅର୍ଜୁନଉବାଚ

ଯେ ଶାସ୍ତ୍ର ବିଧି ବିଧାନ କରିତ୍ୟାଗ ଯଜନ୍ତି ଶ୍ରଦ୍ଧା ସହିତ
ସେମାନଙ୍କ କେଉଁ ନିଷ୍ଠା ଆହେକୃଷ୍ଣ ରଜ ତମ ଅବା ସତ୍ତ୍ୱ ।୧

ଶ୍ରୀଭଗବାନଉବାଚ

ତ୍ରିବିଧ ଅଟଇ ଶ୍ରଦ୍ଧା ମନୁଷ୍ୟଙ୍କ ଅଟେ ସ୍ୱଭାବ ଉତ୍ପନ୍ନ
ସାତ୍ତ୍ୱିକୀ ରାଜସୀ ତଥା ତାମସୀର ସେସବୁ କର ଶ୍ରବଣ ।୨
ସତ୍ତ୍ୱ ଅନୁରୂପ ଶ୍ରଦ୍ଧା ସମସ୍ତଙ୍କ ହୋଇଥାଏ ହେ ଭାରତ
ଶ୍ରଦ୍ଧାମୟ ଏ ପୁରୁଷ ସେହିପରି, ଯେପରି ସେ ଶ୍ରଦ୍ଧାଯୁକ୍ତ ।୩

---

୧ ହେ କୃଷ୍ଣ ଯେଉଁମାନେ ଶାସ୍ତ୍ର ବିଧାନ ନ ମାନି ଶ୍ରଦ୍ଧାର ସହିତ ପୂଜା ଆରାଧନା , ଯଜ୍ଞାଦି ଅନୁଷ୍ଠାନ କରନ୍ତି ସେମାନଙ୍କର ଶ୍ରଦ୍ଧାକୁ କି ପ୍ରକାର ଶ୍ରଦ୍ଧା କୁହାଯିବ ।

୨ ଭଗବାନ କହିଲେ ମନୁଷ୍ୟମାନଙ୍କର ସ୍ୱଭାବରୁ ଉତ୍ପନ୍ନ ଶ୍ରଦ୍ଧା ସାତ୍ତ୍ୱିକୀ, ରାଜସୀ ଓ ତାମସୀ ଏହି ତ୍ରିବୀଧ ଶ୍ରଦ୍ଧା ହୋଇଥାଏ, ସେଗୁଡିକ ଏବେ ଶୁଣ ।

୩ ହେ ଅର୍ଜୁନ ସତ୍ତ୍ୱ ସ୍ୱଭାବର ଅନୁରୂପ ମନୁଷ୍ୟର ଶ୍ରଦ୍ଧା ଗଢି ଉଠିଥାଏ । ସେ ଯେପରି ଶ୍ରଦ୍ଧାଯୁକ୍ତ , ସେହିପରି ତାର ସ୍ୱଭାବ ହୋଇଥାଏ ।

---

ଯଜନ୍ତି ସାତ୍ତ୍ୱିକୀ ଦେବେ ରାଜସୀକ ଯକ୍ଷ ଓ ରାକ୍ଷସଗଣେ
ଭୂତ ପ୍ରେତଗଣେ ମଧ୍ୟ ପୂଜିଥାନ୍ତି ଅନ୍ୟାନ୍ୟ ତାମସୀ ଜନେ ।୪
ଅଶାସ୍ତ୍ରବିହିତ ଉଗ୍ର ତପସ୍ୟାରେ ଯେଉଁ ଜନ କରେ ତପ
ଦମ୍ଭ ଅହଂକାର ଯୁକ୍ତ ବାଧ୍ୟହୁଏ କାମନା ଆସକ୍ତି ଚାପ ।୫
ଦାରୁଣ ପୀଡା ଦିଅନ୍ତି ଶରୀରସ୍ଥ ପଞ୍ଚଭୂତ ଅଚେତନ
ପୀଡନ୍ତି ଶରୀରବାସୀ ମତେମଧ୍ୟ ଆସୁରୀନିଷ୍ଠା ସେ ଜାଣ ।୬
ଆହାର ମଧ୍ୟ ତ୍ରିବିଧ ହୋଇଥାଏ ପ୍ରୀୟ ସର୍ବଜୀବଙ୍କର
ଯଜ୍ଞ ତପ ତଥା ଦାନ ସେମାନଙ୍କ ପ୍ରଭେଦ ଶ୍ରବଣ କର ।୭

---

୪ ସାତ୍ତ୍ୱିକ ବା ଶୁଦ୍ଧପୂତ ଲୋକମାନେ ଦେବତାମାନଙ୍କୁ ପୂଜା କରନ୍ତି, ରାଜସୀକ ବା ଉଗ୍ର ସ୍ୱଭାବର ଲୋକମାନେ ଯକ୍ଷ ଓ ରାକ୍ଷସଗଣଙ୍କୁ ପୂଜା କରନ୍ତି । କିନ୍ତୁ ଅନ୍ୟାନ୍ୟ ତାମସୀକ ବା ମୋହଗ୍ରସ୍ତ ଲୋକମାନେ ଭୂତ ପ୍ରେତ ଡାଆଣୀଙ୍କୁ ପୂଜା କରିଥାନ୍ତି ।

୫,୬ ଦାମ୍ଭିକ ଓ ଅହଂକାରୀ ଲୋକମାନେ କାମନା ଓ ଆସକ୍ତିର ଚାପରେ ଶାସ୍ତ୍ର ବିରୁଦ୍ଧ ଉଗ୍ର ତପସ୍ୟାରେ ରତ ହୁଅନ୍ତି । ଯେ ଚେତନାହୀନ ଅବିବେକୀ ,ଶରୀରସ୍ଥ ପଞ୍ଚଭୂତଙ୍କୁ ଦାରୁଣ ପୀଡା ଦିଅନ୍ତି ଏବଂ ଶରୀରବାସୀ ମତେ ମଧ୍ୟ ପୀଡା ଦିଅନ୍ତି ସେମାଙ୍କୁ ଆସୁରବ୍ରତଧାରୀ ବୋଲି ଜାଣ ।

୭ ସର୍ବଜୀବଗଣଙ୍କର ତିନି ପ୍ରକାର ଆହାରରେ ପ୍ରୀୟତା ଅଛି । ତଦନୁରୂପ ଯଜ୍ଞ ତପ ଓ ଦାନ ଏହା ମଧ୍ୟ ତିନି ପ୍ରକାରର ହୋଇଥାଏ । ଏହାର ପ୍ରଭେଦ ମୁଁ କହୁଛି ଶୁଣ ।

---

ଆୟୁ ସତ୍ତ୍ୱ ବଳ ସ୍ୱାସ୍ଥ୍ୟ ସୁଖପ୍ରୀତି କରେ ଯାହା ବିବର୍ଦ୍ଧନ
ରସ ସ୍ନିଗ୍ଧ ସାରବାନ ରୁଚିକର ସାତ୍ତ୍ୱିକୀ ପ୍ରୀୟ୍ ଭୋଜନ ।୮
କଟୁ ଅମ୍ଲ ଲବଣାକ୍ତ ଅତିଉଷ୍ଣ ରୁକ୍ଷ ଶୁଷ୍କ ଦାହ୍ୟକର
ରାଜସୀକ ପ୍ରୀୟ୍ ଖାଦ୍ୟ ଦୁଃଖଶୋକ ରୋଗକଷ୍ଟ ସୃଷ୍ଟିକର ।୯
ଗଳିତ ରସବିହିନ ପଚିଥିବା ଆହାର ଦୂର୍ଗନ୍ଧଯୁକ୍ତ
ଉଚ୍ଛିଷ୍ଟ ତଥା ଅଭକ୍ଷ୍ୟ ଭୋଜନାଦି ତାମସୀ ପ୍ରୀୟ୍ତା ଯୁକ୍ତ ।୧୦
ଅଫଳାକାଂକ୍ଷା ସହିତ ବିଧିଯୁକ୍ତ କରିଥାଏ ଯିଏ ଯଜ୍ଞ
ଯଜ୍ଞ ହିଁ କର୍ତ୍ତବ୍ୟ ମନେ କରିସ୍ଥିର, କହନ୍ତି ସାତ୍ତ୍ୱିକୀ ଯଜ୍ଞ ।୧୧

---

୮ ଯେଉଁସବୁ ଖାଦ୍ୟ ଆୟୁଷ ଶୁଦ୍ଧତା ଶକ୍ତି ସ୍ୱାସ୍ଥ୍ୟ ଆନନ୍ଦ ସୁଖ ଓ କ୍ଷୁଧା ବର୍ଦ୍ଧନ କରେ, ଯାହା ମଧୁର କୋମଳ ସ୍ନେହସାରପୂର୍ଣ୍ଣ ରୁଚିକର ତାହା ସାତ୍ତ୍ୱିକ ବ୍ୟକ୍ତିଙ୍କର ପ୍ରୀୟ୍ ଖାଦ୍ୟ ।

୯ କଟୁ ବା ପିତା,ଖଟା, ଲବଣାକ୍ତ , ଗରମ, ରୁକ୍ଷ ବା କଠିନ ଓ ଶୁଷ୍କ ଏବଂ ଯାହା ପେଟ ଓ ପାଟି ପୋଡାଜଳା କରେ ଏହିସବୁ ଖାଦ୍ୟ ରାଜସୀକ ଲୋକର ପ୍ରୀୟ୍ଖାଦ୍ୟ । ପୁଣି ଏହି ଖାଦ୍ୟସବୁ ରୋଗ, ଶୋକ ଦୁଃଖ କଷ୍ଟ ସୃଷ୍ଟି କାରକ ।

୧୦ ବାସି ଶୁଖିଲା ଗନ୍ଧିଆ ପଚା ଅଇଁଠା ଓ ଅଭକ୍ଷ ଆଦି ଖାଦ୍ୟ ତାମସୀକ ଲୋକର ପ୍ରୀୟ୍ ଖାଦ୍ୟ ।

୧୧ ଫଳରେ ଆଶା ନ ରଖିଥିବା ବ୍ୟକ୍ତିଙ୍କଦ୍ୱାରା ବିଧି ଅନୁସାରେ ଯେପରି ଯଜ୍ଞ କରାଯିବା ଉଚିତ ମନ ଓ ଚିତ୍ତ ସ୍ଥିରକରି ସେପରି ଯଜ୍ଞ ଅନୁଷ୍ଠାନ କରାଗଲେ ତାହା ସାତ୍ତ୍ୱିକ ବା ଶୁଦ୍ଧଯଜ୍ଞ ବୋଲି କହନ୍ତି ।

---

ଫଳରେ ରଖି ଆକାଂକ୍ଷା ଯେଉଁଯଜ୍ଞ ପ୍ରଦର୍ଶନେ ଅହଂକାର
କରନ୍ତି ଭରତଶ୍ରେଷ୍ଠ ସେହି ଯଜ୍ଞ ରାଜସୀକ ହିଁ ବିଚାର ।୧୨
ଅବିଧି ନଅନ୍ନଦାନ ବ୍ୟବସ୍ଥାରେ ଅଦକ୍ଷିଣା ମନ୍ତ୍ରହୀନ
ତଥା ଶ୍ରଦ୍ଧାବିରହିତ ଯେଉଁଯଜ୍ଞ ତାହା ତାମସ ବାଚନ ।୧୩
ଦେବ ଦ୍ୱିଜ ଗୁରୁ ପ୍ରାଜ୍ଞ ପୂଜାର୍ଚ୍ଚନା ଶଉଚ ଓ ସରଳତା
ବ୍ରହ୍ମଚର୍ଯ୍ୟ ଅହିଂସାକୁ ଶାରୀରିକ ତପସ୍ୟା ବୋଲି ବିଦିତା ।୧୪
ବାକ୍ୟ, ଅନୁଦ୍ ବେଗକର ସତ୍ୟ,ଯାହା ପ୍ରୀୟ ଆଉ ହିତକର
ସ୍ୱାଧ୍ୟାୟ ଅଭ୍ୟାସ ମଧ୍ୟ କୁହାଯାଏ ବାଚିକ ତପସ୍ୟା ସ୍ଥିର ।୧୫

---

୧୨ କିନ୍ତୁ ହେ ଭରତଶ୍ରେଷ୍ଠ, ଫଳରେ ଆକାଂକ୍ଷା ରଖି ଓ ନିଜର ଦମ୍ଭ ଅହଂକାର ପ୍ରଦର୍ଶନ କରିବା ପାଇଁ ଯେଉଁ ଯଜ୍ଞ ଅନୁଷ୍ଠାନ କରାଯାଏ, ତାହା ରାଜସୀକ ଯଜ୍ଞ ଜାଣ ।

୧୩ ଯେଉଁ ଯଜ୍ଞରେ ଶାସ୍ତ୍ରର ବିଧି ପାଳିତ ହୁଏନାହିଁ, ଅନ୍ନଦାନର ବ୍ୟବସ୍ଥା ନଥାଏ, ଅନେକ ସମୟରେ ମନ୍ତ୍ରପାଠରେ ବ୍ୟତିକ୍ରମ, ପୁରୋହିତମାନଙ୍କୁ ଦକ୍ଷିଣା ଦେବାରେ କୁଣ୍ଠିତ ବା ଆଦୌ ଦିଆ ନଯାଏ, ଏବଂ କର୍ତ୍ତାର ଶ୍ରଦ୍ଧା ନଥାଏ ତାହା ତାମସୀକ ଯଜ୍ଞ ।

୧୪ ଦେବତା ,ବ୍ରାହ୍ମଣ, ଗୁରୁ, ଓ ବିଜ୍ଞଜନ ମାନଙ୍କର ପୂଜା ଅର୍ଚ୍ଚନା, ଶୌଚ, ସରଳତା, ଅହିଂସା ଏବଂ ବ୍ରହ୍ମଚର୍ଯ୍ୟ ଏସବୁକୁ ଶାରୀରିକ ତପସ୍ୟା ବୋଲି କୁହାଯାଏ ।

୧୫ ଯେଉଁ ବଚନ ଅନ୍ୟର ଉଦ୍ ବେଗର କାରଣ ନୁହଁ, ଯେଉଁ ସତ୍ୟ ପ୍ରୀୟ ଓ ହିତକର ସେହିପରି ସ୍ୱାଧ୍ୟାୟ ଓ ଆଲୋଚନା ଇତ୍ୟାଦିକୁ ବାଚିକ ତପସ୍ୟା କୁହାଯାଏ ।

---

ମନ ଚିତ୍ତ ପ୍ରସନ୍ନତା ସୌମ୍ୟଭାବ ଆତ୍ମସଂଯମ ମୌନତା
ଭାବନା ସମ୍ୟକ ଶୁଦ୍ଧି ଏହିସବୁ ମାନସ ତପ ବିଦିତା ।୧୬
ପରମଶ୍ରଦ୍ଧାରେ କରି ଆଚରଣ ଯେ ନର ତ୍ରୀବିଧ ତପ
ଫଳଆକାଂକ୍ଷା ବିହିନ ହୋଇ ସାଧେ, କହନ୍ତି ସାତ୍ତ୍ୱିକ ତପ ।୧୭
ସତ୍କାର ସମ୍ମାନ ପୂଜା ଆଶାକରି ଯେ ତପେ ଦମ୍ଭ ପ୍ରକାଶ
କରନ୍ତି ଜଗତେ, ତାକୁ କୁହାଯାଏ ଚଳ ଅଧ୍ରୁବ ରାଜସ ।୧୮
ମୂଢବୁଦ୍ଧି ନିଜଦେହ ଉପ୍ରିଡନେ କରିଥାନ୍ତି ଯେଉଁ ତପ
ଅବା ପର ଉତ୍ସାଦନ ଅର୍ଥେକରେ ଉଦାହୃତ ତମ ତପ ।୧୯

---

୧୬ ମନ ଓ ଚିତ୍ତର ପ୍ରସନ୍ନତା,ସୌମ୍ୟଭାବ, ମୌନତ୍ୱ,ଭାବର ସମ୍ୟକ ଶୁଦ୍ଧି , ଇତ୍ୟାଦି ମନର ଏହିସବୁ ଭାବାନ୍ତରକୁ ମାନସ ତପସ୍ୟା କୁହାଯାଏ ।

୧୭ ଫଳରେ ଆଶା ନରଖି ଦୃଢ ବା ଏକାଗ୍ର ଚିତ୍ତରେ ପରମଶ୍ରଦ୍ଧାରେ ବ୍ୟକ୍ତି ଯେଉଁ ତ୍ରୀବୀଧ ତପ କରନ୍ତି ତାହାକୁ ଜ୍ଞାନୀମାନେ ସାତ୍ତ୍ୱିକ ତପସ୍ୟା କହନ୍ତି ।

୧୮ ସମ୍ମାନ, ସତ୍କାର ଓ ପୂଜା ପାଇବା ଆଶାରେ ଦମ୍ଭ ସହକାରେ ଯେଉଁ ତପସ୍ୟା କରାଯାଏ ତାହାର ଫଳ ଇହ ଜଗତରେ ଅନିତ୍ୟ ଓ ଅନିଶ୍ଚିତ୍ୟ ସେହି ତପସ୍ୟାକୁ ରାଜସ ତପ କହନ୍ତି ।

୧୯ ମୂଢ ଓ ମନ୍ଦବୁଦ୍ଧି ଲୋକେ ନିଜ ଦେହକୁ ପୀଡା ବା କଷ୍ଟଦେଇ ବା ଅନ୍ୟର କଷ୍ଟ ଉଦ୍ଦେଶ୍ୟରେ ଯେଉ ତପ କରିଥାନ୍ତି ତାହା ତାମସ ତପ କୁହାଯାଏ ।

---

ଦାନ ହିଁ କର୍ତ୍ତବ୍ୟ ବୋଲି ଦେଇଥାଏ ଦାନ ଅନୁପକାରୀଙ୍କୁ
ଦେଖି ଦେଶ କାଳ ପାତ୍ର ସେହିଦାନ କହନ୍ତି ସାତ୍ତ୍ୱିକ ତାକୁ ।୨୦
କିନ୍ତୁ ପ୍ରତି ଉପକାର ଆଶାରଖି କିମ୍ବା ଫଳେ ରଖି ଆଶ
ଅନିଚ୍ଛାସତ୍ତ୍ୱେ ଦିଅନ୍ତି ଯେଉଁଦାନ ତାହା କଥିତ ରାଜସ ।୨୧
ଅପବିତ୍ରସ୍ଥାନେ କାଳେ ଯେଉଁଦାନ ଅପାତ୍ରେ ହେଲେ ପ୍ରଦତ୍ତ
ଅସତ୍କାରେ ଅବଜ୍ଞାରେ ସେହିଦାନ ତାମସୀକ ଉଦାହୃତ ।୨୨
ଓଁ ତତ୍ ସତ୍ ଇତି ବ୍ରହ୍ମଙ୍କର ତ୍ରିବିଧ ନାମ ବିଦିତ
ସେଥିରୁ ବ୍ରାହ୍ମଣଗଣ ବେଦଗଣ ଯଜ୍ଞ ହିଁ ପୂରା ବିହିତ ।୨୩

---

୨୦ ଦାନ ଦେବା ନିଜର କର୍ତ୍ତବ୍ୟ ମନେକରି, ଉପଯୁକ୍ତ ସ୍ଥାନ, ଉପଯୁକ୍ତ ସମୟ୍ ଏବଂ ଦାନଉପଯୋଗୀ ବ୍ୟକ୍ତି ଦେଖି, ପ୍ରତିଉପକାରର ଆଶା ନ ରଖି , ଯେଉଁ ଦାନ ଦିଆଯାଏ ତାହା ସାତ୍ତ୍ୱିକ ଦାନ ବୋଲି ଗ୍ରହଣ କରାଯାଏ ।

୨୧ କିନ୍ତୁ କୌଣସି ପ୍ରତି ଉପକାର ଆଶାରଖି କିମ୍ବା ଫଳରେ ଆଶା ରଖି ଅଥବା ଅନିଚ୍ଛାସତ୍ତ୍ୱେ ଯେଉ ଦାନ ଦିଆଯାଏ ତାହା ରାଜସ ଦାନ ବୋଲି କହିଥାନ୍ତି ।

୨୨ ଅନୁପଯୁକ୍ତଦେଶେ ଅଶୁଦ୍ଧକାଳରେ ଓ ଅଯୋଗ୍ୟବ୍ୟକ୍ତି ବା ଅପାତ୍ରରେ , ଦାନ ଗ୍ରହିତାଙ୍କୁ ସତ୍କାର ନକରି ଓ ଅବଜ୍ଞାସହକାରେ ଯେଉଁଦାନ ଦିଆଯାଏ, ତାହା ତାମସୀକ ଦାନର ଏକ ଉଦାହରଣ ।

୨୩ ଓଁ ତତ୍ ସତ୍ ଏହି ତ୍ରିବିଧ ନାମ ବ୍ରହ୍ମଙ୍କର ବୋଲି ସୂଚିତ ହୋଇଛି ଏବଂ ଏହି ନିର୍ଦ୍ଦେଶରୁ ପୂରାକାଳରେ ବ୍ରାହ୍ମଣଗଣ ବେଦଗଣ ଓ ଯଜ୍ଞାଦି ସୃଷ୍ଟି ହୋଇଛନ୍ତି ।

---

ତେଣୁ ଓଁ ର ଉଚ୍ଚାରଣେ ଆରମ୍ଭନ୍ତି କ୍ରୀୟା ଯଜ୍ଞ ତପ ଦାନ
ଶାସ୍ତ୍ରୋକ୍ତ ବିଧିବିଧାନ ଅନୁସାରେ ସଦା ବ୍ରହ୍ମବାଦୀଗଣ ।୨୪
ତତ୍ ଶବ୍ଦ ଉଚ୍ଚାରଣେ ଯଜ୍ଞତପ ନରଖି ଫଳରେଆଶା
ବିବିଧ ଦାନାଦିକର୍ମ କରିଥାନ୍ତି ମୋକ୍ଷମାର୍ଗେ ରଖିଆଶା ।୨୫
ସଦ୍ଭାବେ ଓ ସାଧୁଭାବେ ସତ୍ଏହି ଶବ୍ଦ ହୁଏ ପ୍ରଯୁଜ୍ୟତ
ଶୁଭଙ୍କର କର୍ମେ ମଧ୍ୟ ସତ୍ଶବ୍ଦ ପାର୍ଥ ହୁଏ ବ୍ୟବହୃତ ।୨୬
ଯଜ୍ଞେ ତପେ ଦାନେ ମଧ୍ୟ ସ୍ଥିତିନିଷ୍ଠା ସତ୍ ଶବ୍ଦେ ହୁଏ ବ୍ୟକ୍ତ
ତଦର୍ଥୀୟ କର୍ମେ ମଧ୍ୟ ସତ୍ଶବ୍ଦ ଦ୍ୱାରା ହୁଏ ଅଭିହିତ ।୨୭

---

୨୪ ଏହି ଓଁ ଉଚ୍ଚାରଣ କରି ବ୍ରହ୍ମବାଦୀଗଣ ସର୍ବଦା ଯଜ୍ଞ ତପସ୍ୟା ଓ ଦାନ କର୍ମ ଆରମ୍ଭ କରିଥାନ୍ତି ।

୨୫ ମୋକ୍ଷକାଂକ୍ଷୀ ବ୍ୟକ୍ତିମାନେ ତତ୍ ଶବ୍ଦ ଉଚ୍ଚାରଣ କରି ଫଳରେ କୌଣସି ଆଶା ନରଖି ଯଜ୍ଞ ତପ ଏବଂ ବିବିଧ ଦାନାଦି କର୍ମ କରିଥାନ୍ତି ।

୨୬ ହେ ଅର୍ଜୁନ ପରମାତ୍ମାଙ୍କର ସତ୍ ନାମଟି ପ୍ରତ୍ୟେକ ସତ୍ତାରେ ଏବଂ ଶ୍ରେଷ୍ଠଭାବରେ ପ୍ରଯୁଜ୍ୟ ହୋଇଥାଏ ଏବଂ ଶୁଭଙ୍କର କାର୍ଯ୍ୟେ ମଧ୍ୟ ସତ୍ଶବ୍ଦ ବ୍ୟବହାର କରାଯାଏ ।

୨୭ ରେ ତପସ୍ୟାରେ ଓ ଦାନାଦି କର୍ମରେ ସତ୍ ଶବ୍ଦ ବ୍ୟବହାର କରି କର୍ତ୍ତାର ଏକନିଷ୍ଠ ସ୍ଥିତି ବ୍ୟକ୍ତକରାଯାଏ। ପୁନଃ ସେହି ସମ୍ପର୍କୀତ କର୍ମ ବା ଭଗବତ୍ ପ୍ରୀତ୍ୟର୍ଥେ କରାଯାଉଥିବା କର୍ମ ସତ୍ ଶବ୍ଦ ଦ୍ୱାରା ଅଭିହିତ ହୋଇଥାଏ।

---

ଅଶ୍ରଦ୍ଧାରେ ଯଜ୍ଞ ଦାନ ତପସ୍ୟାଦି ଯହାବି ହୁଏ ସାଧିତ
ଅସତ୍ କଥିତ ପାର୍ଥ ନୁହେଁ ଇହେ ନ ଅପରେ ଫଳଦତ୍ତ ।୨୮

---

୨୮ ପାର୍ଥ ବିନା ଶ୍ରଦ୍ଧାରେ ଯେଉଁ ଯଜ୍ଞ ଦାନ ତପସ୍ୟାଦି କର୍ମ ଅନୁଷ୍ଠାନ କରାଯାଏ ତାହା ଅସତ୍ ବୋଲି କୁହାଯାଏ ଓ ସେହି କର୍ମ ଇହଲୋକ କି ପରଲୋକରେ ଫଳ ଦାୟୀ ହୋଇ ନ ଥାଏ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ଶ୍ରଦ୍ଧାତ୍ରୟବିଭାଗ ଯୋଗ ନାମକ ସପ୍ତଦଶ ଅଧ୍ୟାୟ ଏତିକିରେ ସମାପ୍ତ ।

(ହେମେନ୍ଦ୍ରନାଥ ଅନୂଦିତ ଶ୍ରଦ୍ଧାତ୍ରୟବିଭାଗ ଯୋଗ ନାମକ ସପ୍ତଦଶ ଅଧ୍ୟାୟ ଏତିକିରେ ସମାପ୍ତ)

(ମୋଟ ଶ୍ଳୋକ ସଂଖ୍ୟା ୫୯୪+୨୮ =୬୨୨)

---

## ଅଷ୍ଟାଦଶୋଧ୍ୟାୟ

## ମୋକ୍ଷସନ୍ନ୍ୟାସଯୋଗଃ

ଅର୍ଜୁନଉବାଚ
ମହାବାହୁ ସନ୍ନ୍ୟାସର ତତ୍ତ୍ୱରୁପ ଜାଣିବା ଇଚ୍ଛୁକମନ
ତ୍ୟାଗର ମଧ୍ୟ ପୃଥକେ ହୃଷୀକେଶ କୁହ କେଶିନିଷୂଦନ ।୧
ଶ୍ରୀ ଭଗବାନଉବାଚ
କାମ୍ୟକର୍ମ ତ୍ୟାଗକୁହିଁ ଋଷିମାନେ ସନ୍ନ୍ୟାସ ବୋଲି କହନ୍ତି
ସର୍ବକର୍ମଫଳତ୍ୟାଗ ଜ୍ଞାନୀମାନେ ତ୍ୟାଗବୋଲି କହିଥାନ୍ତି ।୨
ଦୋଷପୁର୍ଣ୍ଣ ଜ୍ଞାନକରି କର୍ମତ୍ୟାଜ୍ୟ କେତେମନୀଷି କହନ୍ତି
ଯଜ୍ଞ ଦାନ ତପ କର୍ମ ନୁହେଁତ୍ୟାଜ୍ୟ ଅନ୍ୟମାନେ କହିଥାନ୍ତି ।୩

---

୧ ଅର୍ଜୁନ କହିଲେ ହେ ମହାବାହୁ, ହେ ହୃଶୀକେଶ , ହେ କେଶୀ ନିଷୂଦନ ମୁଁ ତ୍ୟାଗ ଓ ସନ୍ନ୍ୟାସର ତତ୍ତ୍ୱଗୁଡିକୁ ପୃଥକ ରୁପେ ଜାଣିବାକୁ ମୋ ମନ ଇଚ୍ଛୁକ।

୨,୩ ଭଗବାନ କହିଲେ କାମ୍ୟ କର୍ମଗୁଡିକ ତ୍ୟାଗ କରିବାକୁ ମୁନୀଋଷିମାନେ ସନ୍ନ୍ୟାସ ବୋଲି କହୁଥିବାସ୍ଥଳେ ସକଳ କର୍ମର ଫଳ ତ୍ୟାଗକରିବାକୁ ଜ୍ଞାନୀମାନେ ତ୍ୟାଗ ବୋଲି କହନ୍ତି ।କେତେକ ମନୀଷିମାନେ କର୍ମକୁ ଦୋଷପୁର୍ଣ୍ଣ ଜ୍ଞାନକରି ତ୍ୟାଗ କରିବା ଉଚିତବୋଲି କହିଥାନ୍ତି ଓ ଅନ୍ୟ କେତେକ ମନୀଷି ଯଜ୍ଞ ତପସ୍ୟା ଦାନାଦି କର୍ମ ପରିତ୍ୟାଜ୍ୟ ନୁହେଁ ବୋଲି କହିଥାନ୍ତି ।

ତ୍ୟାଗ ବିଷୟେ ନିଶ୍ଚିତ ମୋସିଦ୍ଧାନ୍ତ ଶୁଣ ଭରତସତ୍ତମ
ତ୍ୟାଗହିଁ ପୁରୁଷବ୍ୟାଘ୍ର ତିନିବିଧ ଶାସ୍ତ୍ର ବିହିତ ଉତ୍ତମ ।୪
ଯଜ୍ଞ ଦାନ ତପ କର୍ମ ନୁହେଁତ୍ୟାଜ୍ୟ ଅବଶ୍ୟ ତା କରଣୀୟ
ଯଜ୍ଞଦାନ ତପ କିନ୍ତୁ ମନୀଷିଙ୍କୁ କରେତ ପବିତ୍ରମୟ ।୫
ଏସମସ୍ତ କର୍ମ କିନ୍ତୁ କରଣୀୟ ନୋହି କେବେ ଫଳାସକ୍ତ
କର୍ତ୍ତବ୍ୟ ବୋଲି ବିଚାରି ନିଶ୍ଚିତରେ ପାର୍ଥ ମୋ ଉତ୍ତମ ମତ ।୬
ନିୟତ କର୍ମକୁ କିନ୍ତୁ ପରିତ୍ୟାଗ ନୁହେଁ କେବେ ଯୁକ୍ତିଯୁକ୍ତ
ମୋହବଶତ ତାହାର ତ୍ୟାଗକଲେ ତାମସ ପରିକୀର୍ତ୍ତିତ ।୭

---

୪ ହେ ଭରତଶ୍ରେଷ୍ଠ ତ୍ୟାଗ ବିଷୟରେ ମୋର ଯାହା ନିଶ୍ଚିତ ସିଦ୍ଧାନ୍ତ ତାହା ଶୁଣ । ହେ ପୁରୁଷଶ୍ରେଷ୍ଠ ଶାସ୍ତ୍ର ଅନୁମୋଦିତ ହୋଇଛି ଯେ ତ୍ୟାଗ ତିନି ପ୍ରକାର ।

୫ ଯଜ୍ଞ ଦାନ ତପସ୍ୟାଦି କର୍ମ ତ୍ୟାଗ କରିବା ଉଚିତନୁହେଁ, ଅବଶ୍ୟ କରଣୀୟ । କାରଣ ଏହି କର୍ମ ମନୀଷି ବା ଜ୍ଞାନୀମାନଙ୍କୁ ପବିତ୍ରମୟ କରିଥାଏ ।

୬ ହେ ପାର୍ଥ କର୍ମଫଳରେ ଆସକ୍ତି ନ ରଖି ଏହିସବୁ କର୍ମ ଅବଶ୍ୟ କରଣୀୟ ଏହାହିଁ ମୋର ନିଶ୍ଚିତ ଓ ଶ୍ରେଷ୍ଠ ମତ ଅଟେ ।

୭ କର୍ତ୍ତବ୍ୟ କର୍ମ କିନ୍ତୁ ପରିତ୍ୟାଗ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ଯଦି କେହି ମୋହବଶତଃ ନିୟତକର୍ମ ପରିତ୍ୟାଗ କରେ ତାହା ତାର ତାମସ ଗୁଣର ପରିଚାୟକ ହେବ ।

---

ଦୁଃଖଦାୟୀ ଯେଉଁ କର୍ମ ତ୍ୟାଗକଲେ କାୟକ୍ଳେଶ ଭୟେ ଯେବେ
ସେ କରେ ରାଜସ ତ୍ୟାଗ ତ୍ୟାଗଫଳ ଲବ୍ଧ ନୋହିଥାଏ କେବେ ।୮
କର୍ତ୍ତବ୍ୟ ଭାବି ନିୟତେ ଯେଉଁକର୍ମ କରାଯାଏ ହେ ଅର୍ଜୁନ
ଫଳାସକ୍ତି କଲେତ୍ୟାଗ ସେହିତ୍ୟାଗ ସାତ୍ତ୍ୱିକ ବୋଲି ହିଁ ଘେନ ।୯
ଅକୁଶଳ କର୍ମେ ଦ୍ୱେଷ ନ ରଖନ୍ତି କୁଶଳରେ ଅନାସକ୍ତ
ସେ ସତ୍ତ୍ୱସ୍ୱରୂପେ ସ୍ଥିତ ଫଳତ୍ୟାଗୀ ମେଧାବୀ ସଂଶୟମୁକ୍ତ ।୧୦
ଦେହଧାରୀ ନ ସମର୍ଥ ରହିବାକୁ ସମ୍ପୂର୍ଣ୍ଣ କର୍ମରହିତ
କିନ୍ତୁ ଯିଏ କର୍ମଫଳ ତ୍ୟାଗକରେ ସିଏ ତ୍ୟାଗୀ ଅଭିହିତ ।୧୧

---

୮ ଯେଉଁ କର୍ମ ଦୁଃଖଦାୟୀ ବା ଶାରୀରିକ ଯନ୍ତ୍ରଣା ଦାୟକ ସେହି ଭୟରେ ଯଦି ସେ କର୍ମ ତ୍ୟାଗ କରନ୍ତି , ସେ ତ୍ୟାଗ ତାଙ୍କର ରାଜସୀକ ତ୍ୟାଗ ବୋଲି ଧରାଯିବ ଏବଂ ସେ ତ୍ୟାଗର ଫଳ ଆଦୌ ଲାଭ କରି ପାରିବେ ନାହିଁ ।

୯ ହେ ଅର୍ଜୁନ, କର୍ତ୍ତବ୍ୟ ଭାବି ଯାହାକିଛି କରଣୀୟ ,ତାହା କରାଯାଏ ଏବଂ ଫଳଲାଭରୁ ଯଦି ସକଳ ଆସକ୍ତି ତ୍ୟାଗ କରାଯିବ , ତେବେ ସେ ତ୍ୟାଗ ସାତ୍ତ୍ୱିକ ତ୍ୟାଗ ବୋଲି ଗ୍ରହଣ କରାଯିବ ।

୧୦ ପ୍ରତ୍ୟେକ ତ୍ୟାଗୀ ସତ୍ତ୍ୱଗୁଣ ସମ୍ପନ୍ନ , ମେଧାବୀ ଓ ଫଳଲାଭରେ ଅନାସକ୍ତ ରହି, ଅକଲ୍ୟାଣକର କର୍ମରେ ଦ୍ୱେଷ କରନ୍ତିନାହିଁ, କି କଲ୍ୟାଣକର କର୍ମରେ ଆସକ୍ତି ରଖନ୍ତି ନାହିଁ ।

୧୧ କୌଣସି ଦେହଧାରୀ ବ୍ୟକ୍ତି ସମ୍ପୂର୍ଣ୍ଣରୂପେ କର୍ମରହିତ ହେବା ସମ୍ଭବ ନୁହେଁ। କିନ୍ତୁ ଯିଏ କର୍ମଫଳ ତ୍ୟାଗ କରି ପାରିବ ସିଏ ପ୍ରକୃତ ତ୍ୟାଗୀ ବୋଲି ଅଭିହିତ ହେବ ।

---

ଅନିଷ୍ଟ, ଇଷ୍ଟ , ମିଶ୍ରିତ ଏ ପ୍ରକାରେ ତ୍ରିବିଧ କର୍ମରଫଳ
ମିଳିଥାଏ ଅତ୍ୟାଗୀଙ୍କୁ ମୃତ୍ୟୁପରେ ତ୍ୟାଗୀ ହିଁ କିନ୍ତୁ ନିଷ୍ଫଳ ।୧୨
ଏହି ପାଞ୍ଚଟି କାରଣ ମହାବାହୁ ମୋଠାରୁ ଶ୍ରବଣକର
ଯାହା, କର୍ମ ଅନ୍ତକାରୀ ସାଂଖ୍ୟେଷ୍କଷ୍ଟ, ସିଦ୍ଧି ସକଳ କର୍ମର ।୧୩
ଅଧିଷ୍ଠାନ ତଥା କର୍ତ୍ତା କରଣ ହିଁ ପୃଥକ ପ୍ରକାର କୃତ
ବିବିଧ ପୃଥକ ଚେଷ୍ଟା ଦୈବସହ ପଞ୍ଚ କାରଣ ବିଦିତ ।୧୪
ଶରୀର ବାକ୍ ମନ ଦ୍ୱାରା ଯେଉଁକର୍ମ ପ୍ରାରମ୍ଭ କରଇ ନର
ନ୍ୟାଯ୍ୟ ବା ବିପରିତରେ ଏପାଞ୍ଚଟି ଅଟଇ କାରଣ ତାର ।୧୫

---

୧୨ ମୃତ୍ୟୁପରେ ଅତ୍ୟାଗୀମାନଙ୍କୁ ଇଷ୍ଟ , ଅନିଷ୍ଟ ଓ ମିଶ୍ର ଏହିପରି ତିନିପ୍ରକାର ଫଳ ମିଳିଥାଏ। ମାତ୍ର ତ୍ୟାଗୀ ମାନଙ୍କୁ କେବେହେଲେ କର୍ମଫଳ ଭୋଗ କରିବାକୁ ପଡି ନଥାଏ।

୧୩ ହେ ମହାବାହୁ ଅର୍ଜୁନ , ସକଳ କର୍ମ ଅନ୍ତକାରୀ ସାଂଖ୍ୟଶାସ୍ତ୍ରରେ ସମସ୍ତ କର୍ମର ସିଦ୍ଧିପାଇଁ ଯେଉଁ ପାଞ୍ଚଟି କାରଣ ବର୍ଣ୍ଣିତ ହୋଇଛି ତାହା ମୋ ଠାରୁ ଶ୍ରବଣ କର।

୧୪ ଏଥିରେ (କର୍ମସିଦ୍ଧିରେ) ଅଧିଷ୍ଠାନ, କର୍ତ୍ତା, ବିଭିନ୍ନକର୍ମରତ କରଣ( ଇନ୍ଦ୍ରୀୟମାନେ), ବିଭିନ୍ନ ପୃଥକ ପୃଥକ ଚେଷ୍ଟା ଓ ଦୈବ (ସଂସ୍କାର) ଇତ୍ୟାଦି ପାଞ୍ଚଟି କାରଣ ଅଛି।

୧୫ ମନୁଷ୍ୟ ତାର ଦେହ ବାକ୍ୟ ଓ ମନ ଦ୍ୱାରା ଯେଉଁ କର୍ମ ଆରମ୍ଭ କରିଥାଏ , ତାହା ନ୍ୟାୟ୍ ହେଉ ବା ଅନ୍ୟାୟ୍ ହେଉ ଏ ପାଞ୍ଚଟି ତାର କାରଣ ହୋଇଥାଏ।

---

ଏପରି କାରଣୁ ଯିଏ କର୍ତ୍ତାରୂପେ କେବଳ ଦେଖେ ଆତ୍ମାକୁ
ଅଶୁଦ୍ଧବୁଦ୍ଧି ଦୁର୍ମତି ସିଏ କିନ୍ତୁ ଠିକ୍ ନଦେଖେ ସ୍ଥିତିକୁ । ୧୬
ଯାର ନାହିଁ ଅହଂକାର ବୁଦ୍ଧିଯାର ନହୁଏ କର୍ମରେ ଲିପ୍ତ
କରି ବି ହତ୍ୟା ଲୋକଙ୍କୁ ନକରେସେ ହତ୍ୟା ନ ରହେ ବନ୍ଧିତ ।୧୭
ଜ୍ଞାନ ଜ୍ଞେୟ ପରିଜ୍ଞାତା ଏହିତିନି ହେତୁ କର୍ମ ପ୍ରବୃତ୍ତିର
କରଣ କର୍ମ ଓ କର୍ତ୍ତା ଏହିତିନି କର୍ମସଂଗ୍ରହ କ୍ରୀୟାର ।୧୮
ଜ୍ଞାନ କର୍ମ ଆଉ କର୍ତ୍ତା ଏକେବଳ ତ୍ରିବିଧ ଗୁଣଭେଦରେ
ଗୁଣ ସାଙ୍ଖ୍ୟଶାସ୍ତ୍ରେ ଉକ୍ତ ଯଥାର୍ଥରେ ଶୁଣ ତାହା ବିଷୟରେ ।୧୯

---

୧୬ ଏହିସବୁ କାରଣ ଥିବାବେଳେ ଅସଂସ୍କୃତ ଭ୍ରାନ୍ତ ଓ ଦୂର୍ମତିମାନେ ଆତ୍ମାକୁ କେବଳ କର୍ତ୍ତାରୂପେ ମନେ କରନ୍ତି , ତେଣୁ ସେମାନେ ପ୍ରକୃତରେ କିଛି ଦେଖିପାରନ୍ତି ନାହିଁ ।

୧୭ ଯାହାର ଅହଂକାର ନାହିଁ ଓ ଯାହାର ବୁଦ୍ଧି ବିବେକ କର୍ମରେ ଲିପ୍ତ ନୁହେଁ , ସେ କାହାର ହତ୍ୟା କରିଦେଲେ ବି ସେ ହତ୍ୟା କରେନାହିଁ କି କୌଣସି କର୍ମ ଆବଦ୍ଧରେ ପଡେନାହିଁ ।

୧୮ ଜ୍ଞାନ ଜ୍ଞେୟ ଓ ଜ୍ଞାତା ଏ ତିନୋଟି କର୍ମର ତ୍ରିବିଧ ପ୍ରବର୍ତ୍ତକ , କରଣ (ଇନ୍ଦ୍ରିୟ)କର୍ମ ଓ କର୍ତ୍ତା ଏ ତିନୋଟି କ୍ରୀୟାର ତ୍ରିବିଧ ଆଶ୍ରୟ ବା କର୍ମସଂଗ୍ରହ ।

୧୯ ସାଙ୍ଖ୍ୟଦର୍ଶନ ଶାସ୍ତ୍ରରେ, ଗୁଣ ଭେଦରେ ଜ୍ଞାନ କର୍ମ ଓ କର୍ତ୍ତା ଆଦି ତିନି ପ୍ରକାର ବୋଲି କୁହାଯାଇଛି । ସେମାନଙ୍କ ବିଷୟରେ ଏବେ ଶୁଣ ।

---

ସର୍ବଜୀବଗଣେ ଯିଏ ଏକଭାବ ଅବ୍ୟୟ୍ କରେ ଦର୍ଶନ
ଅବିଭକ୍ତ ବିଭକ୍ତେଷୁ ସେହିଜ୍ଞାନ ଜାଣ ହେ ସାତ୍ତ୍ୱିକ ଜ୍ଞାନ ।୨୦
ପୃଥକ ପୃଥକ ରୂପେ ଯେଉଁଜ୍ଞାନ ନାନାଭାବ ଭିନ୍ନଭିନ୍ନ
ଦେଖେ ସର୍ବଭୂତଗଣେ, ସେହିଜ୍ଞାନ ଜାଣ ରାଜସୀକ ଜ୍ଞାନ ।୨୧
କିନ୍ତୁ ଯାହା ପୂର୍ଣ୍ଣଭଳି ଏକଦେହେ ଆସକ୍ତ ଓ ଅହେତୁକ
ଅତତ୍ତ୍ୱାର୍ଥପରି ତୁଚ୍ଛ ସେହିଜ୍ଞାନ ଉଦାହୃତ ତାମସୀକ ।୨୨
ବିରହିତ ଆସକ୍ତି ଓ  ରାଗଦ୍ୱେଷ ହୁଏ ଯେ କର୍ମ ନିୟତ
ଅଫଳଲିପ୍ସୁ ମନୁଷ୍ୟ ସମ୍ପାଦିତ, ତାହା ସାତ୍ତ୍ୱିକ କଥିତ ।୨୩

---

୨୦ ଯେଉଁ ଜ୍ଞାନବଳରେ ଭିନ୍ନ ଭିନ୍ନ ସର୍ବ ଜୀବରେ ଅବିଭକ୍ତ ହୋଇଥିବା ଅବ୍ୟୟ୍ ଓ ନିତ୍ୟକୁ ଏକ ଭାବରେ ଅବସ୍ଥିତ ଥିବାର ଦର୍ଶନ କରା ଯାଇପାରେ, ସେହି ଜ୍ଞାନ ଶୁଦ୍ଧ ସାତ୍ତ୍ୱିକ ଜ୍ଞାନ ବୋଲି ଜାଣ ।

୨୧ ଯେଉଁ ଜ୍ଞାନଦ୍ୱାରା ମନୁଷ୍ୟ ସର୍ବଜୀବରେ, ପୃଥକ ଶରୀରରେ ଭିନ୍ନ ଭିନ୍ନ ଭାବରେ ଭିନ୍ନ ଭିନ୍ନ ଆତ୍ମା ବିଦ୍ୟମାନ ଥିବାର ଦେଖିପାରେ , ସେହି ଜ୍ଞାନ ରାଜସୀକ ଜ୍ଞାନ ବୋଲି ଜାଣ ।

୨୨ ଯେଉଁଜ୍ଞାନ ଦ୍ୱାରା ଆତ୍ମା କୌଣସି ଗୋଟିଏ ଦେହରେ ପୂର୍ଣ୍ଣରୂପେ ରହେ ବୋଲି ଧରି ନିଆଯାଏ , ତାହା ଏକ ଅହେତୁକ ବିଚାର ଏବଂ ସତ୍ୟରେ ପ୍ରତିଷ୍ଠିତ ନୁହେଁ , ତେଣୁ ଏହି ତୁଚ୍ଛଜ୍ଞାନ, ତାମସୀକ ଜ୍ଞାନର ଏକ ଉଦାହରଣ ।

୨୩ ଫଳରେ ଆଶା ନରଖିଥିବା ବ୍ୟକ୍ତି ଅନାସକ୍ତଭାବରେ ରାଗଦ୍ୱେଷ ବର୍ଜିତ ହୋଇ ଯେଉଁ ବିହିତ କର୍ତ୍ତବ୍ୟ କର୍ମ କରନ୍ତି ତାହା ସାତ୍ତ୍ୱିକ କର୍ମ ବୋଲି ବିବେଚିତ ହୁଏ ।

---

କିନ୍ତୁ ଭୋଗେଚ୍ଛାରେ ଯେଉଁ କର୍ମହୁଏ ଅହଂକାରର ସହିତ
ବହୁଳଆୟାସ କ୍ରୀୟା ହୋଇଥାଏ ତା ରାଜସ ଉଦାହୃତ ।୨୪
ପରିଣାମ କ୍ଷୟ ହିଂସା ଅଣଦେଖା ସାମର୍ଥ୍ୟ ଅବିଚାରିତ
ମୋହବଶତଃ ଆରମ୍ଭେ ଯେଉଁକର୍ମ ତାହା ତାମସ କଥିତ ।୨୫
ଅସକ୍ତ ନିରହଂକାରୀ ଧୈର୍ଯ୍ୟଶୀଳ ଉତ୍ସାହର ସମନ୍ୱିତ
ସିଦ୍ଧି ଅସିଦ୍ଧିରେ ସଦା ନିର୍ବିକାର କର୍ତ୍ତା ସାତ୍ତ୍ୱୀକ କଥିତ ।୨୬
ଅନୁରାଗୀ ଫଳାକାଂକ୍ଷୀ ହିଂସାତ୍ମକ ଲୁବ୍ଧ ଓ ଶୁଚିରହିତ
ହର୍ଷ ଶୋକାନ୍ୱିତ ସେହି କର୍ତ୍ତାଅଟେ ରାଜସ ରୂପେ କୀର୍ତ୍ତିତ ।୨୭

---

୨୪ ଭୋଗକାମୀ ଲୋକମାନେ ଆଡମ୍ବର ଓ ଅହଂକାର ସହିତ ବହୁ ଉଦ୍ୟମକରି ଯେଉଁ କର୍ମ କରିଥାନ୍ତି ସେପରି କର୍ମକୁ ରାଜସୀକ କର୍ମ କୁହାଯାଏ ।

୨୫ ଯେଉଁ କର୍ମ, ପରିଣାମ, କ୍ଷୟ, ହିଂସା ଓ ସାମର୍ଥ୍ୟକୁ ବିଚାରକୁ ନ ନେଇ, ମୋହବଶତଃ ଆରମ୍ଭ କରାଯାଏ, ତାହାକୁ ତାମସ କର୍ମ କୁହାଯାଏ ।

୨୬ ଯେଉଁ କର୍ତ୍ତା ରାଗରହିତ, ନିରହଂକାରୀ, ଧୈର୍ଯ୍ୟବାନ ଓ ଉତ୍ସାହଶୀଳ ଏବଂ ସଫଳତା କି ବିଫଳତାରେ ନିର୍ବିକାର ରହିପାରୁଥିବା କର୍ତ୍ତାକୁ , ସାତ୍ତ୍ୱୀକ କର୍ତ୍ତା କହନ୍ତି ।

୨୭ ବିଷୟ ଅନୁରାଗୀ, କର୍ମଫଳାକାଂକ୍ଷୀ, ଲୋଭୀ, ହିଂସା ପରାୟଣ, ଶୌଚାଚାରହୀନ, ହର୍ଷ ଓ ବିଷାଦଗ୍ରସ୍ତ କର୍ତ୍ତା, ରାଜସୀକ କର୍ତ୍ତା ପଦବାଚ୍ୟ ।

ଅସ୍ଥିର ଅକୃତଜ୍ଞତା ଅବିନୟୀ ଶଠ ଆଉ ଅମାର୍ଜିତ
ଅଳସ ବିଷର୍ଣ୍ଣମୁଖ ଦୀର୍ଘସୂତ୍ରୀ କର୍ତ୍ତା ତାମସ ବିଦିତ ।୨୮
ବୁଦ୍ଧି ଧୃତିର ବିଭାଗ ଗୁଣହେତୁ ତ୍ରିବିଧ ମୋଠାରୁ ଶୁଣ
ତାହା ପୃଥକେ ପୃଥକେ ଧନଞ୍ଜୟ କହୁଛି ମୁଁ ବିସ୍ତାରିଣ ।୨୯
ପ୍ରବୃତ୍ତି ତଥା ନିବୃତ୍ତି ଅକର୍ତ୍ତବ୍ୟ କର୍ତ୍ତବ୍ୟ ଭୟ ଅଭୟ
ବନ୍ଧନ ମୋକ୍ଷ ଯେଜାଣେ ପାର୍ଥତାର ବୁଦ୍ଧି ସାତ୍ତ୍ୱିକ ନିଶ୍ଚୟ ।୩୦
ଯାଦ୍ୱାରା ଧର୍ମ ଅଧର୍ମ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ କର୍ମସର୍ବ
ଜାଣନ୍ତି ଅଯଥାପରି , ଆହେପାର୍ଥ ସେ ବୁଦ୍ଧି ରାଜସ ଭାବ ।୩୧

---

୨୮ ଅଯୁକ୍ତ ବା ଅସ୍ଥିରମତି, ପ୍ରାକୃତ ବା ଅମାର୍ଜିତ, ସ୍ତବ୍ଧ ବା ଅବିନୟୀ, ଶଠ, ଦୁରାଚାରୀ ଆଳସ୍ୟ ପରାୟଣ, ବିଷର୍ଣ୍ଣତା, ଦୀର୍ଘସୂତ୍ରୀ ବା ମନ୍ଥର ବା କାଳକ୍ଷେପଣସ୍ୱଭାବ ଇତ୍ୟାଦି ଅଶୁଦ୍ଧ ଗୁଣରେ ଭୂଷିତ କର୍ତ୍ତା , ତାମସୀକ କର୍ତ୍ତା ବୋଲି କୁହାଯାଏ ।

୨୯ ହେ ଅର୍ଜୁନ ଗୁଣଭେଦରେ ବୁଦ୍ଧି ଓ ଧୃତି ମଧ୍ୟ ତିନି ଭାଗରେ ବିଭକ୍ତ । ସେଗୁଡିକ ପୃଥକ ପୃଥକ ବିସ୍ତାରକରି ମୁ ଯାହା କହୁଛି ଶୁଣ ।

୩୦ ହେ ପାର୍ଥ ପ୍ରବୃତ୍ତି ଓ ନିବୃତ୍ତି, କର୍ତ୍ତବ୍ୟ. ଓ ଅକର୍ତ୍ତବ୍ୟ, ଭୟ ଅଭୟ, ବନ୍ଧନ ମୋକ୍ଷ ବିଷୟରେ, ଯେଉଁ ବୁଦ୍ଧି ଦ୍ୱାରା ଜାଣିହୁଏ ତାକୁ ସାତ୍ତ୍ୱିକ ବୁଦ୍ଧି କହନ୍ତି ।

୩୧ ହେ ପାର୍ଥ, ଯେଉଁ ବୁଦ୍ଧିଦ୍ୱାରା ମନୁଷ୍ୟ , ଧର୍ମ ଅଧର୍ମ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ କର୍ମ ସବୁକୁ ଅଯଥା ପରି ମନେ କରାଯାଏ ସେ ହୁଦ୍ଧି ରାଜସୀକ ବୁଦ୍ଧି ବୋଲି କୁହାଯାଏ ।

---

ଅଧର୍ମକୁ ଧର୍ମବୋଲି ମନେକରେ ହୋଇ ତମସା ଆବୃତ୍ତ
ସର୍ବ ଅର୍ଥ ବିପରିତ ଅର୍ଥକରେ ସେ ବୁଦ୍ଧି ତାମସୀ ପାର୍ଥ ।୩୨
ଯେଉଁ ଧୃତିଦ୍ୱାରା ହୁଏ ନିୟନ୍ତ୍ରିତ ମନପ୍ରାଣ ଓ ଇନ୍ଦ୍ରିୟ
ଅବ୍ୟଭିଚାରିଣୀ ଯୋଗେ ପାର୍ଥସେହି ସାତ୍ତ୍ୱିକୀ ଧୃତି ନିଷ୍ଚୟ ।୩୩
ଧର୍ମ ,କାମ ଓ ଅର୍ଥକୁ ଧରିରଖେ ଯାହା ଦ୍ୱାରା ହେଅର୍ଜୁନ
ଆସକ୍ତି ଓ ଫଳାକାଂକ୍ଷୀ ସେହିଧୃତି ପାର୍ଥ ରାଜସୀକ ଜାଣ ।୩୪
ସ୍ୱପ୍ନ ଭୟ ଶୋକ ଏବଂ ଅବସାଦ ଯାହାଦ୍ୱାରା ଅହଂକାର
ଦୁର୍ମେଧା ନ କରେତ୍ୟାଗ ଆହେପାର୍ଥ ସେହିଁ ଧୃତି ତାମସୀର ।୩୫

---

୩୨ ହେ ପାର୍ଥ ତମଗୁଣ ଆବୃତ୍ତ ହୋଇଥିବା ବୁଦ୍ଧି, ସବୁପ୍ରକାର ଅଧର୍ମକୁ ଧର୍ମ ବୋଲି ମନେକରେ ଓ ସବୁପ୍ରକାର ଅର୍ଥକୁ ବିକୃତ କରି ଗ୍ରହଣକରେ ।

୩୩ ହେ ପାର୍ଥ ଯେଉଁ ଧୃତିଦ୍ୱାରା ଅବ୍ୟଭିଚାର ବା ନିଷ୍ଠାପର ଯୋଗ ମାଧ୍ୟମରେ ମନ ପ୍ରାଣ ଓ ଇନ୍ଦ୍ରିୟଗଣଙ୍କ କ୍ରୀୟା କଳାପ ନିୟନ୍ତ୍ରିତ ହୋଇଥାଏ ସେ ଧୃତି ନିଷ୍ଚୟ ସାତ୍ତ୍ୱିକ ଧୃତି ।

୩୪ ହେ ଅର୍ଜୁନ ଆସକ୍ତି ହେତୁ ଫଳାକାଂକ୍ଷୀମାନେ ଯେଉଁ ଧୃତିଦ୍ୱାରା ଧର୍ମ (କର୍ତ୍ତବ୍ୟ) ଅର୍ଥ(ଧନ ସମ୍ପଦ) କାମନା(ଭୋଗବାସନା) ଧରି ରଖନ୍ତି ସେ ଧୃତିକୁ ରାଜସୀକ ଧୃତି କହନ୍ତି ।

୩୫ ହେ ଅର୍ଜ ହେ ପାର୍ଥ , ଯେଉଁ ଧୃତି କାରଣରୁ ଦୁର୍ମେଧା ବ୍ୟକ୍ତି ନିଦ୍ରା, ଭୟ, ଶୋକ, ବିଷାଦ ବା ଅବସାଦ ଓ ଅହଂକାର ତ୍ୟାଗ କରିପାରେନାହି ତାହାକୁ ତାମସୀକ ଧୃତି କହନ୍ତି ।

---

ଅଧୁନା ତ୍ରିବିଧସୁଖ ଶୁଣତାହା ମୋଠାରୁ ଭରତର୍ଷଭ
ଅଭ୍ୟାସରେ ଯେଉଁଥିରେ ରତିହୁଏ, ଦୁଃଖାନ୍ତ ହୁଏ ସମ୍ଭବ ।୩୬
ଯାହା ଅଗ୍ରେ ବିଷତୁଲ୍ୟ ପରିଣାମେ ଅମୃତର ଅନୁଭବ
ସେ ସୁଖ ସାତ୍ତ୍ୱିକ କହି ଆତ୍ମବୁଦ୍ଧି ପ୍ରସନ୍ନତାରୁ ଉଦ୍ଭବ ।୩୭
ବିଷୟ ସହ ଇନ୍ଦ୍ରୀୟ ସଂଯୋଗରୁ ଯାହା ପ୍ରଥମେ ଅମୃତ
ପରିଣାମେ ବିଷପରି ସେହିସୁଖ ରାଜସ ହୁଏ କଥିତ ।୩୮
ଯେଉଁ ସୁଖ ଆଦ୍ୟରେ ଓ ପରିଣାମେ ଆତ୍ମାକୁ ରଖେ ମୋହିତ
ନିଦ୍ରା ଆଳସ୍ୟ ପ୍ରମାଦରୁ ଉଦ୍ଭବ ସେ ତାମସୀକ ଉଦାହୃତ ।୩୯

---

୩୬,୩୭ ହେ ଭରତଶ୍ରେଷ୍ଠ ଅର୍ଜୁନ ବର୍ତ୍ତମାନ ମୋଠାରୁ ତିନି ପ୍ରକାର ସୁଖ ବିଷୟରେ ଶୁଣ । ମନୁଷ୍ୟର ଯୋଗ ଅଭ୍ୟାସଦ୍ୱାରା ଉତ୍ପନ୍ନ ହୋଇଥିବା ଯେଉଁ ସୁଖରେ ରମଣହୁଏ ବା ସେ ମଗ୍ନହୋଇ ରହେ , ସେହି ସୁଖରେ, ଦୁଃଖର ଅନ୍ତ ହୋଇଯାଏ । ଏତାଦୃଶ ପରମାତ୍ମା ବିଷୟକ ବୁଦ୍ଧିର ପ୍ରସନ୍ନତାରୁ, ଯେଉଁ ସୁଖମିଳେ ସେ ସୁଖ ପ୍ରଥମରେ ବିଷତୁଲ୍ୟ ବୋଧ ହେଲେ ବି ପରିଣାମରେ ଆତ୍ମବୁଦ୍ଧି ପ୍ରସନ୍ନତାରୁ ଅମୃତମୟ ହୋଇଯାଏ , ସେ ସୁଖ ସାତ୍ତ୍ୱିକୀସୁଖ ।

୩୮ ଯେଉଁ ସୁଖ ବିଷୟ ସହିତ ଇନ୍ଦ୍ରିୟ ସଂଯୋଗରୁ ଜାତ ହୋଇ , ପ୍ରଥମରୁ ଅମୃତପରି ଅନୁଭୂତ ହୁଏ ଓ ପରିଶେଷରେ ବିଷପରି ହୋଇଯାଏ ସେ ସୁଖ ରାଜସ ସୁଖ ବୋଲି କଥିତ ହୁଏ ।

୩୯ ଯେଉଁ ସୁଖ ଆଦ୍ୟରେ ଯେପରି ଓ ଅନ୍ତରେ ମଧ୍ୟ ସେପରି ଆତ୍ମାକୁ ମୋହଗ୍ରସ୍ତ କରି ରଖିଥାଏ । ମନୁଷ୍ୟର ନିଦ୍ରା ଆଳସ୍ୟ ଓ ଅସାବଧାନତା ରୁ ଜାତ ସେହି ସୁଖ ତାମସୀକ ସୁଖର ଏକ ଉଦାହରଣ ।

---

ନାହିଁକେହି ପୃଥିବୀରେ କିମ୍ବାସ୍ୱର୍ଗେ ଦେବଗଣ ମଧ୍ୟେ ପୁଣି
ପ୍ରକୃତିରୁ ଜାତ ଏହି ତ୍ରିଗୁଣରୁ ମୁକ୍ତରହେ କେହିପ୍ରାଣି ।୪୦
ବ୍ରାହ୍ମଣ କ୍ଷତ୍ରୀୟ ବୈଶ୍ୟ ପରନ୍ତପ ଏବଂ ଶୁଦ୍ରଗଣଙ୍କର
କର୍ତ୍ତବ୍ୟ କର୍ମ ବିଭକ୍ତ ହୋଇଅଛି ସ୍ୱଭାବଜାତ ଗୁଣର ।୪୧
ଶମ ଦମ ତପ ଶୌଚ କ୍ଷମାଶୀଳ ସରଳ ସ୍ୱଷ୍ଟବାଦିତା
ଜ୍ଞାନ ଆତ୍ମଅନୁଭୂତି ଆସ୍ତିକତ୍ୱ ବ୍ରାହ୍ମଣ ସ୍ୱଭାବିକତା ।୪୨
ଶୌର୍ଯ୍ୟ ତେଜ ଧୃତି ଦକ୍ଷ ଆଉମଧ୍ୟ ଯୁଦ୍ଧରୁ ଅପଳାୟନ
ଦାନ ଇଶ୍ୱର ଭାବନା କ୍ଷତ୍ରୀୟର ସ୍ୱଭାବ କର୍ମ ବିଧାନ ।୪୩

---

୪୦ ଏହି ପୃଥିବୀରେ ଅଥବା ସ୍ୱର୍ଗରେ ଦେବତାମାନଙ୍କ ମଧ୍ୟରେ କେହିହେଲେ ଜଣେ ନାହିଁ ଯେ କି ପ୍ରକୃତିରୁ ଜାତ ଏ ତ୍ରିଗୁଣରୁ ମୁକ୍ତ ।

୪୧ ହେ ପରନ୍ତପ ବ୍ରାହ୍ମଣ କ୍ଷତ୍ରୀୟ ବୈଶ୍ୟ ଓ ଶୁଦ୍ର ମାନଙ୍କର ଯାହା କର୍ତ୍ତବ୍ୟ କର୍ମସବୁ ସେମାନଙ୍କର ସ୍ୱଭାବରୁ ଜାତ ଗୁଣ ମାନଙ୍କ ହିସାବରେ ବିଭକ୍ତକରାଯାଇଛି ।

୪୨ ଶମ ବା ମନସଂଯମ, ଦମ ବା ଇନ୍ଦ୍ରିୟସଂଯମ, ତପସ୍ୟା, ପବିତ୍ରତା, କ୍ଷମାଶୀଳତା, ସରଳ, ସ୍ୱଷ୍ଟବାଦିତା, ଜ୍ଞାନ ବା ଶାସ୍ତ୍ର ବିହିତ ଜ୍ଞାନ, ବିଜ୍ଞାନ ବା ଆତ୍ମତତ୍ତ୍ୱ ବିଷୟକ ଜ୍ଞାନ, ଆସ୍ତିକତ୍ୱ ବା ଇଶ୍ୱର ବିଶ୍ୱାସୀ ଇତ୍ୟାଦି ବ୍ରାହ୍ମଣର ସ୍ୱଭାବିକ ନବଧା ଲକ୍ଷଣ ।

୪୩ ଶୌର୍ଯ୍ୟ ବା ପରାକ୍ରମ, ତେଜ, ଧୈର୍ଯ୍ୟ, ନିପୁଣତା ବା ଦକ୍ଷତା ଯୁଦ୍ଧକ୍ଷେତ୍ରରୁ ଅପଳାୟନ, ଦାନ ଓ ଇଶ୍ୱରଭାବ ଅର୍ଥାତ୍ ଇଶ୍ୱର ଯେପରି ସମସ୍ତଙ୍କର ପାଳନ ପୋଷଣ ଓ ସୁରକ୍ଷା ଦିଅନ୍ତି ,ସେପରି ଭାବ ଗ୍ରହଣ କରିବା ବା ପ୍ରଭୁତ୍ୱ ଇତ୍ୟାଦି କ୍ଷତ୍ରୀୟର ସ୍ୱାଭାବଜ ଗୁଣ କର୍ମ ।

---

କୃଷି ଗୋରକ୍ଷା ବାଣିଜ୍ୟ ଏହିସବୁ ବୈଶ୍ୟ ସ୍ୱଭାବଜ କର୍ମ
ପରିଚର୍ଯ୍ୟାତ୍ମକ କର୍ମ ଶୁଦ୍ରରବି ସ୍ୱଭାବରୁ ଜାତ କର୍ମ ।୪୪
ନିଜନିଜ କର୍ମେରତ ପୂର୍ଣ୍ଣସିଦ୍ଧି ଲାଭ କରିଥାଏ ନର
ସ୍ୱକର୍ମରତ କିପରି ପୂର୍ଣ୍ଣସିଦ୍ଧି ଲଭେ ତା ଶ୍ରବଣକର ।୪୫
ଯାହାଙ୍କଠାରୁ ଉତ୍ପତ୍ତି ଜୀବମାନେ ଯେବ୍ୟାପ୍ତ ସର୍ବ ଜଗତ
ସ୍ୱକର୍ମରେ ପୂଜାକରି ତାଙ୍କୁ ନର ହୋଇଥାଏ ସିଦ୍ଧିପ୍ରାପ୍ତ ।୪୬
ବିଗୁଣ ସ୍ୱଧର୍ମ ଶ୍ରେଷ୍ଠ ପରଧର୍ମ ଠାରୁ ଯା ସୁଅନୁଷ୍ଠିତ
ସ୍ୱଭାବ ନିର୍ଦ୍ଦିଷ୍ଟ କର୍ମ କରି କେହି ନୁହନ୍ତି କିଲ୍ବିଷପ୍ରାପ୍ତ ।୪୭

---

୪୪ କୃଷି ,ଗୋ ପାଳନ ଓ ବାଣିଜ୍ୟ ବୈଶ୍ୟର ସ୍ୱଭାବ ଜାତ କର୍ମ ଏବଂ ସେବା ସତ୍କାର ଓ ପରିଚର୍ଯ୍ୟାତ୍ମକ କାର୍ଯ୍ୟ ଶୁଦ୍ରର ସ୍ୱଭାବଜାତ କର୍ମ ।
୪୫ ନିଜନିଜ କର୍ମରେ ଲିପ୍ତରହି ମନୁଷ୍ୟ ସିଦ୍ଧି ଲାଭକରିଥାଏ ।ସ୍ୱ କର୍ମରେ ଲିପ୍ତ ରହିଲେ କିପରି ସିଦ୍ଧିଲାଭହୁଏ ତାହା ଶୁଣ ।

୪୬ ସମସ୍ତ ଜୀବଗଣ ଯାହାଙ୍କଠାରୁ ଉତ୍ପନ୍ନ ହୋଇଛନ୍ତି, ଯେ ଏ ଚରାଚର ଜଗତ ପରିବ୍ୟାପ୍ତ ଅଛନ୍ତି, ତାହାଙ୍କୁ ନିଜ କର୍ତ୍ତବ୍ୟ କର୍ମଦ୍ୱାରା ପୂଜାକରି ମନୁଷ୍ୟ ସିଦ୍ଧିଲାଭ କରିଥାଏ ।
୪୭ ଉତ୍ତମରୂପେ ଅନୁଷ୍ଠିତ ହୋଇଥିବା ପରଧର୍ମଠାରୁ ସ୍ୱଧର୍ମ ବା ସ୍ୱକର୍ତ୍ତବ୍ୟ କର୍ମ ଦୋଷଯୁକ୍ତ ହୋଇଥିଲେ ବି ନିଶ୍ଚିତ ଶ୍ରେଷ୍ଠତର । ଯେଉଁମାନେ ସ୍ୱଭାବଗତ ନିର୍ଦ୍ଦିଷ୍ଟ କର୍ମ କରୁଥାନ୍ତି ସେମାନେ କେବେ ପାପଭାଗୀ ହୁଅନ୍ତିନାହିଁ ।

ସ୍ୱଭାବଜ କର୍ମ ନୁହଁ ତ୍ୟାଜ୍ୟପାର୍ଥ ହେଲେ ବି ସେ ଦୋଷଯୁକ୍ତ
ଦୋଷରେ ଆବୃତ୍ତ କର୍ମ ଯଥାଧୂମ କରେ ଅଗ୍ନି ଆଚ୍ଛାଦିତ ।୪୮
ସର୍ବତ୍ର ଆସକ୍ତିହିନ ବୁଦ୍ଧିଯାର ଜିତାତ୍ମା ନିସ୍ପୃହ ଯିଏ
ପରମ ନୈଷ୍କର୍ମ୍ୟସିଦ୍ଧି ସାଙ୍ଖ୍ୟଯୋଗ ଅଭ୍ୟାସରେ ପ୍ରାପ୍ତହୁଏ ।୪୯
ସିଦ୍ଧିପ୍ରାପ୍ତ ଯଥା ଜ୍ଞାନ ପରାନିଷ୍ଠା ବ୍ରହ୍ମକୁ ଅଧିଗମନ
କରିଥାନ୍ତି ହେ କୌନ୍ତେୟ ସଂକ୍ଷେପରେ କର ମୋଠାରୁ ଶ୍ରବଣ ।୫୦

---

୪୮ ହେ ଅର୍ଜୁନ ସ୍ୱଭାବ ନିୟତ ସକଳ କର୍ମ ଦୋଷଯୁକ୍ତ ହୋଇଥିଲେ ବି ପରିତ୍ୟାଗ କରିବା ଉଚିତ ନୁହେଁ । କାରଣ ଅଗ୍ନି ଯେପରି ଧୂମଦ୍ୱାରା ଆବୃତ୍ତ ହୋଇଥାଏ ସେପରି ସ୍ୱଭାବ ନିୟତ କର୍ମ କୌଣସି ନା କୌଣସି ଦୋଷଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ ।

୪୯ ଯାହାର ସର୍ବତ୍ର ଆସକ୍ତି ରହିତ ବୁଦ୍ଧି, ଯିଏ ଶରୀରକୁ ନିଜ ବଶରେ ରଖି ପାରିଛନ୍ତି, ଯିଏ ସ୍ପୃହା ରହିତ , ସେ ସାଙ୍ଖଯୋଗ ଅଭ୍ୟାସଦ୍ୱାରା ସର୍ବଶ୍ରେଷ୍ଠ ନୈଷ୍କର୍ମ୍ୟ ସିଦ୍ଧି ପ୍ରାପ୍ତ ହୁଏ ।

୫୦ ହେ କୌନ୍ତେୟ ସିଦ୍ଧି ପ୍ରାପ୍ତ ବ୍ୟକ୍ତି ଯେପରି ଜ୍ଞାନର ପରାନିଷ୍ଠା ବ୍ରହ୍ମଭାବ ଲାଭ କରନ୍ତି ତାହା ସଂକ୍ଷେପରେ ମୋ ଠାରୁ ଶୁଣ ।

---

ବିଶେଷ ଶୁଦ୍ଧ ବୁଦ୍ଧିରେ ହୋଇଯୁକ୍ତ ଦୃଢେ ସଂଯମି ଆତ୍ମନ
ଶବ୍ଦାଦି ବିଷୟ ସର୍ବ କରିତ୍ୟାଗ ରାଗଦ୍ୱେଷର ନାଶନ ।୫୧
ଏକାନ୍ତସ୍ଥ ମିତାହାରୀ ସଂଯମିଣ ବଚନ ଶରୀର ମନ
ଧ୍ୟାନଯୋଗ ପରାୟଣ ସଦାକାଳେ ବୈରାଗ୍ୟ ଅବଲମ୍ବନ ।୫୨
ଅହଂକାର ବଳ ଦର୍ପ କରିତ୍ୟାଗ କାମ କ୍ରୋଧ ପରିଗ୍ରହ
ମମତ୍ୱଶୂନ୍ୟ ପ୍ରଶାନ୍ତ ହୋଇଗଲେ ବ୍ରହ୍ମତ୍ୱରେ ଯୋଗ୍ୟହୁଅ ।୫୩
ବ୍ରହ୍ମସ୍ୱରୂପ ସମ୍ପ୍ରାପ୍ତ ପ୍ରସନ୍ନାତ୍ମା ନକରେ ଇଚ୍ଛା, ଶୋଚନା
ଜୀବଗଣେ ସମଦର୍ଶୀ ଲାଭକରେ ମୋ ପରାଭକ୍ତି ଭାବନା ।୫୪
ଭକ୍ତିରେ ବିଶେଷରୂପେ ଯେ ଜାଣନ୍ତି ତତ୍ତ୍ୱତ ମୁଁ କଣ କିଏ
ତାପରେ ଜାଣି ତତ୍ତ୍ୱତ ମୋହଠାରେ ତତ୍କାଳ ପ୍ରବିଷ୍ଟ ହୁଏ ।୫୫

---

୫୧-୫୩ ଶୁଦ୍ଧ(ସାତ୍ତ୍ୱିକ)ବୁଦ୍ଧିଯୁକ୍ତହୋଇ, ନିଜର ଆତ୍ମକୁ(ଇନ୍ଦ୍ରିୟମାନଙ୍କୁ) ଦୃଢଭାବରେ ସଂଯତକରି, ଶବ୍ଦାଦି ବିଷୟ ତଥା ରାଗଦ୍ୱେଷ ପରିତ୍ୟାଗକରି , ଏକାନ୍ତବାସୀ ଓ ଅଳ୍ପାହାରୀ ହୋଇ ମନ ବଚନ ଓ ଶରୀର ସଂଯମ କରି, ଧ୍ୟାନଯୋଗ ପରାୟଣ ଓ ବୈରାଗ୍ୟ ଆଚରଣ କରି,ଅହଂକାର ବଳ ଦର୍ପ କାମନା କ୍ରୋଧ ଓ ଲୋଭ ପରିତ୍ୟାଗ କରିଦେଇ, ମମତ୍ୱଶୂନ୍ୟ ପ୍ରଶାନ୍ତ ଚିତ୍ତ ହୋଇଗଲେ ବ୍ରହ୍ମତ୍ୱ ଲାଭ ନିମନ୍ତେ ଯୋଗ୍ୟ ହୁଅନ୍ତି ।

୫୪ ବ୍ରହ୍ମସ୍ୱରୂପ ପ୍ରାପ୍ତହୋଇ, ପ୍ରସନ୍ନ ଚିତ୍ତ ବ୍ୟକ୍ତି କୌଣସି ଶୋଚନା କରନ୍ତି ନାହିଁ କି କୌଣସି ଆକାଂକ୍ଷା ରଖନ୍ତି ନାହିଁ। ସେ ସର୍ବଜୀବରେ ସମଦର୍ଶିତା ଲାଭକରି ମୋର ପରାଭକ୍ତ ହୋଇଯାନ୍ତି ।

୫୫ ସେହି ପରାଭକ୍ତି ଦ୍ୱାରା, ମୁଁ ପ୍ରକୃତରେ କିଏ ଓ କଣ , ସେ ତାହା ତତ୍ତ୍ୱତଃ ବିଶେଷରୂପେ ଜାଣି ପାରନ୍ତି ଓ ତତ୍ତ୍ୱରେ ମୋ ସ୍ୱରୂପ ଜାଣିପାରି ତତ୍କାଳ ମୋଠାରେ ପ୍ରବିଷ୍ଟ ହୋଇଯାନ୍ତି ।

---

ସକଳ କର୍ମ ସର୍ବଦା କରିମଧ୍ୟ ହୋଇ ମୋହର ଆଶ୍ରୀତ
ମୋ ପ୍ରସାଦରୁ ସକଳେ ଲଭିଥାନ୍ତି ଅବ୍ୟୟ୍ ପଦ ଶାଶ୍ୱତ ।୫୬
ଚିତ୍ତରେ ସକଳ କର୍ମ  ସମର୍ପଣ କରି ହୁଅ ମତପର
ବୁଦ୍ଧିଯୋଗର ଆଶ୍ରୟେ ନିରନ୍ତର ନିବେଶ ଚିତ୍ତ ମୋଠାର ।୫୭
ମୋଠାରେ ଚିତ୍ତ ନିବେଶି ସର୍ବଦୁଃଖ ମୋକୃପାରୁ ତରିଯିବ
ଏହା ଯଦି ଅହଂକାରେ ନଶୁଣିବ ଅଚିରେ ବିନାଶହେବ ।୫୮
ଅଂହକାର କରିଆଶ୍ରା ଯଦି ଯୁଦ୍ଧ ନ କରିବାପାଇଁ ଭାବ
ମିଥ୍ୟା ଏ ନିଷ୍ଚୟ୍ ତୁମ ଯେଣୁତୁମ ପ୍ରକୃତି ବାଧ୍ୟ କରିବ ।୫୯

---

୫୬ ସର୍ବଦା ସକଳ କର୍ମ କରି ଏବଂ ମୋର ଶରଣାଗତ ହୋଇ ମୋ କୃପାରୁ ନିତ୍ୟ ଅବ୍ୟୟ୍ ଶାଶ୍ୱତ ପଦ ପ୍ରାପ୍ତ ହୁଅନ୍ତି ।

୫୭ ମାନସ ସ୍ତରରେ ବା ଚେତନାରେ ଥିବାବେଳେ, ମତେ ସର୍ବକର୍ମ ସମର୍ପଣ କରିଦିଅ ଓ ମତ୍ପରାୟଣ ହୁଅ ।ବୁଦ୍ଧିଯୋଗର(ସମତାର) ଆଶ୍ରୟରେ, ମୋଠାରେ ତୁମର ଚିତ୍ତବୃତ୍ତି ନିବେଶ କରିଦିଅ ।

୫୮ ମୋଠାରେ ଚିତ୍ତ ନିବେଶ କରି ତୁମେ ମୋ କରୁଣାରୁ ସକଳ ଦୁଃଖ କଷ୍ଟ ପାରି ହୋଇଯିବ । ଏଥର ଯଦି ଅହଂକାର ବଶତଃ ମୋ ଉପଦେଶ ନ ଶୁଣ , ତେବେ ତୁମେ ନିଷ୍ଚୟ୍ ବିନାଶ ହୋଇଯିବ ।

୫୯ ଯଦି ତୁମେ ଅହଂକାର ଆଶ୍ରୟରେ ଯୁଦ୍ଧ କରିବାପାଇଁ ମନରେ ଭାବୁ ଥାଅ ତେବେ ତୁମର ଏ ଯୁଦ୍ଧ ନ କରିବା ମାନସ ବା କଳ୍ପନା ବୃଥା ହେବ, କାରଣ ତୁମ ସହଜାତ କ୍ଷାତ୍ର ପ୍ରକୃତି ଭା ସ୍ୱଭାବ ତୁମକୁ  ଯୁଦ୍ଧ କରିବାପାଇଁ ବାଧ୍ୟ କରିବ ।

---

ସ୍ୱଭାବଜାତ ପ୍ରବୃତ୍ତି ହେ କୌନ୍ତେୟ କର୍ମରେ ହୋଇ ଆବଦ୍ଧ
ମୋହେ ଅନିଚ୍ଛୁକ ଯାହା କରିବାକୁ ପରବଶେ ହେବ ବାଧ୍ୟ ।୬୦
ସର୍ବଜୀବଗଣ ହୃଦେ ହେ ଅର୍ଜୁନ ଇଶ୍ୱର କରି ନିବାସ
ଯନ୍ତ୍ରାରୂଢ ସର୍ବଜୀବେ ଘୁରାନ୍ତି ସେ ମାୟାଶକ୍ତିରେ ସର୍ବଶ ।୬୧
ସର୍ବତୋଭାବରେ ନିଅ ହେଭାରତ ଇଶ୍ୱରଙ୍କର ଶରଣ
ତାଙ୍କପ୍ରସାଦରୁ ଲବ୍ଧ ପରାଶାନ୍ତି ପ୍ରାପତ ଶାଶ୍ୱତ ସ୍ଥାନ ।୬୨
ଗୂହ୍ୟଠାରୁ ଗୂହ୍ୟତର ଏହି ଜ୍ଞାନ ତୁମକୁ ହେଲା କଥିତ
ବିସ୍ତୃତେ କରି ବିଚାର କରଏବେ ଯାହାତୁମ ଇଚ୍ଛାଗତ ।୬୩

---

୬୦ ହେ କୌନ୍ତେୟ ତୁମେ ସ୍ୱଭାବଜାତ କର୍ମପ୍ରବୃତିରେ ଆବଦ୍ଧଥାଇ ମୋହବଶତଃ ଯାହା କରିବାକୁ ଅନିଚ୍ଛୁକ ହେଉଛ , ତୁମେ ସେହି ସ୍ୱଭାବଜାତ ପ୍ରବୃତ୍ତି ପରବଶ ହୋଇ ତାହା କରିବାକୁ ବାଧ୍ୟ ହେବ ।

୬୧ ହେ ଅର୍ଜୁନ ଇଶ୍ୱର ସମସ୍ତଙ୍କ ହୃଦୟରେ ନିବାସକରିଥାନ୍ତି ଏବଂ ନିଜର ମାୟାଶକ୍ତି ବଳରେ ସମସ୍ତଙ୍କୁ ଶରୀର ରୂପକ ଯନ୍ତ୍ରରେ ଯନ୍ତ୍ରାରୂଢ କରି ଘୁରାଉଥାନ୍ତି ।

୬୨ ହେ ଭାରତ ଅର୍ଜୁନ ସର୍ବଭାବରେ ତାଙ୍କରି ଶରଣ ନିଅ । ତାଙ୍କର ପ୍ରସାଦରୁ ପରାଶାନ୍ତି ଓ ଶାଶ୍ୱତ ପଦ ପ୍ରାପ୍ତ କର ।

୬୩ ଗୂହ୍ୟଠାରୁ ଗୂହ୍ୟତର ଗୋପନୀୟ ଜ୍ଞାନ ତୁମକୁ କୁହାଗଲା । ଏଥର ତୁମେ ଏହି ଜ୍ଞାନକୁ ଭଲରୂପେ ବିଚାର ଆଲୋଚନା କରି ସମ୍ପୂର୍ଣ୍ଣରୂପେ ମନନ ଚିନ୍ତନ କରି ଯେପରି ତୁମର ଇଚ୍ଛା ସେପରି କର ।

---

ସବୁଠାରୁ ଗୂହ୍ୟତମ ପୁଣିଥରେ ଶୁଣ ମୋ ବାକ୍ୟପରମ
ଅତି ପ୍ରୀୟଅଟ ଯେଣୁ ସେଥିପାଇଁ କହିବି ହିତରେ ତୁମ ।୬୪
ମନ୍ମନା ମୋ ଭକ୍ତହୁଅ ମୋରପୂଜା କର ମତେ ନମସ୍କାର
ପ୍ରାପ୍ତ ହେବ ମତେ ସତ୍ୟ ପ୍ରତିଜ୍ଞାରେ ଯେଣୁ ତୁମେ ପ୍ରୀୟମୋର ।୬୫
ସର୍ବଧର୍ମ ପରିତ୍ୟାଗ କରି ନିଅ ଏକମାତ୍ର ମୋ ଶରଣ
ସର୍ବପାପରୁ ତୁମକୁ ମୁକ୍ତିଦେବି ନକର ଅନୁଶୋଚନ ।୬୬
ନୁହଁ ତପସ୍ୟାବିହିନେ କଥନୀୟ ନୁହେଁ କେବେ ଅଭକ୍ତରେ
ନୁହେଁ ଅଶ୍ରଦ୍ଧାଶ୍ରବଣେ କଥନୀୟ ଯିଏ ଅସୂୟ ମୋଠାରେ ।୬୭

---

୬୪ ଅତି ଗୁପ୍ତ ମୋର ଏହି ପରମ ବାକ୍ୟ ତୁମେ ପୁଣିଥରେ ଶୁଣ। ଯେଣୁ ତୁମେ ମୋର ଅତି ପ୍ରୀୟ ସେଥିପାଇଁ ମୁ ତୁମ ହିତରେ ପୁଣିଥରେ କହିବି ।

୬୫ ମୋଠାରେ ମନନିବେଶ କର, ମତେ ଭକ୍ତିକର, ମୋର ପୂଜାକର ଓ ମତେ ନମସ୍କାର କର। ଯେଣୁ ତୁମେ ମୋର ଅତି ପ୍ରୀୟ, ମୁଁ ସତରେ ପ୍ରତିଜ୍ଞାକରି କହୁଛି ତୁମେ ମତେହିଁ ପ୍ରାପ୍ତ ହେବ ।

୬୬ ସକଳ ଧର୍ମ ପରିତ୍ୟାଗ କରି କେବଳ ଏକମାତ୍ର ମୋରି ଶରଣ ନିଅ। ମୁଁ ତୁମକୁ ସର୍ବପାପରୁ ମୁକ୍ତ କରିଦେବି ,ତେଣୁ ତୁମେ କେବେ ଶୋଚନା କରନାହିଁ ।

୬୭ ଏହି ସର୍ବ ଗୂହ୍ୟତମ ବଚନ ଅତପସ୍ୱୀକୁ କହିବନାହିଁ, ଅଭକ୍ତକୁ କଦାପି କହିବନାହିଁ, ଯାହାର ଶ୍ରବଣେ ଅଶ୍ରଦ୍ଧା ତାକୁ କହିବନାହିଁ ଓ ଯିଏ ମୋ ଠାରେ ଦୋଷ ଦେଖି ମତେ ଅସୂୟା କରେ ତାକୁ ମଧ୍ୟ କହିବ ନାହିଁ ।

---

ମୋ ଭକ୍ତମାନଙ୍କରେ ଯେକହିବେ ଏ ଜ୍ଞାନ ପରମ ଗୂହ୍ୟ
ମୋହଠାରେ ପରାଭକ୍ତି  କରିମତେ ପ୍ରାପ୍ତହେବେ ଅସଂଶୟ।୬୮
ନାହିଁ କେହି ତାଙ୍କଠାରୁ ମନୁଷ୍ୟରେ ମୋର ପ୍ରୀୟକୃତ ନର
ନହେବେ ତାଙ୍କ ସଦୃଶ ଅନ୍ୟକେହି ଏଭୁବିରେ ପ୍ରୀୟତର।୬୯
ଅଧ୍ୟୟନ କରିବେ ଯେ ଏ ପବିତ୍ର ଆମଦୁହିଁଙ୍କ ସମ୍ବାଦ
ସେ ଜ୍ଞାନଯଜ୍ଞରେ ଇଷ୍ଟ ମୁଁହିହେବି ଏହାହିଁ ମୋ ମତବାଦ।୭୦
ଶ୍ରଦ୍ଧାବାନ ଅନସୂୟ ଯେଉଁନର କେବଳ ଏହା ଶୁଣିବ
ପୂଣ୍ୟକର୍ମାଙ୍କର ପ୍ରାପ୍ୟ ଶୁଭଲୋକ ପ୍ରାପ୍ତହୋଇ ମୁକ୍ତହେବ  ।୭୧

---

୬୮  ଯେ ମୋଠାରେ ପରାଭକ୍ତି କରି ଏ ଗୀତାଗ୍ରନ୍ଥର ପରମ ଗୁପ୍ତ ଜ୍ଞାନ ମୋ ଭକ୍ତମାନଙ୍କ ମଧ୍ୟରେ କହିବେ ସେ ମତେ ପ୍ରାପ୍ତ ହେବେ ଏଥିରେ କୌଣସି ସନ୍ଦେହ ନାହିଁ।

୬୯  ତାଙ୍କଠାରୁ ମୋର ପ୍ରୀୟକର୍ମ କରୁଥିବା ମନୁଷ୍ୟମାନଙ୍କ ମଧ୍ୟରେ କେହି ନାହାନ୍ତି ଅଥବା ଏ ପୃଥିବୀରେ ତାଙ୍କଠାରୁ ଅନ୍ୟକେହି ପ୍ରୀୟତର ହୋଇ ପାରିବେ ନାହିଁ।

୭୦  ଯେ ଆମ ଦୁହିଙ୍କର ପବିତ୍ର କଥୋପକଥନ ଅଧ୍ୟୟନ କରିବେ ସେପରି ଜ୍ଞାନ ଯଜ୍ଞରେ ମୁଁ ଇଷ୍ଟପୂଜା ପାଇବି ବୋଲି ମୋର ମତ।

୭୧  ଯେଉଁମାନେ ଶ୍ରଦ୍ଧାବାନ ଓ ଅସୂୟାଶୂନ୍ୟ ହୋଇ ଏହି ଗୀତାଜ୍ଞାନ ଶ୍ରବଣ କରନ୍ତି ସେମାନେ ପୂଣ୍ୟକର୍ମା ଲୋକଙ୍କର ପ୍ରାପ୍ୟ ଆନନ୍ଦମୟ ଲୋକ ପ୍ରାପ୍ତ ହୁଅନ୍ତି

---

ଶୁଣାହୋଇଛି କି ପାର୍ଥ ତୁମଦ୍ୱାରା ଏହା ଏକାଗ୍ର ଚିତ୍ତର
ଅଜ୍ଞାନତା ଜାତ ମୋହ ଧନଞ୍ଜୟ ହେଲା କି ନଷ୍ଟ ତୁମର ।୭୨

ଅର୍ଜୁନଉବାଚ

ହେଲା ନଷ୍ଟ ମୋହ ଜ୍ଞାନ ଲବ୍ଧହେଲା ପ୍ରସାଦୁ ଅଚ୍ୟୁତ ତବ
ମୁଁ ହେଲି ସନ୍ଦେହଶୂନ୍ୟ କରିବି ମୁଁ ପାଳନ ବଚନ ତବ ।୭୩

ସଞ୍ଜୟଉବାଚ

ଏହି କଥୋପକଥନ ସେ ମହାତ୍ମା ବାସୁଦେବ ପାର୍ଥଙ୍କର
ଶ୍ରବଣ କରିଛି ମୁଁହି ସେ ଅଦ୍ଭୁତ ସମ୍ବାଦ ରୋମାଞ୍ଚକର ।୭୪
ବ୍ୟାସଦେବଙ୍କ କୃପାରୁ ଶୁଣିଲି ମୁଁ ଏ ପରମ ଗୋପନୀୟ
ଯୋଗତତ୍ତ୍ୱ କହିବାର ସାକ୍ଷାତ ସେ ଯୋଗେଶ୍ୱର କୃଷ୍ଣ ସ୍ୱୟମ୍ ।୭୫

---

୭୨ ହେ ଅର୍ଜୁନ ତୁମେ ଏହାକୁ ଏକାଗ୍ର ଚିତ୍ତରେ କଣ ଶୁଣି ପାରିଛ । ହେ ଧନଞ୍ଜୟ ତୁମର ଅଜ୍ଞାନତାରୁ ଜାତ ମୋହ କଣ ନଷ୍ଟ ହୋଇପାରିଛି ।

୭୩ ଅର୍ଜୁନ କହଲେ ହେ ଅଚ୍ୟୁତ ଆପଣଙ୍କ କୃପାରୁ ମୋର ଅଜ୍ଞାନଜାତ ମୋହ ନଷ୍ଟ ହୋଇ ଯାଇଛି, ସନ୍ଦେହ ମୋଚନ ହୋଇଯାଇଛି ଏବଂ ମୁଁ ଆପଣଙ୍କର ସମସ୍ତ ବଚନ ପାଳନ କରିବି ।

୭୪ ସଞ୍ଜୟ କହଲେ ମହାତ୍ମା, ବାସୁଦେବ ଓ ଅର୍ଜୁନଙ୍କମଧ୍ୟରେ ଏହିପ୍ରକାର ଅଦ୍ଭୁତ ଓ ରୋମାଞ୍ଚକର କଥୋପକଥନ ମୁଁ ଶ୍ରବଣ କରିଛି ।

୭୫ ସଞ୍ଜୟ କହୁଛନ୍ତି ଯେ ବ୍ୟାସଦେବଙ୍କ କୃପାରୁ ଯୋଗେଶ୍ୱର ସ୍ୱୟଂ କୃଷ୍ଣ ପରମ ଗୋପନୀୟ ଯୋଗତତ୍ତ୍ୱ କହୁଥିବାର ମୁଁ ପ୍ରତ୍ୟକ୍ଷ ଶୁଣିଲି ।

---

ସ୍ମରଣ ମୁଁ କରି କରି ମହାରାଜ ଏହି ପବିତ୍ର ଅଦ୍ଭୁତ
କେଶବାର୍ଜୁନ ସମ୍ବାଦ ହୁଏମୁଁହି ବାରମ୍ବାର ପୁଲକିତ ।୭୬
ସ୍ମରଣ ମୁଁ କରି କରି ହରିଙ୍କର ରୂପ ଅତ୍ୟନ୍ତ ଅଦ୍ଭୁତ
ଅତ୍ୟନ୍ତ ବିସ୍ମିତ ହୁଏ ହେ ରାଜନ ପୁନଃପୁନଃ ପୁଲକିତ ।୭୭
ଯୋଗେଶ୍ୱର କୃଷ୍ଣ ଛନ୍ତି ଯେଉଁଠାରେ ଆଉ ପାର୍ଥ ଧନୁର୍ଦ୍ଧର
ଶ୍ରୀ ବିଜୟ ଓ ବିଭୂତି ସେହିଠାରେ ଦୃଢନୀତି ମତ ମୋର ।୭୮

---

୭୬ ହେ ମହାରାଜ, ଶ୍ରୀକୃଷ୍ଣ ଅର୍ଜୁନଙ୍କର ଏହି ପବିତ୍ର ଅଦ୍ଭୁତ କଥୋପ କଥନ ସ୍ମରଣ କରି କରି ମୁଁ ବାରମ୍ବାର ପୁଲକିତ ହୋଇ ଯାଉଛି ।
୭୭ ଏବଂ ହେ ରାଜନ ଶ୍ରୀକୃଷ୍ଣଙ୍କର ସେହି ଅତ୍ୟନ୍ତ ଅଦ୍ଭୁତ ରୂପକୁ ସ୍ମରଣ କରି କରି ମୁଁ ବିସ୍ମିତ ହେବା ସହିତ ବାରମ୍ବାର ପୁଲକିତ ହୋଇ ଉଠୁଛି ।
୭୮ ଯେଉଁଠାରେ ଯୋଗେଶ୍ୱର କୃଷ୍ଣ ଓ ଧନୁର୍ଦ୍ଧର ପାର୍ଥ ଉପସ୍ଥିତ ଅଛନ୍ତି ସେଠାରେ ଶ୍ରୀ ବିଜୟ ବିଭୂତି ଅଚଳନୀତି ଅଛି ବୋଲି ମୋର ବିଶ୍ୱାସ ।

ବ୍ରହ୍ମବିଦ୍ୟା ଯୋଗଶାସ୍ତ୍ର ଓ ଶ୍ରୀକୃଷ୍ଣ ଅର୍ଜୁନ କଥୋପକଥନ ସମ୍ବଳିତ ଶ୍ରୀମତ୍ ଭଗବତ୍ ଗୀତା ରୂପକ ଉପନିଷଦାବଳିରେ ମୋକ୍ଷସନ୍ୟାସଯୋଗ ନାମକ ଅଷ୍ଟାଦଶ ଅଧ୍ୟାୟ ଏତିକିରେ ସମାପ୍ତ ।
(ହେମେନ୍ଦ୍ରନାଥ ଅନୂଦିତ ମୋକ୍ଷସନ୍ୟାସଯୋଗ ନାମକ ଅଷ୍ଟାଦଶ ଅଧ୍ୟାୟ ଏତିକିରେ ସମାପ୍ତ)
(ମୋଟ ଶ୍ଳୋକ ସଂଖ୍ୟା ୬୨୨+୭୮ =୭୦୦)

---

# ଗୀତା ମାହାତ୍ମ୍ୟ

(ଗୀତା ଅଧ୍ୟୟନ ପରେ ପଠନୀୟ)

ଶ୍ରୀ ଗଣେଶାୟ ନମଃ, ଶ୍ରୀ ଲକ୍ଷ୍ମୀନୃସିଂହାୟ ନମଃ, ଶ୍ରୀ ଗୁରୁଦେବାୟ ନମଃ

ଶ୍ରୀ ଧରୋବାଚ

ହେ ଭଗବାନ ହେ ପରମ ଇଶ୍ୱର ଭକ୍ତି ଅବିଚଳିତ
ପ୍ରାରବ୍ଧ ଭୋକ୍ତାଗଣର କିପରିବା ହେବ ପ୍ରଭୋ ଜାଗରିତ ।୧

ଶ୍ରୀଭଗବାନଉବାଚ

ପ୍ରାରବ୍ଧ ଭୋକ୍ତାମାନେ ଯଦି ହେବେସଦା ଗୀତାରେ ଅଭ୍ୟାସରତ
ସେ ମୁକ୍ତ ସୁଖି ଜଗତେ ନ ହେବେ ସେ ସାଂସାରୀକ କର୍ମେ ଲିପ୍ତ ।୨
ମହାପାପାଦି ଯେତେକ ପାପସବୁ ଗୀତାଧ୍ୟାନ ଯିଏ କରେ
କ୍ୱଚିତ୍ ସ୍ପର୍ଶ ନକରନ୍ତି ଯେପରିକି ନଳିନୀଦଳ ଜଳରେ ।୩

---

୧ ଧରଣୀଦେବୀ ପଚାରୁଛନ୍ତି , ହେ ଭଗବାନ ହେ ପରମଇଶ୍ୱର ପ୍ରାରବ୍ଧ ଭୋଗ କରୁଥିବା ଲୋକର କିପରି ଅବିଚଳିତ ବା ଏକନିଷ୍ଠ ଭକ୍ତି ଜାଗ୍ରତ ହେବ ।

୨ ପ୍ରାରବ୍ଧ ଭୋଗ କରୁଥିବା ଲୋକେ ଯଦି ଗୀତା ପଠନରେ ଅଭ୍ୟସ୍ତ ହେବେ ତେବେ ସେମାନେ ସଂସାର ବନ୍ଧନରୁ ମୁକ୍ତ ହେବେ ଓ ଜଗତରେ ସୁଖଲାଭ କରିବେ ଏବଂ କୌଣସି କର୍ମ ବନ୍ଧନରେ ପଡିବେନାହିଁ ।

୩ ଜଳ ଯେପରି ନଳିନୀଦଳକୁ ସ୍ପର୍ଶ ନକରେ ସେପରି ଯେ ନିତ୍ୟ ଗୀତାଧ୍ୟାନ କରନ୍ତି ତାଙ୍କୁ ମହାପାପ ଆଦି ପାପସମୂହ ସ୍ପର୍ଶ କରି ପାରନ୍ତି ନାହିଁ ।

---

ସ୍ଥାପିତ ଗୀତାପୁସ୍ତକ ଯହିଁଯହିଁ ହୁଏ ପଠନ ଶ୍ରବଣ
ସେଠାରେ ପ୍ରୟାଗ ଆଦି ତୀର୍ଥମାନେ କରିଥାନ୍ତି ଅବସ୍ଥାନ ।୪
ସକଳ ଦେବତା ଆଉ ଋଷିଗଣ ଦୀବ୍ୟସର୍ପ ଯୋଗୀଗଣ
ଗୋପାଳ ଗୋପୀକା ମଧ୍ୟ ଓ ନାରଦ ଉଦ୍ଧବ ପାର୍ଷଦଗଣ ।୫
ଶୀଘ୍ରହି ସହାୟ ମିଳେ ଯେଉଠାରେ ଗୀତା ହୁଏ ପ୍ରବର୍ତ୍ତନ
ଗୀତାହୁଏ ଆଲୋଚନା ଯେଉଁଠାରେ ଶ୍ରୁତ ପଠନ ପାଠନ
ହେ ଧରିତ୍ରୀ ନିଶ୍ଚିତରେ ମୁଁ ସେଠାରେ କରିଥାଏ ଅବସ୍ଥାନ ।୬
ଗୀତାରେ କରେ ନିବାସ ଗୀତାମୋର ସର୍ବଶ୍ରେଷ୍ଠ ବାସସ୍ଥଳ
ଗୀତାଜ୍ଞାନ ଆଶ୍ରୟରେ ହୁଏ ମୁଁହି ତ୍ରୀଲୋକର ଲୋକପାଳ ।୭
ଗୀତା ମୋ ପରମା ବିଦ୍ୟା ବ୍ରହ୍ମରୂପା ଏଥିରେ ନାହିଁ ସଂଶୟ
ତାହା ନିତ୍ୟା ଅର୍ଦ୍ଧମାତ୍ରା ଓ ଅକ୍ଷରା ପ୍ରଭା ଅନିର୍ବଚନୀୟ ।୮

---

୪ ଯେଉଁଠାରେ ଗୀତାଶାସ୍ତ୍ର ସ୍ଥାପିତ ହୋଇ ପଠନ ଶ୍ରବଣ ହେଉଥାଏ ସେଠାରେ ପ୍ରୟାଗ ଆଦି ତୀର୍ଥ ସମୂହ ଅବସ୍ଥାନ କରିଥାନ୍ତି ।

୫ ସେଠାରେ ସକଳ ଦେବତା ଋଷିଗଣ ଦୀବ୍ୟସର୍ପ ଯୋଗୀଗଣ ଗୋପାଳ ଗୋପୀକାବୃନ୍ଦ ନାରଦ ଉଦ୍ଧବ ଓ ପାର୍ଷଦଗଣ ବାସକରନ୍ତି ।

୬ ହେ ଧରିତ୍ରୀ ଯେଉଠାରେ ଗୀତା ସ୍ଥାପନ ହୋଇ ତାହାର ଆଲୋଚନା ପଠନ ପାଠନ ଶ୍ରବଣ ହୁଏ ମୁଁ ସେଠାରେ ନିଶ୍ଚିତ ଅବସ୍ଥାନ ଓ ନିବାସ କରେ ।

୭ ମୁଁ ଗୀତାରେ ନିବାସକରେ ଓ ଗୀତା ହେଉଛି ମୋର ସର୍ବଶ୍ରେଷ୍ଠ ବାସଗୃହ ଏବଂ ଗୀତାଜ୍ଞାନ ଆଶ୍ରୟରେ ମୁଁ ତ୍ରୀଲୋକକୁ ପାଳନ କରେ ।

୮ ଗୀତା ମୋର ପରମା ବିଦ୍ୟା ତାହା ବ୍ରହ୍ମରୂପା,ନିତ୍ୟା, ଅର୍ଦ୍ଧମାତ୍ରା ଅକ୍ଷରା ଓ ଆତ୍ମାର ଅନିର୍ବଚନୀୟ ପ୍ରଭା, ଏଥିରେ କୌଣସି ସନ୍ଦେହ ନାହିଁ ।

---

ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ ମୁଖଉକ୍ତ ସମ୍ମୁଖେସ୍ଥିତ ଅର୍ଜୁନେ
ପରମାନନ୍ଦରେ ପୂର୍ଣ୍ଣ ବେଦତ୍ରୟୀ ସଂଯୁକ୍ତ ତତ୍ତ୍ୱାର୍ଥଜ୍ଞାନେ ।୯
ଯିଏ ଅଷ୍ଟାଦଶ ଅଧ୍ୟା ପାରାୟଣ କରେନିତ୍ୟ ଶୁଦ୍ଧମନେ
ସେ ଲଭନ୍ତି ଜ୍ଞାନସିଦ୍ଧି ତାହାପରେ ଯାଆନ୍ତି ପରମସ୍ଥାନେ ।୧୦
ସମ୍ପୂର୍ଣ୍ଣ ଗୀତା ପଠନେ ଅସମର୍ଥ ତା ଅର୍ଦ୍ଧେକ ପଠନୀୟ
ତେବେ ଗୋଦାନର ପୁଣ୍ୟ ଲାଭହୁଏ ଏଥିରେ ନାହିଁ ସଂଶୟ ।୧୧
ଏକତୃତୀୟାଂଶ ଗୀତା ପାଠେକିନ୍ତୁ ଗଙ୍ଗାସ୍ନାନ ଫଳଲାଭ
ଏକଷଷ୍ଠାଂଶ ଗୀତାର ପାଠେମଧ୍ୟ ସୋମଯଜ୍ଞଫଳ ଲାଭ ।୧୨
ଏକ ମାତ୍ର ଅଧ୍ୟାୟର ଯିଏନିତ୍ୟ ପଠନ ଭକ୍ତିରସହ
ରୁଦ୍ରଲୋକ ହୁଏ ପ୍ରାପ୍ତ ବହୁକାଳ ବାସ ରୁଦ୍ର ଗଣ ସହ ।୧୩

---

୯ ସମ୍ମୁଖରେ ଥିବା ଅର୍ଜୁନଙ୍କୁ ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣଙ୍କ ସ୍ୱମୁଖ ନିଃସୃତ ଜ୍ଞାନଉପଦେଶରେ ସଂକଳିତ ଗ୍ରନ୍ଥ ହିଁ ଗୀତା । ଏଥିରେ ତିନି ବେଦର ସାରତତ୍ତ୍ୱ ଓ ଏହା ପରମାନନ୍ଦରେ ପୂର୍ଣ୍ଣ ।

୧୦ ଯେ ନିତ୍ୟ ଶୁଦ୍ଧମନରେ ଗୀତାର ଅଷ୍ଟାଦଶ ଅଧ୍ୟାୟ ପାରାୟଣ କରନ୍ତି ସେ ଜ୍ଞାନସିଦ୍ଧିତ ଲାଭ କରନ୍ତି ଏବଂ ପରେ ପରମଗତି ପ୍ରାପ୍ତ ହୁଅନ୍ତି ।

୧୧ ଯଦି ସମ୍ପୂର୍ଣ୍ଣ ଗୀତା ପଠନରେ ସକ୍ଷମ ନ ହୋଇ ପାରିବେ ତେବେ ତା ଅର୍ଦ୍ଧେକ ବି ପାଠ କଲେ ଗୋଦାନର ପୁଣ୍ୟ ଲାଭ ହୋଇଥାଏ ଏଥିରେ ସଂଶୟ ନାହିଁ ।

୧୨ ଏକ ତୃତୀୟାଂଶ ଗୀତା ପାଠରେ ଗଙ୍ଗାସ୍ନାନଫଳ ଲାଭ ହୋଇଥାଏ ଏବଂ ଏକ ଷଷ୍ଠାଂଶ ପାଠରେ ସୋମଯଜ୍ଞ ଫଳ ମିଳିଥାଏ ।

୧୩ ଏକମାତ୍ର ଅଧ୍ୟାୟ ଯିଏ ନିତ୍ୟ ଭକ୍ତି ସହିତ ପାଠକରେ ସେ ରୁଦ୍ରଲାକ ପ୍ରାପ୍ତ ହୁଅନ୍ତି ଓ ରୁଦ୍ରଗଣଙ୍କ ସହ ବହୁକାଳ ବାସ କରନ୍ତି ।

---

ଅଧ୍ୟାୟ ବା ତା ଅର୍ଦ୍ଧେକ ପାଠକରେ ପ୍ରତିଦିନ ଯେଉଁ ନର
ହୁଏ ସେ ନରତ୍ୱ ପ୍ରାପ୍ତ ମନ୍ୱନ୍ତର ଶେଷଯାଏ ବସୁନ୍ଧର ।୧୪
ଗୀତାର ଶ୍ଳୋକ ଦଶକ ସପ୍ତପଞ୍ଚ ଅବା ଚତୁଷ୍ଟୟ ଶ୍ଳୋକ
ପାଠକରେ ଯିଏ ଦୁଇ ତିନିଏକ ଅବା ତାରଅର୍ଦ୍ଧ ଶ୍ଳୋକ ।୧୫
ଚନ୍ଦ୍ରଲୋକ ହୁଏପ୍ରାପ୍ତ ବାସକରେ ନିଶ୍ଚିତ ବର୍ଷ ଅୟୁତ
ଗୀତାପାଠ ଅଭ୍ୟାସରେ ମୃତ୍ୟୁଅନ୍ତେ ନରଲୋକ ହୁଏପ୍ରାପ୍ତ ।୧୬
ଗୀତାପାଠର ଅଭ୍ୟାସ ବାରମ୍ବାର ଦିଏ ସର୍ବୋତ୍ତମ ମୁକ୍ତି
ଗୀତା ବୋଲି ଉଚ୍ଚାରଣ ସହମୃତ୍ୟୁ ଜୀବନର ଲକ୍ଷ୍ୟ ପ୍ରାପ୍ତି ।୧୭

---

୧୪ ଯେ ଏକ ଅଧ୍ୟାୟ ବା ତାର ଅର୍ଦ୍ଧେପ୍ରତିଦିନ ପାଠକରେ ସେ ମନ୍ୱନ୍ତର ଶେଷ ପର୍ଯ୍ୟନ୍ତ ଏ ପୃଥିବୀରେ ନର ଦେହ ଧରି ରହି ପାରନ୍ତି ।
୧୫,୧୬ ଯେ ପ୍ରତ୍ୟହ ଗୀତାର ଦଶ ସାତ ପାଞ୍ଚ ଚାରି ତିନି ଦୁଇ କିମ୍ବା ଏକ ବା ତାର ଅର୍ଦ୍ଧେକ ଶ୍ଳୋକ ପାଠକରନ୍ତି ସେ ଅୟୁତ ବର୍ଷ ପର୍ଯ୍ୟନ୍ତ ଚନ୍ଦ୍ରଲୋକ ପ୍ରାପ୍ତ ହୁଅନ୍ତି ଏବଂ ଅଭ୍ୟାସକରି ପ୍ରତିଦିନ ଯେ ଗୀତାପାଠ କରନ୍ତି ସେମାନେ ମୃତ୍ୟୁପରେ ପୁନଃ ନରଲୋକରେ ଜନ୍ମ ନିଅନ୍ତି ।
୧୭ ଅଭ୍ୟାସକରି ବାରମ୍ବାର ଗୀତାପାଠକଲେ ମନୁଷ୍ୟ ସର୍ବୋତ୍ତମ ମୁକ୍ତି ଲାଭକରେ ଓ ଅନ୍ତିମ ସମୟରେ ଗୀତା ବୋଲି ଉଚ୍ଚାରଣ କରିଦେଲେ ଜୀବନର ପରମ ଲକ୍ଷ୍ୟ ଲାଭ ହୋଇଯିବ ।

---

ଗୀତାର୍ଥ ଶ୍ରବଣେ ନିଷ୍ଠା ରଖେଯିଏ ହେଲେ ମହାପାପୀ ମନ୍ଦ
ବୈକୁଣ୍ଠ ସମାନ ପ୍ରାପ୍ତ ଉପଭୋଗେ ବିଷ୍ଣୁଙ୍କ ସହ ଆନନ୍ଦ ।୧୮
ଗୀତାର୍ଥର ଧ୍ୟାନକରି ନିତ୍ୟପ୍ରତି ବହୁ ସତକର୍ମ କରି
ଜୀବନ୍ମୁକ୍ତ ଅଭିହିତ ମୃତ୍ୟୁପରେ ପରମଲକ୍ଷ୍ୟ ଆଦରି ।୧୯
ମଳ ନିର୍ମୋଚନ ପାଇଁ ବ୍ୟକ୍ତି କରେ ଜଳସ୍ନାନ ପ୍ରତିଦିନ
ଥରେମାତ୍ର ଗୀତାଜଳେ କଲେସ୍ନାନ ସଂସାର ମଳ ନାଶନ ।୨୦
ଗୀତାଜ୍ଞାନର ଆଶ୍ରୟ କରିଥିଲେ ଜନକାଦି ରାଜାଚୟ
ସକଳ ପାପରୁ ମୁକ୍ତ ହୋଇ ପ୍ରାପ୍ତ ପରମ ପଦ ନିଚୟ ।୨୧

---

୧୮ ଗୀତାର ଅର୍ଥରେ ନିଷ୍ଠା ରଖିଥିବା ବ୍ୟକ୍ତି ମନ୍ଦ ଓ ମହାପାପୀ ହେଲେ ବି ବୈକୁଣ୍ଠ ସମାନ ସ୍ଥାନ ପ୍ରାପ୍ତ କରେ ଓ ଭଗବାନ ବିଷ୍ଣୁଙ୍କ ସହ ଆନନ୍ଦ ଉପଭୋଗ କରୁଥାଏ ।

୧୯ ବହୁତ ସତକର୍ମ କରିବା ସହିତ ପ୍ରତ୍ୟହ ଗୀତାର୍ଥ ଧ୍ୟାନକଲେ ମୃତ୍ୟୁପରେ ଜୀବନର ପରମଲକ୍ଷ୍ୟ ପ୍ରାପ୍ତହୁଅନ୍ତି ଓ ଜୀବନ୍ମୁକ୍ତ ବୋଲି ଅଭିହିତ ହୁଅନ୍ତି ।

୨୦ ଦେହରୁ ମଇଳା ସଫା କରିବାପାଇଁ ମନୁଷ୍ୟ ପ୍ରତିଦିନ ଜଳରେ ସ୍ନାନକରେ, କିନ୍ତୁ ଥରେ ମାତ୍ର ଗୀତା ଜଳରେ ସ୍ନାନକଲେ ସଂସାର ମଇଳା ଧୋଇ ହୋଇଯାଏ ।

୨୧ ଗୀତାଜ୍ଞାନକୁ ଆଶ୍ରୟ କରି ଜନକାଦି ରାଜାମାନେ ସକଳ ପାପରୁ ମୁକ୍ତହୋଇ ଜୀବନର ପରମ ଲକ୍ଷ୍ୟ ପ୍ରାପ୍ତ ହୋଇଛନ୍ତି ।

---

ଶ୍ରବଣ କରନ୍ତି ଯିଏ ପଠନ୍ତି ବି ଗୀତାଶାସ୍ତ୍ର ନିଶିଦିନ
ସିଏ ମନୁଷ୍ୟରେ ନୁହଁ ଗଣାକେବେ ନିସନ୍ଦେହେ ଦେବୋପମ ।୨୨
ଜ୍ଞାନ ଅଜ୍ଞାନ ବଶତଃ ନିତ୍ୟପାପ ଇନ୍ଦ୍ରିଜନିତ କରଣେ
ସେ ସକଳ ପାପରାଶି ନାଶଯାନ୍ତି ତତ୍କ୍ଷଣ ଗୀତାପଠନେ ।୨୩
ଧିକ ତାହାର ଜ୍ଞାନକୁ  ବ୍ରତ,କାର୍ଯ୍ୟ, ତପ,ଯଶ,ଆଚରଣ
ଗୀତାର୍ଥର ଅଧ୍ୟୟନ ଯାରନାହିଁ ସେ ଜନ ଅଧମ ଜନ ।୨୪
ଘୋର ସଂସାର ସାଗର ତରିବାକୁ ଇଚ୍ଛା କରନ୍ତି ଯେ ଜନ
ଗୀତାନୌକା ଆରୋହଣେ ଆରପାର ଯାନ୍ତି ସୁଖେ ସେହିଜନ ।୨୫
ଗାତାପାଠ କରିସାରି ଯେ ମାହାତ୍ମ୍ୟ ନ କରିଥାନ୍ତି ପଠନ
ଗୀତାପାଠ ହୁଏବୃଥା ତାହାଙ୍କର ନିଷ୍ଫଳା ଶ୍ରମ କଥନ ।୨୬

---

୨୨  ଯେଉଁମାନେ ଦିବାନିଶି ଗୀତାଶାସ୍ତ୍ର ପଠନ ଶ୍ରବଣ କରନ୍ତି ସେମାନେ କେବେ ମନୁଷ୍ୟରେ ଗଣାନୁହନ୍ତି ସେମାନେ ଦେବତାପରି ।
୨୩  ଜ୍ଞାତ ବା ଅଜ୍ଞାତସାରରେ ଇନ୍ଦ୍ରିୟମାନଙ୍କ ଜନିତ ଯେଉଁ ପାପ ନିତ୍ୟପ୍ରତି ହେଉଥାଏ , ସେ ସକଳ ପାପରାଶି ଗୀତା ଶାସ୍ତ୍ର ଅଧ୍ୟୟନ ଫଳରେ ନାଶଯାନ୍ତି ।
୨୪  ଯେ ଗୀତାର୍ଥ ଅଧ୍ୟୟନ କରେନାହିଁ ସେ ଅଧମ ଅଟେ, ତାର ଜ୍ଞାନ,ବ୍ରତ ତପ ଯଶ କୁ ଧିକ୍ ।
୨୫  ସଂସାର ସାଗର ପାରହେବାକୁ ଯେ ଇଚ୍ଛା କରନ୍ତି ସେମାନେ ଗୀତା ରୂପକ ନୌକା ଆରୋହଣ କରି ସହଜରେ ତରିଯାନ୍ତି ।
୨୬  ଗୀତା ପାଠ କରିସାରି ଯେ ଗୀତାମାହାତ୍ମ୍ୟ ପଠନ ନ କରେ ତାହାର ଗାତାପାଠ ବୃଥା ଏବଂ ତାହା ବୃଥା ପରିଶ୍ରମ ବୋଲି ଧରାଯାଏ ।

---

ଏହି ମାହାତ୍ମ୍ୟ ସହିତ ଗୀତାଭ୍ୟାସ ଯେଉଁଜନ କରିଥାନ୍ତି
ଲଭିଥାନ୍ତି ତାର ଫଳ ଆଉମଧ୍ୟ ଦୂର୍ଲଭ ଗତି ଲଭନ୍ତି ।୨୭

ସୁତଉବାଚ

ଏସବୁ ଗୀତାମାହତ୍ମ୍ୟ ସନାତନ ମୋଦ୍ୱାରା ଉକ୍ତ ପ୍ରାଞ୍ଜଳ
ଗୀତା ପଠନ ଶେଷରେ ଅଧ୍ୟୟନେ ଲାଭ ଉଲ୍ଲିଖିତ ଫଳ ।୨୮

---

୨୭ ଯେ ଗୀତାପାଠ ସହିତ ଗୀତାମାହାତ୍ମ୍ୟ ଯେଉଁମାନେ ପଠନ କରିଥାନ୍ତି ସେମାନେ ତାହାର ଫଳ ଲାଭ କରିଥାନ୍ତି ତାହା ସହିତ ଦୂର୍ଲଭ ଗତି ମଧ୍ୟ ଲାଭ କରିଥାନ୍ତି ।

୨୮ ମୋ ଦ୍ୱାରା ବର୍ଣ୍ଣିତ ଏହିସବୁ ସନାତନ ଗୀତାମାହାତ୍ମ୍ୟ ଗୀତା ପଠନ ଶେଷରେ ଅଧ୍ୟୟନ କଲେ ତତ୍‌ଜନିତ ଉପଯୁକ୍ତ ଫଳ ମିଳିଥାଏ ।

ଶ୍ରୀ ବରାହପୁରାଣ ଅନ୍ତର୍ଗତ ଶ୍ରୀ ଗୀତାମାହାତ୍ମ୍ୟ ଏତିକିରେ ସମ୍ପୂର୍ଣ୍ଣ

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ